ସେରଲକ୍ ହୋମସ୍ କାହାଣୀ ୮

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ସେରଲକ୍ ହୋମ୍ସ କାହାଣୀ

(୮ମ ଖଣ୍ଡ)

ଲେଖକ :

ସାର୍ ଆର୍ଥର୍ କୋନାନ୍‌ଡୟ୍‌ଲ୍

ଅନୁବାଦକ :

ଦିବାକର ପାଣୀ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

[This book has been Printed in paper made available by the Govt. of India at concessional rate.]

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
ବିନୋଦବିହାରୀ, କଟକ-୨
ଶାଖା : ମେନ୍‌ରୋଡ଼, ବ୍ରହ୍ମପୁର-୨

ମୁଦ୍ରକ :
ରାଜାରାମ ମହାପାତ୍ର
ମହାପାତ୍ର ବ୍ରଦର୍ସ
ବ୍ରହ୍ମପୁର-୧

ପ୍ରଥମ ମୁଦ୍ରଣ : ଜୁଲାଇ, ୧୯୮୧

ମୂଲ୍ୟ : ଟ ୧୦-୦୦

Digitized by srujanika@gmail.com

ସୂଚୀ

ଶୂନ୍ୟଘର	୧
ଏକାକ ସାଇକ୍ଲିଷ୍ଟ	୩୨
ନର୍ଉଡ୍ର ମିସ୍ତ୍ରୀ	୬୨
ଚନ୍ଦ୍ରଲେଖା	୯୬
ପ୍ରାଯୃଟ ସ୍କୁଲ୍	୧୩୨
ଢମିଗିକାଣ୍ଡ	୧୬୪

Digitized by srujanika@gmail.com

ଶୂନ୍ୟ ଘର

ଅଠରଶହ ଚଉରାନବେ ମସିହାର ବସନ୍ତଋତୁ କଥା । ଲଣ୍ଡନସାରା ଚହଳ ପଡ଼ିଯାଇଥାଏ । ସମ୍ଭ୍ରାନ୍ତ ଲୋକେ ଭୟରେ ଥରୁଥାନ୍ତି । କାରଣ ମାନ୍ୟବର ରୋନାଲ୍ଡ଼ ଆଡେ଼ୟାର୍‌ଙ୍କୁ କେହି ଅତି ଅସାଧାରଣ ଆଉ ଦୁର୍ବୋଧ ପରିସ୍ଥିତିରେ ହତ୍ୟା କରିଥିଲା । ପୋଲିସ୍ ଅନୁସନ୍ଧାନରୁ ଯାହାକିଛି ବିବରଣୀ ମିଳିଥିଲା ତା ସର୍ବସାଧାରଣ ଜାଣିପାରିଥିଲେ । କିନ୍ତୁ ସେତେବେଳେ ଗୁଡ଼ାଏ କଥା ପ୍ରକାଶ କରାଯାଇ ନଥିଲା । କାରଣ ପୋଲିସ୍ କେଶ୍‌ଟା ଖୁବ୍ ଦୃଢ଼ ଥିଲା । ତେଣୁ ସବୁକଥା ପ୍ରକାଶ କରିବା ଦର୍କାର ନଥିଲା । ଏବେ ଦଶବର୍ଷ ପରେ ସେଇ ଘଟଣା ସବୁ ପ୍ରକାଶ କରିବାପାଇଁ ମୋତେ ଅନୁମତି ମିଳିଛି । ଏ ହତ୍ୟାକାଣ୍ଡ ସମସ୍ତଙ୍କ ମନରେ କୌତୂହଳ ସୃଷ୍ଟି କରିଥିଲା । କିନ୍ତୁ ମୋ ପାଇଁ ଏହା ଯେଉଁ କଳ୍ପନାତୀତ ଫଳ ଆଣିଥିଲା ତା ତୁଳନାରେ ଏ କୌତୂହଳ କିଛି ନୁହେଁ । ଏହା ମୋତେ ଯେମିତି ଚକିତ ଆଉ ବିସ୍ମିତ କରିଦେଲା, ମୋ ଦୁଃସାହସିକ ଜୀବନରେ କେବେ ସେପରି ଘଟିନଥିଲା । ଅନେକ ଦିନ ପରେ ଏବେ ମଧ୍ୟ ସେ କଥା ମନେପଡ଼ିଲେ ମୋ ଦେହ ଶୀତେଇ ଉଠୁଛି । ସେତେବେଳେ ମୋ ମନ ଯେଉଁ ଆନନ୍ଦ ବିସ୍ମୟରେ ବୁଡ଼ିଯାଇଥିଲା ଏବେ ମଧ ମୋ ମନରେ ତାହା ଖେଳିଯାଉଛି । ଏଇଠି ସମସ୍ତଙ୍କୁ କହି ରଖୁଛି ଯେ ଏ କେଶ୍ ବିଷୟରେ ମୋତେ ଯାହା ଜଣାଥିଲା ତା ସର୍ବସାଧାରଣଙ୍କୁ ଆଜିଯାଏଁ ନଜଣାଇବାଟା ମୋର ଦୋଷ ନୁହେଁ । କାରଣ ଯେଉଁ ବିଚକ୍ଷଣ ଲୋକଙ୍କ ଚିନ୍ତାଧାରା ଆଉ କାର୍ଯ୍ୟପନ୍ଥା ବିଷୟରେ ମୁଁ ସର୍ବସାଧାରଣଙ୍କୁ କିଛିଟା ଜଣାଇଛି ଆଉ ସେମାନେ ସେଥିରେ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି, ସେ ନିଜେ ସେକଥା ପ୍ରକାଶ କରିବାକୁ ମୋତେ ବାରଣ କରିଥିଲେ । ଗଲା ମାସ ତିନି ତାରିଖରେ ସେ ବାରଣ ସେ ଉଠାଇ ନେଇଛନ୍ତି ।

Digitized by srujanika@gmail.com

ସେର୍‌ଲକ୍ ହୋମ୍‌ସଙ୍କ ସାଥିରେ ମୋର ଘନିଷ୍ଠ ବନ୍ଧୁତା ଥିଲା । ତେଣୁ ପ୍ରଫେସର୍ ମୋରିଆର୍ଟି ଘଟଣାରେ ସେ ଅନ୍ତର୍ଦ୍ଧାନ ହୋଇଯିବା ପରେ ମଧ୍ୟ ଅପରାଧ ବିଷୟ ପ୍ରତି ମୋର ଆଗ୍ରହ ରହିବାଟା ସ୍ୱାଭାବିକ ବୋଲି ଆପଣମାନେ ଅନୁମାନ କରି ପାରୁଥିବେ । ଯେଉଁସବୁ ସମସ୍ୟା ସର୍ବସାଧାରଣରେ ପ୍ରକାଶ ପାଏ ସେ ବିଷୟ ଭଲଭାବେ ପଢ଼ିବାରେ ମୁଁ କେବେ ହେଲା କରିନାହିଁ । କେତେଥର ମୋ ବନ୍ଧୁଙ୍କ ପଦ୍ଧତି ପ୍ରୟୋଗକରି ନିଜର ତୃପ୍ତିପାଇଁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟାକରିଛି । ଅବଶ୍ୟ କେବେହେଲେ ସଫଳ ହୋଇପାରିନାହିଁ । ଯାହାହେଉ ରୋନାଲ୍‌ଡ଼ ଆଡେୟାର୍ ହତ୍ୟା-କାଣ୍ଡ ପରି ଅନ୍ୟ କୌଣସି ସମସ୍ୟା ମୋ ମନକୁ ଏତେ ଛୁଇଁ ନଥିଲା । ଅନୁସନ୍ଧାନରେ ମିଳିଥିବା ପ୍ରମାଣ ସବୁ ଆଉ ଜାଣିଶୁଣି ହତ୍ୟା କରିଥିବା ଅପରାଧରେ କୌଣସି ଅଜଣା ଲୋକକୁ ଅଭିଯୁକ୍ତ କରାଯାଇଥିବା କଥା ପଢ଼ୁ ପଢ଼ୁ ମୁଁ ନିଶ୍ଚିତ ଭାବେ ଜାଣିଲି ଯେ ସେରଲକ୍ ହୋମ୍‌ସଙ୍କ ମୃତ୍ୟୁରେ ସମାଜର ଏକ ଅପୂରଣୀୟ କ୍ଷତି ହୋଇଛି । ଏ କେଶ୍‌ରେ କେତେ ଗୁଡ଼ାଏ ପଏଣ୍ଟ ଥିଲା ଯାହା ତାଙ୍କୁ ଖୁବ୍ ଭଲ ଲାଗିଥାନ୍ତା । ତାଙ୍କ ବୈଜ୍ଞାନିକ ପଦ୍ଧତି ପୋଲିସର ଅନୁସନ୍ଧାନରେ ଯଥେଷ୍ଟ ସାହାଯ୍ୟ କରିଥାନ୍ତା । ଦିନସାରା ମୁଁ ଘୁଅଡ଼େ ଗଲେ ବି ଘଟଣାଟା ମନ ଭିତରେ ବାରମ୍ବାର ଆଲୋଚନା କଲି; କିନ୍ତୁ ଯାହା କିଛି ସିଦ୍ଧାନ୍ତ କଲି କୌଣସିଟା ଉପଯୁକ୍ତ ପରି ମନେ ହେଲାନାହିଁ । ବିଗୃରବିଭାଗୀୟ ତଦନ୍ତବେଳେ ଯାହାସବୁ ତଥ୍ୟ ସର୍ବସାଧାରଣରେ ପ୍ରକାଶ ପାଇଥିଲା ତା ଆଉଥରେ କହିଦେଉଛି ।

ମାନ୍ୟବର ରବର୍ଟ ଆଡେୟାର୍ ମେଥୁନର୍ ଆର୍ଲଙ୍କ ଦ୍ୱିତୀୟ ପୁଅ । ସେତେବେଳେ ସେ ଅଷ୍ଟ୍ରେଲିଆର ଏକ ଉପନିବେଶର ଗଭର୍ଣ୍ଣର ଥିଲେ । ଆଡେୟାରଙ୍କ ମାଆ ଆଖିରେ ମୋତିଆ ବିନ୍ଦୁ ଅପରେସନ୍ କରାଇବା ପାଇଁ ଅଷ୍ଟ୍ରେଲିଆରୁ ଇଂଲଣ୍ଡ ଫେରିଆସିଲେ । ସେ, ତାଙ୍କ ପୁଅ ରୋନାଲ୍‌ଡ଼, ଆଉ ଝିଅ ହିଲ୍‌ଡ଼ା, ପାର୍କଲେନ୍‌ର ୪୨୭ ନମ୍ବର ଘରେ ରହୁଥିଲେ । କାରଷ୍ଟେୟାରସ୍‌ର କୁମାରୀ ଏଡ଼ିଥ୍ ଉଡ଼ଲିଙ୍କ ସାଥିରେ ରୋନାଲ୍‌ଡ଼ଙ୍କର ବିବାହର ପ୍ରସ୍ତାବ ହୋଇଥିଲା । ପରେ ଉଭୟଙ୍କ ରାଜିରେ ସେ ପ୍ରସ୍ତାବ

Digitized by srujanika@gmail.com

ଘାଇଗଲା । ଏହାଛଡ଼ା ତାଙ୍କ ଜୀବନରେ ଉଲ୍ଲେଖଯୋଗ୍ୟ କଥା ଆଉ କିଛି ନଥିଲା । ସେ ନିର୍ମେଳାରେ ରହୁଥିଲେ ଆଉ ତାଙ୍କ ଚରିତ୍ର ବେଶ୍ ଭଲ । ତଥାପି ଏଇ ସରଳ ସମ୍ଭ୍ରାନ୍ତ ଯୁବକଙ୍କର ୧୮୯୪ ମସିହା ମାର୍ଚ୍ଚ ତିରିଶ ତାରିଖ ରାତି ଦଶଟାରୁ ଏଗାରଟା ଭିତରେ ଅତି ଅପ୍ରତ୍ୟାଶିତ ଆଉ ଅଦ୍‌ଭୁତ ଭାବେ ମୃତ୍ୟୁ ଘଟିଲା ।

ରୋନାଲ୍‌ଡ଼ ଆଡ୍ରେୟାର୍ ତାସ ଖେଳ ପ୍ରିୟ । କିନ୍ତୁ ନଜର ବିଶେଷ କ୍ଷତି ହେଲାପରି ବାଜି ରଖି ସେ କେବେ ଖେଳନ୍ତି ନାହିଁ । ସେ ବାଲ୍‌ଡ଼ୱିନ୍, କାଭେଣ୍ଡିସ୍, ଆଉ ବାଗାଟେଲ୍ ତାସ କ୍ଲବ୍‌ର ଜଣେ ସଭ୍ୟ ଥିଲେ । ଅନୁସନ୍ଧାନରୁ ଜଣାଗଲା ଯେ, ସେ ମରିବା ଦିନ ଖାଇସାରି ବାଗାଟେଲ୍ କ୍ଲବ୍‌କୁ ଯାଇ ଗୋଟାଏ ରବର ଖେଳିଥିଲେ । ଉପରବେଳା ମଧ୍ୟ ଖେଳିଥିଲେ । ମିଷ୍ଟର୍ ମରେ, ସାର୍ ଜନ୍ ହାର୍ଡ଼ି, କର୍ଣ୍ଣେଲ୍ ମୋରାନ୍ ତାଙ୍କ ସାଥିରେ ଖେଳିଥିଲେ । ସେମାନଙ୍କ ସାକ୍ଷ୍ୟରୁ ଜଣାଯାଏ ଯେ ଖେଳ ପ୍ରାୟ ସମାନ ସମାନ ଚାଲିଥିଲା । ଆଡ୍ରେୟାର୍ ଯଦି ହାରିଥା'ନ୍ତି ତେବେ ପାଞ୍ଚ ପାଉଣ୍ଡ ଭିତରେ । ତାଙ୍କ ସମ୍ପତ୍ତି ତୁଳନାରେ ଏ କ୍ଷତି କିଛି ନୁହେଁ । ତେଣୁ ସେଥିପାଇଁ ତାଙ୍କ ମନରେ ଦୁଃଖ ହେବା ସମ୍ଭବ ନୁହେଁ । ସେ ପ୍ରାୟ ପ୍ରତିଦିନ ତାସ ଖେଳନ୍ତି ଆଉ ସାଧାରଣତଃ ଜିଣନ୍ତି । ପ୍ରମାଣ ମିଳିଲା, ସେ କେତେ ସପ୍ତାହ ପୂର୍ବରୁ କର୍ଣ୍ଣେଲ୍ ମୋରାନଙ୍କ ସାଥିରେ ପାର୍ଟନର୍ ହୋଇ ଖେଳି ଗଡ଼୍‌ଫ୍ରେ ମିଲ୍‌ନର୍ ଆଉ ଲର୍ଡ଼ ବାଲ୍‌ମୋରାଲ୍‌ଙ୍କ ଠାରୁ ୪୨୦ ପାଉଣ୍ଡ ଜିଣିଥିଲେ । ଅନୁସନ୍ଧାନବେଳେ ତାଙ୍କ ବିଷୟରେ ଏଇସବୁ କଥା ଜଣାଯାଇଥିଲା ।

ଯେଉଁଦିନ ତାଙ୍କର ମୃତ୍ୟୁ ହେଲା, ସେଦିନ ସେ ଠିକ୍ ରାତି ଦଶଟା ବେଳକୁ କ୍ଲବ୍‌ରୁ ଫେରିଲେ । ତାଙ୍କ ମାଆ ଆଉ ଭଉଣୀ ଜଣେ ବନ୍ଧୁଙ୍କ ଘରକୁ ବୁଲି ଯାଇଥାନ୍ତି । ଚାକରାଣୀ ସାକ୍ଷ୍ୟ ଦିଏ ଯେ ଆଡ୍ରେୟାର୍ ଦ୍ୱିତୀୟ ମହଲାର ଦ୍ୱିତୀୟ କୋଠରୀକୁ ଯିବାର ସେ ଶୁଣିଛି । ଏ ଘରଟା ସେ ତାଙ୍କ ବୈଠକ-ଖାନା ରୂପେ ବ୍ୟବହାର କରୁଥିଲେ । ଆଗରୁ ସେ (ଚାକରାଣୀ) ସେ ଘରେ ନିଆଁ ଜାଳି ଦେଇଥିଲା । ଘରଭିତରେ ବେଶୀ ଧୂଆଁ ହେବାରୁ ସେ ଝରକାଟା ଖୋଲି ଦେଇଥିଲା । ଏଗାରଟା କୋଡ଼ିଏ ମିନିଟ୍ ଯାଏଁ ସେ ଘରୁ କିଛି ଶବ୍ଦ

Digitized by srujanika@gmail.com

ଶୁଣାଯାଇନାହିଁ । ସେତକବେଳକୁ ଶ୍ରୀମତୀ ମେନୁଥ୍ ଆଉ ତାଙ୍କ ଝିଅ ଫେରିଲେ । ଗୃହକ ପାର୍ଶ୍ୱ ପୁଅଠାରୁ ବିଦାୟ ନେବା ଉଦ୍ଦେଶ୍ୟରେ ସେ ଝିଅ ସାଥିରେ ପୁଅଘର ପାଖକୁ ଗଲେ । ଘର ଦରଜାଟା ଭିତରୁ ବନ୍ଦ ଥିଲା । ସେମାନେ ଜୋର୍‌ରେ ଡାକିଲେ ଆଉ କବାଟ ବାଡ଼େଇଲେ । କିନ୍ତୁ ଭିତରୁ କିଛି ଉତ୍ତର ମିଳିଲା ନାହିଁ । ଅନ୍ୟମାନଙ୍କ ସାହାଯ୍ୟରେ କବାଟ ଭାଙ୍ଗି ଖୋଲାଗଲା । ବିଚରା ହତଭାଗ୍ୟ ଯୁବକ ଟେବୁଲ୍ ପାଖରେ ତଳେ ପଡ଼ିଥିବାର ଦେଖାଗଲା । ଗୋଟେ ରିଭଲ୍‌ଭର୍ ବୁଲେଟ୍‌ରେ ତାଙ୍କ ମୁଣ୍ଡ ଛତୁ ହୋଇ ଯାଇଥିଲା । ଘରଭିତରେ କିନ୍ତୁ ରିଭଲ୍‌ଭର୍ ବା ଅନ୍ୟ କିଛି ଅସ୍ତ୍ର ନଥିଲା । ଟେବୁଲ୍ ଉପରେ ଦଶ ପାଉଣ୍ଡ୍ ମୂଲ୍ୟର ଦୁଇଖଣ୍ଡ ବ୍ୟାଙ୍କ୍ ନୋଟ୍ ଆଉ ସତର ପାଉଣ୍ଡ ଦଶ ଶିଲିଂର ରୁପା ଆଉ ସୁନା ମୁଦ୍ରା ଥିଲା । ମୁଦ୍ରା ସବୁ ଗ୍ଦେଟ ଗ୍ଦେଟ ଥାକକରି ରଖାଯାଇଥିଲା । ଖଣ୍ଡେ କାଗଜରେ କେତେ ଜଣ କ୍ଲବ୍ ବନ୍ଧୁଙ୍କ ନାଁ ଆଉ ତା କଡ଼ରେ କିଛି ମୁଦ୍ରାର ପରିମାଣ ଲେଖାଥିଲା । ସେଥିରୁ ଅନୁମାନ କରାଗଲା ଯେ ସେ ଆଗରୁ ହାରିଥିବା ଅର୍ଥ ପୂରଣ କରିବାକୁ କାହାଠାରୁ କେତେ ଜିଣିଥିଲେ ହିସାବ କରୁଥିଲେ ।

ପରିସ୍ଥିତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବାରେ କେଶ୍‌ଟା ଅଧିକ ଜଟିଳ ହୋଇଉଠିଲା । ପ୍ରଥମ କଥା ହେଲା, ଯୁବକ ଆଡ଼େୟାର୍ ଘରର କବାଟ ଭିତର ପାଖରୁ କାହିଁକି ବନ୍ଦ କରିଥିଲେ, ତାର କୌଣସି ଯଥାର୍ଥ କାରଣ ବାହାର କରାଯାଇ ପାରିଲାନାହିଁ । ହତ୍ୟାକାରୀ କବାଟ ଭିତର ପାଖରୁ ବନ୍ଦ କରିଦେଇ ଝରକା ବାଟେ ଡେଇଁ ପଳାଇଥିବା ସମ୍ଭବ । କିନ୍ତୁ ତଳକୁ ଝରକାର ଉଚ୍ଚତା ଖୁବ୍ କମ୍‌ରେ କୋଡ଼ିଏ ଫୁଟ ହେବ । ତଳେ ପଟାଳିଏ ଫୁଲ ଗଛରେ ଫୁଲ୍ ଫୁଟିଛି । ପାଦ ମାଡ଼ି କୌଣସି ଫୁଲ ନଷ୍ଟ ହେବାର ଦେଖାଗଲା ନାହିଁ । ଘର ଆଉ ରାସ୍ତା ମଝିରେ ଘାସ ପଟାଳି । ଘାସ ଉପରେ ବା ଭୂଇଁରେ କୌଣସି ଚିହ୍ନ ନ ଥିଲା । ତେଣୁ ନିଶ୍ଚିତ ଭାବେ ଅନୁମାନ କରାଗଲା ଯୁବକ ଆଡ଼େୟାର୍ ନିଜେ ଭିତରପଟୁ କବାଟ ବନ୍ଦ କରିଥିଲେ । କିନ୍ତୁ ତାଙ୍କର ମୃତ୍ୟୁ ହେଲା କିପରି ? କୌଣସି ଚିହ୍ନ ନରଖି କେହି ଝରକା ପାଖକୁ ଚଢ଼ିବା ଅସମ୍ଭବ । ବାହାରୁ କେହି ଝରକାବାଟେ ଗୁଳି ମାରିଥାଇ-

Digitized by srujanika@gmail.com

ପାରେ । ତାହେଲେ ସେ ଲୋକ ନିଶ୍ଚୟ ଜଣେ ଅସାଧାରଣ ସୁଦକ୍ଷ ବନ୍ଧୁକ ଚାଳକ ହୋଇଥିବ । କାରଣ ବାହାରୁ ଏପରି ମାରାତ୍ମକ ଭାବେ ଗୁଳି ମାରିବା ସାଧାରଣ ଲୋକ ପକ୍ଷେ ଅସମ୍ଭବ । ପୁଣି ପାର୍କଲେନ୍‌ରେ ସବୁବେଳେ ଲୋକଙ୍କର ଯିବାଆସିବା । ଘର ପାଖରୁ ମୋଟେ ଶହେ ଗଜ ଦୂରରେ ଗୋଟେ ଘୋଡ଼ାଗାଡ଼ି ଷ୍ଟାଣ୍ଡ । ଗୁଳି ଶବ୍ଦ କେହି ଶୁଣିନାହାନ୍ତି । ଅଥଚ ଘରଭିତରେ ମୃତ ଦେହ, ମୁଣ୍ଡ ଗୁଳିମାଡ଼ରେ ଛିନ୍ନ ହୋଇଯାଇଛି । ରିଭଲ୍‌ଭର୍‌ର ମୁନିଆଁ ବୁଲେଟ୍ ମାଡ଼ରେ ସାଙ୍ଗେ ସାଙ୍ଗେ ମୃତ୍ୟୁ ହୋଇଛି । ଏଇହେଲା ପାର୍କଲେନ୍ ରହସ୍ୟର ପରିସ୍ଥିତି । ଏଣେ ପୁଣି ହତ୍ୟାର କିଛି ଉଦ୍ଦେଶ୍ୟ ଖୋଜି ବାହାର କରାଯାଇ ପାରିଲା ନାହିଁ । କାରଣ ତରୁଣ ଆଡ଼େୟାର୍‌ଙ୍କର କେହି ଶତ୍ରୁ ଥିବାର ଜଣାଯାଇନାହିଁ । ଘରୁ କିଛି ଧନସମ୍ପତ୍ତି ବା ମୂଲ୍ୟବାନ୍ ଜିନିଷ ନେଇଯିବାର ଚେଷ୍ଟା କରାଯାଇନାହିଁ । ଏଭଳି ପରିସ୍ଥିତିରେ କେଶ୍‌ଟା ଆହୁରି ଜଟିଳ ହୋଇଉଠିଛି ।

ଏଣେସାରା ମୁଁ ଘଟଣାଗୁଡ଼ା ମନେ ମନେ ଚିନ୍ତାକରି ଲାଗିଲି । ସବୁ ଘଟଣା ଖାପ୍ ଖାଇଲାପରି କିଛି ଗୋଟେ ତଥ୍ୟ ଖୋଜି ବାହାର କରିବାକୁ ଚେଷ୍ଟା କଲି । ସ୍ୱୀକାର କରୁଛି ମୁଁ ମୋଟେ ଆଗେଇ ପାରିଲିନାହିଁ । ସନ୍ଧ୍ୟାବେଳେ ବୁଲୁବୁଲୁ ପ୍ରାୟ ଛଅଟା ବେଳକୁ ଅକ୍‌ସ୍‌ଫୋର୍ଡ଼ ଷ୍ଟ୍ରୀଟ୍‌ରେ ପାର୍କଲେନ୍ ପାଖରେ ପହଞ୍ଚିଗଲି । ଦଳେ ବୁଲାଲୋକ ଗୋଟେ ଝରକାଆଡ଼େ ଚାହିଁଥାନ୍ତି । ମୁଁ ଯେଉଁ ଘରଟା ଦେଖିବାକୁ ଆସିଥିଲି ସେମାନେ ମୋତେ ସେଇଟା ଠାରି ଦେଖାଇ ଦେଲେ । ଜଣେ ପତଳା ଡେଙ୍ଗାଲୋକ ଆଖିରେ ରଙ୍ଗିନ୍ ଚଷମାପିନ୍ଧି ତାର ମତାମତ କହୁଥାଏ । ସେ ସାଦା ପୋଷାକ ପିନ୍ଧା ଜଣେ ଡିଟେକ୍‌ଟିଭ୍ ବୋଲି ମୋର ଖୁବ୍ ସନ୍ଦେହ ହେଲା । ମୁଁ ତାର ଯେତେ ସମ୍ଭବ ପାଖକୁ ଗଲି । କିନ୍ତୁ ତାର ମତ ମୋତେ ନିହାତି ଅବାନ୍ତର ପରି ଜଣାଗଲା । ତେଣୁ ମୁଁ ମନେମନେ ବିରକ୍ତ ହୋଇ ସେଠୁ ଚାଲିଆସିଲି । ଫେରିଲାବେଳେ ଜଣେ ବୟସ୍କ ବିକଳାଙ୍ଗ ଲୋକ ଦେହରେ ଧକ୍‌କା ଖାଇଲି । ଲୋକଟା ମୋ ପଛରେ ଠିଆ ହୋଇ ଥିଲା । ସେ ହାତରେ ଗୁଡ଼ାଏ ବହି ଧରିଥିଲା । ଧକ୍‌କା ଲାଗିବା ଫଳରେ ସେଥିରୁ କେତେଗୁଡ଼େ ବହି ତଳେ ପଡ଼ିଗଲା । ମୁଁ ଲଇଁପଡ଼ି ବହି ଗୁଡ଼ାକ

Digitized by srujanika@gmail.com

ଗୋଟାଉ୍ ଗୋଟାଉ୍ କେତେଟା ବହିର ନାଆଁ ଉପରେ ଦୃଷ୍ଟି ପଡ଼ିଗଲା । ଖଣ୍ଡେ ବହିର ନାଁ ଥିଲା 'ବୃକ୍ଷ ପୂଜାର ଉତ୍ପତ୍ତି' । ଭାବିଲି ଲୋକଟା ବ୍ୟବସାୟ ଦୃଷ୍ଟିରୁ ହେଉ କିମ୍ବା ଅଭ୍ୟାସ ଦୃଷ୍ଟିରୁ ହେଉ ଏପରି ଅଦ୍ଭୁତ ବହି ସବୁ ସଂଗ୍ରହ କରିଛି । ମୁଁ କ୍ଷମାମାଗିବା ପାଇଁ ଭାବୁଥିଲି; କିନ୍ତୁ ଦେଖିଲି ଯେଉଁ ବହିଗୁଡ଼ାକୁ ମୁଁ ଦୈବାତ୍ ଏମିତ ତଳେ ପକାଇଦେଲି ସେଗୁଡ଼ା ଲୋକଟା ପାଇଁ ଖୁବ୍ ମୂଲ୍ୟବାନ । ସେ ହଠାତ୍ ଘୃଣାରେ ମୁହଁ ବିକୃତକରି ହଠାତ୍ ବୁଲିପଡ଼ି ଚାଲିଗଲା । ତାର କୁଜା ପିଠି ଆଉ ଧଳା ଜଣ ଲୋକ ଗହଳରେ ଲୁଚିଗଲା ।

ପାର୍କଲେନ୍‌ର ୪୨୭ ନମ୍ବର ଘରକୁ ଭଲଭାବେ ଲକ୍ଷ୍ୟ କଲି । କିନ୍ତୁ ରହସ୍ୟ ଉଦ୍‌ଘାଟନ କରିବା ପାଇଁ କିଛି ପାଇଲିନାହିଁ । ରାସ୍ତା ଆଉ ଘର ମଝିରେ ଗୋଟେ ଅଳ୍ପ ଉଚ୍ଚା କାନ୍ଥ । ତାଉପରେ ରେଲିଂ ଦିଆଯାଇଛି । ମୋଟରେ ପାଞ୍ଚ ଫୁଟରୁ ଅଧିକ ଉଚ୍ଚ ହେବ ନାହିଁ । ତେଣୁ ଯେ କେହି ଲୋକ କାନ୍ଥ ଡେଇଁ ବଗିଚା ଭିତରକୁ ଯିବା ଅତି ସହଜ । କିନ୍ତୁ ଝରକଟା ପାଖକୁ କେହି ଯିବା ଏକାବେଳକେ ଅସମ୍ଭବ । କାରଣ ତା ପାଖରେ ପାଣି ପାଇପ ବା ସେପରି କିଛି ଜିନିଷ ନଥିଲା । ଅତି ଦକ୍ଷ ଚଢ଼ାଳି ମଧ୍ୟ ସେଠିକି ଉଠିବା ଅସମ୍ଭବ । କିଛି ସ୍ଥିର କରି ନପାରି ମୁଁ କେନ୍‌ସିଙ୍ଗ୍‌ଟନ୍ ଫେରିଲି । ପଢ଼ାଘରେ ପାଞ୍ଚ ମିନିଟ୍ ବସିଛି କି ନାହିଁ ଚାକରାଣୀ ଆସି କହିଲା ଜଣେ ଲୋକ ଦେଖା କରିବାକୁ ଚାହାଁନ୍ତି । ଭଦ୍ରଲୋକ ଭିତରକୁ ଆସିଲେ । ଦେଖିଲି ଆଉ କେହି ନୁହେଁ, ସେଇ ଅଦ୍ଭୁତ ବହି ସଂଗ୍ରହକାରୀ ବୁଢ଼ା । ମୁଣ୍ଡର ଧଳାବାଳ ଭିତରୁ ଗୋଳିଆ ମୁହଁଟା ବେଶ ପରିଷ୍କାର ଦେଖାଯାଉଛି । ଡାହାଣ କାଖତଳେ ପ୍ରାୟ ଡଜନେ ଖଣ୍ଡେ ବହି । ମୁଁ ବିସ୍ମିତ ହୋଇଗଲି ।

ସଂଟା ହାଣ୍ଡି ଘଷି ଏକ ବିଚିତ୍ର ସ୍ୱରରେ ସେ କହିଲେ, 'ଆପଣ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି ବୋଧହୁଏ ?'

ଉତ୍ତର ଦେଲି, 'ନିଶ୍ଚୟ' ।

'ଦେଖନ୍ତୁ ଆଜ୍ଞା, ମୋର ତ ବିବେକ ଅଛି । ଆପଣ ଏ ଘରକୁ ଆସିବାର ଦେଖି ମୁଁ ଆପଣଙ୍କ ପଛେ ପଛେ ଆସିଲି । ଭାବିଲି ଆପଣଙ୍କ ସାଥିରେ

Digitized by srujanika@gmail.com

ଦେଖାକରି ମୋର ରୁକ୍ଷ ବ୍ୟବହାର ପାଇଁ କ୍ଷମା ମାଗି ନେବି ଆଉ ମୋ ବନ୍ଧୁ ତଳୁ ଗୋଟାଇ ଦେଇଥିବାରୁ ଆପଣଙ୍କ ପାଖେ କୃତଜ୍ଞତା ଜଣାଇବି ।'

'ଅତି ସାମାନ୍ୟ କଥା, ଅଥଚ ଆପଣ ଏତେ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଆପଣ ମୋତେ ଚିହ୍ନିଲେ କିପରି ?'

'ମୁଁ ଆପଣଙ୍କର ପାଖ ପଡ଼ୋଶୀ । ଚର୍ଚ୍ଚ ଷ୍ଟ୍ରୀଟ୍‌ କଣରେ ଆପଣ ମୋ ଗ୍ରେଟ ବହି ଦୋକାନଟି ଦେଖିବାକୁ ପାଇବେ । ଆପଣଙ୍କ ସାଥିରେ ଦେଖା ହୋଇ ଥିବାରୁ ମୁଁ ଖୁବ ଖୁସି । ହୁଏତ ଆପଣ ମଧ୍ୟ ବିଭିନ୍ନ ବହି ସଂଗ୍ରହ କରନ୍ତି । ଏଇ ଦେଖନ୍ତୁ, ଏ ବହିଟା ହେଲା 'ଇଂଲଣ୍ଡର ପକ୍ଷୀ' ଏଟା 'ଧର୍ମ ଯୁଦ୍ଧ' । ଏଥିରୁ ପାଞ୍ଚ ଖଣ୍ଡ ବହି ହେଲେ ଆପଣଙ୍କ ସେଲ୍‌ଫର ସେ ଖାଲିଜାଗାଟା ପୂରଣ ହୋଇଯିବ । ସେ ଜାଗାଟା କହାତ ଅବାଗିଆ ଦିଶୁଛି । ନୁହେଁ ଆଜ୍ଞା ?'

ପଛପାଖର ସେଲ୍‌ଫଟା ଆଡ଼େ ଚାହିଁବାକୁ ମୁଁ ମୁହଁ ବୁଲାଇଲି । ପୁଣି ଯେତେବେଳେ ସାମନାପଟକୁ ମୁହଁ କଲି ଦେଖିଲି ମୋ ପଢ଼ା ଟେବୁଲ ସେ ପାଖେ ହସ ହସ ମୁହଁରେ ଠିଆ ହୋଇଛନ୍ତି ସେର୍‌ଲକ୍‌ ହୋମସ୍‌ । ନିଜ ଆଖିକି ବିଶ୍ୱାସ କରିପାରିଲିନାହିଁ । ଠିଆ ହୋଇପଡ଼ି ତାଙ୍କ ଆଡ଼େ ଅପଲକ ଆଖିରେ ଚାହିଁ ରହିଲି । ଜୀବନରେ ପ୍ରଥମ ଆଉ ଶେଷ ଥର ପାଇଁ ଚେତା ହରାଇ ପଡ଼ିଗଲି । ଆଖି ଆଗରେ ଯେମିତି ଘନ କୁହୁଡ଼ି ମାଡ଼ିଗଲା । ଯେତେ-ବେଳେ ଚେତା ଆସିଲା ଦେଖିଲି ମୋ କୁର୍ତ୍ତା କାଲର ଖୋଲା ଆଉ ଓଠରେ ବ୍ରାଣ୍ଡିର ସ୍ୱାଦ । ହାତରେ ଫ୍ଲାସକ୍‌ଟା ଧରି ହୋମ୍‌ସ ମୋ ଚଉକି ଉପରକୁ ଲଇଁ ପଡ଼ିଛନ୍ତି ।

ମୋର ପୁରୁଣା ପରିଚିତ ସ୍ୱରରେ ସେ କହିଲେ, 'ମୋର ତୁମକୁ ହଜାରବାର କ୍ଷମା ମାଗିବା ଉଚିତ ଓ୍ୱାଟ୍‌ସନ୍‌ । ତୁମେ ଏତେଟା ପ୍ରଭାବିତ ହୋଇପଡ଼ିବ ବୋଲି ମୋର ଧାରଣା ନଥିଲା ।'

ତାଙ୍କ ଡେଣାଟା ଭିଡ଼ି ଧରି କହି ଉଠିଲି, 'ହୋମ୍‌ସ ! ସତେ କ'ଣ ତୁମେ ହୋମସ୍‌ ? ସତରେ ତୁମେ ବଞ୍ଚିଛ ? ସେ ଗହ୍ୱର ଭିତରୁ ତୁମେ ବାହାରି ପାରିବା ସତେ କ'ଣ ସମ୍ଭବ ?'

Digitized by srujanika@gmail.com

'ଧୈର୍ଯ୍ୟ ଧର ୱାଟ୍‌ସନ୍ । ସେ ସବୁକଥା ଆଲୋଚନା କରିବାକୁ ତୁମେ ସୁସ୍ଥବୋଧ କରୁଛ ତ ? ମୁଁ ଗୋଟେ ନାଟକୀୟ ଭଙ୍ଗୀରେ ତୁମ ପାଖରେ ପହଞ୍ଚି ତୁମକୁ ବଡ଼ ଆଘାତ ଦେଇଛି ।'

'ମୁଁ ବିଲକୁଲ ଠିକ୍ ଅଛି । କିନ୍ତୁ ହୋମସ୍ ମୁଁ ମୋ ଆଖିକୁ ବିଶ୍ୱାସ କରିପାରୁନାହିଁ । ହେ ପ୍ରଭୁ ! ତୁମେ ମୋ ପଢ଼ା ଘରେ ଠିଆହୋଇଛ ବୋଲି ମୁଁ ଚିନ୍ତାକରି ପାରୁନାହିଁ ।' ପୁଣି ଥରେ ମୁଁ ତାଙ୍କ ହାତଟାକୁ ଭିଡ଼ି ଧରିଲି । ଲୁରୁଡ଼ା ତଳେ ସେଇ ପତଳା ଟାଣୁଆ ହାତ । କହିଲି, 'ଯାହାହେଉ, ତୁମେ ହୋମ୍‌ସଙ୍କର ପ୍ରେତାତ୍ମା ନୁହଁ । ତୁମକୁ ଦେଖି ମୁଁ ଆନନ୍ଦରେ ଅଧୀର ହୋଇ ଯାଉଛି । ଦୟାକରି ବସ, ଆଉ ସେଇ ଭୟଙ୍କର ମରଣ ଗହ୍ୱରରୁ କେମିତି ବଞ୍ଚିକରି ଆସିଲ ମୋତେ କୁହ ।'

ମୋ ସାମନାରେ ଗୋଟେ ଚଉକିରେ ବସି ପଡ଼ି ସେ ପୁରୁଣା ଢଙ୍ଗରେ ଖଣ୍ଡେ ସିଗାରେଟ୍ ଲଗାଇଲେ । ବହି ବିକାଳୀର ସେଇ ଫ୍ରକ୍ କୋଟ୍‌ଟା କେବଳ ପିନ୍ଧିଥାନ୍ତି । ବାକି ସେ ଧଳା ବାଳ ଆଉ ବହିଥାକ ଟେବୁଲ୍ ଉପରେ ଥୁଆ ହୋଇଥାଏ । ଆଗ ଅପେକ୍ଷା ସେ ଆହୁରି ପତଳା ଆଉ ଉତ୍ସୁକ ଦେଖା ଯାଉଥାନ୍ତି । କିନ୍ତୁ ତାଙ୍କର ଈଗଲ୍ ପରି ମୁହଁରେ ଶେତା ରଙ୍ଗର ଛୁପ । ସେଥିରୁ ଜାଣିଲି ଗତ କେତେ ଦିନ ସେ ସୁଖ ଶାନ୍ତିରେ କଟାଇନାହାନ୍ତି ।

ଆରାମ ଚଉକିଟାରେ ବସି ପଡ଼ି ସେ କହିଲେ, 'ଗୋଡ଼ ହାତ ଲମ୍ବାଇ ଟିକିଏ ବସିଗଲାରୁ ବେଶ୍ ଆରାମ ଲାଗୁଛି ୱାଟ୍‌ସନ୍ । ଜଣେ ଡେଙ୍ଗା ଲୋକ ଘଣ୍ଟା ଘଣ୍ଟା ଧରି ଠିଆହୋଇ ରହିବା କିଛି ସହଜ ନୁହେଁ । ହଁ, ଏଥର କଥାଟା ତୁମକୁ କହିବା ଆଗରୁ ଆଜି ରାତିରେ ଗୋଟେ କଷ୍ଟକର ଆଉ ବିପଦ ପୂର୍ଣ୍ଣ କାମରେ ତୁମେ ମୋତେ ସାହାଯ୍ୟ କରିବ କି ନାହିଁ କହିଲ । କାମଟା ସରିଲା ପରେ ମୁଁ ତୁମକୁ ସବୁକଥା ବୁଝାଇ କହିବାଟା ବୋଧହୁଏ ଭଲ ହୁଅନ୍ତା !'

'ମୋ ମନରେ ଖୁବ୍ କୌତୂହଳ ଜାତ ହୋଇଛି ତେଣୁ କଥାଟା ବର୍ତ୍ତମାନ ଶୁଣିବାକୁ ମୋର ମନ ।'

'ଆଜି ରାତିରେ ତୁମେ ମୋ ପାଖରେ ରହିବ ତ ?'

Digitized by srujanika@gmail.com

'ଖୁସିରେ । ଯେତେବେଳେ ଆଉ ଯେଉଁଠିକି କହିବ ।'

'ଧନ୍ୟବାଦ । ଯିବା ଆଗରୁ ଆମେ କିଛି ଖିଆପିଆ କରିନେବା । ହଁ, ଏଥର ସେଇ ଗହ୍ୱର କଥା କହେ । ସେଥିରୁ ବାହାରିବା ମୋ ପକ୍ଷରେ ମୋଟେ କଷ୍ଟକର ନହେବାର ଏକମାତ୍ର କାରଣ ହେଲା ମୁଁ ସେ ଗହ୍ୱର ଭିତରେ ପଡ଼ି ନଥିଲି ।'

'ପଡ଼ି ନଥିଲ !'

'ନାଁ, ୱାଟ୍‌ସନ୍ । ମୁଁ ମୋଟେ ତା ଭିତରେ ପଡ଼ିନାହିଁ । ମୁଁ ତୁମ ପାଖକୁ ଲେଖିଥିବା ଚିଠିଟା ସୁବିପୁଲ ସତ । ଯେଉଁ ଅଣଓସାରିଆ ରାସ୍ତାରେ ମୁଁ ନିରାପଦ ସ୍ଥାନକୁ ଆସିପାରିଥାନ୍ତି, ସେଇ ରାସ୍ତାଉପରେ ଯେତେବେଳେ ପ୍ରଫେସର୍ ମୋରିଆର୍‌ଟିର ଦୁର୍ଦାନ୍ତ ମୂର୍ତ୍ତି ଦେଖିଲି, ମୋ ଜୀବନ ଶେଷ ହୋଇଆସିଲା ବୋଲି ଆଉ ସନ୍ଦେହ ରହିଲା ନାହିଁ । ତାର ସେଇ ଧୂସର ଆଖିରୁ ତାର ଉଦ୍ଦେଶ୍ୟ କ'ଣ ମୁଁ ବେଶ୍ ଜାଣିପାରିଲି । ତେଣୁ ମୁଁ ତା ସାଥିରେ କିଛି କଥାବାର୍ତ୍ତା କଲି ଆଉ ସେଇ ଚିଠି ଖଣ୍ଡ ଲେଖିବାକୁ ସେ ମୋତେ ସମୟ ଦେଲା । ମୁଁ ସେ ଚିଠିଖଣ୍ଡ ସାଥିରେ ମୋ ସିଗାରେଟ୍ ଡବା ଆଉ ବାଡ଼ିଖଣ୍ଡ ରଖିଦେଲି । ତାପରେ ମୁଁ ସେଇ ଅଣଓସାରିଆ ରାସ୍ତାରେ ଗ୍ଲିଲି । ମୋରିଆର୍‌ଟି ମୋ ପଛେ ପଛେ । ରାସ୍ତା ଶେଷରେ ପହଞ୍ଚି ମୁଁ ସମୁଦ୍ର ଧାରରେ ଠିଆହେଲି । ସେଠି ସମୁଦ୍ର ଧାରରେ ପାହାଡ଼ଟା ଠିକ୍ କାନ୍ଥପରି । ମୋରିଆର୍‌ଟି ହାତରେ କିଛି ଅସ୍ତ୍ରଶସ୍ତ୍ର ନଥିଲା । କିନ୍ତୁ ସେ ମୋ ଆଡ଼କୁ ଦୌଡ଼ିଯାଇ ତା ଲମ୍ବାହାତ ଦୁଇଟାରେ ମୋତେ ଜାବୁଡ଼ି ଧରିଲା । ସେ ଜାଣିଥିଲା ଯେ ତା ଖେଳ ବି ଶେଷ ହୋଇଯାଇଛି । କେବଳ ମୋ ଉପରେ ପ୍ରତିଶୋଧ ନେବା ତାର ଉଦ୍ଦେଶ୍ୟ । ଆମେ ଦୁ ଜଣ ସେଇ ଫାଶ ଧାରରେ ଧରାଧରି ହେଲୁ । ଜାପାନୀ କୁସ୍ତି ବିଷୟରେ ମୋର କିଛିଟା ଜ୍ଞାନ ଥିଲା । ସେଇଟା କେତେଥର ମୋତେ ସାହାଯ୍ୟ କରିଛି । ମୁଁ ସେଇ କୌଶଳରେ ତା ହାତ ମୁଠା ଭିତରୁ ଖସିଗଲି । ସେ ନିଜର ଭାରସାମ୍ୟ ରକ୍ଷାକରି ପାରିଲାନାହିଁ । ଗୋଟିଏ ଭୀଷଣ ଚିତ୍କାରକରି ପାଗଳଙ୍କ ପରି ହାତ ମୁଠା କରି ସେଇ ତୀକ୍ଷ୍ଣ ପାହାଡ଼ ଧାର କଡ଼େ ତଳକୁ ଖସିଗଲା । ମୁଁ ସେଇ

Digitized by srujanika@gmail.com

ଖାଖ ଧାର ତଳକୁ ଗୃହିଁ ଦେଖିଲି ସେ ଖଣ୍ଡେ ଦୂର ତଳକୁ ଖସିଯାଇ ଖଣ୍ଡେ ପଥର ଦେହରେ ପିଟିହୋଇ ପାଣିଭିତରେ ପଡ଼ିଗଲା ।'

ମୁଁ ହୋମ୍‌ସଙ୍କର ଏ କାହାଣୀ ଆନନ୍ଦରେ ଶୁଣୁଥାଏ । ତାପରେ ପଗ୍ଗରିଲି, 'କିନ୍ତୁ ସେ ପାଦଚିହ୍ନ ? ମୁଁ ନଜେ ଦେଖିଛୁ, ଦୁ'ଜଣ ଯିବାର ଚିହ୍ନ ଅଛି । କିନ୍ତୁ କେହି ଫେରିବାର ଚିହ୍ନ ନାହିଁ ।'

'ସେ କଥା ଶୁଣ । ପ୍ରଫେସର୍ ମୋରିଆର୍ଟି ପାଣିଭିତରେ ଲୁଚିଯିବା ପରେ ମୁଁ ବୁଝିପାରିଲି ମୋ ଭାଗ୍ୟ କେତେ ଭଲ ଥିଲା । ମୁଁ ଜାଣିଥିଲି ଯେ ମୋର ମରଣ ଗ୍ଚହୁଁଥିବା ଲୋକ ପ୍ରଫେସର୍ ମୋରିଆର୍ଟି ଏକା ନଥିଲା । ଆହୁରି ଅନ୍ୟତଃ ତିନିଜଣ ଲୋକ ଥିଲେ । ତାଙ୍କ ଦଳପତି ଏପରି ମରିଯିବା ପରେ ସେମାନଙ୍କର ମୋ ଉପରେ ପ୍ରତିଶୋଧ ନେବାର ମନୋବୃତ୍ତି ଆହୁରି ବଢ଼ିଯିବ । ସେମାନେ ସମସ୍ତେ ବଡ଼ ଭୟଙ୍କର ଲୋକ । ତାଙ୍କ ଭିତରୁ କେହି ହେଲେ ମୋତେ ଧରି ନେଇପାରିବ । ଅପରପକ୍ଷେ ଯଦି ମୁଁ ମରିଯାଇଛି ବୋଲି ଦୁନିଆ ଜାଣିବ ତେବେ ଏ ଲୋକମାନେ ନିଶ୍ଚିନ୍ତ ହୋଇଯିବେ । ସେମାନେ ବେଖାତିର୍‌ଭାବେ ତାଙ୍କ କାମ କରି ଗ୍ଲଲିବେ ଆଉ କେତେବେଳେ ହେଲେ ମୁଁ ସେମାନଙ୍କୁ ଶେଷ କରିଦେଇପାରିବି । ସେତେବେଳେ ଯାଇ ମୁଁ ବଞ୍ଚିଛି ବୋଲି ଜଣାଇବାର ସମୟ ଆସିବ । ମଣିଷର ମୁଣ୍ଡ ଖୁବ୍ ଶୀଘ୍ର କାମ କରେ । ମୁଁ ଭାବୁଛି, ପ୍ରଫେସର୍ ମୋରିଆର୍ଟି ତଳେ ପଡ଼ିବା ଆଗରୁ ମୁଁ ଏକଥା ଠିକ୍ କରି ନେଇଥିଲି ।

'ଉଠି ଠିଆ ହେଲି । ପଛ ପାଖର ପଥର କାନ୍ଥକୁ ଭଲଭାବେ ପରୀକ୍ଷା କଲି । ତୁମେ ଘଟଣାଟାର ଯେଉଁ ବର୍ଣ୍ଣନା କରିଛ ସେଟା ମୁଁ ପରେ ପଢ଼ିଲି । ସେଥିରେ ତୁମେ ଲେଖିଛ ଯେ ପଥର କାନ୍ଥଟା ସ୍ପୂର୍ଣପୁରି ଖାଖ । କିନ୍ତୁ ପ୍ରକୃତରେ ତା ନୁହେଁ । ସେଥିରେ ମଝିରେ ମଝିରେ ପାଦ ରଖିବା ଧରି କେତେ ଜାଗାଅଛି । ମଝିରେ ଗୋଟେ ଥାକ ଥିଲାପରି ଜଣାଗଲା । ପାହାଡ଼ଟା ଏତେ ଉଚ୍ଚା ଯେ ତା ଉପରକୁ ଚଢ଼ିବା ଅସମ୍ଭବ । କିନ୍ତୁ ସେଇ ଓଦା ରାସ୍ତାରେ କୌଣସି ଚିହ୍ନ ନରଖି ଫେରିବାଟା ମଧ୍ୟ ସେଇପରି ଅସମ୍ଭବ । ମୁଁ ଅବଶ୍ୟ ମୋ ଜୋତାଗୁଡ଼ା ଓଲଟା କରି ପିନ୍ଧି ଆସିପାରିଥାନ୍ତି । କିନ୍ତୁ ଗୋଟାଏ

Digitized by srujanika@gmail.com

ଆଡ଼କୁ ତିନ ଧାଡ଼ି ପାଦ ଚିହ୍ନ ପଡ଼ିଥିବାର ଦେଖିଲେ ମନରେ ସନ୍ଦେହ ହେବ । ତେଣୁ ଠିକ୍‌କଲି ଜୀବନକୁ ସଙ୍କଟାପନ୍ନକରି ପାହାଡ଼ ଉପରକୁ ଉଠିବି । କାମଟା ଅତି କଠିନ । ତଳେ ଗମ୍ଭୀର ସମୁଦ୍ରର ଗର୍ଜନ । ମୁଁ ମୋଟେ କଳ୍ପନା ବିଳାସୀ ନୁହେଁ । ତଥାପି ସତ କହୁଛି, ତଳୁ ପ୍ରଫେସର୍ ମୋରିଆର୍‌ଟିର ଚିତ୍କାର ଶୁଣିଲି ପରି ମୋତେ ଜଣାଗଲା । ସାମାନ୍ୟ ଟିକିଏ ଭୁଲ୍ ହୋଇଗଲେ ନିଶ୍ଚିତ ମୃତ୍ୟୁ । କେତେଥର ଘାସବୁଦାକୁ ଧରିଲାବେଳକୁ ସେ ଉପୁଡ଼ି ଯାଇଛି । କେତେବେଳେ ବା ଖାଲୁଆ ଓଦା ପଥର ଉପରେ ଗୋଡ଼ ଖସିଯାଇଛି । ଯେତେବେଳେ ଭାବୁଥାଏ ମୋ କଥା ସରିଗଲା । କିନ୍ତୁ ମୁଁ ପ୍ରାଣମୂର୍ଚ୍ଛା ଚେଷ୍ଟାକରି ଉପରକୁ ଉଠିବାକୁ ଲାଗିଲି । ଶେଷରେ ଗୋଟେ ପଥର ଥାକରେ ଆସି ପହଞ୍ଚିଲି । ଏ ଥାକଟା ଗୁମ୍ଫାପରି ଟିକିଏ ଖାଲୁଆ ଆଉ ତା ଉପରେ ଶିଉଳି ଢାଙ୍କି ହୋଇଥାଏ । ସେଇଠି ମୁଁ ଟିକିଏ ଆରାମରେ ପଡ଼ିରହିଲି । କେହି ମୋତେ ଦେଖିପାରିବା ଅସମ୍ଭବ । ତୁମେ ଆଉ ତୁମ ସାଥିରେ ଥିବା ଲୋକମାନେ ଯେତେବେଳେ କେଉଁ ପରିସ୍ଥିତିରେ ମୋର ମୃତ୍ୟୁ ହେଲା, ଅନୁସନ୍ଧାନ କରୁଥିଲ, ମୁଁ ସେତେବେଳେ ସେଇଠି ପଡ଼ି ରହିଥିଲି ।

'ଶେଷରେ ମୁଁ ମରିଛି ବୋଲି ତୁମେ ସିଦ୍ଧାନ୍ତକରି ଫେରିଲ । ମୁଁ ସେଠି ଏକୁଟିଆ ରହିଲି । ମୁଁ ଭାବିଥିଲି ମୋର ଏ ଦୁଃସାହସିକ ଯାତ୍ରା ଶେଷ ହୋଇଯାଇଛି । କିନ୍ତୁ ଗୋଟେ ଅପ୍ରତ୍ୟାଶିତ ଘଟଣା ଘଟିଲା । ସେଥିରୁ ଜାଣିଲି ମୋ ପାଇଁ ଆହୁରି କିଛି ବିପଦସୂଚକ ଘଟଣା ରହିଛି । ଉପରୁ ଗୋଟେ ବିରାଟ ପଥର ମୋ ପାଖଦେଇ ଖସିଗଲା । ରାସ୍ତାଉପରେ ପଡ଼ି ସେଠୁ ସମୁଦ୍ର ଭିତରକୁ ଗଡ଼ିଗଲା । ମୁଁ ଭାବିଲି ପଥରଟା ଦୈବାତ୍ ଆପେ ଆପେ ଖସି ଆସିଛି । କିନ୍ତୁ ଟିକିଏ ପରେ ଉପରକୁ ଚାହିଁ ଜଣେ ଲୋକର ମୁଣ୍ଡ ଦେଖିପାରିଲି । ତାପରେ ଯେଉଁ ପଥରଥାକ ଉପରେ ମୁଁ ପଡ଼ିରହିଥିଲି ତାର ଉପରେ, ମୋ ମୁଣ୍ଡକୁ ମୋଟେ ଫୁଟେ ଛାଡ଼ି ଆଉ ଗୋଟେ ପଥର ପଡ଼ିଲା । ଯା'ର ଅର୍ଥ ମୁଁ ବେଶ ବୁଝିପାରିଲି । ମୋରିଆର୍‌ଟି ସେଠିକି ଏକା ଯାଇ ନଥିଲା । ପ୍ରଫେସର ମୋତେ ଆକ୍ରମଣ କଲାବେଳେ ତାର ଜଣେ ସହଯୋଗୀ

Digitized by srujanika@gmail.com

ସେଠି ଜଗି ରହିଥିଲା । ସେ ଲୋକଟା କି ଭୟଙ୍କର ମୁଁ ବେଶ୍ ଜାଣିପାରିଲି । ଖଣ୍ଡେ ଦୂରରେ ଥାଇ ସେ ଆମକୁ ଲକ୍ଷ୍ୟ କରୁଥିଲା । ମୁଁ କିନ୍ତୁ ତାକୁ ଦେଖିନଥିଲି । ପ୍ରଫେସର୍ ମରିବା ଆଉ ମୁଁ ଖସିଯିବା ସେ ଲକ୍ଷ୍ୟ କରିଛି । ସେ କିଛି ସମୟ ଅପେକ୍ଷାକଲା । ତାପରେ ବୁଲିଯାଇ ପାହାଡ଼ ଉପରଦେଶକୁ ଯାଇ, ତା ସାଥି ଯେଉଁ କାମରେ ଅସଫଳ ହୋଇଛି ତାହା କରିବାକୁ ଚେଷ୍ଟାକଲା ।

'ଏ କଥା ଭାବି ଜାଣିବାକୁ ମୋତେ ବେଶୀ ସମୟ ଲାଗିଲା ନାହିଁ । ପୁଣି ସେଇ ଭୟଙ୍କର ମୁହଁଟା ମୁଁ ଦେଖିପାରିଲି । ଜାଣିଲି ସେ ଆଉ ଗୋଟେ ପଥର ପକାଇବାର ଯୋଗାଡ଼ କରୁଛି । ସାଙ୍ଗେ ସାଙ୍ଗେ ମୁଁ ସେଇ ଅଣ-ଓସାରିଆ ରାସ୍ତା ଉପରକୁ ଖସିଆସିଲି । ବୁଦ୍ଧି ବିଗୃହି କାମ କରିବା ଅବସ୍ଥାରେ ମୁଁ ହୁଏତ ଏହା କରି ପାରିନଥାନ୍ତି । କାରଣ ଉପରକୁ ଉଠିବାଠାରୁ ତଳକୁ ଖସିବାଟା ଶହେ ଗୁଣରେ କଠିନ କାମ । ହେଲେ, ସେତେବେଳେ ଏ ବିପଦ କଥା ଭାବିବାକୁ ସମୟ ନଥିଲା । ମୁଁ ଯେ ପଥରଥାକରେ ହାତ ରଖି ତଳକୁ ଝୁଲି ପଡ଼ିଲା ବେଳକୁ ଠିକ୍ ମୋ ହାତ ପାଖଦେଇ ଆଉ ଗୋଟେ ମସ୍ତବଡ଼ ପଥର ଗଳିଗଲା । ଅଧା ବାଟ ଆସିଲାପରେ ମୋ ଗୋଡ଼ ଖସିଗଲା । କିନ୍ତୁ ଭଗବାନଙ୍କ ଦୟାରେ ମୁଁ ଠିକ୍ ରାସ୍ତାଉପରକୁ ଖସିଆସିଲି । ଦେହସାରା ଖଣ୍ଡିଆଖାବରା ହୋଇ ରକ୍ତ ବୋହି ଯାଉଥାଏ । ସେ ଆଡ଼କୁ ନଜର ଦେବାକୁ ବେଳନାହିଁ । ଆଖିବୁଜା ଧାଇଁଲି । ସେଇ ଅନ୍ଧାରରେ ପାହାଡ଼ିଆ ରାସ୍ତାରେ ଦଶ ମାଇଲ ବାଟ ଦୌଡ଼ି ଦୌଡ଼ି ଆସି ଫ୍ଲୋରେନ୍‌ସରେ ପହଞ୍ଚିଲି । ମନେ ମନେ ନିଶ୍ଚିତ ହେଲି ଯେ ମୁଁ ମଲି କି ଗଲି ମୋର କ'ଣ ହେଲା ଦୁନିଆର କେହି ଜାଣିଲାନାହିଁ ।

'ମୋର ଅତି ବିଶ୍ୱସ୍ତ ଲୋକ କେବଳ ଜଣେ ମାତ୍ର ଥିଲେ । ସେ ମୋ ଭାଇ ମାଇକ୍ରଫଟ । ମୁଁ ତୁମକୁ କ୍ଷମାମାଗୁଛି ୱାଟ୍‌ସନ୍ । କିନ୍ତୁ ସେତେବେଳେ ମୁଁ ମରିଛି ବୋଲି ସମସ୍ତେ ଜାଣିବାଟା ନିହାତି ଦର୍କାର ଆଉ ଗୁରୁତ୍ୱପୂର୍ଣ୍ଣ ଥିଲା । ତାଛଡ଼ା ମୋର ମରଣ ବିଷୟରେ ତୁମେ ନିଜେ ନିଶ୍ଚିତ ହୋଇ ନଥିଲେ, ସେ ବିଷୟରେ ଯେଉଁ ହୃଦୟସ୍ପର୍ଶୀ ବିବରଣୀ ଲେଖିଛ ତା ଲେଖି

Digitized by srujanika@gmail.com

ପାରି ନଥାନ୍ତି । ଗଲା ତିନିବର୍ଷ ଭିତରେ ତୁମପାଖକୁ ଚିଠି ଲେଖିବା ପାଇଁ କେତେଥର କଲମ ଧରିଛି । କିନ୍ତୁ ତୁମର ମୋ ପ୍ରତି ଯେଉଁ ଗଭୀର ଶ୍ରଦ୍ଧା, ତାର ଫଳରେ ତୁମେ ହୁଏତ ବିଚାର ଶୂନ୍ୟ ହୋଇ କିଛି କରି ବସିବ ଆଉ ମୋର ଗୋପନୀୟତା ପଦାରେ ପଡ଼ିଯିବ, ଏଇ ଭୟରେ ତୁମକୁ କିଛି ଜଣାଇଲି ନାହିଁ । ସେଇଥିପାଇଁ ଆଜି ଯେତେବେଳେ ତୁମେ ମୋ ବହିଗୁଡ଼ା ପକାଇଦେଲ ମୁଁ ଯେତେ ଶୀଘ୍ର ପାରେ ତୁମ ପାଖରୁ ପଳାଇ ଆସିଲି । ସେତେବେଳେ ମଧ୍ୟ ମୁଁ ବିପଦ ଭିତରେ ଥିଲି । ତୁମେ ବିସ୍ମୟ ବା କୌଣସି ଆବେଗ ପ୍ରକାଶ କରିଥିଲେ ଅନ୍ୟମାନଙ୍କର ଦୃଷ୍ଟି ମୋ ଆଡ଼କୁ ଆସିଯାଇଥାନ୍ତା ଆଉ ଅପୂରଣୀୟ କ୍ଷତି ହୋଇଥାନ୍ତା । ମୋର ଯାହା ପଇସାପତ୍ର ଦର୍କାର ହେଉଥିଲା, ମୋ ଭାଇ ମାଇକ୍ରଫ୍ଟଙ୍କଠାରୁ ପାଉଥିଲି । ଏଣେ ଲଣ୍ଡନରେ ମୁଁ ଯାହା ଆଶା କରୁଥିଲି ତା ହୋଇପାରିଲାନାହିଁ । କାରଣ ମୋରିଆର୍ଟି ଦଳର ବିଚାରରେ ଦଳର ଦୁ'ଜଣ ଅତି ଭୟଙ୍କର ଲୋକ ଆଉ ମୋର ହିଂସ୍ର ଶତ୍ରୁ ଖଲାସ ହୋଇଗଲେ । ଦୁ'ବର୍ଷ କାଳ ମୁଁ ତିବ୍ବତରେ ବୁଲିଲି । ଲାସାଯାଇ ଦଲାଇଲାମାଙ୍କ ପାଖରେ କିଛିଦିନ ଆରାମରେ କଟାଇଲି । ସାଇଗର୍ସନ୍ ନାମକ ଜଣେ ନର୍ୱେ ଅଧିବାସୀଙ୍କ ଚମକପ୍ରଦ ଅନ୍ୱେଷଣ ବିଷୟ ତୁମେ ଖବରକାଗଜରୁ ପଢ଼ିଥିବ । କିନ୍ତୁ ତୁମେ ତୁମ ବନ୍ଧୁଙ୍କ ଖବର ପାଉଛ ବୋଲି ମୋଟେ ଧାରଣା କରି ପାରିନଥିବ । ତାପରେ ମୁଁ ପାରସ୍ୟ ବୁଲିଗଲି । ମକ୍କା ଯାଇ ତାପରେ ଖାର୍ଟୁମ୍ ଗଲି । ସେଠି ଖଲିଫାଙ୍କ ପାଖରେ ଅଳ୍ପ କେତେଦିନ କଟାଇଲି । ମୋର ଏ ଭ୍ରମଣର ଫଳ ମୁଁ ଇଂଲଣ୍ଡର ବୈଦେଶିକ ଅଫିସ୍‌କୁ ଜଣାଇଦେଇଛି । ଫ୍ରାନ୍ସକୁ ଫେରିଲି । ଦକ୍ଷିଣ ଫ୍ରାନ୍ସର ମଣ୍ଟପେଲିଅର୍‌ରେ ଗୋଟେ ବିଜ୍ଞାନାଗାରରେ (Laboratory) ଆଲ୍‌କାତ୍ରାରୁ କ'ଣ ସବୁ ତିଆରି କରାଯାଇପାରିବ, ସେ ବିଷୟରେ ଗବେଷଣା କଲି । ଏ କାମ ମନମୁତାବକ ପୂର୍ଣ୍ଣ ହୋଇଗଲା । ଜାଣିବାକୁ ପାଇଲି ଲଣ୍ଡନରେ ମୋ ଶତ୍ରୁମାନଙ୍କ ଭିତରୁ ଆଉ ମାତ୍ର ଜଣେ ଅଛି । ମୁଁ ଲଣ୍ଡନ ଫେରିବାକୁ ଯୋଗାଡ଼ କଲି । ଏତିକିବେଳେ ଏଇ ପାର୍କଲେନ ରହସ୍ୟ ଖବର ପାଇଲି । ଏଥିରେ ମୋ ମନକୁ ପାଇଲାପରି କେତେଟା ବିଶେଷ

Digitized by srujanika@gmail.com

ଘଟଣା ଥିବାର ଲକ୍ଷ୍ୟକଲି । ତେଣୁ ଆଉ ବିଳମ୍ବ ନକରି ଶୀଘ୍ର ଲଣ୍ଡନ ଚାଲି ଆସିଲି । ଏଠି ପହଞ୍ଚି ସିଧା ବେକର୍ ଷ୍ଟ୍ରୀଟ୍‌କୁ ଚାଲିଆସିଲି । ଶ୍ରୀମତୀ ହଡ଼ସନ୍ ମୋତେ ଦେଖି ଭୟ ଆଉ ବିସ୍ମୟରେ ଉନ୍ମାଦ ହୋଇଗଲେ । ମୋ ବହିପତ୍ର ଏବଂ ଅନ୍ୟାନ୍ୟ ଜିନିଷ ଯାହା ଯେମିତି ଥିଲା, ମାଇକ୍ରଫଟ୍ ସବୁ ସେମିତି ସାଇତି ରଖିଥିଲେ ।'

ସେଦିନ ଏପ୍ରିଲ୍ ସନ୍ଧ୍ୟାରେ ଏଇ ଚମକପ୍ରଦ ବିବରଣୀ ମୁଁ ଶୁଣିଲି । ଏ ବିବରଣୀକୁ ମୁଁ ଏକାବେଳକେ ଅସମ୍ଭବ ମନେକରିଥାନ୍ତି; କିନ୍ତୁ ମୋ ବନ୍ଧୁଙ୍କର ସେଇ ଉଚ୍ଚ ପତଳା ମୂର୍ତ୍ତି ମୋ ଆଗରେ । ଯେଉଁ ମୁହଁ ଆଉ କେବେ ଦେଖିବି ବୋଲି ଆଶା କରିନଥିଲି ସେଇ ମୁହଁରୁ ଏଇ ବିବରଣୀ ଶୁଣିଲି । ସେ ମଧ୍ୟ କୌଣସି ପ୍ରକାରେ ମୋର ବିରହ ଦୁଃଖ କଥା ଜାଣିଥିଲେ । ତାଙ୍କ ଭାବଭଙ୍ଗୀରେ ମୋ ପ୍ରତି ସହାନୁଭୂତି ଦେଖାଗଲା । ସେ କହିଲେ, 'ଦୁଃଖ ଦୂର କରିବାର ସବୁଠୁଁ ଭଲ ଉପାୟ ହେଲା କାମ । କାମରେ ପୁରା ମନ ଲଗାଇଦିଅ, ଦେଖିବ ଦୁଃଖ ଆପେ ଆପେ ଦୂରେଇଯିବ । ଆଜି ରାତିରେ ଆମ ଦୁ'ଜଣଙ୍କ ପାଇଁ ଗୋଟାଏ କାମଅଛି । ଯଦି ସଫଳତାର ସହିତ କାମଟା କରିପାରିବା ତେବେ ଏ ଦୁନିଆରେ ମଣିଷ ଜୀବନ ସାର୍ଥକ ହେବ ।'

ଆଉ କିଛି କହିବା ପାଇଁ ମୁଁ ତାଙ୍କୁ ଅନୁରୋଧ କଲି । ସେ କହିଲେ, 'ସକାଳ ହେବା ଆଗରୁ ତୁମେ ଅନେକ କିଛି ଦେଖିପାରିବ ଆଉ ଶୁଣିପାରିବ । ଗଲା ତିନି ବର୍ଷର ଘଟଣା ସବୁ କଥାବାର୍ତ୍ତା କରିବା । ସାଢ଼େ ନଅଟାଯାଏଁ ତୁମେ ଯେତିକିରେ ସନ୍ତୁଷ୍ଟ ରୁହ । ସାଢ଼େ ନଅଟାବେଳେ ଆମେ ଶୂନ୍ୟଘର ଅଭିଯାନରେ ବାହାରିବା ।'

ଠିକ୍ ଅତୀତଦିନ ପରି ଯଥାସମୟରେ ମୁଁ ଗୋଟେ ଘୋଡ଼ା ଗାଡ଼ିରେ ହୋମସଙ୍କ ପାଖରେ ବସିଗଲି । ପକେଟରେ ମୋ ରିଭଲଭର୍ ଆଉ ମନରେ ନୂତନ ଅଭିଯାନର ଆବେଗ । ହୋମସ୍ କିନ୍ତୁ ନୀରବ ନିଶ୍ଚଳ ଆଉ ଦୃଢ଼ । ଷ୍ଟ୍ରୀଟ୍ ଲାଇଟ୍‌ର ଝଲକ ତାଙ୍କ ଗମ୍ଭୀର ମୁହଁ ଉପରେ ପଡ଼ିଲା । ଦେଖିଲି ଚିନ୍ତାରେ ତାଙ୍କ ଆଖି ପତା ତଳକୁ ଲଇଁ ପଡ଼ିଛି ଆଉ ପତଳା ଓଠ ଦୁ'ଟା ଚାପି ହୋଇଯାଇଛି । ଲଣ୍ଡନର ଅପରାଧ ଜଙ୍ଗଲରେ କେଉଁ ପଶୁ ଶୀକାର

Digitized by srujanika@gmail.com

କରିବାକୁ ଆମେ ଯାଉଛୁ ମୋତେ ଜଣା ନଥିଲା; କିନ୍ତୁ ଏଇ ପ୍ରବୀଣ ଗୋଇନ୍ଦାଙ୍କ ଭାବ ଗାମ୍ଭୀର୍ଯ୍ୟରୁ ଜାଣିପାରିଲି ଯେ ଆମର ଏ ଅଭିଯାନ ଅତି ସାଙ୍ଘାତିକ ।

ମୁଁ ଭାବିଥିଲି ଆମେ ବେକର୍ ଷ୍ଟ୍ରୀଟ୍‌କୁ ଯାଉଛୁ । କିନ୍ତୁ କାଭେଣ୍ଡିସ ସ୍କୋୟାର୍ ମୋଡ଼ ପାଖରେ ହୋମ୍‌ସ ଗାଡ଼ି ଅଟକାଇଲେ । ଗାଡ଼ିରୁ ଓହ୍ଲାଇଲା ବେଳେ ସେ ବାଁ ଡାହାଣ ଦୁଇପାଖକୁ ସତର୍କଭାବେ ଚାହୁଁଥିବାର ଲକ୍ଷ୍ୟକଲି । ତାଛଡ଼ା ପ୍ରତି ଗଳିମୁଣ୍ଡ କଣରେ ସେ ଖୁବ୍ ସତର୍କ ହୋଇ ଉଠୁଥିଲେ, କେହି ଆମ ପଛରେ ଅନୁସରଣ କରୁଛି କି ନାହିଁ ଜାଣିବାପାଇଁ । ଲଣ୍ଡନର ପ୍ରତ୍ୟେକ ଗଳି କନ୍ଦି ବିଷୟରେ ହୋମ୍‌ସଙ୍କର ଅସାଧାରଣ ଜ୍ଞାନ ଥିଲି । ସେ ଖୁବ୍ ଚଞ୍ଚଳ ପାଦ ପକାଇ ଆଗେଇ ଚାଲିଥାନ୍ତି । ତାଲପର ବିଶୃଙ୍ଖଳ ହୋଇଥିବା ଗୁଡ଼ାଏ ଘୋଡ଼ାଶାଳ ବାଟ ଦେଇ ଆମେ ଆଗେଇ ଚାଲିଲୁ । ଲଣ୍ଡନରେ ଏ ଜଗା ଥିବା ମୋତେ ମୋଟେ ଜଣାନଥିଲା । ଶେଷରେ ଆମେ ଯାଇ ଗୋଟେ ଗ୍ରେଟ୍ ରାସ୍ତାରେ ବାହାରିଲୁ । ରାସ୍ତାକଡ଼ରେ ପୁରୁଣା ଦରଭଙ୍ଗା ଘର ଧାଡ଼ି । ସେଇଠୁଁ ଯାଇ ଆମେ ମାଞ୍ଚେଷ୍ଟର୍ ଷ୍ଟ୍ରୀଟ୍ ଏବଂ ତାପରେ ବ୍ଲାଣ୍ଡ୍ ଫୋର୍ଡ଼ ଷ୍ଟ୍ରୀଟ୍‌ରେ ପହଞ୍ଚିଲୁ । ଏଇଠି ହୋମ୍‌ସ ଖୁବ୍ ଶୀଘ୍ର ଗୋଟେ ସରୁଗଳି ଭିତରକୁ ପଶିଗଲେ । ତାପରେ ଗୋଟେ କାଠ ଗେଟ୍ ଦେଇ ଏକ ନିର୍ଜନ ଅଗଣାରେ ପହଞ୍ଚିଲୁ । ହୋମ୍‌ସ ପକେଟରୁ ଗୋଟେ ଚାବି ବାହାରକରି ଘରର ପଛପାଖ ଦରଜା ଖୋଲିଲେ । ଆମେ ସାଥିହୋଇ ଭିତରକୁ ପଶିଗଲୁ ଆଉ ସେ ଦରଜାଟା ବନ୍ଦ କରିଦେଲେ ।

ଭିତରେ କିଟିମିଟିଆ ଅନ୍ଧାର । ତଥାପି ମୁଁ ନିଶ୍ଚିତଭାବେ ଜାଣିପାରିଲି ଯେ ସେଇଟା ଗୋଟେ ଖାଲି ଘର । ଆମ ପାଦ ପଡ଼ି ଘର ମେଜିଆର ଖାଲି ପଟା କଟ୍‌କଟ୍ ଶବ୍ଦ କଲା । କାନ୍ଥରେ ମୋହାତ ବାଜିଲା । ଦେଖିଲି କାନ୍ଥରେ ମରାଯାଇଥିବା କାଗଜ ଖଣ୍ଡ ଖଣ୍ଡ ହୋଇ ଝରିଯାଇଛି । ହୋମ୍‌ସ ତାଙ୍କ ସରୁ ଆଉ ଦରଫରର ଥଣ୍ଡା ଆଙ୍ଗୁଳିରେ ମୋ ହାତଧରି ଗୋଟେ ଲମ୍ବା ହଲ ଭିତରକୁ ନେଇଗଲେ । ଗୋଟେ ଦରଜାର ଝିଙ୍କି ମୋତେ ଝାପ୍‌ସା ଦେଖାଗଲା । ସେଇଠି ହୋମ୍‌ସ ହଠାତ୍ ଡାହାଣ କଡ଼କୁ ବୁଲିଗଲେ । ଆମେ ଗୋଟେ ବେଶ ବଡ଼ ଖାଲି ଘରେ ପହଞ୍ଚିଲୁ । ଘରର କଣଗୁଡ଼ାକ ଘୂଗ୍ଘୁର

Digitized by srujanika@gmail.com

ଅନ୍ଧାର । କିନ୍ତୁ ବାହାର ଷ୍ଟ୍ରୀଟ୍ ଲାଇଟ୍ ଦ୍ୱାରା ଘର ମଝିଟାରେ ସାମାନ୍ୟ ଆଲୁଅ । ପାଖଆଖରେ କୌଣସି ଲ୍ୟାମ୍ପ୍ ନଥିଲା ଆଉ ଝରକା କାଚରେ ଆଙ୍ଗୁଳେ ବହଳର ଧୂଳି ଜମି ଯାଇଥିଲା । ଫଳରେ ଘରଭିତରେ ଆମେ ଦୁ'ଜଣ ପରସ୍ପରକୁ ଅତି ଝାପ୍‌ସାଭାବେ ଦେଖିପାରୁଥିଲୁ । ହୋମ୍‌ସ ମୋ କାନ୍ଧ ଉପରେ ହାତ ପକାଇ, ମୋ କାନ ପାଖକୁ ମୁହଁ ଆଣି କହିଲେ, 'ଆମେ କେଉଁଠି ଜାଣ ?'

ଫିକା ଝରକା ଭିତରଦେଇ ଚାହିଁ ମୁଁ କହିଲି, 'ଏଇଟା ନିଶ୍ଚୟ ବେକର ଷ୍ଟ୍ରୀଟ୍ ।'

'ବିଲ୍‌କୁଲ୍ ଠିକ୍ । ଏଇଟା ଆମ ଘରର ଠିକ୍ ବିପରୀତ ଦିଗରେ ଥିବା କାମଡ଼େନ୍ ହାଉସ୍ ।'

'କିନ୍ତୁ ଆମେ ଏଠି କାହିଁକି ?'

'କାରଣ ସେ ପାଖର ସୁନ୍ଦର ଦୃଶ୍ୟ ଆମେ ଏଠୁଁ ଭଲଭାବେ ଦେଖିପାରିବା । ଏଇ ଝରକା ପାଖକୁ ଆଉ ଟିକିଏ ଲାଗିଆସ । ସାବଧାନ, ଯେମିତି ତୁମକୁ କେହି ଦେଖି ନପାରେ । ତାପରେ ଆମ ଅଭିଯାନର ଆରମ୍ଭ ସ୍ଥଳ ସେଇ ପୁରୁଣା ଘର ଆଡ଼କୁ ଚାହିଁ । ଦେଖିବା ତୁମକୁ ହଠାତ୍ ବିସ୍ମିତ କରିବା ଶକ୍ତି ମୋର ଏଇ ତିନିବର୍ଷର ଅନୁପସ୍ଥିତିପରେ ନଷ୍ଟ ହୋଇଯାଇଛି କି ନାହିଁ ।'

ମୁଁ ଖୁବ୍ ଧୀରେ ପାଦ ଘୋଷାରି ଘୋଷାରି ଝରକା ପାଖକୁ ଲାଗିଗଲି । ଯେଉଁଠୁ ବେକର୍ ଷ୍ଟ୍ରୀଟ୍‌ର ସେଇ ପରିଚିତ ଝରକାଆଡ଼େ ଚାହିଁଲି । ଆଖି ପଡ଼ିବା ମାତ୍ରେ ବିସ୍ମୟରେ ମୁଁ ଚମକି ପଡ଼ିଲି । ଝରକାର ପରଦାଟା ଟଣା ହୋଇଥିଲା । ଘର ଭିତରେ ଗୋଟେ ଖୁବ୍ ଉଜ୍ଜ୍ୱଳ ଆଲୁଅ ଜଳୁଥିଲା । ଚଉକି ଉପରେ ବସିଥିବା ଜଣେ ଲୋକର କଳା ଛାଇ ନିର୍ମଳ ପରଦା ଉପରେ ପରିଷ୍କାର ଦେଖାଯାଉଥିଲା । ସେ ମୁଣ୍ଡ, କାନ୍ଧ ଏବଂ ଦେହର ଅନ୍ୟ ଅଙ୍ଗସବୁ ଚିହ୍ନିବାରେ ଭୁଲ ହେବାର କିଛି ନଥିଲା । ମୁହଁଟା ଅଧା ବୁଲି ରହିଥିଲା । ଫଳରେ ଆମ ପୂର୍ବପୁରୁଷମାନେ ଯେଉଁ ଛାୟା ଚିତ୍ରକୁ ଅତି ଭଲପାଉଥିଲେ ଛାଇଟା ଠିକ୍ ସେଇପରି ଦେଖା ଯାଉଥିଲା । ଛାଇଟା ହୋମ୍‌ସଙ୍କ ଚେହେରାର

Digitized by srujanika@gmail.com

ଅବିକଳ ନକଲ । ମୁଁ ଏତେ ଆଶ୍ଚର୍ଯ୍ୟ ହୋଇଗଲି ଯେ ପ୍ରକୃତ ହୋମ୍ସ ମୋ ପାଖରେ ଅଛନ୍ତି ବୋଲି ନିଶ୍ଚିତ ହେବାପାଇଁ ହାତ ବଢ଼ାଇ ଅଣ୍ଟାଳି ପକାଇଲି । ସେ ଚୁପ୍‌ଚାପ୍ ହସୁଥାନ୍ତି ଆଉ ତାଙ୍କ ଦେହଟା ହଲୁଥାଏ ।

'କ'ଣ ୱାଟ୍‌ସନ୍ ?' ସେ କହିଲେ ।

ମୁଁ କହିଉଠିଲି, 'ହେ ଭଗବାନ, ଏତ ଅତି ଚମତ୍କାର ।'

'ମୋର ବିଶ୍ୱାସ ସମୟ ଆଉ ପ୍ରଥାର ପରିବର୍ତ୍ତନରେ ମଧ୍ୟ ମୋର ବିଭିନ୍ନ ରୁଚି ସବୁ ନୀରସ ହୋଇଯାଇନାହିଁ । ମୂର୍ତ୍ତିଟା ପ୍ରକୃତରେ ଅବିକଳ ମୋପରି ହୋଇଛି ।' ଶିଳ୍ପି ନିଜର ସୃଷ୍ଟିରେ ଯେଉଁ ଆନନ୍ଦ ଆଉ ଗର୍ବ ଅନୁଭବ କରେ ତାଙ୍କ ସ୍ୱରରେ ତା ଲକ୍ଷ୍ୟକଲି ।

ଉତ୍ତର ଦେଲି, 'ମୂର୍ତ୍ତିଟା ତ ତୁମେ ନିଜେ ବୋଲି ମୁଁ ଦୃଢ଼ଭାବେ କହିପାରେ ।'

'ମୂର୍ତ୍ତିଟା ତିଆରି କରିବାର ଗୌରବ ଗ୍ରିନୋବଲ୍‌ର ଅଧିକାର ମିଉନିଅର୍ ବୋଲି ଜଣେ ଶିଳ୍ପିଙ୍କର । ଏଟା କରିବାପାଇଁ ତାଙ୍କୁ କିଛି ଦିନ ଲାଗିଛି । ମୂର୍ତ୍ତିଟା ଅଣ୍ଟା ପାଖରୁ ଉପରକୁ ମହମରେ ତିଆରି । ଆଉ ସବୁ ଆଜି ଉପରବେଳା ବେକର୍ ଷ୍ଟ୍ରୀଟ୍‌କୁ ଯାଇ ମୁଁ ନିଜେ ସଜାଇଛି ।'

'କିନ୍ତୁ କାହିଁକି ?'

'କାରଣ ମୁଁ ଏଣେ ବାହାରେ ଥିବି, ଅଥଚ ଘରେ ଅଛି ବୋଲି ଧାରଣା ଦେବା ମୋର ଉଦ୍ଦେଶ୍ୟ ।'

'ତାହେଲେ କ'ଣ ତୁମ ଘର ଉପରେ କେହି ନଜର ରଖିଛି ?'

'ମୁଁ ଜାଣେ, ସେମାନେ ନଜର ରଖିଥିଲେ ।'

'ସେମାନେ କିଏ ?'

'ମୋ ପୁରୁଣା ଶତ୍ରୁ, ୱାଟ୍‌ସନ୍ । ଯେଉଁ ଦଳର ନେତା ଆଜି ରଚେନ୍‌ବାଚ୍ ସମୁଦ୍ର ଗର୍ଭରେ ସେଇଦଳ । ତୁମେ ଜାଣ ଯେ ମୁଁ ଏବେ ବି ବଞ୍ଚିରହିଥିବା କଥା ସେମାନେ ଏବଂ କେବଳ ସେମାନେ ଜାଣନ୍ତି । ସେମାନଙ୍କର ବିଶ୍ୱାସ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ମୁଁ ନିଶ୍ଚୟ ମୋ ଘରକୁ ଫେରିବି ।

Digitized by srujanika@gmail.com

ସେମାନେ ବରାବର ମୋ ଘରଉପରେ ନଜର ରଖିଥିଲେ, ଆଉ ଆଜି ସକାଳେ ମୁଁ ସେଠିକି ଆସିବା ସେମାନେ ଦେଖିଛନ୍ତି ।'

'ତୁମେ ଏ କଥା ଜାଣିଲ କେମିତି ?'

'ମୁଁ ଝରକାବାଟେ ପଦାକୁ ଚାହିଁ ତାଙ୍କ ଜଗୁଆଳକୁ ଦେଖି ଚହ୍ନିପାରିଛି । ସେ ଲୋକଟା କିନ୍ତୁ ନଗଣ୍ୟ । ତା ନାଁ ପାର୍କର୍ । ଅପରାଧୀକୁ ଫାଶୀରେ ଝୁଲାଇବା ତାର ବ୍ୟବସାୟ । ସେ ଭଲ ବୀଣା ବଜାଏ । ସେ ଲୋକଟାକୁ ମୁଁ ମୋଟେ ଖାତିର୍ କରେ ନାହିଁ । କିନ୍ତୁ ତା ପଛରେ ଯେଉଁ ଲୋକ ଅଛି ସେ ଅତି ଦୁର୍ଦାନ୍ତ । ସେ ପ୍ରଫେସର୍ ମୋରିଆର୍ଟିର ସାଥି । ପାହାଡ଼ ଉପରୁ ସେଇ ଲୋକଟା ପଥର ପକାଉଥିଲା । ସାରା ଲଣ୍ଡନରେ ସେ ସବୁଠୁଁ ବେଶୀ ଚତୁର ଆଉ ଭୟଙ୍କର ଅପରାଧୀ । ସେଇ ଲୋକ ମୋ ପଛରେ ଲାଗିଛି । କିନ୍ତୁ ଆମେ ତା ପଛରେ ଲାଗିଛେ ବୋଲି ସେ ମୋଟେ ଜାଣେନା ।'

ମୋ ବନ୍ଧୁଙ୍କ ଯୋଜନାଗୁଡ଼ା ଧୀରେ ଧୀରେ ପରିଷ୍କାର ହୋଇ ଆସୁଥାଏ । ଏଇ ସୁବିଧାଜନକ ଜାଗାରୁ ଆମେ ଆମଉପରେ ନଜର ରଖିବାକୁ ବସିଥିବା ଲୋକଙ୍କ ଉପରେ ନଜର ରଖିପାରିବୁ । ପରଦା ଉପରେ କଣ୍ଢେଇହୋଇ ପଡ଼ୁଥିବା ମୂର୍ତ୍ତିଟା ହେଲା ଥୋପ ଆଉ ଆମେ ହେଲୁ ଶିକାରି । ସେଇ ଅନ୍ଧାର ଭିତରେ ଚୁପ୍‌ଚାପ୍ ଠିଆ ହୋଇ ଆମେ ସାମନାରାସ୍ତା ଉପରେ ଯିବା ଆସିବା କରୁଥିବା ଲୋକଙ୍କୁ ଲକ୍ଷ୍ୟ କରୁଥାଉ । ହୋମ୍‌ସ ପୁରାପୁରି ନୀରବ ଆଉ ନିଶ୍ଚଳ । କିନ୍ତୁ ମୁଁ ଠିକ୍ ଜାଣି ପାରୁଥାଏ ଯେ ସେ ଖୁବ୍ ସାବଧାନ ଥାନ୍ତି ଆଉ ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କ ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ପଡ଼ୁଥାଏ । କୋଳାହଳମୟ ରାତି । ରାସ୍ତାରେ ଥଣ୍ଡା ପବନ ବହୁଥାଏ । ଅନେକ ଲୋକ ଯିବାଆସିବା କରୁଥାନ୍ତି । ଅଧିକାଂଶଙ୍କ ଦେହରେ କୋଟ୍, ମଫ୍‌ଲର୍ ଆଦି । ଥରେ ଦୁ'ଥର ମୋତେ ଜଣାଗଲା ମୁଁ ଯେମିତି କେତେକଙ୍କୁ ଆଗରୁ ଦେଖିଛି । ବିଶେଷତଃ ଖଣ୍ଡେ ଦୂରରେ ଗୋଟେ ଘରର ଦରଜା ପାଖରେ ଠିଆ ହୋଇଥିବା ଦୁ'ଜଣ ଲୋକ ମୋର ଦୃଷ୍ଟି ଆକର୍ଷଣକଲେ । ମୁଁ ସେ ଆଡ଼କୁ ମୋ ବନ୍ଧୁଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗଲି । ସେ କିନ୍ତୁ ଅଧୀର ହୋଇ ଉଠିଲାପରି ସେଇ ରାସ୍ତା ଆଡ଼କୁ ଚାହିଁ ରହିଥାନ୍ତି । ଥରେ ଦୁ'ଥର ସେ ଅସ୍ଥିର

Digitized by srujanika@gmail.com

ହୋଇ ପାଦ ପକାଇବା ଏବଂ ଆଙ୍ଗୁଠିରେ କାନ୍ଥରେ ଠକ୍ ଠକ୍ କରିବା ଲକ୍ଷ୍ୟକଲି । ସେଥିରୁ ବେଶ୍ ବୁଝିପାରିଲିଯେ ସେ ଅଧୈର୍ଯ୍ୟ ହୋଇ ଉଠୁଛନ୍ତି ଏବଂ ତାଙ୍କର ଯୋଜନା ଆଶାନୁରୂପ କାମ କରୁନାହିଁ । ଶେଷରେ ରାତ୍ର ପ୍ରାୟ ଅଧ ହୋଇଗଲା । ରାସ୍ତା ଧୀରେ ଧୀରେ ଜନଶୂନ୍ୟ ହୋଇଆସିଲା । ହୋମ୍‌ସ ଅତି ଉତ୍ତେଜିତ ହୋଇ ଘର ଭିତରେ ଏପଟ ସେପଟ ଘୂରି ବୁଲିଲେ । ମୁଁ ତାଙ୍କୁ କିଛି ଗୋଟେ କହିବାକୁ ଯାଉଥିଲି, ଏତିକିବେଳେ ଆରପଟର ଝରକା ଉପରେ ମୋ ଆଖି ପଡ଼ିଗଲା । ମୁଁ ଆଗପରି ପୁଣି ବିସ୍ମୟରେ ଚମକି ପଡ଼ିଲି । ହୋମ୍‌ସଙ୍କ ଡେଣାଟା ଜାବୁଡ଼ି ଧରି ସେ ଆଡ଼କୁ ଆଙ୍ଗୁଠି ଠାରି ଦେଖାଇଲି ।

କହିଲି, 'ଦେଖ ହୋମ୍‌ସ ଛାଇଟା କେମିତି ଘୁଞ୍ଚିଯାଇଛି !'

ଏଥର ଛାଇଟାର ପିଠି ପାଖଟା ଆମ ଆଡ଼କୁ ଥିଲା । ହୋମ୍‌ସ ଉତ୍ତର ଦେଲେ, 'ହଁ, ଛାଇଟା ନିଶ୍ଚୟ ଘୁଞ୍ଚିଛି । ମୁଁ ଏତେଟା ବୋକା ନୁହେଁ ଉଆଟ୍‌ସନ୍ ଯେ ଗୋଟେ ମୂର୍ତ୍ତି ଥୋଇ ଦେଇ ଇଉରୋପର ଅତି ଧୂର୍ତ୍ତ ଲୋକଙ୍କୁ ଠକି ଦେଇପାରିବି ବୋଲି କଳ୍ପନା କରିବି । ଆମେ ଦୁ'ଘଣ୍ଟା ହେଲା ଏ ଘର ଭିତରେ ଅଛେ । ଏ ଭିତରେ ଶ୍ରୀମତୀ ହଡ଼ସନ୍ ଆଠଥର ସେ ମୂର୍ତ୍ତିକୁ ଏପଟ ସେପଟ କଲେଣି । ପ୍ରତି ପନ୍ଦର ମିନଟ୍‌ରେ ଥରେ ଲେଖାଏଁ । ସେ ଆରପାଖରେ ରହିଛନ୍ତି । ତେଣୁ ତାଙ୍କ ଛାଇ ମୋଟେ ଦେଖାଯିବ ନାହିଁ । ଆଃ !'

ସେ ଖୁବ୍ ଜୋରରେ ଭିତରକୁ ନିଶ୍ୱାସ ଟାଣିଲେ । ସେଇ ଫିକା ଆଲୁଅରେ ଦେଖିଲି ସେ ଆଗକୁ ଝୁଙ୍କି ପଡ଼ିଛନ୍ତି । ତାଙ୍କ ସାରା ଦେହଟା ଧୀର, ନିଶ୍ଚଳ । ସେ ଦୁଇଜଣ ଲୋକ ସେ ଦରଜା ପାଖରେ କେଉଁଠି ଛପି ଥାଇ ପାରନ୍ତି । କିନ୍ତୁ ମୁଁ ଆଉ ତାଙ୍କୁ ଦେଖିବାକୁ ପାଇଲି ନାହିଁ । ଚାରିଆଡ଼ ନିଶ୍ଚଳ । କଟିମିଟିଆ ଅନ୍ଧାର । କେବଳ ଆମ ସାମନାରେ ହଳଦିଆ ରଙ୍ଗର ପରଦାଟା ଆଉ ତା ମଝିରେ କଳା ଛାଇଟା । ଟିକିଏ ପରେ ହୋମ୍‌ସ ମୋତେ ଘରର ସବୁଠୁଁ ଅନ୍ଧାରୁଆ କଣକୁ ଟାଣି ନେଇଗଲେ । ତାଙ୍କ ଆଙ୍ଗୁଠି ଗୁଡ଼ା ଥରୁଥାଏ । ସେ ଏମିତି ବିଚଳିତ ହେବା ମୁଁ କେବେ ଦେଖିନଥିଲି । ଅଥଚ ବାହାରେ ଅନ୍ଧାରୁଆ ରାସ୍ତାଟା ସେମିତି ନିର୍ଜନ ଆଉ ନୀରବ ।

Digitized by srujanika@gmail.com

କିନ୍ତୁ ହୋମ୍ସଙ୍କ ତୀକ୍ଷ୍ଣଇନ୍ଦ୍ରିୟ ଯାହା ଅନୁଭବ କରିଥିଲା, ଖୁବ୍ ଶୀଘ୍ର ମୁଁ ତାହା ଜାଣିପାରିଲି । ମୋ କାନରେ ଗୋଟେ ଅସ୍ପଷ୍ଟ ଶବ୍ଦ ବାଜିଲା । କିନ୍ତୁ ଶବ୍ଦଟା ବେକର୍ ଷ୍ଟ୍ରୀଟ୍ ଆଡ଼ୁ ଆସୁ ନଥିଲା । ଆସୁଥିଲା ଆମେ ଲୁଚିରହିଥିବା ଘରର ପଛ ପାଖରୁ । ଗୋଟେ ଦରଜା ଖୋଲିବା ଆଉ ବନ୍ଦ ହେବାର ଶୁଣାଗଲା । କିଛିଏ ପରେ ବରଣ୍ଡାରେ ପାଦ ଶବ୍ଦ ଶୁଣାଗଲା । ପାଦଶବ୍ଦକୁ ଅତି କ୍ଷୀଣ ଆଉ ଅସ୍ପଷ୍ଟ କରିବାର ଚେଷ୍ଟା ଥିଲେ ମଧ୍ୟ ଖାଲି ଘରଟାରେ ପାଦ ଶବ୍ଦଟା ପ୍ରତିଧ୍ୱନିତ ହୋଇଉଠୁଥିଲା । ହୋମ୍ସ କାନ୍ଥ ଦେହରେ ଲାଗିଗଲେ । ମୁଁ ମଧ୍ୟ ସେଇଆକଲି । ରିଭଲଭର୍‌ଟା ହାତ ମୁଠାରେ ଖୁବ୍ ଦୃଢ଼ଭାବେ ଧରିଥାଏ । ସେଇ ଅନ୍ଧାର ଭିତରେ ନଜରେପି ପଡ଼ିଲି । ଘରର ଦରଜା ପାଖରେ ଗୋଟେ ଲୋକର ମୂର୍ତ୍ତି ଦିଶିଲା ପରି ଜଣାଗଲା । ସେଠି ସେ କିଛିଏ ଠିଆ ହେଲା ପରେ ପାଦ ଚପି ଚପି ଚୋରଙ୍କ ପରି ଘର ଭିତରକୁ ଆସିଲା । ଆମଠୁଁ ମୋଟେ ତିନି ଗଜ ଦୂରରେ । ହୁଏତ ଆମ ଉପରକୁ କୁଦାମାରିବ । ସେଥିପାଇଁ ମୁଁ ନିଜକୁ ପ୍ରସ୍ତୁତ କରିନେଲି । କିନ୍ତୁ ଦେଖିଲି ଆମେ ସେ ଘରେ ଅଛୁ ବୋଲି ତାର ମୋଟେ ଧାରଣାନାହିଁ । ସେ ସେମିତି ପାଦ ଚପି ଚପି ଆମ ପାଖ ଦେଇ ଝରକା ପାଖକୁ ଚାଲିଗଲା । ନିଃଶବ୍ଦରେ ଝରକାଟା ତଳ ପାଖରୁ ପ୍ରାୟ ଛଅ ଇଞ୍ଚ ଖଣ୍ଡେ ଖୋଲିଲା । ଏଇ ଖୋଲା ଜାଗା ସିଧାରେ ମୁହଁ ରଖି ସେ ବସିପଡ଼ିଲା । ରାସ୍ତାର ଆଲୁଅଟା ତା ମୁହଁରେ ପଡ଼ିଲା । ଲୋକଟା ଆନନ୍ଦରେ ଉତ୍ତେଜିତ ହେଲାପରି ଜଣାଗଲା । ତା ଆଖି ଦି'ଟା ତାରା ପରି ଦେଖାଗଲା । ଲୋକଟା ବୟସ୍କଲୋକ । ତା ନାକଟା ସରୁ ଆଉ ଉଚ୍ଚା, ଉଚ୍ଚ କପାଳଟା ଚନ୍ଦା, ମୁହଁରେ ଗୋଛାଏ ଦାଢ଼ି । ମୁଣ୍ଡରେ ନାଚ ବାଲାଙ୍କ ଟୋପିଟାଏ । ଖୋଲା ଓଭର୍‌କୋଟ ତଳେ ଗୋଟେ ଚିପ୍‌ଚିପିଆ ସାର୍ଟ । ତା ମୁହଁଟା ପତଳା ଆଉ କଳା । ତା ହାତରେ ଖଣ୍ଡେ ବାଡ଼ିପରି ଗୋଟେ ଜିନିଷ ଥିଲା । କିନ୍ତୁ ସେଟାକୁ ସେ ମେଜିଆ ଉପରେ ଥୋଇଲାବେଳେ କୌଣସି ଧାତୁ ପରି ଶବ୍ଦ ହେଲା । ତାପରେ ଓଭର୍‌କୋଟ୍ ପକେଟରୁ କ'ଣ ଗୋଟେ ମୋଟା ଜିନିଷ ବାହାରକଲା । ତାପରେ କ'ଣ କାମରେ ଲାଗିଗଲା । ଶେଷରେ ଗୋଟେ ସ୍ପ୍ରିଂ ବୋଲ୍ଟ ପଡ଼ିଲା ପରି ଜୋରଦାର ଖଟ୍‌କରି

Digitized by srujanika@gmail.com

ଶବ୍ଦ ହେଲା । ମେଜଆ ଉପରେ ସେମିତି ଆଣ୍ଠୁମାଡ଼ି ବସି ଆଗକୁ ଝୁଙ୍କି ପଡ଼ି ଖୁବ୍ ଜୋର୍‌ରେ ସେଇ ବାଡ଼ପଣ ଜଳନଣ୍ଟା ଉପରେ ଘୃସଦେଲା । କିଛି ସମୟଯାଏଁ ଘର୍‌ଘର୍ ଶବ୍ଦ ହୋଇ ଶେଷରେ ପୁଣି ଘଟ୍ କରି ଗୋଟେ ଶବ୍ଦ ହେଲା । ତା ପରେ ସେ ଦେହ ସଳଖାଇଲା । ଦେଖିଲି ସେ ହାତରେ ଯେଉଁ ଜଳନଣ୍ଟା ଧରିଛି ସେଟା ଏକପ୍ରକାର ବନ୍ଧୁକ । ତା କୁନ୍ଦାଟା କେମିତି ଅସାଧାରଣ । ତାପରେ ସେ କୁନ୍ଦାମୁଣ୍ଡରୁ ବନ୍ଧୁକଟା ଖୋଲି ତା ଭିତରେ କ'ଣ ପୂରାଇ ପୁଣି ଠକ୍‌କରି ବନ୍ଦ କରିଦେଲା । ତାପରେ ସେମିତି ଆଣ୍ଠେଇ ବସି ବନ୍ଧୁକର ନଳୀଟା (barrel) ଖୋଲା ଝରକାର ବନ୍ଧ ଉପରେ ରଖିଲା । ତା ମୁହଁରେ ତୃପ୍ତିର ଚିହ୍ନ ଦେଖାଗଲା । ବନ୍ଧୁକ କୁନ୍ଦାଟାକୁ କାନ୍ଧ ପାଖରେ ଲଗାଇ ସେ ହଳଦିଆ ପରଦା ସେ ପାଖର କଳା ମୂର୍ତ୍ତିଟାକୁ ଭଲଭାବେ ଚାହିଁଲା । ମୁହୂର୍ତ୍ତକ ପାଇଁ ତା ଆଙ୍ଗୁଠି ବନ୍ଧୁକର ଘୋଡ଼ା (Trigger) ଉପରେ ଦୃଢ଼ ହୋଇଗଲା । ତାପରେ ଗୋଟେ ସନ୍‌ସନ୍ ଶବ୍ଦ ଏବଂ ତାପରେ ଭଙ୍ଗା କାଚର ଝଣ୍‌ଝଣ୍ ଶବ୍ଦ ଶୁଣାଗଲା । ଠିକ୍ ସେଇ ମୁହୂର୍ତ୍ତରେ ହୋମ୍‌ସ ବାଘପରି ଲୋକଟା ଉପରକୁ ଡେଇଁପଡ଼ି ତାକୁ ଚିତ୍-କରି ତଳେ ପକାଇ ମାଡ଼ି ବସିଲେ । ଲୋକଟା କିନ୍ତୁ ପରମୁହୂର୍ତ୍ତରେ ଉଠିପଡ଼ି ହୋମ୍‌ସଙ୍କ ତଣ୍ଟିକୁ ଖୁବ୍ ଜୋର୍‌ରେ ଚିପିଧରିଲା । କିନ୍ତୁ ସାଙ୍ଗେ ସାଙ୍ଗେ ମୁଁ ମୋ ରିଭଲ୍‌ଭର୍ କୁନ୍ଦାରେ ତା ମୁଣ୍ଡକୁ ଜୋର୍‌ରେ ଆଘାତ ଦେଲି ଆଉ ସେ ପୁଣି ତଳେ ପଡ଼ିଗଲା । ମୁଁ ତାକୁ ମାଡ଼ିବସିଲି । ହୋମ୍‌ସ ଗୋଟେ ହୁଇସିଲ୍ ବଜାଇ ଦେଲେ । ସାଙ୍ଗେ ସାଙ୍ଗେ ପୋଷାକ ପିନ୍ଧା ଦୁ'ଜଣ ପୋଲିସ ଆଉ ସାଦା ପୋଷାକ ପିନ୍ଧି ଜଣେ ଡିଟେକ୍‌ଟିଭ୍ ଦୌଡ଼ି ଆସି ପହଞ୍ଚିଗଲେ ।

ତାଙ୍କୁ ଦେଖି ହୋମ୍‌ସ କହିଲେ, 'ତୁମେ ନିଜେ ଲେଷ୍ଟ୍ରେଡ୍ ?'

'ହଁ, ମିଷ୍ଟର୍ ହୋମ୍‌ସ । ମୁଁ ନିଜେ କାମଟା ହାତକୁ ନେଇଛି । ତୁମକୁ ପୁଣି ଲଣ୍ଡନ ସହରରେ ଦେଖି ବଡ଼ ଆନନ୍ଦ ଲାଗୁଛି ।'

'ମୁଁ ଭାବୁଛି ତୁମର କିଛି ସାହାଯ୍ୟ ଦରକାର । ବର୍ଷକ ଭିତରେ ତିନି ତିନଟା ହତ୍ୟାକାଣ୍ଡ ଘଟିଗଲା । କିନ୍ତୁ କୌଣସିଟା ଉଦ୍‌ଘାଟିତ ନହେବା

Digitized by srujanika@gmail.com

ଚଳିବ ନାହିଁ ଲେସ୍‌ଟ୍ରେଡ୍ । କିନ୍ତୁ ମୋଲ୍‌ସି ରହସ୍ୟଟା ତୁମେ ବେଶ୍ ସୁନ୍ଦର ଭାବେ ଅନୁସନ୍ଧାନ କରିବାରେ ସମର୍ଥ ହୋଇଛ ।'

ଆମେ ସମସ୍ତେ ଉଠି ଠିଆ ହୋଇ ସାରିଥିଲୁ । ଆମ ବନ୍ଦୀ ଖୁବ୍ ଜୋର୍‌ରେ ଘନଘନ ନିଃଶ୍ୱାସ ମାରୁଥାଏ । ତା ଦୁ'ପାଖରେ ଦୁ'ଜଣଯାକ ତାଗଡ଼ା କନେଷ୍ଟବଲ୍ । ଦ୍ୱାରରେ କେତେଜଣ ଲୋକ ସେତେବେଳକୁ ଜମା ହୋଇ ଗଲେଣି । ହୋମ୍‌ସ ଝରକାଟା ପାଖକୁ ଯାଇ ସେଟା ବନ୍ଦ କରିଦେଲେ ଆଉ ପରଦାଟା ପକାଇଦେଲେ । ଲେସ୍‌ଟ୍ରେଡ୍ ଦୁ'ଟା ମହମବତି ଲଗାଇଦେଲେ ଆଉ କନେଷ୍ଟବଲ ଦୁ'ଜଣ ତାଙ୍କ ଲଣ୍ଠନ ଉପରୁ ଖୋଳଟାମାନ ବାହାର କରିଦେଲେ । ଆମ ବନ୍ଦୀକୁ ଭଲ ରକମ ଦେଖିବାର ସୁବିଧା ପାଇଲୁ ।

ତା ମୁହଁଟା ଆମ ଆଡ଼କୁ ଥାଏ । ମୁହଁଟା ପୁରୁଷୋଚିତ ହେଲେବି କେମିତି ଈର୍ଷାପରାୟଣ ଜଣାଯାଉଥିଲା । ଆଖି ପତାରେ ଜଣେ ଦାର୍ଶନିକର ଗମ୍ଭୀରତା ଅଥଚ ଓଠରେ ବିଳାସୀ କାମୁକର ଲକ୍ଷଣ । ଭଲ ହେଉ ବା ମନ୍ଦ ହେଉ, ଯେକୌଣସି କାମ ଲୋକଟା ନିଶ୍ଚୟ ଖୁବ୍ ଦକ୍ଷତାର ସହ ଆରମ୍ଭ କରିଥିବ । ତାର ହିଂସ୍ର ନୀଳ ଆଖି, ତଳକୁ ଝୁଲିପଡ଼ିଥିବା ଆଖିପତା ଆଦିରେ ବିପଦର ସଙ୍କେତ ଯେ କେହି ଦେଖିପାରିବ । ସେ ଆମ କାହାଆଡ଼କୁ ନଜର ଦେଉ ନଥାଏ । କିନ୍ତୁ ତା ଆଖି ଦୁ'ଟା ହୋମ୍‌ସଙ୍କ ଉପରେ । ମୁହଁରେ ତାର ଘୃଣା ଆଉ ଆଶ୍ଚର୍ଯ୍ୟ ମିଶା ଚିହ୍ନ । ସେ ଗୁଣୁଗୁଣୁ କରି କେବଳ କହୁଥାଏ 'ଶୟତାନ' । ହୋମ୍‌ସ କହିଉଠିଲେ, "ଆହା, କର୍ଣ୍ଣେଲ୍, ଗୋଟେ ପୁରୁଣା ନାଟକରେ ପଢ଼ିଥିବ, 'ପ୍ରେମିକମାନଙ୍କର ସାକ୍ଷାତରେ ଯାତ୍ରାର ଶେଷ'। ସେଇ ରିଚେନ୍‌ବାଚ୍‌ଠାରେ ତୁମେ ମୋପାଇଁ ଯାହାକରିଥିଲ, ତାପରେ ତୁମ ସାଥିରେ ଦେଖା ହେବାର ସୁଯୋଗ ଆଉ ପାଇନଥିଲି । ହଁ, ମୁଁ ଏପର୍ଯ୍ୟନ୍ତ ତୁମର ପରିଚୟଟା ଦେଇନାହିଁ । ଶୁଣନ୍ତୁ ସମସ୍ତେ । ଇଏ ହେଲେ କର୍ଣ୍ଣେଲ୍ ସେବାଷ୍ଟିଆନ୍ ମୋରାନ୍ । ଏକ ସମୟରେ ମହାରାଣୀଙ୍କ ଭାରତୀୟ ସେନା ବାହିନୀରେ କାମକରୁଥିଲେ । ଆମ ପୂର୍ବାଞ୍ଚଳ ସାମ୍ରାଜ୍ୟରେ ଏ ଥିଲେ ସବୁଠୁଁ ଭଲ ଶିକାରୀ । ବାଘଶିକାର କରିବାରେ ଏଯାଏଁ କେହି ତାଙ୍କ ସାଥିରେ ସମାନ ହୋଇପାରିନାହାନ୍ତି । ମୁଁ ନିଶ୍ଚୟ ଠିକ୍ କହୁଛି କର୍ଣ୍ଣେଲ୍ ?"

Digitized by srujanika@gmail.com

ଲୋକଟା କିଛି ଉତ୍ତର ନଦେଇ ତାର ସେଇ ହିଂସ୍ର ଆଖି ହଟାରେ ହୋମ୍‌ସଙ୍କୁ ତରାଟି ଗୃହୁଁଥାଏ । ସେ ନଜେ ଗୋଟେ ଭୀଷଣ ବାଘପରି ଜଣାଯାଉଥାଏ ।

ହୋମ୍‌ସ ପୁଣି କହିଲେ, 'ମୋର ଏଇ ଅତି ସହଜ ଫନ୍ଦ ତୁମପରି ଜଣେ ପୋଖତ ଶିକାରୀଙ୍କୁ ଠକିଦେଇ ପାରିଲା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି । ଏ ପ୍ରକାର ଫନ୍ଦଯାଥିରେ ତୁମେ ବେଶ୍ ପରିଚିତ । ବାଘଶିକାର କରିବାପାଇଁ ତୁମେ କ'ଣ କର ? ଗୋଟେ ଗଛମୂଳେ ଗୋଟେ ଛୋଟ ବାଛୁରୀ ବା ଛେଳି ବାନ୍ଧିଦିଅ । ନିଜେ ଗଛଉପରେ ବନ୍ଧୁକଧରି ଅପେକ୍ଷାକରି ବସ । ତୁମେ ବାନ୍ଧିଥିବା ଥୋପ ବାଘକୁ ତୁମପାଖକୁ ନେଇ ଆସେ । ଏଠି ଏଇ ଖାଲି ଘରଟାହେଲା ମୋ ଗଛ ଆଉ ତୁମେ ହେଲ ବାଘ । କାଳେ ଗୋଟାକରୁ ଅଧିକ ବାଘ ଆସିଯିବେ କିମ୍ବା ଗୋଟେ ବନ୍ଧୁକର ଲକ୍ଷ୍ୟ ଭୁଲ୍ ହୋଇଯିବ, ସେଥିପାଇଁ ତୁମେ ଗୋଟାକରୁ ଅଧିକ ବନ୍ଧୁକ ପାଖରେ ରଖିଥାଅ । ଏମାନେ ହେଲେ ମୋର ଅନ୍ୟବନ୍ଧୁକ । ଦୁ'ଟାଯାକ ଘଟଣା ପୂରାପୂରି ସମାନ ।'

ରାଗରେ ଗର୍ଜନକରି କର୍ଣ୍ଣେଲ୍ ମୋରାନ୍ ଆଗକୁ ଡେଇଁପଡ଼ିଲେ । କିନ୍ତୁ କନେଷ୍ଟବଲ୍ ଦୁ'ଜଣ ତାଙ୍କୁ ଜବରଦସ୍ତ ପଛକୁ ଟାଣିନେଲେ । ରାଗରେ ତାଙ୍କ ମୁହଁଟା ଭୟଙ୍କର ଦେଖାଯାଉଥାଏ ।

ହୋମ୍‌ସ କହିଲେ, 'ମାନୁଛି, ତୁମେ ମଧ୍ୟ ମୋତେ କିଛିଟା ବିସ୍ମିତ କରିଦେଲ । ତୁମେ ଏଇ ଖାଲିଘର ଆଉ ଏଇ ସାମନାପଟ ଝରକାଟା ବ୍ୟବହାର କରିବ ବୋଲି ମୁଁ ମୋଟେ ଆଶା କରିନଥିଲି । ମୋ ଧାରଣା ଥିଲା ତୁମେ ରାସ୍ତାଉପରୁ ତୁମର କାମକରିବ । ସେଥିପାଇଁ ସେଠି ମୋ ବନ୍ଧୁ ଲେସ୍‌ଟ୍ରେଡ୍ ଓ ଆଉ ତାଙ୍କ ଲୋକମାନେ ଅପେକ୍ଷାକରି ରହିଥିଲେ । କେବଳ ସେତିକି ଛଡ଼ା ଆଉ ସବୁ ମୁଁ ଯେମିତି ଆଶା କରିଥିଲି ଠିକ୍ ସେଇପରି ଘଟିଛି ।'

କର୍ଣ୍ଣେଲ୍ ମୋରା ଏବାରୀ ଡିଟେକ୍‌ଟିଭ ଲେସ୍‌ଟ୍ରେଡ଼ଙ୍କ ଆଡ଼କୁ ମୁହଁ ବୁଲାଇ କହିଲେ, 'ମୋତେ ଆରେଷ୍ଟ କରିବାରେ ତୁମର ଯଥେଷ୍ଟ କାରଣ

Digitized by srujanika@gmail.com

ଥାଇପାରେ ବା ନ ଥାଇପାରେ; କିନ୍ତୁ ଏ ଲୋକର କଥା ସନ୍ଦେହବାର କିଛି କାରଣ ମୁଁ ଦେଖୁନାହିଁ । ଯଦି ମୁଁ କିଛି ଅପରାଧ କରିଛି, ତେବେ ଆଇନ ଅନୁସାରେ ଯାହାହେବାର ହେବ ।'

ଲେସ୍‌ଟ୍ରେଡ୍ କହିଲେ, 'ତା ନିଶ୍ଚୟ ଯଥାର୍ଥ । ମିଷ୍ଟର୍ ହୋମ୍‌ସ୍, ଆମେ ଏଠୁଁ ଯିବାଆଗରୁ ତୁମର ଆଉ କିଛି କହିବାର ନାହିଁ ?'

ହୋମ୍‌ସ ତଳୁ ସେଇ ଶକ୍ତିଶାଳୀ ଏୟାର୍‌ଗନ୍(ବନ୍ଧୁକ)ଟା ଉଠାଇନେଇ ତାର ତିଆରି କୌଶଳ ଦେଖୁଥାନ୍ତି । ସେ ଉତ୍ତର ଦେଲେ,'ବେଶ୍ ଚମତ୍କାର ଆଉ ଅସାଧାରଣ ଅସ୍ତ୍ର । ଏଟା ଅତି ଶକ୍ତିଶାଳୀ ଆଉ ଶବ୍ଦଶୂନ୍ୟ । ମୁଁ ଜାଣେ, ଜର୍ମାନର ଜଣେ ଅନ୍ଧ ମେକାନିକ ଭନ୍ ହର୍‌ଡ଼ର୍ ପ୍ରଫେସର ମୋରିଆରଟିଙ୍କ ପାଇଁ ଏଟା ତିଆରି କରିଥିଲେ । ଏ ବନ୍ଧୁକଟା ଥିବା କଥା ମୁଁ ଅନେକଦିନରୁ ଜାଣିଛି । କିନ୍ତୁ ଏଟାକୁ ହାତରେ ପାଇବାର ସୁଯୋଗ ଆଗରୁ ପାଇନଥିଲି । ଏଇ ବନ୍ଧୁକ ଆଉ ଏହାର ବୁଲେଟ୍ ପ୍ରତି ବିଶେଷ ଧ୍ୟାନ ଦେବାପାଇଁ ମୁଁ ତୁମକୁ ସାବଧାନ କରିଦେଉଛି ଲେସ୍‌ଟ୍ରେଡ୍ ।'

'ତୁମେ ଆମ ଉପରେ ସେ ଭରସା ରଖିପାର ମିଷ୍ଟର୍ ହୋମ୍‌ସ । ଆଉ କିଛି କହିବାର ଅଛି ?'

ଆମେ ସମସ୍ତେ ଦରଜାଆଡ଼କୁ ଅଗେଇ ଯାଉଯାଉ ହୋମ୍‌ସ କହିଲେ, 'କେବଳ ଏତିକି ଯେ ତୁମେ ବନ୍ଦୀକୁ କେଉଁ ଅପରାଧରେ ଅଭିଯୁକ୍ତ କରିବାକୁ ଠିକ୍ କରୁଛ ?'

'କେଉଁ ଅଭିଯୋଗ ? କାହିଁକି, ମିଷ୍ଟର୍ ସେରଲକ୍ ହୋମ୍‌ସଙ୍କୁ ହତ୍ୟା କରିବାର ଉଦ୍ୟମ କରିବା ଅପରାଧ ?'

'ତା ନୁହେଁ ଲେସ୍‌ଟ୍ରେଡ୍ । ଏ ଘଟଣାରେ ମୋ ନାଁ ପ୍ରକାଶ ପାଇବା ମୁଁ ଚାହେଁ ନାହିଁ । ଏ ଅରେଷ୍ଟ କରିବାରେ ସବୁ ଗୌରବ କେବଳ ତୁମର । ତୁମେ ଯେଉଁଭଳି ଚତୁରତା ଆଉ ଦକ୍ଷତାର ସହ ତୁମ ଲୋକକୁ ଧରିପାରିଛ ସେଥିପାଇଁ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।'

'ମୋ ଲୋକ ? ତା ଅର୍ଥ କ'ଣ ମିଷ୍ଟର୍ ହୋମ୍‌ସ୍ ? କେଉଁ ଲୋକ ?

Digitized by srujanika@gmail.com

'କାହିଁକି, ଯେଉଁ ଲୋକକୁ ସାରା ଲଣ୍ଡନର ପୋଲିସ ବାହିନୀ ବୃଥାରେ ଖୋଜି ବୁଲୁଥିଲେ ସେଇ ଲୋକ କର୍ଣ୍ଣେଲ୍ ସିବାଷ୍ଟିଆନ୍ ମୋରାନ୍ ! ଗଲା ମାସ ତିରିଶ ତାରିଖ ଦିନ ପାର୍କଲେନ୍‌ରେ ୪୨୭ ନମ୍ବର ଘରର ଦ୍ୱିତୀୟ ମହଲର ଏକ ଖୋଲା ଝରକାବାଟେ ଏୟାର୍‌ଗନ୍ ଦ୍ୱାରା ଯେ ମାନ୍ୟବର ରୋନାଲ୍‌ଡ୍ ଆଡେୟାର୍‌ଙ୍କୁ ହତ୍ୟା କରିଥିଲା ସେଇ ଲୋକ । ତାଙ୍କ ବିରୁଦ୍ଧରେ ସେଇ ହେଲା ଅଭିଯୋଗ । ଏଥର ଆମ କାମ ସରିଲା ୱାଟସନ୍ । ଏଥର ଆମେ ଯାଇ ମୋ ପଢ଼ାଘରର ସେଇଭଙ୍ଗା ଝରକା ପାଖରେ କିଛି ସମୟ ବସିଗଲେ ବେଶ୍ ଆରାମ ଲାଗିବ ନିଶ୍ଚୟ ।'

ମାଇକ୍ରଫଟ୍ ହୋମ୍‌ସଙ୍କ ତତ୍ତ୍ୱାବଧାନରେ ଆଉ ଶ୍ରୀମତୀ ହଡ୍‌ସନ୍‌ଙ୍କ ଯତ୍ନରେ ଆମ ପୁରୁଣା ଘରଗୁଡ଼ିକ ଯେମିତି ସେମିତି ଅବସ୍ଥାରେ ଥିଲା । ଘର ଭିତରେ ପଶିଲା ମାତ୍ରେ ମତେ କେମିତି ଆନ୍ଦ୍ରୁ ଆନ୍ଦ୍ରୁଆ ଲାଗିଲା । କିନ୍ତୁ ଭିତର ବେଶ୍ ପରିଷ୍କାର ପରିଚ୍ଛନ୍ନ ଥିଲା । ପୁରୁଣା ଜିନିଷ ସବୁ ଠିକ୍ ନିଜ ନିଜ ଜାଗାରେ ଥିଲା ସେଲ୍‌ଫ ଉପରେ ବହି ସବୁ ଯଥାଜାଗାରେ ଥୁଆହୋଇଥିଲା । ମୁଁ ଘରର ଚାରିଆଡ଼େ ଆଖି ବୁଲାଇ ଆଣିଲି । ସବୁ ଜିନିଷ ମୋ ଆଖିରେ ପଡ଼ିଗଲା । ଘର ଭିତରେ ମୋଟେ ଦୁ' ଜଣ ଥିଲେ । ଜଣେ ହେଲେ ଶ୍ରୀମତୀ ହଡ୍‌ସନ୍ । ଆମ ଦୁ'ଜଣଙ୍କୁ ଦେଖି ସେ ଭାରି ଖୁସି ହୋଇଉଠିଲେ । ଆଉ ଜଣେ ହେଲେ ସେ ଦିନ ସନ୍ଧ୍ୟା ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଥିବା ସେଇ ମୂର୍ତ୍ତି । ମୋ ବନ୍ଧୁ ସେର୍‌ଲକ୍ ହୋମ୍‌ସଙ୍କ ମହମ ତିଆରି ମୂର୍ତ୍ତି ଉପରେ ରଙ୍ଗ ଦିଆଯାଇଥିଲା । ଏତେ ସୁନ୍ଦରଭାବେ ତିଆରି ହୋଇଥିଲା ଯେ ଅବିକଳ ହୋମ୍‌ସଙ୍କ ପରି ହୋଇଥିଲା । ମୂର୍ତ୍ତିଟା ଗୋଟେ ଛୋଟ ଟେବୁଲ୍ ଉପରେ ରଖାଯାଇଥିଲା । ହୋମ୍‌ସଙ୍କ ଡ୍ରେସିଂ ଗାଉନ୍‌ରୁ ଗୋଟାଏ ଏମିତି ଭାବରେ ତା ଉପରେ ଘଞ୍ଚା ଯାଇଥିଲା ଯେ, ଯିଏ ତାକୁ ଦେଖିଲେ ହୋମ୍‌ସ ବୋଲି ଭ୍ରମ ହେବା ସ୍ୱାଭାବିକ ।

ହୋମ୍‌ସ କହିଲେ, 'ତୁମେ ସବୁ ପ୍ରକାରେ ସାବଧାନ ହୋଇ କାମ କରିଛ ତ ଶ୍ରୀମତୀ ହଡ୍‌ସନ୍ ?'

Digitized by srujanika@gmail.com

'ହଁ ଆଜ୍ଞା, ଆପଣ ଯେମିତ କହିଥିଲେ ମୁଁ ସେମିତ ଆଣ୍ଠୁରେ ଘୁଷୁରି ଘୁଷୁରି ମୂର୍ତ୍ତି ପାଖକୁ ଗଲି ।'

'ଚମତ୍କାର । ତୁମେ କାମଟା ଖୁବ୍ ସୁନ୍ଦର ଭାବେ କରିଛ । ହଁ, ବୁଲେଟ୍‌ଟା କେଉଁଠି ବାଜିଲା ତୁମେ ଲକ୍ଷ୍ୟ କରିଛ ?'

'ହଁ । ଏଡ଼େ ସୁନ୍ଦର ମୂର୍ତ୍ତିଟା ନଷ୍ଟ ହୋଇଗଲା । କାରଣ ବୁଲେଟ୍‌ଟା ଠିକ୍ ମୁଣ୍ଡ ଭିତରେ ଯାଇ ସାମନା କାନ୍ଥରେ ବାଜିଲା । ଏଇଟି, ମୁଁ ସେଟା ଗୋଟାଇ ରଖିଛି ।'

ହୋମ୍‌ସ ବୁଲେଟ୍‌ଟା ଆଣି ମୋତେ ଦେଖାଇ କହିଲେ, 'ଦେଖ ୱାଟ୍‌ସନ୍, ଏଟା ଦେଖିବାକୁ ଗୋଟେ ଶ୍ରେଷ୍ଠ ରିଭଲ୍‌ଭର୍ ବୁଲେଟ୍ ପରି । ଏଟା ତିଆରି କରିବାରେ ନିଶ୍ଚୟ ଯଥେଷ୍ଟ ବୁଦ୍ଧି ଖର୍ଚ୍ଚ ହୋଇଛି । କାରଣ ଗୋଟେ ଏୟାର୍ ଗନରୁ ଏ ଭଳି ବୁଲେଟ୍ ଫୁଟାଇବା କିଏ ଆଶା କରିପାରେ ? ହଉ, ଶ୍ରୀମତୀ ହଡ୍‌ସନ୍, ତୁମର ସହଯୋଗ ପାଇଁ ମୁଁ ଯଥେଷ୍ଟ କୃତଜ୍ଞ । ଏଥର ୱାଟ୍‌ସନ୍, ତୁମ ପୁରୁଣା ଜାଗାରେ ବସିଯାଅ । କାରଣ ତୁମ ସାଥିରେ କେତେଗୁଡ଼େ ବିଷୟ ଆଲୋଚନା କରିବାର ଅଛି ।'

ସେ ଫ୍ରକ୍ କୋଟ୍‌ଟା ଦେହରୁ ବାହାର କରିଦେଇ, ଆଲ୍‌ମିରାରୁ ତାଙ୍କ ମୂଷା ରଙ୍ଗର ଡ୍ରେସିଂ ଗାଉନ୍‌ଟା ଆଣି ପିନ୍ଧିନେଲେ । ପୁଣି ସେଇ ପୁରୁଣା ଦିନର ହୋମ୍‌ସଙ୍କ ପରି ଦେଖାଗଲେ । ତାପରେ ମୂର୍ତ୍ତିଟାର ଛତୁ ହୋଇ ଯାଇଥିବା ମୁଣ୍ଡଟାକୁ ଦେଖି ଦେଖି ହସି ହସି କହିଲେ, 'ପୁରୁଣା ଶିକାରୀ ତାର ଦୃଢ଼ତା ମୋଟେ ହରାଇ ନାହିଁ । ବୁଲେଟ୍‌ଟା ମୁଣ୍ଡର ପଛପାଖ ଠିକ୍ ମଝିରେ ଲମ୍ବାଲମ୍ବିଭାବରେ ଲାଗି ବ୍ରେନ୍ ଭିତରଦେଇ ଚାଲିଯାଇଛି । ସେ ଭାରତର ସବୁଠୁଁ ଭଲ ବନ୍ଧୁକ ମାରିବାବାଲା ଥିଲେ । ଲଣ୍ଡନରେ ମଧ୍ୟ ତାଙ୍କ ପରି ଶିକାରୀ କେହି ଥିବେ ବୋଲି ମୁଁ ଆଶା କରୁନାହିଁ । ତୁମେ ତାଙ୍କ ନାଁ ଆଗରୁ ଶୁଣିଛ ?'

'ନାଁ ଶୁଣି ନାହିଁ ।'

'ସତେ ! ଏତେବଡ଼ ନାଉଆଁ ଲୋକ । କିନ୍ତୁ ମୋର ମନେଅଛି, ତୁମେ ତ ପ୍ରଫେସର୍ ଜେମ୍‌ସ୍ ମୋରିଆର୍‌ଟି ନାଁ ଆଗରୁ ଶୁଣିନଥିଲ । ଅଥଚ ଏ

Digitized by srujanika@gmail.com

ଶତାବ୍ଦିର ବଡ଼ବଡ଼ ଜ୍ଞାନୀ ଲୋକଙ୍କ ଭିତରୁ ସେ ଜଣେ । ହଉ, ସେଲ୍‌ଫରୁ ବିଭିନ୍ନ ଲୋକଙ୍କର ଜୀବନୀ ଲେଖାଥିବା ସେ ବହିଟା ମୋତେ ଦିଅ ।'

ଚଉକି ଉପରେ ଆଉଜି ବସି ସେ ସିଗାରେଟ୍ ପାଇପ୍‌ରୁ ଧୂଆଁ ଭୁଡ଼ୁଭୁଡ଼ୁ ବହିର ପୃଷ୍ଠାଗୁଡ଼ା ଅଳସଭାବରେ ଓଲଟାଇ ଲଗିଲେ । ତାପରେ କହିଲେ, 'ମ ଅକ୍ଷରରେ ମୁଁ ବେଶ୍ ଗୁଡ଼ାଏ ନାଁ ଲେଖିରଖିଛି । କେବଳ ମୋରିଆର୍‌ଟି ନାଁଟା ଯଥେଷ୍ଟ । ତାପରେ ମୋରଗାନ୍ । ବିଷଦେଇ ଲୋକଙ୍କୁ ମାରୁଥିଲା । ଏ ହେଲା ମେରିଡ଼ିଉ । ଏଇ ମେରିଡ଼ିଉ, ଗ୍ରିଙ୍ଗ୍‌ହମ୍ ଉଏଟିଙ୍ଗ୍ ରୁମ୍‌ରେ ମୋ ବାଁ ପାଖ ଦାନ୍ତଟା ଭାଙ୍ଗି ଦେଇଥିଲା । ଆଉ ଶେଷରେ ଇଏ ହେଲା ଆମର ଆଜି ରାତିର ବନ୍ଧୁ ।'

ସେ ବହିଟା ମୋ ହାତକୁ ବଢ଼ାଇଦେଲେ ଆଉ ମୁଁ ପଢ଼ିଲି, "ମୋରାନ୍ ସିବାଷ୍ଟିଆନ୍ କର୍ଣ୍ଣେଲ୍, ବର୍ତ୍ତମାନ ବେକାର । ପୂର୍ବରୁ ବାଙ୍ଗାଲୋର ପଦାତିକ ବାହିନୀରେ ଥିଲେ । ଲଣ୍ଡନରେ ୧୮୪୦ ଖ୍ରୀଷ୍ଟାବ୍ଦରେ ଜନ୍ମ । ଏକ ସମୟରେ ପାରସ୍ୟରେ ଥିବା ଇଂରେଜ ମନ୍ତ୍ରୀ ସାର୍ ଅଗଷ୍ଟସ୍ ମୋରାନ୍‌ଙ୍କ ପୁଅ । ଇଟନ ଏବଂ ଅକ୍‌ସ୍‌ଫୋର୍ଡ଼ରେ ଶିକ୍ଷା ଲାଭ କରିଥିଲେ । ସେର୍‌ପୁର ଏବଂ କାବୁଲରେ ଅବସ୍ଥାପିତ ହୋଇଥିଲେ । ଆଫ୍‌ଗାନ ଯୁଦ୍ଧରେ ଅଂଶ ନେଇଥିଲେ । 'ପଶ୍ଚିମ ହିମାଳୟର ହିଂସ୍ରଜନ୍ତୁ' ଏବଂ 'ଜଙ୍ଗଲରେ ତିନମାସ' ବହିର ଲେଖକ । ପ୍ରଥମ ବହି ୧୮୮୧ରେ ଏବଂ ଦ୍ୱିତୀୟ ବହି ୧୮୮୪ରେ ଲେଖା । ବର୍ତ୍ତମାନ ଠିକଣା:—କନ୍‌ଡୁଇଟ୍ ଷ୍ଟ୍ରୀଟ୍ । 'ଆଙ୍ଗ୍‌ଲୋଇଣ୍ଡିଆନ', 'ଟାଙ୍କେର୍ ଭିଲ୍' ଏବଂ 'ବାଗାଟେଲ୍' କ୍ଲବ୍‌ର ମେମ୍ବର୍ ।"

କଡ଼ ମାରଜିନ୍‌ରେ (ହାସିଆ) ହୋମ୍‌ସ୍‌ଙ୍କ ନିଜ ହାତରେ ସଂକ୍ଷେପରେ ଲେଖା "ଲଣ୍ଡନର ଦ୍ୱିତୀୟ ଭୟଙ୍କର ଲୋକ "।

ବହିଟା ହୋମ୍‌ସଙ୍କୁ ଫେରାଇ ଦେଉ ଦେଉ କହିଲି, 'ବଡ଼ ଆଶ୍ଚର୍ଯ୍ୟ କଥା ! ଲୋକଟାର ଜୀବନୀ ତ ଜଣେ ସମ୍ଭ୍ରାନ୍ତ ସୈନିକର ଜୀବନୀ !'

'ତା ସତ । କେତେ ଦିନ ଯାଏ ସେ ଖୁବ୍ ଭଲଥିଲେ । ସେ ମଧ୍ୟ ଖୁବ୍ ଦୃଢ଼ମନା ଆଉ ସାହସିକ । ଥରେ ସେ ଗୋଟେ ଡ୍ରେନ୍‌ଭିତରେ ଘୁଷୁରି ଘୁଷୁରି ଗୋଟେ ମଣିଷଖିଆ ବାଘ ପଛରେ କେମିତି ଗୋଡ଼ାଇଥିଲେ ସେ କଥା

Digitized by srujanika@gmail.com

ଏବେବି ଭାରତରେ ଲୋକେ କହନ୍ତି । କେତେକ ଗଛ ଅଛି ଉଆଂଟ୍‌ସନ୍, ଯେଉଁଗୁଡ଼ା ଗୋଟେ ନିର୍ଦ୍ଦିଷ୍ଟ ଉଚ୍ଚ ଯାଏ ବେଶ୍ ବଢ଼ିଯାନ୍ତି, ତାପରେ ନିହାତି ଅବାଗିଆ, ଅସୁନ୍ଦର ହୋଇଯାନ୍ତି । ମଣିଷ ଭିତରେ ମଧ୍ୟ ବେଳେବେଳେ ଏଇ ଲକ୍ଷଣ ଦେଖାଯାଏ । ମୋର ଗୋଟେ ମତହେଲା କୌଣସି ଲୋକର ଜୀବନର ଗତି ଉପରେ ତାର ପୂର୍ବପୁରୁଷଙ୍କର ଛାପ ଦେଖାଯାଏ । କେହି ହଠାତ୍ ଭଲ ବା ମନ୍ଦ ହୋଇ ଉଠିବାରେ ବଂଶ ପରମ୍ପରାର ପ୍ରଭାବ ପଡ଼ିଥାଏ । ସେ ଲୋକ ତା ପରିବାର ଇତିହାସର ଏକ ସଂକ୍ଷିପ୍ତ ସାର ହୋଇଥାଏ ।

'ଏଟା କେବଳ କଳ୍ପନା କରିବା କଥା ।'

'ଯାହାହେଉ, ମୁଁ ସେ କଥା ଉପରେ ଜୋର୍ ଦେଉନାହିଁ । ଯେକୌଣସି କାରଣରୁ କର୍ଣ୍ଣେଲ୍ ମୋରାନ୍ ଖରାପ ବାଟକୁ ଚାଲିଗଲେ । ତାଙ୍କର ଦୁର୍ନାମ ଖୋଲାଖୋଲିଭାବେ ଜଣାନପଡ଼ିଲେ ମଧ୍ୟ ଭାରତରେ ସେ ଅତି ଭୟଙ୍କର ହୋଇ ଉଠିଲେ । ସେ ଚାକିରିରୁ ଅବସର ନେଇ ଇଂଲଣ୍ଡ ଫେରିଆସିଲେ । ଏଠି ମଧ୍ୟ ସେଇ ଖରାପକାମରେ ମାତିଲେ । ଏତିକିବେଳେ ପ୍ରଫେସର୍ ମୋରିଆର୍ଟି ସାଥିରେ ତାଙ୍କର ଦେଖାହେଲା ଏବଂ ସେ ତାଙ୍କ ଦଳରେ ମିଶିଲେ । କିଛିଦିନ ସେ ମୋରିଆର୍ଟିଙ୍କ ଦଳର ନେତା ଥିଲେ । ମୋରିଆର୍ଟି ତାଙ୍କୁ ପ୍ରଚୁର ପଇସାପତ୍ର ଦେଉଥିଲେ । ଗୋଟେ ଦି'ଟା ଅତି ଗୁରୁତ୍ୱପୂର୍ଣ୍ଣ କାମରେ ତାଙ୍କୁ ଲଗାଇଥିଲେ । କୌଣସି ସାଧାରଣ ଅପରାଧୀ ତା କରିପାରିନଥାନ୍ତା । ୧୮୮୭ ମସିହାରେ ଲଡ଼ର୍‌ର ଶ୍ରୀମତୀ ଷ୍ଟିଉଆର୍ଟଙ୍କ ମୃତ୍ୟୁ କଥା ତୁମର ମନେଥିବ । ମୁଁ ନିଶ୍ଚିତ ଯେ ତା ମୂଳରେ ଏଇ ମୋରାନ୍ ଥିଲେ; କିନ୍ତୁ କିଛି ପ୍ରମାଣିତ ହୋଇ ପାରିଲାନାହିଁ । କର୍ଣ୍ଣେଲ ନିଜକୁ ଖୁବ୍ ଚତୁରତାର ସହ ଘୋଡ଼େଇ ରଖିଥିଲେ ! ଫଳରେ ମୋରିଆର୍ଟିଦଳ ଭାଙ୍ଗିଗଲେ ମଧ୍ୟ ଆମେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିପାରିଲେ ନାହିଁ । ତୁମର ମନେଥିବ ଯେଉଁଦିନ ମୁଁ ତୁମ ଘରକୁ ଯାଇଥିଲି, ଝରକାର କବାଟ ଉପର ବନ୍ଦକରି ଦେଇଥିଲି । କାରଣ ମୁଁ ଏଇ ଏୟାରଗନ୍‌କୁ ଭୟ କରୁଥିଲି । ତୁମେ ସେଟା ମୋର ବାତୁଳତା ବୋଲି ଭାବିଥିବ, ନିଶ୍ଚୟ । କିନ୍ତୁ ମୁଁ ଯାହା କରୁଥିଲି ମୁଁ ଜାଣେ । ମୁଁ ଏଇ ଉଚ୍ଚକ୍ଷମତାଯୋଗ୍ୟ ଏୟାରଗନ୍ ଥିବା କଥା ନିଶ୍ଚିତଭାବେ ଜାଣିଥିଲି

Digitized by srujanika@gmail.com

ଆଉ ଜାଣିଥିଲି ପୃଥିବୀର ସବୁଠୁଁ ଭଲ ବନ୍ଧୁକ ଚଳାଇବାବାଲା ହାତରେ ସେ ବନ୍ଧୁକ ଅଛି । ଆମେ ଯେତେବେଳେ ସୁଇଜରଲଣ୍ଡରେ ଥିଲେ ସେ ମୋରିଆର୍ଟି ସାଥିରେ ଆମ ପଛରେ ଲଗିଥିଲା । ରଚେନ୍‌ବାଚ୍‌ଠାରେ ମୁଁ ପଡ଼ିଥିଲାବେଳେ ଏଇ ଲୋକ ମତେ ପାଞ୍ଚମିନଟ ଯାଏଁ ଯାହାକରିଛି ମନରୁ ଯିବ ନାହିଁ ।

'ଲୋକଟା ଲଣ୍ଡନ ସହରରେ ସ୍ୱଚ୍ଛନ୍ଦରେ ଥିବାଯାଏଁ ମୋ ଜୀବନ ନିରାପଦ ନୁହେଁ । ଗୁଇପରି ସେ ମୋ ପଛେ ପଛେ ଲଗିରହିବ ଏବଂ କେତେବେଳେ ହେଲେ ସୁଯୋଗ ପାଇଯିବ । ମୁଁ କ'ଣ କରିଥାନ୍ତି ? ଲୋକଟାକୁ ଦେଖିଲା ମାତ୍ରେ ଗୁଳି କରି ମାରିଦେବା ଅସମ୍ଭବ । ତାହେଲେ ହତ୍ୟାକାରୀ ଭାବରେ ମୋତେ ଅଭିଯୁକ୍ତ ହେବାକୁ ପଡ଼ିଥାନ୍ତା । କୌଣସି ବିଚାରପତିଙ୍କ ପାଖରେ ଆବେଦନ କରିବା ମଧ୍ୟ ମୂଲ୍ୟହୀନ । କାରଣ କେବଳ ଅନିଶ୍ଚିତ ସନ୍ଦେହ ଉପରେ ନିର୍ଭରକରି ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ । ତେଣୁ ମୁଁ କିଛି କରିପାରିଲି ନାହିଁ । କିନ୍ତୁ ସବୁବେଳେ ଅପରାଧ ଖବର ଉପରେ ନଜର ରଖିଥାଏ । ଜାଣିଥିଲି ଶୀଘ୍ର ହେଉ ବା ବିଳମ୍ବରେ ହେଉ, ନିଶ୍ଚୟ ଲୋକଟାକୁ ଧରିବି । ତାପରେ ଏଇ ରୋନାଲଡ୍ ଆଡ୍ରେୟାର୍‌ଙ୍କ ମୃତ୍ୟୁ ଘଟିଲା । ଶେଷରେ ମୋର ସୁଯୋଗ ଆସିଗଲା । ଯେଉଁ ସବୁ ତଥ୍ୟ ମିଳିଲା ସେଥିରୁ କର୍ଣ୍ଣେଲ୍ ମୋରାନ୍ ଏ ହତ୍ୟା କରିଥିବା ନିଶ୍ଚିତ ନୁହେଁ କି ? ସେ ତରୁଣ ଆଡ୍ରେୟାରଙ୍କ ସାଥିରେ ତାସ ଖେଳଥିଲେ । ତାପରେ କ୍ଲବ୍‌ରୁ ତାଙ୍କ ଘର ଯାଏଁ ତାଙ୍କ ପଛେ ପଛେ ଗଲେ । ଖୋଲା ଝରକାବାଟେ ତାଙ୍କୁ ଗୁଳି ମାରିଲେ । ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । ଲୋକଟାକୁ ଫାଶୀରେ ଝୁଲାଇବା ପାଇଁ ଏଇ ବୁଲେଟ୍‌ହିଁ ଯଥେଷ୍ଟ । ମୁଁ ଲଣ୍ଡନ ଫେରିବାମାତ୍ରେ ମୋ ଘର ପାଖରେ ଥିବା ଜଗୁଆଳି ମୋତେ ଦେଖିଲା । ମୁଁ ଜାଣିଥିଲି ମୋ ଆସିବା କଥା ସେ କର୍ଣ୍ଣେଲଙ୍କୁ ଜଣାଇବ । ତାର ଅପରାଧ ଆଉ ମୋର ହଠାତ୍ ଫେରିବା ଭିତରେ କିଛି ସମ୍ପର୍କ ଅଛି ବୋଲି ସେ ନିଶ୍ଚୟ ଜାଣିପାରିଥିବ ଆଉ ଭୀଷଣ ଭାବରେ ବିଚଳିତ ହୋଇପଡ଼ିଥିବ । ମୋତେ ତା ବାଟରୁ ହଟେଇଦେବା ପାଇଁ ସେ ନିଶ୍ଚୟ ଚେଷ୍ଟାକରିବ ଆଉ ସେଥିପାଇଁ ଏଇ

Digitized by srujanika@gmail.com

ଭୟଙ୍କର ମାରାତ୍ମକ ଅସ୍ତ୍ର ବ୍ୟବହାର କରିବ ବୋଲି ମୁଁ ଜାଣିଥିଲି । ତାର ଶିକାର ପାଇଁ ମୁଁ ଏକ ଚମତ୍କାର ବ୍ୟବସ୍ଥା କରିଦେଲି ଆଉ ପୋଲିସ୍‌କୁ ଜଣାଇଦେଲି, ତାଙ୍କର ଆବଶ୍ୟକତା ପଡ଼ିପାରେ । ତୁମେ ସେଇ ଦରଜା ପାଖରେ ଯେଉଁ ଦୁଇଜଣଙ୍କୁ ଦେଖିଥିଲ ସେ ହେଲେ ଏଇ ପୋଲିସ । ତାପରେ ସବୁ ଲକ୍ଷ୍ୟ କରିବାପାଇଁ ମୁଁ ଏଇ ସୁବିଧା ସ୍ଥାନ ବାଛିନେଲି । କିନ୍ତୁ ସେ ତା କାମ ପାଇଁ ଏଇ ଜାଗାକୁ ବାଛିନେବ ବୋଲି ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲି । ଏଥର ବୁଝିବାକୁ ଆଉ କିଛି ବାକି ରହିଲା ?’

‘ହଁ, ଆଉ ଗୋଟେ କଥା । ମାନ୍ୟବର ରୋନାଲ୍ଡ଼୍ ଆଡେୟାର୍‌ଙ୍କୁ ହତ୍ୟା କରିବାରେ କର୍ଣ୍ଣେଲ୍ ମୋରାନ୍‌ଙ୍କର ଉଦ୍ଦେଶ୍ୟ କଣ କହିଲ ନାହିଁତ ?’

‘ସେ ବିଷୟରେ ଅତି ବିଚକ୍ଷଣ ଲୋକର ମଧ୍ୟ ଭୁଲ୍ ହୋଇପାରେ ୱାଟ୍‌ସନ୍ । ବର୍ତ୍ତମାନ ସୁଦ୍ଧା ମିଳିଥିବା ପ୍ରମାଣରୁ ପ୍ରତ୍ୟେକେ ନିଜ ନିଜର ମତ ଠିକ୍ କରିପାରନ୍ତି । ମୋ ମତ ପରି ତୁମ ମତ ମଧ୍ୟ ଠିକ୍ ହୋଇପାରେ ।’

‘ତୁମେ ତେବେ କିଛି ଗୋଟେ ମତ ସ୍ଥିର କରିଛ ?’

‘ମୁଁ ଭାବୁଛି ଘଟଣାଟା ବୁଝାଇବା କଠିନ ହେବନାହିଁ । ଅନୁସନ୍ଧାନରୁ ଜଣାଯାଇଛି ଯେ କର୍ଣ୍ଣେଲ୍ ମୋରାନ୍ ଆଉ ତରୁଣ ଆଡେୟାର୍ ତାସ ଖେଳ ସାଥି । ସେମାନେ ଖେଳରେ ପ୍ରଚୁର ପରିମାଣର ପଇସା ଜିଣିଥିଲେ । ମୁଁ ବହୁତ ଆଗରୁ ଜାଣିପାରିଥିଲି ଯେ ମୋରାନ୍ ଏଇ ଖେଳରେ ଅସତ୍ ଉପାୟ ପ୍ରୟୋଗ କରୁଥିଲେ । ମୋର ବିଶ୍ୱାସ ହତ୍ୟାକାଣ୍ଡ ଦିନ ମୋରାନ୍ ଏମିତି ଠକୁଥିବା କଥା ଆଡେୟାର୍ ଜାଣିପାରିଥିଲେ । ଏ କଥା ସେ ତାଙ୍କୁ ଏକାନ୍ତରେ କହିଥିବା ଖୁବ୍ ସମ୍ଭବ । ତା ଛଡ଼ା ମୋରାନ୍ ସ୍ୱେଚ୍ଛାରେ କ୍ଲବ୍ ମେମ୍ବର ପଦରୁ ଇସ୍ତଫା ନ ଦେଲେ ଏବଂ ତାସଖେଳରେ ଆଉ ଅସତ୍ ଉପାୟ ଅବଲମ୍ବନ ନ କରିବାକୁ ପଣ ନକଲେ ତାଙ୍କୁ ପଦାରେ ପକାଇଦେବାକୁ ଧମକ ଦେଇଥିବେ । ମୋରାନ୍ ଜଣେ ଜଣାଶୁଣା ଲୋକ ଆଉ ଆଡେୟାର୍‌ଙ୍କଠାରୁ ବୟସରେ ଯଥେଷ୍ଟ ବଡ଼ । ଜଣେ ସାମାନ୍ୟ ତରୁଣ ତାଙ୍କୁ ପଦାରେ ପକାଇ ତାଙ୍କର ବଦ୍‌ନାମ କରିଦେବା ଚଳିବ ନାହିଁ । ତେଣୁ ସମ୍ଭବତଃ ମୁଁ ଯାହା ଭାବୁଛି ସେ ସେଇପରି କାମ କରିଥିବେ । କ୍ଲବ୍‌ରୁ ବାହାରିଗଲେ ସେ ସବଂସ୍ୱାନ୍ତ

Digitized by srujanika@gmail.com

ହୋଇଯିବେ । କାରଣ ଏଇ ଅସନ୍ତ ଉପାୟରେ ତାସ ଖେଳ ସେ ଯାହା ରୋଜଗାର କରୁଥିଲେ ସେଇଥିରେ ହିଁ ଚଳୁଥିଲେ । ତେଣୁ ସେ ଆଡ୍ରେୟାର୍‌ଙ୍କୁ ହତ୍ୟା କରିଥିଲେ । ସେତେବେଳେ ଏଇ ପାପଧନରୁ ତାଙ୍କୁ କେତେ ଫେରାଇବାକୁ ହେବ ଆଡ୍ରେୟାର୍ ବସି ହିସାବ କରୁଥିଲେ । ଦରଜା ବନ୍ଦ କରିବାର କାରଣ ହେଲା, କାଳେ ଘରର ସ୍ତ୍ରୀ ଲୋକମାନେ ସେ ରୁମ୍‌କୁ ପଶି ଆସିବେ ଆଉ କାଗଜରେ ଲେଖା ନାଁ ଗୁଡ଼ା ଆଉ ପଇସା ଦେଖି ଘଟଣାଟା କ'ଣ ଜାଣିବାକୁ ଜିଦ୍ କରିବେ । ଏ ମତଟା କେମିତି ଖାପ ଖାଉଛି ?'

'ତୁମର ଏ ମତ ବିଲ୍‌କୁଲ୍ ଠିକ୍ ବୋଲି ମୋର ମୋଟେ ସନ୍ଦେହ ନାହିଁ ।'

'ବିଚାରାଳୟରେ ଏ ମତ ପ୍ରମାଣିତ ହୋଇପାରେ ବା ନପାରେ । ତେବେ ଯାହାହେଉ କର୍ଣ୍ଣେଲ୍ ମୋରାନ୍ ଆଉ ଆମକୁ ହଇରାଣ କରିବେ ନାହିଁ । ଭନ୍ ହର୍ଡ଼ର୍‌ଙ୍କ ତିଆରି ସେଇ ଏୟାର୍‌ଗନ୍ ସ୍କଟ୍‌ଲଣ୍ଡ୍ ଇଆର୍ଡ୍‌ର ଯାଦୁଘରେ ସ୍ଥାନ ପାଇବ । ଲଣ୍ଡନ ସହରର ଜଟିଳ ଜୀବନରେ ଯେଉଁସବୁ ସମସ୍ୟା ଦେଖାଯିବ ତାକୁ ପରୀକ୍ଷା କରି ଦେଖିବାପାଇଁ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ପୁଣି ସ୍ୱାଧୀନ ଏବଂ ନିଶ୍ଚିନ୍ତରେ କାମ କରିପାରିବେ ।

***

Digitized by srujanika@gmail.com

ଏକାକୀ ସାଇକ୍ଲିଷ୍ଟ

ଅଠରଶହ ଚଉରାନବେ ମସିହାରୁ ଆରମ୍ଭ କରି ଊନ୍‌ଇଶ ଶହ ଏକ ମସିହା ଶେଷ ପର୍ଯ୍ୟନ୍ତ ମିଷ୍ଟର୍ ସେର୍‌ଲକ ହୋମ୍‌ସ ଖୁବ୍ କାର୍ଯ୍ୟ ବ୍ୟସ୍ତ ଥିଲେ । ଏଇ ଆଠ ବର୍ଷ ଭିତରେ ଏପରି କୌଣସି କଠିନ ସରକାରୀ କେସ୍ ନଥିଲା ଯେଉଁଥିରେ ହୋମ୍‌ସଙ୍କ ପରାମର୍ଶ ନିଆ ଯାଇନଥିଲା । ତା ଛଡ଼ା ଶହ ଶହ ଘରୋଇ କେସ୍ ଥିଲା । ସେଥିରୁ କେତେକ ଅତି ଅସାଧାରଣ ଆଉ ଜଟିଳ । ଏସବୁ କେସ୍‌ରେ ହୋମସ୍‌ଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଏଇ ଦୀର୍ଘ ଦିନର କାମରେ ସେ ଅନେକ ଚମକପ୍ରଦ ସଫଳତା ହାସଲ କରିଥିଲେ । ଆଉ ଅଳ୍ପ କେତେଟାରେ ଅକୃତ କାର୍ଯ୍ୟ ମଧ୍ୟ ହୋଇଥିଲେ । ମୁଁ ଏଇ ସବୁ କେସ୍‌ର ବିବରଣୀ ଅତି ଯତ୍ନରେ ସାଇତି ରଖିଛି । ତା'ଛଡ଼ା ଏଥିରୁ କେତେଟାରେ ମୁଁ ନିଜେ ବି ଅଂଶ ଗ୍ରହଣ କରିଛି । ତେଣୁ ସେଥିରୁ କେଉଁଟା ଲୋକଙ୍କ ଆଗରେ ପ୍ରକାଶ କରିବି ଠିକ କରିବାଟା ସେତେ ସହଜ ନୁହେଁ ବୋଲି ଆପଣମାନେ ନିଶ୍ଚୟ ଭାବିପାରୁଥିବେ । ଯାହାହେଉ, ଯେଉଁ କେସ୍ କେବଳ ଜଘନ୍ୟ ଅପରାଧ ମୂଳକ ତା ପ୍ରକାଶ ନକରି ଯେଉଁ କେଶରେ ତୀକ୍ଷ୍ଣ ବୁଦ୍ଧି ପ୍ରୟୋଗ କରାଯାଇଛି ଏବଂ ନାଟକୀୟ ଭଙ୍ଗୀରେ ଯାହାର ସମାଧାନ ହୋଇଛି ପ୍ରଥମେ ସେ ସବୁ କେଶ ବିଷୟ ପ୍ରକାଶ କରିବି । ତେଣୁ ମୁଁ ଏବେ ଚାର୍ଲିଙ୍ଗ୍‌ଟନ୍‌ର ସାଥିହୀନ ସାଇକେଲ୍ ଚଢ଼ାଳି କୁମାରୀ ଭାଓ-ଲେଟ୍ ସ୍ମିଥଙ୍କ ସହ ସଂପୃକ୍ତ କେସ୍ ବିଷୟ କହିବି । ଏ କେସ୍‌ରେ ଆମର ଅନୁସନ୍ଧାନର ଶେଷ ଭାଗ ବଡ଼ ଉଦ୍‌ବେଗଜନକ ଏବଂ କେସ୍‌ର ପରିଣତି ଅପ୍ରତ୍ୟାଶିତ ଭାବେ ଦୁଃଖଦାୟକ ହୋଇଥିଲା । ମୋ ବନ୍ଧୁ ଯେଉଁ ଅସାଧାରଣ ଶକ୍ତି ପାଇଁ ବିଖ୍ୟାତ ସେ ଶକ୍ତି ପ୍ରୟୋଗ କରିଭଳି କିଛି ପରିସ୍ଥିତି ଏ କେଶରେ ନଥିଲା ସତ; କିନ୍ତୁ କେତେଗୁଡ଼ାଏ ବିଷୟ ଥିଲା, ଯାହାପାଇଁ ମୁଁ କେସ୍‌ଟାର ବିବରଣୀ ସାଇତି ରଖିଛି ।

Digitized by srujanika@gmail.com

ମୋ ନୋଟ୍ ବହିରୁ ୧୮୯୫ ମସିହାର ଘଟଣାବଳୀ ଉପରେ ଆଖି ପକାଇ ମୁଁ ଦେଖୁଛି, ଏପ୍ରିଲ ୨୩ ତାରିଖ ଶନିବାର ଦିନ ଆମେ ପ୍ରଥମେ କୁମାରୀ ଭାଓଲେଟ୍ ସ୍ମିଥ୍‌ଙ୍କ କଥା ଜାଣିଲୁ । ମୋର ମନେଅଛି ଯେ ସେତେବେଳେ ଆମ ପାଖକୁ ଆସିଲେ ହୋମ୍‌ସ ମୋଟେ ସନ୍ତୁଷ୍ଟ ନଥିଲେ । କାରଣ ସେତେ-ବେଳକୁ ସେ ଗୋଟେ ଖୁବ୍ ଜଟିଳ ଦୁର୍ବୋଧ କେଶ୍‌ରେ ବ୍ୟସ୍ତଥା'ନ୍ତି । ଯେ କେଶ୍‌ଟାରେ ଖ୍ୟାତନାମା ତମାଖୁ ବ୍ୟବସାୟୀ ଜନ୍ ଭିନ୍‌ସେଣ୍ଟ ହାର୍‌ଡେନ୍ ସମ୍ପୃକ୍ତ ଥିଲେ । ମୋ ବନ୍ଧୁ ସଂକ୍ଷିପ୍ତସାର ଏବଂ ଏକାଗ୍ର ଚିନ୍ତାଧାରାକୁ ସବୁଠୁଁ ବେଶୀ ଭଲପାଆନ୍ତି । ତେଣୁ ତାଙ୍କ କାମରେ କିଛି ବାଧା ଘଟିଲେ ସେ ବିରକ୍ତ ହେଉଥିଲେ । କିନ୍ତୁ କାହା ପ୍ରତି ରୁକ୍ଷ ବ୍ୟବହାର କରିବା ତାଙ୍କ ଚରିତ୍ରରେ ନଥିଲା । ତେଣୁ ସେଦିନ ସନ୍ଧ୍ୟାରେ ଯେଉଁ ସୁନ୍ଦରୀ ତରୁଣୀ ବେକର୍ ଷ୍ଟ୍ରୀଟ୍‌ରେ ପହଞ୍ଚି ହୋମ୍‌ସଙ୍କର ଉପଦେଶ ଆଉ ସାହାଯ୍ୟ ଲୋଡ଼ିଲେ ତାଙ୍କ କଥା ଶୁଣିବାକୁ ମନା କରିଦେବା ତାଙ୍କ ପକ୍ଷରେ ସମ୍ଭବହେଲାନାହିଁ । ସେ କାର୍ଯ୍ୟବ୍ୟସ୍ତ ଆଉ ତାଙ୍କ ହାତରେ ସମୟ ନାହିଁ ବୋଲି ତରୁଣୀଙ୍କୁ ବୁଝାଇବା ମଧ୍ୟ ବ୍ୟର୍ଥ ହେଲା । କାରଣ ସେ ତାଙ୍କ କଥା କହିବାପାଇଁ ଦୃଢ଼ସଙ୍କଳ୍ପ ହୋଇ ଆସିଥିଲେ । ଦେଖାଗଲା ବଳ ପ୍ରୟୋଗ ବିନା ତାଙ୍କୁ ସେଠୁଁ ବିଦା କରିବା ଅସମ୍ଭବ । ତେଣୁ ସାମାନ୍ୟ ହସିଦେଇ ହୋମ୍‌ସ ତରୁଣୀଙ୍କୁ ବସିବାକୁ ଇଙ୍ଗିତ ଦେଲେ ଆଉ ସେ କାହିଁକି ବିବ୍ରତ ଜଣାଇବାକୁ କହିଲେ । ତାକ୍ଷଣ ଆଖି ଦି'ଟା ତରୁଣୀ ଉପରେ ବୁଲାଇ ଆଣି ସେ କହିଲେ, 'ତୁମର ସ୍ୱାସ୍ଥ୍ୟ ନେଇ ତୁମେ ନିଶ୍ଚୟ ବିବ୍ରତ ନୁହଁ ? ତୁମପରି ଜଣେ ଉତ୍ସାହୀ ସାଇକେଲ ଚଢ଼ାଳୀଙ୍କର ନିଶ୍ଚୟ ଯଥେଷ୍ଟ ଶକ୍ତି ଅଛି ।'

ବିସ୍ମିତ ହୋଇ ସେ ନିଜ ପାଦଆଡ଼େ ଚାହିଁଲେ । ସାଇକେଲ ପ୍ୟାଡ଼ଲ ଦେହରେ ଘସିହୋଇ ତାଙ୍କ ଜୋତାର ପଂଖା ଘଷରା ହୋଇଥିବାର ମୁଁ ଲକ୍ଷ୍ୟ କଲି । ସେ ଉତ୍ତର କଲେ, 'ହଁ ମିଷ୍ଟର୍ ହୋମ୍‌ସ, ମୋତେ ବେଶ୍ କିଛିଟା ସାଇକଲ ଚଢ଼ିବାକୁ ପଡ଼େ । ସେଇ ସମ୍ପର୍କରେ ମୁଁ ଆଜି ଆପଣଙ୍କ ସଙ୍ଗେ ଦେଖା କରିବାକୁ ଆସିଛି ।'

Digitized by srujanika@gmail.com

ମୋ ବନ୍ଧୁ ଭଦ୍ରମହିଳାଙ୍କ ହାତଟା ଧରିପକାଇ 'ଖୁବ୍ ମନଦେଇ ପରୀକ୍ଷା କରି କହିଲେ, 'କିଛି ମନେ କରିବେ ନାହିଁ । ଏଟା ମୋର ବ୍ୟବସାୟ ।' ତା'ପରେ ହାତଟା ଛାଡ଼ିଦେଇ କହିଲେ, 'ତୁମେ ଟାଇପ କର ବୋଲି ମୋର ପ୍ରାୟ ଗୋଟେ ଭୁଲ ଧାରଣା ହୋଇଯାଇଥିଲା । କିନ୍ତୁ ଏବେ ଦେଖୁଛି ତୁମେ ବାଦ୍ୟଯନ୍ତ୍ର ବଜାଅ । ତୁମେ ଏଇ ଆଙ୍ଗୁଠିରେ ଟାଉଁସିଆ ଅଗ ଲକ୍ଷ୍ୟ କରିପାରୁଛ ଓ୍ୱାଟ୍‌ସନ୍ ? ଟାଇପ୍ କରିବା ଆଉ ବାଦ୍ୟଯନ୍ତ୍ର ବଜାଇବା. ଉଭୟରେ ଏପରି ହୋଇଥାଏ । କିନ୍ତୁ ମୁହଁର ଭାବରୁ ଜଣାଯାଏ ଏ ଭଦ୍ରମହିଳା ଜଣେ ସଙ୍ଗୀତଜ୍ଞ ।'

"ହଁ ମିଷ୍ଟର୍ ହୋମ୍‌ସ, ମୁଁ ସଙ୍ଗୀତ ଶିକ୍ଷା ଦିଏ ।"

"ଆପଣଙ୍କ ଦେହର ରଙ୍ଗରୁ ଜଣାଯାଏ ଆପଣ ମଫସଲରେ ସଙ୍ଗୀତ ଶିକ୍ଷା ଦିଅନ୍ତି ।"

"ହଁ, ସରେର ଶେଷମୁଣ୍ଡ ଫାରନ୍‌ହାମ୍‌ରେ ।"

"ବେଶ୍ ସୁନ୍ଦର ଜାଗା । ତୁମର ମନେଥିବ ଓ୍ୱାଟ୍‌ସନ୍ ସେଇ ପାଖରେ ଆମେ କୁଖ୍ୟାତ ଜାଲିଆ ଆର୍ଚ୍ଚି ଷ୍ଟାମ୍‌ଫୋର୍ଡ଼କୁ ଧରିଥିଲେ । ହଁ, କୁମାରୀ ଭାଓ୍ୱଲେଟ୍, ଏଇ ଫାର୍‌ନ୍‌ହାମ୍‌ରେ ଆପଣଙ୍କର କ'ଣ ହୋଇଛି ?"

ତରୁଣୀ ଜଣକ ବେଶ ପରିଷ୍କାର ଆଉ ଧୀରସ୍ଥିର ଭାବରେ ଆରମ୍ଭ କଲେ : "ମୋ ବାପା ମରିଯାଇଛନ୍ତି ମିଷ୍ଟର୍ ହୋମ୍‌ସ । ତାଙ୍କ ନାଁ ଜେମସ୍ ସ୍ମିଥ୍ । ସେ ଇମ୍ପେରିଆଲ୍ ଥିଏଟର୍‌ରେ ଅର୍କେଷ୍ଟ୍ରା ମାଷ୍ଟ୍ର ଥିଲେ । ତାଙ୍କ ପରେ ମାଆ ଆଉ ମୁଁ ଏକୁଟିଆ ହୋଇଗଲୁ । ଏ ଦୁନିଆରେ ଜଣେ କକେଇଙ୍କ ବ୍ୟତୀତ ଆମର ଆଉ କେହି ବନ୍ଧୁବାନ୍ଧବ ନଥିଲେ । କକେଇଙ୍କ ନାଁ ରାଲ୍‌ଫ ସ୍ମିଥ୍ । ସେ ପଚିଶ ବର୍ଷ ଆଗରୁ ଆଫ୍ରିକାକୁ ଚାଲି ଯାଇଥିଲେ । ସେଇଦିନୁ ତାଙ୍କ ବିଷୟରେ ଆମେ ପଦେହେଲେ ଶୁଣିନୁ । ବାପା ମରିଯିବା ପରେ ଆମେ ନିହାତି ଗରିବ ଅବସ୍ଥାରେ ରହିଲୁ । କିନ୍ତୁ ଦିନେ ଶୁଣିଲୁ ଯେ ଆମର ଖୋଜ ଖବର ନେବା ପାଇଁ ଟାଇମ୍‌ସ୍ ଖବର କାଗଜରେ ଗୋଟେ ବିଜ୍ଞାପନ ବାହାରିଛି । ଆମେ କେମିତି ଉତ୍ତେଜିତ ହୋଇଉଠିଲୁ ଆପଣ ଅନୁମାନ କରି ପାରୁଥିବେ । ଭାବିଲୁ କେହି ବୋଧହୁଏ ଆମ ପାଇଁ କିଛି

Digitized by srujanika@gmail.com

ସପତ୍ତି ଗ୍ରହଣ କରିଛନ୍ତି । ଖବର କାଗଜରେ ଯେଉଁ ଓକିଲଙ୍କ ନାଁ ଦିଆଯାଇ ଥିଲା ତାଙ୍କ ପାଖକୁ ଗଲି । ସେଠି ଦୁ'ଜଣ ଭଦ୍ରଲୋକଙ୍କ ସାଥିରେ ଦେଖା ହେଲା । ଜଣେ ହେଲେ ମିଷ୍ଟର୍ କାର୍‌ଥରମ୍ ଆଉ ଅନ୍ୟ ଜଣକ ମିଷ୍ଟର୍ ଉଡ୍‌ଲି । ସେମାନେ ନିକଟରେ ଦକ୍ଷିଣ ଆଫ୍ରିକାରୁ ଫେରିଥାନ୍ତି । ସେମାନେ କହିଲେ ଯେ ମୋ କକେଇ ତାଙ୍କର ଜଣେ ବନ୍ଧୁ । ଅଳ୍ପଦିନ ତଳେ ସେ ଅତି ଦରିଦ୍ର ଅବସ୍ଥାରେ ଜୋହାନସବର୍ଗରେ ମରିଗଲେ । କକେଇ ମଲା ବେଳକୁ ସେମାନଙ୍କୁ କହିଥିଲେ, ତାଙ୍କର କେହି ଆତ୍ମୀୟ ଥିଲେ ଖୋଜି ବାହାର କରିବେ ଆଉ ସେମାନଙ୍କର ଯେମିତି କିଛି ଅଭାବ ଅସୁବିଧା ନ ହୁଏ ଦେଖିବେ । କଥାଟା ଆମକୁ କେମିତି ଆଶ୍ଚର୍ଯ୍ୟ ଲାଗିଲା । କକେଇ ବ୍ରାଲ୍ ବଞ୍ଚିଥିଲା ବେଳେ ତ ଆମ କଥା ଭୁଲିରେ ଚିନ୍ତା କରି ନାହାନ୍ତି । ଆଉ ମଲା ବେଳକୁ ଆମ ପାଇଁ ଏତେ ବ୍ୟସ୍ତ ହେବେ କାହିଁକି ? ମିଷ୍ଟର୍ କାର୍‌ଥରସ୍ କଥାଟା ବୁଝାଇଦେଲେ । କକେଇ ମୋ ବାପା ମରିଯିବା ଖବର ପାଇଥିଲେ ଏବଂ ଆମ ପ୍ରତି ତାଙ୍କର ଗୋଟେ ଦାୟିତ୍ୱ ଅଛି ବୋଲି ଭାବିଥିଲେ ।"

"କ୍ଷମା କରିବେ," ହୋମ୍ସ କହିଲେ, "ଏଇ ସାକ୍ଷାତଟା କେବେ ହୋଇଥିଲା ?"

"ଗଲା ଡିସେମ୍ବର ମାସରେ - ଚାରିମାସ ତଳେ ।"

"ଠିକ୍ ଅଛି, କହନ୍ତୁ ।"

"ମିଷ୍ଟର୍ ଉଡ୍‌ଲି ଅତି ମନ୍ଦ ଲୋକ ପରି ମୋର ମନେହେଲା । ସେ ବରାବର ମୋ ଆଡ଼କୁ କଣେଇ କଣେଇ ଚାହୁଁଥାନ୍ତି । ମୋର ଧାରଣା ହେଲା ଲୋକଟା ଅତି ଘୃଣ୍ୟ ଆଉ ତା ସାଥିରେ ଆମର ଦେଖାକରିବାଟାକୁ ସାଇରିଲ୍ ମୋଟେ ପସନ୍ଦ କରିବେ ନାହିଁ ।"

ଅଳ୍ପ ହସି ହୋମ୍ସ କହିଲେ, "ତାଙ୍କ ନାଁ ତା'ହେଲେ ସାଇରିଲ୍ ?"

ଲାଜରେ ତରୁଣୀଙ୍କ ମୁହଁ ରଙ୍ଗା ପଡ଼ିଗଲା । ହସି ଦେଇ ସେ କହିଲେ, ହଁ, ମିଷ୍ଟର୍ ହୋମ୍ସ; ତାଙ୍କ ନାଁ ସାଇରିଲ୍ ମୋର୍‌ଟନ୍ । ସେ ଜଣେ ଇଲେକ୍-ଟ୍ରିକାଲ୍ ଇଂଜିନିୟର୍ । ଏଇ ଖରାଦିନ ଶେଷଆଡ଼କୁ ଆମର ବିବାହ ହେବାର ଅଛି । ଆରେ, ମୁଁ କହୁ କହୁ ତାଙ୍କ କଥା କେମିତି କହି

Digitized by srujanika@gmail.com

ପକାଇଲି ? ମୁଁ କଣ କହୁଥିଲି କି ମିଷ୍ଟର୍ ହୋମ୍‌ସ, ମିଷ୍ଟର ଉଡ୍‌ଲି ନିଶ୍ଚିତ ଖବରରେ ଅତି ଘୃଣ୍ୟ । କିନ୍ତୁ ମିଷ୍ଟର କାର୍‌ଥର୍‌ସ ଅପେକ୍ଷାକୃତ ବୟସ୍କ ଲୋକ ଆଉ ଯଥେଷ୍ଟ ପରିମାର୍ଜିତ । ସେ ବେଶୀ କଥା କହନ୍ତି ନାହିଁ । ତାଙ୍କର ବ୍ୟବହାର ବେଶ୍ ଭଦ୍ର । ସେ ଆମ ଅବସ୍ଥା ବିଷୟରେ ପଚରାଉଚରା କଲେ । ଆମେ ଖୁବ୍ ଗରିବ ଅବସ୍ଥାରେ ଅଛୁ ବୋଲି ଜାଣିଲାରୁ ପ୍ରସ୍ତାବ ଦେଲେ ଯେ ମୁଁ ଯାଇ ତାଙ୍କର ଏକମାତ୍ର ଝିଅକୁ ସଙ୍ଗୀତ ଶିଖାଇବି । ପିଲାଟିର ବୟସ ଦଶବର୍ଷ । ମୁଁ ଉତ୍ତରଦେଲି ଯେ ମାଆଙ୍କୁ ଛାଡ଼ି କୁଆଡ଼େ ଯିବା ମୋର ଇଚ୍ଛା ନୁହେଁ । ଯା' ଶୁଣି ସେ ପ୍ରସ୍ତାବଦେଲେ, ମୁଁ ପ୍ରତି ସପ୍ତାହ ଶେଷରେ ଆସି ମାଆଙ୍କୁ ଦେଖିଯାଉଥିବି । ବର୍ଷକୁ ମୋତେ ଶହେପାଉଣ୍ଡକରି ଦରମା ଦେବାକୁ ମଧ୍ୟ ସେ କହିଲେ । ଦରମାଟା ନିଶ୍ଚୟ ଖୁବ୍ ଭଲ । ଶେଷରେ ମୁଁ ତାଙ୍କ ପ୍ରସ୍ତାବରେ ରାଜିହେଲି । ଆଉ ଚିଲ୍‌ଟର୍ନ ଗ୍ରେଂଜ୍‌କୁ ଗଲି । ଜାଗାଟା ଫାର୍ନ୍-ହାମ୍‌ରୁ ପ୍ରାୟ ଛଅ ମାଇଲ୍ ଦୂର । ମିଷ୍ଟର୍ କାର୍‌ଥର୍‌ସଙ୍କ ସ୍ତ୍ରୀ ମରିଯାଇଥିଲେ । ତେଣୁ ଘରଚଳାଇବା ପାଇଁ ସେ ଜଣେ ବୟସ୍କା ମହିଳାଙ୍କୁ ନିଯୁକ୍ତ କରିଥିଲେ । ସେ ହେଲେ ଶ୍ରୀମତୀ ଡିକ୍‌ସନ୍ । ସେ ବେଶ୍ ଭଦ୍ର ଆଉ ଧୀରସ୍ଥିର । ଝିଅଟି ମଧ୍ୟ ଖୁବ୍ ଭଲ୍‌ଗିଲା । ମୋଟା ମୋଟି ଘରର ସମସ୍ତେ ବେଶ୍ ଭଲ । ନିଜେ ମିଷ୍ଟର୍ କାର୍‌ଥର୍‌ସ୍ ବେଶ୍ ସ୍ନେହୀ ଆଉ ସଙ୍ଗୀତ ପ୍ରିୟ । ଦିନେ ଦିନେ ସନ୍ଧ୍ୟାରେ ଆମେ ବସି ଆମୋଦ କରୁ । ପ୍ରତି ସପ୍ତାହ ଶେଷରେ ମୁଁ ସହରକୁ ମାଆଙ୍କ ପାଖକୁ ଆସେ ।

"ମୋର ଆନନ୍ଦରେ ପ୍ରଥମ ବାଧା ପଡ଼ିଲା ଯେଉଁଦିନ ସେଇ ଲମ୍ବାଟାର ପରି ଦାଢ଼ି ରଖିଥିବା ମିଷ୍ଟର୍ ଉଡ୍‌ଲି ଆସି ପହଞ୍ଚିଲେ । ସେ ସପ୍ତାହକ ପାଇଁ ବୁଲିବାକୁ ଆସି ପହଞ୍ଚିଲେ । ସେତିକ ସମୟ ମୋତେ ତିନିମାସ ପରି ଲାଗିଲା । ସେ ବଡ଼ ଭୟଙ୍କର ଲୋକ । ସମସ୍ତଙ୍କ ପ୍ରତି ତାଙ୍କ ବ୍ୟବହାର ବଡ଼ ରୁକ୍ଷ । କିନ୍ତୁ ମୋ ପ୍ରତି ତାଠାରୁ ଆହୁରି କଦର୍ଯ୍ୟ । ସେ ମୋ ପ୍ରତି ତାଙ୍କର ମିଛ ପ୍ରେମଭାବ ଦେଖାଇଲେ । ତାଙ୍କ ଧନ ସମ୍ପତ୍ତିର ଖୁବ୍ ବଢ଼ାଇ କରି କହିଲେ ଯେ ମୁଁ ତାଙ୍କୁ ବିବାହ କଲେ ଲଣ୍ଡନର ସବୁଠୁଁ ଦାମିକା ଆଉ ସୁନ୍ଦର ହୀରା ପାଇପାରିବି । ଶେଷରେ ଯେତେବେଳେ ମୁଁ ତାଙ୍କ କଥାରେ କାନ ଦେଲି

Digitized by srujanika@gmail.com

ନାହିଁ, ଦିନେ ରାତି ଖାଇସାରିବା ପରେ ସେ ଜବରଦସ୍ତ ମୋତେ ଟାଣିନେଇ କହିଲେ ମୁଁ ତାଙ୍କୁ ଚୁମ୍ବନ ନଦେଲେ ସେ ମୋତେ ଛାଡ଼ିବେ ନାହିଁ । ମିଷ୍ଟର୍ କାର୍‌ଥର୍‌ସ ଆସି ପହଞ୍ଚିଗଲେ ଆଉ ତାଙ୍କୁ ଟାଣି ନେଇଗଲେ । ଫଳରେ ଉଡ୍‌ଲି ତାଙ୍କ ଉପରେ ରାଗିଯାଇ ତାଙ୍କୁ ମାରି ତଳେ ଗଡ଼ାଇ ଦେଲେ । ତାଙ୍କ ମୁହଁ ଖଣ୍ଡିଆ ଖାବରା ହୋଇଗଲା । ଉଡ୍‌ଲିଙ୍କର ସେଠିକି ଆସିବା ସେଇଠିକରେ ଶେଷ ହେଲା । ତା ପରଦିନ ମିଷ୍ଟର କାର୍‌ଥର୍‌ସ୍‌ ମୋ ପାଖରେ କ୍ଷମାମାଗିଲେ ଆଉ ପ୍ରତିଶ୍ରୁତି ଦେଲେ ଯେ ଭବିଷ୍ୟତରେ ଆଉ କେବେ ଏପରି ଘଟିବ ନାହିଁ । ତା ପରଠାରୁ ମୁଁ ଆଉ ମିଷ୍ଟର ଉଡ୍‌ଲିଙ୍କୁ ଦେଖିନାହିଁ ।

"ଏଥର ମିଷ୍ଟର ହୋମ୍‌ସ, ଯେଉଁ କାରଣରୁ ମୁଁ ଆଜି ଆପଣଙ୍କ ପାଖକୁ ଉପଦେଶ ପାଇଁ ଆସିଛି ସେ କଥା କହେ । ପ୍ରତି ଶନିବାର ସକାଳବେଳା ମୁଁ ସାଇକେଲରେ ଫାରନ୍‌ହାମ୍‌ ଷ୍ଟେସନ୍‌କୁ ଆସେ । ସେଠୁ ବାରଘଣ୍ଟା ବାଇଶି ମିନିଟ୍‌ରେ ଟାଉନକୁ ଟ୍ରେନ । ଚିଲ୍‌ଟରନ୍‌ ଗ୍ରେଂଜ୍‌ରୁ ଷ୍ଟେସନକୁ ଆସିବା ରାସ୍ତା ଖୁବ୍‌ ନିର୍ଜନ ଆଉ ନିଘୁଞ୍ଚିଆ । ମଝିରେ ଖଣ୍ଡେ ବାଟ ପୁରାପୁରି ନିଘୁଞ୍ଚିଆ । କାରଣ ପ୍ରାୟ ମାଇଲ୍‌ଏ ଯାଏଁ ରାସ୍ତାର ଗୋଟେ ପାଖେ ଗ୍ରେଟ ଗ୍ରେଟ ବୁଦା ପୂର୍ଣ୍ଣ ପଡ଼ିଆ ଆଉ ଅନ୍ୟ ପାଖରେ ଚାରଲିଙ୍ଗ୍‌ଟନ୍‌ ହଲ୍‌କୁ ଘେରି ରହିଥିବା ଜଙ୍ଗଲ । ଏପରି ନିଘୁଞ୍ଚିଆ ରାସ୍ତା ଆପଣ ଆଉ କେଉଁଠି ଦେଖିନଥିବେ । କ୍ରୁକ୍‌ସବେରି ପାହାଡ଼ ପାଖରେ ପହଞ୍ଚିବାଯାଏ ବାଟରେ ଖଣ୍ଡେ ଗାଡ଼ି ବା ଜଣେ ଚାଷୀକୁ ମଧ୍ୟ ଦେଖିବାକୁ ମିଳେ ନାହିଁ । ଦୁ'ସପ୍ତାହ ତଳେ ମୁଁ ଏଇ ରାସ୍ତାରେ ଆସୁଥିଲି । ହଠାତ୍‌ ମୁହଁ ବୁଲାଇ ପଛକୁ ଚାହିଁଦେଲି । ମୋଠୁଁ ପ୍ରାୟ ଦୁଇଶହ ଗଜ ପଛରେ ଜଣେ ଲୋକ ସାଇକେଲରେ ଆସୁଥିବାର ଦେଖିଲି । ସେ ଜଣେ ମଧ୍ୟବୟସ୍କ ଲୋକପରି ଜଣାଗଲା । ମୁହଁରେ ଗ୍ରେଟଗ୍ରେଟ କଳା ଦାଢ଼ି । ମୁଁ ଫାରନ୍‌ହାମ୍‌ରେ ପହଞ୍ଚିବା ଆଗରୁ ଆଉ ଥରେ ପଛକୁ ଚାହିଁଲି । କିନ୍ତୁ ସେ ଲୋକର ପତ୍ତା ନଥିଲା । ତେଣୁ ମୁଁ ସେ ବିଷୟରେ ଆଉ କିଛି ଭାବିଲି ନାହିଁ । କିନ୍ତୁ ସୋମବାର ଦିନ ମୁଁ ଯେତେବେଳେ ଫେରେ ସେଇ ଲୋକକୁ ସେଇ ରାସ୍ତାରେ ଦେଖିଲି । ମୁଁ କେତେଦୂର ଆଶ୍ଚର୍ଯ୍ୟ ହୋଇଗଲି ଆପଣ ଅନୁମାନ କରିପାରୁଥିବେ । ତା ପରେ ଶନିବାର ଏବଂ ସୋମବାର

Digitized by srujanika@gmail.com

ଠିକ୍ ସେଇଆ । ଏଥିରେ ମୋ ବିସ୍ମୟ ଆହୁରି ବଢ଼ିଗଲା । ସେ ବରାବର ମୋଠୁଁ ଦୂରରେ ରହୁଥାଏ । ମୋତେ କେବେ ଆକ୍ରମଣ କରୁନାହିଁ । ତଥାପି ଘଟଣାଟା ମୋତେ କେମିତି ଅଡୁଆ ଅଡୁଆ ଲାଗିଲା । ମୁଁ ମିଷ୍ଟର କାର୍ଥର୍ସ୍ଙ୍କୁ ଏକଥା କହିଲି । ମୋ କଥାରେ ଆଗ୍ରହ ଦେଖାଇ ସେ କହିଲେ, ସେ ଗୋଟେ ଗାଡ଼ି ଏବଂ ଘୋଡ଼ା ବରାଦ କରିଛନ୍ତି । ତେଣୁ ଭବିଷ୍ୟତରେ ସେଇ ନିଛାଟିଆ ବାଟରେ ମୋତେ ଆଉ ଏକୁଟିଆ ଯିବାକୁ ପଡ଼ିବ ନାହିଁ ।

"ଗାଡ଼ି ଆଉ ଘୋଡ଼ା ଏଇ ସପ୍ତାହରେ ଆସିବାର ଥିଲା; କିନ୍ତୁ କୌଣସି କାରଣରୁ ଆସିପାରିଲାନାହିଁ । ମୋତେ ପୁଣି ସାଇକଲରେ ଷ୍ଟେସନ ଆସିବାକୁ ପଡ଼ିଲା । ଏଟା ହେଉଛି ଆଜି ସକାଳର ଘଟଣା । ଚାର୍ଲିଙ୍ଗ୍ଟନ୍ ପଡ଼ିଆ ପାଖରେ ପହଞ୍ଚିବା ମାତ୍ରେ ମୁଁ ପଛକୁ ଚାହିଁଲି । ଦେଖିଲି ସେଇ ଲୋକ । ଦୁ'ସପ୍ତାହ ଆଗରୁ ଯେମିତି ଦେଖିଥିଲି ଠିକ୍ ସେମିତି । ସେ ମୋ ପାଖରୁ ସବୁବେଳେ ଦୂରରେ ରହୁଥାଏ । ତେଣୁ ମୁଁ ତା ମୁହଁଟା ଭଲଭାବେ ଦେଖି ପାରୁନଥାଏ । କିନ୍ତୁ ସେ ଲୋକ ନିଶ୍ଚୟ ମୋର ଅଚିହ୍ନା । ସେ ଗୋଟେ କଳା ରଙ୍ଗର ସୁଟ୍ ପିନ୍ଧିଥାଏ ଆଉ ମୁଣ୍ଡରେ କନାର ଟୋପି । ତା ମୁହଁର କଳା କଳା ଦାଢ଼ି ମୁଁ କେବଳ ଭଲଭାବେ ଦେଖିଛି । ତାକୁ ଦେଖି ଆଜି କିନ୍ତୁ ମୋ ମନରେ ଭୟ ଆସିଲା ନାହିଁ, କେବଳ ଗୋଟେ କୌତୂହଳ ଜାତ ହେଲା । ଲୋକଟାର ଉଦ୍ଦେଶ୍ୟ କ'ଣ ଜାଣିବା ପାଇଁ ମୁଁ ସ୍ଥିର କଲି । ସାଇକଲର ଗତି କମାଇଦେଲି । ସେ ମଧ୍ୟ ଠିକ୍ ସେମିତି ଗତି କମାଇ ଦେଲା । ତାପରେ ମୁଁ ସାଇକଲ ପୂରା ବନ୍ଦକରିଦେଲି । ସେ ମଧ୍ୟ ସେଇଆ କଲା । ମୁଁ ଗୋଟେ ଫନ୍ଦି କଲି । ରାସ୍ତାରେ ଗୋଟେ ବଡ଼ ବାଙ୍କ ଥାଏ । ମୁଁ ସେଇ ବାଙ୍କପାଖକୁ ଖୁବ୍ ଜୋରରେ ସାଇକଲ ଛୁଟାଇଦେଇ ମୋଡ଼ ଆରପାଖେ ଓହ୍ଲାଇ ଅପେକ୍ଷା କଲି । ଭାବିଲି ସେ ମଧ୍ୟ ସେଇବାଟେ ଆସିବ ଆଉ ମୋ ଆଗକୁ ଚାଲିଯିବ । କିନ୍ତୁ ସେ ମୋଟେ ଆସିଲା ନାହିଁ । ମୁଁ ମୋଡ଼ ଉପରକୁ ଫେରିଯାଇ ପଛଆଡ଼େ ଚାହିଁଲି । ପ୍ରାୟ ମାଇଲେ ବାଟ ଯାଏଁ ସଫାସଲଖ ରାସ୍ତାଟା ଦିଶୁଛି । କିନ୍ତୁ ସେ ଲୋକ ରାସ୍ତାଉପରେ ନାହିଁ । ସେଠି ରାସ୍ତାର

Digitized by srujanika@gmail.com

କୌଣସି କଡ଼କୁ ଯିବାପାଇଁ ବାଟନାହିଁ । ତେଣୁ ସେ ଲୋକ କୌଣସି କଡ଼କୁ ଚାଲିଯିବାର ସମ୍ଭାବନା ନାହିଁ ।"

ସାମାନ୍ୟ ହସି ହାତଦୁଇଟା ମଳିମଳି ହୋମ୍‌ସ କହିଲେ, "ଘଟଣାଟା ନିଶ୍ଚୟ କୌତୂହଳପ୍ରଦ । ଆଚ୍ଛା, ଆପଣ ରାସ୍ତାର ସେ ମୋଡ଼ଟା ବୁଲିବା ଆଉ ସେ ଲୋକ ରାସ୍ତାରୁ ଚାଲିଯିବାଭିତରେ କେତେ ସମୟ ଲାଗିଥିବ ?"

"ଦୁଇ ବା ତିନିମିନିଟ୍ ।"

"ତାହେଲେ ସେ ରାସ୍ତାଉପରେ ଫେରିନଥିବେ । ଆଉ ଆପଣ ତ କହୁଛନ୍ତି ରାସ୍ତାର କଡ଼କୁ ଅନ୍ୟ କୌଣସି ରାସ୍ତା ନାହିଁ ?"

"ନା, ମୋଟେ ରାସ୍ତାନାହିଁ ।"

"ତାହେଲେ ସେ ନିଶ୍ଚୟ ରାସ୍ତାକଡ଼କୁ କୌଣସି ଚଲାବାଟରେ ଯାଇଥିବ ।"

"ପଡ଼ିଆକଡ଼କୁ ଯିବାର ପ୍ରଶ୍ନନାହିଁ । ତାହେଲେ ମୁଁ ତାକୁ ଦେଖି ପାରିଥାନ୍ତି ।"

"ବେଶ୍ । ଯାହା ଅସମ୍ଭବ ତାକୁ ବାଦ୍‌ଦେବା ପଦ୍ଧତିରେ ଆମେ ଜାଣିଲେ ଯେ ସେ ଲୋକ ଗ୍ରେଲିଙ୍ଗ୍‌ଟନ୍ ହଲ୍ ଦିଗକୁ ଯାଇଛି । ଏଇ ଗ୍ରେଲିଙ୍ଗ୍‌ଟନ୍ ହଲ ରାସ୍ତାର ଗୋଟେ କଡ଼ରେ ଗୋଟେ ଏକୁଟିଆଘର । ଆଉ କିଛି କହି-ବାର ଅଛି ?"

"ନାଁ ମିଷ୍ଟର୍ ହୋମ୍‌ସ । କେବଳ ମୁଁ ଏତେ ବ୍ୟସ୍ତହୋଇ ପଡ଼ିଲି ଯେ ଭାବିଲି ଆପଣଙ୍କ ପାଖକୁ ଆସି ଆପଣଙ୍କ ଉପଦେଶ ନନେବାଯାଏଁ ମୁଁ ସ୍ଥିର ହୋଇପାରିବନାହିଁ ।"

ହୋମ୍‌ସ କିଛି ସମୟ ଚୁପ୍‌ଚାପ୍ ବସିଗଲେ । ତାପରେ ପଚାରିଲେ, "ଯେଉଁ ଭଦ୍ରଲୋକଙ୍କ ସାଥିରେ ଆପଣଙ୍କର ବିବାହ ଠିକ୍ ହୋଇଛି ସେ କେଉଁଠି ?"

"ସେ କଭେଣ୍ଟ୍ରିର ମିଡ଼୍‌ଲାଣ୍ଡ ଇଲେକ୍‌ଟ୍ରିକ କଂପାନୀରେ କାମ କରୁଛନ୍ତି ।"

"ସେ ଅଗ୍ରୀନକଭାବେ ଆପଣଙ୍କୁ ଦେଖିବାକୁ ଆସି ନଥିବେ ?"

"କି କଥା କହୁଛନ୍ତି ମିଷ୍ଟର୍ ହୋମ୍‌ସ ! ଯେମିତିକା ମୁଁ ତାଙ୍କୁ ଚିହ୍ନି ପାରିବ ନାହିଁ !"

Digitized by srujanika@gmail.com

"ଅନ୍ୟ କେହି ଆପଣଙ୍କପ୍ରତି ଆକୃଷ୍ଟ ଥିଲେ ?"

"ହଁ, ମୁଁ ସାଇରଲ୍‌ଙ୍କ ସାଥିରେ ପରିଚିତ ହେବା ଆଗରୁ କେତେକ ଥିଲେ।"

"ତା ପରେ ?"

"ତାପରେ କେବଳ ଏଇ ଭୟଙ୍କର ଲୋକ ଉଡ୍‌ଲି।"

"ଆଉ କେହି ?"

ହୋମ୍‌ସଙ୍କର ଏ ପ୍ରଶ୍ନରେ ଆମ ମହକିଲ୍ ଟିକିଏ ଘାବରେଇଗଲାପରି ଜଣାଗଲା। ହୋମ୍‌ସ ପଚାରିଲେ, "କହନ୍ତୁ ସେ କିଏ ?"

"ଏଟା ହୁଏତ ମୋର କଳ୍ପନା ହୋଇପାରେ। କିନ୍ତୁ ବେଳେବେଳେ ମୋତେ ଜଣାଯାଏ ମୋର ମାଲିକ ମିଷ୍ଟର୍ କାରୁଥର୍‌ସ୍ ମୋ ବିଷୟରେ ବିଶେଷ ଆଗ୍ରହୀ। ଆମେ ପରସ୍ପର ଖୁବ୍ ନିକଟରେ। ସନ୍ଧ୍ୟାରେ ମୁଁ ତାଙ୍କ ପାଖରେ ବାଦ୍ୟଯନ୍ତ୍ର ବଜାଏ। ସେ କିନ୍ତୁ ମୋତେ କେବେ କିଛି କହି ନାହାନ୍ତି। ସେ ଅତି ଭଦ୍ରଲୋକ। କିନ୍ତୁ ଜଣେ ତରୁଣୀ ସବୁ ଜାଣିପାରେ।"

ଟିକିଏ ଗମ୍ଭୀର ହୋଇ ହୋମ୍‌ସ କହିଲେ, "ହୁଁ ! ଆଚ୍ଛା, ଚଳିବା ପାଇଁ ସେ କ'ଣ ଧନ୍ଦାକରନ୍ତି ?"

"ସେ ଖୁବ୍ ଧନୀଲୋକ।"

"କିନ୍ତୁ ତାଙ୍କର ଘୋଡ଼ା ବା ଗାଡ଼ି ନାହିଁ ?"

"ନଥିଲେ ବି ସେ ବେଶ୍ ଚଳପକ୍ଷ ଲୋକ। ସପ୍ତାହରେ ଦୁ' ତିନିଥର ସହରକୁ ଯାଆନ୍ତି। ଦକ୍ଷିଣ ଆଫ୍ରିକାର ସୁନାବ୍ୟବସାୟ ବିଷୟରେ ସେ ଖୁବ୍ ଆଗ୍ରହୀ।"

"ଆଉ କିଛି ଘଟଣା ଘଟିଲେ ମୋତେ ଜଣାଇବେ କୁମାରୀ ସ୍ମିଥ୍। ବର୍ତ୍ତମାନ ମୁଁ ବିଶେଷ କାର୍ଯ୍ୟବ୍ୟସ୍ତ। ତଥାପି ସମୟ ଦେଖି ମୁଁ ଆପଣଙ୍କ କେସ୍‌ରେ ଅନୁସନ୍ଧାନ କରିବି। ଏ ଭିତରେ ମୋତେ ନଜଣାଇ କିଛି କରିବେ ନାହିଁ। ହଉ, ଏଥର ଆସନ୍ତୁ। ନମସ୍କାର।"

ପାଇପଟା ଟାଣିଦେଇ ହୋମ୍‌ସ କହିଲେ, "ଏପରି ଜଣେ ତରୁଣୀଙ୍କ ପଛରେ ଲୋକ ଗୋଡ଼ାଇବାଟା ପ୍ରକୃତିର ଧର୍ମ। ତେବେ ଏକ ନିର୍ଜନ ରାସ୍ତା

Digitized by srujanika@gmail.com

ମଫସଲ ରାସ୍ତାଟାକୁ କେହି ପସନ୍ଦକରିବ ନାହିଁ । ନିଶ୍ଚୟ କେହି ଗୁପ୍ତ ପ୍ରେମିକର ଏ କାମ । କିନ୍ତୁ କେଉଁଠାରେ କେଉଁଠୁଡ଼େ କୌତୂହଳପୂର୍ଣ୍ଣ ଆଉ ଆଗ୍ରହ ଦେବାଭଳି ପଏଣ୍ଟ ଅଛୁ ଓ୍ୱାଟ୍‌ସନ୍‌ ।''

''ହଁ, ଲୋକଟା ଗୋଟେ ନିର୍ଦ୍ଦିଷ୍ଟ ଜାଗାରେ ଦେଖାଦେବା···''

''ବିଲ୍‌କୁଲ୍‌ ଠିକ୍‌ । ଆମର ପ୍ରଥମ କାମ ହେଲା ଚ୍ୟାରିଲିଙ୍ଗ୍‌ଟନ୍‌ ହଲ୍‌ରେ କେଉଁମାନେ ରହୁଛନ୍ତି ଜାଣିବା । ତାପରେ କାର୍‌ଥର୍‌ସ ଆଉ ଉଡ୍‌ଲିଙ୍କ ଭିତରେ କି ସମ୍ପର୍କ । କାରଣ ଯେ ଦୁହେଁ ପୂରାପୂରି ଅଲଗା ଧରଣର ଲୋକ । ରାଲ୍‌ଫ୍‌ ସ୍ମିଥଙ୍କର ଆପଣାର ଲୋକଙ୍କୁ ଖୋଜିବାରେ ସେ ଦୁ'ଜଣଯାକ ଆଗ୍ରହୀ ହେଲେ କେମିତି ? ଆଉ ଗୋଟେ କଥା । ଯେଉଁ ଲୋକ ଘର ଚଳାଇବା ପାଇଁ ଜଣେ ମହିଳାଙ୍କୁ ସାଧାରଣ ଦରମାର ଦୁଇଗୁଣ ଦେଇପାରେ ଅଥଚ ନିଜ ଘର ଷ୍ଟେସନରୁ ଛଅମାଇଲ୍‌ ଦୂର ହେଲେ ବି ଘୋଡ଼ା ବା ଗାଡ଼ି ରଖେ ନାହିଁ ସେ କି ପ୍ରକାର ଲୋକ । କଥାଟା ନିହାତି ଖାପଛଡ଼ା ଓ୍ୱାଟ୍‌ସନ୍‌ ।''

''ତୁମେ ନାହେଲେ ସେଠିକି ଯାଉଛ ?''

''ନାଁ ବନ୍ଧୁ । ମୁଁ ନୁହେଁ । ତୁମେ ସେଠିକି ଯିବ । ଏଇଟା ହୁଏତ ସେତେ ଗୁରୁତର ଘଟଣା ହୋଇ ନପାରେ । ସ୍ୱା' ପଛରେ ସମୟ ନଷ୍ଟକରି ମୁଁ ଗୁରୁତର କାମରେ ହେଳା କରିପାରିବିନାହିଁ । ସୋମବାର ଦିନ ସକାଳୁ ତୁମେ ସଅଳ ସଅଳ ଫାର୍‌ନ୍‌ହାମ୍‌ ବାହାରିଯିବ । ଚ୍ୟାରିଲିଙ୍ଗ୍‌ଟନ୍‌ ପଡ଼ିଆ ପାଖରେ କୋଉଠି ହେଲେ ଲୁଚି ରହିବ । ସବୁ ଘଟଣା ନିଜେ ଲକ୍ଷ୍ୟକରିବ ଆଉ ତୁମ ବିଚାର ଅନୁସାରେ କାମ କରିବ । ତାପରେ ଚ୍ୟାରିଲିଙ୍ଗ୍‌ଟନ୍‌ ହଲ୍‌ରେ କେଉଁମାନେ ରହୁଛନ୍ତି ଅନୁସନ୍ଧାନକରି ଫେରିଆସି ମୋତେ ଜଣାଇବ । ଆମେ ଆଉ କିଛି ତଥ୍ୟ ନପାଇବାଯାଏ ଏ ବିଷୟରେ ଆଉ ପଦେହେଲେ ଆଲୋଚନା କରିବାର ନାହିଁ ।''

ଭଦ୍ରମହିଳାଙ୍କଠାରୁ ଆମେ ବୁଝିଥିଲୁ ଯେ ସେ ସୋମବାର ଦିନ ସକାଳ ନଅଘଣ୍ଟା ପଚିଶ ମିନିଟ୍‌ରେ ଓ୍ୱାଟର୍‌ଲୁ ଷ୍ଟେସନରୁ ଯାଉଥିବା ଟ୍ରେନ୍‌ରେ ଯାଆନ୍ତି । ତେଣୁ ମୁଁ ଟିକିଏ ବାହାରିପଡ଼ି ନଅଘଣ୍ଟା ତେର ମିନିଟ୍‌ରେ ୱାଟର୍‌ଲୁରୁ ଯାଉଥିବା ଟ୍ରେନ୍‌ ଧରିଲି । ଫାର୍‌ନ୍‌ହାମ୍‌ ଷ୍ଟେସନରେ

Digitized by srujanika@gmail.com

ଚାର୍ଲିଙ୍ଗ୍‌ଟନ୍ ପଡ଼ିଆ ଆଡ଼କୁ ରାସ୍ତା ପାଇବାରେ କିଛି ଅସୁବିଧା ହେଲନାହିଁ । ତରୁଣୀଙ୍କ ବର୍ଣ୍ଣିତ ଘଟଣାସ୍ଥଳକୁ ଭୁଲିଯିବାର କିଛି ନଥିଲା । ରାସ୍ତାର ଗୋଟେ ପାଖରେ ଖୋଲା ପଡ଼ିଆ ଆଉ ଅନ୍ୟପାଖରେ ଇଉ ଗଛର ବାଡ଼ । ବାଡ଼ର ଭିତର କଡ଼ରେ ଗୋଟାଏ ପାର୍କ । ଅନେକ ସୁନ୍ଦର ସୁନ୍ଦର ଗଛରେ ଭରପୂର । ଏଇ ବାଡ଼ ମଝିରେ ଗୋଟେ ମୁଖ୍ୟ ଗେଟ୍ ଆଉ ରାସ୍ତା ଥିଲା । ଗେଟ୍‌ର ଦୁଇପାଖ ପଥର ଖମ୍ବରେ କାରୁକାର୍ଯ୍ୟ କରାଯାଇଥିଲା । ଏଇ ଗେଟ୍‌କୁ ଛାଡ଼ିଦେଲେ ବାଡ଼ ମଝିରେ ମଝିରେ କେତେ ଫାଙ୍କ ଥିଲା ଆଉ ସେଠି ପାଦଚଲା ବାଟ ଥିଲା । ରାସ୍ତା ଉପରୁ ଘରଟା ଦେଖାଯାଉ ନଥିଲା; କିନ୍ତୁ ପରିବେଶଟା ମାଡ଼ିଆ ଜଣାଯାଉଥିଲା ।

ପଡ଼ିଆ ଭିତରେ ଠାଏଠାଏ ଛୋଟ ଛୋଟ ବୁଦାମାନଙ୍କରେ ଲାଲରଙ୍ଗର ଫୁଲ ଫୁଟିଥାଏ । ବସନ୍ତ ଋତୁର ନିର୍ମଳ ସୂର୍ଯ୍ୟକିରଣ ପଡ଼ି ସେଗୁଡ଼ିକ ସୁନା ପରି ଚକ୍‌ଚକ୍ କରୁଥାଏ । ଏଇଭଳିଆ ମେଞ୍ଚାଏ ବୁଦା ଆଢ଼ୁଆଳରେ ମୁଁ ଜାଗା ଠିକ୍ କରିନେଲି । ସେଠୁଁ ଗେଟ୍‌ଟା ଆଉ ଦି'କଡ଼େ ରାସ୍ତା ଖଣ୍ଡେ ଦୂରଯାଏଁ ବେଶ ଦେଖାଯିବ । ମୁଁ ରାସ୍ତାରୁ ଏଇ ବୁଦା ପାଖକୁ ଗଲାବେଳେ ରାସ୍ତାରେ କେହି ଲୋକ ନଥିଲେ; କିନ୍ତୁ ଏବେ ମୁଁ ଦେଖିଲି ରାସ୍ତାର ଯେଉଁ ଦିଗରୁ ମୁଁ ଆସିଲି ତାର ବିପରୀତ ଦିଗରୁ ଜଣେ ଲୋକ ସାଇକଲ୍ ଚଢ଼ି ଆସୁଛି । ସେ ଗୋଟେ କଳା ରଙ୍ଗର ସୁଟ୍ ପିନ୍ଧିଥାଏ । ତା ମୁହଁର କଳାଦାଢ଼ି ମୁଁ ଦେଖି ପାରିଲି । ଚାର୍ଲିଙ୍ଗ୍‌ଟନ୍ ହଲ୍‌ର ହତା ସୀମାରେ ପହଞ୍ଚି ସେ ସାଇକଲରୁ ଓହ୍ଲାଇ ପଡ଼ିଲା । ବାଡ଼ ମଝିରେ ଥିବା ଗୋଟେ ଫାଙ୍କିବାଟେ ସାଇକଲଧରି ମୋ ଆଖି ଆଗରୁ କେଉଁଆଡ଼େ ଚାଲିଗଲା ।

ପ୍ରାୟ ପନ୍ଦର ମିନିଟ୍ ବିତିଗଲା । ରାସ୍ତା ଉପରେ ଆଉ ଜଣେ ସାଇକଲ ଚଢ଼ାଳୀ ଦେଖାଗଲା । ଏ ଥରର ସାଇକଲ ଚଢ଼ାଳୀ ସେଇ ତରୁଣୀ । ସେ ଷ୍ଟେସନରୁ ଆସୁଥିଲେ । ଚାର୍ଲିଙ୍ଗ୍‌ଟନ୍ ହତାବାଡ଼ ପାଖରେ ପହଞ୍ଚିବାମାତ୍ରେ ସେ ପଛଆଡ଼କୁ ଚାହିଁବାର ଲକ୍ଷ୍ୟକଲି । ସେ ଚାଲିଯିବାର ଟିକିଏ ପରେ ପୂର୍ବୋକ୍ତ ଲୋକ ଲୁଚିଥିବା ଜାଗାରୁ ବାହାରି ସାଇକେଲରେ ଚଢ଼ି ତାଙ୍କ ପଛେ ପଛେ ଚାଲିଲା । ସାରା ରାସ୍ତାଟାରେ କେବଳ ଏଇ ଦି'ଜଣ । ତରୁଣୀ

Digitized by srujanika@gmail.com

ବେଶ୍ ସିଧାସଳଖଭାବେ ସାଇକଲରେ ବସିଥାନ୍ତି । କିନ୍ତୁ ଅନ୍ୟଲୋକ ଜଣକ ସାଇକଲ ହାଣ୍ଡଲ ଉପରକୁ ଲଇଁ ପଡ଼ିଥାଏ । ତରୁଣୀ ପଛକୁ ଚାହିଁ ଲୋକଟାକୁ ଦେଖି ତାଙ୍କ ସାଇକଲର ବେଗ କମାଇଦେଲେ । ସେ ଲୋକଟା ମଧ୍ୟ ବେଗ କମାଇଦେଲା । ତରୁଣୀ ହଠାତ୍ ସାଇକଲ ବନ୍ଦ କରିଦେଲେ । ଲୋକଟା ଠିକ ସେଇଆ କଲା । ଦୁ'ଜଣଙ୍କ ଭିତରେ ବ୍ୟବଧାନ ପ୍ରାୟ ଦୁଇଶହ ଗଜ । ହଠାତ୍ ତରୁଣୀ ସାଇକଲ ବୁଲାଇ ସିଧା ଲୋକଟା ଆଡ଼କୁ ମାଡ଼ି ଆସିଲେ । ଲୋକଟା ମଧ୍ୟ ଚଟ୍‌କରି ବୁଲିପଡ଼ି ସାଇକଲ ଧରି ଆଖିବୁଜା ପଳାଇଲା । ତାପରେ ତରୁଣୀ ପୁଣି ରାସ୍ତାଉପରେ ଫେରିଲେ । ଏଥର କିନ୍ତୁ ତାଙ୍କ ପଛରେ ଥିବା ଲୋକଆଡ଼କୁ ଆଉ ନଜର ଦେଲେନାହିଁ । ଲୋକଟା ମଧ୍ୟ ବୁଲିପଡ଼ି ସେମିତି ଦୁଇଶହ ଗଜ ବ୍ୟବଧାନ ରଖି ଆଗେଇଲା । ଶେଷରେ ରାସ୍ତାର ମୋଡ଼ରେ ସେମାନେ ମୋ ଆଖିରୁ ଲୁଚିଗଲେ ।

ମୁଁ ମୋ ଲୁଚିଥିବା ଜାଗାରେ ବସିରହିଲି । ତାଦ୍ୱାରା ଭଲ ହେଲା ମଧ୍ୟ । କାରଣ ଧୀରେ ଧୀରେ ଲୋକଟା ଧୀରେ ଧୀରେ ସାଇକଲ ଚଳାଇ ଫେରି ଆସିଲା । ସେ ହଲ୍ ଗେଟ୍ ଆଡ଼କୁ ଯାଇ ସାଇକଲରୁ ଓହ୍ଲାଇ ପଡ଼ିଲା । କିଛିକ୍ଷଣ ସେ ଗଛ ଗୁଡ଼ାକ ପାଖରେ ଠିଆହେବାର ଦେଖିଲି । ହାତ ଦୁଇଟା ଉପରକୁ ଟେକି ସେ ବୋଧହୁଏ ନେକଟାଇଟା ଠିକ୍ କଲା । ତାପରେ ସେ ସାଇକଲ ଚଢ଼ି ହଲ ଆଡ଼କୁ ଯାଇଥିବା ରାସ୍ତାରେ ଚାଲିଗଲା । ମୁଁ ପଡ଼ିଆରୁ ଦୌଡ଼ିଆସି ହୋଇ ଗଛପତ୍ର ଭିତର ଦେଇ ଚାହିଁଲି । ଖୁବ୍ ଦୂରରେ ପୁରୁଣା ମାଟିଆ ରଙ୍ଗର ଘର ଦେଖାଗଲା । କିନ୍ତୁ ରାସ୍ତାଟା ଘଞ୍ଚ ବୁଦାଭିତର ଦେଇ ଯାଇଥିବାରୁ ମୁଁ ଲୋକଟାକୁ ଦେଖିବାକୁ ପାଇପାରିଲି ନାହିଁ ।

ଯାହାହେଉ ମନେ ମନେ ଭାବିଲି ମୁଁ ବେଶ୍ କିଛିଟା କାମ କରିଛି । ମନ ଫୁର୍ତ୍ତିରେ ଫାର୍‌ନହାମ୍ ଚାଲିଲି । ସେଠିକା ଭଡ଼ାଘର ଦଲାଲ୍ ଚାର୍‌ଲିଙ୍ଗ୍‌ଟନ୍ ହଲ୍ ବିଷୟରେ ମୋତେ କିଛି କହିପାରିଲେନାହିଁ । ପାଲ୍‌ମାଲ୍‌ର ଗୋଟେ ଫାରମ୍‌କୁ ଯିବା ପାଇଁ ସେ ମୋତେ କହିଦେଲେ । ଫେରିବା ବାଟରେ ସେଠି ଅଫିସ ଫାରମ୍‌ର ପ୍ରତିନିଧିଙ୍କ ପାଖରେ କଥାବାର୍ତ୍ତା କଲି । ଚାର୍‌ଲିଙ୍ଗ୍‌ଟନ୍ ହଲ୍ ଆଉ ଭଡ଼ାରେ ଦିଆଯାଇପାରିବନାହିଁ ବୋଲି ସେ ମୋତେ କହିଲେ ।

Digitized by srujanika@gmail.com

କାରଣ ମୁଁ ଯିବାରେ ଡେରି ହୋଇଗଲା । ମାସକ ଆଗରୁ ଘରଟା ଭଡ଼ାରେ ଦିଆହୋଇଯାଇଛି । ଘରଭଡ଼ା ନେଇଥିବା ଭଦ୍ରଲୋକଙ୍କ ନାଁ ମିଷ୍ଟର୍ ଉଇଲ୍‌ସମ୍‌ସନ୍ । ସେ ଜଣେ ବୟସ୍କ ଭଦ୍ରଲୋକ । ତାଙ୍କ ବିଷୟରେ ପ୍ରତିବନ୍ଧି ଭଦ୍ରଲୋକ ଆଉ କିଛି କହିପାରିଲେନାହିଁ ।

ସେଦିନ ସନ୍ଧ୍ୟାରେ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ମୋର ଏଇ ଲମ୍ବା ରିପୋର୍ଟ ମନଦେଇ ଶୁଣିଲେ । ଭାବିଥିଲି ସେ ନିଶ୍ଚୟ ମୋତେ ପ୍ରଶଂସା କରିବେ । କିନ୍ତୁ ଓଲଟା ତାଙ୍କ ଗମ୍ଭୀର ମୁହଁ ଆହୁରି ବେଶୀ ଗମ୍ଭୀର ଦେଖାଗଲା । ମୁଁ ଯାହା କରିଛି ଏବଂ ଯାହା ନକରିଛି ତା ଉପରେ ସେ ମତ ଦେଇବସିଲେ ।

"ତୁମର ଲୁଚିବା ଜାଗା ବାଛିବା ଭୁଲ ହେଲା ଭ୍ୱାଟ୍‌ସନ୍ । ତୁମେ ବାଡ଼ ପଛ ପାଖରେ ରହିଥା'ନ୍ତ । ତାହେଲେ ଏଇ କୌତୂହଳପ୍ରଦ ଲୋକକୁ ବେଶ୍ ନିକଟରୁ ଦେଖି ପାରିଥା'ନ୍ତ; କିନ୍ତୁ ତୁମେ ତା ପାଖରୁ ଅନେକ ଦୂରରେ ରହିଲ । ଫଳରେ କୁମାରୀ ସ୍ମିଥ୍‌ଙ୍କ ଅପେକ୍ଷା କିଛି ଅଧିକା କହିପାରିଲନାହିଁ । ସେ ଭାବୁଛନ୍ତି ସେ ଲୋକଟାକୁ ସେ ଜାଣନ୍ତି ନାହିଁ । କିନ୍ତୁ ମୁଁ ନିଶ୍ଚିତ ସେ ଲୋକଟା ତାଙ୍କର ଜଣାଶୁଣା । ତା ନହେଲେ ସେ ସବୁବେଳେ ତାଙ୍କଠୁ ଦୂରରେ ରହି ନିଜର ରୂପ ତାଙ୍କଠୁ ଛପେଇ ରଖିବାକୁ ଏତେ ବ୍ୟସ୍ତ ହୁଅନ୍ତା କାହିଁକି ? ତୁମେ କହିଲ ଲୋକଟା ହାଣ୍ଡଲ୍ ଉପରେ ଲଇଁ ପଡ଼ିଥିଲା । ତାର ଉଦ୍ଦେଶ୍ୟ ନିଜର ଚେହେରା ଲୁଚାଇ ରଖିବା । ତୁମେ ନିହାତି ଭୁଲ କରି ବସିଲ ଭ୍ୱାଟ୍‌ସନ୍ । ସେ ଘରକୁ ଫେରିଗଲା । ତାପରେ ଲୋକଟା କିଏ ବୋଲି ତୁମେ ଜାଣିବାକୁ ଚେଷ୍ଟାକରୁଛ ! ତାପରେ ଘରଭଡ଼ା ଦଲାଲ ପାଖକୁ ଯାଉଛ !"

ଟିକିଏ ରାଗିଯାଇ କହିଲି, "ଆଉ କ'ଣଟା କରିଥାନ୍ତି ?"

"ପାଖରେ ଥିବା ଗାଉଁଲି ଦୋକାନ ବା ହୋଟେଲକୁ ଯାଇଥାନ୍ତ । ସେ ହେଲା ଗାଁ ଲୋକଙ୍କର ଗପସପ କରିବା ଜାଗା । ସେମାନଙ୍କ ପାଖରୁ ଘରର ମାଲିକଠାରୁ ଆରମ୍ଭକରି ଚାକରାଣୀଯାଏଁ ସମସ୍ତଙ୍କ ନାଁ ଜାଣିପାରିଥାନ୍ତ । ଉଇଲ୍‌ସମ୍‌ସନ୍ ନାଁଟାକୁ ମୁଁ କିଛି ଜାଣି ପାରୁ ନାହିଁ । ଯଦି ସେ ଜଣେ ବୟସ୍କ ଲୋକ ହୋଇଥାନ୍ତି ତେବେ ଏଇ ତରୁଣୀ ସାଇକଲ୍ ଚଢ଼ାଳୀଙ୍କ ପାଖରୁ ପଳାଇଯିବା ସମ୍ଭବ ନୁହେଁ । ଆମର ଏ ଅଭିଯାନରୁ କ'ଣ ଲାଭ

Digitized by srujanika@gmail.com

ହେଲ ? ଆମେ କେବଳ ଜାଣିଲେ ଯେ ତରୁଣୀଙ୍କ କଥା ସତ । ମୁଁ ତ ସେଥିରେ ମୋଟେ ସନ୍ଦେହ କରିନଥିଲି । ଆମେ ଆଉ ମଧ୍ୟ ଜାଣିଲେ ଯେ ସେଇ ସାଇକଲ ଚଢ଼ାଳୀ ଲୋକ ଆଉ ଗ୍ରିଲିଙ୍ଗଟନ ହଲ୍ ମଧ୍ୟରେ କିଛି ସମ୍ବନ୍ଧ ଅଛି । ସେଥିରେ ବି ମୋର ସନ୍ଦେହ ନଥିଲା । ଆଉ ଜାଣିଲେ ଯେ ଉଇଲିୟମ୍‌ସନ୍ ସେ ଘରେ ରହୁଛନ୍ତି । ତା ଜାଣି ଲାଭ କ'ଣ ? ହଉ, ଏତେ ହତୋତ୍ସାହ ହୁଅ ନାହିଁ । ଆମେ ଆସନ୍ତା ଶନିବାରଯାଏଁ ଆଉ କିଛି ଅଧିକା କରିପାରିବା ନାହିଁ । ଏ ଭିତରେ ମୁଁ ନିଜେ ଗୋଟେ ଅଧେ ଅନୁସନ୍ଧାନ କରି ଦେଖିବି ।"

ତା'ପରଦିନ ସକାଳେ କୁମାରୀ ସ୍ମିଥ୍‌ଙ୍କ ପାଖରୁ ଖଣ୍ଡେ ଚିଠି ଆସି ପହଞ୍ଚିଲା । ମୁଁ ଯାହା ଯାହା ଦେଖିଥିଲି ସେଇଆକୁ ସେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ । କିନ୍ତୁ ଚିଠିର ସାରକଥା ଥିଲା—

"ଆପଣଙ୍କ ଉପରେ ମୋର ଦୃଢ଼ ଆସ୍ଥା ଅଛି ମିଷ୍ଟର୍ ହୋମ୍‌ସ । ତେଣୁ ମୋ କଥାକୁ ଆପଣ ଯଥେଷ୍ଟ ଧ୍ୟାନ ଦେବେ ବୋଲି ମୋର ବିଶ୍ୱାସ । ଏ ଜାଗାରେ ରହିବା ମୋ ପକ୍ଷରେ କଷ୍ଟକର ହୋଇପଡ଼ୁଛି । କାରଣ ମୋ ମାଲିକ ମୋତେ ବିବାହ କରିବାର ପ୍ରସ୍ତାବ କରିବସିଛନ୍ତି । ମୋ ପ୍ରତି ତାଙ୍କର ଭାବ ନିଶ୍ଚୟ ଖୁବ୍ ଗଭୀର ଆଉ ସ୍ନେହ ପୂର୍ଣ୍ଣ । କିନ୍ତୁ ମୋର ବିବାହ ପାଇଁ ମୁଁ କଥା ଦେଇ ସାରିଛି । ତେଣୁ ମୁଁ ତାଙ୍କୁ ମନାକରିଦେଲି । ମୋ କଥାକୁ ସେ ବେଶ୍ ଭଦ୍ର ଭାବରେ ଅଥଚ ଗୁରୁତ୍ୱର ସହ ଗ୍ରହଣ କଲେ । ଯାହାହେଉ, ଆପଣ ବୁଝି ପାରୁଥିବେ, ପରିସ୍ଥିତି ମୋ ପାଇଁ ଏବେ ବଡ଼ କଷ୍ଟକର ।"

ଚିଠିଟା ପଢ଼ିସାରି ଚିନ୍ତିତହୋଇ ହୋମ୍‌ସ କହିଲେ, "ଆମ ତରୁଣୀ ବନ୍ଧୁ ଖୁବ୍ ଅସୁବିଧାରେ ପଡ଼ିଯାଇଛନ୍ତି । ପ୍ରଥମେ ଘଟଣାଟାକୁ ମୁଁ ଯାହା ଭାବୁଥିଲି ତାଠୁଁ ଏହା ଢେର୍ ବେଶୀ କୌତୂହଳପ୍ରଦ । ଘଟଣାଟା ଆହୁରି ଆଗେଇବାର ମଧ୍ୟ ସମ୍ଭାବନା । ମଫସଲରେ ଗୋଟେ ଦିନ କଟାଇ ନ ଆସିଲେ ଚଳିବ ନାହିଁ । ମୁଁ ଆଜି ଉପରବେଳା ଯାଇ କେତେଟା କଥା ପରୀକ୍ଷା କରି ଆସିବି ।"

Digitized by srujanika@gmail.com

ମଫସଲରେ ହୋମ୍‌ସଙ୍କ ଦିନଟା ବିଚକ୍ଷଣଭାବେ ଶେଷ ହେଲା । ସନ୍ଧ୍ୟା ବେଳକୁ ସେ ବେକର ଷ୍ଟ୍ରୀଟ୍‌ରେ ପହଞ୍ଚିଲେ । ତାଙ୍କ ଓଠରେ ଗୋଟେ କଟା ଦାଗ । କପାଳର ଗୋଟେ ଜାଗା ଫୁଲିଯାଇଛି । ତାଛଡ଼ା ତାଙ୍କ ମନ ମଧ୍ୟ ବଡ଼ ଅସ୍ଥିର ଜଣାଯାଉଥିଲା । ସେ ତାଙ୍କର ଅଭିଯାନ କାହାଣୀ କହୁ କହୁ ମନ ପୂରାଇ ହସିଉଠିଲେ ।

ତାପରେ କହିଲେ, "ତୁମେ ଜାଣ ୱାଟ୍‌ସନ୍, ବକ୍‌ସିଙ୍ଗ୍ (ମୁଷ୍ଟିଯୁଦ୍ଧ)ରେ ମୋର କିଛିଟା ଦଖଲ ଅଛି । ବେଳେ ବେଳେ ସେଇଟା ବେଶ୍ କାମ ଦିଏ । ଆଜି ମଧ୍ୟ ସେଇଆ ହେଲା ! ବକ୍‌ସିଙ୍ଗ୍ ଜାଣିନଥିଲେ ମୁଁ ଆଜି ବଡ଼ ଅପମାନ-ଜନକ ଦୁଃଖ ପାଇଥାନ୍ତି ।"

କ'ଣ ଘଟିଲା କହିବାକୁ ମୁଁ ତାଙ୍କୁ ଅନୁରୋଧ କଲି ।

"ତୁମକୁ ଯେଉଁ ଗାଉଁଲି ହୋଟେଲ୍ କଥା କହୁଥିଲି ମୁଁ ତାକୁ ଖୋଜି ବାହାର କଲି । ସେଇଠି ମୁଁ ମୋର ସତର୍କ ଅନୁସନ୍ଧାନ ଆରମ୍ଭ କଲି । ମୁଁ ମଦ ବିକା ଜାଗାକୁ ଗଲି । ଗପୁଲି ମାଲିକଠାରୁ ସବୁ ଖବର ପାଇଲି । ଉଇଲିୟମ୍‌ସନ୍ ଜଣେ ବୟସ୍କ ଲୋକ । ମୁହଁରେ ତାଙ୍କର ଧଳା ଦାଢ଼ି । ଚାର୍ଲିଙ୍ଗଟନ୍ ହଲରେ ସେ ଅଳ୍ପ କେତେକ ଚାକରବାକରେ ଧରି ଏକା ରହନ୍ତି । ଶୁଣାଯାଏ ସେ ଜଣେ ପାଦ୍ରି କିମ୍ବା ଆଗରୁ ପାଦ୍ରି ଥିଲେ । କିନ୍ତୁ ଏଠି ଏଇ ଅଳ୍ପଦିନ ରହଣିର ଗୋଟେ ଦି'ଟା ଘଟଣାରୁ ମୋ ମନରେ ସନ୍ଦେହ ହେଲା । ମୁଁ ଅନୁସନ୍ଧାନ କରି ଜାଣିଲି ଯେ ସେଇ ନାଁରେ ଜଣେ ପାଦ୍ରି ଥିଲେ । ତାଙ୍କର ଜୀବନୀ ନିହାତି କଦର୍ଯ୍ୟ । ଦୋକାନ ମାଲିକଠାରୁ ଆହୁରି ମଧ୍ୟ ଖବର ପାଇଲି ଯେ ପ୍ରତି ସପ୍ତାହ ଶେଷରେ ବହୁତ ଲୋକ ସେଠିକି ବୁଲି ଆସନ୍ତି । ବିଶେଷତଃ ଜଣେ ନାଲି ଦାଢ଼ିଆ ଲୋକ, ମିଷ୍ଟର୍ ଉଡ୍‌ଲି ଅଧିକାଂଶ ସମୟରେ ସେଠି ରହନ୍ତି । ଆମେ ଏଇଯାଏଁ କଥାବାର୍ତ୍ତା ହୋଇଛୁ ସେଇ ଲୋକ ଉଡ୍‌ଲି ଆସି ପହଞ୍ଚିଗଲେ । ସେ ପାଖ କୋଣରେ ବିଅର୍ ପିଉଥିଲେ ଆଉ ଆମ କଥାବାର୍ତ୍ତା ସବୁ ଶୁଣିଛନ୍ତି । ମୁଁ କିଏ ? ମୋର କ'ଣ ଦରକାର ? ମୋର ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ କ'ଣ ? ଏଇସବୁ ସେ ଗୁଡ଼ାଏ କହିଗଲେ ! ପାଟିରେ ବାଢ଼ିଲା ଭାକୁ ନଥାଏ । ଗୁଡ଼ାଏ ଗାଳିଗୁଲଜ କରି ଶେଷରେ

Digitized by srujanika@gmail.com

ହାତ ପଛ ପାଖେ ମୋତେ ଜୋରରେ ଗୋଟାଏ ବାଧା ମାଇଲେ । ମୁଁ ତାଙ୍କୁ ଏଡ଼େଇ ଦେଇପାରିଲିନାହିଁ । ତାପରେ କେତେ ମିନିଟ୍ ବେଶ୍ ଜମିଲା । ସେ ଗୁଣ୍ଡାଟା ସାଥିରେ ଖଣ୍ଡେ ପଟେ ଲଗିଗଲା । ଶେଷରେ ମୁଁ ଏଇ ଅବସ୍ଥାରେ ସେଠୁଁ ବାହାରି ଆସିଲି । ମିଷ୍ଟର୍ ଉଡ୍‌ଲି କିନ୍ତୁ ଗୋଟେ ଗାଡ଼ିରେ ଗଲେ ! ମୋର ମଫସଲ ଗଳ୍ପ ଏଇପରି ଶେଷ ହେଲା । ମୁଁ ମାନୁଛି ତୁମ ଅପେକ୍ଷା ମୋ ଯିବାରେ ବିଶେଷ କିଛି ଲାଭ ହେଲାନାହିଁ ।"

ଗୁରୁବାର ଦିନ ଆମ ମକ୍‌କଲଙ୍କ ପାଖରୁ ଆଉ ଖଣ୍ଡେ ଚିଠି ଆସି ମିଳିଲା । ସେ ଲେଖିଥିଲେ, "ମୁଁ ମିଷ୍ଟର୍ କାର୍‌ଥର୍‌ସଙ୍କ ପାଖରୁ ଚାକିରି ଛାଡ଼ି ଦେଉଛି ଶୁଣିଲେ, ଆପଣ ଆଶ୍ଚର୍ଯ୍ୟ ହେବେନାହିଁ ମିଷ୍ଟର୍ ହୋମ୍ସ । ଦରମା ଯେତେ ବେଶୀ ହେଲେ ମଧ୍ୟ ମୋର ପରିସ୍ଥିତି ବଡ଼ ଅସୁବିଧା ଜନକ । ଶନିବାର ଦିନ ମୁଁ ସହରକୁ ଯିବି । ଆଉ ଫେରିବା ଉଦ୍ଦେଶ୍ୟ ମୋର ନାହିଁ । ଏ ଭିତରେ ମିଷ୍ଟର୍ କାର୍‌ଥର୍‌ସ ଗୋଟାଏ ଘୋଡ଼ାଗାଡ଼ି କିଣିଛନ୍ତି । ତେଣୁ ନିର୍ଜନ ରାସ୍ତାର ବିପଦ (ଯଦି କିଛି ବିପଦ ଥାଏ) ଦୂର ହୋଇଯାଇଛି ।

"ମୋର ଚାକିରି ଛାଡ଼ିବାର ବିଶେଷ କାରଣ ମିଷ୍ଟର୍ କାର୍‌ଥର୍‌ସ୍ ନୁହନ୍ତି । କାରଣ ହେଲା ସେଇ ଜଘନ୍ୟଲୋକ ମିଷ୍ଟର୍ ଉଡ୍‌ଲିଙ୍କର ପୁଣି ଏଠିକି ଆସିବା । ସେ ତ ସବୁବେଳେ ବିଭତ୍ସ; କିନ୍ତୁ ଏବେ ସେ ଆହୁରି ବେଶୀ କୁତ୍ସିତ ଦେଖାଯାଉଛନ୍ତି । ଏ ଭିତରେ ସେ ବୋଧହୁଏ କୌଣସି ଦୁର୍ଘଟଣାରେ ପଡ଼ିଥିଲେ । ସେ ଖୁବ୍ ବିକୃତ ଦେଖାଯାଉଛନ୍ତି । ମୁଁ ଝରକାବାଟେ ତାଙ୍କୁ ଦେଖିବାକୁ ପାଇଲି । ସୁଖର କଥା ତାଙ୍କ ସାଥିରେ ମୋର ଦେଖାସାକ୍ଷାତ ହୋଇନାହିଁ । ମିଷ୍ଟର୍ କାର୍‌ଥର୍‌ସଙ୍କ ସାଥିରେ ସେ ବହୁତ ସମୟ ଯାଏ କଥାବାର୍ତ୍ତା କଲେ । ତାପରେ ମିଷ୍ଟର୍ କାର୍‌ଥର୍‌ସ ଖୁବ୍ ଉତ୍ତେଜିତ ହେଲାପରି ଜଣାଗଲା । ମିଷ୍ଟର୍ ଉଡ୍‌ଲି ଏଇ ପାଖରେ କେଉଁଠି ରହୁଛନ୍ତି । କାରଣ କାଲି ରାତିରେ ସେ ଏଠି ନଥିଲେ ଅଥଚ ଆଜି ସକାଳେ ପାଖ ପଡ଼ିଆରେ ସେ ବୁଲୁଥିବାର ମୁଁ ଦେଖିଛି । ସେ ଗୋଟେ ହିଂସ୍ର ବଣପଶୁ । ମୁଁ ତାଙ୍କୁ କେତେ ଘୃଣା ଆଉ ଭୟକରେ କଥାରେ କହି ପାରିବି ନାହିଁ । ଏପରି ଗୋଟାଏ ଲୋକକୁ ମିଷ୍ଟର୍ କାର୍‌ଥର୍‌ସ କେମିତି ପ୍ରଶ୍ରୟ

ଦେଉଛନ୍ତି ମୁଁ ବୁଝିପାରୁନାହିଁ । ଯାହାହେଉ, ଶନିବାର ଦିନ ମୋର ସବୁ ଅଡୁଆ ଶେଷ ହୋଇଯିବ ।"

ଗମ୍ଭୀର ହୋଇ ହୋମ୍‌ସ କହିଲେ, "ମୁଁ ଏଇଆ ଆଶା କରୁଥିଲି ଜ୍ୱାଟ୍‌ସନ । ଏଇ ସୁନ୍ଦରୀ ତରୁଣୀକୁ କେନ୍ଦ୍ର କରି କିଛି ଗୋଟେ ଚକ୍ରାନ୍ତ ଚାଲିଛି । ଶନିବାର ଦିନ ସେ ଆସିବାବେଳେ କେହି ଯେମିତି ତାଙ୍କ ଉପରେ ଅତ୍ୟାଚାର ନକରେ ସେଇଟା ଦେଖିବା ଆମର କର୍ତ୍ତବ୍ୟ । ଶନିବାର ଦିନ ସକାଳେ କୌଣସି ପ୍ରକାରେ ଆମ ଦୁଇଜଣଙ୍କୁ ଯିବାକୁ ପଡ଼ିବ । ଏଇ ଯେଉଁ ଅଦ୍ଭୁତ ଅସମାପ୍ତ ଅନୁସନ୍ଧାନ ଚାଲିଛି ତାର ପରିଣତି ଯେମିତି ଦୁର୍ଭାଗ୍ୟଜନକ ନହୁଏ, ତା ଆମକୁ ଦେଖିବାକୁ ହେବ ।"

ମୁଁ ମାନୁଛି, ଏ ଯାଏଁ ମୁଁ କେଶ୍‌ଟାରେ ମୋଟେ ଗୁରୁତ୍ୱ ଦେଇନଥିଲି । କେଶ୍‌ଟା ମୋତେ ବିପଦପୂର୍ଣ୍ଣ ଅପେକ୍ଷା ବରଂ କୌତୂହଳମାକାର ଆଉ ଖାମଖିଆଲି ଜଣାଯାଉଥିଲା । ଜଣେ ଲୋକ ଜଣେ ସୁନ୍ଦରୀ ନାରୀକୁ ଜଗିରହିବା ଆଉ ତା ପିଛା ଧରିବା କିଛି ନୂଆ କଥା ନୁହେଁ । କିନ୍ତୁ ସେ ନାରୀ ପାମାନାକୁ ଆସି କିଛି କହିବାର ମନ୍ ସାହସ ଯାହାର ନାହିଁ, ପୁଣି ଯେ ସେ ନାରୀପାଖରୁ ଦୂରକୁ ପଳାଇଯାଉଛି ସେ କେବେ ତାକୁ ଆକ୍ରମଣ କରିବାକୁ ସାହସ କରିବନାହିଁ । ଏଇ ଗୁଣ୍ଡା ଉଡ୍‌ଲି ଅବଶ୍ୟ ଭିନ୍ନ ଧରଣର ଲୋକ । କିନ୍ତୁ କେବଳ ଥରକ ବ୍ୟତୀତ ସେ ଆଉ କେବେ ଆମ ମକ୍କେଲକୁ ଛୁଇଁଦେଇନାହିଁ । ଏବେ ସେ କାର୍‌ଥର୍‌ସ୍ଙ୍କ ଘରକୁ ଗଲେ ତାଙ୍କୁ ଦେଖା ବି କରୁନାହିଁ । ତେଣୁ ସାଇକେଲ ଚଢ଼ି ଆସୁଥିବା ଲୋକଟା, ପ୍ରତି ସପ୍ତାହ ଶେଷରେ ଯେଉଁମାନେ ଚାର୍‌ଲିଙ୍ଗ୍‌ଟନ୍ ହଲ୍‌କୁ ବୁଲିଆସନ୍ତି ତାଙ୍କର ଭିତରୁ ନିଶ୍ଚୟ କେହି ହୋଇଥିବ । କିନ୍ତୁ ସେ କିଏ, ତାର ଉଦ୍ଦେଶ୍ୟ କ'ଣ କିଛି ଜଣାଗଲା ନାହିଁ । ଶନିବାର ଦିନ ସକାଳେ ଆମେ ବେକର୍ ଷ୍ଟ୍ରୀଟରୁ ବାହାରିଲୁ । ହୋମ୍‌ସଙ୍କର ଗମ୍ଭୀର ଭାବ ଆଉ ପକେଟରେ ପିସ୍ତଲଟା ପୁରାଇବାରୁ ଜାଣିଲି ଏଇ ଘଟଣାବଳୀ ପଛରେ କିଛି ସାଂଘାତିକ କଥା ଲୁଚିରହିଛି ।

ରାତିରେ ବେଶ୍ ବର୍ଷା ହୋଇଥିଲା । ସକାଳେ ନିର୍ମଳ ସୂର୍ଯ୍ୟ କିରଣ ଚାରିଆଡ଼େ ବିଛେଇ ହୋଇପଡ଼ୁଥାଏ । ଫୁଲ ବୁଦା ଉପରେ ସୂର୍ଯ୍ୟକିରଣ ପଡ଼ି

Digitized by srujanika@gmail.com

ଚକ୍‌ଚକ୍ କରୁଥାଏ । ଲଣ୍ଡନ ସହରର ଧୂଆଁ କଳା ପରିବେଶ ସହିତ ଅଭ୍ୟସ୍ତ ଆମ ଆଖିକୁ ପଡ଼ିଆ ଘେରା ମଫସଲ ଅଞ୍ଚଳ ବେଶ ମନୋରମ ଦେଖା ଯାଉଥାଏ । ବସନ୍ତ ସକାଳର ଶୀତଳ ପବନ ଆଉ ପକ୍ଷୀମାନଙ୍କର ସଙ୍ଗୀତ ମନରେ ଅପୂର୍ବ ଆନନ୍ଦ ଆଣୁଥାଏ । ଚଉଡ଼ା ଧୂଳିଆ ରାସ୍ତାଉପରେ ହୋମସ୍ ଆଉ ମୁଁ ଚାଲିଥାଉ । କୁକ୍‌ସ୍‌ବେରୀ ପାହାଡ଼ ନାସିରେ ରାସ୍ତାରେ ଗୋଟେ ଉଠାଣି । ଆମେ ସେଠି ପହଞ୍ଚିଲୁ । ସେଠୁ ପୁରୁଣା ଓକ୍ ଗଛ ଘେରା ଚାର୍ଲିଙ୍ଗ୍‌ଟନ ହଲ୍ ଦେଖାଗଲା । ଗୋଟେ ପାଖରେ କାଦୁଆ ପଡ଼ିଆ ଆଉ ଅନ୍ୟ ପାଖରେ ସବୁଜ ଜଙ୍ଗଲ ମଧ୍ୟରେ ଧୂଳିଆ ରାସ୍ତାଟା ଲମ୍ବିଯାଇଛି । ହୋମ୍‌ସ ଆଗକୁ ଠାରି ଦେଖାଇଲେ । ଦୂରରେ ଗୋଟେ କଳାବିନ୍ଦୁ ଦେଖାଗଲା । ତା ପରେ ଦେଖିଲୁ ଗୋଟେ ଗାଡ଼ି ଆମ ଆଡ଼କୁ ଆସୁଛି । ଅଧୈର୍ଯ୍ୟ ହୋଇ ହୋମ୍‌ସ ଚିତ୍କାରକରି ଉଠିଲେ ।

"ମୁଁ ଅଧଘଣ୍ଟାଏ ଆଗରୁ ପହଞ୍ଚିବାର ବରାଦ କରିଥିଲି । ସେଇଟା ଯଦି କୁମାରୀ ସ୍ମିଥ୍‌ଙ୍କ ଗାଡ଼ି ହୋଇଥାଏ ତେବେ ସେ ପ୍ରଥମ ଟ୍ରେନ୍ ଧରିବାକୁ ଯାଉଛନ୍ତି । ମୋର ସନ୍ଦେହ ୱାଟ୍‌ସନ୍ ଆମେ ତାଙ୍କୁ ଭେଟିବା ଆଗରୁ ସେ ଚାର୍ଲିଙ୍ଗ୍‌ଟନ୍ ପାଖରେ ପହଞ୍ଚିସିବେ ।"

ଆମେ ରାସ୍ତାର ସେଇ ଉଠାଣି ପାରି ହୋଇ ଯିବାପରେ ଗାଡ଼ିଟା ଆଉ ଆମକୁ ଦେଖାଗଲାନାହିଁ । ଆମେ କିନ୍ତୁ ଖୁବ୍ ଜୋର୍‌ରେ ଚାଲିଥାଉ । ମୋ ଦୁର୍ବଳ ଦେହକୁ ବଡ଼ କଷ୍ଟହେଲା । ମୁଁ ପଛରେ ପଡ଼ିଗଲି । ହୋମ୍‌ସଙ୍କର କିନ୍ତୁ ଅଦ୍ଭୁତ ଶକ୍ତି ! ସେ ଏପରି କଷ୍ଟସାଧ୍ୟ କାମକରିବାରେ ନିଜକୁ ତାଲିମ କରିଥାନ୍ତି । ତାଙ୍କ ପାଦ ମୋଟେ ଶିଥିଳ ହେଉ ନଥାଏ । ସେ ମୋଠୁ ପ୍ରାୟ ଶହେଗଜ ଆଗେଇ ଗଲପରେ ହଠାତ୍ ଅଟକିଗଲେ । ଦେଖିଲି ସେ ଦୁଃଖ ଆଉ ହତାଶାରେ ହାତ ଦ'ଟା ଉପରକୁ ଉଠାଇଲେ । ସେଇ ମୁହୂର୍ତ୍ତରେ ରାସ୍ତାର ମୋଡ଼ରେ ଗୋଟେ ଖାଲି ଗାଡ଼ି ଖୁବ୍ ଦ୍ରୁତ ଗତିରେ ଆମ ଆଡ଼କୁ ଆସୁଥିବାର ଦେଖାଗଲା । ଘୋଡ଼ାଟା ଖୁବ୍ ଜୋର୍‌ରେ ଧାଇଁଥାଏ । ଲଗାମ୍‌ଟା ତଳେ ପଡ଼ିଯାଇଥାଏ । ମୁଁ ଅଣନିଶ୍ୱାସୀ ହୋଇ ହୋମ୍‌ସଙ୍କ ପାଖକୁ

Digitized by srujanika@gmail.com

ଦଉଡ଼ିଗଲା । ସେ ଚିତ୍କାର କରିଉଠିଲେ, "ଅନେକ ଡେରି ହୋଇଗଲା ୱାଟ୍‌ସନ୍ ! ପ୍ରଥମ ଟ୍ରେନ୍‌ଟା କଥା ଚିନ୍ତା ନକରି ମୁଁ ବଡ଼ ବୋକାମୀ କରିଛି ! ଏଟା ଜବରଦସ୍ତ ହରଣଚାଲ ୱାଟ୍‌ସନ୍ କିମ୍ବା ହତ୍ୟା ! ଭଗବାନ ଜାଣନ୍ତି ! ରାସ୍ତାଟା ବନ୍ଦକରି ଠିଆ ହୁଅ । ଘୋଡ଼ାଟାକୁ ଧର ! ବେଶ୍ ଠିକ୍ ଅଛି । ଏଥର ଗାଡ଼ିଭିତରକୁ ଡେଇଁପଡ଼ । ମୁଁ ଯେଉଁ ବିରାଟ ଭୁଲକରି ବସିଛି ତାର ପରିଣତିକୁ ସୁଧାରି ପାରିବି କି ନାହିଁ ଦେଖିବା ।"

ଆମେ ଗାଡ଼ିଭିତରକୁ ଡେଇଁ ପଡ଼ିଥିଲୁ । ହୋମ୍‌ସ ଘୋଡ଼ାଟାକୁ ବୁଲାଇଦେଇ ଖୁବ୍ ଜୋର୍‌ରେ ଚାବୁକ ମାରିଲେ । ଆମ ଗାଡ଼ିଟା ଯେଉଁ ଆଡ଼ୁ ଆସୁଥିଲା ସେ ଆଡ଼କୁ ଖୁବ୍ ଜୋର୍‌ରେ ଚାଲିଲୁ । ମୋଡ଼ଟା ବୁଲିଗଲାପରେ ହିଲ୍ ଆଉ ପଡ଼ିଆମଝିରେ ରାସ୍ତାଟା ପୂରା ଦେଖାଗଲା । ମୁଁ ହୋମ୍‌ସଙ୍କ ହାତ ଜାବୁଡ଼ିଧରି କହିଲି, "ସେଇଟି ଲୋକଟା" । ଜଣେ ଏକାକୀ ସାଇକଲ ଚଢ଼ାଳୀ ଆମ ଆଡ଼କୁ ଆସୁଥିଲା । ତା ମୁଣ୍ଡଟା ତଳକୁ ଲଇଁଥିଲା ଆଉ କାନ୍ଧ ଦୁ'ଟା ଗୋଲ ଗୋଲ ହୋଇ ଉପରକୁ ଉଠିଥିଲା । ସେ ଦେହର ସବୁବଳ ଖଟେଇ ପାଡ଼ଲ୍ କରୁଥିଲା । ହଠାତ୍ ସେ ମୁହଁ ଉପରକୁ କରି ଆମକୁ ଅତିପାଖରେ ଦେଖିଲା । ସାଇକଲ ବନ୍ଦକରି ସେ ତଳକୁ ଓହ୍ଲାଇପଡ଼ିଲା । ତାଙ୍କ ମୁହଁ ଶୁଖିଯାଇଥିଲା ଆଉ ଆଖି ଦୁ'ଟା ଜ୍ୱର ରୋଗୀର ଆଖିପରି ଲାଲ୍ ଦିଶୁଥିଲା । ସେ ଆମକୁ ଆଉ ଗାଡ଼ିଟାକୁ କଟମଟ୍‌କରି ଚାହିଁଲେ । ତାପରେ ତାଙ୍କ ମୁହଁରେ ବିସ୍ମୟର ଭାବ ଦେଖାଗଲା । ରାସ୍ତାବନ୍ଦ କରିବାପାଇଁ ସାଇକଲ ଧରି ସେ ପାଟିକରି ଉଠିଲେ, "ବନ୍ଦକର କହୁଛି । ଏଗାଡ଼ି କେଉଁଠୁ ପାଇଲ । ମୁଁ କହୁଛି ବନ୍ଦକର । ନଚେତ୍ ଘୋଡ଼ାଟାକୁ ଗୁଳିକରି ଦେବାକୁ ମୁଁ ପଛେଇବି ନାହିଁ ।" ସେ ପକେଟ୍‌ରୁ ପିସ୍ତଲ୍‌ଟାଏ ବାହାର କଲେ ।

ଲଗାମ୍‌ଟା ମୋ ଉପରକୁ ଫିଙ୍ଗିଦେଇ ହୋମ୍‌ସ ଗାଡ଼ିରୁ ତଳକୁ ଡେଇଁ ପଡ଼ିଲେ । କହିଲେ, "ଆମେ ଆପଣଙ୍କୁ ହିଁ ଖୋଜୁଥିଲୁ । କୁମାରୀ ଭାଓଲେଟ୍ ସ୍ମିଥ୍ କେଉଁଠି ?"

"ଠିକ୍ ସେଇ ପ୍ରଶ୍ନ ମୁଁ ଆପଣଙ୍କୁ ପଚାରୁଛି । ଆପଣ ତାଙ୍କ ଗାଡ଼ିରେ । ତେଣୁ ସେ କେଉଁଠି ଆପଣ ଜାଣିବା କଥା ।"

Digitized by srujanika@gmail.com

"ଆମେ ରାସ୍ତାରେ ଗାଡ଼ିଟାକୁ ଭେଟିଲୁ । ସେଥିରେ କେହିନଥିଲେ । ସେଇ ତରୁଣୀଙ୍କୁ ସାହାଯ୍ୟ କରିବାପାଇଁ ଆମେ ଏ ଗାଡ଼ିଟାରେ ଚାଲି ଆସିଲୁ ।"

ହତାଶାରେ ଅଧୀରହୋଇ ଆଗନ୍ତୁକ ଚିତ୍କାର କରି ଉଠିଲେ, "ହେ ଭଗବାନ ! ମୁଁ କ'ଣ କରିବି ? ଶେଷରେ ସେମାନେ ତାଙ୍କୁ ଧରି ନେଇଗଲେ । ସେଇ ଶୟତାନ କୁକୁର ଉଡ୍‌ଲି ! ଆସନ୍ତୁ । ଆପଣ ଯଦି ପ୍ରକୃତରେ କୁମାରୀ ସ୍ମିଥ୍‌ଙ୍କର ବନ୍ଧୁ ତେବେ ମୋତେ ସାହାଯ୍ୟ କରନ୍ତୁ । ଆମେ ତାଙ୍କୁ ରକ୍ଷାକରିବା । ସେଥିପାଇଁ ଦର୍କାରହେଲେ ଏଇ ଚାର୍ଲିଙ୍ଗଟନ୍ ଜଙ୍ଗଲରେ ମରିବାକୁ ବି ମୁଁ ପ୍ରସ୍ତୁତ ।"

ବାଡ଼ ମଝିରେ ଗୋଟେ ଫାଙ୍କା ଜାଗାଥିଲା । ହାତରେ ପିସ୍ତଲଟା ଧରି ପାଗଳଙ୍କପରି ସେ ସେଇ ଆଡ଼କୁ ଧାଇଁଲେ । ତାଙ୍କ ପଛେ ପଛେ ହୋମ୍ସ । ଘୋଡ଼ାଟାକୁ ସେଠି ଛାଡ଼ିଦେଇ ମୁଁ ହୋମ୍ସଙ୍କ ପଛରେ ଦୌଡ଼ିଲି । କାଦୁଅ ରାସ୍ତାଉପରେ କେତେ ଗୁଡ଼ାଏ ପାଦଚିହ୍ନ ପଡ଼ିଥିଲା । ତାକୁ ଦେଖାଇ ହୋମ୍ସ କହିଲେ, "ସେମାନେ ଏଇବାଟେ ଯାଇଛନ୍ତି ।" ହଠାତ୍ ହୋମ୍ସ ଚିତ୍କାର କରିଉଠିଲେ,"ଆରେ ! ଏ କ'ଣ ? ଟିକିଏ ରହ । ସେ ବୁଦାମୂଳରେ କିଏ ?" ପ୍ରାୟ ସତର ଅଠର ବର୍ଷର ଜଣେ ତରୁଣ ବୁଦାମୂଳେ ପଡ଼ିଥିଲା । ସେ ଜଣେ ଘୋଡ଼ାରଖିଆଳି ପୋଷାକ ପିନ୍ଧିଥିଲା । ସେ ଚିତ୍ହୋଇ ପଡ଼ିଥିଲା । ତା ଆଣ୍ଠୁଦି'ଟା ଉପରକୁ ଟେକି ହୋଇଥିଲା ଆଉ ମୁଣ୍ଡରେ ଗୋଟେ ବଡ଼ କ୍ଷତହୋଇଥିଲା । ସେ ଅଚେତହୋଇ ପଡ଼ିଥିଲା; କିନ୍ତୁ ବଞ୍ଚିଥିଲା । ତା କ୍ଷତଟାକୁ ଚାହିଁଲି ମାତ୍ରେ ମୁଁ ଜାଣିଲି ଯେ ଆଘାତଟା ହାଡ଼କୁ ଭେଦିନାହିଁ ।

ଆଗନ୍ତୁକ କହିଉଠିଲେ, "ଏ ତ ଘୋଡ଼ା ସଇସ ପିଟର । ସେ କୁମାରୀ ସ୍ମିଥ୍‌ଙ୍କୁ ଗାଡ଼ିରେ ବସାଇ ଆଣୁଥିଲା । ଜାନୁଆରୀ ଗୁଡ଼ା ତାକୁ ଟାଣିଆଣି ପିଟିଛନ୍ତି । ସେ ସେଇଠି ଥାଉ । ଆମେ ଏବେ ତା ପାଇଁ କିଛି କରିପାରିବା ନାହିଁ । କିନ୍ତୁ ଜଣେ ନାରୀଙ୍କୁ ସବୁଠୁ ବଡ଼ ଦୁର୍ଦ୍ଦଶାରୁ ହୁଏତ ରକ୍ଷା କରିପାରିବା ।"

ଗଛ ବୁଦାଭିତର ଦେଇ ଯାଇଥିବା ବଙ୍କାଟଙ୍କା ରାସ୍ତାରେ ଆମେ ପ୍ରାଣମୂର୍ଚ୍ଛା ଧାଇଁଲୁ । ଶେଷରେ ଘର ଚାରିପାଖରେ ଘେରିରହିଥିବା ଛୋଟ ଛୋଟ ବୁଦା

Digitized by srujanika@gmail.com

ପାଖରେ ପହଞ୍ଚିଲୁ । ସେଠି ଅଟକିଯାଇ ହୋମ୍‌ସ କହିଲେ,"ସେମାନେ ଘରକୁ ଯାଇନାହାନ୍ତି । ଏଇ. ବାଁ ପାଖକୁ ତାଙ୍କ ପାଦଚିହ୍ନ ପଡ଼ିଛି । ଏଇ ଲରେଲ୍ ବୁଦାପାଖରେ ଦେଖ ।"

ଠିକ୍ ଏତିକିବେଳେ ଜଣେ ନାରୀର ଚିତ୍କାର ଶୁଣାଗଲା । ଆମ ଆଗରେ ଥିବା ଗହଳିଆ ଶାଗୁଆ ଗଛ ବୁଦାଭିତରୁ ଏ ଭୟ ମିଶା କରୁଣ ଚିତ୍କାର ଶୁଣାଯାଉଥାଏ । ଶେଷରେ ଖୁବ୍ ଜୋର୍ ଚିତ୍କାର ଆଉ ତାପରେ ତଣ୍ଟି ଚିପି ହୋଇଗଲାପରି ଗଁ-ଗଁ ଶବ୍ଦ ଶୁଭିଲା । ଖୁବ୍ ବ୍ୟସ୍ତହୋଇ, ବୁଦାଭିତରେ ଧସେଇ ପଶି ଆଗନ୍ତୁକ ପାଟିକରି ଉଠିଲେ, "ଏଇଆଡ଼େ, ଏଇଆଡ଼େ ଆସନ୍ତୁ ଆଜ୍ଞା । ସେମାନେ ଆଗର ଖାଲୁଆଜାଗାରେ ଅଛନ୍ତି । କା-ପୁରୁଷ, କୁକୁର ଗୁଡ଼ା ! ମୋ ପଛରେ ଗୋଡ଼ାଇ ଆସନ୍ତୁ ଆଜ୍ଞା । ଆମର ଅନେକ ଡେରି ହୋଇଗଲା । ଭଗବାନ ଜାଣନ୍ତି କ'ଣ ଘଟିଯାଇଛି ।

ହଠାତ୍ ଆମେ ଗୋଟେ ସୁନ୍ଦର ଶାଗୁଆ ଘାସପଡ଼ିଆ ପାଖରେ ପହଞ୍ଚିଗଲୁ । ତା'ଚାରିପାଖେ ବଡ଼ ବଡ଼ ଗଛ । ପଡ଼ିଆ ଆରପଟରେ ଗୋଟେ ବିରାଟ ଓକ୍ ଗଛ । ତା ତଳେ ତିନିଜଣ ଲୋକ ଠିଆହୋଇଥିଲେ । ସେଥିରୁ ଜଣେ ନାରୀ, ଆମର ମହିଳା । ସେ ପୂରାପୂରି ଲଇଁପଡ଼ିଥାନ୍ତି । ତାଙ୍କର ଚେତାଥାଏ କି ନା ସନ୍ଦେହ । ମୁହଁ ଚାରିପାଖରେ ଗୋଟେ ରୁମାଲ୍ ବନ୍ଧାହୋଇଥାଏ । ତାଙ୍କ ସାମନାରେ ଜାନୁଆର୍‌ପରି ଗୋଟେ ଲୋକ । ମୁହଁଟା ତାର ଖୁବ୍ ହିଂସ୍ର । ଦାଢ଼ିଗୁଡ଼ାକ ଡମ୍ଫାଳିଆ । ଗୋଡ଼ ଦି'ଟା ଫରକଟାଇ ଠିଆ ହୋଇଥାଏ । ସତେ ଯେମିତି ବିଜୟ ଗର୍ବରେ ଫୁଲିଯାଇଛି । ବାଁ ହାତଟା ଅଣ୍ଟାରେ ରଖିଥାଏ ଆଉ ତା ଡାହାଣହାତରେ ଗୋଟେ ରିଭଲଭର ହଲଉଥାଏ । ତାଙ୍କ ମଝିରେ ଜଣେ ବୟସ୍କଲୋକ । ତା ମୁହଁରେ ଧଳାଦାଢ଼ି । ତା ଦେହରେ ପାଦ୍ରିଙ୍କର ଧଳାପୋଷାକ । ଆମେ ପହଞ୍ଚିଲାବେଳକୁ ସେ ବାଇବଲ ବହିଟା ପକେଟରେ ମୁରାଇ ବରବର ପିଠି ଥାପୁଡ଼ାଇ ତାକୁ ଧନ୍ୟବାଦ ଜଣାଉଥାଏ । ସେଥିରୁ ଜଣାଗଲା ବିବାହ କାମଟା ସରିଯାଇଛି । ଧନ୍ଦି ସନ୍ଦି ହୋଇ ମୁଁ କହିଉଠିଲି, "ସେମାନଙ୍କର ବିବାହ ହୋଇଯାଇଛି ।"

Digitized by srujanika@gmail.com

"ଆସନ୍ତୁ, ଆପଣ ଚଞ୍ଚଳ ଆସନ୍ତୁ"—କହି ଆଗନ୍ତୁକ ପଡ଼ିଆଭିତରେ ଖୁବ୍ ଜୋରରେ ଧାଇଁଗଲେ । ହୋମ୍‌ସ ଆଉ ମୁଁ ତାଙ୍କ ପଛେ ପଛେ । ଆମେ ପହଞ୍ଚିଲାବେଳକୁ ତରୁଣୀ ଥରଥର ଓକ୍ ଗଛ ଗଣ୍ଡିକୁ ଆଉଜିପଡ଼ିଲେ । ଉଇଲିୟମ୍‌ସନ୍ ଆମକୁ ଥଟ୍ଟାକରି ଅଭିନନ୍ଦନ ଜଣାଇଲେ ଆଉ ଉଡ଼ଲି ଗୋଟେ କ୍ରୁର ଅଟ୍ଟହାସ୍ୟକରି ଉଠିଲା । ଆମ ଆଡ଼କୁ ଦର୍ପରେ ମାଡ଼ିଆସି ସେ କହିଲା, "ସେ ନକଲି ଦାଢ଼ିଟା ଖୋଲିଦିଅ ବବ୍ । ମୁଁ ତୁମକୁ ଠିକ୍ ଚିହ୍ନିପାରିଛି । ତୁମେ ଆଉ ତୁମ ସାଥିମାନେ ଠିକ୍ ସମୟରେ ଆସି ପହଞ୍ଚିଛ । ମୁଁ ତୁମକୁ ଶ୍ରୀମତୀ ଉଡ଼ଲିଙ୍କ ସହିତ ପରିଚିତ କରାଇଦିଏ ।

ଆମ ସାଥିଙ୍କର ଉତ୍ତର ଅତି ଆଶ୍ଚର୍ଯ୍ୟ ଜନକ । ସେ ନିଜକୁ ଲୁଚାଇବା ପାଇଁ ଯେଉଁ ନକଲି କଳା ଦାଢ଼ି ଲଗାଇଥିଲେ ତାକୁ ଟାଣି ଫିଙ୍ଗିଦେଲେ । ତାଙ୍କର ପରିଷ୍କାର ମୁହଁ ଦେଖାଗଲା । ସେଇ ଯୁବକ ଶୟତାନ୍‌ଟା ଯୁବୁକିଆ ହୋଇ ତାଙ୍କ ଆଡ଼କୁ ମାଡ଼ିଆସୁଥିଲା । ସେ ରିଭଲ୍‌ଭର୍ ଉଠାଇ ତାକୁ ଜବତ୍ କରିଦେଲେ । ତାପରେ କହିଲେ, "ହଁ, ମୁଁ ବବ୍ କାର୍‌ଥର୍‌ସ୍ ଆଉ ମୁଁ ଦେଖିବି ଏଇ ମହିଳାଙ୍କ ପ୍ରତି ଯେପରି କୌଣସି ଅନ୍ୟାୟ ନହୁଏ । ସେଥିପାଇଁ ଫାଶୀଖୁଣ୍ଟରେ ଝୁଲିବାପାଇଁ ମୁଁ ପ୍ରସ୍ତୁତ । ତାଙ୍କ ପ୍ରତି କୌଣସି ଅତ୍ୟାଚାର କଲେ ମୁଁ କ'ଣ କରିବି ତୁମକୁ କହିଦେଇଥିଲି । ଭଗବାନଙ୍କ ନାଁରେ ଶପଥକରି କହୁଛି ମୋ କଥା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି ।"

"ତୁମର ଅନେକ ଡେରି ହୋଇଗଲା । ଏବେ ସେ ମୋର ସ୍ତ୍ରୀ ।"

"ନାଁ, ସେ ତୁମର ବିଧବା ସ୍ତ୍ରୀ ।"

ତାଙ୍କ ହାତର ରିଭଲ୍‌ଭର୍ ଗର୍ଜି ଉଠିଲା । ଦେଖିଲି ଉଡ଼ଲିଙ୍କ ସାମନାପଟ ଜାମା ଭେଦି ରକ୍ତଧାର ବହି ଆସିଲା । ଆର୍ତ୍ତନାଦ କରି ସେ ତଳେ ପଡ଼ିଗଲେ । ତାଙ୍କର ହିଂସ୍ର ମୁହଁ ଉପରେ କଳାକାଠ ପଡ଼ିଗଲା । ବୁଢ଼ା ଉଇଲିୟମ୍‌ସନ୍ ନିହାତି ଅଶ୍ଳୀଳ ଭାଷାରେ ଗୁଡ଼ାଏ ବକିଯାଉ ତା ନିଜ ରିଭଲ୍‌ଭର୍‌ଟା ବାହାରକଲା । କିନ୍ତୁ ସେ ସେଇଟା ଉପରକୁ ଟେକିବା ଆଗରୁ ଦେଖିଲି ହୋମ୍‌ସଙ୍କ ବନ୍ଧୁକର ନଳୀ ତା ଆଡ଼କୁ ଘୂରିରହିଛି । ଧୀର ଗମ୍ଭୀରଭାବେ

Digitized by srujanika@gmail.com

ହୋମ୍‌ସ କହିଲେ; "ଯଥେଷ୍ଟ ହୋଇଗଲା । ସେ ପିସ୍ତଲ ତଳେ ପକାଇଦିଅ । ହଁ, ଉଆଟସନ ପିସ୍ତଲଟା ଉଠାଇନିଅ । ତା ମୁଣ୍ଡ ପାଖରେ ସେଟାକୁ ଧରି ରଖ । ଆଉ ଆପଣ କାର୍‌ଥର୍‌ସ, ମୋତେ ଆପଣଙ୍କ ·ରିଭଲ୍‌ଭର୍‌ଟା ଦେଇ ଦିଅନ୍ତୁ । ଏଠି ଆଉ କିଛି ହଂସାକାଣ୍ଡ ଘଟିବାକୁ ମୁଁ ଦେବ ନାହିଁ । ହଁ, ସେ ରିଭଲ୍‌ଭର୍ ଦିଅନ୍ତୁ ।"

"ଆପଣ କିଏ ?"

"ମୋ ନାଁ ସେର୍‌ଲକ୍ ହୋମ୍‌ସ ।"

"ହେ ଭଗବାନ ! କ'ଣ କହୁଛନ୍ତି !"

"ଆପଣ ତେବେ ମୋ ନାଁ ଶୁଣିଛନ୍ତି । ପୋଲିସ୍ ଏଠିକି ଆସିବା ପର୍ଯ୍ୟନ୍ତ ମୁଁ ତାଙ୍କ କାମ କରିବ ।" ଘୋଡ଼ା ସଇସଟା ସେତେବେଳକୁ ଭୟରେ ଥରୁ ଥାଏ । ତାଙ୍କୁ ଗୁହିଁ ହୋମ୍‌ସ କହିଲେ, "ଏଠିକି ଆସ । ଏଇ ଗଠିଟା ନେଇ ଯେତେ ଶୀଘ୍ର ପାର ଫାରନ୍‌ହାମ ଯାଅ ।" ସେ ତାଙ୍କ ନୋଟ୍ ବହିରୁ ଖଣ୍ଡେ କାଗଜ ଚିରି ସେଥିରେ କିଛି ଲେଖିଲେ । ସେଟା ସଇସ ହାତକୁ ଦେଇ କହିଲେ, "ଏଟା ନେଇ ଫାର୍‌ନ୍‌ହାମ୍ ଥାନା ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦେବ । ସେ ଆସିବା ପର୍ଯ୍ୟନ୍ତ ମୁଁ ମୋ ନିଜ ଦାୟିତ୍ୱରେ ସମସ୍ତଙ୍କୁ ଏଠି ଅଟକାଇ ରଖିବି ।"

ହୋମ୍‌ସଙ୍କ ବ୍ୟକ୍ତିତ୍ୱ ଆଗରେ ସମସ୍ତେ ଲାଜିଗଲେ ଆଉ ଖେଳନା ପରି ଠିଆହୋଇ ରହିଲେ । ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଇଲିୟମ୍‌ସନ୍ ଆଉ କାରଥର୍‌ସ ଆହତ ଉଡ଼୍‌ଲିଙ୍କୁ ଘର ଭିତରକୁ ବୋହିନେଲେ । ଭୟଭୀତ ତରୁଣୀ ମୋ ହାତ ଧରି ଚାଲିଲେ । ଆହତ ଉଡ଼୍‌ଲିଙ୍କୁ ତାଙ୍କ ବିଛଣାରେ ଶୁଆଇ ଦିଆଗଲା । ହୋମ୍‌ସଙ୍କ ଅନୁରୋଧରେ ମୁଁ ତାଙ୍କୁ ପରୀକ୍ଷା କରିବାରେ ଲାଗିଲି । ମୋ ରିପୋର୍ଟ ନେଇ ତାଙ୍କୁ ଦେଖାଇଲି । ସେତେବେଳକୁ ସେ ଖାଇବାଘରେ ତାଙ୍କର ବନ୍ଦୀ ଦୁଇଜଣଙ୍କ ସହ ବସିଥାନ୍ତି ।

"ସେ ବଞ୍ଚିଯିବେ," ମୁଁ କହିଲି ।

ଚଉକିରୁ ଡେଇଁପଡ଼ି କାର୍‌ଥର୍‌ସ କହିଲେ, "କ'ଣ ହେଲା ? ମୁଁ ଉପରକୁ ଯାଇ ତାକୁ ଆଗ ଶେଷ କରିଦେବି । ତୁମେ କହୁଛ କି ଝିଅଟିର ପଣ୍ଡା ପରି

ସେଇ ତରୁଣୀ ସାରାଜୀବନ ପାଇଁ ସେଇ ଜଘନ୍ୟ କୁକୁର ଉଡ୍‌ଲିଙ୍କ ସହିତ ବାନ୍ଧହୋଇ ରହିବେ ?"

ହୋମ୍‌ସ ଉତ୍ତର ଦେଲେ, "ସେ ବିଷୟରେ ଆପଣଙ୍କର ଚିନ୍ତା କରିବାର କିଛି ନାହିଁ । କୁମାରୀ ସ୍ମିଥ୍ ନ୍ୟାୟତଃ ଉଡ୍‌ଲିଙ୍କ ସ୍ତ୍ରୀ ନ ହୋଇପାରନ୍ତି । ତାର ଦୁଇଟା କାରଣ ଅଛି । ପ୍ରଥମେ ଏ ବିବାହ କରିବାପାଇଁ ଉଇଲିୟମ୍‌ସନ୍‌ଙ୍କର ଆଇନାନୁସାରେ ଅଧିକାର ଅଛି କି ନାହିଁ ।"

ଶୟତାନ ବୁଢ଼ାଟା କହି ଉଠିଲା, "ମୁଁ ଆଉ ଧର୍ମ ଗୀର୍ଜାରେ ମୁଁ ଦୀକ୍ଷା ଗ୍ରହଣ କରିଛି ।"

"ତାପରେ କିନ୍ତୁ ତୁମଠୁଁ ପାଦ୍ରିର ପୋଷାକ ବାହାରକରି ନିଆଯାଇଛି ।"

"ଯେ ଥରେ ପାଦ୍ରି ସେ ସବୁବେଳେ ପାଦ୍ରି ।"

"ମୋଟେ ନୁହେଁ । ତୁମର ଲାଇସେନସ୍ ଅଛି ?"

"ଆମେ ଏ ବିବାହପାଇଁ ଗୋଟେ ଲାଇସେନସ୍ କରିଛୁ । ସେଟା ଏଇଠି ମୋ ପକେଟରେ ଅଛି ।"

"ତାହେଲେ ତୁମେ କୌଶଳରେ ସେଟା ହାସଲ କରିଛ । ସେ ଯାହାହେଉ, ଜଣକୁ ଜବରଦସ୍ତି କରି ଯେଉଁ ବିବାହ ସେଟା ବିବାହ ନୁହେଁ । ବରଂ ତା ଏକ ଗୁରୁତର ଅପରାଧ । ଏକଥା ତୁମେ ଭବିଷ୍ୟତରେ ବେଶ୍ ବୁଝିପାରିବ । ଆଉ ଆପଣ, ମିଷ୍ଟର୍ କାର୍‌ଥର୍‌ସ, ଆପଣ ପିସ୍ତଲଟା ପକେଟରେ ରଖିଥିଲେ ବରଂ ଭଲ ହୋଇଥାନ୍ତା ।"

"ମୁଁ ଏବେ ସେ କଥା ବୁଝିପାରୁଛି ମିଷ୍ଟର୍ ହୋମ୍‌ସ । କିନ୍ତୁ ଏଇ ତରୁଣୀଙ୍କୁ ରକ୍ଷାକରିବା ପାଇଁ ମୁଁ ସବୁପ୍ରକାର ଉପାୟ ଅବଲମ୍ବନ କରିଛି । କାରଣ ମୁଁ ତାଙ୍କୁ ଭଲ ପାଉଥିଲି । ପ୍ରେମ କ'ଣ ତା ମୁଁ ତାଙ୍କର ଉପସ୍ଥିତିରେ ବୁଝିଲି ! ସେ ଏଇ ଶୟତାନ ଜାନୁଆରଙ୍କ କବଳରେ ପଡ଼ିବା ଦେଖି ମୁଁ ପାଗଳ ହୋଇଗଲି । ଏଇ ଲୋକଟା ଜମ୍ବୁଦ୍ୱୀପରୁ କେହାନ୍‌ସ୍‌ବର୍ଗଯାଏଁ ସାରା ଦକ୍ଷିଣ ଆଫ୍ରିକାରେ ଗୋଟେ ଆତଙ୍କ । ଆପଣ ବିଶ୍ୱାସ କରିପାରିବେ ନାହିଁ । ମିଷ୍ଟର ହୋମ୍‌ସ, ଏଇ ତରୁଣୀ ମୋ ପାଖରେ

Digitized by srujanika@gmail.com

ଗୃକର କାରବାରୁ ମୋର ବଡ଼ ଚିନ୍ତା । ଏଇ ଶମ୍ବୁଡାନ ଦଳ ଯେଉଁ ଅଞ୍ଚଳରେ ରହୁଛନ୍ତି ସେଠି ତାଙ୍କୁ ଏକୁଟିଆ ଛୁଆଡ଼େ ଛାଡ଼ିବାକୁ ମୋର ଭୟ । ତେଣୁ ତାଙ୍କୁ ରକ୍ଷା କରିବାପାଇଁ ମୁଁ ବରାବର ମୋ ସାଇକଲରେ ତାଙ୍କ ପଛେ ପଛେ ଯାଉଥିଲି । ସେ ମୋତେ ଚିହ୍ନି ନପାରିବା ପାଇଁ ମୁଁ ତାଙ୍କଠୁଁ ଟିକିଏ ଦୂରରେ ରହୁଥିଲି ଆଉ ମୁହଁରେ ନକଲି କଳା ଦାଢ଼ି ଲଗାଉଥିଲି । ସେ ଅତି ଭଲ ଆଉ ତାଙ୍କର ଯଥେଷ୍ଟ ଆତ୍ମ-ସମ୍ମାନ ଥିଲା । ମୁଁ ତାଙ୍କ ପଛେ ପଛେ ସାଇକଲରେ ଯାଉଛି ବୋଲି ଜାଣିପାରିଥିଲେ ସେ ହୁଏତ ମୋ ପାଖରୁ ଗୃକିରି ଛାଡ଼ି ଗୃଲିଯାଇଥାନ୍ତେ ।”

“ଆପଣ ତାଙ୍କୁ ଏ ବିପଦ କଥା କହି ଦେଲେ ନାହିଁ ?”

“ତାହେଲେ ମଧ୍ୟ ସେ ମୋ ପାଖରୁ ଗୃଲିଯାଇଥାନ୍ତେ ଆଉ ମୁଁ ତା ସହି ପାରି ନଥାନ୍ତି । ସେ ମୋତେ ଭଲ ନପାଇଲେ ମଧ୍ୟ ମୋ ପାଖରେ ରହିବା ଆଉ ମୋ ସହିତ କଥାବାର୍ତ୍ତା କରିବାରେ ମୁଁ ଖୁବ୍ ଆନନ୍ଦ ପାଉଥିଲି ।”

ମୁଁ କହିଲି, “ଆପଣ ଏଟାକୁ ପ୍ରେମବୋଲି କହୁଛନ୍ତି ମିଷ୍ଟର୍ କାର୍‌ଅର୍‌ସ । କିନ୍ତୁ ମୁଁ କହିବି, ଏଇଟା ସ୍ୱାର୍ଥପରତା ।”

“ହଁ’ଟା ସାକ ହୁଏତ ଏକା ହୋଇପାରେ । ତେବେ ମୁଁ ତାଙ୍କୁ ମୋ ପାଖରୁ ଛାଡ଼ିପାରିଲିନାହିଁ । ତାଛଡ଼ା ଏଇ ଶମ୍ବୁଡାନ୍ ଦଳ ତାଙ୍କୁ ଘେରି ରହିଥିଲେ । ତେଣୁ ତାଙ୍କୁ ଦେଖାରଖା କରିବାକୁ କେହି ଜଣେ ପାଖରେ ଥିବା ଭଲ । ତାପରେ ଯେତେବେଳେ ସମୁଦ୍ର ପାରିରୁ ତାରବାର୍ତ୍ତା ଆସି ପହଞ୍ଚିଲା, ମୁଁ ଜାଣିଲି ସେମାନେ କିଛି ଗୋଟେ କରିବସିବେ ।”

“କି ତାରବାର୍ତ୍ତା ?”

କାର୍‌ଅର୍‌ସ ପକେଟରୁ ଗୋଟେ ଟେଲିଗ୍ରାମ ବାହାରକରି ଦେଖାଇଲେ । ସେଟା ଖୁବ୍ ସଂକ୍ଷିପ୍ତ ଥିଲା, ‘ବୁଢ଼ା ମରିଗଲେ’ । ହୋମ୍‌ସ କହିଲେ, “ହୁଁ, ଘଟଣାଟା କ’ଣ ଏଥରେ ବେଶ୍ ବୁଝିହେଉଛି । ଏ ଖବରଟା ପାଇ ସେମାନେ କିଛି କରିବାପାଇଁ ଚିଭିନ୍ନ ଲାଗି ପଡ଼ିଥିବେ । ଏବେ ପୋଲିସ ଆସିବା ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ । ଏଇ ଅବସରରେ ଆପଣ ଯାହା କହିବାର କହିପାରନ୍ତି ମିଷ୍ଟର୍ କାର୍‌ଅର୍‌ସ ।”

Digitized by srujanika@gmail.com

ପାଦ୍ରି ପୋଷାକ ପିନ୍ଧା ପାପିଷ୍ଠ ବୁଢ଼ାଟା ଗୁଡ଼ାଏ ଗାଳିଗୁଲଜ କରି ଗର୍ଜିଉଠି କହିଲା, "ଦେଖ କାର୍‌ଥର୍‌ସ୍, ! ତୁମେ ଯଦି ଆମ ସାଥିରେ ପ୍ରତାରଣା କର ତେବେ ଜାକ୍ ଉଡ୍‌ଲିଙ୍କୁ ତୁମେ ଯାହା କରିଛ ମୁଁ ତୁମକୁ ଠିକ୍ ସେଇଆ କରିଦେବି । ତୁମେ ସେ ତରୁଣୀ ପାଇଁ ମନ ଝୁରାଇ ମେଣ୍ଢାପରି କାନ୍ଦିପାର । ସେ ତୁମର ବ୍ୟକ୍ତିଗତ କଥା; କିନ୍ତୁ ତୁମେ ଯଦି ଏମାନଙ୍କ ଆଗରେ ତୁମ ସାଥିମାନଙ୍କୁ ଧରିପକାଇଦିଅ ତେବେ ପରିଣାମ ବଡ଼ ଭୟଙ୍କର ହେବ ।"

ସିଗାରେଟ୍ ଖଣ୍ଡେ ଲଗାଇ ଥଟ୍ଟାକରି ହୋମ୍‌ସ କହିଲେ, "ଉତ୍ତ୍ୟକ୍ତ ହୁଅନ୍ତୁ ନାହିଁ ମହାମାନ୍ୟ ପାଦ୍ରି ମହାଶୟ । କେଶ୍‌ଟା ଆପଣଙ୍କ ବିରୁଦ୍ଧରେ ଖୁବ୍ ସୁଦୃଢ଼ । ମୁଁ କେବଳ କୌତୂହଳ ମେଣ୍ଟାଇବା ପାଇଁ କେତେଟା ପ୍ରଶ୍ନ ପଚାରୁଛି । ଯଦି କଥାଟା କହିବାରେ ଆପଣଙ୍କର କିଛି ଅସୁବିଧା ହେଉଛି ତେବେ ମୁଁ କହୁଛି ଶୁଣନ୍ତୁ । ସେଇଥିରୁ ଜାଣିପାରିବେ ଆପଣଙ୍କର ଗୁପ୍ତ ଷଡ଼ଯନ୍ତ୍ର ଲୁଚାଇ ରଖିବାପାଇଁ ଆପଣ କେତେଦୂର ସମର୍ଥ ହେବେ । ପ୍ରଥମ କଥା ହେଲା ଏଇ ଖେଳ ଖେଳିବା ପାଇଁ ଆପଣ ତିନିଜଣ ଦକ୍ଷିଣ ଆଫ୍ରିକାରୁ ଏଠିକି ଆସିଲେ—ଆପଣ, ମିଷ୍ଟର୍ ଉଡ୍‌ଲି ଆଉ ମିଷ୍ଟର୍ କାର୍‌ଥର୍‌ସ୍ ।"

"ମିଛକଥା । ମୋଟେ ଦି'ମାସ ଆଗରୁ ମୁଁ ତାଙ୍କ ଭିତରୁ କାହାକୁ ଦେଖିନଥିଲି । ଆଉ ମୋ ଜୀବନରେ ମୁଁ କେବେ ଦକ୍ଷିଣ ଆଫ୍ରିକା ଯାଇନାହିଁ । ଆପଣଙ୍କ କଥା ଆପଣ ପାଇପ୍‌ରେ ପୂରାଇ ଟାଣୁଥାନ୍ତୁ ।"

"ସେ ଯାହା କହୁଛନ୍ତି ସତ," କହିଲେ କାର୍‌ଥର୍‌ସ ।

"ହେଲା, ହେଲା । ଆପଣ ଦି'ଜଣ ଦକ୍ଷିଣ ଆଫ୍ରିକାରୁ ଆସିଲେ । ମହାମାନ୍ୟ ମହାଶୟ ଆମ ଏଇଠିକା ତିଆରି ମାଲ । ଦକ୍ଷିଣ ଆଫ୍ରିକାରେ ଆପଣ ରାଲ୍‌ଫ ସ୍ମିଥ୍‌ଙ୍କୁ ଜାଣିଥିଲେ । ଆପଣ ମଧ୍ୟ ଜାଣିଲେ ଯେ ସେ ଆଉ ବେଶୀ ଦିନ ବଞ୍ଚିପାରିବେ ନାହିଁ । ତାଙ୍କ ଝିଆରୀ ଉତ୍ତରାଧିକାରୀ ହିସାବେ ତାଙ୍କର ସବୁ ସମ୍ପତ୍ତି ପାଇବେ ବୋଲି ଆପଣ ଜାଣିଲେ । କ'ଣ, ଠିକ୍ ତ ?"

କାର୍‌ଥର୍‌ସ୍ ମୁଣ୍ଡହଲାଇ ସମ୍ମତି ଜଣାଇଲେ । ଉଇଲିୟମ୍‌ସନ୍ ସେତେ-ବେଳକୁ ଗାଳିଗୁଲଜ ହୋଇଗଲେଣି । ହୋମ୍‌ସ ପୁଣି କହିଲେ, 'କୁମାରୀ

ସ୍ମିଥ୍ ତାଙ୍କର ନିକଟତମ ଉତ୍ତରାଧିକାରୀ ନିଶ୍ଚୟ । ଆଉ ଆପଣ ଜାଣିଥିଲେ ଯେ ବୁଢ଼ା କୌଣସି ଉଇଲ୍ କରିବେନାହିଁ ।"

କାର୍‌ଥର୍‌ସ୍ କହିଲେ, "ହିଁ, ସେ ଲେଖାପଢ଼ା କିଛି ଜାଣିନଥିଲେ ।"

"ବେଶ୍ । ତେଣୁ ଆପଣ ଦୁ'ଜଣ କୁମାରୀ ସ୍ମିଥ୍‌ଙ୍କୁ ଖୋଜି ବାହାର କରିବା ପାଇଁ ଏଠିକି ଚାଲିଆସିଲେ । ମତଲବ୍ ହେଲା ଜଣେ କୁମାରୀ ସ୍ମିଥ୍‌ଙ୍କୁ ବିବାହ କରିବ ଏବଂ ଅନ୍ୟଜଣଙ୍କ ଯାହା ସମ୍ପତ୍ତି ମିଳିବ ସେଥିରୁ ଭାଗ ନେବ । କୌଣସି କାରଣରୁ ଉଡ୍‌ଲି ତାଙ୍କୁ ବିବାହକରିବାର ଠିକ୍ ହେଲା । କାରଣଟା କ'ଣ ?"

"ଆମେ ଜାହାଜରେ ଆସିଲାବେଳେ ସେଥିପାଇଁ କପାଳବାଜି ତାସ ଖେଳିଲୁ ଆଉ ସେଥିରେ ସେ ଜିଣିଲା ।"

"ଆଚ୍ଛା । ତାପରେ ଆପଣ ଏଇ ତରୁଣୀଙ୍କୁ ଆପଣଙ୍କ ଘରେ ଚାକିରିରେ ରଖାଇଲେ । ସେଇଠି ଉଡ୍‌ଲି ତାଙ୍କ ସହିତ ପ୍ରେମକରିବାର କଥାହେଲା । କିନ୍ତୁ ଉଡ୍‌ଲି ମଦୁଆ, ଗୁଣ୍ଡା ଆଉ ଗୋଟେ ନରାଧମ ପଶୁବୋଲି କୁମାରୀ ସ୍ମିଥ୍ ଜାଣିଲେ ଆଉ ତାଙ୍କୁ କୌଣସି ସୁବିଧା ଦେଲେ ନାହିଁ । ଏ ଭିତରେ ଆପଣଙ୍କ ଯୋଜନାସବୁ ଓଲଟ ପାଲଟ ହୋଇଗଲା । କାରଣ ଆପଣ ନିଜେ ଏଇ ତରୁଣୀଙ୍କ ପ୍ରତି ଆକୃଷ୍ଟ ହୋଇଗଲେ । ଏଇ ଗୁଣ୍ଡାଟା ତାଙ୍କୁ ବିବାହ କରିବା କଥାଟାକୁ ଆପଣ ଆଉ ସହିପାରିଲେ ନାହିଁ ।"

"ହିଁ, ସତ କହୁଛି, ମୁଁ ମୋଟେ ସହିପାରିଲି ନାହିଁ ।"

"ଆପଣ ଦୁ'ଜଣଙ୍କ ଭିତରେ ଗଣ୍ଡଗୋଳ ଲାଗିଲା । ସେ ଆପଣଙ୍କୁ ଛାଡ଼ି ଚାଲିଗଲେ ଆଉ ତାଙ୍କର ନିଜ ଯୋଜନା କରିବାକୁ ଆରମ୍ଭ କଲେ ।"

କେମିତି ଅବାଗିଆ ହସ ହସି କାର୍‌ଥର୍‌ସ୍ କହିଲେ, "ମୁଁ ଦେଖୁଛି ଉଇଲିୟମ୍ ସନ୍, ଏ ଭଦ୍ରଲୋକଙ୍କୁ ଆମେ ଅଧିକା କିଛି କହିବାର ନାହିଁ । ତାଙ୍କୁ ସବୁ ଜଣା । ହିଁ, ଆମ ଭିତରେ କଳି ଲାଗିଲା ଆଉ ସେ ମୋତେ ମାରି ତଳେ ଗଡ଼ାଇଦେଲା । ଯାହାହେଉ, ଏବେ ମୁଁ ତାର ଠିକଣା ଜବାବ ଦେଇଛି । ତାପରେ ମୁଁ ଆଉ ତାକୁ ଦେଖିବାକୁ ପାଇଲିନାହିଁ । ସେଇ

Digitized by srujanika@gmail.com

ସମୟରେ ଏଇ ନକଲ ପାଦ୍ରୀକୁ ସେ ଯୋଗାଡ଼କଲା । ମୁଁ ଜାଣିବାକୁ ପାଇଲି, କୁମାରୀ ସ୍ମିଥ୍ ଯେଉଁବାଟେ ଷ୍ଟେସନ୍‌କୁ ଯାଆନ୍ତି ତାର କଡ଼ରେ ସେ ଦୁ'ଜଣଯାକ ଘରଭଡ଼ାନେଇ ରହିଲେ । ସେଇଦିନଠାରୁ ମୁଁ ବରାବର କୁମାରୀ ସ୍ମିଥ୍‌ଙ୍କ ଉପରେ ଦୃଷ୍ଟିରଖିଥାଏ । କାରଣ ମୁଁ ଜାଣିଥିଲି ଏଇ ଶୟତାନ ଗୁଡ଼ା କେତେବେଳେ କ'ଣ କରି ବସିବେ । ମଝିରେ ମଝିରେ ମୁଁ ସେମାନଙ୍କ ଉପରେ ନଜର ରଖୁଥାଏ । କାରଣ ତାଙ୍କର ଉଦ୍ଦେଶ୍ୟ କ'ଣ ଜାଣିବାପାଇଁ ମୁଁ ବ୍ୟଗ୍ରହୋଇ ପଡ଼ିଥାଏ । ଦୁ'ଦିନତଳେ ଏଇ ଟେଲିଗ୍ରାମ୍‌ଟା ଧରି ଉଡ଼ଲି ମୋ ଘରକୁ ଆସିଲା । ରାଲଫ୍‌ସ୍ମିଥ୍ ମରିବାକଥା ଜାଣିଲୁ । ଆମର ପୂର୍ବ ଚୁକ୍ତିରେ ମୁଁ ରାଜି କି ନାହିଁ ମୋତେ ପଚାରିଲା । ମୁଁ ହେଁକଠୋକ୍ ମନା କରିଦେଲି । ମୁଁ ତରୁଣୀଙ୍କୁ ବିବାହକରି ତାଙ୍କୁ ସମ୍ପତ୍ତିରୁ ଭାଗ ଦେବାକୁ ରାଜି କି ନାହିଁ ସେ ପଚାରିଲା । ମୁଁ କହିଲି, "ମୁଁ ଖୁସିରେ ସେଥିରେ ରାଜି ଅଛି; କିନ୍ତୁ ତରୁଣୀ ମୋତେ ବିବାହକରିବାକୁ ରାଜି ହେବେ ନାହିଁ । ସେ କହିଲା, 'କୌଣସି ପ୍ରକାରେ ବାହାଘର କାମଟା କରିଦେଉ । ସପ୍ତାହେ ଦୁ'ସପ୍ତାହପରେ ସେ ହୁଏତ ବଦଳି ଯାଇପାରନ୍ତି ।' ମୁଁ ଉତ୍ତରଦେଲି ଜୋର୍ ଜବରଦସ୍ତି କିଛି କରିବାକୁ ମୁଁ ରାଜି ନୁହେଁ । ଏତିକିରେ ସେ ମୋତେ ନାନାପ୍ରକାର ଗାଳିଦେଇ ରାଗିକରି ଚାଲିଗଲା । ଗଲାବେଳେ କହିଗଲା, 'କଳେ ବଳେ-କୌଶଳେ ମୁଁ ତରୁଣୀଙ୍କୁ ହାତ କରିବ ।' କୁମାରୀ ସ୍ମିଥ୍ ଏ ସପ୍ତାହରେ ଏଠାରୁ ମୋ ପାଖରୁ ବିଦାହୋଇ ଯିବା କଥା । ତାଙ୍କୁ ନେଇ ଷ୍ଟେସନ୍‌ରେ ଛାଡ଼ିବା ପାଇଁ ମୁଁ ଗୋଟେ ଘୋଡ଼ାଗାଡ଼ି ଆଣିଥିଲି । ତଥାପି ମୋ ମନଟା ସ୍ଥିର ହେଲାନାହିଁ । ମୁଁ ମୋ ସାଇକେଲ୍ ଧରି ତାଙ୍କ ପଛରେ ବାହାରିପଡ଼ିଲି । ସେ କିଛିଏ ଆଗରୁ ବାହାରି ଯାଇଥିଲେ ଆଉ ମୁଁ ତାଙ୍କ ପାଖରେ ପହଞ୍ଚିବା ଆଗରୁ ଶୟତାନ ଗୁଡ଼ାଏ ଜୋର୍ କରି ପକାଇଲେ । ଆପଣ ଦୁ'ଜଣ ତାଙ୍କ ଗାଡ଼ିରେ ଫେରୁଥିବାର ଦେଖି ମୁଁ କଥାଟା ଜାଣିପାରିଲି ।"

ଉଡ଼ଲିକୁ ଉଠି, ସିଗାରେଟ ମୁଣ୍ଡଟା ନିଆଁ ଉପରେ ଭିତରକୁ ଫିଙ୍ଗି ଦେଇ ହୋମ୍‌ସ କହିଲେ, "ମୋ ତନ୍ତ୍ରାଧାରା କିଛିଏ ସୂକ୍ଷ୍ମ ହୋଇପାରିଲାନାହିଁ ଉଆଟସନ୍ । ତୁମ ରିପୋର୍ଟରେ ତୁମେ ଯେତେବେଳେ କହିଲ ସେ ସାଇକେଲ

ଚଡ଼ାର୍ଲୀ ତା ନେକ୍‌ଟାଇ ଠିକ୍ କଲାପରେ ତୁମକୁ ଜଣାଗଲା, ସେଇଥିରୁ ମୁଁ ସବୁକଥା ବୁଝିଥାନ୍ତି । ଯାହାହେଉ, ଏଇ କୌତୂହଳ ପୂର୍ଣ୍ଣ ଅସାଧାରଣ କେଶ୍‌ପାଇଁ ଆମେ କେତେକାଂଶରେ ନିଜକୁ ଅଭିନନ୍ଦନ କରିବାକଥା । ଏଇତ, ସିଡ଼ିରେ ତିନିଜଣ ପୋଲିସ କର୍ମଚାରୀ ଆସୁଛନ୍ତି । ବାହାରେ ଘୋଡ଼ା ସଇସ ମଧ୍ୟ ତାଙ୍କ ପଛେପଛେ । ତେଣୁ ଯେତେଦୂର ଆଶା ସେ ଆଉ ବଡ଼ ମହାଶୟ କେହି ଆଜିର ଏ ସକାଳ ଅଭିଯାନରେ ବିଶେଷ ଆହତ ହୋଇ ନାହାନ୍ତି । ତୁମ ଡାକ୍ତରୀପାଠ କାମରେ ଲଗାଇ କୁମାରୀ ସ୍ମିଥ୍‌ଙ୍କର ଚିକିତ୍ସାକରି ପାରିବ ବୋଲି ମୋର ଆଶା ! ଆଉ ସେ ଯଦି ସୁସ୍ଥ ଅନୁଭବ କରିବେ ତାଙ୍କୁ କହିବ ଆମେ ତାଙ୍କୁ ନେଇ ତାଙ୍କ ମାଆଙ୍କ ପାଖରେ ଛାଡ଼ିଦେବା । ଯେ ଯଦି ସାମାନ୍ୟ ସୁସ୍ଥ ଅନୁଭବ କରୁଥିବେ ତେବେ ତାଙ୍କୁ କହିବ ଆମେ ମିଡ୍‌ଲାଣ୍ଡସ୍‌ର ଜଣେ ତରୁଣ ଇଂଜିନିୟରଙ୍କ ପାଖକୁ ଟେଲିଗ୍ରାମ୍ କରିବାକୁ ବସିଥିଲୁ । ଦେଖିବ, ସେତିକିରେ ସେ ବୋଧହୁଏ ପୂର୍ଣ୍ଣସୁସ୍ଥ ହୋଇଯିବେ । ଆଉ ଆପଣ ମିଷ୍ଟର୍ କାର୍‌ଥରସ୍, ମୁଁ ଭାବୁଛି ଯେଉଁ କୁଚକ୍ରାନ୍ତରେ ଆପଣ ଭାଗ ନେଇଥିଲେ ତାର ପ୍ରାୟଶ୍ଚିତ ପାଇଁ ଯାହା କରିବାର କରିଛନ୍ତି । ଏଇ ନିଅନ୍ତୁ ମୋ ନାଁ ଆଉ ଠିକଣା ଲେଖା କାର୍ଡ଼ । ଅଦାଲତରେ ଆପଣଙ୍କ ବିଚାର ବେଳେ ଯଦି ମୋର ସାକ୍ଷ୍ୟ ଆପଣଙ୍କୁ କିଛି ସାହାଯ୍ୟ କରିପାରିବ ତେବେ ଏ କାର୍ଡ଼ର ସଦ୍‌ବ୍ୟବହାର କରିବେ ।”

ପାଠକମାନେ ଲକ୍ଷ୍ୟକରିଥିବେ ଯେ ଆମର ଅବିରାମ କର୍ମ-ଚକ୍ର ଭିତରେ ମୋର ବର୍ଣ୍ଣନାକୁ ପୂର୍ଣ୍ଣାଙ୍ଗକରି ଶେଷରେ ଟିକିନିଖି ବିବରଣୀ ଦେବା ମୋ ପକ୍ଷରେ କଷ୍ଟକର । ପ୍ରତ୍ୟେକ କେଶ୍ ଅନ୍ୟ ଗୋଟାଏ କେଶ୍‌ର ଉପକ୍ରମପରି । ଥରେ ସମସ୍ୟାର ସମାଧାନ ହୋଇଗଲାତ କେଶ୍‌ର ନାୟକମାନେ ସବୁଦିନ ପାଇଁ ଆମ କର୍ମମୟ ଜୀବନରୁ ଦୂରେଇଯାଆନ୍ତି । ଯାହାହେଉ, ଏ କେଶ୍‌ରେ ମୋ ବିବରଣୀ ଶେଷରେ ମୁଁ କିଛି ନୋଟ୍‌ଲେଖି ଦେଇଥିଲି ! ସେଥିରେ ଲେଖିରଖିଛି ଯେ କୁମାରୀ ଭାଓଲେଟ୍ ସ୍ମିଥ୍ ଉତ୍ତରାଧିକାରୀଭାବେ ଅନେକ ସମ୍ପତ୍ତି ପାଇଲେ ! ଏବେ ସେ ଉଏଷ୍ଟମିନିଷ୍ଟର୍‌ର ପ୍ରସିଦ୍ଧ ଇଲେକ୍‌ଟ୍ରିସିଆନ୍

Digitized by srujanika@gmail.com

କଂପାନୀର ମୋର୍ଟନ୍ ଆଣ୍ଡ କେନେଡ଼ିର ପୁରୁଖା ଅଂଶୀଦାର ସାଇରିଲ୍ ମୋର୍ଟନଙ୍କ ସ୍ତ୍ରୀ । ଉଇଲିୟମ୍ସନ୍ ଆଉ ଉଡ୍ଲି, ଦୁହିଙ୍କର ବିଚାର ହେଲା । ବଳପୂର୍ବକ ହରଣକରିବା ଆଉ ମାଡ଼ମାରିବା ଅଭିଯୋଗରେ ଉଇଲିୟମ୍ସନ୍‌ଙ୍କୁ ସାତବର୍ଷ ଆଉ ଉଡ୍ଲିଙ୍କୁ ଦଶବର୍ଷ କାରାଦଣ୍ଡ ହେଲା । କାର୍ଥରସଙ୍କ ବିଷୟରେ ମୋ ପାଖରେ କିଛି ଲେଖାନାହିଁ । ତେବେ ମୁଁ ନିଶ୍ଚିତ ଯେ ତାଙ୍କ ଅପରାଧ ଉପରେ ବିଚାରପତି ବିଶେଷ ଗୁରୁତ୍ୱ ଦେଇନାହାନ୍ତି । କାରଣ ଉଡ୍ଲି ଏକ ଭୟଙ୍କର ଗୁଣ୍ଡା ବୋଲି ଜଣାଶୁଣା । ତେଣୁ ମୁଁ ଭାବୁଛି ନ୍ୟାୟ ଦୃଷ୍ଟିରୁ କାର୍ଥରସ୍‌ଙ୍କୁ କେତେ ମାସ ଦଣ୍ଡ ଯଥେଷ୍ଟ ହୋଇଥିବ । * * *

Digitized by srujanika@gmail.com

ନରଉଡ୍‌ର ମିସ୍ତ୍ରୀ

ମିଷ୍ଟର ସେର୍‌ଲକ୍ ହୋମ୍‌ସ ଦିନେ କହିଲେ, "ସ୍ୱର୍ଗୀୟ ପ୍ରଫେସର୍ ମୋରିଆର୍ଟିଙ୍କ ମୃତ୍ୟୁ ପରେ, ଜଣେ ଅପରାଧ ତତ୍ତ୍ୱ ବିଶେଷଜ୍ଞ ଦୃଷ୍ଟିରୁ ଲଣ୍ଡନ ସହରରେ ସେମିତି କିଛି ବିଶେଷ ଆକର୍ଷଣ ଆଉ ନାହିଁ।"

ମୁଁ ଉତ୍ତର ଦେଲି, "କୌଣସି ଭଦ୍ର ନାଗରିକ ତୁମ କଥାରେ ଏକମତ ହେବ ବୋଲି ମୁଁ ଭାବୁନାହିଁ।"

ଟିକିଏ ହସିଦେଇ ସେ କହିଲେ, "ହେଲା, ହେଲା। ମୁଁ ଏତେଟା ସ୍ୱାର୍ଥପର ହେବି ନାହିଁ।" ଜଳଖିଆ ଟେବଲ୍ ପାଖରୁ ଚଉକିଟା ପଛକୁ ଠେଲିଦେଇ ସେ କହିଲେ, "ତାପରେ ସର୍ବସାଧାରଣ ନିଶ୍ଚୟ ଲାଭବାନ୍ ହୋଇଛନ୍ତି। କେବଳ ବିଚରା ଅପରାଧ ବିଶେଷଜ୍ଞ କ୍ଷତିରେ ପଡ଼ିଛି। କାରଣ ତାର ବ୍ୟବସାୟ ବନ୍ଦ ହୋଇଯାଇଛି। ପ୍ରଫେସର୍ ମୋରିଆର୍ଟି ଥିଲାବେଳେ ପ୍ରତିଦିନ ସକାଳ ଖବରକାଗଜରେ କିଛି ନା କିଛି ସମ୍ବାଦ ବାହାରୁଥିଲା। ବେଳେବେଳେ ସମ୍ବାଦ ଅତି ଛୋଟ ଆଉ ସେଥିରେ ଅତି କ୍ଷୀଣ ସୂଚନା ଥିଲେ ମଧ୍ୟ ମୁଁ ସେଇଥିରୁ ଜାଣିପାରୁଥିଲି ଯେ ଘଟଣାଟା ପଛରେ ସେଇ ବିରାଟ ଅନିଷ୍ଟକାରୀ ମୁଣ୍ଡ ରହିଛି, ଠିକ ବୁଢ଼ିଆଣୀ ଜାଲର ଖିଏ ସୂତା ହଲିଲେ ଜଣା ଯାଏ ଯେ ଜାଲର ମଝିରେ ବୁଢ଼ିଆଣୀ ବସିରହିଛି। ଛୋଟକାଟିଆ ଚୋରି, ଉଚ୍ଛୃଙ୍ଖଳ ମାଡ଼ଗୋଳ, ଉଦ୍ଦେଶ୍ୟହୀନ ଗଣ୍ଡଗୋଳ ଛଡ଼ା ଆଉ କିଛି ନାହିଁ। ବଡ଼ ବଡ଼ ଅପରାଧ ବିଷୟରେ ଶିକ୍ଷା କରୁଥିବା ବୈଜ୍ଞାନିକ ଛାତ୍ର ପାଇଁ ସେତେବେଳେ ଲଣ୍ଡନରେ ଯେତେ ସୁବିଧା ଥିଲା ଇଉରୋପର ଅନ୍ୟ କୌଣସି ଦେଶର ରାଜଧାନୀରେ ତା ନଥିଲା; କିନ୍ତୁ ଏବେ—।"

ମୁଁ ଯେଉଁ ସମୟ କଥା କହୁଛି ସେତେବେଳକୁ ହୋମ୍‌ସ ଫେରିବାର କିଛିଦିନ ହୋଇଥାଏ। ତାଙ୍କ ଅନୁରୋଧରେ ମୁଁ ମୋ ଡାକ୍ତରୀ ବ୍ୟବସାୟ ବିକ୍ରି କରିଦେଇ ତାଙ୍କ ସାଥିରେ ବେକର୍‌ଷ୍ଟ୍ରୀଟ୍‌ର ସେଇ ପୁରୁଣା ଘରେ

Digitized by srujanika@gmail.com

ରହୁଥାଏ । ଭର୍‌ନର୍ ନାଁରେ ଜଣେ ଯୁବକ ଡାକ୍ତର କେନ୍‌ସିଙ୍ଗ୍‌ଟନ୍‌ରେ ଥିବା ମୋ ବ୍ୟବସାୟ କିଣି ନେଇଥାନ୍ତି । ଆଶ୍ଚର୍ଯ୍ୟ କଥା ହେଲା, ମୁଁ ଯେଉଁ ଅଧିକା ଦାମ୍ କହିଲି ସେ ବିନାଦ୍ୱିଧାରେ ଦେଇଦେଲେ । କଥାଟା ମୁଁ ପରେ ବୁଝିପାରିଲି । ଜାଣିଲି ଭର୍‌ନର୍ ହୋମ୍‌ସଙ୍କର ଜଣେ ଦୂର ସମ୍ପର୍କୀୟ ବନ୍ଧୁ ଆଉ ପଇସାଟା ମୋ ବନ୍ଧୁ ହୋମ୍‌ସ ହିଁ ତାଙ୍କୁ ଦେଇଥିଲେ । ସେଯାଏଁ ଯେଉଁ କେତେ ମାସ ଆମେ ସାଥିହୋଇ ରହିଲୁ ତା' ଭିତରେ କିଛି ଘଟଣା ଘଟିନାହିଁ ବୋଲି ହୋମ୍‌ସ ଯାହା କହୁଲେ ତା ଠିକ୍ ନୁହେଁ । କାରଣ ମୋ ନୋଟ୍‌ଖାତାରୁ ମୁଁ ଦେଖିବାକୁ ପାଇଛି ଯେ ସେ ସମୟରେ ଭୂତପୂର୍ବ ରାଷ୍ଟ୍ରପତି ମରଲେଙ୍କ ଘଟଣା ଆଉ ମଧ୍ୟ ହଲଣ୍ଡର ଜାହାଜ ଫ୍ରିଜଲଣ୍ଡର ମର୍ମନ୍ତୁଦ ଘଟଣା ଘଟିଥିଲା । ଶେଷ ଘଟଣାରେ ଆମେ ପ୍ରାୟ ଆମର ଜୀବନ ହରାଇବସିଥିଲୁ । କିନ୍ତୁ ହୋମ୍‌ସଙ୍କର ଧୀର ଆଉ ଦାର୍ଶନିକ ସ୍ୱଭାବ ସବୁ ସାଧାରଣଙ୍କଠାରୁ ଅଭିନନ୍ଦନ ପାଇବା ବିରୁଦ୍ଧରେ । ତାଙ୍କର କାର୍ଯ୍ୟ ପଦ୍ଧତି, ତାଙ୍କର ସଫଳତା ବିଷୟରେ ଆଉ କିଛି କହିବା ପାଇଁ ସେ ମୋତେ ଖୁବ୍ ଦୃଢ଼ଭାବେ ମନା କରି ଦେଇଥିଲେ । ଏଇ କଟକଣାଟା ଏବେ ମାତ୍ର ଉଠିଯାଇଛି ।

ମୁଁ ଆଉ ସେର୍‌ଲକ୍ ହୋମ୍‌ସ ଅଳସ ଭାବରେ ଚଉକିରେ ଆଉଜି ବସି ସକାଳର ଖବରକାଗଜଟା ଖୋଲୁଥାନ୍ତି । ଏତିକିବେଳେ କଲିଂବେଲ୍‌ଟା ଖୁବ୍ ଜୋର୍‌ରେ ବାଜିଉଠିଲା । ତା' ପରେପରେ ଦୁମ୍ ଦୁମ୍ ଶବ୍ଦ ଶୁଭିଲା । ଯେମିତି କେହି କାହାର ଦରଜାରେ ଖୁବ୍ ଜୋର୍‌ରେ ବିଧା ମାରୁଛି । ଦରଜାଟା ଖୋଲିବା ମାତ୍ରେ ଘର ଭିତରକୁ ତୁମୁଳ କୋଳାହଳ ପଶିଆସିଲା । ପାହାଚ ଉପରେ ଦ୍ରୁତ ପାଦ ଶବ୍ଦ ଶୁଣାଗଲା । ଟିକିଏ ପରେ ଜଣେ ଯୁବକ ଘର ଭିତରକୁ ପଶିଆସିଲେ । ସେ ଉନ୍ମତ୍ତ ପରି ଜଣାଯାଉଥାନ୍ତି । ଆଖି ଦି'ଟା ଲାଲ୍ ପଡ଼ିଯାଇଥାଏ । ମୁହଁଟା ମଳିନ ଦିଶୁଥାଏ । ମୁଣ୍ଡର ବାଳ ଆଲୁଳାୟିତ । ତାଙ୍କ ଛାତି ପଡୁଥାଏ ଉଠୁଥାଏ । ସେ ଜଳ ଜଳ କରି ଆମ ମୁହଁକୁ ଚାହିଁଲେ । ଆମେ ଜିଜ୍ଞାସୁ ଆଖିରେ ତାଙ୍କୁ ଚାହିଁବାରୁ ତାଙ୍କର ଖିଆଲ ହେଲା ଯେ ଏମିତି ଅଭଦ୍ରଙ୍କ ପରି ଘର ଭିତରକୁ ପଶି ଆସିଥିବାରୁ ତାଙ୍କର କ୍ଷମା ମାଗିବା

Digitized by srujanika@gmail.com

ଉଚତ । ନମ୍ର ସ୍ୱରରେ ସେ କହିଲେ, "କ୍ଷମା କରବେ ମିଷ୍ଟର ହୋମ୍‌ସ । ମୋତେ ଦୋଷ ଦେବେ ନାହିଁ । ମୁଁ ପ୍ରାୟ ପାଗଳ ହୋଇଯାଇଛୁ । ମୁଁ ହଉଚ ବଚସ୍ର ହତଭାଗା ଜନ୍ ହେକ୍‌ଟର ମାକ୍ ଫାର୍‌ଲେନ୍ ।"

ସତେ ଯେମିତ ଆମେ ତାଙ୍କ ଆସିବାର କାରଣ ଆଉ ତାଙ୍କ ବିଷୟରେ ସବୁ ବୁଝିସିବୁ, ସେଇମିତ ସେ କଥା ପଦକ କହିଦେଲେ; କିନ୍ତୁ ହୋମ୍‌ସଙ୍କ ମୁହଁକୁ ଗୁହିଁ ଜାଣିପାରଲେ ଯେ ମୋ ପର ସେ ମଧ୍ୟ କିଛୁ ବୁଝିପାର-ନାହାନ୍ତି । ସିଗାରେଟ୍ ଡବାଟା ଆଗନ୍ତୁକଙ୍କ ଆଡ଼କୁ ପେଲିଦେଇ ହୋମ୍‌ସ କହିଲେ, 'ସିଗାରେଟ୍ ଖଣ୍ଡେ ନଅନ୍ତୁ ମିଷ୍ଟର ମାକ୍ ଫାର୍‌ଲେନ୍ । ଆପଣଙ୍କ ଲକ୍ଷଣରୁ ମୁଁ ଜାଣିପାରୁଛୁ ଯେ ମୋ ବନ୍ଧୁ ଡାକ୍ତର ଉଆଟ୍‌ସନ ଆପଣଙ୍କୁ କୌଣସି ବେଦନାନାଶକ ଔଷଧ ଖାଇବା ପାଇଁ ଉପଦେଶ ଦେବେ । ଏଇ ଗଲା କେତେ ଦନ ହେଲା ପାଗ ଅଧ ଗରମ ହେଉଛୁ । ଏଥର ଆପଣ ଯଦ ଟିକଏ ସୁସ୍ଥ ଅନୁଭବ କରୁଛନ୍ତି, ସେଇ ଚଉକରେ ବସନ୍ତୁ ଆଉ ଆମକୁ ଧୀର ସ୍ଥିରଭାବେ କହନ୍ତୁ ଆପଣ କଏ ଆଉ କ'ଣ ଗୁହାନ୍ତି । ଆପଣ ନଜ ନାଁଟା କହ ଦେଲେ ସତେ ଯେମିତ ସେଥିକରୁ ମୁଁ ଆପଣଙ୍କୁ ଜାଣିପାରବି । କିନ୍ତୁ ସତ କହୁଛୁ, "ମୁଁ କେବଳ ଜାଣୁଛୁ ଯେ ଆପଣ ଅବିବାହିତ ଜଣେ ଆଇନଜୀବି, ଫ୍ରିମାସନ୍ ସୋସାଇଟିର ଜଣେ ସଭ୍ୟ ଆଉ ଜଣେ ଆଜ୍‌ମାରୋଗୀ । ସ୍ୱା' ଛଡ଼ା ଆପଣଙ୍କ ବିଷୟରେ ମୁଁ ଆଉ କିଛୁ ଜାଣେ ନାହିଁ ।"

ମୁଁ ମୋ ବନ୍ଧୁଙ୍କ ପଦ୍ଧତ ସହିତ ପରଚତ । ତେଣୁ ତାଙ୍କ ଅନୁଶୀଳନ ସବୁ ବୁଝିବା ମୋ ପକ୍ଷେ କଷ୍ଟକର ହେଲା ନାହିଁ । ଭଦ୍ରଲୋକଙ୍କ ଅପରିଷ୍କାର ପୋଷାକ, ଆଇନ ସମ୍ବନ୍ଧୀୟ କାଗଜ ବିଡ଼ା, ହାତ ଘଣ୍ଟି ଆଉ ପ୍ରଖର ନିଃଶ୍ୱାସ ଲକ୍ଷ୍ୟକରି ସେ ଏ କଥା ଜାଣିପାରଥିଲେ । ଆମ ମକ୍କେଲ କିନ୍ତୁ ଆଶ୍ଚର୍ଯ୍ୟ ହୋଇ ଆମ ଆଡ଼େ ଗୁହିଁ ରହିଲେ ।

"ହଁ, ଆପଣ ଯାହା କହିଲେ ସବୁ ଠିକ୍ । ତା'ଛଡ଼ା ବର୍ତ୍ତମାନ ମୁଁ ଲଣ୍ଡନରେ ସବୁଠୁଁ ହତଭାଗା ଲୋକ ମିଷ୍ଟର ହୋମ୍‌ସ । ଦୟାକରି ମୋତେ ନରାଶ କରନ୍ତୁ ନାହିଁ । ସେମାନେ ଯଦ ମୋତେ ଆରେଷ୍ଟ କରିବାକୁ ଆସନ୍ତି, ତେବେ ମୁଁ ମୋ କଥା ଆପଣଙ୍କ ଆଗରେ ଶେଷ କରିବାଯାଏଁ ତାଙ୍କଠୁ ସମୟ

Digitized by srujanika@gmail.com

ନେବେ । ତାହେଲେ ପ୍ରକୃତ ସତକଥା ମୁଁ ଆପଣଙ୍କ ଆଗରେ କହି ପାରିବି । ଆପଣ ମୋ ପାଇଁ କାମ କରୁଛନ୍ତି ବୋଲି ଜାଣିଲେ ମୁଁ ଫାଶୀ ଯିବାକୁ ବି ପ୍ରସ୍ତୁତ ।"

"ଆପଣଙ୍କୁ ଆରେଷ୍ଟ୍ କରିବେ ! ଏଟା ତ ଖୁବ ଚମତ୍କାର । କେଉଁ ଅପରାଧରେ ଆପଣ ଆରେଷ୍ଟ୍ ହେବେ ବୋଲି ଭୟ କରୁଛନ୍ତି ?"

"ଲୋୟର ନର୍‌ଉଡର ମିଷ୍ଟର୍ ଜୋନାସ୍ ଓଲ୍‌ଡାକ୍‌ରଙ୍କୁ ହତ୍ୟା କରିଥିବା ଅଭିଯୋଗରେ ।"

ମୋ ବନ୍ଧୁଙ୍କ ଭାବପୂର୍ଣ୍ଣ ମୁହଁରେ ସହାନୁଭୂତି ଏବଂ ତୃପ୍ତିର ଲକ୍ଷଣ ଦେଖା ଗଲା । ସେ କହିଲେ, "ଏଇ ମାତ୍ର ଜଳଖିଆ ଖାଇଲାବେଳେ ମୁଁ ମୋ ବନ୍ଧୁ ଡାକ୍ତର ୱାଟ୍‌ସନଙ୍କୁ କହୁଥିଲି, ଆମ ଖବରକାଗଜରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଏକାବେଳକେ ଲୋପ ପାଇଗଲାଣି ।"

ଦୈନିକ ଟେଲିଗ୍ରାଫ୍ କାଗଜଟା ସେଯାଏ ହୋମ୍‌ସଙ୍କ ଆଣ୍ଠୁ ଉପରେ ପଡ଼ିଥାଏ । ଆଗନ୍ତୁକ ଥରିଲା ହାତଟା ଆଗକୁ ବଢ଼ାଇ କାଗଜଟା ନେଇ କହିଲେ, "ଆପଣ ଯଦି ଏ କାଗଜଟା ଦେଖିଥାନ୍ତେ ତେବେ ଜାଣିଥାନ୍ତେ ଏଡ଼େ ସକାଳୁ ମୁଁ ଆପଣଙ୍କ ପାଖକୁ କାହିଁକି ଆସିଛି । ମୋତେ ଜଣାଯାଉଛି ଯେମିତି ପ୍ରତିଲୋକ ମୁହଁରେ ମୋ ନାଁ ଆଉ ମୋ ଦୁର୍ଭାଗ୍ୟ କଥା ।" କାଗଜଟା ଓଲଟାଇ ସେ ମଝି ପୃଷ୍ଠାଟା ବାହାର କରି କହିଲେ, "ଏଇଠି ଖବରଟା ଅଛି ଆଉ ଅନୁମତି ଦେଲେ ମୁଁ ଆପଣଙ୍କୁ ପଢ଼ି ଶୁଣାଇବି । ଶୁଣନ୍ତୁ ମିଷ୍ଟର୍ ହୋମ୍‌ସ, ଶିରୋନାମାରେ ଲେଖାହେଲା : 'ଲୋୟର୍ ନର୍‌ଉଡରେ ରହସ୍ୟ-ଜନକ ଘଟଣା । ଜଣାଶୁଣା ମିସ୍ତ୍ରୀଙ୍କର ଅନ୍ତର୍ଦ୍ଧାନ । ହତ୍ୟା ଓ ଘରପୋଡ଼ିର ସନ୍ଦେହ । ହତ୍ୟାକାରୀକୁ ଧରିବା ପାଇଁ ଗୋଟାଏ ସୂତ୍ର ।' ସେମାନେ ଏଇ ସୂତ୍ରକୁ ଧରିଛନ୍ତି ମିଷ୍ଟର୍ ହୋମ୍‌ସ । ମୁଁ ଜାଣେ ସେ ସୂତ୍ର ନିଶ୍ଚୟ ଶୀଘ୍ର ମୋର ଆଡ଼କୁ ଆସିବ । ଲଣ୍ଡନ୍ ବ୍ରିଜ୍ ଷ୍ଟେସନରୁ ମୋ ପଛରେ ଲୋକ ଲାଗିଛନ୍ତି । ମୁଁ ନିଶ୍ଚିତ, ସେମାନେ କେବଳ ମୋ ଆରେଷ୍ଟ୍ ୱାରେଣ୍ଟକୁ ଅପେକ୍ଷା କରିଛନ୍ତି । ତା ହେଲେ ମୋ ମାଆ ବଞ୍ଚିବାର ଆଶା ଫାଟିଯିବ ।" ସେ ସନ୍ଦେହର ଯନ୍ତ୍ରଣାରେ ଛଟପଟ ହେଲାପରି ଜଣାଗଲେ ।

Digitized by srujanika@gmail.com

ମୁଁ ଖୁବ୍ ଆଗ୍ରହର ସହିତ ଏଇ ଭଦ୍ରଲୋକଙ୍କ ଗୃହିଁ ରହିଲି । ଗୋଟାଏ ଅପରାଧ କରିଥିବା ଦୋଷରେ ତାଙ୍କୁ ଅଭିଯୁକ୍ତ କରାଯାଇଛି । ସେ ବେଶ୍ ସୁନ୍ଦର । ମୁଣ୍ଡର ବାଳ ଛଣପଟପରି । ନୀଳ ଆଖିଦୁଇଟି ଭୟଭୀତ । ତାଙ୍କ ବୟସ ପ୍ରାୟ ସତେଇଶ ହୋଇଥିବ । ତାଙ୍କର ପୋଷାକ ଆଉ ଢଙ୍ଗ ତାଙ୍କ ଭଦ୍ରଲୋକପରି । ତାଙ୍କର ପତଳା ଓଭରକୋଟ୍ ପକେଟରୁ ତାଙ୍କ ଦସ୍ତଖତ ଥିବା କାଗଜ ବିଡ଼ାଟା ଉପରକୁ ଦେଖାଯାଉଥିଲା । ସେଇଥିରୁ ତାଙ୍କର ବ୍ୟବସାୟ କ'ଣ ଜଣାଯାଉଥିଲା । ହୋମ୍ସ କହିଲେ, "ଆମ ହାତରେ ଯେତିକି ସମୟ ଅଛି ଆମେ ତାର ସଦ୍‌ବ୍ୟବହାର କରିବା ଉଚିତ । ଓ୍ୱାଟ୍‌ସନ୍, ତୁମେ ଦୟାକରି କାଗଜଟା ନେଇ ଏ ବିଷୟରେ ଯେଉଁ ପାରାଟା ଲେଖାଅଛି ସେଟା ପଢ଼ିବ ।"

ଆମ ମକ୍କେଲ ପଢ଼ିଥିବା କଡ଼ା ଶିରୋନାମାତଳେ ଲେଖାଥିବା ପାରାରେ ଯାହା ବର୍ଣ୍ଣନା କରାଯାଇଥିଲା ମୁଁ ସେଟା ପଢ଼ିଲି । ଗଲା ରାତି ଶେଷଆଡ଼କୁ ବା ଆଜି ସକାଳେ ଲୋୟର୍ ନର୍‌ଉଡ୍‌ରେ ଗୋଟେ ଘଟଣା ଘଟିଯାଇଛି । ଅନୁମାନ କରାଯାଏ ତାହା ଏକ ଗୁରୁତର ଅପରାଧ । ମିଷ୍ଟର୍ ଜୋନାସ୍ ଓଲ୍‌ଡାକର୍ ସେ ଅଞ୍ଚଳର ଜଣେ ଜଣାଶୁଣା ଅଧିବାସୀ । ଅନେକ ବର୍ଷ ଧରି ସେଇଠି ସେ ତାଙ୍କର ମିସ୍ତ୍ରୀ ବ୍ୟବସାୟ କରି ଆସିଛନ୍ତି । ମିଷ୍ଟର ଓଲ୍‌ଡାକର୍ ଅବିବାହିତ । ତାଙ୍କର ବୟସ ବାଉନ ବର୍ଷ । ସିଡ଼େନ୍‌ହାମ୍ ରୋଡ଼ର ଶେଷ ମୁଣ୍ଡରେ ଡିପ୍‌ଡେନ୍ ନାମକ ଘରେ ସେ ରହନ୍ତି । ସେ ଜଣେ ଖିଆଲି ଲୋକ, ଗୋପନଶୀଳ ଆଉ ନିରୋଳା ରହିବାକୁ ଭଲପାଆନ୍ତି ବୋଲି ଜଣା । କେତେ ବର୍ଷହେଲି ସେ ବସ୍ତୁତଃ ବ୍ୟବସାୟ ଛାଡ଼ିଦେଇଥିଲେ । ଏଇ ବ୍ୟବସାୟରୁ ସେ ଯଥେଷ୍ଟ ଧନ ଉପାର୍ଜନ କରି ପାରିଥିଲେ । ତାଙ୍କ ଘର ପଛପାଖରେ ଏବେ ବି ଗୋଟେ ଶ୍ରେଷ୍ଠ କାଠଗୋଲା ଅଛି । କାଲି ରାତି ବାରଟାବେଳେ ଗୋଟାଏ ଗଦାକାଠରେ ନିଆଁ ଲାଗିବା ଖବର ହେଲା । ଦମକଲ ଯାଙ୍କେ ସାଙ୍ଗେ ଘଟଣାସ୍ଥଳରେ ପହଞ୍ଚିଗଲା । କିନ୍ତୁ ଶୁଖିଲା କାଠଗୁଡ଼ା ହୁହୁହୋଇ ଜଳିଉଠିଲା । ନିଆଁ ଲିଭାଇବା ଅସମ୍ଭବ ହୋଇପଡ଼ିଲା । ପୂରାଗଦାଟା ପୋଡ଼ି ପାଉଁଶ ହୋଇଗଲା । ଏ ଯାଏଁ ଘଟଣାଟା ଦୈବକ୍ରମେ ଘଟିଲାପରି ଜଣାଯାଉଥିଲା; କିନ୍ତୁ

Digitized by srujanika@gmail.com

ଆଉ କେତେକ ସୂଚନାରୁ ଜଣାଯାଏ ଯେ ଏହା ଏକ ଗୁରୁତର ଅପରାଧ । ନିଆଁ ଲଗିବା ଜାଗାରେ ମାଲିକଙ୍କର ଅନୁପସ୍ଥିତିରେ ବିଷୟ ପ୍ରକାଶ ପାଇଲା । ତାଙ୍କର ସନ୍ଧାନ ନିଆଗଲା । ଦେଖାଗଲା ସେ ଘରେ ମଧ୍ୟ ନାହାନ୍ତି । ତାଙ୍କ ରୁମ୍ ପରୀକ୍ଷା-କରି ଦେଖିବାରେ ଜଣାଗଲା ସେ ବିଛଣାରେ ମୋଟେ ଶୋଇନାହାଁନ୍ତି । ଘରେ ଥିବା ଗୋଟେ ଲୁହା ସିନ୍ଦୂକ ଖୋଲା । ଗୁଡ଼ାଏ ଗୁରୁତ୍ୱପୂର୍ଣ୍ଣ କାଗଜ ଘରେ ବିଛିଣ୍ଡି ହୋଇପଡ଼ିଛି । ଘରଭିତରେ ଜୀବନ ମୂର୍ଚ୍ଛା । ଧସ୍ତାଧସ୍ତିର ସଙ୍କେତ ମଧ୍ୟ ଥିଲା । ସାମାନ୍ୟ ରକ୍ତ ଚିହ୍ନ ମଧ୍ୟ ଦେଖିବାକୁ ମିଳିଲା । ଖଣ୍ଡେ ଓକ୍ କାଠର ବାଡ଼ିର ମୁଠାରେ ରକ୍ତ ଲାଗିଥିଲା । ଜଣାଯାଇଛି ଯେ ରାତିରେ ବିଳମ୍ବରେ ମିଷ୍ଟର୍ ଜୋନାସ୍‌ଙ୍କ ଶୋଇବାଘରକୁ ଜଣେ ଅତିଥି ଆସିଥିଲେ । ଘରୁ ମିଳିଥିବା ବାଡ଼ିଖଣ୍ଡ ଏଇ ଅତିଥିଙ୍କର ବୋଲି ଜଣାଯାଇଛି । ସେ ଲଣ୍ଡନର ଜଣେ ତରୁଣ ଆଇନଜୀବୀ । ତାଙ୍କ ନାଁ ଜନ୍ ହେକ୍‌ଟର୍ ମାକ୍‌ଫାରଲେନ୍ । ୪୨୬ ଗ୍ରେସାମ୍ ବିଲ୍‌ଡିଙ୍ଗ୍‌ରେ ଥିବା ଗ୍ରାହାମ୍ ଆଣ୍ଡ ମାକ୍‌ଫାର୍‌ଲେନ୍‌ର ସେ ସାନ ଅଂଶୀଦାର । ପୋଲିସ୍‌ର ବିଶ୍ୱାସ ଯେ ତାଙ୍କ ହାତରେ ଯାହାସବୁ ପ୍ରମାଣ ଅଛି ସେଥିରୁ ଜଣାଯାଉଛି ହତ୍ୟାକରିବା ପଛରେ ନିଶ୍ଚିତ ଉଦ୍ଦେଶ୍ୟ ଅଛି । ମୋଟ ଉପରେ ଘଟଣାଟା ଆହୁରି ଚାଞ୍ଚଲ୍ୟକର ହେବା ନିଃସନ୍ଦେହ ।

ପରେ ଲେଖାଥିଲା—ଶୁଣାଯାଏ ମିଷ୍ଟର୍ ଜନ୍‌ହେକ୍‌ଟର୍ ମାକ୍‌ଫାର୍‌ଲେନ୍‌ଙ୍କୁ ହତ୍ୟା ଅଭିଯୋଗରେ ଆରେଷ୍ଟ କରାଯାଇଛି । ଏଟା ଅନ୍ତତଃ ନିଶ୍ଚିତ ଯେ ତାଙ୍କୁ ଆରେଷ୍ଟ କରିବାପାଇଁ ୱାରେଣ୍ଟ ଜାରି କରା ଯାଇଛି । ନରଉଡ୍‌ରେ ଅନୁସନ୍ଧାନ କରିବାରେ ଆହୁରି କେତେକ ଦୁରଭିସନ୍ଧିମୂଳକ ତଥ୍ୟ ଜଣାପଡ଼ିଛି । ହତଭାଗା ମିଷ୍ଟରଙ୍କ ଶୋଇବାଘରେ ଧସ୍ତାଧସ୍ତିର ସଙ୍କେତ ଛଡ଼ା ଦେଖାଯାଇଛି ଯେ ଘରର ଝରକାଗୁଡ଼ା ଖୋଲା ଥିଲା । କୌଣସି ମୋଟା ଜିନିଷକୁ ନେଇ ଖୋଲା ଝରକାବାଟେ ଘୋଷାରି କାଠ ଗଦା ପାଖକୁ ନିଆଯାଇଛି । ପାଉଁଶଭିତରୁ ଜଳା ପଡ଼ିଯାଇଥିବା କେତେକ ମଣିଷ ଅଂଗ ମିଳିଛି । ପୋଲିସ୍‌ର ମତ ଯେ ଏହା ଏକ ଅତି ଚାଞ୍ଚଲ୍ୟକର ଘଟଣା । ମୃତ ବ୍ୟକ୍ତିଙ୍କୁ ତାଙ୍କ କୋଠରିଭିତରେ ପିଟି ମାରି ଦିଆଯାଇଛି । ତାଙ୍କ କାଗଜ ଗୁଡ଼ା ଘଣ୍ଟା ଚକଟା ହୋଇଛି । ତାଙ୍କ ମୃତ ଦେହକୁ ଝରକାବାଟେ କାଠ

Digitized by srujanika@gmail.com

ଗଦା ପାଖକୁ ଘୋଷାରି ନିଆଯାଇଛି । ଶେଷରେ ହତ୍ୟାର ସବୁ ଚିହ୍ନ ଲୁଚାଇ ଦେବାପାଇଁ କାଠଗଦାରେ ନିଆଁ ଲଗାଇ ଦିଆଯାଇଛି । ଏଇ କେଶ୍‌ର ତଦନ୍ତ ଭାର ସ୍କଟ୍‌ଲଣ୍ଡ ଇଆର୍ଡ଼ର ଅଭିଜ୍ଞ ଇନ୍‌ସ୍‌ପେକ୍ଟର ଲେସ୍‌ଟ୍ରେଡ଼୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି । ସେ ତାଙ୍କର ଚିରାଚରିତ ଆଉ କର୍ମକୁଶଳତା ପ୍ରୟୋଗକରି ଅନୁସନ୍ଧାନ ଚଳାଇଛନ୍ତି ।

ସେର୍‌ଲକ୍ ହୋମ୍‌ସ ଆଖିବୁଜି ମନଦେଇ ଏଇ ବର୍ଣ୍ଣନା ଶୁଣୁଥିଲେ । ତାପରେ ସେ ତାଙ୍କର ଚିରାଚରିତ ଅଳସଭଙ୍ଗୀରେ କହିଲେ, "କେଶ୍‌ଟାରେ ନିଶ୍ଚୟ କେତେକ କୌତୁହଳପୂର୍ଣ୍ଣ ପଏଣ୍ଟ୍ ଅଛି । ଆଚ୍ଛା, ମିଷ୍ଟର୍ ମାକ୍‌ଫାର୍‌ଲେନ୍ ପ୍ରଥମେ କହନ୍ତୁତ, ଆପଣଙ୍କୁ ଆରେଷ୍ଟ କରିବା ପାଇଁ ଯଥେଷ୍ଟ ପ୍ରମାଣ ଥିଲାପରି ଜଣାଯାଉଥିଲେ ବି ଆପଣ କେମିତି ଏ ଯାଏଁ ଆରେଷ୍ଟ୍ ହୋଇନାହାନ୍ତି ?"

"ମୁଁ ବ୍ଲାକ୍‌ହିଥ୍‌ର ଟରିଙ୍ଗ୍‌ଟନ୍ ଲଜ୍‌ରେ ମୋ ବାପା ମାଆଙ୍କ ପାଖରେ ରହେ ମିଷ୍ଟର୍ ହୋମ୍‌ସ । କାଲି ରାତି ଡେରିରେ ମିଷ୍ଟର୍ ଜୋନାସ୍ ଓଲ୍‌ଡାକ୍‌ରଙ୍କ ସାଥିରେ କାମ ଥିବାରୁ ମୁଁ ନରଉଡ୍‌ର ଗୋଟେ ହୋଟେଲ୍‌ରେ ରହିଗଲି । ସେଇଠୁ ମୁଁ ତାଙ୍କ ପାଖକୁ ଯାଇଥିଲି । ଆଜି ସକାଳେ ଟ୍ରେନ୍‌ରେ ଆସିଲା ବେଳେ ମୁଁ ଖବର କାଗଜରୁ ଏ କଥା ପଢ଼ିଲି । ତା ଆଗରୁ ମୁଁ ଏ ବିଷୟରେ କିଛି ଜାଣିନଥିଲି । ମୁଁ ସାଙ୍ଗେ ସାଙ୍ଗେ ମୋର ବିପଦ ପୂର୍ଣ୍ଣ ପରିସ୍ଥିତି କଥା ବୁଝି ପାରିଲି ଆଉ ଆପଣଙ୍କ ସାଥିରେ ପରାମର୍ଶ କରିବାପାଇଁ ଚାଲି ଆସିଲି । ମୁଁ ମୋ ସହର ଅଫିସ୍‌ରେ ବା ଘରେ ଥିଲେ ଏତେବେଳକୁ ନିଶ୍ଚୟ ଆରେଷ୍ଟ୍ ହୋଇସାରଥାନ୍ତି । ଲଣ୍ଡନ ବ୍ରିଜ୍ ଷ୍ଟେସନରୁ ଜଣେ ଲୋକ ମୋ ପିଛା ଧରିଥିବା ମୁଁ ଜାଣେ ଆଉ ମୁଁ ନିଃସନ୍ଦେହ ଯେ—ହେ ପ୍ରଭୁ ! ଇଏ କ'ଣ ?"

ସେଇଟା ହେଲା କଲିଂବେଲ୍ ବାଜିବାର ଶବ୍ଦ । ତାପରେ ପାହାଚରେ ଜୋର୍ ପାଦ ଶବ୍ଦ ଶୁଣାଗଲା । ଟିକିଏ ପରେ ଆମର ପରିଚିତ ବନ୍ଧୁ ଲେସ୍‌ଟ୍ରେଡ଼୍ ଦରଜା ପାଖରେ ଦେଖାଦେଲେ । ତାଙ୍କ ପଛରେ ପୋଷାକ ପିନ୍ଧା ଦୁ'ଜଣ ପୋଲିସ କର୍ମଚାରୀଙ୍କୁ ଦେଖିବାକୁ ପାଇଲି । "ମିଷ୍ଟର୍ ଜନ୍

Digitized by srujanika@gmail.com

ହେକ୍ଟର୍ ମାକ୍ଫାର୍ଲେନ୍", କହିଉଠିଲେ ଲେସ୍ଟ୍ରେଡ୍ । ଆମ ହତଭାଗା ମହକିଲଙ୍କ ମୁହଁ ବିବର୍ଣ୍ଣ ହୋଇଗଲା । ସେ ଚଉକିରୁ ଉଠି ଠିଆହେଲେ । "ଲୋୟର୍ ନର୍ଉଡ୍‌ର ମିଷ୍ଟର୍ ଜୋନାସ୍ ଓଲ୍ଡାକର୍‌ଙ୍କୁ ଜାଣିଶୁଣି ହତ୍ୟା କରିଥିବା ଅଭିଯୋଗରେ ମୁଁ ଆପଣଙ୍କୁ ଆରେଷ୍ଟ୍ କରୁଛି ।"

ମାକ୍ଫାର୍ଲେନ୍ ହତାଶ ଭଙ୍ଗୀରେ ଆମ ଆଡ଼କୁ ଚାହିଁଲେ । ତାପରେ ଲଥ୍‌କରି ପୁଣି ଚଉକିଟାରେ ବସିପଡ଼ିଲେ । ସେ ପୂରାପୂରି ଭାଙ୍ଗି ପଡ଼ିଥାନ୍ତି । ହୋମ୍ସ କହିଲେ, "ଗୋଟିଏ ମିନିଟ୍ ଲେଷ୍ଟ୍ରେଡ୍ । ଅଧଘଣ୍ଟାଏ ଡେରିହେଲେ ତୁମର କିଛି ଅସୁବିଧା ହେବନାହିଁ । ଏଇ ଭଦ୍ରଲୋକ ଏଇ ଶୃଙ୍ଖଳକର ଘଟଣା ବିଷୟ ଆମକୁ କହିବାକୁ ବସିଥିଲେ । ତାଙ୍କ କଥା ଆମକୁ ପ୍ରକୃତ ସତକଥା ବାହାର କରିବାରେ ସାହାଯ୍ୟ କରିପାରେ ।"

ଗମ୍ଭୀର ହୋଇ ଲେସ୍ଟ୍ରେଡ୍ କହିଲେ, "ମୁଁ ଭାବୁଛି ପ୍ରକୃତ ତଥ୍ୟ ବାହାର କରିବାରେ କୌଣସି ଅସୁବିଧା ହେବନାହିଁ ।"

"ତଥାପି ତୁମେ ଅନୁମତି ଦେଲେ ମୁଁ ତାଙ୍କ କଥା ଶୁଣିବି ।"

"ଦେଖ ମିଷ୍ଟର୍ ହୋମ୍ସ । ତୁମକୁ କିଛି କଥା ମନାକରିବା ମୋ ପକ୍ଷରେ ଅସମ୍ଭବ । କାରଣ ତୁମେ, କେତେଥର ଆମକୁ ସାହାଯ୍ୟ କରିଛ । ତେଣୁ ଆମେ ତୁମ ପାଖରେ କୃତଜ୍ଞ । କିନ୍ତୁ ତା ସାଙ୍ଗେ ସାଙ୍ଗେ ମୁଁ କହୁଛି, ମୁଁ ବନ୍ଦୀ ପାଖେ ପାଖେ ରହିବି ଆଉ ସେ ଯାହା କହିବେ ତାକୁ ତାଙ୍କ ବିରୁଦ୍ଧରେ ପ୍ରୟୋଗ କରାଯାଇପାରେ ।"

ଆମ ମହକିଲ କହିଲେ, "ମୁଁ ଆଉ କିଛି ଅଧିକା ଚାହେଁନାହିଁ । କେବଳ ଆପଣମାନେ ମୋ କଥା ଶୁଣନ୍ତୁ ଆଉ ପ୍ରକୃତ କଥା ବୁଝନ୍ତୁ ।"

ହାତ ଘଣ୍ଟାକୁ ଚାହିଁ ଲେସ୍ଟ୍ରେଡ୍ କହିଲେ, "ହଉ, ମୁଁ ଆପଣଙ୍କୁ ଅଧଘଣ୍ଟାଏ ସମୟ ଦେଉଛି ।"

ମାକ୍ଫାର୍ଲେନ୍ କହିଲେ, "ପ୍ରଥମେ ମୁଁ ଆପଣଙ୍କୁ କହି ରଖେ ଯେ ମିଷ୍ଟର୍ ଜୋନାସ୍ ଓଲ୍ଡାକର୍‌ଙ୍କ ବିଷୟରେ ମୁଁ କିଛି ଜାଣିନଥିଲି । ଅବଶ୍ୟ ତାଙ୍କ ନାଁଟା ମୋର ଜଣାଶୁଣା । କାରଣ କେତେ ବର୍ଷ ଆଗେ ମୋ ବାପା ମାଆଙ୍କ ସାଥିରେ ତାଙ୍କର ଚିହ୍ନା ପରିଚିତ ଥିଲା । କାଲି ଉପରବେଳା ହଠାତ

Digitized by srujanika@gmail.com

ସମୟରେ ସେ ଯେତେବେଳେ ଆସି ମୋ ଅଫିସରେ ପହଞ୍ଚିଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଆହୁରି ଆଶ୍ଚର୍ଯ୍ୟ ହେଲି ସେ ଯେତେବେଳେ ତାଙ୍କ ଆସିବାର କାରଣ ମୋତେ କହିଲେ । ସେ କେତେଖଣ୍ଡ କାଗଜ ହାତରେ ଧରିଥିଲେ । ସେଥିରେ କିଛି ଲେଖାଥିଲା । ସେ କାଗଜଗୁଡ଼ା ଏଇ ମୋ ପାଖରେ ।

"କାଗଜଗୁଡ଼ା ମୋ ଟେବୁଲ୍ ଉପରେ ରଖି ସେ କହିଲେ, 'ଏଇଟା ମୋ ଉଇଲ୍ । ଆପଣ ଏଇଟା ଆଇନ୍ ଅନୁଯାରେ ଲେଖିଦେବା ମୁଁ ଚାହେଁ । ଆପଣ ଏବେ ଲେଖି ଦିଅନ୍ତୁ, ମୁଁ ଏଇଠି ବସୁଛି' ।"

"ମୁଁ ଲେଖା ଆରମ୍ଭ କଲି । ଯେତେବେଳେ ଦେଖିଲି କେତେଟା ଜିନିଷକୁ ଛାଡ଼ିଦେଲେ ବାକି ସବୁ ସମ୍ପତ୍ତି ସେ ମୋତେ ଦାନ କରିଦେଇଛନ୍ତି, ମୁଁ କେତେ ଆଶ୍ଚର୍ଯ୍ୟ ହୋଇଗଲି ଆପଣ ଅନୁମାନ କରି ପାରୁଥିବେ । ବସ୍ତୁସ୍ଥରେ ମୁଁ ତାଙ୍କ ଆଡ଼କୁ ଚାହିଁଲି । ତାଙ୍କ ଆଖି ଦୁ'ଟା ମୋ ଉପରେ ସ୍ଥିରହୋଇ ରହୁଥାଏ । ମୁହଁରେ ଆନନ୍ଦର ଭାବ । ଉଇଲ୍‌ଟାର ସର୍ତ୍ତଗୁଡ଼ାକ ପଢ଼ି ମୁଁ ନିଜେ ନିଜକୁ ବିଶ୍ୱାସ କରିପାରିଲି ନାହିଁ; କିନ୍ତୁ ସେ ବୁଝାଇ କହିଲେ ଯେ ସେ ଅବିବାହିତ । ତାଙ୍କର କେହି ବନ୍ଧୁବାନ୍ଧବ ନାହାନ୍ତି, ତାଙ୍କ ଯୁବକ ବୟସରେ ସେ ମୋ ବାପା ମାଆଙ୍କୁ ଭଲଭାବେ ଜାଣନ୍ତି, ମୁଁ ଜଣେ ଉପଯୁକ୍ତ ତରୁଣ ଆଉ ତାଙ୍କ ସମ୍ପତ୍ତି ମୋ ହାତରେ ଦେଲେ ତା ଯୋଗ୍ୟଲୋକ ପାଖକୁ ଯିବ । ମୁଁ ଖନେଇ ଖନେଇ କେବଳ ଧନ୍ୟବାଦ ଜଣାଇଲି । ଉଇଲ ଯଥାରୀତି ଲେଖା ସରିଲା । ମୋ ଅଫିସ କିରାଣୀ ସେଥିରେ ସାକ୍ଷୀ ପଡ଼ିଲେ । ଏଇ ନୀଳ କାଗଜଟା ସେ ଉଇଲ୍ ଆଉ ଏ କାଗଜଗୁଡ଼ା ତାର ରଫ୍ ଲେଖା । ମିଷ୍ଟର୍ ଜୋନାସ୍ ଓଲ୍ଡାକର୍ ମୋତେ କହିଲେ ଯେ ବନ୍ଧକ ଦଲିଲ ଘର ଭଡ଼ା ଦଲିଲ ଇତ୍ୟାଦି ଆହୁରି ଅନେକ ଦଲିଲ ଅଛି । ମୁଁ ସେଗୁଡ଼ା ଦେଖିବା ଆଉ ବୁଝିବା ଦରକାର । ସବୁ କାମ ଶେଷ ନ ହେବାଯାଏଁ ତାଙ୍କ ମନ ସ୍ଥିର ହେବ ନାହିଁ । ତେଣୁ ସେଦିନ ରାତିରେ ଉଇଲ୍‌ଟା ଧରି ତାଙ୍କ ଘରକୁ ଯିବା ପାଇଁ ମୋତେ କହିଲେ । ମୋତେ ସାବଧାନ କରି ଦେଇ କହିଲେ, 'ଦେଖ ବାପା, ସବୁ କଥା ଶେଷ ନ ହେଲାଯାଏ ତୁମ ବାପାମାଆଙ୍କୁ ଏ ବିଷୟରେ ପଦେ ହେଲେ କହିବ ନାହିଁ । ଅନ୍ତିମ ଶେଷରେ ତାଙ୍କୁ ବିସ୍ମିତ

Digitized by srujanika@gmail.com

କରଦେବା ।' ଏଇ କଥାଟା ଉପରେ ସେ ଖୁବ୍ ଜୋର୍ ଦେଲେ ଆଉ ମୋତେ ଶପଥ କରିବାକୁ କହିଲେ ।

"ଆପଣ ନିଶ୍ଚୟ ଜାଣି ପାରୁଥିବେ ମିଷ୍ଟର୍ ହୋମ୍‌ସ, ମୁଁ ତାଙ୍କର କୌଣସି କଥାକୁ ମନା କରିପାରିଲି ନାହିଁ । ସେ ମୋର ଉପକାରୀ, ଆଉ ସେ ଯାହା ଚାହିଁଲେ ତା କରିବାକୁ ମୁଁ କୁଣ୍ଠିତ ହେବା କଥାନୁହେଁ । ତେଣୁ ମୁଁ ଘରକୁ ଗୋଟେ ଟେଲିଗ୍ରାମ୍ ପଠାଇଦେଲି ଯେ ମୋର ବିଶେଷ ଗୁରୁତର କାମ ଅଛି, ରାତି କେତେବେଳେ ଘରକୁ ଫେରିବି କହି ହେଉ ନାହିଁ । ରାତି ନଅଟା ବେଳେ ତାଙ୍କ ଘରେ ଖିଆପିଆ କରିବା ପାଇଁ ମିଷ୍ଟର୍ ଓଲ୍‌ଡାକର୍ ମୋତେ କହିଥିଲେ କାରଣ ତା ଆଗରୁ ସେ ଘରକୁ ଫେରିନପାରନ୍ତି । ତାଙ୍କ ଘର ପାଇବାରେ ଟିକିଏ ଅସୁବିଧା ହେଲା । ତେଣୁ ମୋର ଡେରି ହୋଇଗଲା । ମୁଁ ତାଙ୍କ ଘରେ ପହଞ୍ଚିଲା ବେଳକୁ ପ୍ରାୟ ସାଢ଼େ ନଅଟା ହୋଇଗଲା । ଦେଖିଲି ସେ—"

"ଟିକିଏ ରହନ୍ତୁ," ହୋମ୍‌ସ କହିଲେ । "କବାଟ କିଏ ଖୋଲିଲା ?"

"ଜଣେ ମଧ୍ୟବୟସ୍କା ସ୍ତ୍ରୀ ଲୋକ । ମୁଁ ଭାବିଲି ଯେ ତାଙ୍କ ଘର ବୁଝାସୁଝା କରୁଥିବେ, ଚାକରାଣୀ ।"

"ଆଉ ମୁଁ ଭାବୁଛି ଯେ ଆପଣଙ୍କ ନାଁଟା କହିଥିବେ ।"

"ହଁ ।"

"ହଉ, ଏଥର କହନ୍ତୁ ।"

"ସେଇ ସ୍ତ୍ରୀ ଲୋକ ମୋତେ ଗୋଟେ ବଖରାକୁ ନେଇଗଲେ । ସେଠି ଖାଇବା ପାଇଁ ବଢ଼ା ହୋଇଥିଲା । ଖାଇବାପରେ ମିଷ୍ଟର୍ ଜୋନାସ୍ ଓଲ୍-ଡାକର୍ ମୋତେ ତାଙ୍କ ଶୋଇବା ଘରକୁ ଡାକି ନେଲେ । ସେ ଘରେ ଗୋଟେ ବଡ଼ ଲୁହା ସିନ୍ଦୁକ ଥିଲା । ସେଟା ଖୋଲି ସେ ପୁଡ଼ାଏ କାଗଜପତ୍ର ବାହାର କଲେ । ଆମେ ସାଥି ହୋଇ ସେଗୁଡ଼ା ସବୁ ଦେଖିଲୁ । ପ୍ରାୟ ଏଗାରଟାରୁ ବାରଟା ଭିତରେ ଆମ କାମ ସରିଲା । ସେ କହିଲେ, ଚାକରାଣୀକୁ ଆଉ ଉଠେଇବା ଭଲ ହେବ ନାହିଁ । ତେଣୁ ସେ ନିଜେ ଖୋଲା ଝରକାବାଟେ ମୋତେ ବାହାରେ ଛାଡ଼ି ଦେଇ ଗଲେ । ଝରକାଟା ବରାବର ଖୋଲାଥିଲା ।"

Digitized by srujanika@gmail.com

"ଝରକାର ପରଦା ପଡ଼ିଥିଲା ?" ହୋମ୍‌ସ ପଚାରିଲେ ।

"ମୁଁ ଠିକ୍ କହିପାରିବ ନାହିଁ । ତେବେ ମୋର ଅନୁମାନ ପରଦାଟା ଅଧା ଖୋଲାଥିଲା । ହଁ, ମନେପଡ଼ୁଛି ସେ ପରଦାଟା ଉପରକୁ ଟାଣିଲେ । ମୁଁ ମୋ ବାଡ଼ିଟା ପାଇଲି ନାହିଁ । ସେ କହିଲେ, 'ହଉ, କିଛି ଚିନ୍ତା କର ନାହିଁ । ଏଣିକି ମୁଁ ତ ତୁମକୁ ସବୁବେଳେ ଦେଖିବି । ମୁଁ ବାଡ଼ିଟା ରଖିଥିବି । ତୁମେ ଆସିଲେ ନେଇଯିବ ।' ମୁଁ ତାଙ୍କୁ ସେଇଠି ଛାଡ଼ିଆସିଲି । ସିନ୍ଦୁକଟା ଖୋଲା ଥିଲା ଆଉ କାଗଜ ବଡ଼ାଗୁଡ଼ା ଟେବୁଲ୍ ଉପରେ ଥୁଆହୋଇଥିଲା । ରାତି ଖୁବ୍ ଡେରି ହୋଇଯାଇଥିଲା । ତେଣୁ ମୁଁ ବ୍ଲାକ୍‌ହିଥ୍ ଯାଇପାରିଲି ନାହିଁ । ମୁଁ ରାତିଟା 'ଆନ୍‌ରଲି ଆର୍ମସ୍'ରେ କଟେଇଲି । ଆଜି ସକାଳେ ଏଇ ଦାରୁଣ ସମ୍ବାଦ କଥା ପଢ଼ିବା ଆଗରୁ ମୁଁ ଆଉ କିଛି ଜାଣିନାହିଁ ।"

ଏ ଭିତରେ ଲେଷ୍ଟ୍ରେଡ୍‌ଙ୍କ ଆଖିପତା ଦୁ' ଚାରିଥର ଉପରକୁ ଉଠିବାର ମୁଁ ଲକ୍ଷ୍ୟ କରିଛି । ସେ କହିଲେ, "ତୁମେ ଆଉ କିଛି ପଚାରିବାକୁ ଚାହଁ ମିଷ୍ଟର୍ ହୋମ୍‌ସ ?"

"ମୁଁ ବ୍ଲାକ୍‌ହିଥ୍ ନ ଯିବାଯାଏ ଆଉ କିଛି ନାହିଁ ।"

"ତା'ମାନେ ତୁମେ ନର୍‌ଉଡ୍ କଥା କହୁଛ ?"

"ନିଶ୍ଚୟ, ସେଥିରେ ସନ୍ଦେହର କିଛି କାରଣ ନାହିଁ ।"

ହୋମ୍‌ସଙ୍କ ମୁହଁରେ ତାଙ୍କର ସେଇ ଦୁର୍ବୋଧ୍ୟ ହସ । ଲେଷ୍ଟ୍ରେଡ୍ ନିଜର ଅନୁଭୂତିରୁ ଜାଣନ୍ତି ଯେ ତାଙ୍କ ପକ୍ଷରେ ଯାହା ଦୁର୍ବୋଧ୍ୟ ଆଉ ଦୁର୍ଗମ ସେଠି ହୋମ୍‌ସଙ୍କର ତୀକ୍ଷ୍ଣ ମସ୍ତିଷ୍କ ସହଜରେ କାମ କରିପାରେ । ଦେଖିଲି ସେ ଖୁବ୍ କୌତୂହଳରେ ମୋ ବନ୍ଧୁଙ୍କ ଆଡ଼କୁ ଚାହିଁଛନ୍ତି । ଶେଷରେ ସେ କହିଲେ, "ତୁମ ସାଥିରେ ମୁଁ ଟିକିଏ କଥାବାର୍ତ୍ତା କରିବା ଦର୍କାର ମିଷ୍ଟର୍ ହୋମ୍‌ସ । ହଁ, ମିଷ୍ଟର ମାକ୍‌ଫାର୍‌ଲେନ୍, ସେଠି ଦୁ'ଜଣ କନେଷ୍ଟବଲ୍ ଅଛନ୍ତି ଆଉ ବାହାରେ ଗୋଟେ ଗାଡ଼ି ଅପେକ୍ଷା କରିଛି ।"

ବିଚରା ହତଭାଗା ତରୁଣ ଶେଷଥର ପାଇଁ ଆମ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ ଘରୁ ବାହାରିଗଲେ । କନେଷ୍ଟବଲ୍ ଦୁ'ଜଣ ତାଙ୍କୁ ଗାଡ଼ି ପାଖକୁ ନେଇ ଗଲେ; କିନ୍ତୁ ଲେଷ୍ଟ୍ରେଡ୍ ଆମ ପାଖରେ ରହିଲେ । ହୋମ୍‌ସ ଉଇଲ୍‌ର

Digitized by srujanika@gmail.com

ରଫ୍ ଲେଖା କାଗଜଗୁଡ଼ାକ ନେଇ ଦେଖୁଥାନ୍ତି । ତାଙ୍କ ମୁହଁରେ ଖୁବ୍ ଆଗ୍ରହର ଲକ୍ଷଣ । ଲେସ୍‌ଟ୍ରେଡ୍‌ଙ୍କ ଆଡ଼କୁ କାଗଜଗୁଡ଼ା ପେଲ୍‌ଦେଇ ସେ କହିଲେ, "ଏଇ ଦଲିଲ୍‌ଟା ବିଷୟରେ କେତେଗୁଡ଼ାଏ ପଏଣ୍ଟ ଅଛି ଲେସ୍‌ଟ୍ରେଡ୍, ନା କ'ଣ ?"

ଲେସ୍‌ଟ୍ରେଡ୍ କାଗଜଗୁଡ଼ା ଦେଖି ଟିକିଏ ଘାବରେଇ ଗଲା ପରି ଜଣା ଗଲା । ସେ କହିଲେ, "ପ୍ରଥମ କେତେ ଧାଡ଼ି, ଦ୍ୱିତୀୟ ପୃଷ୍ଠାର ମଝିରୁ କେତେ ଧାଡ଼ି ଆଉ ଶେଷ ଧାଡ଼ିଏ ଦି'ଧାଡ଼ି ମୁଁ ବେଶ୍ ପଢ଼ିପାରୁଛି । ସେ ଲେଖା ଛପା ଅକ୍ଷର ପରି ବେଶ୍ ପରିଷ୍କାର । ବାକି ଲେଖାଗୁଡ଼ା ଭଲ ଅକ୍ଷର ନୁହେଁ । କେତେ ଜାଗାରେ ଏତେ ଖରାପ ଯେ ମୋତେ ପଢ଼ି ହେଉନାହିଁ ।"

"ସେଥିରୁ ତୁମେ କ'ଣ ବୁଝୁଛ ?"

"ଆଚ୍ଛା, ତୁମେ କ'ଣ ବୁଝୁଛ ?"

"ଏଟା ଟ୍ରେନ୍‌ରେ ଗଲାବେଳେ ଲେଖା ହୋଇଛି । ଭଲ ଲେଖାଗୁଡ଼ା ଷ୍ଟେସନ୍‌ମାନଙ୍କରେ ଆଉ ଖରାପ ଲେଖାଗୁଡ଼ା ଟ୍ରେନ୍ ଚାଲିବା ସମୟରେ ଲେଖା ଯାଇଛି । ଅତି ଖରାପ ଲେଖାଗୁଡ଼ା ଟ୍ରେନ୍ ପଏଣ୍ଟ ଉପରେ ଗଲାବେଳେ ଲେଖା । ଯେ କେହି ପ୍ରବୀଣ ଲୋକ କହିବ ଯେ ଲେଖାଟା ସହର ତଳିଆ ରେଲ୍ ଲାଇନ୍‌ରେ ଗଲାବେଳେ ଲେଖାଯାଇଛି । କାରଣ ଲଣ୍ଡନ ସହର ପାଖ ଅଞ୍ଚଳ ପରି ଅନ୍ୟ କେଉଁଠି ଏତେ ପଏଣ୍ଟ ନାହିଁ । ଧର ଟ୍ରେନ୍‌ରେ ଯିବା ସମୟତକ ଏ ଉଇଲ୍‌ଟା ଲେଖିବାରେ କଟିଛି । ତା'ହେଲେ ଟ୍ରେନ୍‌ଟା ନିଶ୍ଚୟ ଏକ୍‌ସପ୍ରେସ୍ ଟ୍ରେନ୍ । ନର୍‌ଉଡ୍ ଆଉ ଲଣ୍ଡନ ବ୍ରିଜ୍‌ଷ୍ଟେସନ୍ ମଝିରେ ମାତ୍ର ଗୋଟିଏ ଜାଗାରେ ରହିଛି ।"

ଲେସ୍‌ଟ୍ରେଡ୍ ହସି ଉଠିଲେ । କହିଲେ, "ମିଷ୍ଟର୍ ହୋମ୍‌ସ, ତୁମେ ଯେତେବେଳେ ତୁମର ଅନୁମାନ ଆରମ୍ଭ କର ମୁଁ କିଛି ବୁଝିପାରେ ନାହିଁ । ଏବେ ଯାହା କହିଲ ତାର କେଉଁ ସାଥିରେ କି ସମ୍ପର୍କ ?"

"ବରଂ ତରୁଣ ଯାହା କହିଲେ ତାକୁ ଏକଥା ନିଶ୍ଚିତଭାବେ ଦୃଢ଼ କରୁଛି । ଅନ୍ତତଃ ଜୋନାସ୍ ଓଲ୍‌ଡକରୁ ଟ୍ରେନ୍‌ରେ ଗଲାବେଳେ ଏ ଉଇଲ୍‌ଟା ଲେଖିବା କଥା ନିଶ୍ଚିତ । ଏଇଟା ନିଶ୍ଚୟ ଅଦ୍ଭୁତ । ଏପରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ

Digitized by srujanika@gmail.com

ଦଲିଲ୍ ଏମିତ ଦରପନ୍ତରିଆ କରି ଲେଖାଯିବାଟା ଖୁବ୍ କୌତୁହଳପୂର୍ଣ୍ଣ ନୁହେଁ ? ଏଥିରୁ ଜଣାଯାଉଛି ଯେ, ସେ ଭାବଥିଲେ ଏ ଉଇଲ୍‌ଟାର ସେମିତ କିଛି ବାସ୍ତବ ଗୁରୁତ୍ୱ ନାହିଁ । ଜଣେ ଲୋକର ଗୋଟେ ଉଇଲ୍ କେବେ କାମରେ ଲଗାଇବାର ଉଦ୍ଦେଶ୍ୟ ନଥିଲେ ସେ ଏମିତଭାବେ ଲେଖିପାରେ ।"

"ଆଉ ତା ସାଙ୍ଗେ ସାଙ୍ଗେ ନିଜର ମରଣ ପରୁଆନା ଲେଖି ବସିଲା ?"

"ତୁମେ ତେବେ ଏଇଆ ଭାବୁଛ ?"

"ତୁମେ କ'ଣ ତା ଭାବୁନାହଁ ?"

"ହଁ, ତା ସମ୍ଭବ ହୋଇପାରେ । କିନ୍ତୁ ଏ ପର୍ଯ୍ୟନ୍ତ କେଶ୍‌ଟା ମୋ ପାଖରେ ପରିଷ୍କାର ହୋଇନାହିଁ ।"

"ଆହୁରି ବାକି ଅଛି ? ଯାହାଠୁ ଅଧିକ ପରିଷ୍କାର କ'ଣ ହୋଇପାରେ ? ଜଣେ ତରୁଣ ହଠାତ୍ ଜାଣିଲା ଯେ ଯଦି ଜଣେ ବୟସ୍କ ଲୋକ ମରିଯାଏ, ସେ ଗୁଡ଼ାଏ ସମ୍ପତ୍ତିର ଅଧିକାରୀ ହେବ । ସେ କ'ଣ କରିବ ? ସେ କାହାକୁ କିଛି ନ କହି ସେଇ ରାତରେ କିଛି ଗୋଟେ ଆଳ କରି ତା ମହକିଲ ସାଥିରେ ସାକ୍ଷାତ କରିବାକୁ ଯାଇଛି । ଘରେ ଥିବା ଅନ୍ୟ ଏକ ମାତ୍ର ଲୋକ ଶୋଇବା ଯାଏ ଅପେକ୍ଷା କରିଛି । ତା'ପରେ ସେଇ ଲୋକର ନିର୍ଜନ ଘରେ ତାକୁ ହତ୍ୟା କରିଛି । କାଠ ଗଦାରେ ମଲା ଦେହଟାକୁ ପକାଇ ପୋଡ଼ିଦେଇ ପାଖରେ ଥିବା କୌଣସି ହୋଟେଲ୍‌କୁ ଚାଲିଯାଇଛି । ଘର ଭିତରେ ଆଉ ବାଡ଼ରେ ଲାଗିଥିବା ରକ୍ତ ଦାଗ ଅତି ସାମାନ୍ୟ । ସମ୍ଭବତଃ ସେ ଭାବିଛି ଯେ ଏ ହତ୍ୟାରେ ରକ୍ତପାତ ହୋଇନାହିଁ । ଆଉ ଯଦି ମଲା ଦେହଟାକୁ ପୋଡ଼ି ଦିଆଯାଏ ତେବେ ହତ୍ୟାର କିଛି ଚିହ୍ନ ରହିବ ନାହିଁ । ଏ ସବୁ କ'ଣ ପରିଷ୍କାର ଜଣା ଯାଉନାହିଁ ?"

"ମୁଁ ଭାବୁଛି, କଥାଟା ଅବଶ୍ୟ କିଛିଟା ପରିଷ୍କାର ଜଣାଯାଉଛି । ହେଲେ ଲେଷ୍ଟ୍ରେଡ୍, ତୁମର ଅନ୍ୟାନ୍ୟ ଗୁଣ ମଧ୍ୟରେ ତୁମେ ଚିନ୍ତା ଶକ୍ତି ବଢ଼ାଇ ପାରୁନାହିଁ । ଥରେ ସେଇ ତରୁଣ ଜାଗାରେ ନିଜକୁ ରଖି ଚିନ୍ତା କର । ଉଇଲ୍‌ଟା ଯେଉଁ ଦିନ ଲେଖାଥିଲା ଠିକ୍ ସେଇ ରାତଟାକୁ ତୁମେ ହତ୍ୟା ପାଇଁ କେବେ ଠିକ୍ କରିଥାନ୍ତ ? ଦୁଇଟାଯାକ ଘଟଣା ଏତେ ଲଗାଲଗି କରିବାଟା

Digitized by srujanika@gmail.com

ବିପଦପୂର୍ଣ୍ଣ ବୋଲି ଜଣାଯାଇ ନ ଥାନ୍ତା ? ତାପରେ ଜଣେ ଚାକର ତୁମକୁ ଘର ଭିତରକୁ କଢ଼େଇ ନେଇଛି ଆଉ ତୁମେ ଘରେ ଥିବା କଥା ସେ ଜାଣେ; ଏ ଭଳି ପରିସ୍ଥିତିରେ ତୁମେ ଏ କାମ କରିଥାଆନ୍ତ ? ଶେଷରେ ମଲା ଦେହଟାକୁ ଲୁଚେଇବାକୁ ଏତେ କଷ୍ଟ କରିଥା'ନ୍ତ ଅଥଚ ନିଜ ବାଡ଼ି ଖଣ୍ଡ ଛାଡ଼ି ଆସି ତୁମ ଅପରାଧର ଗୋଟେ ସଙ୍କେତ ରଖିଦେଇ ଆସିଥା'ନ୍ତ ? ଏ ସବୁ ନିହାତ ଅସମ୍ଭବ ଆଉ ଅସ୍ୱାଭାବିକ ବୋଲି ତୁମେ ନିଶ୍ଚୟ ସ୍ୱୀକାର କରିବ ଲେସ୍ଟ୍ରେଡ଼ ।"

"ବାଡ଼ିଟା କଥା ଯାହା କହିଲ ମିଷ୍ଟର୍ ହୋମ୍ସ, ତୁମେ ଜାଣ ଆଉ ମୁଁ ବି ଜାଣେ ଯେ ଜଣେ ଅପରାଧୀ ବେଳେ ବେଳେ ଏମିତି ବିଚଳିତ ହୋଇଯାଏ ଯେ ଜଣେ ସୁସ୍ଥମନା ଲୋକ ଯାହା ଏଡ଼େଇ ଦେବ ସେ ତା କରିବସିଥାଏ । ସେ ଘର ଭିତରକୁ ଫେରିବାକୁ ନିଶ୍ଚୟ ଭୟ କରିଥିବ । ଘଟଣା ସହିତ ଖାପ ଖାଇଲାଭଳି ଆଉ କିଛି କୁହ ।"

"ଏଇଭଳି ଅଧ ଡଜନେ ତଥ୍ୟ ମୁଁ ଦେଇପାରିବି । ଉଦାହରଣ ସ୍ୱରୂପ ଏଇ ଗୋଟେ କଥା ମୁଁ କହୁଛି । ଯେଇଟା ଖୁବ୍ ସମ୍ଭବ ଆଉ ସ୍ୱାଭାବିକ । ବୟସ୍କ ଭଦ୍ରଲୋକ କେତେଗୁଡ଼ାଏ ଦଲିଲପତ୍ର ଦେଖାଉଛନ୍ତି । ସେଗୁଡ଼ା ଯଥେଷ୍ଟ ମୂଲ୍ୟବାନ । କେହି ବାଟବୁଲା ଲୋକ ଯେବାଟେ ଗଲାବେଳେ ଝରକା ବାଟେ ସେ ଦଲିଲ ଦେଖିପାରିଛି । କାରଣ ଝରକାର ପରଦା ଅଧା ଖୋଲା ଥିଲା । ଓକିଲ ଘରୁ ବାହାରିଗଲେ ଆଉ ସେ ବାଟବୁଲା ଘରେ ପଶିଲା । ଦେଖିଲା ବାଡ଼ିଟାଏ ପଡ଼ିଛି । ସେଇଥିରେ ଓଲ୍ଡାକର୍ଙ୍କୁ ହତ୍ୟା କରି ମଲା ଦେହଟାକୁ ପୋଡ଼ିଦେଇ ଚାଲିଯାଇଛି ।"

"ସେ ମଲା ଦେହଟାକୁ ପୋଡ଼ିବ କାହିଁକି ?"

"ମାକ୍‌ଫାର୍‌ଲେନ୍ ସେଇଟାକୁ ପୋଡ଼ିବେ କାହିଁକି ?"

"ପ୍ରମାଣ ଲୋପ କରିଦେବାପାଇଁ ।"

"ବୋଧହୁଏ, କୌଣସି ହତ୍ୟା ହୋଇନାହିଁ ବୋଲି ପ୍ରମାଣ କରିବା ଏ ବାଟବୁଲାର ଉଦ୍ଦେଶ୍ୟ ଥିବ ।"

"ସେ କୌଣସି ଜିନିଷ ନେଲା ନାହିଁ କାହିଁକି ?"

Digitized by srujanika@gmail.com

"କାରଣ ସେ କାଗଜଗୁଡ଼ାକ ସେ କିଛି କାମରେ ଲଗାଇପାରିବ ନାହିଁ।"

ଲେଷ୍ଟ୍ରେଡ୍ ଏପଟ ସେପଟ ମୁଣ୍ଡ ହଲାଇଲେ। ଅବଶ୍ୟ ତାଙ୍କ ହାବଭାବରୁ ଜଣାଗଲା ତାଙ୍କ ମତରେ ସେ ଆଗପରି ସେତେ ନିଶ୍ଚିତ ନୁହନ୍ତି । ଶେଷରେ ସେ କହିଲେ, "ଦେଖ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ, ତୁମେ ତୁମର ସେ ବାରବୁଲା ଲୋକକୁ ଖୋଜୁଥାଅ। ଆମେ ଯାହାକୁ ଧରିଛୁ ତାକୁଇ ଧରିବୁ। କେଉଁଟା ଠିକ୍ ଭବିଷ୍ୟତରେ ଜଣାଯିବ। କିନ୍ତୁ ଗୋଟେ କଥା ଲକ୍ଷ୍ୟ କର ମିଷ୍ଟର୍ ହୋମ୍‌ସ। ଆମେ ଜାଣୁ ଯେ କାଗଜପତ୍ର ଭିତରୁ କିଛି ନିଆଯାଇନାହିଁ। ଆଉ ଆମ ବନ୍ଦୀ ହେଲା ଏକମାତ୍ର ଲୋକ ଯାହାର କୌଣସି କାଗଜପତ୍ର ନେଇଯିବା ଦରକାର ନାହିଁ । କାରଣ ଆଇନ୍ ଅନୁସାରେ ସେ ହେଲା ଉତ୍ତରାଧିକାରୀ ଆଉ କାଗଜପତ୍ର ସବୁ ଆପେ ତା ହାତକୁ ଆସିବ।"

ଏ ଉତ୍ତରରେ ମୋ ବନ୍ଧୁ ଟିକିଏ ଚମକି ପଡ଼ିଲା ପରି ଜଣାଗଲେ। ତାପରେ ସେ କହିଲେ, "ପ୍ରମାଣ ସବୁ କେତେକାଂଶରେ ତୁମ ଅନୁମାନ ସପକ୍ଷରେ ବୋଲି ମୁଁ ଅସ୍ୱୀକାର କରୁନାହିଁ। ମୁଁ କେବଳ ଏତିକି କହିବାକୁ ଚାହେଁ ଯେ ଅନ୍ୟ ଅନୁମାନ ମଧ୍ୟ ସମ୍ଭବ। ତୁମ କହିବା ଅନୁସାରେ ଭବିଷ୍ୟତ ହିଁ ସବୁ ଜଣାଇବ। ହଉ, ନମସ୍କାର। ମୁଁ ନିଶ୍ଚୟ ନର୍‌ଉଡ୍ ଯାଇ ତୁମେ କେତେ ଦୂର ଆଗେଇଲ ଦେଖିବି।"

ଡିଟେକ୍‌ଟିଭ ଲେଷ୍ଟ୍ରେଡ୍ ଚାଲିଯିବା ପରେ ମୋ ବନ୍ଧୁ ସେଦିନର କାମ ପାଇଁ ସବୁ ପ୍ରସ୍ତୁତ କରିବାରେ ଲାଗିଲେ। ଫ୍ରକ୍ କୋଟ୍‌ଟା ପିନ୍ଧୁ ପିନ୍ଧୁ କହିଲେ, "ମୁଁ ଆଗରୁ କହିଛି ଉଆଟ୍‌ସନ୍, ମୋର କାମ ଆରମ୍ଭ ହେବ ପ୍ରଥମେ ବ୍ଲାକ୍‌ହିଥ୍ ଦରୁ।"

"ନର୍‌ଉଡ୍ ନୁହେଁ କାହିଁକି ?"

"କାରଣ ଏ କେଶ୍‌ରେ ଆମେ ଦେଖୁଛେ ଗୋଟେ ଅସାଧାରଣ ଘଟଣା ପଛେ ପଛେ ଆଉ ଗୋଟେ ଅସାଧାରଣ ଘଟଣା ଘଟିଛି। ପୋଲିସ୍‌ର ଭୁଲ ହେଉଛି ଯେ ସେ ଦ୍ୱିତୀୟ ଘଟଣା ଉପରେ ପୁରା ଗୁରୁତ୍ୱ ଦେଉଛନ୍ତି। କାରଣ ଏଇ ଘଟଣାଟା ହେଲା ପ୍ରକୃତ ଅପରାଧ । କିନ୍ତୁ ମୁଁ ଜାଣେ ଯେ କେଶ୍‌ଟାକୁ ଅନୁସନ୍ଧାନ କରିବାର ଯୁକ୍ତିଯୁକ୍ତ ବାଟ ହେଲା ପ୍ରଥମ ଘଟଣାଟା

Digitized by srujanika@gmail.com

ବିଷୟରେ କିଛି ଜାଣିବା । ଗୋଟେ କୌତୂହଳପୂର୍ଣ୍ଣ ତଦନ୍ତ; ପୁଣି ଜଣେ ଅପ୍ରତ୍ୟାଶିତ ଉତ୍ତରାଧିକାରୀ ନାଁରେ ନିଶ୍ଚୟ ଖୁବ୍ ଆଶ୍ଚର୍ଯ୍ୟଜନକ ! ଏ ବିଷୟରେ କିଛି ଜାଣିଲେ ତା'ପର ଘଟଣା ନିଶ୍ଚୟ ସହଜ ହୋଇଯିବ । ନା, ଏ କାମରେ ତୁମର ସାହାଯ୍ୟ ଦର୍କାର ହେବ ବୋଲି ମୁଁ ଭାବୁନାହିଁ । ଏ କାମରେ କୌଣସି ବିପଦର ସମ୍ଭାବନା ନାହିଁ । ତା ହୋଇଥିଲେ ତୁମକୁ ସାଥିରେ ନ ନେଇ ଯିବାକଥା ମୁଁ କଳ୍ପନା କରିନଥା'ନ୍ତି । ସନ୍ଧ୍ୟାକୁ ମୁଁ ଫେରିବି । ଏଇ ହତଭାଗା ତରୁଣ ପାଇଁ ଅନ୍ତତଃ କିଛି କରିପାରିଛି ବୋଲି ତୁମକୁ ଜଣାଇବାର ଦୃଢ଼ ଆଶା ମୋର ଅଛି ।"

ମୋ ବନ୍ଧୁ ଫେରୁ ଫେରୁ ଅନେକ ଡେରି ହୋଇଗଲା । ତାଙ୍କର ଶୁଖିଲା ମୁହଁରୁ ମୁଁ ଜାଣିପାରିଲି ଯେଉଁ ଉଚ୍ଚ ଆଶା ନେଇ ସେ ବାହାରିଥିଲେ ତା ପୂରଣ ହୋଇପାରିନାହିଁ । ଘଣ୍ଟାଏ ଯାଏ ସେ ମନ ସ୍ଥିର କରିବାପାଇଁ ଭାଓଲିନ୍‌ଟା ଧରି ବସିଗଲେ । ଶେଷରେ ସେ ସେଟାକୁ ଥୋଇଦେଇ ତାଙ୍କ ବ୍ୟର୍ଥ ଅଭିଯାନର କାହାଣୀ କହିଲେ ।

"ସବୁ କେମିତି ବିଗିଡ଼ି ଯାଇଛି ୱାଟସନ୍, ସବୁ ଭୁଲ ହୋଇଯାଉଛି । ମୁଁ ଲେଷ୍ଟ୍ରେଡ୍ ମୁହେଁ ମୁହେଁ କେଜେ ଦମ୍ଭରେ କହିଦେଲି । କିନ୍ତୁ ମୁଁ ଭାବୁଛି ଅନ୍ତତଃ ଏଇଥରକ ପାଇଁ ସେ ଠିକ୍ ବାଟରେ ଗଲିଛନ୍ତି ଆଉ ଆମେ ଭୁଲ୍ ବାଟରେ ଯାଉଛେ । ମୋର ବୁଦ୍ଧି ବିବେକ ଗୋଟାଏ ଦିଗରେ ଗଲ୍-ବେଲାକୁ ଘଟଣାଗୁଡ଼ା ତାର ଓଲଟା ଦିଗରେ ଯାଉଛି । ମୋର ଭୟ, ବ୍ରିଟିଶ୍ ଜୁରୀମାନଙ୍କର ସେତେଟା ବୁଦ୍ଧି ଜ୍ଞାନ ନାହିଁ ଯାହାଦ୍ୱାରା ସେମାନେ ଲେଷ୍ଟ୍ରେଡ୍‌ଙ୍କର ପ୍ରମାଣକୁ ଗ୍ରହଣ ନକରି ମୋ ଅନୁମାନକୁ ଗ୍ରହଣ କରିବେ ।"

"ତୁମେ ବ୍ଲାକ୍‌ହିଥ୍ ଯାଇଥିଲ ?"

"ହଁ, ଯାଇଥିଲି । ଖୁବ୍ ଶୀଘ୍ର ସେଠି ଜାଣିଲି ଯେ ମୃତ ଓଲ୍‌ଡାକର୍ ଜଣେ ବଡ଼ ଶୟତାନ । ମାକ୍‌ଫାର୍‌ଲେନ୍‌ଙ୍କ ବାପା ନଥିଲେ । ପୁଅକୁ ଖୋଜିବାକୁ ଯାଇଥିଲେ । ତାଙ୍କ ମା ଘରେ ଥିଲେ । ସେ ଖୁବ୍ କୋମଳ ମନା । ଆଖି ହ'ଟା ନୀଳ । ଭୟ ଆଉ ଘୃଣା ମିଶା କ୍ରୋଧରେ ଥରୁଥାନ୍ତି । ତାଙ୍କ ପୁଅର ଅପରାଧ ସେ ସ୍ୱୀକାର ନକରିବାଟା ସ୍ୱାଭାବିକ । କିନ୍ତୁ ଓଲ୍‌ଡାକର୍‌ଙ୍କର ଏ

Digitized by srujanika@gmail.com

ଦୁର୍ଭାଗ୍ୟରେ ସେ ବିସ୍ମୟ ବା ଦୁଃଖ ପ୍ରକାଶ କଲେ ନାହିଁ । ଅପର ପକ୍ଷେ ସେ ଲୋକଟା ବିଷୟରେ ଏମିତି କଟୁକଥା କହିଲେ ଯେ ସେ ଅଜାଣତରେ ପୋଲିସ୍‌ର ମତକୁ ସମର୍ଥନ କଲେ । କାରଣ ତାଙ୍କ ପୁଅ ଯଦି ତାଙ୍କ ମୁହଁରୁ ଏ ସବୁ କଥା ଶୁଣିଥାଏ ତାର ଘୃଣା ଆଉ ହିଂସ୍ରଭାବ ଜାତ ହେବା ସ୍ୱାଭାବିକ । ସେ କହିଲେ, 'ଲୋକଟା ମଣିଷ ନୁହେଁ, ଗୋଟେ ଧୂର୍ତ୍ତ ହିଂସ୍ର ମାଙ୍କଡ଼ । ତାର ଯୁବକ ଅବସ୍ଥାରୁ ଏଇ ପ୍ରକୃତି ।'

"ମୁଁ ତାଙ୍କୁ ପଚାରିଲି, 'ସେ ସମୟରେ ଆପଣ ତାଙ୍କୁ ଚିହ୍ନିଥିଲେ ?'

"ହଁ, ଭଲଭାବେ ଜାଣିଥିଲି । ସେ ମୋତେ ବିବାହ କରିବାକୁ ଜଣେ ପ୍ରାର୍ଥୀ ଥିଲେ । ଭଗବାନ ବଡ଼ ଲୋକ । ମୁଁ ତାଙ୍କୁ ଛାଡ଼ି ଅନ୍ୟ ଜଣଙ୍କୁ ବିବାହ କଲି । ସେ ଗରିବ ହେଲେ ମଧ୍ୟ ଖୁବ୍ ଭଲ ଲୋକ । ତା' ସାଥିରେ ମୋର ବିବାହ ହେବାର ଠିକ୍ ହୋଇଥିଲା । ସେତିକିବେଳେ ମୁଁ ଗୋଟେ କଥା ଶୁଣିଲି । ସେ ଗୋଟେ ଚଢ଼େଇ ପଞ୍ଜୁରିରେ ଗୋଟେ ବିଲେଇ ପୂରାଇଦେଇ-ଥିଲା । ଲୋକଟାର ଏଇ ପାଶବିକ ନିର୍ମମ କାମରେ ମୁଁ ଏତେ ଡରିଗଲି ଯେ ତା ସହିତ ସବୁ ସମ୍ପର୍କ ତୁଟାଇଦେଲି । ସେ ଗୋଟେ ଆଲମାରି ଖୋଲି ଜଣେ ସ୍ତ୍ରୀ ଲୋକର ଗୋଟେ ଫଟୋ ବାହାର କରି ଦେଖାଇଲେ । ଫଟୋର ମୁହଁଟା ଛୁରୀରେ କଟାହୋଇ ବଡ଼ କଦର୍ଯ୍ୟ ଦେଖାଯାଉଥାଏ । ସେ କହିଲେ, 'ଏଇଟା ମୋର ଫଟୋ । ମୋ ବାହାଘର ଦିନ ଏଟା ଏଇ ଅବସ୍ଥାରେ ସେ ମୋ ପାଖକୁ ପଠାଇଥିଲା ।'

"ମୁଁ କହିଲି, 'ମହାଶୟା, ସେ ତ ଏବେ ଆପଣଙ୍କୁ କ୍ଷମା କରିଛନ୍ତି । କାରଣ ସେ ତାଙ୍କର ସବୁ ସମ୍ପତ୍ତି ଆପଣଙ୍କ ପୁଅକୁ ଦେଇଯାଇଛନ୍ତି ।'

"ସେ ଖୁବ୍ ଦମ୍ଭରେ କହିଲେ, 'ଓଲ୍‌ଡାକର୍ ବଞ୍ଚିଥିବା ବେଳେ ବା ମଲା ପରେ ମୁଁ ବା ମୋ ପୁଅ ତାଠୁ କିଛି ଚାହୁଁନା ମିଷ୍ଟର୍ ହୋମ୍‌ସ । ସ୍ୱର୍ଗରେ ଭଗବାନ୍ ଅଛନ୍ତି । ସେ ଏଇ ପାପିଷ୍ଠକୁ ଏ ଦଣ୍ଡ ଦେଇଛନ୍ତି । ସେଇ ଭଗବାନ୍ ଠିକ ସମୟରେ ଦେଖାଇଦେବେ ମୋ ପୁଅ ପୂରା ନିର୍ଦ୍ଦୋଷ । ଶୟତାନଟାର କଳଙ୍କିତ ରକ୍ତ ମୋ ପୁଅ ହାତରେ ଲାଗିନାହିଁ ।'

Digitized by srujanika@gmail.com

"ମୁଁ ଆଉ ଗୋଟେ ଦୁ'ଟା ପ୍ରଶ୍ନ ପଗ୍ଭରି କିଛି ଜାଣିବାକୁ ଚେଷ୍ଟାକଲି । କିନ୍ତୁ ଆମ ମତକୁ ସାହାଯ୍ୟ କଲାଭଳି କିଛି ପାଇଲିନାହିଁ, ବରଂ କେତେ ଗୁଡ଼ାଏ କଥା ତା ବିରୁଦ୍ଧରେ ଗଲା । ତେଣୁ ମୁଁ ସେଠୁ ନର୍‌ଉଡ୍ ଗ୍ଭଲି ଆସିଲି ।

' ଡିପ୍‌ଡେନ୍ ହାଉସ୍ ଜାଗାଟା ଏକ ଆଧୁନିକ ଘର । ଇଟାରେ ତିଆରି । ଘରଟା ଗୋଟେ ବଡ଼ ହତାଭିତରେ ଗୋଟିକିଆଘର । ସାମନା ପଡ଼ିଆରେ ଗୁଡ଼ାଏ ଲରେଲ୍ ବୁଦା । ରାସ୍ତାଠୁ ଖଣ୍ଡେ ଦୂରରେ ଡାହାଣପାଖେ କାଠ ଗୋଲା । ଏଇଠି ନିଆଁ ଲଗିଥିଲା । ମୋ ନୋଟ୍‌ବୁକରେ ଏଇ ଜାଗାଟାର ଗୋଟେ ମୋଟାମୋଟି ନକ୍‌ସା ଅଛି । ବାଁ ପାଖରେ ଏଇ ଝରକାଟା ଓଲ୍‌ଡା-କର୍‌ଙ୍କ କୋଠରିକୁ ବାଟ । ଏଇ ଦେଖ, ରାସ୍ତାଉପରୁ ଏଟା ପରିଷ୍କାର ଦେଖାଯିବ । ଆଜି ଯାଗ୍ଭଦିନରେ କେବଳ ଏତିକିମାତ୍ର ମୋର ସାନ୍ତ୍ୱନା । ଲେଷ୍ଟ୍ରେଡ୍ ସେଠି ନଥିଲେ; କିନ୍ତୁ ତାଙ୍କ ହେଡ୍ କନେଷ୍ଟବଲ୍ ମୋତେ ଯଥେଷ୍ଟ ସମ୍ମାନ ଦେଖାଇଲେ । ସେମାନେ ସେଇକ୍ଷଣି ଗୁଡ଼ାଏ ଧନ ସମ୍ପତ୍ତି ବାହାରକରି ଦଖଲ କରିଥିଲେ । ସକାଳଯାକ ସେମାନେ ପୋଡ଼ା କାଠଗଦାର ପାଉଁଶ ଗୁଡ଼ା ଖୋଜିବାରେ କଟାଇ ଦେଇଥିଲେ । ପୋଡ଼ି କଳାପଡ଼ିଯାଇଥିବା ଅଙ୍ଗପାଖରୁ ସେମାନେ କେତେଗୁଡ଼ାଏ ଧାତୁର ଗୋଲ ଜିନିଷ ପାଇଥିଲେ । ସେଗୁଡ଼ା ପୋଡ଼ି ବିବର୍ଣ୍ଣ ହୋଇଯାଇଥିଲା । ମୁଁ ସେଗୁଡ଼ାକ ଖୁବ୍ ଯତ୍ନରେ ପରୀକ୍ଷାକଲି । ସେଗୁଡ଼ା ଯେ ଟ୍ରାଉଜର୍ ବୋତାମ ସେଥିରେ କିଛି ସନ୍ଦେହନାହିଁ । ସେଥିରୁ ଗୋଟାକରେ ହାୟାମ୍‌ସ ନାଁ ଲେଖା ଥିବାର ମଧ୍ୟ ଦେଖିପାରିଲି । ସେ ଓଲ୍‌ଡାକର୍‌ଙ୍କ ଦରଜି । ତାପରେ କିଛି ପାଦଚିହ୍ନ ବା ସଙ୍କେତ ପାଇବା ଆଶାରେ ମୁ ପଡ଼ିଆଟାରେ କାମରେ ଲଗିଗଲି । କିନ୍ତୁ ଶୁଖିଲା ପାଗଯୋଗୁଁ ସବୁ ଲୁହାପରି ଟାଣ ହୋଇ ଯାଇଥିଲା । କାଠଗଦା ସିଧାରେ ଗୋଟେ ଅଳ୍ପ ଉଚ୍ଚା ପ୍ରିଭେଟ୍ ବୁଦାରବାଡ଼ । ତାର ଭିତର ଦେଇ ଗୋଟେ ବଡ଼ା ବା ସେଇଭଳି କିଛି ଘୋଷାରି ହୋଇଯାଇଥିବା ଚିହ୍ନ ଛଡ଼ା ଆଉ କିଛି ପାଇଲିନାହିଁ । ଏ ସବୁ ସରକାରୀ ପୋଲିସ୍‌ଙ୍କ ମତ ସାଥିରେ ଖାପ୍‌ଖାଇ ଯାଉଛି । ମୁଁ ଘୂରିଘୂରି ପଡ଼ିଆଟା ସାରା ବୁଲିଲି । ସିଠି

Digitized by srujanika@gmail.com

ଉପରେ ଅଗଷ୍ଟ ସୂର୍ଯ୍ୟର ପ୍ରଚଣ୍ଡକିରଣ । କିନ୍ତୁ ଘଣ୍ଟାଏପରେ ମୁଁ ଉଠିଲାବେଳକୁ କିଛି ଅଧିକ ଜାଣି ପାରିଲିନାହିଁ ।

"ଏଇ ପଣ୍ଡ ପରିଶ୍ରମପରେ ମୁଁ ଶୋଇବାଘର ଭିତରକୁ ଯାଇ ସେଠା ପରୀକ୍ଷାକଲି । ରକ୍ତଦାଗ ଗୁଡ଼ା ଅତି ସାମାନ୍ୟ । କିନ୍ତୁ ଖୁବ୍ ନିକଟରେ ଦାଗହୋଇଛି । ବାଡ଼ିଖଣ୍ଡ ପଡ଼ିଥିବା ଜାଗାରୁ ଉଠାଇ ନିଆଯାଇଥିଲା । ସେଥିରେ ଥିବା ରକ୍ତଦାଗ ମଧ୍ୟ ଅତି ସାମାନ୍ୟ । ବାଡ଼ିଟା ଯେ ଆମ ମହକିଲର, ସେଥିରେ କୌଣସି ସନ୍ଦେହ ନାହିଁ । ସେ ଏ କଥା ସ୍ୱୀକାର କରୁଛନ୍ତି । ଘରର ଗାଲିଚାଉପରେ ଦୁଇଜଣଯାକର ପାଦଚିହ୍ନ ଅଛି; କିନ୍ତୁ ଅନ୍ୟ କାହାର ପାଦଚିହ୍ନ ଦେଖାଗଲାନାହିଁ । ଏହା ମଧ୍ୟ ପୋଲିସ୍ ମତ ସପକ୍ଷରେ । ସେମାନେ ବରାବର ତାଙ୍କ ମତ ସପକ୍ଷରେ ତଥ୍ୟପାଇବାରେ ଲାଗିଛନ୍ତି । ଆମେ କିନ୍ତୁ ଯେଉଁଠି ସେଇଠି ।

"ମୁଁ କେବଳ ସାମାନ୍ୟ ଟିକିଏ ଆଶାର ଆଲୁଅ ପାଇଲି—ତେବେ ସେ କିଛି ନୁହେଁ । ମୁଁ ଆଲ୍‌ମିରାରେ ଥିବା କାଗଜପତ୍ର ଗୁଡ଼ା ପରୀକ୍ଷାକଲି । ସେଥିରୁ ଅଧିକାଂଶ ଆଲମିରାରୁ ବାହାର କରାହୋଇ ଟେବୁଲ୍‌ଉପରେ ରଖାଯାଇଥିଲା । କାଗଜପତ୍ର ଗୁଡ଼ା ଲଫାଫାଭିତରେ ପୁରାଯାଇ ସିଲ୍ (ଜଉମୁଦ) କରାଯାଇଛି । ସେଥିରୁ ଗୋଟେ ଦୁ'ଟା ପୋଲିସ୍ ଖୋଲିଛନ୍ତି । ମୁଁ ଯାହା ଦେଖିଲି ସେ କାଗଜଗୁଡ଼ା ସେତେ ମୂଲ୍ୟବାନ ନୁହେଁ । ବ୍ୟାଙ୍କ୍‌ବହିରୁ ମଧ୍ୟ ମିଷ୍ଟର୍ ଓଲ୍‌ଡ଼ାକର୍ ସେତେ ବେଶି ଧନବନ୍ତ ଥିବାର ଜଣାଗଲାନାହିଁ । କିନ୍ତୁ ମୋତେ ଜଣାଗଲା ସବୁଗୁଡ଼ା କାଗଜ ସେଠିନଥିଲା । ଆଉ କେତେ ଦଲିଲ୍‌ର ସଙ୍କେତ ପାଇଲି । ବୋଧହୁଏ ସେ ଗୁଡ଼ା ଅଧିକ ମୂଲ୍ୟବାନ । ସେଗୁଡ଼ା କିନ୍ତୁ ସେଠି ପାଇଲିନାହିଁ । ଆମେ ଯଦି ଏହା ନିଶ୍ଚିତଭାବେ ପ୍ରମାଣ କରିପାରିବା ତେବେ ଲେସ୍‌ଟ୍ରେଡ୍‌ଙ୍କ ଯୁକ୍ତି ତାଙ୍କ ବିରୁଦ୍ଧରେ ଯିବା ସମ୍ଭବ । କାରଣ ସେ ଜାଣେ, ସେ ଏ ଦଲିଲଗୁଡ଼ାକର ଅଧିକାରୀ ହେବ ସେ କାହିଁକି ତାକୁ ଚୋରି କରିବାକୁ ଯିବ ?

"ଅନ୍ୟ ଲଫାଫାଗୁଡ଼ା ଦେଖିଲି; କିନ୍ତୁ କିଛି ଗନ୍ଧ ପାଇଲିନାହିଁ । ଶେଷରେ ବୃଦ୍ଧ ଚାକରାଣୀ ପାଖରେ ସ୍ୱର୍ଗପରୀକ୍ଷା କରିବାକୁ ଗଲି । ତାଙ୍କ ନାଁ ଶ୍ରୀମତୀ ଲେକ୍ସିଙ୍ଗ୍‌ଟନ୍ । ତାଙ୍କ ଦେହର ରଙ୍ଗ ସେତେ ଗୋରା ନୁହେଁ । ବେଶ ଧୀର ସ୍ଥିର ।

Digitized by srujanika@gmail.com

ଲମ୍ବା ଆଣି ହ'ଟା କିନ୍ତୁ ସନ୍ଦେହଜନକ । ମୁଁ ନିଶ୍ଚିତ ଯେ ସେ ଇଚ୍ଛା କରିଥିଲେ ମୋତେ କିଛି କହିପାରିଥାନ୍ତା । କିନ୍ତୁ ମୋଠି ବିଶେଷ କିଛି କଥା ବାହାରିଲା ନାହିଁ । ହଁ, ସେ କହିଲା ଯେ ରାତି ସାଢ଼େ ନଅଟାବେଳେ ସେ ମିଷ୍ଟର ମାକ୍‌ଫାର୍‌ଲେନ୍‌ଙ୍କୁ ଘର ଭିତରକୁ ନେଇ ଯାଇଥିଲା । ସେଥିପାଇଁ ସେ ଅନୁତପ୍ତା । ସାଢ଼େ ଦଶଟାବେଳକୁ ସେ ଶୋଇବାକୁ ଗଲା । ତାଙ୍କ ଶୋଇବା କୋଠରି ଘରର ଆରମୁଣ୍ଡରେ । ତେଣୁ କ'ଣ କଥାବାର୍ତ୍ତା ହେଲା ସେ କିଛି ଶୁଣିପାରି ନାହିଁ । ତାର ଭଲଭାବେ ମନେଅଛି; ମିଷ୍ଟର ମାକ୍‌ଫାର୍‌ଲେନ୍ ତାଙ୍କ ଟୋପି ଆଉ ବାଡ଼ି ବାଟ ହଲ୍‌ଘରେ ଛାଡ଼ିଯାଇଥିଲେ । ନିଆଁ ଲାଗିବା ହୁରି ଶୁଣି ସେ ଉଠିପଡ଼ିଲା । ତା' ମାଲିକ ବିଚରାଙ୍କୁ ନିଶ୍ଚୟ ହତ୍ୟାକରି ଯାଇଛି । ମିଷ୍ଟର୍ ଓଲ୍‌ଡାକରଙ୍କର କେହି ଶତ୍ରୁ ଥିଲେ କି ବୋଲି ପଚାରି-ବାରେ ସେ କହିଲା ଯେ ପ୍ରତ୍ୟେକ ଲୋକର କେହି ନା କେହି ଶତ୍ରୁ ଥାଏ । କିନ୍ତୁ ମିଷ୍ଟର୍ ଓଲ୍‌ଡାକର୍ କାହାର ସାଥିରେ ବିଶେଷ ମିଳାମିଶା କରୁନଥିଲେ । କେବଳ ବ୍ୟବସାୟ ସମ୍ବନ୍ଧରେ ସେ ଲୋକଙ୍କ ସାଥିରେ ଦେଖା କରୁଥିଲେ । ସେ କହିଲା ଯେ ସେ ବୋତାମ ଗୁଡ଼ା ଦେଖିଛି ଆଉ ସେଗୁଡ଼ା ଓଲ୍‌ଡାକର୍ ପୂର୍ବ ରାତିରେ ପିନ୍ଧିଥିବା ପୋଷାକର ବୋତାମ । ପ୍ରାୟ ମାସେ ହେଲା ବର୍ଷା ହୋଇନଥିବାରୁ କାଠଗଦାଗୁଡ଼ା ଖୁବ୍ ଶୁଖିଯାଇଥିଲା । ଫଳରେ ସେଥିରେ ନିଆଁଲାଗି କାଠିପରି ହୁ-ହୁ ହୋଇ ଜଳିଗଲା । ସେ କାଠଗଦାପାଖରେ ପହଞ୍ଚିଲାବେଳକୁ ଧୂଆଁ ଛଡ଼ା ଆଉ କିଛି ଦିଶୁନଥାଏ । ସେ ଆଉ ନିଆଁ ଲିଭାଳୀ ଲୋକେ ନିଆଁ ଭିତରୁ ପୋଡ଼ାମାଂସର ଗନ୍ଧ ବାରି ପାରିଲେ । ସେ କାଗଜପତ୍ର ବା ମିଷ୍ଟର୍ ଓଲ୍‌ଡାକର୍‌ଙ୍କ ବ୍ୟକ୍ତିଗତ ଧନ୍ଦା ବିଷୟରେ କିଛି ଜାଣେନାହିଁ ।"

ଜଣେ ଅପରାଧୀ ଦୁଃଖରେ ଭାଙ୍ଗିପଡ଼ିଲାପରି ହାତମୁଠାକରି ହୋମ୍‌ସ କହିଲେ, "ଏଇହେଲା ମୋର ବିଫଳତାର କାହାଣୀ ଓ୍ୱାଟ୍‌ସନ୍ । ମୁଁ ଜାଣେ ଏ ସବୁ ଭୁଲ୍ । ମୁଁ ହାଡ଼େହାଡ଼େ ଏହା ଅନୁଭବ କରୁଛି । କିଛି ନା କିଛି ଘଟଣା ବାହାରକୁ ଆସିପାରିନାହିଁ ଆଉ ସେ ଚାକରାଣୀ ସେକଥା ଜାଣେ । ତା ଆଖିରେ କ୍ରୋଧ ଆଉ ଅହଙ୍କାର ଲକ୍ଷଣ ଦେଖାଯାଉଥିଲା । ଯାହାହେଉ, ସେ ବିଷୟ ଆଲୋଚନାକରି କିଛି ଲାଭନାହିଁ ଓ୍ୱାଟ୍‌ସନ୍ । ଯଦି ଆମପାଇଁ

Digitized by srujanika@gmail.com

କିଛି ଗୋଟେ ସୁଯୋଗ ନଆସେ ତେବେ ଆମ ସଫଳତାର ଇତିହାସରେ ନର୍‌ଉଡ୍ କେଶ୍ ସ୍ଥାନ ପାଇପାରିବନାହିଁ ।"

ମୁଁ କହିଲି, "ଆମ ମକ୍‌ଫାର୍ଲେନ୍‌ଙ୍କୁ ଦେଖିଲେ ଯେକୌଣସି ଜୁରିରମନ ବଦଳିଯିବ ।"

"ଏଟା ବଡ଼ ବିପଦପୂର୍ଣ୍ଣ ଯୁକ୍ତି ଉଆଟ୍‌ସନ୍ । ତୁମର ସେଇ ଭୀଷଣ ନର ହତ୍ୟାକାରୀ ବର୍ଟ୍ ଷ୍ଟିଭେନ୍‌ସ କଥା ମନେଥିବ ।" ୮୭ ମସିହାରେ ସେ ଆମ ସାହାଯ୍ୟପାଇଁ ଆସିଥିଲା । ତାଠୁଁ ବଳି ଧୀରସ୍ଥିର, ନମ୍ର ଭଦ୍ରଲୋକ ଆଉ କେହି ଅଛି ?"

"ସେ କଥାସତ ।"

"ଆମେ କିଛି ଗୋଟେ ବିକଳ୍ପ ଅନୁମାନ ପ୍ରମାଣ କରିନପାରିଲେ ବିଚରା ତରୁଣର କଥା ସରିଗଲା । ତାଙ୍କ ବିରୁଦ୍ଧରେ ବର୍ତ୍ତମାନ ଯେଉଁ କେଶ୍ ଦାଏର୍ କରାଯିବ ସେଥିରେ ତୁମେ କୌଣସି ତ୍ରୁଟି ପାଇପାରିବନାହିଁ । ଯେତିକି ଅଧିକ ଅନୁସନ୍ଧାନ କରାଯାଉଛି କେଶଟା ସେତିକି ଦୃଢ଼ ହେଉଛି । ତେବେ ସେଇ କାଗଜଗୁଡ଼ା ବିଷୟରେ ଗୋଟେ କୌତୂହଳପ୍ରଦ ଘଟଣା ଅଛି ଯାହାକୁ ମୂଳ କରି ଆମେ ଆମର ଅନୁସନ୍ଧାନ ଆରମ୍ଭ କରିପାରିବା । ତାଙ୍କ ବ୍ୟାଙ୍କ୍ ବହିରୁ ଦେଖିଲି ଯେ ତାଙ୍କର ବାଲାନସ୍ (ବଳକାଜମା) ଖୁବ୍ କମ୍ । ତାର ପ୍ରଧାନ କାରଣ ହେଲା ଗଲାବର୍ଷକଭିତରେ ମିଷ୍ଟର୍ କର୍ନେଲିୟସ୍‌ଙ୍କୁ ବହୁ ଟଙ୍କାର ଚେକ୍ ସବୁ ଦିଆଯାଇଛି । ଏଇ କର୍‌ନେଲିୟସ କିଏ ଯାହାକୁ ଜଣେ ଅବସରପ୍ରାପ୍ତ ମିସ୍ତ୍ରୀ ଏତେ ଟଙ୍କା ଦେଇଛନ୍ତି; ଏକଥା ଜାଣିବାକୁ ମୋର ଖୁବ୍ ଆଗ୍ରହ । କର୍‌ନେଲିୟସ୍ ଜଣେ ଦଲାଲ୍ ହୋଇପାରନ୍ତି । କିନ୍ତୁ ଏତେ ବେଶୀ ଟଙ୍କା ଦେବା ସହିତ ଖାପ୍‌ଖାଇଲାଭଳି ଏପରି ଟିକିଏ ଟୁକୁରା କାଗଜ ମଧ୍ୟ ଆମେ ପାଇନାହୁଁ । ଯଦି ଆଉ କିଛି ସୂଚନା ନମିଳେ ତେବେ ଯେଉଁ ଭଦ୍ରଲୋକ ଏ ଚେକ୍‌ସବୁ ଭଙ୍ଗାଇ ବ୍ୟାଙ୍କ୍‌ରୁ ଟଙ୍କା ନେଇଛନ୍ତି ତାଙ୍କ ବିଷୟରେ ମୁଁ ବ୍ୟାଙ୍କ୍‌ରୁ ଅନୁସନ୍ଧାନ କରିବି । କିନ୍ତୁ ମୋର ଆଶଙ୍କା ଆମ କେଶ୍ ବିଫଳତାରେ ଶେଷ ହେବ ଆଉ ଲେଷ୍ଟ୍ରେଡ୍ ଆମ ମକ୍‌ଫାର୍ଲେନ୍‌କୁ ଫାଶୀଖୁଣ୍ଟରେ ଝୁଲାଇ ଦେବେ । ସେଇଟା ହବ ସ୍କଟଲାଣ୍ଡ୍ ଇୟାର୍ଡ୍‌ର ଗୋଟେ ବିରାଟ ବିଜୟ ।"

Digitized by srujanika@gmail.com

ସେ ରାତରେ ସେର୍‌ଲକ୍‌ ହୋମ୍‌ସଙ୍କୁ ନିଦ ହେଲା କି ନାହିଁ ମୁଁ ଜାଣେନା । କିନ୍ତୁ ସକାଳେ ମୁଁ ଜଳଖିଆ ଖାଇବାକୁ ଯାଇ ଦେଖିଲି ସେ ଖୁବ୍‌ ମଳିନ ଆଉ ହତାଶ ଦେଖାଯାଉଛନ୍ତି । ତାଙ୍କ ଆଖି ଦି'ଟା ଲାଲ୍‌ ପଡ଼ିଯାଇଛି । ତାଙ୍କ ଚଉକି ଗୁରିପାଖେ ଗାଲିଗ୍ଳ ଉପରେ ସିଗାରେଟ୍‌ର ପୋଡ଼ା ମୁଣ୍ଡି ଜମା । ଟେବୁଲ୍‌ ଉପରେ ସକାଳର ଖବରକାଗଜ ଆଉ ଖଣ୍ଡେ ଖୋଲା ଟେଲିଗ୍ରାମ । ସେଟା ମୋ ଆଡ଼କୁ ବଢ଼ାଇ ଦେଇ ସେ କହିଲେ, "ତୁମେ ଏଥିରୁ କ'ଣ ବୁଝୁଛ ଡ଼ଆଟସନ୍‌ ?"

ଟେଲିଗ୍ରାମ୍‌ଟା ନର୍‌ଉଡ୍‌ରୁ ଆସିଥିଲା ଆଉ ଲେଖାଥିଲା : "ଗୁରୁତ୍ୱପୂର୍ଣ୍ଣ ନୂଆ ପ୍ରମାଣ । ମାକ୍‌ଫାର୍‌ଲେନ୍‌ଙ୍କ ଅପରାଧ ନିଶ୍ଚିତ ଭାବେ ପ୍ରମାଣିତ । କେଶ୍‌ଟା ଛାଡ଼ିଦେବାକୁ ତୁମକୁ ଉପଦେଶ—ଲେସ୍‌ଟ୍ରେଡ୍‌ ।"

ଗୋଟେ ଫିକା ହସ ହସି ହୋମ୍‌ସ କହିଲେ, "ଏହା ଲେସ୍‌ଟ୍ରେଡ୍‌ଙ୍କ ବିଜୟର ଏକ ସୂଚନା । ତଥାପି କେଶ୍‌ଟା ଛାଡ଼ି ଦେବାର ସମୟ ହୋଇ ନାହିଁ । ଯାହାହେଉ, କୌଣସି ଗୁରୁତ୍ୱପୂର୍ଣ୍ଣ ନୂଆ ଆବିଷ୍କାର ଦୁଇଦିଗକୁ ଯାଇପାରେ । ଲେସ୍‌ଟ୍ରେଡ୍‌ ଯାହା ଭାବୁଛନ୍ତି ପ୍ରମାଣଟା ତାର ଠିକ୍‌ ଓଲଟା କାମ କରିପାରେ । ତୁମେ ଜଳଖିଆ ଖାଇନିଅ ଡ଼ଆଟସନ୍‌ । ଆମେ ଦି'ଜଣ ସାଥିହୋଇ ଯିବା, ଦେଖିବା କ'ଣ କରାଯାଇପାରେ । ମୋତେ ଲାଗୁଛି, ତୁମର ସାହାଯ୍ୟ ଆଜି ମୋର ଦର୍କାର ହେବ ।"

ମୋ ବନ୍ଧୁ ନିଜେ କିଛି ଜଳଖିଆ ଖାଇଲେ ନାହିଁ । କାରଣ ତାଙ୍କର ଗୋଟେ ବିଶେଷତ୍ୱ ଥିଲା ଯେ ସେ ଯେତେବେଳେ କୌଣସି କାମରେ ପୁରା ମନ ଲଗାଇ ଦିଅନ୍ତି ସେତେବେଳେ କିଛି ଖାଆନ୍ତି ନାହିଁ । ମୋ ଜାଣିବାରେ ସେ ତାଙ୍କର ଲୁହାପରି ଶକ୍ତି ଉପରେ ନିର୍ଭରକରି ବେଳେ ବେଳେ ଅନାହାରରେ ଅଚେତ ହୋଇଯା'ନ୍ତି । ଡାକ୍ତର ହିସାବରେ ମୁଁ ତାଙ୍କୁ ଉପଦେଶ ଦେଲେ ସେ କହନ୍ତି, "ବର୍ତ୍ତମାନ ଖାଦ୍ୟ ହଜମ କରିବାରେ ମୁଁ ମୋ ଶକ୍ତି କ୍ଷୟ କରିପାରିବିନାହିଁ ।" ତେଣୁ ସେଦିନ ସକାଳେ ସେ କିଛି ଖାଦ୍ୟ ନ ଛୁଇଁ ମୋ ସାଥିରେ ଯେତେବେଳେ ନର୍‌ଉଡ୍‌ ବାହାରିଲେ ମୁଁ ମୋତେ ବିସ୍ମିତ ହେଲି ନାହିଁ ।

Digitized by srujanika@gmail.com

ଡିପ୍‌ଡେନ୍ ହାଉସ୍ ଗୃହପାଖେ ସେ ପର୍ଯ୍ୟନ୍ତ ଅନେକ ଦେଖଣାହାରି ଜମା ହୋଇଥା'ନ୍ତି । ଗେଟ୍ ପାଖରେ ଲେଷ୍ଟ୍ରେଡ୍‌ଙ୍କ ସାଥିରେ ଆମର ଦେଖାହେଲା । ବିଜୟ ଗର୍ବରେ ତାଙ୍କ ମୁହଁ ଉଜ୍ଜ୍ୱଳ ଦେଖାଯାଉଥାଏ । ହସି ହସି ସେ କହିଲେ, "ଆମ ସିଦ୍ଧାନ୍ତ ଭୁଲ ବୋଲି ତୁମେ ଏଯାଏଁ ପ୍ରମାଣ କରି ପାରିଲ ମିଷ୍ଟର୍ ହୋମ୍‌ସ ? ତୁମ ବାରବୁଲାକୁ ପାଇଲ ?"

ହୋମ୍‌ସ ଉତ୍ତର ଦେଲେ, "ମୁଁ ଏଯାଏଁ କିଛି ସିଦ୍ଧାନ୍ତ କରିନାହିଁ ।"

"ଆମେ କାଲି କାଲି ଆମର ସିଦ୍ଧାନ୍ତ କରିପାରିଛୁ ଆଉ ସେଟା ଠିକ୍ ବୋଲି ପ୍ରମାଣିତ ହୋଇପାରିଛି । ତେଣୁ ଏ କେଶ୍‌ରେ ଆମେ ତୁମ ଅପେକ୍ଷା ଆଗୁଆ ବୋଲି ତୁମେ ନିଶ୍ଚୟ ମାନିବ ।"

"ହଁ, ତୁମେ ନିଶ୍ଚୟ କିଛି ଗୋଟେ ଅସାଧାରଣ ଘଟଣାର ସନ୍ଧାନ ପାଇଛ ।"

ଖୁବ୍ ଜୋର୍‌ରେ ହସି ଉଠି ଲେଷ୍ଟ୍ରେଡ୍ କହିଲେ, "ଆମ ପରି ତୁମେ ମଧ୍ୟ ସହଜରେ ହାର ମାନିବାକୁ ପ୍ରସ୍ତୁତ ନୁହଁ । ଜଣେ ଲୋକ ଯେ ସବୁବେଳେ ଠିକ୍ ବାଟରେ ଯିବ ତା ନୁହେଁ । ନାଁ କ'ଣ କହୁଛନ୍ତି ଡାକ୍ତର ଉଆଟ୍‌ସନ୍ ? ହଉ, ଏଇ ଆଡ଼କୁ ଆସନ୍ତୁ । ମୁଁ ଆପଣଙ୍କୁ ହୃଦୟଙ୍ଗମ କରାଇଦେବି ଯେ ମାକ୍‌ଫାରଲେନ୍ ହିଁ ଅପରାଧୀ ।"

ଗୋଟାଏ ବାରଣ୍ଡାବାଟେ ସେ ଆମକୁ ଗୋଟେ ଅନ୍ଧାରୁଆ ହଲ୍‌କୁ ନେଇଗଲେ । ଗୋଟେ ଜାଗା ଦେଖାଇ କହିଲେ, "ହତ୍ୟା କରିସାରିବା ପରେ ମାକ୍‌ଫାର୍‌ଲେନ୍ ଏଇବାଟେ ତାଙ୍କ ଟୋପିଟା ନେବାକୁ ନିଶ୍ଚୟ ଆସିଥିବେ । ଏଇ ଦେଖନ୍ତୁ ।" ହଠାତ୍ ସେ ଗୋଟେ ଦିଆସିଲି କାଠି ଜଳାଇଲେ । ସେଇ ଆଲୁଅରେ ଧଳା କାନ୍ଥ ଉପରେ ଥିବା ଗୋଟେ ରକ୍ତ ଦାଗ ଦେଖାଇଲେ । ମୁଁ ଦେଖିଲି ସେଟା ଖାଲି ଗୋଟେ ଦାଗ ନୁହେଁ, ବରଂ ଗୋଟେ ବୁଢ଼ା ଆଙ୍ଗୁଠିର ପରିଷ୍କାର ଚିହ୍ନ ।

"ତୁମ ମାଗ୍ନିଫାଇଙ୍ଗ୍ କାଚରେ ଏଟା ଦେଖ ମିଷ୍ଟର୍ ହୋମ୍‌ସ ।"

"ହଁ, ଦେଖୁଛି ।"

"ତୁମେ ତ ଜାଣ, କୌଣସି ଦୁଇଟା ଆଙ୍ଗୁଠି ଛାପ ସମାନ ହୋଇ ନ ପାରେ ।"

Digitized by srujanika@gmail.com

"ହଁ, ସେ କଥା ମୁଁ ଶୁଣିଛି ।"

"ଆଚ୍ଛା, ଏଇଟା ଜଉରେ ତରୁଣୀ ମାକ୍‌ଫାର୍‌ଲେନ୍‌ଙ୍କ ଡାହାଣ ହାତ ବୁଢ଼ା ଆଙ୍ଗୁଠିର ଛାପ । ଏଇଟାକୁ ସେଇ ରକ୍ତ ଛାପ ସାଥିରେ ତୁଳନା କର ।"

ଦୁଇଟାଯାକ ଛାପ ସେ ପାଖାପାଖି ରଖିଲେ । ଦୁଇଟାଯାକ ଗୋଟେ ଆଙ୍ଗୁଠିର ଚିହ୍ନ ବୋଲି ଜାଣିବାରେ କିଛି ସନ୍ଦେହ ରହିଲା ନାହିଁ । ମୁଁ ବୁଝିଲି, ଆମ ମକ୍କେଲ ବିଚାରା କଥା ସରିଗଲା । "ଏଇଟା ଶେଷ ପ୍ରମାଣ," ଲେଷ୍ଟ୍ରେଡ୍ କହିଲେ ।

ମୋ ମୁହଁରୁ ବାହାରି ପଡ଼ିଲା, "ହଁ, ଏଇଟା ଶେଷ ।" ହୋମ୍‌ସ ମଧ୍ୟ କହିଲେ, "ହଁ, ଏଇଟା ଶେଷ ପ୍ରମାଣ ।" ତାଙ୍କ ସ୍ୱରଟା ମୋତେ କେମିତି କେମିତି ଶୁଭିଲା । ବୁଲିପଡ଼ି ତାଙ୍କ ଆଡ଼କୁ ଚାହିଁଲି । ତାଙ୍କମୁହଁରେ ଅସାଧାରଣ ପରିବର୍ତ୍ତନ ଲକ୍ଷ୍ୟ କଲି । ମନ ଆନନ୍ଦରେ ମୁହଁ ଉଜ୍ଜ୍ୱଳ ଦିଶୁଥିଲା । ଆଖି ଦି'ଟା ତାରା ପରି ଚକ୍ ଚକ୍ କରୁଥାଏ । ମୋତେ ଜଣାଗଲା ଯେ ଯେମିତି ଗୋଟେ ଖୁବ୍ ଜୋର୍ ହସକୁ ଚାପି ରଖିବାକୁ ଚେଷ୍ଟା କରୁଛନ୍ତି । ଶେଷରେ ସେ କହିଲେ, " ହେ ପ୍ରଭୁ ! ଏ କଥା କିଏ ବା ଚିନ୍ତା କରନ୍ତା ? ପ୍ରକୃତରେ ଲୋକର ବାହାର ଚେହେରା ଦେଖି ଠକାମିରେ ପଡ଼ିଯିବ । ଦେଖିବାକୁ କେଡ଼େ ସୁନ୍ଦର ଯୁବକ ! ଏଇଟା ଆମ ପାଇଁ ଗୋଟେ ଶିକ୍ଷା । ନିଜର ସିଦ୍ଧାନ୍ତଟା ଉପରେ ଏତେଟା ବିଶ୍ୱାସ ରଖିବା ଠିକ୍ ନୁହେଁ । ନା କଣ ଲେଷ୍ଟ୍ରେଡ୍ ?"

"ହଁ, ଆମ ଭିତରୁ କେହି କେହି ଅତିମାତ୍ରାରେ ଗର୍ବିତ ହୋଇଯା'ନ୍ତି । ଏଇଟା ତାଙ୍କର ପ୍ରକୃତ ମିଷ୍ଟର୍ ହୋମ୍‌ସ ।" ଲୋକଟାର ଗର୍ବ ଦେଖି ରକ୍ତ ତାତି ଉଠୁଥାଏ; କିନ୍ତୁ ଆମେ ଆମ କ୍ରୋଧ ପ୍ରକାଶ କରିପାରୁନଥାଉ । ହୋମ୍‌ସ ବାହାରକୁ ବେଶ୍ ଧୀରସ୍ଥିର ଦେଖାଯାଉଥାନ୍ତି; କିନ୍ତୁ ଭିତରର ଉତ୍ତେଜନା ଯୋଗୁଁ ତାଙ୍କ ସାରା ଦେହଟା ଏକପ୍ରକାର ଥରୁଥାଏ । ସେ କହିଲେ, "ଏଇ ତରୁଣ କାନ୍ଥ କବାଟରୁ ତାଙ୍କ ଟୋପିଟା ନେବାପାଇଁ ତାଙ୍କ ଡାହାଣ ହାତ ବୁଢ଼ା ଆଙ୍ଗୁଠିରେ କାନ୍ଥରେ ଭରାଦେବା ନିଶ୍ଚୟ ସ୍ୱଭାବର ସ୍ୱଭାବ । ତୁମେ ଚିନ୍ତା କଲେ ଦେଖିବ ଏଇଟା ଖୁବ୍ ସ୍ୱାଭାବିକ । ଆଚ୍ଛା, ଲେଷ୍ଟ୍ରେଡ୍, କିଏ ଏଇ ଉଲ୍ଲେଖନୀୟ ଆବିଷ୍କାର କଲା ?"

Digitized by srujanika@gmail.com

"ଗୃହକର୍ତ୍ତ୍ରୀ ଶ୍ରୀମତୀ ଲେକ୍‌ସିଙ୍ଗ୍‌ଟନ୍ । ରାତିରେ ଜଗିଥିବା କନେଷ୍ଟବଲ୍‌କୁ ତାଙ୍କ ସେ ଏହା ଦେଖାଇଲେ ।"

"କନେଷ୍ଟବଲ୍ କେଉଁଠି ଥିଲା ।"

"ଶୋଇବାଘର ଜଗିଥିଲା; ଯେମିତି କେହି କୌଣସି କ୍ଷତି ନକରୁଏଁ ।"

"କିନ୍ତୁ କାଲି ପୋଲିସ୍ ଏ ଦାଗଟା ଦେଖିଲେ ନାହିଁ କାହିଁକି ?"

"ହଲ୍ ଘରଟା ଠିକ୍‌ଭାବେ ପରୀକ୍ଷାକରିବାର କିଛି କାରଣ ନଥିଲା । ତାଛଡ଼ା ତୁମେ ତ ଦେଖୁଛ, ଜାଗାଟା ସେମିତି ଆଖିପଡ଼ିଲା ଭଳି ନୁହେଁ ।"

"ହଁ, ସେକଥା ସତ । ମୁଁ ଭାବୁଛି କାଲି ଏ ଦାଗଟା ସେଠିଥିଲା ବୋଲି କିଛି ସନ୍ଦେହ ନାହିଁ ?"

ଲେଷ୍ଟ୍ରେଡ୍ ବଲ ବଲ କରି ହୋମ୍‌ସଙ୍କ ମୁହଁକୁ ଚାହିଁରହିଲେ ସତେ ଯେମିତି ସେ କିଛି ବୁଝିପାରୁନଥିଲେ । ମୁଁ ମଧ୍ୟ ହୋମ୍‌ସଙ୍କର ଏଇ ପ୍ରଫୁଲ୍ଲଭାବ ଦେଖି ବିସ୍ମିତ ହୋଇଗଲି । ଲେଷ୍ଟ୍ରେଡ୍ କହିଲେ, "ମୁଁ ବୁଝିପାରୁନାହିଁ, ତୁମେ କ'ଣ ଭାବୁଛ ମାକ୍‌ଫାର୍‌ଲେନ୍ ରାତିଅଧରେ ଜେଲରୁ ଆସି, ନିଜ ବିରୁଦ୍ଧରେ ପ୍ରମାଣକୁ ଦୃଢ଼କରିବାପାଇଁ ଏ ଦାଗ କରିଦେଲେ । ଏଇଟା ତାଙ୍କ ବୁଢ଼ାଆଙ୍ଗୁଠି ଛାପ କି ନା ପୃଥିବୀର ଯେକୌଣସି ବିଶେଷଜ୍ଞ ଆସି ଦେଖି ପାରନ୍ତି ।"

"ଦର୍କାର ନାହିଁ । କାରଣ ଏହା ତାଙ୍କ ଆଙ୍ଗୁଠିଚିହ୍ନ କି ନା ସେ ବିଷୟରେ ପ୍ରଶ୍ନ ଉଠି ପାରେନା ।"

"ବେଶ୍, ସେତିକି ଯଥେଷ୍ଟ । ମୁଁ କାମର ଲୋକ ମିଷ୍ଟର୍ ହୋମ୍‌ସ । ଆଉ ମୁଁ ଯେତେବେଳେ ପ୍ରମାଣ ପାଇସାରିଛି ମୋର ସିଦ୍ଧାନ୍ତ କରିସାରିଛି । ମୁଁ ଏବେ ଯାଇ ବୈଠକଖାନାରେ ମୋ ରିପୋର୍ଟ ଲେଖୁଛି । ତୁମର କିଛି କହିବାର ଥିଲେ ମୋତେ ସେଇଠି ଭେଟିବ ।"

ହୋମ୍‌ସଙ୍କର ଧୀରସ୍ଥିରଭାବ ପୁଣି ଆସିଯାଇଥିଲା । ଅବଶ୍ୟ ତାଙ୍କ ଭାବ ଭଙ୍ଗୀରେ କେତେଟା ଅସ୍ଥିର ଆନନ୍ଦର ଚିହ୍ନ ମୁଁ ଦେଖିପାରିଲି ।

ସେ କହିଲେ, "ଏଇଟା ବଡ଼ ଦୁଃଖର କଥା ଉଆଟ୍‌ସନ୍, ନା କ'ଣ ?

Digitized by srujanika@gmail.com

ତଥାପି କେତେକ ଅସାଧାରଣ ପଏଣ୍ଟ ଅଛି ଆଉ ସେତକମାନ ହେଲା ଆମ ମଙ୍ଗଳପାଇଁ କିଛିଟା ଆଶା ।"

"ଏ କଥା ଶୁଣି ମୋ ମନ ଖୁବ୍ ଖୁସି । ମୁଁ ସନ୍ଦେହ କରିଥିଲି ବିଚରାର ଅବସ୍ଥା ସରିଗଲା ।"

"ମୁଁ କିନ୍ତୁ ସେକଥା କହି ପାରିବି ନାହିଁ ୱାଟ୍‌ସନ୍ । କଥାହେଲା ଏଇ ଯେଉଁ ପ୍ରମାଣଉପରେ ବନ୍ଧୁ ଲେଷ୍ଟ୍ରେଡ୍ ଏତେ ଗୁରୁତ୍ୱ ଦେଉଛନ୍ତି ସେଥିରେ ଗୋଟେ ବିରାଟ ତ୍ରୁଟି ରହିଯାଇଛି ।"

"ସତେ ହୋମ୍‌ସ ! ସେଇଟା କ'ଣ ?"

"କେବଳ ଏତିକି ଯେ କାଲି ଯେତେବେଳେ ମୁଁ ସେ ହଲ୍ ଘରଟା ପରୀକ୍ଷା କରୁଥିଲି ଏ ଚିହ୍ନଟା ସେଠି ନଥିଲା ବୋଲି ମୁଁ ଜାଣେ । ଏଥର ଚାଲ ୱାଟ୍‌ସନ୍ ବାହାର ସୂର୍ଯ୍ୟକିରଣରେ ଟିକିଏ ବୁଲି ଆସିବା ।"

ମୋ ମୁଣ୍ଡ ଗୋଳମାଳିଆ ହୋଇଯାଉଥାଏ; କିନ୍ତୁ ମନଭିତରେ କିଛିଟା ଆଶା ଆସିଯାଇଥାଏ । ହୋମ୍‌ସଙ୍କ ସାଥିରେ ବଗିଚା ଘରପାଖରେ ଯେତିକି ବୁଲିଲି । ହୋମ୍‌ସ ଘରଟାର ଚାରିପାଖ ଖୁବ୍ ଯତ୍ନରେ ପରୀକ୍ଷା କରୁଥାନ୍ତି । ତାପରେ ସେ ଘର ଭିତରକୁ ଗଲେ ଆଉ ତଳମହଲରୁ ସବାଉପର ସିଡ଼ି ଘରଯାଏଁ ସବୁ ପରୀକ୍ଷାକରି ଦେଖିଲେ । ଅଧିକାଂଶ ଘରେ ଆସବାବପତ୍ର କିଛି ନଥିଲା । ତଥାପି ହୋମ୍‌ସ ସେଗୁଡ଼ାକ ତନ୍ନତନ୍ନକରି ଦେଖିଲେ । ଶେଷରେ ଉପର ବାରଣ୍ଡାକୁ ଗଲୁ । ବାରଣ୍ଡାକୁ ଲାଗି ତିନିବଖରା ଶୋଇବାଘର । ସେଠି କେହି ରହୁନଥିଲେ । ଏ ଘର ଦେଖି ହୋମ୍‌ସ ପୁଣି ଆନନ୍ଦିତ ହୋଇ ଉଠିଲେ । ଶେଷରେ ସେ କହିଲେ, "ଏ କେଶ୍‌ରେ କେତେଗୁଡ଼ାଏ ଅପୂର୍ବ ଲକ୍ଷଣ ଅଛି ୱାଟ୍‌ସନ୍ । ମୁଁ ଭାବୁଛି ଏଣିକି ଆମେ ଲେଷ୍ଟ୍ରେଡ୍‌ଙ୍କୁ ଆମ ମତ ବିଶ୍ୱାସ କରାଇ ପାରିବାର ସମୟ ହୋଇଗଲା । ସେ ଆମ ପରିଶ୍ରମକୁ କାମରେ ଲଗାଇ ଆମକୁ ଥଟ୍ଟା କରୁଥିଲେ । ଯଦି ମୋର ଏ ସମସ୍ୟା ଅନୁଧ୍ୟାନ ଠିକ୍ ହୁଏ ତେବେ ଏଥର ଆମ ପାଳିପଡ଼ିବ । କେଉଁ ଭାବରେ ଆମେ କାମଟା କରିବା ମୁଁ ଠିକ୍ କରିଛି ।"

Digitized by srujanika@gmail.com

ସ୍କଟଲାଣ୍ଡ୍ ୟାର୍ଡ଼ ଇନ୍‌ସ୍‌ପେକ୍ଟର୍ ସେତେବେଳଯାଏଁ ବୈଠକଖାନାରେ ବସି ତାଙ୍କ ରିପୋର୍ଟ ଲେଖୁଥାନ୍ତି । ତାଙ୍କ କାମରେ ବାଧାଦେଇ ହୋମ୍‌ସ କହିଲେ, "ତୁମେ ଏ କେଶ୍‌ର ରିପୋର୍ଟ ଲେଖୁଛ ବୋଲି ମୋର ଧାରଣା ।"

"ହଁ, ଲେଖୁଛୁ ତ ।"

"ବର୍ତ୍ତମାନ କେଶ୍‌ଟା ପୂର୍ଣ୍ଣାଙ୍ଗ ହୋଇ ନାହିଁ ବୋଲି ତୁମେ ଚିନ୍ତାକରୁନାହଁ ? ମୁଁ ଭାବୁଛି ତୁମର ପ୍ରମାଣ ପୂର୍ଣ୍ଣ ହୋଇନାହିଁ ।"

ଲେଷ୍ଟ୍ରେଡ୍ ମୋ ବନ୍ଧୁଙ୍କୁ ଭଲଭାବେ ଜାଣନ୍ତି । ତେଣୁ ତାଙ୍କ କଥାକୁ ସେ ବେଖାତର କରିପାରିଲେନାହିଁ । କଲମଟା ଥୋଇଦେଇ ସେ କୌତୁହଳୀ ହୋଇ ତାଙ୍କ ଆଡ଼କୁ ଚାହିଁ କହିଲେ —"ତୁମେ କ'ଣ କହୁଛ ମିଷ୍ଟର୍ ହୋମ୍‌ସ ?"

"କେବଳ ଏତିକି ଯେ ଏ କେଶ୍‌ରେ ଜଣେ ପ୍ରଧାନ ସାକ୍ଷୀ ଅଛି, ଆଉ ତୁମେ ତାକୁ ଦେଖିନାହଁ ।"

"ତୁମେ ତାକୁ ଦେଖାଇ ପାରିବ ?"

"ଭାବୁଛି ପାରିବି ।"

"ବେଶ୍, ତାହେଲେ ତାକୁ ଆଣ ।"

"ମୁଁ ମୋ ପାରୁପର୍ଯ୍ୟନ୍ତ ଚେଷ୍ଟାକରିବି । ହଁ, ଏଠି ତୁମର କେତେ ଜଣ କନେଷ୍ଟବଲ୍ ଅଛନ୍ତି ?"

"ତିନି ଜଣ ।"

"ଚମତ୍କାର ! ଆଚ୍ଛା ସେମାନେ ବେଶ୍ ବଳୁଆ ଆଉ ଖୁବ୍ ଜୋର୍‌ରେ ପାଟିକରି ପାରିବେ ତ ?"

"ସେ ବାବଦରେ ମୋର ସନ୍ଦେହନାହିଁ । ହେଲେ ସେମାନଙ୍କ ପାଟି କରିବାର ଏ କେଶ୍ ସାଥିରେ କି ସଂପର୍କ ମୁଁ ବୁଝିପାରୁନାହିଁ ।"

"ସେଇଟା ବୋଧହୁଏ ମୁଁ ତୁମକୁ ଦେଖାଇ ଦେଇ ପାରିବି । ତା ଛଡ଼ା ଆଉ ଗୋଟେ ଦୁ'ଟା ଜିନିଷ ବି । ହଁ, ଦୟାକରି ତୁମେ କନେଷ୍ଟବଲ୍‌ମାନଙ୍କୁ ଡକାଅ । ମୁଁ ମୋ ଚେଷ୍ଟାକରିବି ।"

Digitized by srujanika@gmail.com

ପାଞ୍ଚମିନଟ୍‌ପରେ କନେଷ୍ଟବଲ୍ ତିନିଜଣ ଆସି ପହଞ୍ଚିଲେ ।

ହୋମ୍‌ସ କହିଲେ, "ଦେଖିବ, ବାହାରଘରେ ଗୁଡ଼େ ନଡ଼ାଗଦା ହୋଇଛି । ସେଥିରୁ ଦୁ'ଗୋଛି ନେଇ ଆସିବ । ମୁଁ ଯେଉଁ ସାକ୍ଷୀକଥା କହୁଛି ତାକୁ ଆଣିବାପାଇଁ ଏଟା ବଡ଼ ସାହାଯ୍ୟ ହେବ । ହଉ, ଧନ୍ୟବାଦ । ତୁମ ପକେଟ୍‌ରେ ଦିଆସିଲି ବାକ୍ସଟିଏ ଅଛି ୱାଟ୍‌ସନ୍ । ଏଥର ଲେଷ୍ଟ୍ରେଡ୍ ମୋ ସାଥିରେ ସମସ୍ତେ ଉପରକୁ ଆସ ।"

ଆଗରୁ କହିଛି ଉପରେ ଗୋଟେ ଚଉଡ଼ା ବାରଣ୍ଡା । ତାକୁ ଲାଗି ତିନିବଖରା ଶୋଇବାଘର । ସବୁଗୁଡ଼ା ଖାଲି । ବାରଣ୍ଡାର ଗୋଟେ ମୁଣ୍ଡରେ ଠିଆହେବା ପାଇଁ ସେର୍‌ଲକ୍ ହୋମ୍‌ସ ଆମକୁ ଆଦେଶ ଦେଲେ । କନେଷ୍ଟବଲ୍ ତିନିଜଣ ବେଖାତିରିଆ ହସ ହସୁଥାନ୍ତି । ଲେଷ୍ଟ୍ରେଡ୍ ବଲବଲକରି ମୋ ବନ୍ଧୁଙ୍କ ଆଡ଼କୁ ଚାହିଁଥାନ୍ତି । ହୋମ୍‌ସ ଆମ ଆଗରେ ଠିଆ ହୋଇଥାନ୍ତି, ଠିକ୍ ଯେମିତି ଜଣେ ଯାଦୁକର ତାର ଯାଦୁଖେଳ ଦେଖାଇବାକୁ ଯାଉଛି ।

"ଦୟାକରି ଜଣେ କନେଷ୍ଟବଲ୍‌କୁ ଦୁଇବାଲ୍‌ଟି ପାଣି ଆଣିବାପାଇଁ ପଠାଅ ଲେଷ୍ଟ୍ରେଡ୍ । ନଡ଼ାଗୁଡ଼ ଏଇଠି ଏଇ ମେଜିଆ ଉପରେ ରଖ, ଯେମିତି କୌଣସି କାନ୍ଥକୁ ନଲାଗେ । ଏଥର ଆମେ ସମସ୍ତେ ବୋଧହୁଏ ପ୍ରସ୍ତୁତ ।"

ସେତେବେଳକୁ ଲେଷ୍ଟ୍ରେଡ୍‌ଙ୍କ ମୁହଁ ରାଗରେ ଲାଲପଡ଼ିଗଲାଣି । ସେ କହିଲେ, "ତୁମେ ଆମସାଙ୍ଗରେ ଖେଳୁଛ ନା କ'ଣ ମୁଁ ଜାଣିପାରୁନାହିଁ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ । ଯଦି ତୁମେ କିଛି ଜାଣ ତେବେ ଏ ଫାର୍ସ ନକରି କହିଦେଇପାରନ୍ତ ।"

"କିଛି ମନେକରିବନାହିଁ ଲେଷ୍ଟ୍ରେଡ୍ । ମୁଁ ଜବାବ୍ ଦେଉଛି ମୁଁ ଯାହା କିଛି କରେ ତାର ଯଥେଷ୍ଟ କାରଣ ଥାଏ । ତୁମର ମନେଥିବ ଏଇ କେତେ ଘଣ୍ଟା ଆଗରୁ ତୁମେ ମୋତେ ଥଟ୍ଟା କରୁଥିଲ । ସେତେବେଳେ ସୁଯୋଗଟା ତୁମଆଡ଼କୁ ଥିଲା । ତେଣୁ ଏଇଲେ ମୁଁ ଯାହାକିଛି ଟିକିଏ ରହସ୍ୟକଲେ ତୁମେ ବୋଧହୁଏ ରାଗକରିବନାହିଁ । ହଉ ୱାଟ୍‌ସନ୍, ସେ ଝରକାଟା ଖୋଲିଦିଅ ଆଉ ଦିଆସିଲି ଜଳାଇ ସେ ନଡ଼ାରେ ଲଗାଇଦିଅ ।"

Digitized by srujanika@gmail.com

ମୁଁ ସେଇଆ କଲି । ନଡ଼ା ଗୁଡ଼ା ଶୁଖିଲା ଥିଲା । ଗୁଡ଼ାଏ ଧୂଆଁ ବାହାରିଲା । ତା'ପରେ ହୁ-ହୁ ହୋଇ ଜଳିଉଠିଲା ।

ହୋମ୍ସ କହିଲେ, "ଏଥର ଏଇ ସାକ୍ଷୀକୁ ଆମେ ବାହାର କରି ପାରୁଛେ କି ନା ଦେଖିବା ଲେଷ୍ଟ୍ରେଡ୍ । ମୁଁ ଏକ, ଦୁଇ, ତିନି କହିଲେ ସମସ୍ତେ ଏକାବେଳେ ନିଆଁ ନିଆଁ ବୋଲି ପାଟି କରିବ । ଏକ, ଦୁଇ, ତିନି—।"

ଆମେ ସମସ୍ତେ ପାଟିକରି ଉଠିଲୁ, "ନିଆଁ, ନିଆଁ ।"

"ଧନ୍ୟବାଦ । ଆଉ ଥରେ ।"

"ନିଆଁ, ନିଆଁ ।"

"ଆଉ ଥରେ ଜୋର୍‌ରେ । ସମସ୍ତେ ଏକାବେଳେ ।"

"ନିଆଁ, ନିଆଁ ।" ଶବ୍ଦଟା ନର୍‌ଉଡ୍ ଯାଏ ଶୁଣାଯାଇଥିବ ।

ଆମ ପାଟି ଶବ୍ଦ ଶେଷ ହୋଇଛି କି ନାହିଁ ଏକ ବିଚିତ୍ର ଘଟଣା ଘଟିଲା । ଆମ ଆଗରେ ଯେଉଁଟା କାନ୍ଥ ପରି ଦିଶୁଥିଲା ସେଠି ହଠାତ୍ ଗୋଟେ ଦରଜା ଖୋଲିଗଲା । ସେଇବାଟେ ଜଣେ ଲୋକ ଖରିଆ ଗାତରୁ ବାହାରିଲା ପରି ବାହାରି ଆସିଲା । ତା ମୁହଁ ମଳିନ ଦିଶୁଥାଏ । ଧୀରସ୍ଥିର ଭାବରେ ହୋମ୍ସ କହିଲେ, "ଚମତ୍କାର ! ୱାଟସନ୍ ନଡ଼ାଗୁଡ଼ାକ ଉପରେ ଏଥର ପାଣି ବାଲ୍‌ଟିଏ ଢାଳିଦିଅ । ବେଶ୍ ସେଇ ହେବ । ହଁ ଲେଷ୍ଟ୍ରେଡ୍, ଏଥର ତୁମ କେଶ୍‌ର ପ୍ରଧାନ ସାକ୍ଷୀ ଜୋନାସ୍ ଓଲ୍‌ଡାକର୍‌ଙ୍କୁ ମୁଁ ତୁମ ଆଗରେ ଉପସ୍ଥାପିତ କରିଛି ।"

ଡିଟେକ୍‌ଟିଭ୍ ଲେଷ୍ଟ୍ରେଡ୍ ଆଗନ୍ତୁକ ଆଡ଼କୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ । ଆଗନ୍ତୁକ ଆଖି ମିଟି ମିଟି କରି ଆମ ଆଡ଼କୁ ଆଉ ନିଭି ଆସୁଥିବା ନିଆଁ ଆଡ଼କୁ ଚାହିଁ ରହିଲେ । ତାଙ୍କ ମୁହଁଟା ନିହାତି କଦାକାର । ଆଖି ଦି'ଟା ଖୁବ୍ ଧୂର୍ତ୍ତ ଆଉ ପାପାଶକ୍ତ । ଶେଷରେ ଲେଷ୍ଟ୍ରେଡ୍ କହିଲେ, "ଏ କିଅଣ ? ତୁମେ ଏଯାଏଁ କ'ଣ କରୁଥିଲ ?"

ରାଗରେ ଲେଷ୍ଟ୍ରେଡ୍‌ଙ୍କ ମୁହଁ ଲାଲ ଆଉ ଭୟଙ୍କର ହୋଇଯାଇଥାଏ । ଓଲ୍‌ଡାକର ଟିକିଏ ପଛେଇ କହିଲେ, "ମୁଁ ତ କିଛି ଦୋଷ ବା କ୍ଷତି କରିନାହିଁ ।"

Digitized by srujanika@gmail.com

"ଦୋଷ କରି ନାହିଁ ? ଜଣେ ନିରୀହ ଲୋକକୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ତୁମେ ସବୁ ପ୍ରକାର ଚେଷ୍ଟା କରିଛ । ଏଇ ଭଦ୍ରଲୋକ ନଥିଲେ ତୁମେ ତୁମ କାମ ବେଶ୍ ହାସଲ କରିନେଇପାରିଥାନ୍ତ ।"

ବିଚରା ନାକ ସୁଁ ସୁଁ କରି କହିଲେ, "ମୁଁ ଖାଲି ଗୋଟେ ରହସ୍ୟ କରୁଥିଲି ।"

"ରହସ୍ୟ ! ସତେ ନା କ'ଣ ? ହଉ, ଏ ରହସ୍ୟ ରହିବ ନାହିଁ । ତାଙ୍କୁ ତଳ ବୈଠକଖାନାକୁ ନେଇଯାଅ । ମୁଁ ଯିବାଯାଏ ସେଠି ଅଟକାଇ ରଖିବ ।"

କନେଷ୍ଟବଲ୍ ତିନିଜଣ ତାଙ୍କୁ ଧରି ଚାଲିଗଲା ପରେ ଲେଷ୍ଟ୍ରେଡ୍ କହିଲେ, "ମିଷ୍ଟର୍ ହୋମ୍ସ, ମୁଁ ସେ କନେଷ୍ଟବଲ୍ଙ୍କ ଆଗରେ କିଛି କହି ପାରିଲିନାହିଁ । କିନ୍ତୁ ଡାକ୍ତର ୱାଟ୍ସନଙ୍କ ଉପସ୍ଥିତିରେ କିଛି କହିବାକୁ ମୋର ସଙ୍କୋଚ ନାହିଁ । ତୁମେ ଯେତେ କାମ କରିଛ ଏଇଟା ନିଶ୍ଚୟ ସବୁଠୁଁ ଶ୍ରେଷ୍ଠ । ହେଲେ ତୁମେ କେମିତି ସ୍ଥି'କଲ ମୁଁ କିଛି ବୁଝିପାରୁନାହିଁ । ତୁମେ ଜଣେ ନିରୀହ ଲୋକର ଜୀବନ ରକ୍ଷାକରିଛ ଆଉ ମୋତେ ମଧ୍ୟ ଏକ ଭୀଷଣ ଦୁର୍ନାମରୁ ରକ୍ଷା କରିଛ । ତୁମେ ନଥିଲେ ସ୍କଟ୍ଲାଣ୍ଡ ୟାର୍ଡ଼ରେ ମୋର ନାଁ ପାଣି ସବୁ ବୁଡ଼ି ଯାଇଥାନ୍ତା ।"

ହସି ହସି ଲେଷ୍ଟ୍ରେଡ୍ଙ୍କ କାନ୍ଧରେ ହାତ ଥାପୁଡ଼ାଇ ହୋମ୍ସ କହିଲେ, "ତୁମ ସୁନାମ ନଷ୍ଟ ହେବା ପରିବର୍ତ୍ତେ ଯଥେଷ୍ଟ ବଢ଼ିଯିବ ଲେଷ୍ଟ୍ରେଡ୍ । ତୁମେ ଯେଉଁ ରିପୋର୍ଟ ଲେଖୁଥିଲ ସେଥିରେ କେତେଟା ଅଦଳବଦଳ କରିଦିଅ । ଆଉ ସମସ୍ତେ ଦେଖିବେ, ଇନ୍ସପେକ୍ଟର୍ ଲେଷ୍ଟ୍ରେଡ୍ ଆଖିରେ ଧୂଳିଦେବା କେଡ଼େ କଷ୍ଟକର ।"

"ଆଉ ତୁମ ନାଁ ଏ କେଶ୍‌ରେ ପ୍ରକାଶପାଇବା ତୁମେ ଚାହୁଁ ନାହିଁ ?"

"ମୋଟେ ନୁହେଁ । ମୋ କାମ ହିଁ ମୋର ପୁରସ୍କାର । ଭବିଷ୍ୟତରେ ମୋର ଇତିହାସ ଲେଖକ ଯେତେବେଳେ ଏ ବିଷୟ ଲେଖି ପ୍ରକାଶ କରିବେ, ମୁଁ ବୋଧହୁଏ ବାହାଦୁରିଟା ପାଇବି । ନା କ'ଣ ୱାଟ୍ସନ୍ ? ଏବେ ଚାଲ ଦେଖିବା ଏଇ ଧୂର୍ତ୍ତ ମୂଷା କେଉଁଠି ଛପି ରହିଥିଲା ।"

Digitized by srujanika@gmail.com

ବାରଣ୍ଡାର ଗୋଟେ ମୁଣ୍ଡରୁ ପ୍ରାୟ ଛଅ ଫୁଟ ଗୁଡ଼ି ପଡ଼ଲା କାଠପଟା ଖଂଜାଯାଇ ତା ଉପରେ ପଲସ୍ତରା କରାଯାଇଥିଲା । ତା ମଝିରେ ଖୁବ୍ ଚତୁର ଭାବରେ ଗୋଟାଏ ଦରଜା ଛପି ରହିଥିଲା । ପଟା ମଝିରେ ଥିବା ସରୁ ଫାଙ୍କ ବାଟେ ଭିତରକୁ ଆଲୁଅ ଯାଉଥିଲା । ଭିତରେ କିଛି ଆସବାବପତ୍ର, ଖାଇବା ଜିନିଷ ଆଉ ପାଣି ଥିଲା । ତା ବ୍ୟତୀତ କେତେକ ବହି ଆଉ କାଗଜପତ୍ର ବି ଥିଲା ।

ଆମେ ଭିତରୁ ପଦାକୁ ବାହାର ଆସିଲୁ । ହୋମ୍ସ କହିଲେ, "ଜଣେ ମିସ୍ତ୍ରୀ ହେବାର ଏଇ ହେଲା ସୁବିଧା । ସେ ଅନ୍ୟ କାହାର ସାହାଯ୍ୟ ନ ନେଇ ଏଇ ଲୁଚି ରହିବା ଜାଗା ତିଆରି କରିପାରିଛି । କେବଳ ତା ଗୃହକର୍ତ୍ତ୍ରୀ ଏ ଜାଗା କଥା ଜାଣେ । ତାକୁ ମଧ୍ୟ ତୁମେ ଆରେଷ୍ଟ କରି ପାର ଲେଷ୍ଟ୍ରେଡ୍ ।"

"ମୁଁ ତୁମ ଉପଦେଶ ନିଶ୍ଚୟ ମାନିବି । କିନ୍ତୁ ତୁମେ ଏ ଜାଗା କଥା କେମିତି ଜାଣିଲ ମିଷ୍ଟର୍ ହୋମ୍ସ ?"

"ମୁଁ ମନେ ମନେ ଠିକ୍ କରିନେଲି ଯେ ଲୋକଟା ଘର ଭିତରେ କେଉଁଠି ଲୁଚି ରହିଛି । ମୁଁ ଯେତେବେଳେ ଏ ବାରଣ୍ଡାଟାରେ ବୁଲିଲି, ଲକ୍ଷ୍ୟ କଲି ଯେ ସ୍ୱାଁ ତଳ ବାରଣ୍ଡାଠାରୁ ଏଟା ଛଅ ଫୁଟ ଛୋଟ । ତେଣୁ ସେ କେଉଁଠି ଲୁଚି ରହିଛି ବେଶ୍ ପରିଷ୍କାର ହୋଇଗଲା । ମୁଁ ଭାବିଲି ଯେ ନିଆଁ ନିଆଁ ହୁରି କଲେ ସେ ଥୟ୍ଯ୍ଯ ହୋଇ ରହିପାରିବନାହିଁ । ଅବଶ୍ୟ ଆମେ ସିଧାସଳଖ ତା ଭିତରକୁ ଯାଇ ତାକୁ ଧରି ପାରିଥାନ୍ତେ । କିନ୍ତୁ ସେ ଆପେ ଆପେ ବାହାରିଲେ ମଜା ହେବ ବୋଲି ଭାବିଲି । ତା ଛଡ଼ା ତୁମକୁ ଟିକିଏ ଚକିତ କରିବା ମୋର ଉଦ୍ଦେଶ୍ୟ ଥିଲା । କାରଣ ସକାଳେ ତୁମେ ମୋତେ ଥଟ୍ଟା କରୁଥିଲ ।"

"ଯାହାହେଉ, ତୁମେ ସେଟା ସୁଝାଇ ଦେଇ ମୋ ସାଥିରେ ସମାନ ହୋଇଗଲ । କିନ୍ତୁ ଲୋକଟା ଘର ଭିତରେ କେଉଁଠି ଲୁଚି ରହିଛି ବୋଲି ତୁମେ ଜାଣିଲ କେମିତି ?"

"ସେଇ ବୁଢ଼ା ଆଙ୍ଗୁଠି ଚିହ୍ନ ଲେଷ୍ଟ୍ରେଡ୍ । ତୁମେ କହିଲ, ସେଇଟା ଶେଷ ପ୍ରମାଣ ଆଉ ଠିକ୍ ସେଇଆ ହେଲା ଅବଶ୍ୟ ଭିନ୍ନ ଭାବରେ । ମୁଁ

ଜାଣିଥିଲି, ପୂର୍ବଦିନ ସେ ଚିହ୍ନ ସେଠି ନଥିଲା । ତୁମେ ଲକ୍ଷ୍ୟକରିଥିବ, ମୁଁ ଝିକିନିଖି ଘଟଣାଉପରେ ଯଥେଷ୍ଟ ଧ୍ୟାନ ଦିଏ । ମୁଁ ସେ ହଲଘର ଝିକିନିଖି କରି ପରୀକ୍ଷା କରିଥିଲି । ସେତେବେଳେ କାନ୍ଥରେ ଏ ଦାଗ ନଥିଲା । ତେଣୁ ଜାଣିଲି ରାତିଭିତରେ ନିଶ୍ଚୟ ସେଠି ସେ ଦାଗ କରାଯାଇଛି ।"

"କିନ୍ତୁ କେମିତି ?"

"ଖୁବ୍‌ ସହଜରେ । ସେ ଲଫାଫାଗୁଡ଼ା ଯେତେବେଳେ ସିଲ୍‌ କରାଗଲା, ଗୋଟିଏ ସିଲ୍‌ର କଅଁଳ ମହମଉପରେ ଟିପଚିହ୍ନ ଦେବାକୁ ଓଲ୍‌ଡ଼ାକର୍‌ ମାକ୍‌ଫାର୍‌ଲେନ୍‌ଙ୍କୁ କହିଲେ । କାମଟା ଏତେ ଶୀଘ୍ର ହେଲା ଯେ ସେକଥା ବିଚରା ମାକ୍‌ଫାର୍‌ଲେନ୍‌ଙ୍କର ମୋଟେ ମନେନାହିଁ । ଯେତେଦୂରସମ୍ଭବ ଏଟାକୁ ଭବିଷ୍ୟତରେ କାମରେ ଲଗାଇବା କଥା ନିଜେ ଓଲ୍‌ଡ଼ାକର ମଧ୍ୟ ଚିନ୍ତା କରିନଥିଲେ । ତାଙ୍କର ସେଇ ଗୁମ୍ଫାଭିତରେ ଲୁଚିରହି ସେ କେଶଟା କଥା ଚିନ୍ତାକଲେ । ହଠାତ୍‌ ତାଙ୍କର ମନେହେଲା ଏଇ ଟିପଚିହ୍ନଟାକୁ କାମରେ ଲଗାଇଲେ ମାକ୍‌ଫାର୍‌ଲେନ୍‌ ବିରୁଦ୍ଧରେ ଏକ ସୁଦୃଢ଼ ପ୍ରମାଣ ହୋଇଯିବ । ସିଲ୍‌ରୁ ମହମର ଗୋଟିଏ ଛାପନେଇଯିବା ଅତି ସହଜ । ନିଜ ଦେହ ପିନ୍‌ରେ ଫୋଡ଼ି ରକ୍ତ ବାହାରକରି ସେଇ ଛାପରେ ଲଗାଇ ରାତିରେ କାନ୍ଥରେ ଦାଗ-କରିବା ମଧ୍ୟ ବେଶ୍‌ ସହଜ । ଏ ଦାଗଟା ସେ ନିଜେ କରିଥାଇ ପାରନ୍ତି ବା ଗୃହକର୍ତ୍ତ୍ରୀ ହାତରେ କରାଇ ପାରିଥାନ୍ତି । ଲୁଚିବା ଜାଗାକୁ ସେ ଯେଉଁ କାଗଜ-ପତ୍ର ନେଇଥିଲେ ତାକୁ ପରୀକ୍ଷାକଲେ ତୁମେ ନିଶ୍ଚୟ ମାକ୍‌ଫାର୍‌ଲେନ୍‌ଙ୍କ ବୁଢ଼ା-ଆଙ୍ଗୁଠି ଚିହ୍ନଥିବା ସିଲ୍‌ଟା ପାଇବ । ଏ କଥା ମୁଁ ବାଜି ମାରି କହିପାରେ ।"

"ଚମତ୍କାର, ଅତି ଚମତ୍କାର ! ତୁମେ ସବୁକଥା କହିଲାପରେ ଘଟଣାଟା ସ୍ଫଟିକପରି ପରିଷ୍କାର ହୋଇଯାଇଛି । କିନ୍ତୁ ଏଭଳି ଠକିବାର ଉଦ୍ଦେଶ୍ୟ କ'ଣ ମିଷ୍ଟର୍‌ ହୋମ୍‌ସ ?"

ଦେଖିଲି ଡିଟେକ୍‌ଟିଭ୍‌ ଲେଷ୍ଟ୍ରେଡ୍‌ଙ୍କ ଗର୍ବ ଦମ୍ଭ କୁଆଡ଼େ ଚାଲିଯାଇଛି । ଜଣେ ଶିଶୁ ତାର ଶିକ୍ଷକଙ୍କୁ କିଛି ପଚାରିଲାପରି ସେ ପଚାରୁଛନ୍ତି । ମୋତେ ବେଶ୍‌ ଖୁସି ଲାଗିଲା । ହୋମ୍‌ସ ଉତ୍ତର ଦେଲେ, "ଉଦ୍ଦେଶ୍ୟଟା ଜାଣିବା କଷ୍ଟକର ନୁହେଁ । ଏଇ ଓଲ୍‌ଡ଼ାକର୍‌ ଜଣେ ଅତି ଈର୍ଷାପରାୟଣ ଆଉ

Digitized by srujanika@gmail.com

ପ୍ରତିହିଂସା ପରାୟଣ ଲୋକ । ତୁମେ ଜାଣ, ଏକ ସମୟରେ ମାକ୍‌ଫାର୍‌ଲେନ୍‌ଙ୍କ ମାଆ ତାଙ୍କୁ ବିବାହ କରିବାକୁ ମନାକରି ଦେଇଥିଲେ ? ଓଃ, ତୁମେ ଜାଣ ନାହିଁ ! ସେଥିପାଇଁ ମୁଁ ତୁମକୁ କହିଥିଲି, ତୁମେ ପ୍ରଥମେ ବ୍ଲାକ୍‌ହିଥ୍‌ରୁ କାମ ଆରମ୍ଭ କରିବ । ଏହି ଆଘାତରେ ପ୍ରତିଶୋଧ ନେବା ପାଇଁ ତା ଖଳମୁଣ୍ଡରେ ନାନାପ୍ରକାର ଭାବନା ଖେଳିଲା; କିନ୍ତୁ ସେ ସୁଯୋଗ ପାଇଲାନାହିଁ । ଗଲାବର୍ଷ ପରିସ୍ଥିତି ତା ପାଇଁ ବଡ଼ ଖରାପହେଲା । ସେ ସନ୍ଦେହର ପାତ୍ରହେଲା ବୋଧହୁଏ । ତାର ଗୁଡ଼ାଏ ଧାରକରଜ ଥିଲା । ସେ ତାର ଋଣଦାତା ମାନଙ୍କୁ ଧପାଇ ଦେବାକୁ ମନେ ମନେ ଠିକ୍‌କଲା । ତେଣୁ ସେ ମିଷ୍ଟର୍ କର୍ଣ୍ଣେଲିୟସ୍ ନାଁରେ ଜଣେ ଲୋକକୁ ବହୁତ ବହୁତ ଟଙ୍କାର ଚେକ୍ ଦେଇଦେଲା । ମୋର ବିଶ୍ୱାସ ଏହି କର୍ଣ୍ଣେଲିୟସ୍ ଅନ୍ୟ କେହି ନୁହେଁ, ସେ ନିଜେ । ଏଟା ତାର ଏକ ଛଦ୍ମ ନାମ । ମୁଁ ଏହି ଚେକ୍ ଗୁଡ଼ାକର ସନ୍ଧାନ ଏଯାଏ ନେଇନାହିଁ । ସେ ନିଶ୍ଚୟ ଏହି ଚେକ୍ ସବୁ ଅନ୍ୟ କୌଣସି ବ୍ୟାଙ୍କ୍‌ରେ ଭଙ୍ଗାଇଛି । ସେଠି ଅନ୍ୟଗୋଟେ ଘରେ ସେ ନିଜେ ରହୁଥିବ । ତାର ଉଦ୍ଦେଶ୍ୟ ଥିଲା ତା ନାଁ ଟା ପୂରାପୂରି ବଦଳାଇଦେଇ ଉଭେଇଯିବ ଏବଂ ଅନ୍ୟ କେଉଁଠିକି ଯାଇ ପୁଣି ନୂଆ ଜୀବନ ଆରମ୍ଭକରିବ ।”

“ଏଇଟା ଖୁବ୍ ସମ୍ଭବପର ଜଣାଯାଉଛି ।”

“ତା ମନରେ ହୁଏତ ଧାରଣା ଆସିଥିବ ଯେ ସେ ଯଦି ପୂରାପୂରି ଉଭେଇ ଯାଏ ଆଉ କେହି ତା ପିଛୁ ଧରିବେନାହିଁ । ତା ସାଥିରେ ସେ ତାର ପୁରୁଣା ପ୍ରେମିକା ଉପରେ ପ୍ରତିଶୋଧ ବି ନେଇପାରିବ । ସମସ୍ତଙ୍କର ଧାରଣାହେବ ଯେ ତା ପ୍ରେମିକାର ଏକମାତ୍ର ପୁଅ ତାକୁ ହତ୍ୟାକରିଛି । ଏଇ ଶୟତାନି କାମକୁ ସେ ସୁନ୍ଦରଭାବରେ କରିପାରିଛି । ଉଇଲ୍‌ଟା କରିବାରେ ତାର ଉଦ୍ଦେଶ୍ୟ ହେଲା, ଯେଉଁଟା ହତ୍ୟାର ଉଦ୍ଦେଶ୍ୟ ପ୍ରମାଣ କରିବ । ନିଜର ବାପା ମାଆଙ୍କ ଅଜଣାରେ ମାକ୍‌ଫାର୍‌ଲେନ୍ ତା ଘରକୁ ଯିବା, ତାଙ୍କ ବାଡ଼ିଟା ଘରେ ରଖିନେବା, ରକ୍ତଚିହ୍ନ, କାଠଗଦାଭିତରୁ ବୋତାମ ଆଉ କୌଣସି ଜୀବର ପୋଡ଼ା ଅଙ୍ଗ ବାହାରିବା ସବୁ ବେଶ୍ ଚମତ୍କାର ହୋଇଥିଲା । ଏଇ ଜାଲଭିତରୁ ଜିତରି ମାକ୍‌ଫାର୍‌ଲେନ୍ ଖସିବାର କୌଣସି ବାଟ ନାହିଁ ବୋଲି ଏଇ କେତେ

Digitized by srujanika@gmail.com

ଘଣ୍ଟା ଆଗେ ମୋର ଧାରଣା ଥିଲା । କିନ୍ତୁ ସେ ଲୋକଟାର ବୁଦ୍ଧି ସେତେ ତୀକ୍ଷ୍ଣ ନୁହେଁ । କେଉଁ ଜାଗାରେ କାମବନ୍ଦ କରିବା କଥା ସେ ଜାଣେନା । ସେଉଁ ପ୍ରମାଣ ସବୁରେ କିଛି ସନ୍ଦେହ ନଥିଲା ତାକୁ ଆହୁରି ଦୃଢ଼ କରିବାକୁ ସେ ଚାହିଁଲା । ତାର ଧାରଣା ଥିଲା ସ୍ୱା' ଦ୍ୱାରି ଜାଲ୍‌ଟା ଆହୁରି ମଜଭୁତ ହେବ । କିନ୍ତୁ ଫଳରେ ସେ ତାର ସବୁ ଯୋଜନାକୁ ନଷ୍ଟକରିଦେଲା । ହଉ, ଚାଲ ତଳକୁ ଯିବା ଲେଷ୍ଟ୍ରେଡ୍ । ମୁଁ ତାକୁ ଗୋଟେ ଦି'ଟା ପ୍ରଶ୍ନ ପଚାରିବାର ଅଛି ।"

ସେ ହିଂସ୍ରଲୋକଟା ତା ନିଜ ବୈଠକଖାନାରେ ବସିଥିଲା । ଦି'ପାଖରେ ଦି'ଜଣ କନେଷ୍ଟବଲ୍ ।

କଇଁକଇଁ ହୋଇ କାନ୍ଦିଲାପରି ଲୋକଟା କହିଲା, "ମୁଁ କେବଳ ଗୋଟେ ରହସ୍ୟ କରୁଥିଲି ଆଜ୍ଞା । ସତ କହୁଛି, ମୁଁ ନିଜକୁ ଲୁଚାଇଥିଲି କେବଳ ତାର ଫଳ କ'ଣ ହେଉଛି ଦେଖିବା ଲାଗି । ବିଶ୍ୱାସ କରନ୍ତୁ, ବିଚରା ମାକ୍‌ଫାର୍‌ଲେନ୍‌ର କୌଣସି କ୍ଷତିହେବାକୁ ମୁଁ ଦେଇନଥାନ୍ତି ।"

ଲେଷ୍ଟ୍ରେଡ୍ କହିଲେ, "ସେକଥା ଜୁରିମାନେ ବିଚାର କରିବେ । ଯାହା ହେଉ, ଆମେ ତୁମ ବିରୁଦ୍ଧରେ ହତ୍ୟାକରିବାର ଚେଷ୍ଟା ଅଭିଯୋଗ ନକରିପାରୁ; କିନ୍ତୁ ଷଡ଼ଯନ୍ତ୍ରର ଅଭିଯୋଗ କରିପାରିବୁ ।"

ହସିହସି ହୋମ୍‌ସ କହିଲେ, "ଆଉ ତୁମର ଋଣଦାତାମାନେ ମିଷ୍ଟର୍ କର୍ଣ୍ଣେଲିୟସ୍‌ଙ୍କର ବ୍ୟାଙ୍କରେ ଥିବା ଧନକୁ ବାଜ୍ୟାପ୍ତକରି ନେଇ ପାରିବେ ।"

ଲୋକଟା ଚମକି ପଡ଼ିଲା । ତାର ହିଂସ୍ର ଆଖିଦି'ଟା ହୋମ୍‌ସଙ୍କ ଆଡ଼କୁ ବୁଲାଇ କହିଲା, "ଧନ୍ୟବାଦ । ମୁଁ ଦିନେ ନା ଦିନେ ମୋ ଋଣ ପରିଶୋଧ କରିପାରିବି ।"

ହୋମ୍‌ସ ଉତ୍ତରଦେଲେ, "ମୁଁ ଭାବୁଛି କେତେବର୍ଷଯାଏଁ ତୁମେ ସେ ସୁବିଧା ପାଇପାରିବନାହିଁ । ହଁ, ତୁମ ପୁରୁଣା ଟ୍ରାଉଜର୍ ପାଖେ କାଠଗଦାରେ ତୁମେ କ'ଣ ପକାଇ ଦେଇଥିଲ ? ଗୋଟେ ମଲା କୁକୁର, ଠେକୁଆ ନା କ'ଣ କହିବ ନାହିଁ ? ବେଶ୍ ନକୁହ । ମୁଁ ଭାବୁଛି ଦି'ଟା ଠେକୁଆ ହେଲେ ରକ୍ତ ଆଉ ପୋଡ଼ାଅଂଶ ଦୁଇକାମ ହୋଇଥିବ । ତୁମେ ଯଦି କେବେ ଏ କେଶ୍ ବିଷୟରେ ଲେଖିବ ୱାଟ୍‌ସନ୍, ସେଥିରେ ଠେକୁଆବୋଲି ଲେଖିଲେ ଚଳିବ । * * *

Digitized by srujanika@gmail.com

ଚିତ୍ରଲେଖା

କେତେ ଘଣ୍ଟା ଧରି ହୋମ୍‌ସ ଚୁପ୍‌ଚାପ୍ ବସିଥାନ୍ତି । ତାଙ୍କ ଲମ୍ବା ପତଳା ପିଠି ଗୋଟେ କେମିକାଲ୍ ପାତ୍ର ଉପରକୁ ଲଇଁ ପଡ଼ିଥାଏ । ସେ ପାତ୍ରରେ ସେ ଗୋଟେ ଦୁର୍ଗନ୍ଧ ଜିନିଷ ରାନ୍ଧୁଥାନ୍ତି । ମୁଣ୍ଡଟା ତାଙ୍କ ଛାତି ଉପରେ ପଶିଯାଇଥାଏ । ସେ ମୋତେ ଗୋଟେ ବିଚିତ୍ର ଡେଙ୍ଗା ପକ୍ଷୀପରି ଦେଖା ଯାଉଥାନ୍ତି । ହଠାତ୍ ସେ କହି ଉଠିଲେ, "ତୁମେ ତା' ହେଲେ ଦକ୍ଷିଣ ଆଫ୍ରିକା ସୁନା ଖଣି ବ୍ୟବସାୟରେ ପଇସା ଖଟାଇବ ନାହିଁ ବୋଲି ଠିକ୍ କଲ ୱାଟ୍‌ସନ୍ ?"

ମୁଁ ବିସ୍ମୟରେ ଚମକି ପଡ଼ିଲି । ହୋମ୍‌ସଙ୍କ ଅସାଧାରଣ ପ୍ରତିଭା ସହିତ ମୁଁ ପରିଚିତ । କିନ୍ତୁ ମୋ ମନରେ ଗୋପନ ଭାବନାରେ ସେ ହଠାତ୍ କେମିତି ପ୍ରବେଶ କଲେ ମୁଁ ମୋଟେ ବୁଝିପାରିଲିନାହିଁ । ପଚାରିଲି, "ତୁମେ ସେ କଥା ଜାଣିଲ କେମିତି ?"

ସେ ବସିଥିବା ଟୁଲ୍‌ଟା ଉପରେ ମୋ ଆଡ଼କୁ ବୁଲିପଡ଼ିଲେ । ତାଙ୍କ ହାତରେ ଗୋଟେ ଟେଷ୍ଟଟିଉବ୍ । ସେଥିରୁ ବାଷ୍ପ ବାହାରୁଥାଏ । ଆଖିରେ ତାଙ୍କର ଆମୋଦର ଚିହ୍ନ । ସେ କହିଲେ, "ତୁମେ ପୁରାପୁରି ବିସ୍ମିତ ହୋଇ ଯାଇଛ ବୋଲି ସ୍ୱୀକାର କର ୱାଟ୍‌ସନ୍ ।"

"ସ୍ୱୀକାର କରୁଛି ।"

"ସେଇକଥା ଖଣ୍ଡେ କାଗଜରେ ଲେଖି ଦସ୍ତଖତ କର ।"

"କାହିଁକି ?"

"କାରଣ ପାଞ୍ଚ ମିନିଟ୍ ପରେ ତୁମେ କହିବ ଏଟା ଅତି ସହଜ ।"

"ନା, ମୁଁ ସେମିତି କିଛି କହିବି ନାହିଁ ।"

ଟେଷ୍ଟ ଟିଉବ୍‌ଟା ଥାକରେ ରଖିଦେଇ ଜଣେ ପ୍ରଫେସର୍ କ୍ଲାସ୍‌ରେ ପିଲଙ୍କୁ ବକ୍ତୃତା ଦେଲା ପରି ସେ କହିଲେ, "ଦେଖ ୱାଟ୍‌ସନ୍, କେତେଗୁଡ଼ାଏ

Digitized by srujanika@gmail.com

ଅନୁମାନ ବା ସିଦ୍ଧାନ୍ତ ଅତି ସହଜ । ପ୍ରତ୍ୟେକଟା ତା ପୂର୍ବବର୍ତ୍ତୀ ସିଦ୍ଧାନ୍ତ ଉପରେ ନିର୍ଭର କରୁଛି । ଏପରି କେତେକ ସିଦ୍ଧାନ୍ତ ଗ୍ରହଣ କରିବା ମୋଟେ କଷ୍ଟକର ନୁହେଁ । ତା' କାମପରେ ଜଣେ ଯଦି ମୁଖ୍ୟ ସିଦ୍ଧାନ୍ତଗୁଡ଼ା ପାଇପାରେ ଆଉ ଦର୍ଶକମାନଙ୍କ ଆଗରେ ଆରମ୍ଭ ଏବଂ ଶେଷ ସିଦ୍ଧାନ୍ତ ଉପସ୍ଥାନ କରେ ତେବେ ତାର ଫଳ ବେଶ୍‌ ଚମତ୍କାରପ୍ରଦ ହେବ । ଏବେ ଦେଖ, ତୁମ ବାଁ ହାତ ବୁଢ଼ା ଆଙ୍ଗୁଠି ଆଉ ବଣି ଆଙ୍ଗୁଠି ମଝିକୁ ଲକ୍ଷ୍ୟ କଲେ ତୁମେ ଦକ୍ଷିଣ ଆଫ୍ରିକା ସୁନାଖଣିରେ ପଇସା ଖଟାଇବ ନାହିଁ ବୋଲି ଜାଣିବା ଆଦୌ କଠିନ ହେବନାହିଁ ।"

"ସ୍ତ୍ରୀ' ଭିତରେ କିଛି ସମ୍ପର୍କ ତ ମୁଁ ଦେଖିପାରୁନାହିଁ ।"

"ଦେଖି ନ ପାରିବା କଥା । କିନ୍ତୁ ମୁଁ ତୁମକୁ ଖୁବ୍‌ ଶୀଘ୍ର ଏକ ଘନିଷ୍ଠ ସମ୍ପର୍କ ଦେଖାଇ ଦେଇପାରିବି । ଏଇ ସିଦ୍ଧାନ୍ତମାଳାର ଯାହା ସବୁ ଅଜଣା ସେ ହେଲା ଏଇ : ୧) କାଲି ରାତିରେ ତୁମେ କ୍ଲବରୁ ଫେରିଲାବେଳକୁ ତୁମ ବୁଢ଼ା ଆଙ୍ଗୁଠି ଆଉ ବଣି ଆଙ୍ଗୁଠି ମଝିରେ ଚକ୍‌ ଚିହ୍ନ ଥିଲା । ୨) ତୁମେ ବିଲିୟାର୍ଡ଼ ଖେଳିଲା ବେଳେ ଷ୍ଟିକ୍‌ଟାକୁ ଜୋର୍‌ ରଖିବା ପାଇଁ ସେ ଜାଗାରେ ଚକ୍‌ ଲଗାଅ । ୩) ତୁମେ କେବଳ ଥର୍‌ଷ୍ଟନଙ୍କ ସାଥିରେ ବିଲିୟାର୍ଡ଼ ଖେଳ । ୪) ଗୁରି ମାସ ତଳେ ତୁମେ ମୋତେ କହୁଥିଲ ଥରଷ୍ଟନ୍‌ ତୁମକୁ ଏଇ ଦକ୍ଷିଣ ଆଫ୍ରିକା ବ୍ୟବସାୟ କଥା କହୁଥିଲେ । ସେଥିପାଇଁ ମୋଟେ ମାସେ ସମୟ ଥିଲା । ତୁମେ ତାଙ୍କ ସାଥିରେ ଅଂଶୀଦାର ହେବାପାଇଁ ସେ ତୁମକୁ କହୁଥିଲେ । ୫) ତୁମ ଚେକ୍‌ ବହି ମୋ ଡ୍ରୟାର ଭିତରେ ଆଉ ତୁମେ ମୋତେ ଗ୍ଭବି ମାଗି ନାହଁ । ୬) ଏ ବ୍ୟବସାୟରେ ତୁମେ ପଇସା ଖଟାଇବ ନାହିଁ ବୋଲି ଠିକ୍‌ କରିଛ ।"

ମୁଁ କହିଉଠିଲି, "ବାସ୍ତବିକ୍‌ କେଡ଼େ ସହଜ !"

ଟିକିଏ ରାଗିଲା ପରି ସେ କହିଲେ, "ନିଶ୍ଚୟ ସହଜ । ଯେ କୌଣସି ବିଷୟ ତୁମକୁ ବୁଝାଇଦେଲାପରେ ସେଟା ପିଲାଖେଳପରି ସହଜ ହୋଇ ଯାଏ । ଏଇ ଗୋଟେ ଦୁର୍ବୋଧ ସମସ୍ୟା । ଏଥିରୁ ତୁମେ କଣ ବୁଝୁଛ ଦେଖିଲ ।"

Digitized by srujanika@gmail.com

ସେ ଖଣ୍ଡେ କାଗଜ ଟେବୁଲ ଉପରେ ରଖିଦେଇ ତାଙ୍କ ରାସାୟନିକ ବିଶ୍ଳେଷଣରେ ପୁଣିଥରେ ଲାଗିଗଲେ ।

ମୁଁ କାଗଜର ଅସଙ୍ଗତ ଚିତ୍ରଲିପି ଗୁଡ଼ା ଦେଖି ବିସ୍ମିତ ହୋଇ କହିଲି, "କାହିଁକି ହୋମ୍‌ସ, ଏଗୁଡ଼ା କୌଣସି ଶିଶୁପିଲାର ଚିତ୍ରାଙ୍କନ ।"

"ଓଃ, ଏଇ ତେବେ ତୁମ ଧାରଣା !"

"ତାଛଡ଼ା ଆଉ କ'ଣ ହୋଇପାରେ ?"

ଠିକ୍ ସେଇକଥା ଜାଣିବାକୁ ନର୍‌ଫୋକର ରିଡ୍‌ଲିଙ୍ଗଥର୍‌ପ୍‌ର୍ ମିଷ୍ଟର୍ ହିଲ୍‌ଟନ୍ କ୍ୟୁବିଟ୍ ବିଶେଷ ବ୍ୟଗ୍ର । ଏଇ ଶ୍ରେଷ୍ଠ ଗୋଲକ ଧନ୍ଦାଟି ସେ ପ୍ରଥମେ ପଠାଇ ଦେଇଛନ୍ତି । ତାପର ଟ୍ରେନ୍‌ରେ ସେ ଆସିବାକଥା । ଏଇତ କଲିଂ ବେଲ ବାଜିଲା ୱାଟ୍‌ସନ୍ । ସେ ଆସି ପହଞ୍ଚିବା ବିଚିତ୍ର ନୁହେଁ ।"

ପାହାଚ ଉପରେ ଜୋର୍ ପାଦଶବ୍ଦ ଶୁଣାଗଲା । ତାପରେ ଡେଙ୍ଗା ଗୋରା ତକ ତକ ଭଦ୍ରଲୋକ ଘରଭିତରକୁ ପଶିଆସିଲେ । ତାଙ୍କ ଉଜ୍ଜ୍ୱଳଆଖି ଆଉ ରକ୍ତିମ ଚିବୁକରୁ ଜଣାଗଲା ସେ ବେକର୍‌ଷ୍ଟ୍ରୀଟ୍‌ର କୁହୁଡ଼ିଆ ପରିବେଶଠାରୁ ଦୂରରେ ରହନ୍ତି । ଆମ ସହିତ କରମର୍ଦ୍ଦନକରି ସେ ବସିବାକୁ ଯାଉଥିଲେ । ଏତିକି ବେଳେ ମୁଁ ଟେବୁଲଉପରେ ରଖିଦେଇଥିବା ସେଇ କିମ୍ଭୂତକିମାକାର କାଗଜଉପରେ ତାଙ୍କ ଦୃଷ୍ଟି ପଡ଼ିଗଲା । ସେ କହିଲେ, "ଏଥିରୁ କ'ଣ ବୁଝିଲେ ମିଷ୍ଟର୍ ହୋମ୍‌ସ ? ଶୁଣିଲି ଆପଣ ଏଇଭଳି ବିଚିତ୍ର ସମସ୍ୟାରେ ଖୁବ୍ ଆଗ୍ରହୀ ଆଉ ଏହାଠୁ ଅଧିକ ବିଚିତ୍ର ସମସ୍ୟା ଆପଣ ପାଇବେନାହିଁ । ମୁଁ ଆସିବାଆଗରୁ ଏଟା ଆପଣ ଦେଖିବେବୋଲି ମୁଁ ଆଗରୁ ପଠାଇ ଦେଇଥିଲି ।"

ହୋମ୍‌ସ ଉତ୍ତରଦେଲେ, "ଏଟା ନିଶ୍ଚୟ ଏକ ବିଚିତ୍ରଲେଖା । ଦେଖିଲାମାତ୍ରେ ଜଣାଯିବ ଏଇଟା ଗୋଟେ ପିଲାଳିଆ କାମ । ଏଥିରେ କେବଳ ଗୁଡ଼ାଏ ଅସଙ୍ଗତ ଚିତ୍ର ଅଛି । କାଗଜଟା ଉପରେ ସେଗୁଡ଼ା ନାଚକଲା ଭଙ୍ଗୀରେ ଲେଖାଯାଇଛି । ଏଭଳି ଏକ କିମ୍ଭୂତକିମାକାର ଜିନିଷଉପରେ ଆପଣ ଏତେ ଗୁରୁତ୍ୱ ଦେଉଛନ୍ତି କାହିଁକି ?"

"ମୁଁ କେବେ ଗୁରୁତ୍ୱ ଦିଅନ୍ତି ନାହିଁ ମିଷ୍ଟର୍ ହୋମ୍‌ସ; କିନ୍ତୁ ମୋ ସ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । ଏକୁ ଦେଖି ତାଙ୍କ ମନରେ ମରଣଭୟ । ସେ କିଛି

Digitized by srujanika@gmail.com

କହୁନାହାନ୍ତି; କିନ୍ତୁ ମୁଁ ଦେଖୁଛି, ସେ ଖୁବ୍ ଡରିଯାଇଛନ୍ତି । ସେଇଥିପାଇଁ ଘଟଣାଟା କ'ଣ ମୁଁ ଜାଣିବାକୁ ଚାହେଁ ।"

ହୋମ୍‌ସ କାଗଜଟା ହାତରେ ଟେକିଧରିଲେ । ସୂର୍ଯ୍ୟଆଲୁଅ ତା ଉପରେ ପୂରାଭାବେ ପଡ଼ିଲା । କାଗଜଖଣ୍ଡିଟି ଗୋଟେ ନୋଟ୍‌ବହିରୁ ଚିରାଯାଇଥିଲା । ଲେଖା ଚିହ୍ନଗୁଡ଼ା ପେନ୍‌ସିଲ୍‌ରେ ହୋଇଥିଲା ଆଉ ନିମ୍ନପ୍ରକାର ଥିଲା :

ହୋମ୍‌ସ କିଛିସମୟଯାଏ ତାକୁ ପରୀକ୍ଷାକରି ଦେଖିଲେ । ତାପରେ ଯତ୍ନରେ ଭାଙ୍ଗିଭୁଙ୍ଗି ତାଙ୍କ ପକେଟବୁକ୍ ଭିତରେ ରଖିଲେ । କହିଲେ, "ଏଇଟା ଗୋଟେ ଅସାଧାରଣ ଆଉ କୌତୁହଳପ୍ରଦ କେଶ୍ ନିଶ୍ଚୟ । ଆପଣଙ୍କ ଚିଠିରେ ମୋ ପାଖକୁ କେତେଟା ବିବରଣୀ ଲେଖିଥିଲେ । ମୋ ବନ୍ଧୁ ଡାକ୍ତର ଓ୍ୱାଟ୍‌ସନ୍ ସେ ସବୁ ଜାଣିବାପାଇଁ ଦୟାକରି ଆଉଥରେ ସେଗୁଡ଼ା କହନ୍ତୁ ।"

ଆଗନ୍ତୁକ ଟିକିଏ ଘାବରେଇଗଲାପରି ହୋଇ କହିଲେ, "ମୁଁ ବନେଇ ଚୁନେଇ କଥା କହି ଜାଣେନା । କେଉଁଠି କିଛି ବୁଝିନହେଲେ ଆପଣ ମୋତେ ପଚାରିବେ । ମୁଁ ଗଲବର୍ଷ ମୋ ବିବାହ ଦିନଠୁ ଆରମ୍ଭ କରିବି । କିନ୍ତୁ ସବୁ ପ୍ରଥମେ ମୁଁ କହିବାକୁ ଚାହେଁ ଯେ ଯଦିଓ ମୁଁ ସେତେ ଧନୀଲୋକ ନୁହେଁ ଆମ ବଂଶଧରମାନେ ପାଞ୍ଚଶତାବ୍ଦୀହେଲା ରିଡ୍‌ଲିଙ୍ଗଥର୍ପ୍‌ରେ ବସବାସ କରିଆସୁଛନ୍ତି । ସାଗ୍‌ନର୍‌ଫୋକ୍‌ରେ ଆମ ଘର ପରି ଏତେ ଜଣାଶୁଣା ଘର ଆଉ ନାହିଁ । ଗଲବର୍ଷ ମୁଁ ଜୁବୁଲି ଉତ୍ସବ ଦେଖିବାକୁ ଲଣ୍ଡନ ଆସିଥିଲି । ରସେଲ୍ ସ୍କୋୟାରରେ ଗୋଟେ ହୋଟେଲରେ ରହିଲି । କାରଣ ଆମ ଇଲାକାର ଧର୍ମଯାଜକ ପାର୍କର୍ ସେଠି ରହୁଥିଲେ । ସେଠି ଜଣେ ଆମେରିକାନ ତରୁଣୀ ରହୁଥିଲେ । ତାଙ୍କ ନାଁ ଏଲ୍‌ସିପାଟ୍ରିକ୍ । କେମିତି

Digitized by srujanika@gmail.com

କେମିତି ଆମ ଭିତରେ ବନ୍ଧୁତା ହେଲା । ମାସ ଶେଷ ହେବାଆଗରୁ ମୁଁ ତାଙ୍କ ପ୍ରତି ପ୍ରେମାସକ୍ତ ହୋଇଗଲି । ଗୋଟାଏ ରେଜିଷ୍ଟ୍ରି ଅଫିସରେ ନିରୋଳାରେ ଆମର ବିବାହ ହୋଇଗଲା ଆଉ ଆମେ ନରଫୋକ୍ ଫେରିଲୁ । ମୋ ପରି ଜଣେ ଖାନ୍‌ଦାନ୍ ଘରର ଲୋକ ଜଣେ ସ୍ତ୍ରୀ ଲୋକ ବିଷୟରେ କିଛି ନ ଜାଣି ତାଙ୍କୁ ବିବାହ କରିବାଟା ପାଗଳାମୀ ବୋଲି ଆପଣ ମନେକରୁଥିବେ ମିଷ୍ଟର୍ ହୋମ୍‌ସ; କିନ୍ତୁ ଆପଣ ତାଙ୍କୁ ଦେଖିଲେ ଆଉ ଜାଣିଲେ ସବୁ ବୁଝି ପାରିବେ ।"

"ସେ ଖୋଲାଖୋଲିଭାବେ ସବୁକଥା କହିଛନ୍ତି । ମୁଁ ଇଚ୍ଛାକଲେ ତାଙ୍କୁ ପରିତ୍ୟାଗ କରିପାରେ ବୋଲି ମଧ୍ୟ ସେ କହିଛନ୍ତି । ସେ କହିଲେ, 'ମୋ ଜୀବନରେ ମୁଁ କେତେକ ଖରାପ ଲୋକଙ୍କ ସଂସର୍ଗରେ ଆସିଛି । ମୁଁ ସେମାନଙ୍କ କଥାସବୁ ଭୁଲିଯିବାକୁ ଚାହେଁ । ମୁଁ ସେ ପଛକଥାଗୁଡ଼ା ମନେ ପକାଇବାକୁ ଚାହେଁ ନା, କାରଣ ମୋତେ ବଡ଼ କଷ୍ଟ ହେବ । ତୁମେ ଯଦି ମୋତେ ଗ୍ରହଣ କର ହିଲ୍‌ଟନ୍, ତେବେ ତୁମେ ଜଣେ ନାରୀକୁ ପାଇବ, ଯାହାର ବ୍ୟକ୍ତିଗତଭାବେ ଲଜ୍ଜିତ ହେବାର କିଛିନାହିଁ । କିନ୍ତୁ ତୁମକୁ ମୋ କଥାରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ତୁମକୁ ପାଇବାପୂର୍ବରୁ ମୋ ଜୀବନରେ ଯାହା କିଛି ଘଟିଛି ସେକଥା ମୋତେ ପଚାରିବନାହିଁ । ଯଦି ତୁମେ ଏ ସର୍ତ୍ତରେ ରାଜି ନହୁଅ ତେବେ ନରଫୋକ୍ ଫେରିଯାଅ ଆଉ ମୋତେ ଏଇପରି ନିରୋଳାରେ ରହିବାକୁ ଦିଅ ।' ଆମ ବିବାହର ପୂର୍ବଦିନ ସେ ମୋତେ ଏ ସବୁକଥା କହିଲେ । ମୁଁ ତାଙ୍କ କଥାରେ ରାଜିବୋଲି ତାଙ୍କୁ କହିଲି ଆଉ ମୋ ଜବାବ ମୁଁ ରକ୍ଷାକରିଛି ।

"ଆମର ବିବାହ ବର୍ଷେ ହୋଇଗଲାଣି ଆଉ ଆମେ ବେଶ୍ ଖୁସିରେ ଚଳିଆସିଛୁ । କିନ୍ତୁ ପ୍ରାୟ ମାସେତଳେ, ଜୁନ୍‌ମାସ ଶେଷଆଡ଼କୁ ମୁଁ ପ୍ରଥମ ଅଶାନ୍ତିର ଲକ୍ଷଣ ଦେଖିଲି । ଦିନେ ଆମେରିକାରୁ ଖଣ୍ଡେ ଚିଠି ମୋ ସ୍ତ୍ରୀଙ୍କ ପାଖକୁ ଆସିଲା । ସେଥିରେ ଆମେରିକାର ଷ୍ଟାମ୍ପ ମୁଁ ଦେଖିଛି । ଚିଠିଟା ପଢ଼ି ସେ ଭୟରେ ଶେତା ପଡ଼ିଗଲେ । ତାପରେ ସେଟା ଚିରି ନିଆଁକୁ ଫିଙ୍ଗିଦେଲେ । ପରେ ସେ ବିଷୟରେ ସେ କିଛି କହିନାହାନ୍ତି ବା ମୁଁ କିଛି

Digitized by srujanika@gmail.com

ପଗ୍ଭରି ନାହିଁ । କାରଣ ଜବାବ ହିଁ ଜବାବ୍ । କିନ୍ତୁ ସେଇ ସମୟଠାରୁ ସେ କେତେବେଳେ ହେଲେ ଶାନ୍ତିରେ ଥିଲାପରି ଜଣାଗଲାନାହିଁ । ସବୁବେଳେ ତାଙ୍କ ମୁହଁରେ ଆତଙ୍କର ଚିହ୍ନ । ତାଙ୍କ ଆଖିରୁ ଜଣାଯାଉଛି ସେ ଯେମିତି କିଛି ଆଶଙ୍କା କରୁଛନ୍ତି ଆଉ ତାକୁ ଅପେକ୍ଷା କରିଛନ୍ତି । ସେ ମୋ ଉପରେ ଭରସା ରଖିଲେ ଭଲହୁଅନ୍ତା । କାରଣ ମୁଁ ତାଙ୍କର ସବୁଠୁଁ ବଡ଼ ବନ୍ଧୁ । କିନ୍ତୁ ସେ କିଛି ନକହିବାଯାଏଁ ମୁଁ କିଛି ପଗ୍ଭରିପାରୁନାହିଁ । କିନ୍ତୁ ମନେରଖନ୍ତୁ ମିଷ୍ଟର୍ ହୋମ୍‌ସ୍, ସେ ଅତ୍ୟନ୍ତ ବିଶ୍ୱସ୍ତ । ତାଙ୍କ ଅତୀତ ଜୀବନରେ ଯଦି କିଛି ଗଣ୍ଡଗୋଳ ଥାଏ, ସେଟା ତାଙ୍କର ଦୋଷ ନୁହେଁ । ମୁଁ ଜଣେ ସାମାନ୍ୟ ନର୍‌ଫୋକ୍ ବାସୀ । କିନ୍ତୁ ମୁଁ ମୋ ବଂଶର ମାନସମ୍ମାନକୁ ଯେତେ ରକ୍ଷାକରେ ସାରା ଇଂଲଣ୍ଡରେ କେହି ସେପରି କରୁ ନଥିବ । ମୋ ସ୍ତ୍ରୀ ଏ କଥା ଭଲଭାବେ ଜାଣନ୍ତି ଆଉ ଆମ ବିବାହ ଆଗରୁ ମଧ ସେ ଏ କଥା ଜାଣିଥିଲେ । ସେ ଆମ ବଂଶର ମାନଉପରେ କୌଣସି କଳଙ୍କ ଲଗାଇବେ ନାହିଁ । ସେ ବିଷୟରେ ମୁଁ ନିଶ୍ଚିତ ।

"ଏଥର ମୁଁ ମୋ କଥାର ଅଦ୍ଭୁତ ଅଂଶଟା କହୁଛି । ପ୍ରାୟ ସପ୍ତାହେ ତଳେ—ଗଲା ସପ୍ତାହ ମଙ୍ଗଳବାର ଦିନ ମୁଁ ଝରକା ଚଉକାଠ ଉପରେ ଏଇପରି ନାଚୁଥିବା କେତେଗୁଡ଼େ କିମ୍ଭୂତକିମାକାର ଚିତ୍ର ଦେଖିଲି । ସେ ଗୁଡ଼ା ଚକ୍‌ରେ ଅଙ୍କା ହୋଇଥିଲା । ମୁଁ ଭାବିଲି ଘୋଡ଼ାରଖୁଥିଲା ପିଲାଟା ଏମିତି କରିଥିବ । କିନ୍ତୁ ସେ ନିଷ୍ଠୁମକରି କହିଲା ସେ ଏ ବିଷୟରେ କିଛି ଜାଣେନାହିଁ । ଯାହାହେଉ, ସେଗୁଡ଼ା ରାତିରେ ଲେଖାଯାଇଥିଲା ଆଉ ମୁଁ ତାକୁ ଧୁଆଇଦେଲି । ପରେ ମୁଁ କେବଳ ମୋ ସ୍ତ୍ରୀଙ୍କ ଆଗରେ ଏ କଥା କହିଲି । ସେ ସେଥି'ଉପରେ ଖୁବ୍ ଗୁରୁତ୍ୱଦେବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଆଉ କେବେ ଏମିତି ଲେଖା ଦେଖିଲେ ତାଙ୍କୁ ଦେଖାଇବାପାଇଁ ସେ ମୋତେ ଅନୁରୋଧ କଲେ । ସପ୍ତାହେ ଯାଏ ଆଉ କିଛି ଘଟିଲାନାହିଁ । ତା'ପରେ କାଲି ସକାଳେ ଏ କାଗଜଖଣ୍ଡ ବଗିଚାର ସନ୍‌ଡାୟାଲ୍ (ସୂର୍ଯ୍ୟଘଡ଼ି) ଉପରେ ଥୁଆହୋଇଥିବା ଦେଖିଲି । ମୁଁ ସେଖଣ୍ଡ ଏଲ୍‌ସିଙ୍କୁ ଦେଖାଇଲି । ଦେଖୁ ଦେଖୁ ସେ ଅଚେତହୋଇ ତଳେପଡ଼ିଗଲେ । ସେଦିନଠାରୁ ତାଙ୍କ ଦେହରେ

Digitized by srujanika@gmail.com

ସେମିତି ଜୀବନ ନାହିଁ । ଆଖିରେ ସବୁବେଳେ ଆତଙ୍କର ଛାଇ । ତା'ପରେ ମୁଁ ଆପଣଙ୍କ ପାଖକୁ ଏ କାଗଜ ଆଉ ଚିଠି ପଠାଇଲି ମିଷ୍ଟର ହୋମ୍‌ସ । ଘଟଣାଟା ମୁଁ ପୋଲିସକୁ ଜଣାଇପାରିଲିନାହିଁ । କାରଣ ସେମାନେ ମୋ କଥାକୁ ହସରେ ଉଡ଼ାଇ ଦେଇଥାନ୍ତେ । ଆପଣ କିନ୍ତୁ ମୁଁ କ'ଣ କରିବି ମୋତେ କହିବେ । ମୁଁ ଧନୀଲୋକ ନୁହେଁ; କିନ୍ତୁ ଯଦି ମୋ ସ୍ତ୍ରୀପ୍ରତି କିଛି ବିପଦର ଆଶଙ୍କା ଅଛି, ତେବେ ତାଙ୍କୁ ରକ୍ଷାକରିବାପାଇଁ ମୁଁ ମୋର ଶେଷ ପଇସାଟି ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି ।"

ଇଂଲଣ୍ଡର ପୁରୁଣାବଂଶର ଏଇ ଭଦ୍ରଲୋକ ଖୁବ୍ ସରଳ, ଭଦ୍ର ଆଉ ନମ୍ର । ତାଙ୍କ ସ୍ତ୍ରୀଙ୍କପ୍ରତି ଗଭୀରପ୍ରେମ ଆଉ ଅଗାଧ ବିଶ୍ୱାସ ତାଙ୍କ ଭାବ ଭଙ୍ଗୀରୁ ପରିଷ୍କାର ଜଣାଯାଉଥିଲା । ହୋମ୍‌ସ ଗମ୍ଭୀର ଧ୍ୟାନଦେଇ ତାଙ୍କ କଥା ଶୁଣୁଥିଲେ । ଏବେ ସେ କିଛି ସମୟ ଚୁପ୍‌ଚାପ୍ ବସି ଚିନ୍ତାକଲେ । ଶେଷରେ ସେ କହିଲେ, "ମିଷ୍ଟର୍ କ୍ୟୁବିଟ୍, ଆପଣ କ'ଣ ଭାବୁନାହାନ୍ତି, ଆପଣଙ୍କ ସ୍ତ୍ରୀଙ୍କୁ ସିଧାସଳଖ ଏକଥା ପଚାରିଲେ ଭଲହୁଅନ୍ତା ?

"ପ୍ରତିଜ୍ଞା ହେଲା ପ୍ରତିଜ୍ଞା ମିଷ୍ଟର୍ ହୋମ୍‌ସ । ଏଲ୍‌ସି ସ୍ୱଇଚ୍ଛାରେ ଯଦି ମୋତେ କହିବେ । ତା ନହେଲେ ମୁଁ ତାଙ୍କୁ ବାଧ୍ୟ କରିପାରିବିନାହିଁ । କିନ୍ତୁ ମୁଁ ମୋ ନିଜ ଉପାୟ କରିବାରେ କିଛି ବାଧାନାହିଁ । ଆଉ ମୁଁ ତା କରିବି ।"

"ତାହେଲେ ମୁଁ ମୋ ମନ-ପ୍ରାଣଦେଇ ଆପଣଙ୍କୁ ସାହାଯ୍ୟ କରିବି । ପ୍ରଥମ କଥାହେଲା, ଆପଣଙ୍କ ସେ ଅଞ୍ଚଳକୁ କେହି ଅଜଣାଲୋକ ଆସିବାର ଆପଣ ଶୁଣିଛନ୍ତି କି ?"

"ନା ।"

"ମୋର ଧାରଣା ଜାଗାଟା ସେତେ ଜନଗହଳି ନୁହେଁ । କେହି ନୂଆଲୋକ ଆସିଲେ ଜଣାପଡ଼ିଯିବ ।"

"ସେଇ ପାଖ ଅଞ୍ଚଳକୁ କେହିଆସିଲେ ନିଶ୍ଚୟ ଜଣାଯିବ । କିନ୍ତୁ ଖଣ୍ଡେ ଦୂରରେ ଘୁର୍ଣ୍ଣୀମାନେ ରହନ୍ତି । ବେଳେବେଳେ ବିଦେଶୀଲୋକେ ଆସି ସେଠି ଘରଭଡ଼ାନେଇ ରହନ୍ତି ।"

Digitized by srujanika@gmail.com

"ଏ ସାଙ୍କେତିକ ଚିତ୍ରଲେଖର ନିଶ୍ଚୟ କିଛି ଅର୍ଥ ଅଛି । ଯଦି ଏହା ପୂରାପୂରି ଅର୍ଥହୀନ ହୋଇଥାଏ ତେବେ ଆମେ ସ୍ତା'ର ସମାଧାନ କରିବା ଅସମ୍ଭବ । ଅପର ପକ୍ଷରେ ଯଦି ଏହାର କିଛି ଅର୍ଥ ଥାଏ ତେବେ ଆମେ ସ୍ତା'ର ମୂଳ ନିଶ୍ଚୟ ଜାଣିପାରିବା । କିନ୍ତୁ ଏଇ ନମୁନାଟା ଏତେ ଗ୍ରେଟ ଯେ ମୁଁ କିଛି କରିପାରିବିନାହିଁ । ଆଉ ଆପଣ ଯାହାସବୁ କହିଗଲେ ତା ଏତେ ଅନିର୍ଦ୍ଦିଷ୍ଟ ଯେ ଅନୁସନ୍ଧାନ କରିବାପାଇଁ କିଛି ଗୋଟେ ମୂଳଭିତ୍ତି କରି ହେଉନାହିଁ । ତେଣୁ ମୋର ପ୍ରସ୍ତାବ ଆପଣ ନର୍‌ଫୋକ୍ ଫେରିଯାଆନ୍ତୁ । ଘରଆଡ଼େ ନଜର ରଖିବେ । ଯଦି ଆଉ ଏପରି ନାଚବାଲୋକ ଚିତ୍ରଲେଖ ଦେଖିବେ ତାର ଅବିକଳ ନକଲ କରି ରଖିବେ । ଅତି ପରିତାପର କଥା ଯେ ଝରକାରେ ଯେଉଁ ଚିତ୍ରଲେଖ ଥିଲା ତାର ନକଲ ଆମପାଖରେ ନାହିଁ । ପାଖଆଖରେ କେଉଁଠି କିଏ ଅଜଣାଲୋକ ଆସିଅଛନ୍ତି ତାର ମଧ୍ୟ ଖବର ନେବେ । ଆଉ କିଛି ପ୍ରମାଣ ପାଇଲା ପରେ ପୁଣି ମୋପାଖକୁ ଆସିବେ । ଏତିକିମାତ୍ର ଉପଦେଶ ମୁଁ ଆପଣଙ୍କୁ ଦେଇପାରେ । ଯଦି ଆଉ କିଛି ନୂଆ ଘଟଣା ଘଟେ, ଆଉ ନିହାତି ଦର୍କାର ପଡ଼େ ମୁଁ ଆପଣଙ୍କ ପାଖକୁ ନର୍‌ଫୋକ୍ ଯିବାପାଇଁ ସବୁବେଳେ ପ୍ରସ୍ତୁତ ।"

"ଏଇ ଦେଖାସାକ୍ଷାତ ପରେ ସେରଲକ୍ ହୋମ୍‌ସ ଖୁବ୍ ଚିନ୍ତିତ ହୋଇ ପଡ଼ିଲେ । ତାପରେ କେତେ ଦିନରେ ଯେ ତାଙ୍କ ନୋଟ୍‌ବୁକ୍‌ରୁ କାଗଜଖଣ୍ଡ ବାହାରକରି ସେଇ ଅଦ୍‌ଭୁତ ଛବିଗୁଡ଼ାକୁ ମନଦେଇ ଦେଖୁଥିବାର କେତେଥର ମୁଁ ଲକ୍ଷ୍ୟକରିଛି । ପ୍ରାୟ ପନ୍ଦରଦିନଯାଏଁ ସେ ଏ ବିଷୟରେ କିଛି ଆଲୋଚନା କଲେ ନାହିଁ । ଯେଦିନ ଉପରବେଲା ମୁଁ ବାହାରକୁ ବୁଲିଯିବାକୁ ବାହାରିଛି, ସେ ମୋତେ ଡାକିଲେ ।"

କହିଲେ, "ତୁମେ ଏଠି ରହିଲେ ବରଂ ଭଲ ହେବ ଓ୍ୱାଟ୍‌ସନ୍ ।"

"କାହିଁକି ?"

"କାରଣ ମୁଁ ହିଲ୍‌ଟନ୍ କ୍ୟୁବିଟଙ୍କ ପାଖରୁ ଗୋଟେ ଟେଲିଗ୍ରାମ୍ ପାଇଛି । ସେଇ ନାଚଲମଣିଷ କେଶ୍‌ର ହିଲ୍‌ଟନ୍ କ୍ୟୁବିଟ୍ ତୁମର ମନେଥିବ ନିଶ୍ଚୟ । ସେ ଗୋଟାଏ କୋଡ଼ିଏ ମିନିଟରେ ଲିଭର୍‌ପୁଲ୍ ଷ୍ଟ୍ରିଟ୍‌ରେ

Digitized by srujanika@gmail.com

ପହଞ୍ଚିବା କଥା । ଏଠି ଯେକୌଣସି ମୁହୂର୍ତ୍ତରେ ପହଞ୍ଚିପାରନ୍ତି । ତାଙ୍କ ଟେଲିଗ୍ରାମ୍‌ରୁ ଜାଣିଲି ଆଉ କେତେକ ନୂଆ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି ।"

ଆମକୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲାନାହିଁ । ଆମ ନର୍‌ଫୋକ୍ ମହକିଲ ସିଧାସଳଖ ରେଲ୍‌ଷ୍ଟେସନ୍‌ରୁ ଆସି ପହଞ୍ଚିଲେ । ସେ ବ୍ୟସ୍ତ ଆଉ ନିସ୍ତେଜ ଦିଶୁଥାନ୍ତି । କପାଳରେ କୁଞ୍ଚକୁଞ୍ଚିଆ ରେଖା ଆଉ ଆଖିଦି'ଟା କ୍ଲାନ୍ତ । ଜଣେ ଅତି ଦୁର୍ବଳ ଲୋକ ପରି ଚଉକିଟାଉପରେ ବସିପଡ଼ି ସେ କହିଲେ, "ଏ ଧନ୍ଦାରେ ମୁଁ ଘାବରେଇ ଯାଉଛି ମିଷ୍ଟର୍ ହୋମ୍‌ସ । ତୁମ ଘରପାଖେ ଅଜଣା ଶତ୍ରୁ ଘେରି ରହିଛନ୍ତି ବୋଲି ଜାଣିଲେ ତୁମର ଅବସ୍ଥା ଯାହାହେବ; ତା ସାଙ୍ଗକୁ ତୁମେ ଯଦି ଦେଖ ଯେ ତୁମର ସ୍ତ୍ରୀ ତାଦ୍ୱାରା ତିଳତିଳହୋଇ ମରିବା ଉପରେ, ରକ୍ତମାଂସର ଦେହଧରି ତୁମେ କେବେ ସମ୍ଭାଳି ପାରିବ ନାହିଁ ।"

"ଆପଣଙ୍କ ସ୍ତ୍ରୀ ଏଯାଏଁ କିଛି କହିନାହାନ୍ତି ?"

"ନା ମିଷ୍ଟର୍ ହୋମ୍‌ସ, ସେ କିଛି କହିନାହାନ୍ତି । ତଥାପି ଥରେ ଅଧେ ମୋତେ ଜଣାଯାଇଛି ସେ ଯେମିତି କିଛି କହିବାକୁ ଇଚ୍ଛା କରୁଛନ୍ତି; କିନ୍ତୁ କହିବାକୁ ସାହସ କରିପାରୁନାହାନ୍ତି । ମୁଁ କଥାଟା ତାଙ୍କଠୁ ବାହାର କରିବାକୁ ଚେଷ୍ଟାକରିଛି । କିନ୍ତୁ ମୋର ପଦ୍ଧତିଟା ବୋଧହୁଏ ଠିକ୍ ହେଲିନାହିଁ । ଫଳରେ ସେ ଆଉ କଥାଟା କହିଲେ ନାହିଁ ।"

"କିନ୍ତୁ ଆପଣ ନିଜେ ଆଉ କିଛି ଜାଣିପାରିନାହାନ୍ତି ?"

"ଅନେକ କଥା ଜାଣିପାରିଛି ମିଷ୍ଟର ହୋମ୍‌ସ । ଆଉ କେତେଗୁଡ଼ାଏ ନାଚିବା ମଣିଷର ଛବି ମୁଁ ପାଇଛି । ସେଗୁଡ଼ା ପରୀକ୍ଷାକରିବା ପାଇଁ ଆପଣଙ୍କ ପାଖକୁ ଆଣିଛି । ଆଉ ସବୁଠୁ ବଡ଼କଥା ହେଲା, ମୁଁ ଲୋକଟାକୁ ଦେଖିଛି ।"

"କଣ କହିଲେ—ଯେଉଁ ଲୋକ ଏଗୁଡ଼ା ଲେଖୁଛି ?"

"ହଁ, ସେ ଲେଖିବାବେଳେ ମୁଁ ଦେଖିଛି । କିନ୍ତୁ ମୁଁ କଥାଟା କ୍ରମ ଅନୁସାରେ କହୁଛି । ଆପଣଙ୍କ ପାଖରୁ ମୁଁ ଫେରିଲି । ତାପରଦିନ ସକାଳେ ପ୍ରଥମେ ଦେଖିଲି ପୁଣି ଗୁଡ଼ାଏ ନାଚିବା ଲୋକର ଛବି । ହତାଆରପଟେ ଯେଉଁ ଘରେ ରହେ ସେ ଘରଟା ପଡ଼ିଆ ପାଖରେ । ତାର କବାଟଗୁଡ଼ା କାଠର ଏବଂ

Digitized by srujanika@gmail.com

କଳାରଙ୍ଗର । ତା'ର ଉପରେ ଚକ୍‌ରେ ଲେଖା ହୋଇଥିଲା । ମୁଁ ତାର ଗୋଟେ ଅବିକଳ ନକଲ କରି ଆଣିଛି । ଏଇ ଦେଖନ୍ତୁ ।” ସେ ଚଉଡ଼ା ହୋଇଥିବା ଖଣ୍ଡେ କାଗଜଖୋଲି ଟେବୁଲ ଉପରେ ରଖିଲେ । ସେ ଛବି ଲିପିର ନକଲ ହେଲା ଏଇ :



“ଚମତ୍କାର, ଚମତ୍କାର,” ହୋମ୍‌ସ କହିଲେ, “ତାପରେ କ'ଣ ହେଲା କହନ୍ତୁ ।”

“ମୁଁ ନକଲ କରିସାରିବାପରେ ସେଗୁଡ଼ା ଲିଭାଇଦେଲି । କିନ୍ତୁ ଦି'ଦିନ ପରେ ସକାଳେ ପୁଣି ଗୋଟେ ଲେଖା ଦେଖାଗଲା । ତାର ଗୋଟେ ନକଲ ମଧ୍ୟ ଆଣିଛି । ଏଇ ଦେଖନ୍ତୁ ” :

ସାମାନ୍ୟ ହସି, ହାତଦୁଇଟା ମଳିମଳି ହୋମ୍‌ସ କହିଲେ, “ଆମର ଯାହା ଦର୍କାର ସେସବୁ ଖୁବ୍ ଶୀଘ୍ର ଏକାଠି ହୋଇଆସୁଛି । ତାପରେ ?”

“ତିନିଦିନପରେ ପୁଣି ଗୋଟେ ଲେଖା । କାଗଜରେ ଲେଖାହୋଇ ସନ୍‌ଡାୟାଲ୍ ଉପରେ ଥୁଆହୋଇଥିଲା । ତା ଉପରେ ଗୋଟେ ଗୋଡ଼ି ରଖାହୋଇଥିଲା । ଏଇଟି ସେଇଟା । ଏଥର ଛବିଗୁଡ଼ାକ ଠିକ୍ ପୂର୍ବଥର ଛବିପରି । ତାପରେ ମୁଁ ଜଗି ରହିବାକୁ ସଂକଳ୍ପକଲି । ତେଣୁ ମୁଁ ମୋ ରିଭଲ୍‌ଭର୍‌ଟା ବାହାରକରି ପଢ଼ାଘରେ ବସିରହିଲି । ସେଠୁ ପଡ଼ିଆ ଆଉ ବଗିଚା ପରିଷ୍କାର ଦେଖାଯିବ । ରାତି ପ୍ରାୟ ଦୁଇଟା ହୋଇଗଲା । ମୁଁ ଝରକା ପାଖରେ ବସିଥାଏ । ହଠାତ୍ ମୋ ପଛପାଖେ ପାଦଶବ୍ଦ ଶୁଭିଲା । ଦେଖିଲି ମୋ ସ୍ତ୍ରୀ । ତାଙ୍କ ଦେହରେ ରାତିର ପୋଷାକ । ସେ ମୋତେ ଶୋଇବାପାଇଁ

Digitized by srujanika@gmail.com

କାକୁତମିନତ କରି କହିଲେ। ମୁଁ ସିଧାସିଧା ତାଙ୍କୁ ଉତ୍ତରଦେଲି, କେଉଁ ଲୋକ ଏ ଅଜବ ରହସ୍ୟ କରୁଛି ମୁଁ ଦେଖିବାକୁ ଚାହେଁ । ସେ କହିଲେ, 'ଏଗୁଡ଼ା ଗୁଡ଼େ ମୂଲ୍ୟହୀନ ରହସ୍ୟ । ମୋର ସେଗୁଡ଼ାକୁ ଧ୍ୟାନଦେବା ଦର୍କାରନାହିଁ ।' ତାପରେ କହିଲେ, 'ଯଦି ତୁମେ ଏଥିରେ ବ୍ୟସ୍ତହେଉଛ ହିଲ୍‌ଟନ୍ ତେବେ ଚାଲ, ଆମେ କିଛିଦିନ ବାହାରେ ବୁଲିଆସିବା । ଏ ଗଣ୍ଡଗୋଳଠୁ ଦୂରେଇଯିବା ।'

"ମୁଁ ଉତ୍ତରଦେଲି, 'କ'ଣ ହେଲା, ଏଥିପାଇଁ ଆମେ ଆମ ଘରଛାଡ଼ି ଚାଲିଯିବା ? ଦୁନିଆସାରା ସମସ୍ତେ ହସିବେ !'

"ହଉ, ଚାଲ ଶୋଇବ । କାଲିସକାଳେ ଆମେ ଏ ବିଷୟରେ ଆଲୋଚନା କରିବା ।'

"ଏଇକଥା କହୁକହୁ ହଠାତ୍ ତାଙ୍କ ମୁହଁ ଶେତାପଡ଼ିଯିବାର ଦେଖିଲି । ସେ ମୋ ହାତକୁ ଖୁବ୍ ଜୋରରେ ଜାବୁଡ଼ିଧରିଲେ । ଦେଖିଲି ହଠାତ୍ ଘରଭିତରେ କିଛି ଗୋଟାଏ ବୁଲୁଛି । ଗୋଟେ କଳାମୂର୍ତ୍ତି ଲୁଚି ଲୁଚି ଘର କଣାବାଟେ ବୁଲି ଦରଜାପାଖକୁ ଗଲା । ପିସ୍ତଲଟା ଧରି ମୁଁ ପଦାକୁ ଧାଇଁଯିବାକୁ ବସିଥିଲି । କିନ୍ତୁ ମୋ ସ୍ତ୍ରୀ ମୋତେ ଜୋର୍‌ରେ କୁଣ୍ଢାଇ ଧରିଲେ । ମୁଁ ତାଙ୍କ ହାତରୁ ଖସିଯିବାକୁ ଚେଷ୍ଟାକଲି; କିନ୍ତୁ ସେ ମୋତେ ଆହୁରି ଜୋର୍‌ରେ କୁଣ୍ଢାଇଧରିଲେ । ଶେଷରେ ମୁଁ ତାଙ୍କହାତ ଛଡ଼ାଇ ଦରଜାଖୋଲି ବାହାରକୁ ଧାଇଁଗଲି । କିନ୍ତୁ ମୁଁ ପହଞ୍ଚିଲାବେଳକୁ ମୂର୍ତ୍ତିଟା ସେଠୁ ଚାଲି ଯାଇଥିଲା । କିନ୍ତୁ ତାର ଆସିବାର ସଙ୍କେତ ସେ ଛାଡ଼ିଯାଇଥିଲା । ଆଗରୁ ଦୁ'ଥର ଦେଖାଯାଇଥିବା ସେଇ ନାଚଲାମଣିଷର ଛବି କବାଟଉପରେ ଲେଖାଥିଲା । ତାଛଡ଼ା ଅନ୍ୟକୌଣସି ଚିହ୍ନନଥିଲା । ମୁଁ ଚାରିଆଡ଼ ବୁଲି ଖୋଜିଲି । କିନ୍ତୁ ତାର ପତ୍ତା ପାଇଲିନାହିଁ । ଆଶ୍ଚର୍ଯ୍ୟକଥା ହେଲା, ଲୋକଟା ସେଇଠି କେଉଁଠି ଲୁଚିରହିଥିଲା । କାରଣ ସକାଳେ ଯେତେବେଳେ ମୁଁ ଦରକାଟା ଦେଖିବାକୁ ଗଲି ଦେଖିଲି ଏଥରେ ଲେଖାଥିବା ଧାଡ଼ି ତଳେ ଆଉ କେତେଟା ଛବି ଲେଖାଯାଇଛି ।"

"ସେଇ ନୂଆଲେଖା ଆପଣଙ୍କ ପାଖରେ ଅଛି ?"

Digitized by srujanika@gmail.com

"ହଁ, ଲେଖାଟା ଖୁବ୍ ଛୋଟ । ମୁଁ ତାର ଗୋଟେ ନକଲ ଆଣିଛି, ଏଇଟି ।"

ସେ ପୁଣି ଖଣ୍ଡେ କାଗଜ ବାହାରକରି ଦେଲେ । ଏଇ ନୂଆ ନାଚବାଲୋକ ଏଇ ଫର୍ମରେ ଥିଲ :



ହୋମ୍ସଙ୍କ ଆଖିରୁ ଜାଣିପାରିଲି ସେ ଖୁବ୍ ଉତ୍ତେଜିତ ହୋଇ ପଡ଼ିଛନ୍ତି । ସେ ପଚାରିଲେ, "ଆଚ୍ଛା କହନ୍ତୁ ତ, ଏଟା ଆଗ ଲେଖା ସାଥିରେ ଯୋଡ଼ା ହୋଇଥିଲା ନା ପୂରାପୂରି ଅଲଗା ଗୋଟେ ଲେଖା ?"

"ଏଟା କବାଟର ଅନ୍ୟ ଗୋଟେ ଫାଳରେ ଲେଖା ହୋଇଥିଲା ।"

"ଚମତ୍କାର । ଆମ କାମପାଇଁ ଏ'ଟା ହେଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୋର ଏବେ ଯଥେଷ୍ଟ ଆଶା ହେଉଛି । ଏଥର ମିଷ୍ଟର୍ କ୍ୟୁବିଟ୍, ଆପଣଙ୍କ କଥା କହି ଯାଆନ୍ତୁ ।"

"ଆଉ ବିଶେଷ କିଛି କହିବାର ନାହିଁ ମିଷ୍ଟର୍ ହୋମସ୍ । କେବଳ ଏତିକି ଯେ ସେ ବଦ୍‌ମାସ୍‌ଟାକୁ ମୁଁ ଧରିଥାନ୍ତି । ମୋ ସ୍ତ୍ରୀ ସେଥିରେ ବାଧା ଦେବାରୁ ମୁଁ ତାଙ୍କ ଉପରେ ବିରକ୍ତ ହେଲି । ସେ କହିଲେ ଯେ, ମୋର କାଳେ କିଛି କ୍ଷତି ହେବ ବୋଲି ସେ ଭୟ କଲେ । କିଛି ସମୟ ପାଇଁ ମୋର ଧାରଣା ହେଲା ଯେ ସେ ଲୋକଟା କିଏ ଆଉ ଏଇ ବିଚିତ୍ର ସଙ୍କେତର ଅର୍ଥ କ'ଣ ମୋ ସ୍ତ୍ରୀ ଜାଣନ୍ତି । ସେ ଲୋକଟାର କାଳେ କିଛି ଅନିଷ୍ଟ ହେବ ବୋଲି ସେ ଭୟ କରୁଥିଲେ । କିନ୍ତୁ ମୋ ସ୍ତ୍ରୀଙ୍କର ସ୍ୱର ଆଉ ଚାହାଣୀରୁ ଜଣାଗଲା ତାଙ୍କ କଥାରେ ସନ୍ଦେହ କରାଯାଇପାରେନା । ମୋର ଦୃଢ଼ ଧାରଣା ହେଲା ଯେ ପ୍ରକୃତରେ ମୋର ନିରାପତ୍ତା କଥା ଚିନ୍ତା କରୁଥିଲେ । ଏଇହେଲା ସବୁ ଘଟଣା । ଏବେ ମୁଁ କ'ଣ କରିବି ସେଥିପାଇଁ ଆପଣଙ୍କ ଉପଦେଶ ମୋର ଲୋଡ଼ା । ମୁଁ ଭାବୁଛି, ମୋ କ୍ଷେତରେ ଯେଉଁ ଲୋକମାନେ କାମ କରୁଛନ୍ତି ତାଙ୍କ ଭିତରୁ କେତେ ଜଣଙ୍କୁ ଜଗାଇବି । ଏଇ ଲୋକଟାକୁ ଦେଖିଲେ

Digitized by srujanika@gmail.com

ଏମିତ ପାନେ ଦେବେ ଯେ ସେ ସବୁ ଦାନ ପାଇଁ ·ଏଠୁ ବଡ଼ା ହୋଇଯିବ । ଆମେ ଟିକଏ ଶାନ୍ତିରେ ରହିବୁ ।"

"ମୋର କିନ୍ତୁ ସନ୍ଦେହ, ଏ କେଶ୍‌ର ଚେର ବହୁତ ଗଭୀରରେ । ଆପଣ ଯେଉଁ ପ୍ରତିକାର କଥା କହୁଛନ୍ତି ମେ କିଛି ନୁହେଁ । ଆପଣ ଲଣ୍ଡନରେ କେତେ ଦିନ ରହିପାରିବେ ?"

"ମୋତେ ଆଜ ଫେରିବାକୁ ପଡ଼ିବ । ଘରରେ ମୋ ସ୍ତ୍ରୀଙ୍କୁ ଏକୁଟିଆ ଛାଡ଼ି ମୁଁ ରହିପାରିବିନାହିଁ । ସେ ଖୁବ୍ ବିଚଳିତ ହୋଇଯାଇଛନ୍ତି ଆଉ ମୋତେ ଫେରିଯିବା ପାଇଁ କାନେ କାନେ କହିଛନ୍ତି ।"

'ଆପଣ ଠିକ୍ କହୁଛନ୍ତି । କିନ୍ତୁ ଆପଣ ଯଦି ଏଠି ଦିନେ ଦି'ଦିନ ରହି ପାରିଥାନ୍ତେ ତେବେ ମୁଁ ବୋଧହୁଏ ଆପଣଙ୍କ ସାଥିରେ ଯାଇଥାନ୍ତି । ହଉ, ଆପଣ ଏ କାଗଜଗୁଡ଼ା ମୋ ପାଖରେ ଛାଡ଼ିଯାଆନ୍ତୁ । ମୋର ଆଶା, ଅଳ୍ପ ଦିନ ଭିତରେ ମୁଁ ଆପଣଙ୍କ ପାଖକୁ ଯାଇ ଏ କେଶ୍ ଉପରେ କିଛି ନା କିଛି ଆଲୋକପାତ କରିପାରିବ ।"

ଆଗନ୍ତୁକ ଯିବାଯାଏ ହୋମ୍ସ ଦୃଢ଼ ଆଉ ଧୀରସ୍ଥିର ଦେଖାଯାଉଥାନ୍ତି । ମୁଁ କିନ୍ତୁ ତାଙ୍କୁ ଭଲଭାବେ ଜାଣେ । ତେଣୁ ସହଜରେ ଜାଣିପାରିଲି ଯେ ସେ ଖୁବ୍ ଉଦ୍‌ବିଗ୍ନ ହୋଇପଡ଼ିଛନ୍ତି । ହିଲ୍‌ଟନ୍ କ୍ୟୁବିଟ୍ ଚାଲିଯିବା ମାତ୍ରେ ସେ ଟେବୁଲ ପାଖକୁ ଦୌଡ଼ିଯାଇ, ନାଚଲା ଲୋକଥିବା ସବୁଯାକ କାଗଜ ଟେବୁଲ୍ ଉପରେ ବିଛେଇଦେଇ ଏଇ ଜଟିଳ କାମରେ ଲାଗିଗଲେ । ଦୁଇ ଘଣ୍ଟାଯାଏ ସେ କାମରେ ଲାଗିଗଲେ । ମୁଁ ବସି ଲକ୍ଷ୍ୟ କରୁଥାଏ । ସେ ଖଣ୍ଡିକ ପରେ ଖଣ୍ଡେ କାଗଜ ପରୀକ୍ଷା କରିବାରେ ଲାଗିଥାନ୍ତି । କାମରେ ସେ ଏମିତ ମଜ୍ଜିଯାଇଥାନ୍ତି ଯେ ସେଠି ମୋ ଉପସ୍ଥିତି ଏକାବେଳକେ ଭୁଲି ଯାଇଥାନ୍ତି । ବେଳେ ବେଳେ ସେ କାମରେ ଆଗେଇ ଯାଉଥାନ୍ତି ଆଉ ଗୁଣ୍ଗୁଣ୍ କରି ଗୀତ ବୋଲୁଥାନ୍ତି ଆଉ ବେଳେବେଳେ ସେ ଘାବରେଇ ଯାଉଥାଆନ୍ତି । ଅନେକ ସମୟଧରି ଚିନ୍ତା କରି ବସିଯାଉଥାନ୍ତି । ଶେଷରେ ସେ ସନ୍ତୁଷ୍ଟ ହୋଇ ଚଉକିରୁ ଉଠିପଡ଼ି ଘରେ ଏପାଖ ସେପାଖ ହେବାରେ ଲାଗିଲେ । ତା'ପରେ ଖଣ୍ଡେ ଫର୍ମରେ ଗୋଟେ ଲମ୍ବା ଟେଲିଗ୍ରାମ୍ ଲେଖିଲେ ।

Digitized by srujanika@gmail.com

ସେଇଠୁ କହିଲେ, "ଏଇ ଟେଲିଗ୍ରାମ୍‌ର ଉତ୍ତର ମୁଁ ଯାହା ଆଶା କରୁଛି ଯଦି ତା'ହୁଏ ତେବେ ତୁମ ଲେଖାପାଇଁ ଆଉ ଗୋଟେ ବଢ଼ିଆ କେଶ୍ ଜୁଟିଯିବ ୱାଟ୍‌ସନ୍ । ମୋର ଆଶା ଆମେ କାଲି ନର୍‌ଫୋକ୍ ଯିବା ଆଉ ଆମ ମହକିଲଙ୍କୁ ଏ କେଶ୍ ବିଷୟରେ କିଛି ନିଶ୍ଚିତ ତଥ୍ୟ ଜଣାଇପାରିବା ।"

ମୁଁ ମାନୁଛି ହୋମ୍‌ସଙ୍କ କଥା ଜାଣିବାପାଇଁ ମୋ ମନରେ ଖୁବ୍ ଆଗ୍ରହ ହେଲା । କିନ୍ତୁ ମୁଁ ଜାଣେ, ସମୟ ହେଲେ ହୋମ୍‌ସ ସବୁକଥା ପ୍ରକାଶ କରିବାକୁ ଭଲପାଆନ୍ତି । ତେଣୁ ସେଇ ସମୟ ଆସିବାଯାଏଁ ମୁଁ ଅପେକ୍ଷା କରିବାକୁ ସ୍ଥିରକଲି ।

କିନ୍ତୁ ଟେଲିଗ୍ରାମ୍‌ର ଉତ୍ତର ଆସିବାର ଡେରି ହୋଇଗଲା । ଦୁ' ଦିନ କାଳ ହୋମ୍‌ସ ବଡ଼ ଅଧୈର୍ଯ୍ୟ ହୋଇପଡ଼ିଲେ । ସବୁବେଳେ କଲିଂବେଲ୍‌କୁ କାନ ଡେରିଥାନ୍ତି । ଦ୍ୱିତୀୟ ଦିନ ସନ୍ଧ୍ୟାରେ ହିଲ୍‌ଟନ୍ କ୍ୟୁବିଟଙ୍କ ପାଖରୁ ଖଣ୍ଡେ ଚିଠି ଆସି ପହଞ୍ଚିଲା । ସେ ଲେଖିଥିଲେ ସବୁ ଠିକ୍ ଅଛି । କେବଳ ସେଦିନ ସକାଳେ ସନ୍‌ଡାୟାଲ୍ ଉପରେ ଖଣ୍ଡେ କାଗଜ ଥିଲା । ସେଥିରେ ବେଶ୍ ଲମ୍ବା ନାଚିଲା ଲୋକର ଚିତ୍ରଲିପି ଥିଲା । ସେ ତାର ଗୋଟେ ନକଲ ପଠାଇଥିଲେ । ସେଟା ହେଲା :



ହୋମ୍‌ସ କିଛି ସମୟଯାଏ ଏଇ ବିଚିତ୍ର ଲିପିଉପରେ ଲଇଁପଡ଼ି ଦେଖିଲେ । ତାପରେ ବିସ୍ମୟ ଆଉ ଦୁଃଖରେ ଚମକି ପଡ଼ିଲା ପରି ଠିଆହୋଇଗଲେ । ତାଙ୍କ ମୁହଁରେ ଉଦ୍‌ବେଗ ଆଉ କ୍ଷୋଭର ଚିହ୍ନ । ହଠାତ୍ ସେ କହିଉଠିଲେ, "କଥାଟା ବେଶୀ ଆଗେଇ ଯିବାକୁ ଆମେ ଛାଡ଼ିଦେଲେ । ଆଜି ରାତିରେ ନର୍ଥ-ୱାଲ୍‌-ସାମ୍ ଆଡ଼କୁ ଆଉ କୌଣସି ଟ୍ରେନ୍ ଅଛି ?"

ମୁଁ ଟାଇମ୍‌ଟେବୁଲ୍‌ଟା ଦେଖି କହିଲି, "ଶେଷ ଗାଡ଼ିର ସମୟ ଏଇ ଚାଲିଯାଇଛି ।"

Digitized by srujanika@gmail.com

"ତା'ହେଲେ ଆମେ ବଡ଼ ସକାଳୁ ଜଳଖିଆ ଖାଇଦେଇ ପ୍ରଥମ ଟ୍ରେନ୍‌ରେ ଚାଲିଯିବା । ସେଠି ଆମର ଉପସ୍ଥିତି ନହାତ ଦର୍କାର । ଆଃ, ଏଇ ବୋଧହୁଏ ଆମ ଟେଲିଗ୍ରାମ୍ ଆସିଗଲା । ଅଳ୍ପ ଟିକିଏ ସମୟ ଅପେକ୍ଷା କରନ୍ତୁ ଶ୍ରୀମତୀ ହଡ୍‌ସନ୍ । ଉତ୍ତର ଆସିଥାଇପାରେ । ନା, ମୁଁ ଯାହା ଆଶା କରିଥିଲି ଠିକ୍ ସେଇଆ । ଏ ଖବରରୁ ପରିଷ୍କାର ଜଣାଗଲା ଯେ, ଘଟଣାଟା ହିଲ୍‌ଟନ୍ କ୍ୟୁବିଟ୍‌ଙ୍କୁ ଜଣାଇବାରେ ଆମେ ଆଉ ଡେରି କରିବା ଚଳିବ ନାହିଁ । ଆମ ନର୍ଫୋକ୍ ଭଦ୍ରଲୋକ ଏକ ଅସାଧାରଣ ଭୟଙ୍କର ଜାଲ ଭିତରେ ଛନ୍ଦି ହୋଇ ପଡ଼ିଛନ୍ତି ।"

ଠିକ୍ ସେଇଆ ହେଲା । ଯେଉଁ କାହାଣୀକୁ ମୁଁ ପିଲାଳିଆ, ଅର୍ଥହୀନ ବୋଲି ଭାବୁଥିଲି ତାର ଭୟଙ୍କର ଉପସଂହାର ଲେଖିଲାବେଳକୁ ମୋ ଗୁରୁତ ଭୟରେ ଥରି ଉଠୁଛି । ପାଠକଙ୍କ ଆଗରେ ଗୋଟେ ସୁନ୍ଦର ଉପସଂହାର ଦେଇ ପାରିଥିଲେ ଭଲ ହୋଇଥାନ୍ତା; କିନ୍ତୁ ଏ ହେଲା ସତ୍ୟ ଘଟଣାର ଇତିହାସ । ତେଣୁ ଯେଉଁ ଅଦ୍ଭୁତ ଘଟଣାସବୁ ଘଟିଗଲା, ଯାହାପାଇଁ ରିଡ଼ିଙ୍ଗ୍‌ଥର୍‌ପ୍‌ମାନର୍ ନା କିଛି ଦିନଯାଏ ଇଂଲଣ୍ଡର ଘରେ ଘରେ ଶୁଣାଗଲା । ମୁଁ ତା ଲେଖିବାକୁ ବାଧ୍ୟ ।

ଆମେ ନର୍ଥ-ୱାଲ୍-ସାମ୍ ଷ୍ଟେସନରେ ଓହ୍ଲାଇ ପଡ଼ିଲୁ । ଆମ ଲକ୍ଷ୍ୟ-ସ୍ଥଳ କେଉଁଠି ଜାଣିବା ପାଇଁ ପଚାରିବା ଆଗରୁ ଷ୍ଟେସନମାଷ୍ଟର ଆସି ଆମପାଖରେ ପହଞ୍ଚିଗଲେ । ପଚାରିଲେ, "ଆପଣ ବୋଧହୁଏ ଲଣ୍ଡନର ଡିଟେକ୍‌ଟିଭ୍ ?"

ବିରକ୍ତହୋଇ ହୋମ୍‌ସ କହିଲେ, "ଆପଣ ଏକଥା ଭାବୁଛନ୍ତି କାହିଁକି ?"

"କାରଣ ନର୍‌ଉଇଚ୍‌ର ଇନ୍‌ସ୍‌ପେକ୍ଟର୍ ମାର୍‌ଟିନ୍ ଏଇଲେ ଏଇବାଟେ ଗଲେ । ତେବେ ଆପଣମାନେ ଡାକ୍ତର ମଧ୍ୟ ହୋଇପାରନ୍ତି । ଭଦ୍ରମହିଳା ମରି ନାହାନ୍ତି—ଅନ୍ତତଃ ଶେଷ ଖବର ଆସିବାଯାଏ ମରି ନଥିଲେ । ଆପଣ-ମାନେ ଠିକ୍ ସମୟରେ ପହଞ୍ଚି ତାଙ୍କୁ ବଞ୍ଚାଇପାରନ୍ତି, ଯଦିଓ ସେ ଶେଷରେ ଫାଶୀ ଖୁଣ୍ଟକୁ ଯିବେ ।"

ଖୁବ୍ ବ୍ୟସ୍ତହୋଇ ହୋମ୍‌ସ କହିଲେ, "ଆମେ ରିଡ଼ିଙ୍ଗ୍‌ଥର୍‌ପ୍‌ମାନର୍‌କୁ ଯାଉଛୁ । କିନ୍ତୁ ସେଠି କ'ଣ ଘଟିଛି ଆମେ କିଛି ଜାଣୁନା ।"

Digitized by srujanika@gmail.com

"ବଡ଼ ଭୟଙ୍କର ଘଟଣା । ସେମାନଙ୍କଠାରେ ଗୁଳି ମାଡ଼ ହୋଇଛି ମିଷ୍ଟର ହିଲ୍‌ଟନ୍ କ୍ୟୁବିଟ୍ ଆଉ ତାଙ୍କ ସ୍ତ୍ରୀ ଉଭୟଙ୍କୁ । ଶ୍ରୀମତୀ କ୍ୟୁବିଟ୍ ତାଙ୍କ ସ୍ୱାମୀଙ୍କୁ ଗୁଳି କରି ପରେ ନିଜକୁ ଗୁଳି କରିଛନ୍ତି । ଏକଥା ଘରର ଚାକରବାକର କହୁଛନ୍ତି । ସ୍ୱତନ୍ତ୍ର ହିଲ୍‌ଟନ୍ କ୍ୟୁବିଟ୍‌ଙ୍କର ମୃତ୍ୟୁ ହୋଇ ଯାଇଛି ଆଉ ତାଙ୍କ ସ୍ତ୍ରୀଙ୍କ କଥା ସରିଯାଇଛି । ବଡ଼ ଦୁଃଖର କଥା ନର୍‌ଫୋକ୍‌ର ଗୋଟେ ପୁରୁଣା ଆଉ ସମ୍ଭ୍ରାନ୍ତ ବଂଶ......!"

ଆଉ ପଦେ ବି ନ କହି ହୋମ୍‌ସ ଧାଇଁଯାଇ ଗୋଟେ ଗାଡ଼ି ଭିତରକୁ ଡେଇଁପଡ଼ିଲେ । ଲମ୍ବା ସାତମାଇଲ ଯିବା ବାଟରେ ସେ ମୋଟେ ପାଟି ଫିଟାଉନାହାନ୍ତି । ତାଙ୍କୁ ଏମିତ ପୂରାପୂରି ହତାଶ ହେବାର ମୁଁ କେବେ ଦେଖିନାହିଁ । ଲଣ୍ଡନରୁ ଆସିବାବେଳେ ବାଟ ସାରା ସେ ଅତି ବ୍ୟସ୍ତ ହେବାର ମୁଁ ଲକ୍ଷ୍ୟ କରିଛି । ସେ ଖୁବ୍ ଉତ୍କଣ୍ଠାରେ ସକାଳର ଖବର କାଗଜଟା ପୃଷ୍ଠାପରେ ପୃଷ୍ଠା ଓଲଟାଇବା ଦେଖିଛି । କିନ୍ତୁ ବର୍ତ୍ତମାନ ତାଙ୍କ ଆଶଙ୍କା କଥା ଚିନ୍ତାକରି ସେ ଅତି ମ୍ରିୟମାଣ ହୋଇପଡ଼ିଲେ । ଶେଷରେ ନର୍‌ଫୋକ୍‌ର ସବୁଜ ପ୍ରାନ୍ତରେ ଜର୍ମାନ ସମୁଦ୍ରର ଭାଓଲେଟ୍ ରଙ୍ଗର ସୀମା ଦେଖାଗଲା । ଗାଡ଼ିଚାଳକ ତା ଚାବୁକ୍‌ରେ ଗୋଟେ ଇଟା ଆଉ କାଠତିଆରି ଘରକୁ ଠାରି କହିଲା, "ସେଇଟା ରିଡ଼ିଙ୍ଗ୍‌ଥର୍ପ୍‌ମାନର୍ ।"

ଆମ ଗାଡ଼ି ପୋର୍ଟିକୋ ଆଡ଼କୁ ଯାଉ ଯାଉ ମୁଁ ତା ଆଗରେଥିବା ଟେନିସ୍ ପଡ଼ିଆ, ହିଡିଆର ରଖାଘର ଆଉ ସନ୍‌ଡାୟାଲ୍ ସବୁକୁ ଲକ୍ଷ୍ୟ କରିନେଲି । ଆମ ଆଗେ ଆଗେ ଆଉ ଗୋଟେ ଗାଡ଼ିରୁ ଜଣେ ବୁଟାଲୋକ ଓହ୍ଲାଇଲେ । ସେ ନର୍‌ଫୋକ୍‌ର ପୋଲିସ ଇନ୍‌ସ୍‌ପେକ୍ଟର୍ ମାର୍ଟିନ୍ ବୋଲି ନିଜର ପରିଚୟ ଦେଲେ । ଯେତେବେଳେ ସେ ମୋ ବନ୍ଧୁଙ୍କ ନାଁ ଶୁଣିଲେ ଯଥେଷ୍ଟ ବିସ୍ମିତ ହୋଇଗଲେ । କହିଲେ, "କି ଆଶ୍ଚର୍ଯ୍ୟ ମିଷ୍ଟର୍ ହୋମ୍‌ସ ! ହତ୍ୟାକାଣ୍ଡଟା ସକାଳ ତିନଟାବେଳେ ଘଟିଛି । ଆପଣ ଲଣ୍ଡନରେ ଥାଇ ଏ କଥା କେମିତି ଜାଣିଲେ ଆଉ ମୋ ଆସିବା ସାଙ୍ଗେ ସାଙ୍ଗେ ଏଠି ପହଞ୍ଚିଲେ ?"

"ମୁଁ ଏ ଆଶଙ୍କା କରୁଥିଲି । ଏ ଅପରାଧ ରୋକିବା ଆଶାରେ ମୁଁ ଏଠିକି ଆସିଥିଲି ।"

Digitized by srujanika@gmail.com

"ତାହେଲେ ଆପଣ ନିଶ୍ଚୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିବେ, ଯାହା ଆମକୁ ଜଣାନାହିଁ । କାରଣ ସେ ଦୁହେଁ ପରସ୍ପରକୁ ଅତି ଭଲପାଆନ୍ତି ବୋଲି ଲୋକେ କହୁଛନ୍ତି ।"

"ମୁଁ ପାଇଥିବା ପ୍ରମାଣହେଲା କେବଳ ନାଚବାଲୋକ । ସେକଥା ମୁଁ ପରେ ଆପଣଙ୍କୁ ବୁଝାଇବି । ଏବେ ତ ଏ ଦୁର୍ଘଟଣାକୁ ରୋକିବା ସମୟ ଚାଲିଯାଇଛି । ତେବେ ପ୍ରକୃତ ନ୍ୟାୟ ପାଇଁ ମୋତେ ଯାହା ଜଣାଅଛି ତାକୁ କାମରେ ଲଗାଇବାପାଇଁ ମୁଁ ବ୍ୟଗ୍ର । ଆପଣ ମୋ ସାଥିରେ ମିଶି ଅନୁସନ୍ଧାନ କରିବେ ନା ମୁଁ ଅଲଗା ମୋ କାମ କରିବି ?"

"ଆପଣଙ୍କ ସାଥିରେ କାମକରିବା ତ ଗର୍ବର କଥା ।"

"ବେଶ୍, ତାହେଲେ ଆଉ ବିଳମ୍ବ ନକରି ସାକ୍ଷୀମାନଙ୍କୁ ପଚାରିବା ଆଉ ଘର ବାହାରସବୁ ପରୀକ୍ଷାକରିବା ଦର୍କାର ।"

ଇନ୍‌ସ୍‌ପେକ୍ଟର୍ ମାର୍ଟିନ୍ ମୋ ବନ୍ଧୁଙ୍କୁ ତାଙ୍କ ନିଜବାଟରେ କାମକରିବାକୁ ଦେଇ କେବଳ ତାର ଫଳାଫଳସବୁ ଯତ୍ନରେ ନୋଟ୍‌କରିବାରେ ସନ୍ତୁଷ୍ଟ ହେଲେ । ସ୍ଥାନୀୟ ବୁଢ଼ାଡାକ୍ତର ଶ୍ରୀମତୀ କ୍ୟୁବିଟ୍‌ଙ୍କ ରୁମ୍‌ରୁ ଆସି ପହଞ୍ଚିଲେ ଆଉ ଜଣାଇଲେ ଯେ ଆଘାତଟା ଅତି ଗୁରୁତର; କିନ୍ତୁ ମୃତ୍ୟୁ ହେବାର ନିଶ୍ଚିତ ଭୟନାହିଁ । ଗୁଳିଟା ମୁଣ୍ଡର ସାମନାପାଖୁ ଭିତରଦେଇ ଚାଲିଯାଇଛି ଆଉ ତାଙ୍କର ଚେତାଆସିବାକୁ କିଛି ସମୟ ଲାଗିପାରେ । ତାଙ୍କୁ କେହି ଗୁଳିମାରିଛି କି ସେ ନିଜେ ନିଜକୁ ଗୁଳିକରିଛନ୍ତି ପଚାରିବାରେ ଡାକ୍ତର କୌଣସି ନିଶ୍ଚିତ ମତଦେଇ ପାରିଲେନାହିଁ । ଗୁଳିଟା ନିଶ୍ଚିତଭାବେ ଖୁବ୍ ନିକଟରୁ ମାଡ଼ହୋଇଛି । ଘରଭିତରୁ କେବଳ ଗୋଟାଏ ପିସ୍ତଲ ମିଳିଛି । ମିଷ୍ଟର ହିଲ୍‌ଟନ୍ କ୍ୟୁବିଟଙ୍କ ଛାତିରେ ଗୁଳିମାଡ଼ହୋଇଛି । ଯାହାବି ସମ୍ଭବ ହୋଇପାରେ ଯେ ସେ ତାଙ୍କ ସ୍ତ୍ରୀଙ୍କୁ ଆଗେ ଗୁଳି କରି ପରେ ନିଜକୁ ଗୁଳି କରିଛନ୍ତି କିମ୍ବା ତାଙ୍କ ସ୍ତ୍ରୀ ଗୁଳିକରିଛନ୍ତି, କାରଣ ପିସ୍ତଲଟା ଦୁଇଜଣଙ୍କର ଠିକ୍ ମଝାମଝି ପଡ଼ିଥିଲା ।

"କ୍ୟୁବିଟ୍ ପଡ଼ିଥିବାଜାଗାରୁ ତାଙ୍କୁ ଘୁଞ୍ଚାଯାଇଛି ?"

Digitized by srujanika@gmail.com

"ଶ୍ରୀମତୀ କ୍ୟୁବିଟ୍‌ଙ୍କ ଛଡ଼ା ଆମେ ଅନ୍ୟ କୌଣସି ଜିନିଷରେ ହାତଦେଇ ନାହୁଁ । ସେମିତି କ୍ଷତବିକ୍ଷତ ଅବସ୍ଥାରେ ଆମେ ତାଙ୍କୁ ତ ମେଜିଆ ଉପରେ ପକାଇ ରଖିପାରିଲୁ ନାହିଁ ।"

"ଆପଣ ଏଠିକି କେତେ ସମୟ ହେଲା ଆସିଲେଣି ଡାକ୍ତର ?"

"ଘଣ୍ଟା ବେଳୁ ।"

"ଅନ୍ୟ କେହି ଆସିଛନ୍ତି ?"

"ହଁ, ଏଇ କନେଷ୍ଟ୍‌ବଲ୍ ।"

"ଆପଣ କୌଣସି ଜିନିଷ ଛୁଇଁ ନାହାନ୍ତି ?"

"ନା ।"

"ଆପଣ ଖୁବ୍ ବିଚ୍‌ଷଣ ଭାବେ କାମକରିଛନ୍ତି । କିଏ ଆପଣଙ୍କୁ ଡକାଇଲା ?"

"ଘରକାମିଣୀ ସଣ୍ଡର୍‌ସ୍ ।"

"ସେଇ ବୋଧହୁଏ ପ୍ରଥମେ ଜାଣିଥିଲେ ?"

"ହଁ, ସେ ଆଉ ରୋଷେଇଆ ଶ୍ରୀମତୀ କିଙ୍ଗ୍ ।"

"ସେମାନେ ଏବେ କେଉଁଠି ?"

"ରୋଷେଇ ଘରେ ଥିବେ ବୋଧହୁଏ ।"

"ତାହେଲେ ସେମାନେ କ'ଣ କହୁଛନ୍ତି ଆମେ ଯାଇଁ ଯାଇଁ ଶୁଣିବା ଦରକାର ।"

ଓକକାଠରେ କବାଟ ଆଉ ଲମ୍ବା ଝରକା ଲଗା ହଲ୍‌ଘରଟା ଗୋଟେ ଅନୁସନ୍ଧାନ ବିଚାରାଳୟରେ ପରିଣତ ହୋଇଯାଇଥାଏ । ହୋମ୍‌ସ ଗୋଟେ ବଡ଼ ପୁରୁଣାକାଳିଆ ଚଉକିଉପରେ ବସିଥାନ୍ତି । ତାଙ୍କ କ୍ଲାନ୍ତ ମୁହଁଭିତରୁ ଅବିଚଳିତ ଆଖିଦି'ଟା ଉଜ୍ଜ୍ୱଳ ଦିଶୁଥାଏ । ସେଥିରୁ ମୁଁ ଜାଣିପାରିଲି ତାଙ୍କ ମକ୍‌କେଲଙ୍କୁ ସେ ରକ୍ଷାକରି ପାରି ନଥିଲେ ବି ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଜୀବନ ଦେଇଦେବାକୁ ପ୍ରସ୍ତୁତ । ତାଙ୍କଛଡ଼ା ଘରଭିତରେ ଇନ୍‌ସ୍‌ପେକ୍ଟର୍ ମାର୍ଟିନ୍, ସ୍ଥାନୀୟ ବୁଢ଼ାଡାକ୍ତର, ମୁଁ ଆଉ କନେଷ୍ଟବଲ୍ ଉପସ୍ଥିତ ଥିଲୁ ।

ରୋଷେଇଆ ଓ ଘରକାମିଣୀ ଯାହା କହିବାର ସଂକ୍ଷେପରେ କହିଗଲେ— ସେମାନେ ଶୋଇଥିଲେ । ଗୋଟେ ବିସ୍ଫୋରଣ ଶବ୍ଦରେ ଉଠିପଡ଼ିଲେ । ପ୍ରାୟ

Digitized by srujanika@gmail.com

ମିନିଟ୍‌କ ପରେ ଆଉ ଗୋଟେ ଶବ୍ଦ ଶୁଣାଗଲା । ସେମାନଙ୍କ ଶୋଇବାଘର ଲଗାଲଗି । ଶ୍ରୀମତୀ କିଙ୍ଗ୍ ଉଠି ସଣ୍ଡର୍‌ସ୍‌ଙ୍କ ପାଖକୁ ଧାଇଁଗଲେ । ସାଥିହୋଇ ସେ ସିଡ଼ିବାଟେ ତଳକୁ ଧାଇଁଆସିଲେ । ପଢ଼ାଘରର ଦରଜା ଖୋଲାଥିଲା ଆଉ ଟେବୁଲଉପରେ ଗୋଟେ ମହମବତୀ ଜଳୁଥିଲା । ତାଙ୍କ ମାଲିକ ମୁହଁମାଡ଼ି ଘରମଝିରେ ମରିପଡ଼ିଥିଲେ । ଝରକାପାଖରେ ତାଙ୍କ ସ୍ତ୍ରୀ କାନ୍ଥଉପରକୁ ମୁଣ୍ଡଦେଇ ଝୁଙ୍କିପଡ଼ିଥାନ୍ତି । ସେ ସାଙ୍ଘାତିକ ଭାବରେ ଆହତ ହୋଇଥାନ୍ତି । ମୁହଁର ଗୋଟେ ପାଖ ରକ୍ତରେ ଲାଲ ହୋଇଯାଇଥାଏ । ତାଙ୍କର ନିଃଶ୍ୱାସ ଖୁବ୍ ପ୍ରଖରଥାଏ; କିନ୍ତୁ ସେ କଥାକହି ପାରୁନଥାନ୍ତି । ଘର ଆଉ ବରଣ୍ଡା ଧୂଆଁ ଆଉ ବାରୁଦ ଗନ୍ଧରେ ପୂରିଯାଇଥାଏ । ଝରକାଟା ଭିତରପାଖରୁ ବନ୍ଧ ଥିଲା । ଦୁଇଜଣଯାକ ଏ କଥା ନିର୍ଣ୍ଣିତଭାବରେ କହିଲେ । ସେମାନେ ସାଙ୍ଗେ ସାଙ୍ଗେ ଡାକ୍ତର ଆଉ କନେଷ୍ଟବଲ୍‌ଙ୍କୁ ଡକାଇଲେ । ତାପରେ ଘୋଡ଼ାସଇସ ଆଉ ଘୋଡ଼ାରଖୁଆଳ ପିଲା ସାହାଯ୍ୟରେ ସେମାନେ ତାଙ୍କ ମାଲିକାଣୀଙ୍କୁ ତାଙ୍କ ଶୋଇବାଘରକୁ ନେଇଗଲେ । ମାଲିକାଣୀ ତାଙ୍କ ରାତି ପୋଷାକ ପିନ୍ଧିଥିଲେ ଆଉ ମାଲିକ ତାଙ୍କ ରାତି ପୋଷାକ ଉପରେ ଲମ୍ବାଗାଉନ୍ ପିନ୍ଧିଥିଲେ । ପଢ଼ାଘରୁ କୌଣସି ଜିନିଷପତ୍ର କେହି ନେଇନଥିଲା । ସେମାନେ ଯେତେଦୂର ଜାଣନ୍ତି ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଖୁବ୍ ଭଲ ପାଉଥିଲେ । ଦିନକ ପାଇଁ ବି ତାଙ୍କ-ଭିତରେ କୌଣସି କଳିକଜିଆ ହୋଇନାହିଁ ।

ଏଇହେଲା ଚାକରାଣୀ ଦୁ'ଜଣଙ୍କ ସାକ୍ଷ୍ୟର ପ୍ରଧାନ ପ୍ରଧାନ ଅଂଶ । ଇନସ୍‌ପେକ୍ଟର୍ ମାର୍ଟିନ୍‌ଙ୍କ ପ୍ରଶ୍ନର ଉତ୍ତରରେ ସେମାନେ କହିଲେ ଯେ, ଘରର ପ୍ରତ୍ୟେକ କବାଟଭିତର ପାଖରୁ କିଳାହୋଇଥିଲା । ତେଣୁ ଘରୁ କେହି ପଳାଇଯିବା ଅସମ୍ଭବ । ହୋମ୍‌ସଙ୍କ ପ୍ରଶ୍ନର ଉତ୍ତରରେ ଦୁ'ଜଣଯାକ କହିଲେ, ସେମାନେ ଉପରମହଲାରେ ତାଙ୍କ ଘରଭିତରୁ ବାହାରିବାମାତ୍ରେ ବାରୁଦ ଗନ୍ଧ ବାରି ପାରିଥିଲେ ବୋଲି ସେମାନଙ୍କର ମନେପଡ଼ୁଛି ।

ହୋମ୍‌ସ ଇନସ୍‌ପେକ୍ଟର୍‌ଙ୍କୁ କହିଲେ, "ଏଇ ଘଟଣାଟାପ୍ରତି ବିଶେଷ ଧ୍ୟାନ ଦେବାପାଇଁ ମୁଁ ଆପଣଙ୍କୁ ଉପଦେଶ ଦେଉଛି । ଏଥର ଚାଲନ୍ତୁ, ପଢ଼ାଘରଟାକୁ ଭଲଭାବେ ପରୀକ୍ଷା କରି ଦେଖିବା ।"

Digitized by srujanika@gmail.com

ପଢ଼ାଘରଟା ଶ୍ରେଷ୍ଠ ବଖରାଟିଏ । ଘରର ତିନି ପାଖରେ ବହି ରଖାଯାଇଛି । ଗୋଟେ ପାଖରେ ବଗିଚା କଡ଼କୁ ଗୋଟେ ସାଧାରଣ ଝରକା । ତା ସାମନାରେ ଲେଖାଲେଖି କରିବା ପାଇଁ ଗୋଟେ ଟେବୁଲ୍ । ଘର ମଝିରେ ପଡ଼ିଥିବା ଭଦ୍ରଲୋକ ବିଚାରାଙ୍କ ପ୍ରତି ଆମେ ପ୍ରଥମେ ଧ୍ୟାନ ଦେଲୁ । ତାଙ୍କ ପୋଷାକରୁ ଜଣାଗଲା ସେ ତରତରରେ ନିଦରୁ ଉଠିଛନ୍ତି । ସାମନା ପଟରୁ ତାଙ୍କୁ ଗୁଳି କରାଯାଇଛି । ଗୁଳିଟା ତାଙ୍କ ଦ୍ରୁତ ଭିତରେ ପଶିଯାଇଛି; କିନ୍ତୁ ଦେହରୁ ବାହାରି ନାହିଁ । ସାଙ୍ଗେ ସାଙ୍ଗେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ଗାଉନ୍ ବା ହାତରେ ବାରୁଦର ଚିହ୍ନ ନାହିଁ । ଡାକ୍ତରଙ୍କର କହିବା ଅନୁସାରେ ଭଦ୍ରମହିଳାଙ୍କ ମୁହଁରେ ବାରୁଦର ଚିହ୍ନ ଥିଲା; କିନ୍ତୁ ହାତରେ ନଥିଲା ।

ହୋମସ କହିଲେ, "ବାରୁଦ ଚିହ୍ନ ନ ଥିବାରେ କିଛି ଯାଏ ଆସେ ନାହିଁ; କିନ୍ତୁ ଚିହ୍ନଥିବାଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କ୍ୟାଟ୍ରିଜ୍ ଯଦି ଠିକ୍ ଭାବରେ ଲାଗିନଥିବ ତେବେ ବାରୁଦଟା ପଛକୁ ଛୁଟିଆସିବ । ତା ନହେଲେ ଜଣେ ଅନେକ ଗୁଡ଼ାଏ ଗୁଳି ମାରିଲେ ମଧ୍ୟ ତା ହାତରେ ବାରୁଦ ଚିହ୍ନ ରହିବ ନାହିଁ । ଏଥର ମିଷ୍ଟର୍ କ୍ୟୁବିଟ୍‌ଙ୍କ ମୃତଦେହ ଏଠାରୁ ନିଆଯାଇପାରେ । ଆଚ୍ଛା ଡାକ୍ତର, ଭଦ୍ରମହିଳା ଯେଉଁ ବୁଲେଟରେ ଆହତ ହୋଇଛନ୍ତି ଆପଣ ବୋଧହୁଏ ସେଟା ବାହାର କରିନାହାନ୍ତି ?"

"ନା, ସେଥିପାଇଁ ବଡ଼ ଧରଣର ଅପରେସନ୍ ଦର୍କାର । କିନ୍ତୁ ଏବେ ବି ରିଭଲ୍‌ଭର୍‌ରେ ଚାରିଟା କ୍ୟାଟ୍ରିଜ୍ ଅଛି । ଦୁଇଟା କ୍ୟାଟ୍ରିଜ୍ ଫୁଟାଯାଇଛି ଆଉ ଦୁଇଟାରେ ଆଘାତ ଲାଗିଛି । ତେଣୁ ପ୍ରତ୍ୟେକ ବୁଲେଟ୍‌ର ଯୁକ୍ତି ଠିକ୍ ଅଛି ।"

"ସେଇପରି ଜଣାଯାଉଛି । କିନ୍ତୁ ଝରକା ତଳ ବନ୍ଧରେ ଯେଉଁ ବୁଲେଟ୍‌ଟା ବାଜିଛି ତା ବିଷୟରେ ଆପଣ କିଛି କାରଣ ଦର୍ଶାଇ ପାରିବେ ବୋଧହୁଏ ?"

ହଠାତ୍ ହୋମ୍‌ସ ତାଙ୍କ ସରୁ ଆଙ୍ଗୁଠିରେ ଝରକା ଆଡ଼କୁ ଠାରିଲେ । ତଳ ବନ୍ଧର ଇଞ୍ଚେ ଉପରେ ଗୋଟାଏ ସରୁକଣା ହୋଇଛି । ଇନସ୍‌ପେକ୍ଟର୍ ଚିତ୍କାର କରି ଉଠିଲେ, "ହେ ଭଗବାନ ! ଆପଣ କେମିତି ସେଟା ଦେଖିଲେ ?"

"କାରଣ ମୁଁ ସେଟା ଖୋଜୁଥିଲି ।"

Digitized by srujanika@gmail.com

ଡାକ୍ତର କହି ପକାଇଲେ, "ଆଶ୍ଚର୍ଯ୍ୟ ! ଆପଣ ଠିକ୍ କହୁଛନ୍ତି ଆଜ୍ଞା । ତା ହେଲେ ଗୋଟେ ତୃତୀୟ ଗୁଳି ମରାଯାଇଛି ଆଉ ଜଣେ ତୃତୀୟ ଲୋକ ନିଶ୍ଚୟ ସେଠାରେ ଉପସ୍ଥିତ ଥିଲା । କିନ୍ତୁ ସେ କିଏ ହୋଇପାରେ ଆଉ ବାହାରକୁ ଗଲା କିପରି ?"

ସେର୍‌ଲକ୍ ହୋମ୍‌ସ ଉତ୍ତର ଦେଲେ, 'ଆମେ ଏବେ ସେଇ ସମସ୍ୟାର ଉତ୍ତର ବାହାର କରିବାକୁ ଯାଉଛେ । ଆପଣଙ୍କର ମନେଅଛି ନା ଇନ୍‌ସ୍‌ପେକ୍ଟର୍ ମାର୍ଟିନ୍ ଯେତେବେଳେ ଗୃହକର୍ତ୍ତ୍ରୀ ଦୁ'ଜଣ କହିଲେ ସେମାନେ ତାଙ୍କ କୋଠରିରୁ ବାହାରିବା ମାତ୍ରେ ବାରୁଦ ଗନ୍ଧ ବାରିପାରିଥିଲେ, ସେତେବେଳେ ମୁଁ କହିଥିଲି ଏଇ ପଏଣ୍ଟ୍‌ଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ !"

"ହଁ ଆଜ୍ଞା; କିନ୍ତୁ ସ୍ୱୀକାର କରୁଛି ମୁଁ କିଛି ବୁଝିପାରିଲି ନାହିଁ ।"

"ସେଥିରୁ ଜଣାଗଲା ଯେ ଗୁଳି ଫୁଟିଲା ବେଳକୁ ଘରର ଝରକା ଆଉ କବାଟ ଖୋଲାଥିଲା । ତା ନ ହେଲେ ବାରୁଦଗନ୍ଧ ଏତେ ଶୀଘ୍ର ଗୃହଆଡ଼େ ଖେଳି ଯାଇନଥାନ୍ତା । ସେଥିପାଇଁ ଘର ଭିତରେ କିଛି ପବନ ଦରକାର । ତେବେ ଝରକା ଆଉ କବାଟ ଅଳ୍ପ ସମୟପାଇଁ ଖୋଲାଥିଲା ।"

"ତାର ପ୍ରମାଣ ?"

"ମହମବତୀ ଭିତର ତରଳି ନାହିଁ ।"

"ଚମତ୍କାର ! ଚମତ୍କାର !"

"ଦୁର୍ଘଟଣା ଘଟିବା ବେଳେ ଝରକା ଖୋଲାଥିବା ନିଶ୍ଚିତଭାବେ ହୃଦୟଙ୍ଗମ କଲାପରେ ମୁଁ ଭାବିଲି ଏ ଘଟଣାରେ ଜଣେ ତୃତୀୟ ଲୋକ ସଂପୃକ୍ତ । ସେ ଝରକା ବାହାରେ ରହି ଝରକାବାଟେ ଗୁଳିମାରିଛି । ଏଇ ଲୋକକୁ ଲକ୍ଷ୍ୟକରି ଭିତରୁ ଗୁଳି ମାରିଲେ ଝରକା ବନ୍ଧରେ ବାଜିବା ସମ୍ଭବ । ମୁଁ ସେଠା ଖୋଜିଲି ଆଉ ବୁଲେଟ୍ ଦ୍ୱାରା ହୋଇଥିବା କଣାଟା ପାଇଲି !"

"କିନ୍ତୁ ଝରକାଟା ଭିତରୁ ବନ୍ଦ ହୋଇ କିପରି ହେଲା ?"

"ଝରକାଟା ବନ୍ଦ କରିଦେବା ଭଦ୍ରମହିଳାଙ୍କର ପ୍ରଥମ ପ୍ରବୃତ୍ତି ହୋଇଥିବ ନିଶ୍ଚୟ । କିନ୍ତୁ ଏଇଟା କ'ଣ ?"

Digitized by srujanika@gmail.com

ସେଟା ଥିଲା ଜଣେ ନାଗ୍ପର ହାଣ୍ଡ୍‌ବ୍ୟାଗ୍ । ଟେବୁଲ ଉପରେ ଥୁଆ ହୋଇଥିଲା । କୁମ୍ଭୀରଚମଡ଼ା ଆଉ ରୁପାରେ ତିଆରି ସୁନ୍ଦର ଶ୍ରେଷ୍ଠ ବ୍ୟାଗ୍‌ଟିଏ । ହୋମ୍‌ସ ସେଟା ଖୋଲି ଭିତରେ ଥିବା ଜିନିଷ ବାହାରକଲେ । ଭିତରେ ଥିଲା କୋଡ଼ିଏ ଖଣ୍ଡ ପାଞ୍ଚପାଉଣ୍ଡିଆ ନୋଟ୍ । ଖଣ୍ଡେ ରବରରେ ଏକାଠି ବନ୍ଧାହୋଇଥିଲା । ତା ଛଡ଼ା ଆଉ କିଛି ନଥିଲା । ନୋଟ୍‌ତକ ପୁଣି ବ୍ୟାଗ୍‌ରେ ପୂରାଇଦେଇ ବ୍ୟାଗ୍‌ଟା ଇନସ୍‌ପେକ୍ଟର୍‌ଙ୍କ ହାତକୁ ବଢ଼େଇଦେଇ ହୋମ୍‌ସ କହିଲେ, "ଏଇଟା ସାଇତି ରଖିବାକୁ ହେବ—ବିଗ୍ରର ବେଳେ ଦର୍କାରରେ ଆସିବ । ହଁ, ଏଥର ଆମେ ଏଇ ତୃତୀୟ ବୁଲେଟ୍‌ଟା ବିଷୟରେ କିଛିଟା ଜାଣିବାକୁ ଚେଷ୍ଟାକରିବା । କାଠରେ ହୋଇଥିବା ଫୋଡ଼ରୁ ଜଣାଯାଉଛି ଏ ବୁଲେଟ୍‌ଟା ଘରଭିତରୁ ମରାଯାଇଛି । ମୁଁ ରାନ୍ଧୁଣୀ ଶ୍ରୀମତୀ କିଙ୍ଗ୍‌ଙ୍କ ସାଥିରେ ଆଉ ଟିକିଏ କଥାବାର୍ତ୍ତା କରିବାକୁ ଚାହେଁ—ତୁମେ କହିଛ ଶ୍ରୀମତୀ କିଙ୍ଗ୍ ଯେ ତୁମେ ଗୋଟେ ଖୁବ୍ ଜୋର୍‌ରେ ଫୁଟିବା ଶବ୍ଦରେ ଉଠିପଡ଼ିଲ । ତୁମ କହିବାର ଅର୍ଥ କ'ଣ ଦ୍ୱିତୀୟଥର ଠାରୁ ପ୍ରଥମଥର ଶବ୍ଦ ଖୁବ୍ ଜୋର୍ ଥିଲା ?"

"ଶବ୍ଦଟାରେ ମୋ ନିଦ ଭାଙ୍ଗିଗଲା ଆଜ୍ଞା । ତେଣୁ ଠିକ୍ କରି କହିପାରୁ ନାହିଁ । କିନ୍ତୁ ଶବ୍ଦଟା ମୋତେ ଖୁବ ବଡ଼ ଜଣାଗଲା ।"

"ଆଚ୍ଛା, ଦୁଇଟା ଗୁଳି ପ୍ରାୟ ଏକାବେଳେ ଫୁଟିବାପରି ତୁମେ ଅନୁମାନ କରିପାରୁନାହଁ ?"

"ସେ କଥା ମୁଁ କହିପାରିବିନାହିଁ ।"

"ମୁଁ ଭାବୁଛି ନିଶ୍ଚୟ ଠିକ୍ ସେଇଆ ହୋଇଛି । ଆମେ ଏ ଘରୁ ଯାହାକିଛି ଜାଣିବା କଥା ସବୁ ଶେଷ ହୋଇଯାଇଛି ଇନସ୍‌ପେକ୍ଟର୍ ମାର୍ଟିନ୍ । ଏଥର ଆପଣ ଯଦି ମୋ ସାଥିରେ ବାହାରକୁ ଯିବେ ତେବେ ଦେଖିବା ବଗିଚାରୁ ଆମେ କି ନୂଆ ପ୍ରମାଣ ପାଇପାରିବା ।"

ପଢ଼ାଘରର ଝରକାପାଖଯାଏଁ ଫୁଲ ବଗିଚା । ଆମେ ସେଠି ପହଞ୍ଚିବା ମାତ୍ରେ ଚିତ୍କାର କରି ଉଠିଲୁ । ଫୁଲଗଛଗୁଡ଼ା ଦଳା ହୋଇ ଯାଇଥିଲା ଆଉ ଓଦାଳିଆ ମାଟିଉପରେ ଚାରିଆଡ଼େ ପାଦଚିହ୍ନ ସବୁ ପଡ଼ିଥିଲା । ସେଗୁଡ଼ା ବଡ଼ ବଡ଼ ପୁରୁଷର ପାଦଚିହ୍ନ । କୋଣାର ଆଗଟା ଲମ୍ବା ଆଉ ଗୋଳିଆ ।

Digitized by srujanika@gmail.com

କୁକୁର ଆହ୍ୱତ ଜୀବକୁ ଖୋଜିଲାପରି ହୋମ୍‌ସ ଘାସପତ୍ର ଭିତରେ ଖୋଜି-ବାରେ ଲାଗିଗଲେ । ଶେଷରେ ସେ ଆନନ୍ଦରେ ଚିତ୍କାରକରି ଆଗକୁ ଲଇଁ-ପଡ଼ି ତଳୁ ଗୋଟେ ଗ୍ରେଟ ପିତଳ ନଳୀ ଉଠାଇ ଆଣିଲେ । ତାପରେ ସେ କହିଲେ, "ମୁଁ ଠିକ୍ ଏଇଆ ଭାବିଥିଲି । ରିଭଲଭର୍‌ରେ କ୍ୟାର୍ଟ୍ରିଜ୍ ବାହାରକରି ଦେବାର ଯନ୍ତ୍ର (Ejector) ଥିଲା ଆଉ ତୃତୀୟ କ୍ୟାର୍ଟ୍ରିଜ୍ ଏଇଟା । ମୁଁ ଭାବୁଛି ଇନସ୍‌ପେକ୍ଟର୍ ମାର୍ଟିନ୍, ଆମର କେଶ୍ ଏଥର ସମ୍ପୂର୍ଣ୍ଣ ହୋଇଗଲା ।"

ହୋମ୍‌ସଙ୍କ ଦ୍ରୁତ ଅନୁସନ୍ଧାନ ଆଉ ତାର ପଦ୍ଧତି ଦେଖି ଇନସ୍‌ପେକ୍ଟର୍ ଅତ୍ୟନ୍ତ ବିସ୍ମିତ ହୋଇଯାଇଥିଲେ । ପ୍ରଥମେ ସେ ତାଙ୍କ ନିଜ ମର୍ଯ୍ୟାଦା କହିବାଟା ଜଗିଲାପରି ଜଣାଯାଉଥିଲା । କିନ୍ତୁ ଏବେ ସେ ହୋମ୍‌ସଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇ ବିନାଦ୍ୱିଧାରେ ତାଙ୍କ କଥା ମାନିନେଲେ । ସେ ପଚାରିଲେ, "ଆପଣ କାହାକୁ ସନ୍ଦେହ କରୁଛନ୍ତି ?"

"ସେକଥା ମୁଁ ପରେ କହିବି । ଏ ସମସ୍ୟାରେ କେତେଗୁଡ଼ାଏ ପଏଣ୍ଟ ଅଛି ଯାହା ମୁଁ ଏ ପର୍ଯ୍ୟନ୍ତ ଆପଣଙ୍କୁ ବୁଝାଇନାହିଁ । ଏବେ ମୁଁ ଯେତେ-ବେଳେ ଏତେବାଟ ଆଗେଇଲିଣି ବାକିଟା ମୋ ନିଜ ବାଟରେ କରିଯିବି । ତାପରେ ସବୁକଥା ଆପଣଙ୍କ ଆଗରେ ପ୍ରକାଶ କରିବି ।"

"ଯାହା ଆପଣଙ୍କ ଇଚ୍ଛା ମିଷ୍ଟର୍ ହୋମ୍‌ସ । ଆମର କେବଳ ଅପରାଧୀକୁ ପାଇବା କଥା ।"

'କୌଣସି ରହସ୍ୟଜାଲ ସୃଷ୍ଟି କରିବା ମୋର ଇଚ୍ଛା ନୁହେଁ । କିନ୍ତୁ ବର୍ତ୍ତମାନ ଏ ଲମ୍ବା ରହସ୍ୟ ବୁଝାଇବା ସମ୍ଭବ ନୁହେଁ । ଏ ସମସ୍ୟାର ସବୁସୂତ୍ର ବର୍ତ୍ତମାନ ମୋ ହାତରେ । ଏପରିକି ଭଦ୍ରମହିଳା ଆଉ ଜ୍ଞାନ ଫେରି ନ ପାଇଲେ ମଧ୍ୟ ଆମେ ଗଲାରାତିର ଘଟଣାନେଇ କେଶ୍ ଗଢ଼ିପାରିବା ଏବଂ ନ୍ୟାୟବିଚାର କରାଇପାରିବ । ପ୍ରଥମେ ମୁଁ ଜାଣିବାକୁ ଚାହେଁ ଏଇ ପାଖ ଆଖରେ 'ଏଲ୍‌ରିଜ୍‌ସ୍' ବୋଲି କୌଣସି ଫାର୍ମ୍ ଅଛି କି ?"

ଚାକରମାନଙ୍କୁ ପଚରାଉଚରା କରାଗଲା । କିନ୍ତୁ କେହି ଏ ନାଁ ଶୁଣିଥିବାର କହିଲେ ନାହିଁ । ଶେଷରେ ଘୋଡ଼ାରଖୁଆଳ ଟିକିଏ ଏ ବିଷୟରେ ସନ୍ଧାନ

Digitized by srujanika@gmail.com

ଦେଲା । ଇଷ୍ଟର୍‌ସଟନ୍ ଆଡ଼କୁ ଏଇ ନାଁର ଜଣେ କୃଷକ ରହୁଥିବାର ତାର ମନେପଡ଼ିଲା । ହୋମ୍‌ସ ପଚାରିଲେ, "ସେ ଜାଗାଟା କ'ଣ ନିର୍ଜନ ଜାଗା ?"

"ହଁ ଆଜ୍ଞା, ଖୁବ୍ ନିର୍ଜନ ।"

"ଗଲାରାତି ଏଠି ଯାହାଘଟିଛି ସେ ଖବର ସେଠି କେହି ଶୁଣିନଥିବେ ବୋଧହୁଏ ?"

"ଯେତେଦୂର ଆଶା ଶୁଣିନଥିବେ ।"

ହୋମ୍‌ସ ଟିକିଏ ଭାବିଲେ । ତାପରେ ତାଙ୍କ ମୁହଁରେ ଧୀରେ ହସ ଦେଖାଗଲା । ତାପରେ କହିଲେ, "ଗୋଟେ ଘୋଡ଼ା ସଜକର । ଖଣ୍ଡେ ଚିଠି ନେଇ ତୁମେ ଏଲ୍‌ରିଜ୍‌ଙ୍କ ଫାର୍‌ମକୁ ଯିବ ।"

ସେ ପକେଟ୍‌ରୁ ନାଚବାଲୋକ ଥିବା ବିଭିନ୍ନ ଟୁକୁରାକାଗଜ ବାହାର କଲେ । ସେଗୁଡ଼ା ଆଗରେ ଟେବୁଲ୍ ଉପରେ ରଖି ସେ କିଛି ସମୟ ତାକୁ ଲକ୍ଷ୍ୟକଲେ । ଶେଷରେ ସେ ଖଣ୍ଡେ ଚିଠି ଘୋଡ଼ାରଖୁଆଳ ପିଲା ହାତକୁ ଦେଲେ । ତାକୁ କହିଲେ, "ଉପରେ ଯେଉଁ ଲୋକର ନାଁ ଲେଖା, କେବଳ ତାଙ୍କୁଇ ଚିଠିଟା ଦେବୁ ।" ତାକୁ କେହି କିଛି ପଚାରିଲେ କୌଣସି ଉତ୍ତର ଦେବୁନାହିଁ । ମୁଁ ଚିଠି ବାହାରପାଖ ଠିକଣାଟା ଦେଖିଲି । ହୋମ୍‌ସଙ୍କ ହସ୍ତାକ୍ଷରପରି ମୋଟେ ଦିଶୁନଥିଲା । ନିହାତି ବାଜେ ଅକ୍ଷର । ଠିକଣାଟା ଥିଲା, ମିଷ୍ଟର୍ ଏ: ବ: ସ୍ଲାନି, ଏଲ୍‌ରିଜ୍‌ସ୍ ଫାର୍‌ମ୍, ଇଷ୍ଟ୍‌ରସ୍‌ଟନ୍, ନର୍‌ଫୋକ୍ ।

"ମୁଁ ଭାବୁଛି ଇନ୍‌ସ୍‌ପେକ୍ଟର୍, ଆପଣ ଟେଲିଗ୍ରାମ୍ କରି ଜଣେ ସଶସ୍ତ୍ର ପୋଲିସ ମଗାଇଲେ ଭଲହେବ । କାରଣ ଯଦି ମୋର ହିସାବ ଠିକ୍ ହୁଏ ତେବେ ଆପଣଙ୍କୁ ଜଣେ ଭୟଙ୍କର ବନ୍ଦୀକୁ ଜେଲ୍‌ଯାଏ ନେବାକୁ ପଡ଼ିବ । ଏଇ ଚିଠି ନେଇ ଯାଉଥିବା ପିଲା ଆପଣଙ୍କ ଟେଲିଗ୍ରାମ୍‌ଟା ପଠାଇଦେଇ ପାରିବ । ଆଜି ଉପରବେଳା ଲଣ୍ଡନ୍ ଫେରିବାପାଇଁ ଯଦି କିଛି ଟ୍ରେନ୍ ଥିବ ଉଆଟ୍‌ସନ୍, ତେବେ ଆମେ ସେଥିରେ ଚାଲିଗଲେ ଭଲହେବ । କାରଣ ମୋର ଗୋଟେ ରାସାୟନିକ ପରୀକ୍ଷା ଶେଷ କରିବାର ଅଛି ଆଉ ଆମର ଏ ଅନୁସନ୍ଧାନ ଖୁବ୍ ଶୀଘ୍ର ଶେଷହେବାକୁ ଯାଉଛି ।"

Digitized by srujanika@gmail.com

ଘୋଡ଼ା ରଖୁଆଳପିଲା ଚିଠିନେଇ ଚାଲିଯିବାପରେ ସେର୍‌ଲକ ହୋମ୍‌ସ ଚାକରମାନଙ୍କୁ କେତେକ ନିର୍ଦ୍ଦେଶଦେଲେ—ଯଦି କେହି ଶ୍ରୀମତୀ କ୍ୟୁବିଟ୍‌ଙ୍କ ସାଥିରେ ଦେଖାକରିବାକୁ ଆସେ ତାକୁ ତାଙ୍କ ଅବସ୍ଥା ବିଷୟରେ କିଛି ନକହି ସିଧା ବୈଠକଖାନାକୁ ପଠାଇଦେବେ । ଏକଥା ସେ ସେମାନଙ୍କୁ ଖୁବ୍ ତାଗିଦକରି ବୁଝାଇଦେଲେ । ଶେଷରେ ସେ ଆମକୁ ଡ୍ରଇଂରୁମ (ବୈଠକ-ଖାନା)କୁ କଢ଼ାଇନେଲେ ଏବଂ କହିଲେ ଯେ ଆମହାତରେ ଆଉ କିଛି କାମନାହିଁ । ଘଟଣାଚକ୍ର କେଉଁ ଆଡ଼କୁ ଘୂରୁଛି ଦେଖିବାକୁ ଆମକୁ ଅପେକ୍ଷା କରିବାକୁ ହେବ । ସେଇ ସମୟତକ ଆମେ ଯେତେଦୂର ସମ୍ଭବ ଭଲରେ କଟାଇଦେବା । ଡାକ୍ତର ଜଣକ ରୋଗୀ ଦେଖିବାପାଇଁ ଚାଲିଗଲେ । ହୋମ୍‌ସଙ୍କ ସାଥିରେ ରହିଲୁ କେବଳ ମୁଁ ଆଉ ଇନ୍‌ସ୍‌ପେକ୍ଟର୍ ।

ହୋମ୍‌ସ ତାଙ୍କ ଚଉକିଟା ଟେବୁଲପାଖକୁ ଟାଣିନେଲେ । ନାଚବାଲୋକ ଛବିଥିବା ବିଭିନ୍ନ କାଗଜଗୁଡ଼ା ଆଗରେ ବିଛାଇଦେଇ କହିଲେ, "ଆପଣଙ୍କର ଘଣ୍ଟାଏ ସମୟ ସରସ ଆଉ ଲାଭଜନକ ଭାବରେ କଟିବାରେ ମୁଁ ସାହାଯ୍ୟ କରିପାରିବି ବୋଲି ଭାବୁଛି । ଆଉ ତୁମକଥା ୱାଟ୍‌ସନ୍; ମୋତେ କ୍ଷମାକରିବ । ତୁମର ସ୍ୱାଭାବିକ କୌତୂହଳ ମୁଁ ଏଯାଏ ପୂରଣ କରିନାହିଁ । ଆପଣଙ୍କ ପାଇଁ ଇନ୍‌ସ୍‌ପେକ୍ଟର୍; ସମୁଦାୟ ଘଟଣା ବେଶ୍ ଉଲ୍ଲେଖଯୋଗ୍ୟ ହେବ । ଏଥିରୁ ଆପଣ ଅନେକ କିଛି ଶିଖିପାରିବେ । ଏ ବିଷୟରେ ବେକର୍ ଷ୍ଟ୍ରୀଟ୍‌ରେ ମିଷ୍ଟର୍ ହିଲ୍‌ଟନ୍ କ୍ୟୁବିଟ୍‌ଙ୍କ ସାଥିରେ ମୋର ଯେଉଁସବୁ ଆଲୋଚନା ହୋଇଥିଲା ସେକଥା ପ୍ରଥମେ ମୁଁ ଆପଣଙ୍କୁ କହିଦିଏ ।" ତାପରେ ସେ ସଂକ୍ଷେପରେ ସବୁକଥା କହିଗଲେ ।

"ଏଇ ମୋ ଆଗରେ ସେ ସବୁ ବିଚିତ୍ର ଲେଖା । ଏକୁ ଦେଖିଲେ ଯେ କେହି ହସିବ । କିନ୍ତୁ ଏଇଗୁଡ଼ା ଏତେ ବଡ଼ ଦୁର୍ଘଟଣାର ଆଗୁଆ ସଙ୍କେତ । ମୁଁ ଏଇପରି ବିଭିନ୍ନପ୍ରକାର ଗୁପ୍ତଲେଖା ସାଥିରେ ବେଶ୍ ପରିଚିତ ଆଉ ମୁଁ ଏ ବିଷୟ ଉପରେ ଗୋଟେ ପ୍ରବନ୍ଧ ଲେଖିଛି । ସେଥିରେ ମୁଁ ଏ ଶହେ ସାଠିଏ ପ୍ରକାର ଗୁପ୍ତଲେଖା ବିଷୟରେ ବିଶ୍ଳେଷଣ କରିଛି । ତଥାପି ମୁଁ ସ୍ୱୀକାର କରୁଛି, ଏ ଲେଖା ମୋ ପାଇଁ ସମ୍ପୂର୍ଣ୍ଣ ନୂଆ । ଯେଉଁମାନେ ଏହାକୁ

Digitized by srujanika@gmail.com

ଉଦ୍‌ଭାବନ କରିଥିଲେ, ତାଙ୍କର ଉଦ୍ଦେଶ୍ୟଥିଲା ଯେ ଏ ଚିହ୍ନଦ୍ୱାରା କିଛି ସମ୍ବାଦ ପଠାଯାଉଛି ବୋଲି କେହି ଜାଣିପାରିବେ ନାହିଁ । ସମସ୍ତଙ୍କର ଧାରଣା ହେବ ଏଗୁଡ଼ା ପିଲାଙ୍କର ଏମ୍ତେଣି ଗୁଡ଼େ ଚିହ୍ନଅଙ୍କନ ।

"ଯାହାହେଉ, ମୁଁ ଜାଣିପାରିଲି ଯେ ଏଇ ଚିହ୍ନସଙ୍କେତସବୁ ଅକ୍ଷର ପରିବର୍ତ୍ତେ ବ୍ୟବହାର କରାଯାଇଛି । ତାପରେ ଗୁପ୍ତଲେଖା ସବୁ ଜାଣିବାରସୂତ୍ର ପ୍ରୟୋଗକଲି । ଅର୍ଥବୁଝିବାଟା ମୋ ପକ୍ଷରେ ସହଜ ହୋଇଗଲା । ମୋତେ ଦିଆଯାଇଥିବା ପ୍ରଥମ ଲେଖାଟା ଖୁବ୍ ଛୋଟ । ତେଣୁ ସେଥିରୁ ବିଶେଷ କିଛି ଜାଣିବା ସମ୍ଭବ ହେଲନାହିଁ । କେବଳ ମୁଁ କିଛିଟା ନିଶ୍ଚିତଭାବେ ଜାଣିପାରିଲି ଯେ ଏହିଚିହ୍ନ ଇଂରାଜୀ ଅକ୍ଷର 'ଇ' (E)ପରିବର୍ତ୍ତେ

ବ୍ୟବହାର କରାଯାଇଛି । ଆପଣ ଜାଣନ୍ତି ଯେ ଇଂରାଜୀ ଲିପିରେ 'ଇ' ଅକ୍ଷରଟା ଖୁବ୍ ସାଧାରଣ ଆଉ ତାର ବ୍ୟବହାର ଏତେ ବେଶୀ ଯେ ଗୋଟେ ଛୋଟ ବାକ୍ୟରେ ଏହି ଅକ୍ଷରର ଏକାଧିକ ବ୍ୟବହାର ଦେଖାଯାଏ । ପ୍ରଥମଲେଖାର ପନ୍ଦରଟା ଚିହ୍ନସଙ୍କେତ ଭିତରୁ ଚାରିଟା ଏକା । ତେଣୁ ଏହାକୁ 'ଇ' ବୋଲି ଧରିନେବା ଯୁକ୍ତିସଙ୍ଗତ । ଅବଶ୍ୟ କେତେ ଜାଗାରେ ଏଇ ଚିହ୍ନ ହାତରେ ପତାକା ଅଛି ଆଉ କେତେ ଜାଗାରେ ନାହିଁ । କିନ୍ତୁ ପତାକାଚିହ୍ନ ଯେମିତିଭାବରେ ଅଛି ସେଥିରୁ ଅନୁମାନ କରାଯାଇପାରେ ଯେ ସେଠି ବାକ୍ୟଟା ବିଭିନ୍ନ ଶବ୍ଦରେ ଭାଗ କରାଯାଇଛି । ଏହାକୁ ମୁଁ ଏକ ସିଦ୍ଧାନ୍ତ ରୂପେ ଗ୍ରହଣ କରିନେଲି ଏବଂ ଏହି ସଙ୍କେତ

'ଇ' (E) ପରିବର୍ତ୍ତେ ବ୍ୟବହାର କରାଯାଇଛି ବୋଲି ଧରିନେଲି ।

ଏଥର କିନ୍ତୁ ମୋ ଅନୁସନ୍ଧାନରେ ପ୍ରକୃତ ଅସୁବିଧା ଦେଖାଗଲା । ଇଂରାଜୀ ଇ (E)ପରେ କେଉଁ ଅକ୍ଷର ହୋଇପାରେ ତାର କିଛି ନିର୍ଦ୍ଦିଷ୍ଟତା ନାହିଁ । ଅକ୍ଷର ମୋଟାମୋଟି କହିବାକୁଗଲେ ବ୍ୟବହାର କ୍ରମରେ ଟି (T), ଏ (A), ଓ (O), ଆଇ, (I), ଏନ୍, (N) ଏସ୍ (S), ଏଇଚ୍ (H), ଆର୍ (R), ଡି (D), ଏବଂ ଏଲ୍ (L), ଅକ୍ଷର ଇ (E) ପରେ ଆସିପାରେ । କିନ୍ତୁ ଟି, (T), ଏ (A), ଓ (O), ଏବଂ ଆଇ (I)ର ସମ୍ଭାବନା ଖୁବ୍ ପାଖାପାଖି ।

Digitized by srujanika@gmail.com

ଦେଖିଲି ପ୍ରତ୍ୟେକ ଅକ୍ଷରକୁନେଇ କିଛି ଅର୍ଥ ପାଇବାପାଇଁ ଶବ୍ଦ ତିଆରିକରିବା ଏକ ଅସୀମକାମ ହୋଇଯିବ । ତେଣୁ ଆଉ କିଛି ଉପକରଣ ପାଇବାପାଇଁ ମୁଁ ଅପେକ୍ଷାକଲି । ମିଷ୍ଟର୍ ହିଲ୍‌ଟନ୍ କ୍ୟୁବିଟ୍‌ଙ୍କ ସାଥିରେ ମୋର ଦ୍ୱିତୀୟଥର ଦେଖାବେଳେ ସେ ମୋତେ ଆଉ ଦୁଇଟି ଶ୍ରେଣୀ ବାକ୍ୟ ଏବଂ ଗୋଟିଏ ଶବ୍ଦର ଏକ ଲେଖା ଦେଲେ । ଏଇଗୁଡ଼ା ସେ ସବୁ ସଙ୍କେତ । ଗୋଟିକିଆ ଶବ୍ଦର ଦ୍ୱିତୀୟ ଆଉ ଚତୁର୍ଥ ଅକ୍ଷର ଦୁଇଟା 'ଇ' (E) ବୋଲି ମୁଁ ଜାଣି ପାରିଲି । ଏ ଶବ୍ଦରେ ମୋଟେ ପାଞ୍ଚଟା ଅକ୍ଷର । ତେଣୁ ଶବ୍ଦଟା ସେଭର୍ (SEVER), ଲେଭର୍ (LEVER) ବା ନେଭେର୍ (NEVER) ହୋଇପାରେ । ଏ ଶବ୍ଦଟା ପୂର୍ବଲେଖାର ଉତ୍ତର ହୋଇପାରେ, ଏଥିରେ ସନ୍ଦେହ ନାହିଁ । ପରିସ୍ଥିତିରୁ ଜଣାଯାଏ ଯେ ଏ



ଉତ୍ତରଟା ଶ୍ରୀମତୀ କ୍ୟୁବିଟ୍‌ଙ୍କ ଦ୍ୱାରା ଲେଖା । ଏହାକୁ ଠିକ୍ ବୋଲି ଧରନେଲେ ଆମେ କହି ପାରିବା ଯେ ଏନ୍ (N), ଭି (V) ଏବଂ ଆର୍ (R) ଅକ୍ଷର ବଦଳରେ ସଙ୍କେତ ବ୍ୟବହୃତ ହୋଇଛି ।

"ତଥାପି ମୋତେ ଯଥେଷ୍ଟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । କିନ୍ତୁ ହଠାତ୍ ଗୋଟାଏ ଭାବନା ମୋ ମୁଣ୍ଡରେ ପଶିଲା ଏବଂ ମୁଁ ଆଉ କେତେ ଗୁଡ଼ାଏ ଅକ୍ଷର ପାଇପାରିଲି । ମୋର ଧାରଣାହେଲା ଶ୍ରୀମତୀ କ୍ୟୁବିଟ୍‌ଙ୍କର ତରୁଣୀ ଜୀବନରେ କାହାର ସହିତ ଘନିଷ୍ଠତା ଥିଲା ଆଉ ଏଇ ଚିଠି ତାଙ୍କର ପାଖରୁ ଆସିଛି । ତାହେଲେ ଯେଉଁ ଶବ୍ଦରେ ଆରମ୍ଭ ଏବଂ ଶେଷରେ ଦୁଇଟା 'ଇ' (E) ଅଛି ଏବଂ ମଝିରେ ତିନୋଟା ଅକ୍ଷର ଅଛି । ତାହା ନିଶ୍ଚୟ ଏଲ୍‌ସି (ELSIE) ହୋଇପାରେ । ପରୀକ୍ଷା କରି ଦେଖିଲି ଯେ, ଯେଉଁ ଲେଖାଟା ତିନିଥର ଲେଖାଯାଇଥିଲା ତାର ଅର୍ଥ ସମ୍ପୂର୍ଣ୍ଣ ବାହାରି ପାରିଲା । ଯେ ଥିଲା ଏଲ୍‌ସିଙ୍କୁ ଏକ ଅନୁରୋଧ । ଏଇପରି ଭାବେ ମୁଁ ଏଲ୍ (L), ଏସ୍ (S) ଏବଂ ଆଇ (I) ଅକ୍ଷର ପାଇପାରିଲି । କିନ୍ତୁ ଏଇ ଅନୁରୋଧ କ'ଣ ହୋଇପାରେ ? ଏଲ୍‌ସି ପୂର୍ବରୁ ଥିବା ଶବ୍ଦରେ ମୋଟେ ଚାରିଟା ଅକ୍ଷର ଆଉ ଶେଷ ଅକ୍ଷରଟା 'ଇ' (E) । ତେଣୁ ଶବ୍ଦଟା ନିଶ୍ଚୟ 'କମ୍'(COME)

Digitized by srujanika@gmail.com

ହୋଇଥିବ । ମୁଁ 'ଇ' (E)ରେ ଶେଷ ହୋଇଥିବା ଅନ୍ୟ ଶବ୍ଦଗୁଡ଼ାକ ପରୀକ୍ଷାକରି ଦେଖିଲି । କିନ୍ତୁ 'କମ୍' (COME) ଛଡ଼ା ଅନ୍ୟ କୌଣସି ଶବ୍ଦ ଖାପ ଖାଇଲା ନାହିଁ । ତେଣୁ ଏବେ ମୁଁ ସି (C), ଓ (O) ଏବଂ ଏମ୍ (M) ଅକ୍ଷର ପାଇପାରିଲି । ଏବେ ମୁଁ ପ୍ରଥମ ଲେଖାର ଅର୍ଥ ବାହାର କରିପାରିବା ଅବସ୍ଥାକୁ ଆସିଗଲି । ବାକ୍ୟଟାକୁ ବିଭିନ୍ନ ଶବ୍ଦରେ ଭାଙ୍ଗିଦେଲି । ଏ ଯାଏ ଯେଉଁ ସଙ୍କେତର ଅର୍ଥ ପାଇନଥିଲି ତା କାଗଜରେ ଗୋଟେ ଗୋଟେ ବିନ୍ଦୁ ଦେଇ ଲେଖାଟା ସଜାଇଲି । ଏପରି କରିବାରେ ଲେଖାଟା ହେଲା :

•ଏମ୍ •ଇଆର୍ଇ• •ଇଏସ୍ଏଲ୍ • ଏନ୍ଇ •

•M •ERE• •ESL • NE•

"ଏବେ ପରିଷ୍କାର ଜଣାଗଲା ଯେ ପ୍ରଥମ ସଂକେତଟା କେବଳ 'ଏ' (A) ହୋଇପାରେ । ଏ ଆବିଷ୍କାରଟା ଖୁବ୍ ଫଳପ୍ରଦ ହେଲା । କାରଣ ଏଇ ଛୋଟ ବାକ୍ୟରେ ଏ ସଂକେତଟା ତିନିଥର ବ୍ୟବହୃତ ହୋଇଛି । ଦ୍ୱିତୀୟ ଶବ୍ଦର ଅଜଣା ଅକ୍ଷରଟା ନିଶ୍ଚୟ ଏଇଚ୍ (H) ବୋଲି ଜଣାଗଲା । ଏଥର ବାକ୍ୟଟା ହେଲା : ଆମ୍ ହିଅର ଏ•ଇ ଏସ୍ଏଲ୍ଏଏନ୍ଇ•

AM HERE A•E SLANE•

କିମ୍ବା ଗୋଟାଏ ନାଁରେ ଥିବା ଶୂନ୍ୟସ୍ଥାନ ପୂରଣ କରିଦେଲେ ହେଲା :

ଆମ୍ ହିଆର୍ ଏ•ଇ ସ୍ଲାନି

AM HERE A•E SLANEY•

ଏବେ ମୁଁ ଗୁଡ଼ାଏ ଅକ୍ଷର ପାଇପାରିଲି । ତେଣୁ ଦ୍ୱିତୀୟ ସମ୍ବାଦଟାର ଅର୍ଥ ବାହାର କରିବାରେ ଲାଗିଲି । ସେଟା ଏଇ ପ୍ରକାର ହେଲା :

ଏ• ଇଏଲ୍ଆର୍ଆଇ• ଇଏସ୍

A ELRI. ES.

ଏଠି ଶୂନ୍ୟସ୍ଥାନରେ କେବଳ ଟି (T) ଆଉ ଜି (G) ଅକ୍ଷର ପ୍ରୟୋଗ କରିବାରେ ଅର୍ଥ ବାହାରିପାରିଲା । ମୁଁ ଠିକ୍ କଲି ଏଇ ଏଲରିଜ୍ସ (ELRIGES) କୌଣସି ହୋଟେଲ୍ ବା ଘରର ନାଁ ହୋଇପାରେ ଏବଂ ଲେଖକ ସେଇଠି ରହୁଛି ।"

Digitized by srujanika@gmail.com

ଇନ୍‌ସପେକ୍ଟର୍ ମାର୍ଟିନ୍ ଆଉ ମୁଁ ଖୁବ୍ ଆଗ୍ରହରେ ହୋମ୍‌ସଙ୍କର ଏଇ ବିବରଣୀ ଶୁଣୁଥାଉ । ଆମ ପକ୍ଷରେ ଯାହା ଅତି କଷ୍ଟକର ଆଉ ଅବୋଧ୍ୟ ସେଥିରୁ ସେ ଅର୍ଥ ବାହାର କରିବା ଦେଖି ଆମେ ବିସ୍ମିତ ହୋଇଗଲୁ । ଇନ୍‌ସ୍‌ପେକ୍ଟର୍ ପଚାରିଲେ, "ତାପରେ ଆପଣ କ'ଣ କଲେ ?"

"ଏଇ ଏ. ବି. ସ୍ଲାନି ଜଣେ ଆମେରିକୀୟ ଲୋକ ବୋଲି ଭାବିବାର ଯଥେଷ୍ଟ କାରଣ ଥିଲା; ଯେହେତୁ, ଏ. ବି. ଏକ ଆମେରିକୀୟ ସଂକ୍ଷିପ୍ତ ନାଁ । ତାଛଡ଼ା ଆମେରିକାରୁ ଗୋଟିଏ ଚିଠି ଆସିବାପରେ ସବୁ ଗୋଳମାଳ ଆରମ୍ଭ ହୋଇଛି । ଏଥିରେ କିଛିନା କିଛି ଅପରାଧମୂଳକ ଗୁପ୍ତକଥା ଅଛି ବୋଲି ମୋର ସନ୍ଦେହହେଲା । ଭଦ୍ରମହିଳାଙ୍କର ଅତୀତ ଜୀବନର ସଂକେତ, ସ୍ୱାମୀଙ୍କ ଆଗରେ କିଛି ପ୍ରକାଶ କରିବାକୁ ମନାକରିଦେବା ମୋ ସନ୍ଦେହକୁ ଦୃଢ଼କଲା । ତେଣୁ ମୁଁ ନିଉୟର୍କ ପୋଲିସ୍ ବିଭାଗରେ ଥିବା ମୋର ବନ୍ଧୁ ଉଇଲ୍‌ସନ୍ ହାର୍‌ଗ୍ରିଭ୍‌ଙ୍କ ପାଖକୁ ତାର କଲି । ଏଇ ଏ.ବି. ସ୍ଲାନିକୁ ସେ ଜାଣନ୍ତି କି ନାହିଁ ପଚାରିଲି ! ଏଇଟି ତାଙ୍କର ଉତ୍ତର : 'ଚିକାଗୋର ଅତି ଭୟଙ୍କର କୁଟିଳ ଲୋକ '। ଯେଉଁଦିନ ଏ ଉତ୍ତର ପାଇଲି ସେଇଦିନ ସନ୍ଧ୍ୟାରେ ହିଲ୍‌ଟନ୍ କ୍ୟୁବିଟ୍ ସ୍ଲାନିର ଶେଷ ଲେଖାଟା ମୋ ପାଖକୁ ପଠାଇଲେ । ସେଟାକୁ ବିଶ୍ଳେଷଣ କରିବାରେ ହେଲା :

ଏଲ୍‌ସି. ଆର୍.ଇ. ଏ.ଆର୍.ଇ ଟୁ ମିଟ୍ ଦାଇ ଗୋ.

ELSIE. RE. ARE TO MEET THY GO.

ପି (P) ଆଉ ଡି (D) ଦୁଇଟା ଅକ୍ଷର ଯୋଗକରିଦେଲେ ସମ୍ବାଦଟା ସମ୍ପୂର୍ଣ୍ଣ ହୋଇଗଲା । ସେଥିରୁ ଦେଖିଲି ଶୟତାନ୍‌ଟା ପାଂପଲା ପାଂପଲ କରିବାଛାଡ଼ି ଧମକ ଦେବା ଆରମ୍ଭକଲାଣି । ଚିକାଗୋର ଏଇପ୍ରକାର ଲୋକଙ୍କ ବିଷୟ ମୋତେ ଜଣା । ଜାଣିଲି ଲୋକଟା ଖୁବ୍ ଶୀଘ୍ର ତା କଥାକୁ କାମରେ ପରିଣତ କରିପାରେ । ଯାଉଁ ଯାଉଁ ମୁଁ ମୋ ବନ୍ଧୁ ଆଉ ସହକର୍ମୀ ଡାକ୍ତର ଉଆଟ୍‌ସନ୍‌ଙ୍କ ସହିତ ନର୍ଫୋକ ଚାଲିଆସିଲି । କିନ୍ତୁ ଦୁର୍ଭାଗ୍ୟକୁ ଆସି ଦେଖିଲି ଏ ଶୋଚନୀୟ ଘଟଣା ଘଟିଯାଇଛି ।"

Digitized by srujanika@gmail.com

ଆନ୍ତରିକ ଉତ୍ସାହର ସହ ଇନସ୍‌ପେକ୍ଟର୍ କହିଲେ, "କୌଣସି କେଶ୍‌ରେ ଆପଣଙ୍କ ସାଥିରେ କାମକରିବାରେ ଗୌରବ ଅଛି ମିଷ୍ଟର୍ ହୋମ୍‌ସ୍। କିନ୍ତୁ କ୍ଷମା କରିବେ। ମୁଁ ଖୋଲଖୋଲ୍ କଥା କହୁଛି। ଏ ଘଟଣାନେଇ ଆପଣଙ୍କୁ କାହାପାଖରେ କୈଫିୟତ୍ ଦେବାକୁ ହେବନାହିଁ। କିନ୍ତୁ ମୋତେ ମୋ ଉପରସ୍ଥ କର୍ମକର୍ତ୍ତାଙ୍କ ପାଖରେ ଜବାବ୍ ଦେବାକୁ ପଡ଼ିବ। ଯଦି ଏଲ୍‌ରିଜ୍ ଫାର୍ମରେ ରହୁଥିବା ଏଇ ଏ.ବି. ସ୍ଲାନ ପ୍ରକୃତ ହତ୍ୟାକାରୀ ଆଉ ମୁଁ ଏଠି ବସି ଥାଉଁ ଥାଉଁ ସେ ଖସିପଳାଇଯାଏ ତେବେ ମୁଁ ବଡ଼ ଅସୁବିଧାରେ ପଡ଼ିଯିବି।"

'ଆପଣଙ୍କର ବ୍ୟସ୍ତହେବା ଦର୍କାରନାହିଁ। ସେ କେବେହେଲେ ପଳାଇ-ଯିବାକୁ ଚେଷ୍ଟାକରିବ ନାହିଁ।"

"ଆପଣ ଜାଣିଲେ କେମିତି ?"

"କାରଣ ପଳାଇବା ଅର୍ଥ ଅପରାଧ ସ୍ୱୀକାର କରିବା।"

"ତାହେଲେ ଚାଲନ୍ତୁ ତାକୁ ଆରେଷ୍ଟକରିବା।"

"ମୋର ଆଶା, ସେ ଯେ କୌଣସି ମୁହୂର୍ତ୍ତରେ ଏଠି ଆସି ପହଞ୍ଚିବ।"

"କିନ୍ତୁ ସେ ଆସିବ କାହିଁକି ?"

"କାରଣ ମୁଁ ଚିଠିଲେଖି ତାକୁ ଆସିବାକୁ କହିଛି।"

"କି ଅସମ୍ଭବ କଥା ମିଷ୍ଟର୍ ହୋମ୍‌ସ୍ ! ଆପଣ ଚିଠିଲେଖି ଡକାଇଲେ ସେ ଆସିବ କାହିଁକି ? ବରଂ ତା' ମନରେ ସନ୍ଦେହ ହେବ ଆଉ ସେ ପଳାଇଯିବାକୁ ଚେଷ୍ଟା କରିବ।"

ଅଳ୍ପ ହସି ହୋମ୍‌ସ୍ କହିଲେ, "ଚିଠିଟା କେମିତି ଲେଖିବା କଥା ମୋତେ ଜଣା। ପ୍ରକୃତରେ ମୋର ଅନୁମାନ ଯଦି ଭୁଲ୍ ନ ହୁଏ, ତେବେ ରାସ୍ତାରେ ନିଶ୍ଚୟ ସେଇ ଭଦ୍ରଲୋକ ଆସୁଛନ୍ତି।"

ଘରର ଦରଜାଆଡ଼କୁ ଲମ୍ବିଥିବା ରାସ୍ତାରେ ଜଣେ ଲୋକ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଆସୁଥିଲେ। ବେଶ୍ ଡେଙ୍ଗାଲୋକ ଆଉ ସୁନ୍ଦର ଚେହେରା। ଦେହର ରଙ୍ଗ ଗୋରା ନୁହେଁ। ମାଟିଆ ଫ୍ଲାନେଲ୍ କନାର ସୁଟ୍ ପିନ୍ଧିଥାନ୍ତି। ମୁଣ୍ଡରେ ପାନାମାଟୋପି ଆଉ ହାତରେ ବେତବାଡ଼ି। ରାସ୍ତାରେ

Digitized by srujanika@gmail.com

ନବପରୁଆଖିବେ ଗୃହଆସୁଥାନ୍ତି, ଯେମିତିକ ଜାଗାଟା ତାଙ୍କ ନଜର । ତାପରେ ଦରଜା ପାଖ କଲିଂ ବେଲ୍‌ରେ ସେ ଚାପଦେଲେ । ସେଟା ଖୁବ୍ ଜୋର୍‌ରେ ବାଜି ଉଠିବାର ଶୁଣିଲୁ ।

ଚୁପ୍‌ଚୁପ୍ କରି ହୋମ୍‌ସ କହିଲେ, "ଆମେ ସେ ଦରଜା ପଛପାଖରେ ଲୁଚି ରହିଲେ ଭଲ ହେବ । ଏପରି ଲୋକସାଥିରେ କାରବାର କଲାବେଳେ ସବୁ ପ୍ରକାର ସାବଧାନତା ଦର୍କାର । ଆପଣଙ୍କ ହାତକଡ଼ି ପ୍ରସ୍ତୁତ କରି ରଖନ୍ତୁ ଇନ୍‌ସ୍‌ପେକ୍ଟର୍ । ବାକି ସବୁ କଥା ମୋ ଜିମା ଛାଡ଼ିଦିଅନ୍ତୁ ।"

ଆମେ ଚୁପ୍‌ଚାପ୍ ମିନିଟିଏ ଅପେକ୍ଷା କଲୁ । ସେ ମିନିଟ୍‌ଟା ଜୀବନରେ ଭୁଲି ହେବ ନାହିଁ । ତାପରେ ଦରଜା ଖୋଲିଲା ଆଉ ଲୋକଟା ଘର ଭିତରେ ପାଦ ପକାଇଲା । ମୁହୂର୍ତ୍ତକ ଭିତରେ ହୋମସ୍ ପିସ୍ତଲଟା ତା ମୁଣ୍ଡ ପାଖରେ ଲଗାଇ ଧରିଲେ ଆଉ ଇନ୍‌ସ୍‌ପେକ୍ଟର୍ ମାର୍ଟିନ ହାତକଡ଼ା ଦି'ଟା ତା' ହାତରେ ଲଗାଇଦେଲେ । ଏତେ ଚଞ୍ଚଳ ଆଉ ଏପରି ନିଖୁଣଭାବେ ଏ କାମ ହୋଇ-ଗଲା ଯେ ଲୋକଟା କିଛି ଜାଣିବା ଆଗରୁ ଅସହାୟ ଅବସ୍ଥାରେ ପଡ଼ିଗଲା । ଜଳନ୍ତା ଆଖି ଦି'ଟାରେ ଯେ ଆମ ଆଡ଼କୁ ଚାହିଁରହିଲା । ତା'ପରେ ଗୋଟେ କ୍ରୂର ହସ ହସି କହିଲା, "ଆଚ୍ଛା, ଏଥର ତୁମେ ମୋ ନାଟକର ପରଦା ପକାଇ ଦେଇଛ । କିନ୍ତୁ ମୁଁ ଶ୍ରୀମତୀ କ୍ୟୁବିଟ୍‌ଙ୍କ ଚିଠି ପାଇ ଏଠିକି ଆସିଲି । ମୋତେ ଏମିତି ଫାନ୍ଦରେ ପକାଇବାରେ ତାଙ୍କର ହାତ ଅଛି ବୋଲି ମୁଁ ବିଶ୍ୱାସ କରିପାରୁନାହିଁ ।"

"ଶ୍ରୀମତୀ ହିଲ୍‌ଟନ୍ କ୍ୟୁବିଟ୍ ସଙ୍ଘାତିକ ଭାବରେ ଆହତ ଏବଂ ମରିବା ଉପରେ ।"

ଲୋକଟା ଦୁଃଖରେ ଗର୍ଜିଉଠି କହିଲା, "ନା, ନା ! ତୁମ ବୁଦ୍ଧି ବିକୃତ ହୋଇଯାଇଛି । ମିଷ୍ଟର୍ କ୍ୟୁବିଟ୍ ଆହତ ହୋଇଥିଲେ, ଶ୍ରୀମତୀ କ୍ୟୁବିଟ୍ ନୁହଁ । ଏଲ୍‌ସିଙ୍କୁ ଆଘାତ କରିବ କିଏ ? ମୁଁ ତାଙ୍କୁ ଧମକ ଦେଇଥାଇପାରେ; କିନ୍ତୁ ଭଗବାନ୍‌ଙ୍କ ନାଁରେ ଶପଥକରି କହୁଛି, ତାଙ୍କର କେଶାଗ୍ର ସୁଦ୍ଧା ଛୁଇଁ ନାହିଁ । ତୁମ କଥା ମିଛ । କୁହ, ସେ ମୋତେ ଆହତ ହୋଇନାହାନ୍ତି ।

Digitized by srujanika@gmail.com

"ତାଙ୍କ ମୃତ ସ୍ୱାମୀଙ୍କ ପାଖରେ ସେ ସାଙ୍ଘାତିକଭାବେ ଆହତ ହୋଇ ପଡ଼ିଥିବାର ଦେଖାଗଲା ।"

ଦୀର୍ଘ ନିଃଶ୍ୱାସ ପକାଇ ଲୋକଟା ବେଞ୍ଚ ଉପରେ ଲଥ୍‌କରି ବସିପଡ଼ି ଦୁ' ହାତରେ ମୁହଁଟାକୁ ଘୋଡ଼ାଇ ଦେଲା । ପ୍ରାୟ ପାଞ୍ଚ ମିନିଟ୍ ଚୁପ୍‌ଚାପ୍ ବସି ରହିଲା । ତାପରେ ମୁଣ୍ଡ ଟେକି ନିରାଶ ଭଙ୍ଗିରେ କହିଲା, "ଆପଣମାନଙ୍କ ପାଖରେ ମୋର କିଛି ଲୁଚାଇବାର ନାହିଁ । ମୁଁ ଏ ଲୋକକୁ ଗୁଳି ମାରିବାର କାରଣ ସେ ପ୍ରଥମେ ମୋ ଉପରକୁ ଗୁଳିକଲେ । ତେଣୁ ଏକୁ ହତ୍ୟା ବୋଲି କୁହାଯାଇ ପାରେନା । କିନ୍ତୁ ଆପଣମାନେ ଯଦି ଭାବୁଥା'ନ୍ତି, ମୁଁ ଭଦ୍ରମହିଳାଙ୍କୁ ଆଘାତ କରିଛି, ତେବେ ମୁଁ କହିବି, ଆପଣ ମୋତେ ବା ତାଙ୍କୁ ଜାଣନ୍ତି ନାହିଁ । ସତ କହୁଛି, ତାଙ୍କୁ ମୁଁ ଯେତେ ଭଲ ପାଉଥିଲି ଦୁନିଆରେ କେହି ପୁରୁଷ କୌଣସି ନାରୀକୁ ଏତେ ଭଲ ପାଉ ନଥିବ । ତାଙ୍କୁ ପା ‌ବାର ମୋର ଅଧିକାର ଥିଲା । ଅନେକ ଦିନ ଆଗରୁ ସେ ମୋତେ ବିବାହ କରିବାର ସ୍ଥିର ହୋଇଥିଲା । ଆମ ମଝିରେ ଠିଆ ହେବା ପାଇଁ ଏଇ ଇଂରେଜ ଭଦ୍ରଲୋକ କିଏ ? ସତ କହୁଛି, ତାଙ୍କୁ ପାଇବାର ପ୍ରଥମ ଦାବୀ ମୋର ଆଉ ମୁଁ କେବଳ ମୋ ନିଜ ଜିନିଷ ପାଇବାକୁ ଦାବି କରୁଥିଲି ।"

କଠୋର ସ୍ୱରରେ ହୋମ୍‌ସ କହିଲେ, "ତୁମେ କି ପ୍ରକାର ଲୋକ ଜାଣିଲାପରେ ସେ ତୁମ କବଳରୁ ଖସି ଆସିଲେ । ତୁମକୁ ଛାଡ଼ିବା ପାଇଁ ସେ ଆମେରିକାରୁ ପଳାଇଆସିଲେ ଆଉ ଇଂଲଣ୍ଡରେ ଜଣେ ସଂଭ୍ରାନ୍ତ ଭଦ୍ର-ଲୋକଙ୍କୁ ବିବାହକଲେ । ତୁମେ କିନ୍ତୁ କୁକୁର ପରି ତାଙ୍କ ପଛେ ପଛେ ଲାଗି ରହିଲ ଆଉ ତାଙ୍କ ଜୀବନକୁ ଦୁଃଖମୟ କରିଦେଲ । ଯାହାଙ୍କୁ ସେ ପ୍ରାଣଭରି ଭଲ ପାଉଥିଲେ ସେଇ ସ୍ୱାମୀଙ୍କୁ ଛାଡ଼ି ଯାହାକୁ ଭୟ ଆଉ ଘୃଣା କରୁଥିଲେ ତା ସାଥିରେ ପଳାଇବାକୁ ତୁମେ ତାଙ୍କୁ ପ୍ରବର୍ତ୍ତାଇଲ ଆଉ ଧମକ ମଧ୍ୟ ଦେଲ । ଫଳରେ ଜଣେ ଭଦ୍ରଲୋକଙ୍କର ମୃତ୍ୟୁ ହେଲା ଆଉ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିବାକୁ ଗଲେ । ଏ ଘଟଣାରେ ଏଇହେଲା ତୁମର କାମ ମିଷ୍ଟର୍ ଏ. ବି. ସ୍ଲାନି ଆଉ ବିଚାରାଳୟରେ ତୁମକୁ ସ୍ୟା'ର ଜବାବ ଦେବାକୁ ହେବ ।"

Digitized by srujanika@gmail.com

"ଯଦି ଏଲ୍ସିଙ୍କର ମୃତ୍ୟୁ ହୋଇଯାଏ ତେବେ ମୋର ଯାହାହେଉ ମୁଁ ଚିନ୍ତା କରେ ନାହିଁ ।" ସେ ହାତ ମୁଠା ଖୋଲି ଖଣ୍ଡେ ମୋଡ଼ିମୋଡ଼ି କାଗଜ ବାହାରକଲେ । ସନ୍ଦେହପୂର୍ଣ୍ଣ ଆଖିରେ ଗର୍ଜି କହିଲେ, "ଦେଖନ୍ତୁ ମିଷ୍ଟର୍, ଏ ବିଷୟରେ ଆପଣ ମୋତେ ଠକି ଦେଇ ପାରିବେ ନାହିଁ । ଆପଣଙ୍କ କହିବା ମୁତାବକ ଏଲ୍ସି ଯଦି ସାଂଘାତିକଭାବେ ଆହତ ତେବେ ଏ ଚିଠି ଲେଖିଲା କିଏ ?" କାଗଜ ଖଣ୍ଡ ସେ ଟେବୁଲ ଉପରେ ପକାଇଦେଲେ ।

ହୋମ୍ସ ଉତ୍ତର ଦେଲେ, "ତୁମକୁ ଏଠିକି ଆଣିବା ପାଇଁ ମୁଁ ସେ ଚିଠିଟା ଲେଖିଥିଲି ।"

"ଆପଣ ଲେଖିଥିଲେ ? କିନ୍ତୁ ଜଏଣ୍ଟ ଦଳର ଲୋକ ବ୍ୟତୀତ ପୃଥିବୀର ଅନ୍ୟ କେହି ନାଚିବା ଲୋକର ଗୁପ୍ତ ରହସ୍ୟ ଜାଣେନା । ଆପଣ କେମିତି ଏ ଚିଠି ଲେଖିପାରିଲେ ?"

"ଜଣେ ଯାହା ଉଦ୍ଭାବନ କରିପାରେ ଅନ୍ୟ ଜଣେ ତାକୁ ଆବିଷ୍କାର କରିପାରେ । ହଉ, ତୁମକୁ ନର୍ଉଇଚ୍ ନେଇଯିବା ପାଇଁ ବାହାରେ ଗାଡ଼ି ଅପେକ୍ଷା କରିଛି ମିଷ୍ଟର୍ ଏ.ବି. ସ୍ଲାନି । ଭଦ୍ରମହିଳାଙ୍କୁ ତୁମେ ଯେଉଁ ଆଘାତ ଦେଇଛ ସେଥିପାଇଁ କିଛିଟା ପ୍ରାୟଶ୍ଚିତ୍ତ କରିବା ପାଇଁ ଏବେ ମଧ୍ୟ ସମୟ ଅଛି । ତୁମେ ଜାଣ, ମିଷ୍ଟର ହିଲ୍ଟନ୍ କ୍ୟୁବିଟଙ୍କ ହତ୍ୟାରେ ଶ୍ରୀମତୀ କ୍ୟୁବିଟଙ୍କୁ ଗମ୍ଭୀର ସନ୍ଦେହ କରାଯାଇଥିଲା । କେବଳ ମୋର ଉପସ୍ଥିତି ଆଉ ମୋର ଯାହା କିଛି ଜ୍ଞାନ ତାଙ୍କୁ ସନ୍ଦେହମୁକ୍ତ କରିପାରିଛି । ତାଙ୍କ ପ୍ରତି ଯଦି ତୁମର କିଛି କର୍ତ୍ତବ୍ୟ ଥାଏ ତେବେ ତୁମେ ଦୁନିଆକୁ ପରିଷ୍କାର ଜଣାଇଦିଅ ଯେ, ମିଷ୍ଟର୍ କ୍ୟୁବିଟଙ୍କ ହତ୍ୟାରେ ସେ କୌଣସି ପ୍ରକାରେ ସଂପୃକ୍ତ ନୁହନ୍ତି ।"

"ମୁଁ ଆଉ ଅଧିକା କିଛି ଚାହେଁ ନା । ଦେଖୁଛି, ନିର୍ଭେଟ ସତକଥା ପ୍ରକାଶ କରିବା ହିଁ ମୋ ପକ୍ଷରେ ସବୁଠୁ ଭଲ ହେବ ।"

ଇନସ୍ପେକ୍ଟର୍ କହିଉଠିଲେ, "ମୋର ତୁମକୁ ସାବଧାନ କରାଇଦେବା କର୍ତ୍ତବ୍ୟ ଯେ, ତୁମେ ଯାହା କହିବ ଆବଶ୍ୟକ ହେଲେ ବିଚାରାଳୟରେ ତା ତୁମ ବିରୁଦ୍ଧରେ ପ୍ରୟୋଗ କରାଯାଇପାରେ ।"

Digitized by srujanika@gmail.com

"ସେ କଥା ଦେଖାଅଛୁ । ପ୍ରଥମେ ମୁଁ ଆପଣମାନଙ୍କୁ କହିରଖେ ଯେ, ଏଇ ଭଦ୍ରମହିଳାଙ୍କୁ ମୁଁ ପିଲାଦିନରୁ ଜାଣେ । ଚିକାଗୋରେ ଆମେ ସାତ ଜଣ ଗୋଟାଏ ଦଳ ଗଢ଼ିଥିଲୁ । ତା ନାଁ ଥିଲା ଜଏଣ୍ଟ୍ । ଏଲସିଙ୍କ ବାପା ପାଟ୍ରିକ୍ ତାର ଦଳପତି ଥିଲେ । ସେ ଖୁବ୍ ଗୁଣିଆ ଲୋକ । ଏଇ ଚିତ୍ରଲିପି ସେ ଉଦ୍‌ଭାବନ କରିଥିଲେ । ଏହାର ସୂତ୍ର ଜଣା ନଥିଲେ ଯେ କେହି ଭାବିବ ଏଇଟା ଗୋଟେ ପିଲାଖେଳ । ଏଲ୍‌ସି ଆମ କାର୍ଯ୍ୟକଳାପ ବିଷୟରେ କିଛୁଟା ଜାଣିପାରିଲେ । ତାଙ୍କୁ ସେ ମୋଟେ ପସନ୍ଦ କଲେ ନାହିଁ । ତାଙ୍କ ନିଜର କିଛି ପଇସାପତ୍ର ଥିଲା । ତାକୁ ଧରି ସେ ଆମ ପାଖରୁ ଲୁଚି ଲଣ୍ଡନ ଚାଲିଆସିଲେ । ତା ଆଗରୁ ତାଙ୍କ ସାଥିରେ ମୋର ନିର୍ବନ୍ଧ ହୋଇଥିଲା । ମୁଁ ଯଦି କିଛି ଭଲ ଧନ୍ଦାରେ ପଶିଥାନ୍ତି ସେ ନିଶ୍ଚୟ ମୋତେ ବିବାହ କରିଥାନ୍ତେ । ଏଠିକି ଆସି ଏଇ ଇଂରେଜ ଭଦ୍ରଲୋକଙ୍କୁ ବିବାହ କଲାପରେ ସେ କେଉଁଠି ଅଛନ୍ତି ମୁଁ ଜାଣିପାରିଲି । ତାଙ୍କ ପାଖକୁ ଚିଠି ଲେଖିଲି; କିନ୍ତୁ ଉତ୍ତର ପାଇଲି ନାହିଁ । ତା'ପରେ ମୁଁ ଏଠିକି ଚାଲିଆସିଲି । ଦେଖିଲି ଚିଠି ଦେଇ କିଛି ଲାଭ ନାହିଁ । ତେଣୁ ଗୁପ୍ତଲେଖାର ଖବର ସବୁ ପଠାଇଲି ।

"ମୁଁ ଏଠିକି ଆସିବାର ମାସେ ହୋଇଗଲାଣି । ସେଇ ଫାର୍ମରେ ତଳ ମହଲାରେ ବଖରାଏ ଘର ନେଇରହିଲି । ତେଣୁ ରାତିରେ କୁଆଡ଼େ ଯିବା ଆସିବା କରିବାରେ କିଛି ଅସୁବିଧା ହେଲା ନାହିଁ । କେହି କିଛି ଜାଣିପାରିଲେ ନାହିଁ । ଏଲସିଙ୍କୁ ମନେଇ ଏଠୁ ନେଇ ଯିବାକୁ ମୁଁ ସବୁପ୍ରକାର ଚେଷ୍ଟା କଲି । ମୁଁ ଦେଉଥିବା ଖବର ସବୁ ସେ ପଢ଼ୁଥିଲେ । କାରଣ ଥରେ ସେ ମୋ ଲେଖା ତଳେ ଗୋଟେ ଉତ୍ତର ଲେଖିଥିଲେ । ତା'ପରେ ମୋର ଆଉ ଧୈର୍ଯ୍ୟ ରହିଲା ନାହିଁ । ମୁଁ ତାଙ୍କୁ ଧମକାଇବା ଆରମ୍ଭ କଲି । ସେ ମୋ ପାଖକୁ ଗୋଟେ ଚିଠି ଦେଲେ । ସେଥିରେ ମୋତେ ଚାଲିଯିବା ପାଇଁ ଅନୁରୋଧ କରିଥିଲେ । ଲେଖିଥିଲେ, ମୁଁ ଯଦି ତାଙ୍କୁ ଶାନ୍ତିରେ ରହିବାକୁ ଛାଡ଼ିଦେଇ ଚାଲିଯାଏ ତେବେ ତାଙ୍କ ସ୍ୱାମୀ ଶୋଇବା ପରେ ପାହାନ୍ତା ସମୟରେ ସେଇ ଝରକା ପାଖରେ ସେ ମୋ ସାଥିରେ କଥାବାର୍ତ୍ତା କରିବାକୁ ରାଜି । ସେ ସେଠିକି ଆସିଲେ । ସାଥିରେ ଯଥେଷ୍ଟ ପଇସା ଆଣିଥିଲେ । ମୋତେ ପଇସା

Digitized by srujanika@gmail.com

ଲମ୍ଫଦେଇ ଦୂରକୁ ବଦାକରି ଦେବାକୁ ଚେଷ୍ଟାକଲେ । ଏଥିରେ ମୁଁ ରାଗି ପାଗଳ ହୋଇଗଲି । ତାଙ୍କ ବେକଣାକୁ ଧରିପକାଇ ଝରକାବାଟେ ଟାଣି ନେବାକୁ ବସିଲି । ଠିକ ଏତିକିବେଳେ ତାଙ୍କ ସ୍ୱାମୀ ହାତରେ ଶଭଲଭର ଧରି ଘର ଭିତରକୁ ଧାଇଁ ଆସିଲେ । ଏଲ୍‌ସି ଘରର ମେଜିଆ ଉପରେ ବସି ପଡ଼ିଲେ ଆଉ ଆମେ ଦୁ'ଜଣ ସାମନାସାମନି ହୋଇଗଲୁ । ମୁଁ ମଧ୍ୟ ପଛକୁ ବୁଲିପଡ଼ିଲି; କିନ୍ତୁ ତାଙ୍କୁ ଡରାଇବା ପାଇଁ ବନ୍ଧୁକଟା ହାତରେ ଧରିଥାଏ । ସେ ଗୁଳି ମାରିଲେ କିନ୍ତୁ ମୋ ଦେହରେ ବାଜିଲା ନାହିଁ । ଠିକ ଏକାସମୟରେ ମୁଁ ମଧ୍ୟ ମୋ ବନ୍ଧୁକର ଘୋଡ଼ାଟା ଟିପିଦେଲି ଆଉ ସେ ତଳେ ପଡ଼ିଗଲେ । ବଗିଚ୍ଛ ଭିତର ଦେଇ ମୁଁ ଦୌଡ଼ିପଳାଇଲି । ସେତେବେଳେ ଝରକାଟା ବନ୍ଦହେବା ଶବ୍ଦ ଶୁଣିପାରିଲି । ଭଗବାନଙ୍କ ନାଁରେ ଶପଥକରି କହୁଛି, ଏହା ନିରାଟ ସତ । ତାପରେ ସେ ପିଲାଏ ଲେଖାଟା ନେଇ ପହଞ୍ଚିବାଯାଏଁ ମୁଁ ଆଉ କିଛି ଶୁଣିନାହିଁ । ସେ ଲେଖାଟା ପାଇ ମୁଁ ଖୁବ୍ ଖୁସିରେ ଏଠିକି ଆସିଲି ଆଉ ଆପଣମାନଙ୍କ ହାତରେ ପଡ଼ିଲି ।"

ଏ ଭିତରେ ଗୋଟାଏ ଗାଡ଼ି ଆସି ପହଞ୍ଚିଗଲା । ଭିତରେ ପୋଷାକ ପିନ୍ଧା ଦୁ'ଜଣ ପୋଲିସ ବସିଥିଲେ । ଇନ୍‌ସ୍‌ପେକ୍ଟର ମାର୍ଟିନ୍ ଉଠି ଠିଆ ହୋଇ ବନ୍ଦୀକାନ୍ଧରେ ହାତମାରି କହିଲେ, "ଆମର ଯିବା ସମୟ ହୋଇଗଲା ।"

"ତା ଆଗରୁ ମୁଁ ଏଲ୍‌ସିଙ୍କୁ ଦେଖିପାରିବି ?"

"ନା, ସେ ଏବେ ବି ସଜ୍ଞାହୀନ ହୋଇପଡ଼ିଛନ୍ତି । ମିଷ୍ଟର୍ ହୋମ୍‌ସ, ଭବିଷ୍ୟତରେ ଏପରି କୌଣସି କେସ୍‌ରେ ଯଦି ଆପଣଙ୍କ ସାହାଯ୍ୟ ପାଇ-ପାରିବି ତେବେ ନିଜକୁ ଭାଗ୍ୟବାନ୍ ମନେକରିବି ।"

ଗାଡ଼ିଟା ଆଗକୁ ଗଡ଼ି ଚାଲିଲା । ଆମେ ଝରକା ପାଖରେ ଠିଆହୋଇ ରହିଛୁ ଥାଉ । ତାପରେ ମୁଁ ପଛକୁ ମୁହଁ ବୁଲାଇଲି । ବନ୍ଦୀ ଟେବୁଲ ଉପରେ ପକାଇଦେଇଥିବା କାଗଜ ଖଣ୍ଡିକ ଉପରେ ମୋ ଆଖି ପଡ଼ିଲା । ଏଇ ଖଣ୍ଡି ଲେଖି ହୋମ୍‌ସ ଲୋକଟାକୁ ଟାଣି ଆଣିଥିଲେ । ଅଳ୍ପ ହସି ହୋମ୍‌ସ କହିଲେ, "ଦେଖ ଉଆଟ୍‌ସନ୍, ତୁମେ ସେଟା ପଢ଼ି ପାରୁଛ କି ନାହିଁ ।"

Digitized by srujanika@gmail.com

ସେଥିରେ କୌଣସି ଅକ୍ଷର ନଥିଲା । କେବଳ ଧାଡ଼ିଏ ନାଚବା ଲୋକର ଚିତ୍ର ସଜା ହୋଇଥିଲା :

ହୋମ୍ସ କହିଲେ, "ମୁଁ ଯେଉଁ ମନ୍ତ୍ର ବୁଝାଇଦେଇଛି ତାକୁ ପ୍ରୟୋଗ କଲେ ତୁମେ ଦେଖିବ ଏହାର ଅର୍ଥ 'ଶୀଘ୍ର ଆସ' (COME AT ONCE) । ମୁଁ ନିଶ୍ଚିତ ଥିଲି ଯେ ଏ ଲେଖାପାଇଲେ ସେ ନିଶ୍ଚୟ ଆସିବ । କାରଣ ଭଦ୍ରମହିଳାଙ୍କ ଛଡ଼ା ଅନ୍ୟ କେହି ଏହା ଲେଖିଥିବ ବୋଲି ସେ କଳ୍ପନା କରିପାରି ନଥିବ । ଯାହାହେଉ, ୱାଟ୍‌ସନ୍ ଶେଷରେ ଏଇ ନାଚବାଲୋକ ଚିତ୍ରଲେଖାକୁ ଆମେ କାମରେ ଲଗାଇପାରିଲେ । ତୁମ ଲେଖାପାଇଁ କିଛି ଅସାଧାରଣ ତଥ୍ୟ ଯୋଗାଇବାକୁ ମୁଁ ଯେଉଁ ଜବାବ୍ ଦେଇଥିଲି ତା ପୂରଣ କରିପାରିଛି ବୋଲି ମୋର ବିଶ୍ୱାସ । ହାତେ ତିନିଟା ବେଳକୁ ଗୋଟେ ଟ୍ରେନ ଅଛି ଆଉ ରାତି ଖାଇବାବେଳକୁ ଆମେ ବେକର ଷ୍ଟ୍ରୀଟ୍‌ରେ ପହଞ୍ଚି ଯାଇଥିବା ।

ଶେଷରେ ଆଉ ପଦେ । ନରଉଇଚ ବିଚାରାଳୟରେ ଏ. ବି. ସ୍ଲାନିକୁ ମୃତ୍ୟୁ ଦଣ୍ଡର ଆଦେଶ ହେଲା । କିନ୍ତୁ ଉପର ବିଚାରାଳୟରେ ତାକୁ ବଦଳାଇ ଯାବଜ୍ଜୀବନ କାରାବାସ ଦଣ୍ଡର ଆଦେଶ ହେଲା । କାରଣ ପ୍ରମାଣ ହେଲା ଯେ, ହିଲ୍‌ଟନ୍ କ୍ୟୁବିଟ୍ ପ୍ରଥମ ଗୁଳି ମାରିଥିଲେ । ଆଉ ଶ୍ରୀମତୀ ହିଲ୍‌ଟନ୍ କ୍ୟୁବିଟ୍‌ଙ୍କ କଥା । ଶୁଣିଲି ସେ ପୂରାପୂରି ଭଲ ହୋଇଗଲେ । ଏବେ ମଧ୍ୟ ସେ ବିଧବା ହୋଇ ରହି ତାଙ୍କ ସ୍ୱାମୀଙ୍କ ସମ୍ପତ୍ତିବାଡ଼ି ବୁଝାସୁଝା କରୁଛନ୍ତି ଆଉ ଗରିବ-ମାନଙ୍କ ସେବାରେ ଲାଗିଛନ୍ତି ।

* * *

Digitized by srujanika@gmail.com

ପ୍ରାୟୋରି ସ୍କୁଲ୍

ବେକର୍ ଷ୍ଟ୍ରୀଟ୍‌ରେ ଆମର ଶ୍ରେଷ୍ଠ ରଙ୍ଗମଞ୍ଚରେ ଅନେକ ନାଟକୀୟ ଆଗମନ ଆଉ ପ୍ରସ୍ଥାନ ଘଟିଯାଇଛି । କିନ୍ତୁ ଡକ୍ଟର୍ ଥର୍ନିକ୍ରଫ୍ଟ୍ ହକ୍ସଟେବଲ୍ ଏମ୍. ଏ. ପି. ଏଇଚ୍. ଡି,…ଙ୍କର ପ୍ରଥମ ଆଗମନପରି ଅତର୍କିତ ଆଉ ଚମକପ୍ରଦ ଘଟଣା ମୋର ମନେପଡୁନାହିଁ । ଆଗେ ସେ ତାଙ୍କ କାର୍ଡ଼୍‌ଟା ପଠାଇଦେଲେ । ତାଙ୍କ ଶିକ୍ଷାଗତ ଯୋଗ୍ୟତା ଲେଖାହେବା ପାଇଁ କାର୍ଡ଼୍‌ଖଣ୍ଡ ଖୁବ୍ ଶ୍ରେଷ୍ଠ ମନେହେଲା । ତାର କେତେ ସେକେଣ୍ଡ୍ ପରେ ସେ ନିଜେ ଘରଭିତରକୁ ପଶିଆସିଲେ । ବେଶ୍ ଦୀର୍ଘ ବଳିଷ୍ଠ ଦେହ । ଗମ୍ଭୀରତାର ଏକ ପ୍ରତିମୂର୍ତ୍ତି । ତଥାପି ସେ ଘରଭିତରେ ପଶି ଦରଜାଟା ବନ୍ଦକରି ଦେଲାପରେ ଟଳି ଟଳି ଟେବୁଲ୍ ଯାଏ ଆସି ତଳେ ପଡ଼ିଗଲେ । ତାଙ୍କର ସେଇ ଆଡ଼ମ୍ବର ପୂର୍ଣ୍ଣ ବିରାଟ ଦେହ ଜ୍ଞାନଶୂନ୍ୟହୋଇ ଆମ ଗାଲିଚା ଉପରେ ପଡ଼ିରହିଲା ।

ଆମେ ଚଟ୍‌କରି ଉଠି ଠିଆହୋଇଗଲୁ । କିଛି ସମୟଯାଏ ଏଇ ବିପର୍ଯ୍ୟସ୍ତ ବିରାଟ ବପୁଆଡ଼େ ବିସ୍ମୟରେ ଚାହିଁରହିଲୁ । ଜାଣିଲୁ ତାଙ୍କ ଜୀବନ ସମୁଦ୍ର ଉପରେ ଗୋଟାଏ ଭୀଷଣ ଝଡ଼ ବହିଯାଇଛି । ତାପରେ ହୋମ୍‌ସ ଗୋଟାଏ କୁଶନ୍ ନେଇ ତାଙ୍କ ମୁଣ୍ଡତଳେ ଦେଇଦେଲେ ଆଉ ମୁଁ କିଛି ବ୍ରାଣ୍ଡି ନେଇ ତାଙ୍କ ପାଟିରେ ଢାଳିଦେଲି । ତାଙ୍କର ଏଡ଼େ ବଡ଼ ଗୋରାମୁହଁରେ ଚିନ୍ତା ଆଉ ବ୍ୟସ୍ତତାର ରେଖା, ଆଖିଦି'ଟା ଫୁଲିହୋଇଯାଇଥାଏ । ଖିଅର ହୋଇ ନ ଥିବାରୁ ମୁହଁରେ ଦାଢ଼ି । ଚିନ୍ତା କୁରୁତାରୁ ଜଣାପଡୁଥିଲା ଖୁବ୍ ଦୂରରୁ ଆସିଛନ୍ତି । ମୁଣ୍ଡର ବାଳଗୁଡ଼ା ଆଲୁରା । ଏଇପରି ଅବସ୍ଥାରେ ସେ ଆମ ଆଗରେ ପଡ଼ିଥିଲେ ।

ହୋମ୍‌ସ ପଚାରିଲେ, "ଘଟଣା କ'ଣ ଡ଼ଆଟ୍‌ସନ୍ ?"

Digitized by srujanika@gmail.com

ମୁଁ ଭଦ୍ରଲୋକଙ୍କ ନାଡ଼ ପରୀକ୍ଷା କରୁ କରୁ କହିଲି, "ପୁରାପୁରି କ୍ଲାନ୍ତ । ବୋଧହୁଏ କ୍ଷୁଧା ଆଉ ଅବସାଦର ଫଳ ।" ନାଡ଼ ଖୁବ୍ ଦୁର୍ବଳ ଆଉ କ୍ଷୀଣ ।

ହୋମ୍‌ସ ଭଦ୍ରଲୋକଙ୍କ ଓଆର୍ ପକେଟ୍‌ରୁ ଖଣ୍ଡେ ଟିକେଟ୍ ବାହାରକରି କହିଲେ, "ମାକ୍‌ଲ୍‌ଟନ୍ ଷ୍ଟେସନର ରିଟର୍ନ ଟିକେଟ୍ । ମାକ୍‌ଲ୍‌ଟନ୍ ଇଂଲଣ୍ଡର ଉତ୍ତରାଞ୍ଚଳରେ । ଏବେ ବାରଟା ବାଜିନାହିଁ । ସେ ନିଶ୍ଚୟ ଖୁବ୍ ସକାଳ ବାହାରି ଆସିଛନ୍ତି ।"

ଭଦ୍ରଲୋକଙ୍କର ବୁଜିହୋଇଥିବା ଆଖିପତା ସାମାନ୍ୟ ହଲିବାକୁ ଆରମ୍ଭ କଲା । ତାପରେ ଦୁଇଟା ଧୂସର ଆଖି ଆମ ମୁହଁକୁ ଚାହିଁରହିଲା । ଟିକିଏପରେ ବିଚରା ଭଦ୍ରଲୋକ ଉଠି ଠିଆହେଲେ । ଲଜରେ ତାଙ୍କ ମୁହଁ ରଙ୍ଗ ପଡ଼ିଯାଇଥାଏ । ତାପରେ କହିଲେ, "ମୋର ଏ ଦୁର୍ବଳତା ପାଇଁ କ୍ଷମା କରିବେ ମିଷ୍ଟର୍ ହୋମ୍‌ସ । ମୁଁ ଅତିଶୟ କ୍ଲାନ୍ତ ହୋଇପଡ଼ିଛି । ମୋତେ କିଛି ବିସ୍କୁଟ୍ ଆଉ ଗୋଟେ ଗ୍ଲାସ ଦୁଧଦେଲେ ବଡ଼ ଉପକୃତ ହେବି । ତାପରେ ମୋତେ ନିଶ୍ଚୟ ଭଲଲାଗିବ । ଆପଣ ନିଶ୍ଚୟ ମୋ ସାଥିରେ ଯିବେ ମିଷ୍ଟର୍ ହୋମ୍‌ସ । ସେଇଥିପାଇଁ ମୁଁ ନିଜେ ଆସିଛି । ଦେଖିଲି ଟେଲିଗ୍ରାମଦ୍ୱାରା କେଶ୍‌ଟାର ଗୁରୁତ୍ୱ ବୁଝାଇହେବ ନାହିଁ ।"

"ଆପଣ ପୁରାପୁରି ସୁସ୍ଥ ହେଲାପରେ—"

"ଏବେ ମୁଁ ବେଶ୍ ସୁସ୍ଥହେଲିଣି । ମୁଁ କେମିତି ଏତେ ଦୁର୍ବଳହୋଇ ପଡ଼ିଲି କିଛି ଭାବିପାରୁନାହିଁ । ଏବେ ଯେଉଁ ଟ୍ରେନ୍ ମିଳିବ ସେଥିରେ ଆପଣଙ୍କୁ ମୋ ସାଥିରେ ମାକ୍‌ଲ୍‌ଟନ୍ ଯିବାକୁ ହେବ ।"

ମୁଣ୍ଡହଲାଇ ମୋ ବନ୍ଧୁ କହିଲେ, "ମୋ ସହକର୍ମୀ ଡାକ୍ତର ଓଆଟ୍‌ସନ୍ କହିବେ ଆମେ ଏଇଲେ କେମିତି କାର୍ଯ୍ୟବ୍ୟସ୍ତ । ଫେରର୍‌ସ୍ ଦଲିଲପତ୍ର କେଶ୍‌ରେ ମୁଁ ନିଯୁକ୍ତ ହୋଇଛି । ପୁଣି ଆବର୍ ଗାଭେନି ହତ୍ୟା ମକଦ୍ଦମାର ବିଚାର ପାଖେଇ ଆସିଲାଣି । ତେଣୁ ଅତି ଗୁରୁତର କେଶ୍ ନହେଲେ ମୁଁ ବର୍ତ୍ତମାନ ଲଣ୍ଡନ ଛାଡ଼ି ଯାଇପାରିବିନାହିଁ ।"

Digitized by srujanika@gmail.com

ଆନନ୍ଦରେ ହାତ ଦୁ'ଟା ଉପରକୁ ଟେକି ଭଦ୍ରଲୋକ କହିଲେ, "ଗୁରୁତର ! ଆପଣ ଡିଉକ ହୋଲଡ଼ର୍‌ନେସ୍‌ଙ୍କ ଏକମାତ୍ର ପୁଅର ହରଣଘଟଣା ବିଷୟରେ କିଛି ଶୁଣିନାହାନ୍ତି ?"

"କ'ଣ କହିଲେ, ଭୂତପୂର୍ବ କ୍ୟାବିନେଟ୍ ମନ୍ତ୍ରୀ ?"

"ହଁ ଆଜ୍ଞା । ଘଟଣାଟା ଖବରକାଗଜକୁ ନଯିବା ପାଇଁ ଆମେ ଚେଷ୍ଟା କରିଥିଲୁ । କିନ୍ତୁ କାଲିରାତି ଗ୍ଲୋବ୍ କାଗଜରେ କିଛି ପ୍ରକାଶିତ ହୋଇଛି । ମୁଁ ଭାବିଲି, ଆପଣ ହୁଏତ ଖବରଟା ପାଇଥିବେ ।"

ହୋମ୍‌ସ ତାଙ୍କ ଲମ୍ବାହାତ ବଢ଼ାଇ ସେଲ୍‌ଫ୍‌ରୁ ଏନ୍‌ସାଇକ୍ଲୋ ପେଡ଼ିଆର ଏଇଚ୍ ଖଣ୍ଡ ଆଣି ପଢ଼ିଲେ. "ହୋଲ୍‌ଡ଼ର୍‌ନେସ୍, ଷଷ୍ଠଡିଉକ୍, କେ, ଜି, ପି. ସି, ଇତ୍ୟାଦି ।' 'ବାରନ୍ ବେଭେର୍‌ଲି, ଆର୍ଲ୍ ଅଫ୍ କାର୍‌ଷ୍ଟନ୍ ।' '୧୯୦୦ ଖ୍ରୀଷ୍ଟାବ୍ଦରୁ ହାଲମ୍‌ସାୟାର୍‌ର ଲର୍ଡ଼ ଲେଫ୍‌ଟ୍‌ନାଣ୍ଟ । ୧୮୮୮ ଖ୍ରୀଷ୍ଟାବ୍ଦରେ ସାର୍ ଚାର୍ଲ୍‌ସ୍ ଆପଲ୍‌ଡୋରଙ୍କ ଝିଅ ଏଡ଼ିଥଙ୍କୁ ବିବାହକଲେ । ପ୍ରାୟ ଦୁଇଶହପଚାଶ ହଜାର ଏକର ଜମିର ମାଲିକ । ଲଙ୍କାସାୟାର୍ ଏବଂ ଉଏଲସ୍‌ରେ ଖଣି ମାଲିକ । ଠିକଣା ହେଲା : କାର୍ଲ୍‌ଟନ୍ ହାଉସ୍ ଟେରାସ୍; ହୋଲ୍‌ଡ଼ର୍‌ନେସ୍ ହଲ୍; ହାଲମ୍‌ସାୟାର; କାରସ୍ଟନ୍ କାସଲ୍, ବାଙ୍ଗର୍, ଉଏଲ୍‌ସ । ୧୮୭୨ରେ ଲର୍ଡ଼ ଅଫ୍ ଆଡ୍‌ମିରାଲିଟି, ରାଜ୍ୟର ଚିଫ୍ ସେକ୍ରେଟାରୀ—।' ରାଜାଙ୍କର ସବୁଠୁ ବଡ଼ ପ୍ରଜାପରି ଜଣାପଡ଼ୁଛନ୍ତି ।"

"ହଁ, ସବୁଠୁ ବଡ଼ ଆଉ ବୋଧହୁଏ ସବୁଠୁ ଧନୀ । ମୁଁ ଜାଣେ ମିଷ୍ଟର୍ ହୋମ୍‌ସ, ଆପଣଙ୍କ ବ୍ୟବସାୟରେ ଆପଣଙ୍କର ଯଥେଷ୍ଟ ଖ୍ୟାତି ଅଛି ଆଉ ଏଭଳି କାମରେ ଆପଣଙ୍କର ଖୁବ୍ ଆଗ୍ରହ । ତା'ଛଡ଼ା ମାନ୍ୟବର ଡିଉକ୍ ଜଣାଇଦେଇଛନ୍ତି, ତାଙ୍କ ପୁଅ କେଉଁଠି ସେ କହିଦେଇପାରିବ ତାକୁ ପାଞ୍ଚହଜାର ପାଉଣ୍ଡର ଏକ ଚେକ ପୁରସ୍କାର ଦେବେ ଏବଂ କିଏ ବା କେଉଁମାନେ ତାକୁ ନେଇ ଯାଇଛନ୍ତି କହିପାରିଲେ ଆଉ ହଜାରେ ପାଉଣ୍ଡ ପୁରସ୍କାର ଦେବେ ।"

"ପୁରସ୍କାରଟା ବେଶ୍ ଆକର୍ଷଣୀୟ । ମୁଁ ଭାବୁଛି ୱାଟ୍‌ସନ୍, ଆମେ ଡକ୍ଟର୍ ହକ୍‌ସ୍‌ଟେବଲ୍‌ଙ୍କ ସାଥିରେ ଉତ୍ତର ଇଂଲଣ୍ଡ ଯିବା! ଏଥର ଡକ୍ଟର ହକସ୍-

Digitized by srujanika@gmail.com

ଟେବୁଲ୍, ଆପଣ ଦୁଧଗ୍ଲାସଟା ପିଇନିଅନ୍ତୁ । ତାପରେ ମତେ କହନ୍ତୁ, କ'ଣ ଘଟିଛି, କେବେ ଘଟିଛି ଆଉ କେମିତି ଘଟିଛି । ଘଟଣା ସହିତ ଆପଣଙ୍କର ସମ୍ପର୍କ କ'ଣ ? ଘଟଣା ଘଟିବାର ତିନିଦିନପରେ ଆପଣ ମୋ ପାଖକୁ ଆସିବାର କାରଣ କ'ଣ ?"

ଆଗନ୍ତୁକ ଦୁଧ ଆଉ ବିସ୍କୁଟ୍ ଖାଇବାପରେ ତାଙ୍କ ଆଖି ଆଉ ମୁହଁ ବେଶ୍ ସତେଜ ଦେଖାଗଲା । ସେ ବେଶ୍ ପରିଷ୍କାରଭାବେ ଘଟଣାଟା କହିବାକୁ ଆରମ୍ଭକଲେ--"ମାକ୍‌ଲ୍‌ଟନ୍ ପାଖ ପ୍ରାଇଭେଟ (ଆବାସି) ସ୍କୁଲର ମୁଁ ସ୍ଥାପୟିତା ଏବଂ ପ୍ରିନ୍‌ସିପାଲ୍ । ପ୍ରାଇଭେଟସ୍କୁଲରେ ଉଚ୍ଚଶିକ୍ଷାପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରାଯାଏ । ହକ୍‌ସ୍ଟେବୁଲ୍‌ଙ୍କ 'ସାଇଡ୍‌ଲାଇଟ୍‌ସ୍ ଅନ୍ ହୋରେସ୍' କହିଲେ ମୋ ନାଁଟା ବୋଧହୁଏ ଆପଣମାନଙ୍କର ମନେପଡ଼ିବ । ସାରା ଇଂଲଣ୍ଡରେ ଏଇ ପ୍ରାଇଭେଟସ୍କୁଲ ନିଃସନ୍ଦେହରେ ସବୁଠୁ ଭଲ । ଲର୍ଡ଼ ଲେଭର୍-ଷ୍ଟୋକ୍ ବ୍ଲାକ୍‌ୱାଟର୍‌ର ଆର୍ଲ, ସାର କାଥ୍‌କାର୍ଟ ସୋମ୍‌ସ୍—ସମସ୍ତେ ତାଙ୍କ ପୁଅଙ୍କୁ ମୋ ଜିମାରେ ଛାଡ଼ିଦେଇଛନ୍ତି । ତିନିସପ୍ତାହ ତଳେ ହୋଲ୍‌ଡ଼ର୍‌ନେସର ଡିଉକ ତାଙ୍କ ସେକ୍ରେଟାରୀ ମିଷ୍ଟର ଜେମ୍‌ସ୍ ୱାଇଲ୍‌ଡର୍‌ଙ୍କ ହାତରେ ଖବର ପଠାଇଲେ ଯେ, ତାଙ୍କର ଏକମାତ୍ର ପୁଅ ଆଉ ଉତ୍ତରାଧିକାରୀ, ଦଶବର୍ଷବୟସ୍କ ଲର୍ଡ଼ ସାଲ୍‌ଟାୟାର୍‌ଙ୍କୁ ମୋ ପାଖରେ ଛାଡ଼ିବେ । ମୁଁ ଭାବିଲି ମୋ ସ୍କୁଲର ଗୌରବ ଚରମସୀମାରେ ପହଞ୍ଚିଗଲା । ଶେଷରେ କିନ୍ତୁ ଏହା ମୋର ଚରମ ଦୁର୍ଭାଗ୍ୟ ହେବ ବୋଲି ମୁଁ ମୋଟେ ଚିନ୍ତାକରିନଥିଲି ।

"ମେ ମାସରୁ ସ୍କୁଲ ଆରମ୍ଭ ହୁଏ । ମେ ମାସ ଏକ ତାରିଖ ଦିନ ବାଳକ ସାଲ୍‌ଟାୟାର୍ ଆସି ପହଞ୍ଚିଲେ । ଭାରି ଚମତ୍କାର ପିଲା ଆଉ ଖୁବ୍ ଶୀଘ୍ର ସେ ଆମର ଚଳଣି ସାଥିରେ ମିଶିଗଲେ । ଆପଣଙ୍କୁ ଗୋଟେ କଥା କହିବି । ବେଶ୍ ବିଚାରକରି ମୁଁ ଏ କଥା କହୁଛି । କାରଣ ଏସବୁ କଥାରେ ସମ୍ପୂର୍ଣ୍ଣ ନିଶ୍ଚିତ ନ ହେବା ନିହାତି ଭୁଲ । ଘରେ ସେ ପୂରା ଖୁସିରେ ନଥିଲେ । ଏକଥା ଜଣାଶୁଣା ଯେ ଡିଉକଙ୍କ ବିବାହିତ ଜୀବନ ସୁଖମୟ ନଥିଲା ଏବଂ ଡିଉକ୍ ଆଉ ତାଙ୍କ ସ୍ତ୍ରୀ ଉଭୟଙ୍କ ସମ୍ମତିରେ ସେମାନେ ଅଲଗା ହୋଇଗଲେ । ତାଙ୍କ ସ୍ତ୍ରୀ ଯାଇ ଦକ୍ଷିଣ ଫ୍ରାନ୍‌ସରେ ରହିଲେ । ଏ ଘଟଣା ଅଳ୍ପ ଦିନତଳେ ଘଟିଥିଲା ଆଉ

Digitized by srujanika@gmail.com

ବାଳକ ସାଲ୍‌ଟାଯ୍ୟାର୍‌ଙ୍କର ମାଆଙ୍କ ପ୍ରତି ଗଭୀର ସହାନୁଭୂତି ଥିବାର ଶୁଣାଯାଏ । ମାଆ ହୋଲ୍‌ଡର୍‌ନେସ୍ ହଲ୍‌ରୁ ଚାଲିଯିବାପରେ ସେ ଖୁବ୍ ଦୁର୍ବଳ ଆଉ ନିସ୍ତେଜ ହୋଇପଡ଼ିଲେ । ସେଇଥିପାଇଁ ଡିଉକ୍ ତାଙ୍କୁ ମୋପାଖକୁ ପଠାଇବାକୁ ମନକଲେ । ପନ୍ଦରଦିନ ଭିତରେ ସେ ଆମ ସାଥିରେ ବେଶ୍ ହସଖୁସିରେ ଚଳିଲେ ।

"ଗଲା ସୋମବାର, ମେ ତେର ତାରିଖ ରାତିରେ ତାଙ୍କର ଶେଷଦେଖା ହୋଇଥିଲା । ତାଙ୍କ କୋଠରି ଦ୍ୱିତୀୟ ମହଲରେ । ସେ ବଖରାକୁ ଯିବାକୁ ହେଲେ ଆଉ ଗୋଟେ ବଡ଼ ବଖରା ଦେଇ ଯିବାକୁ ହେବ । ସେ ବଖରାରେ ଦୁ'ଜଣ ପିଲା ଶୋଇଥିଲେ । ସେମାନେ କିଛି ଦେଖିନାହାନ୍ତି କି ଶୁଣିନାହାନ୍ତି । ତେଣୁ ତରୁଣ ସାଲ୍‌ଟାଯ୍ୟାର୍ ଯେ ସେବାଟେ ଯାଇନାହାନ୍ତି ଏହା ନିଶ୍ଚିତ । ତାଙ୍କ ଘରର ଝରକା ଖୋଲାଥିଲା ଆଉ ତାର ପାଖରେ ଗୋଟେ ଶକ୍ତ ଆଇଭି ଲତା ମାଡ଼ିଥିଲା । ତଳେ ଭୂଇଁରେ ଆମେ କୌଣସି ପାଦଚିହ୍ନ ପାଇଲୁନାହିଁ ବାହାରକୁ ଯିବାପାଇଁ କେବଳ ସେଇ ଗୋଟାକ ବାଟ ସମ୍ଭବ ନିଶ୍ଚୟ ।

"ମଙ୍ଗଳବାର ସକାଳ ସାତଟା ବେଳେ ସେ ନଥିବା ଜଣାଗଲା । ପୂର୍ବ ରାତିରେ ସେ ତାଙ୍କ ବିଛଣାରେ ଶୋଇବାର ଚିହ୍ନଥିଲା । ଯିବା ଆଗରୁ ସେ ତାଙ୍କ ସ୍କୁଲ୍ ପୋଷାକ ଗାଢ଼ ଧୂସର ରଙ୍ଗର ଟ୍ରାଉଜର୍ ଆଉ କଳା ଇଟନ୍ କୁରୁତା ପିନ୍ଧିଛନ୍ତି । ଅନ୍ୟ କେହି ଯେ ଘରଭିତରେ ପଶିଥିବାର କିଛି ଚିହ୍ନନାହିଁ । କିଛି ପାଟିତୁଣ୍ଡ ବା ଗୋଳମାଳ ହୋଇଥିଲେ ଶୁଣାଯାଇଥାନ୍ତା । କାରଣ ପାଖଘରେ ଶୋଇଥିବା ବଡ଼ପିଲା କାଣ୍ଟର୍‌ର ନିଦ ଖାଲି ପତଳା ।

"ଯେତେବେଳେ ଲର୍ଡ ସାଲ୍‌ଟାଯ୍ୟାର୍ ନଥିବା କଥା ଜଣାପଡ଼ିଲା ମୁଁ ସାରା ସ୍କୁଲ୍ ପିଲା, ଶିକ୍ଷକ ଆଉ ଚାକରବାକରମାନଙ୍କ ହାଜିରାନେଲି । ଯେତେବେଳେ ଯାଇ ଜାଣିଲି ଯେ ଲର୍ଡ ସାଲ୍‌ଟାଯ୍ୟାର୍ ଏକା ପାଳି ଯାଇନାହାନ୍ତି । ଜର୍ମାନ ଭାଷା ଶିକ୍ଷକ ହିଡ଼ଗର୍ ମଧ୍ୟ ନଥିଲେ । ତାଙ୍କ କକ୍ଷ ମଧ୍ୟ ଦ୍ୱିତୀୟ ମହଲରେ କିନ୍ତୁ ଆରମୁଣ୍ଡରେ । ତାଙ୍କ ଘରର ମୁହଁ ଯେଉଁଆଡ଼େ ସାଲ୍‌ଟାଯ୍ୟାର୍‌ଙ୍କ ଘରର ମୁହଁ ମଧ୍ୟ ସେଇଆଡ଼େ । ସେ ମଧ୍ୟ ବିଛଣାରେ ଶୋଇଥିଲେ ବୋଲି ଜଣାଗଲା । କିନ୍ତୁ ସେ ଯିବାଆଗରୁ ପୂରା ପୋଷାକ ପିନ୍ଧିନାହାନ୍ତି ।

Digitized by srujanika@gmail.com

କାରଣ ତାଙ୍କ କୁରୁତା ଆଉ ମୋଜା ଘର ଚଟାଣରେ ପଡ଼ିଥିଲା । ସେ ସେଇ ଆଇଭି ଲତାବାଟେ ଓହ୍ଲାଇଛନ୍ତି । ଆମେ ସେଠି ପଡ଼ିଆରେ ତାଙ୍କ ପଦାଚିହ୍ନ ଦେଖିବାକୁ ପାଇଲୁ । ଏଇ ପଡ଼ିଆ ପାଖରେ ଗୋଟେ ମେଲା ଘରେ ତାଙ୍କ ସାଇକଲ ରହେ । ଦେଖିଲୁ ସେଟା ମଧ୍ୟ ନାହିଁ ।

"ସେ ଦୁ'ବର୍ଷହେଲା ମୋପାଖରେ ଥିଲେ ଆଉ ତାଙ୍କ ଚରିତ୍ର ବେଶ୍ ଭଲ । କେବଳ ସେ ବେଶୀ କଥାବାର୍ତ୍ତା କରନ୍ତିନାହିଁ ଆଉ ଟିକିଏ ରୁକ୍ଷଲୋକ । ତେଣୁ ଛାତ୍ର ବା ଶିକ୍ଷକମାନଙ୍କ ପାଖରେ ସେ ସେତେ ପ୍ରିୟ ନୁହନ୍ତି । ପଳାତକ ଦୁ'ଜଣଙ୍କର କିଛି ଖୋଜ ଖବର ମିଳିଲନାହିଁ । ଆଜି ଗୁରୁବାର ହେଲା । ହେଲେ ମଙ୍ଗଳବାରଦିନ ଆମେ ଯେଉଁ ଅନ୍ଧାରରେ ଥିଲୁ ଆଜି ବି ସେଇ ଅନ୍ଧାରରେ । ଆମେ ଅବଶ୍ୟ ହୋଲ୍‌ଡ଼ରନେସ୍ ହଲରେ ଖବର ନେଇଥିଲୁ । ଜାଗାଟା ସ୍କୁଲଠୁଁ ଅଳ୍ପ କେତେ ମାଇଲ ଦୂର । ଆମେ ଭାବିଲୁ ହଠାତ୍ ଘରକଥା ମନେପଡ଼ିଥିବ ଆଉ ସେ ତାଙ୍କ ବାପାଙ୍କ ପାଖକୁ ଚାଲିଯାଇଥିବେ । କିନ୍ତୁ ସେଠି ତାଙ୍କ କଥା କେହି କିଛି ଜାଣନ୍ତିନାହିଁ । ଡିଉକ୍ ବଡ଼ ବିଚଳିତ ହୋଇପଡ଼ିଛନ୍ତି ଆଉ ମୋ କଥା ତ ଆପଣ ନିଜଆଖିରେ ଦେଖିଲେ । ମିଷ୍ଟର୍ ହୋମ୍‌ସ ଆପଣ ଯଦି କେବେ ଆପଣଙ୍କର ସମସ୍ତ ଶକ୍ତି ଖଟାଇବାର ଚାହାନ୍ତି ତେବେ ମୁଁ ଅନୁରୋଧ କରୁଛି, ବର୍ତ୍ତମାନହିଁ କରନ୍ତୁ । ଆପଣଙ୍କ ଜୀବନରେ ହୁଏତ ଆପଣ ଏପରି ଗୋଟେ କେଶ୍ ପାଇବେନାହିଁ ।"

ବିଚରା ସ୍କୁଲ ଶିକ୍ଷକଙ୍କର କାହାଣୀ ସେର୍‌ଲକ୍ ହୋମ୍‌ସ ଖୁବ୍ ଆଗ୍ରହର ସହିତ ଶୁଣିଗଲେ । ତାଙ୍କ ଆଖିପତା ଆଉ କୁଞ୍ଚିତ କପାଳରୁ ଜଣାଗଲା ଯେ, ସମସ୍ୟାଟା ଉପରେ ଏକାଗ୍ର ଧ୍ୟାନ ଦେବାପାଇଁ ତାଙ୍କୁ ପ୍ରବର୍ତ୍ତାଇବା ଦର୍କାର ନାହିଁ । ସମସ୍ୟାଟାରେ ଯଥେଷ୍ଟ ସ୍ୱାର୍ଥ ବ୍ୟତୀତ କେତେକ ଜଟିଳ ଆଉ ଅସାଧାରଣ ଘଟଣାଥିଲା ଆଉ ହୋମ୍‌ସ ତାକୁହିଁ ଭଲପାଆନ୍ତି । ସେ ପକେଟରୁ ନୋଟ୍‌ବୁକ୍ ବାହାରକରି ଗୋଟେ ଦୁ'ଟା କଥା ସଂକ୍ଷେପରେ ଟିପିନେଲେ । ତା'ପରେ ବିରକ୍ତହୋଇ କହିଲେ, "ଆପଣ ଆଗରୁ ମୋ ପାଖକୁ ନଆସି ଖୁବ୍ ଅବହେଳା କରିଛନ୍ତି । ଯଥେଷ୍ଟ ଅସୁବିଧାଭିତରେ ମୋର ଅନୁସନ୍ଧାନ ଆରମ୍ଭକରିବାକୁ ହେବ । ଉଦାହରଣ ସ୍ୱରୂପ ସେଇ ଆଇଭିଲତା ଆଉ

Digitized by srujanika@gmail.com

ପଢ଼ୁଆରୁ ଜଣେ ବିଶେଷଜ୍ଞ ଆଖିରେ ଯେ କିଛି ପଡ଼ିନଥାନ୍ତା ତା ଚିନ୍ତା କରାଯାଇ ପାରେନା ।"

"ଏଥିରେ ମୋର କିଛି ଦୋଷନାହିଁ ମିଷ୍ଟର୍ ହୋମ୍‌ସ । ମାନ୍ୟବର ଡିଉକ୍ ଲୋକାପବାଦକୁ ଏଡ଼େଇବାକୁ ଚାହିଁଲେ । ତାଙ୍କର ଭୟହେଲା, ତାଙ୍କ ପାରିବାରିକ ଅଶାନ୍ତି ପଦାରେ ପଡ଼ିଯିବ ।"

"କିନ୍ତୁ ସରକାରୀ ସ୍ତରରେ କିଛି ଅନୁସନ୍ଧାନ ହୋଇଛି ?"

ହଁ, ଆଜ୍ଞା । କିନ୍ତୁ ଫଳ ବଡ଼ ନୈରାଶ୍ୟଜନକ । ହଠାତ୍ ଗୋଟେ ପ୍ରମାଣ ମିଳିଗଲାପରି ଜଣାଗଲା । ପାଖରଗୋଟେ ଷ୍ଟେସନରୁ ଜଣେ ଯୁବକ ଆଉ ଜଣେ ବାଳକ କୁଆଡ଼େ ଚାଲିଯିବାର ଖବର ମିଳିଲା । କାଲିରାତିରେ ଆମେ ଖବର ପାଇଲୁ ଯେ, ସେ ଦୁଇଜଣଙ୍କୁ ଲିଭର୍‌ପୁଲ୍‌ରେ ଠାବ କରାଗଲା । କିନ୍ତୁ ଦେଖାଗଲା ଏ ଘଟଣା ସହ ତାଙ୍କର କିଛି ସମ୍ପର୍କ ନାହିଁ । ତାପରେ ମୁଁ ବଡ଼ ବିବ୍ରତ ଆଉ ହତାଶ ହୋଇପଡ଼ିଲି । ରାତିସାରା ନିଦହେଲା ନାହିଁ । ବଡ଼ିଭୋର ଟ୍ରେନ୍‌ରେ ସିଧା ଆପଣଙ୍କ ପାଖକୁ ଚାଲିଆସିଲି ।"

"ମୁଁ ଭାବୁଛି, ଏଇ ମିଥ୍ୟା ପ୍ରମାଣ ପଛରେ ଗୋଡ଼ାଇଲାବେଳେ ସ୍ଥାନୀୟ ଅନୁସନ୍ଧାନ ନିଶ୍ଚୟ କିଛିଟା ଢିଲା ହୋଇଯାଇଥିବ ?"

"ପୁରାପୁରିବନ୍ଦ ହୋଇଗଲା ।"

"ତା'ହେଲେ ତିନିଦିନ ଅକାରଣରେ ଗଲା । ଦେଖୁଛି କାମଟା ନହାତ ଭୁଲ୍ ହୋଇଗଲା ।"

"ମୁଁ ସେକଥା ବୁଝୁଛି ଆଉ ମାନୁଛି ମଧ୍ୟ ।"

"ତଥାପି ସମସ୍ୟାଟାର ସମାଧାନ କରାଯାଇପାରେ । ମୁଁ ଖୁସିରେ ଏ ଘଟଣା ଦେଖିବି । ଆଚ୍ଛା, ଏଇ ଜର୍ମାନ୍ ଶିକ୍ଷକ ଆଉ ପିଲା ଭିତରେ କିଛି ସମ୍ପର୍କଥିବାର ଆପଣ ଜାଣିପାରିଛନ୍ତି ?"

"ନା, କିଛି ସମ୍ପର୍କ ନାହିଁ ।"

"ସେ ଏଇ ଶିକ୍ଷକଙ୍କ କ୍ଲାସରେ ପଢ଼ୁଥିଲେ ?"

"ନା । ମୁଁ ଯେତେଦୂର ଜାଣେ ସେ ତାଙ୍କ ସାଥିରେ କେବେହେଲେ ପଦେ କଥାବାର୍ତ୍ତା ବି କରିନାହାନ୍ତି ।"

Digitized by srujanika@gmail.com

"ଏଟା ନିଶ୍ଚୟ ଅତି ଅସାଧାରଣ । ପିଲାଙ୍କର ସାଇକଲ ଥିଲା ?"

"ନା ।"

"ଅନ୍ୟ କୌଣସି ସାଇକଲ ହଜିନାହିଁ ?"

"ନା ।"

"ଏଟା ନିଶ୍ଚିତ ?"

"ହଁ, ନିଶ୍ଚିତ ।"

"ବର୍ତ୍ତମାନ ଦେଖନ୍ତୁ । ଆପଣ କ'ଣ କହିବାକୁ ଚାହାନ୍ତି ଯେ ଏଇ ଜର୍ମାନ୍‌ ଭଦ୍ରଲୋକ ରାତି ଅନ୍ଧାରରେ ପିଲାକୁ କୋଳରେ ଧରି ସାଇକଲ୍‌ରେ ବସି ଚାଲିଗଲେ ?"

"ମୋଟେ ନୁହେଁ ।"

"ତାହେଲେ ଆପଣ ମନେ ମନେ କ'ଣ ଅନୁମାନ କରୁଛନ୍ତି ?"

"ମୁଁ ଭାବୁଛି ସାଇକଲଟା ଖାଲିଗୋଟେ ଧୂଆଁବାଣ । ସେଟାକୁ କେଉଁଠି ଲୁଚାଇଦେଇ ଦି'ଜଣ ଯାକ ଚାଲିଚାଲି ପଳାଇଥିବେ ।"

"ହୁଁ, ତା ହୋଇପାରେ । କିନ୍ତୁ ଏ ପ୍ରକାର ଧୂଆଁ ବାଣଟା ଅସଙ୍ଗତ ମନେ ହେଉଛି, ନା ନୁହେଁ ? ଆଚ୍ଛା ସେଘରେ ଆଉ ସାଇକଲ ଥିଲା ?"

"ଆହୁରି ଅନେକ ।"

"ସେ ସାଇକଲରେ ଚାଲିଯାଇଛନ୍ତିବୋଲି ଧାରଣାଦେବାକୁ ଦି'ଟା ସାଇ-କଲ ନେଇ ଲୁଚାଇଦେଇ ପାରିନଥାନ୍ତେ ?"

"ଭାବୁଛି ପାରିଥାନ୍ତେ ।"

"ନିଶ୍ଚୟ ପାରିଥାନ୍ତେ । ତେଣୁ ଏ ଧୂଆଁବାଣ ଅନୁମାନଟା ଚଳିବନାହିଁ । କିନ୍ତୁ ଅନୁସନ୍ଧାନ ଆରମ୍ଭକରିବା ପାଇଁ ଏ ଘଟଣାଟା ଗୋଟେ ଉପଯୁକ୍ତ ପଏଣ୍ଟ । ଗୋଟେ ସାଇକଲ ଲୁଚାଇଦେବା ବା ନଷ୍ଟକରିଦେବା ଏତେ ସହଜନୁହେଁ । ଆଉ ଗୋଟେ ପ୍ରଶ୍ନ । ବାଳକ ନିଖୋଜ ହେବା ପୂର୍ବଦିନ କେହି ତାଙ୍କୁ ଦେଖାକରିବାକୁ ଆସିଥିଲା ?"

"ନା ।"

"ତାଙ୍କ ପାଖକୁ କିଛି ଚିଠି ଆସିଥିଲା ?"

Digitized by srujanika@gmail.com

"ହଁ, ଗୋଟେ ଚିଠି ।"

"କାହାପାଖରୁ ?"

"ତାଙ୍କ ବାପାଙ୍କ ପାଖରୁ ।"

"ଆପଣ ପିଲମାନଙ୍କ ଚିଠି ଖୋଲନ୍ତି ?"

"ନା ।"

"ତେବେ ତାଙ୍କ ବାପାଙ୍କପାଖରୁ ଚିଠି ଆସିଥିଲା ବୋଲି ଜାଣିଲେ କେମିତି ?"

"ଲଫାଫା ଉପରେ ତାଙ୍କ ମୋହର ସଙ୍କେତଥିଲା ଆଉ ଠିକଣାଟା ଡିଉକ୍‌ଙ୍କ ନିଜ ହାତଲେଖା । ତା'ଛଡ଼ା ଚିଠି ଲେଖିବା କଥା ଡିଉକ୍ ନିଜେ ମଧ୍ୟ କହୁଛନ୍ତି ।"

"ତା ଆଗରୁ ତାଙ୍କ ପାଖକୁ କେବେ ଚିଠି ଆସିଥିଲା ?"

"ବହୁତ ଦିନଧରି ଆସିନଥିଲା ।"

"ଫ୍ରାନ୍‌ସରୁ କେବେ ତାଙ୍କ ପାଖକୁ ଚିଠିଆସିଥିଲା ?"

"ନା, କେବେ ନୁହେଁ ।"

"ଆପଣ ମୋ ପ୍ରଶ୍ନର ଉଦ୍ଦେଶ୍ୟ ବୁଝିପାରୁଥିବେ । ଏଇ ବାଲକଙ୍କୁ ଜୋର୍‌କରି ନିଆଯାଇଛି କିମ୍ବା ସେ ନିଜ ଇଚ୍ଛାରେ ଚାଲିଯାଇଛନ୍ତି । ଯଦି ଦ୍ୱିତୀୟଟା ସତ ହୋଇଥାଏ ତେବେ ଆପଣ ନିଶ୍ଚୟ ସନ୍ଦେହକରିବେ ଯେ ବାହାରୁ କେହି ତାଙ୍କୁ ପ୍ରବର୍ତ୍ତାଇଛି । ତା ନହେଲେ ଏତେ ଗ୍ରେଟପିଲା ଏ କାମ କରିନଥାନ୍ତେ । ଯଦି କେହି ତାଙ୍କସାଥିରେ ଦେଖାକରିବାକୁ ଆସି ନାହାନ୍ତି ତେବେ ଏ ପ୍ରରୋଚନା ନିଶ୍ଚୟ ଚିଠିଆକାରରେ ଆସିଥିବ । ତେଣୁ ମୁଁ ଜାଣିବାକୁ ଚାହେଁ, କେଉଁମାନେ ତାଙ୍କ ପାଖକୁ ଚିଠି ଦିଅନ୍ତି ।"

"ଏ ବାବଦରେ ମୁଁ ଆପଣଙ୍କୁ ବିଶେଷ ସାହାଯ୍ୟ କରିପାରିବି ନାହିଁ । ମୁଁ ଯେତେଦୂରଜାଣେ, କେବଳ ତାଙ୍କ ବାପା ତାଙ୍କପାଖକୁ ଚିଠିପତ୍ର ଦିଅନ୍ତି ।"

"ଆଉ ଯେ ନିଖୋଜ ହେବାଦିନ ସେଇ ତାଙ୍କପାଖକୁ ଚିଠି ଲେଖିଥିଲେ । ଆଚ୍ଛା, ବାପ ପୁଅଙ୍କ ଭିତରେ ଭଲ ସମ୍ପର୍କ ଥିଲା ?"

Digitized by srujanika@gmail.com

"ମାନ୍ୟବର ଡିଉକ୍ ପ୍ରାୟ କାହାର ସାଥିରେ ଭଲରେ କଥାବାର୍ତ୍ତା କରନ୍ତନାହିଁ । ସେ ସବୁବେଳେ ରାଜ୍ୟର ହାଲ୍‌ଚାଲ୍‌ରେ ବ୍ୟସ୍ତ । ସାଧାରଣ ଭାବ ପ୍ରବଣତା ତାଙ୍କୁ ଛୁଇଁନାହିଁ । କିନ୍ତୁ ପୁଅପ୍ରତି ସେ ଯେ କୌଣସି ବାପପରି ସବୁବେଳେ ଦୟାଳୁ ।"

"କିନ୍ତୁ ପୁଅର ମାଆଙ୍କପ୍ରତି ଅଧିକ ସ୍ନେହ ?"

"ହଁ ।"

"ସେ ଏକଥା କହୁଥିଲେ ?"

"ନା ।"

"ତାହେଲେ ଡିଉକ୍ କହୁଥିଲେ ?"

"ନା, ନା, ମୋଟେ ନୁହେଁ ।"

"ତେବେ ଆପଣ ଜାଣିଲେ କେମିତି ?"

"ଥରେ ମାନ୍ୟବର ଡିଉକ୍‌ଙ୍କ ସେକ୍ରେଟାରୀ ଜେମ୍‌ସ୍ ୱାଇଲ୍‌ଡ଼ର୍‌ଙ୍କ ସାଥିରେ ମୋର କେତେକ ଗୁପ୍ତକଥାବାର୍ତ୍ତା ହୋଇଥିଲା । ଲର୍ଡ ସାଲ୍‌ଟାୟର୍‌ଙ୍କ ବିଷୟରେ ଏ ଖବରଟା ମୁଁ ତାଙ୍କଠାରୁ ପାଇଥିଲି ।"

"ଆଚ୍ଛା ! ହଁ, ଡିଉକ୍‌ଙ୍କର ଏଇ ଶେଷଚିଠିଟା—ବାଳକ ଚାଲିଯିବାପରେ ସେଟା ତାଙ୍କ ରୁମ୍‌ରୁ ମିଳିଲା ?"

"ନା, ଚିଠିଟା ସେ ସାଥିରେ ନେଇଯାଇଛନ୍ତି । ଆମେ ଏଥର ଇଉଷ୍ଟନ୍ ଷ୍ଟେସନ୍‌କୁ ଯିବାବେଳ ହୋଇଗଲାଣି ବୋଧହୁଏ ମିଷ୍ଟର୍ ହୋମ୍‌ସ ?"

"ମୁଁ ଗୋଟେ ଗାଡ଼ି ମଗାଉଛି । ପନ୍ଦରମିନିଟ୍ ଭିତରେ ଆମେ ଆପଣଙ୍କ କାମରେ ବାହାରିପଡ଼ିବୁ । ଆପଣ ଯଦି ଘରକୁ ଟେଲିଗ୍ରାମ୍ କରିବେ ତେବେ ଲିଭର୍‌ପୁଲ୍ ବା ଅନ୍ୟକେଉଁଠି ଅନୁସନ୍ଧାନ ଚାଲିଛିବୋଲି ସମସ୍ତଙ୍କୁ ଧାରଣା ଦେଇଦେବେ । ଏ ଭିତରେ ମୁଁ ଆପଣଙ୍କ ସେଠି ନିରୋଳାରେ କେତେଟା କାମକରିବି । ମୋର ଆଶା ଯଦିବା ଗନ୍ଧଟା ପୁରୁଣାହୋଇଗଲାଣି ତଥାପି ୱାଟ୍‌ସନ୍ ଆଉ ମୋ'ପରି ଦ'ଟା ଶିକାରୀ କୁକୁର ନିଶ୍ଚୟ ତାକୁ ପାଇପାରିବେ ।"

ସେଦିନ ସନ୍ଧ୍ୟାରେ ଆମେ ଡକ୍ଟର୍ ହକ୍‌ସ୍‌ଟେବ୍‌ଲ୍‌ଙ୍କ ସ୍କୁଲରେ ପହଞ୍ଚିଲୁ । ସେତେବେଳକୁ ଅନ୍ଧାର ହୋଇଯାଇଥାଏ । ତାଙ୍କ ବାଟଘର ଟେବୁଲ ଉପରେ

Digitized by srujanika@gmail.com

ଖଣ୍ଡେ କାର୍ଡ ଥୁଆହୋଇଥିଲା ଆଉ ଗୃହକର୍ତ୍ତା ଆସି ଭୂମିକର ତାଙ୍କୁ କ'ଣ କହିଲା । ସେ ଟିକିଏ ବିଚଳିତ ହୋଇ କହିଲେ, "ଡିଉକ୍ ଆଉ ମିଷ୍ଟର୍ ଉଆଇଲ୍‌ଡର୍ ପଢ଼ା ଘରେ ଅପେକ୍ଷା କରିଛନ୍ତି । ଆସନ୍ତୁ, ମୁଁ ତାଙ୍କ ସାଥିରେ ଆପଣମାନଙ୍କର ପରିଚୟ କରାଇଦେବି ।

ମୁଁ ଅବଶ୍ୟ ଏଇ ବିଖ୍ୟାତ ସମ୍ଭ୍ରାନ୍ତ ଲୋକଙ୍କ ଫଟୋ ସାଥିରେ ବେଶ୍ ପରିଚିତ ଥିଲି । କିନ୍ତୁ ଭଦ୍ରଲୋକ ନିଜେ ତାଙ୍କ ଫଟୋଠାରୁ ଢେର୍ ଅଲଗା । ବେଶ୍ ଡେଙ୍ଗା ଆଉ ସୁନ୍ଦର ଚେହେରା । ପୋଷାକପତ୍ର ଉଚ୍ଚକୋଟୀର । ସରୁ ଧାର ମୁହଁ ଆଉ ଲମ୍ବା ନାକ । ଦେହର ରଙ୍ଗରକ୍ତହୀନ ଶେତା । ମୁହଁର ନାଲି ଦାଢ଼ି ଦେହ ରଙ୍ଗର ଠିକ୍ ବିପରୀତ । ଘର ମଝିରେ ବସିଥିଲେ । ଆମ ଆଡ଼େ କେମିତି ରୁକ୍ଷଭାବରେ ଚାହିଁଲେ । ତାଙ୍କ ପାଖରେ ଜଣେ ଯୁବକ ଠିଆ ହୋଇ-ଥିଲେ । ସେ ତାଙ୍କ ଘରୋଇ ସେକ୍ରେଟାରୀ ଉଆଇଲ୍‌ଡର ବୋଲି ଜାଣିବାରେ କିଛି ସନ୍ଦେହ ନଥିଲା । ସେ ଟିକିଏ ଖ୍ରେଟ କିନ୍ତୁ ନୀଳ ଆଖି ଦି'ଟାରୁ ଜାଣିହେଲା ସେ ବେଶ୍ ଚାଲାକ୍ ଚତୁର । ସେ ପ୍ରଥମେ କଥାବାର୍ତ୍ତା ଆରମ୍ଭ କଲେ ।

"ମୁଁ ଆଜି ସକାଳେ ଟିକିଏ ଡେରିରେ ଆସିଥିଲି ଡକ୍ଟର ହକ୍‌ସ୍‌ଟେବୁଲ୍ । ଆପଣଙ୍କୁ ଲଣ୍ଡନ ଯିବା ପାଇଁ ବାରଣ କରିବାକୁ । ଶୁଣିଲି ଏ ଘଟଣାର ଅନୁସନ୍ଧାନ କରିବାପାଇଁ ମିଷ୍ଟର୍ ଶେର୍‌ଲକ ହୋମ୍‌ସଙ୍କୁ ଡାକିବାକୁ ଆପଣ ଯାଇଛନ୍ତି । ଆପଣ ମାନ୍ୟବର ଡିଉକ୍‌ଙ୍କ ସାଥିରେ ପରାମର୍ଶ ନ କରି ଏ ପଦ-କ୍ଷେପ ନେଇଥିବାରୁ ମାନ୍ୟବର ଡିଉକ୍ ଖୁବ୍ ବିସ୍ମିତ ।"

"ମୁଁ ଯେତେବେଳେ ଜାଣିଲି ପୋଲିସ୍ ଅସଫଳ ହେଲେ—।"

"ପୋଲିସ୍ ଅସଫଳ ହେଲେ ବୋଲି ମାନ୍ୟବର ଡିଉକ୍ ଭାବୁନାହାନ୍ତି ।"

"କିନ୍ତୁ ମିଷ୍ଟର ଉଆଇଲ୍‌ଡର୍—।"

"ଆପଣ ଭଲଭାବେ ଜାଣନ୍ତି ଡକ୍ଟର ହକ୍‌ସ୍‌ଟେବୁଲ୍, ମାନ୍ୟବର ଡିଉକ୍ ଏ ଘଟଣାରେ ଲୋକାପବାଦକୁ ଏଡ଼େଇବାକୁ ବ୍ୟଗ୍ର । ତେଣୁ ସେ ଚାହାନ୍ତି ଏ ଘଟଣା ଖୁବ କମ୍ ଲୋକ ଭିତରେ ରହୁ ।"

ଚମକିତ ଡକ୍ଟର ଉତ୍ତର ଦେଲେ, "ଘଟଣାଟା ସୁଧାରି ନେଇହେବ । କାଲି ସକାଳ ଟ୍ରେନ୍‌ରେ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ଲଣ୍ଡନ ଫେରିଯାଇପାରିବେ ।"

Digitized by srujanika@gmail.com

ହୋମ୍‌ସ ତାଙ୍କ ଚିରପରିଚିତ କୋମଳ ଭାଷାରେ କହିଲେ, "ମୋଟେ ନୁହେଁ ଡକ୍ଟର ମୋଟେ ନୁହେଁ । ଉତ୍ତରାଞ୍ଚଳରେ ଏ ପବନ ବଡ଼ ଆମୋଦ-ଦାୟକ ଆଉ ସ୍ୱାସ୍ଥ୍ୟକର । ଏଠି କିଛିଦିନ ରହି ମନ ଖୁସି କରିବାକୁ ମୁଁ ଠିକ୍ କରିଛି । ମୁଁ ଆପଣଙ୍କ ପାଖରେ ରହିବି କି ଗାଁର କୌଣସି ହୋଟେଲ୍‌ରେ ରହିବି, ସେ କଥା ଆପଣ ଠିକ୍ କରିବେ ।"

ଦେଖିଲି ହତଭାଗା ଡକ୍ଟର୍ ବିଚରା କିଛି ଠିକ୍ କରି ନପାରି ଇତସ୍ତତଃ ହେଉଛନ୍ତି । ଯାହାହେଉ, ନିଜେ ମାନ୍ୟବର ଡିଉକ୍ ତାଙ୍କୁ ରକ୍ଷାକଲେ । ଗମ୍ଭୀର ସ୍ୱରରେ ସେ କହିଲେ, 'ଦେଖନ୍ତୁ ଡକ୍ଟର ହକ୍‌ସ୍‌ଟେବ୍‌ଲ୍, ମିଷ୍ଟର୍ ୱାଇଲ୍‌ଡରଙ୍କ୍ କଥାରେ ମୁଁ ଏକମତ ଯେ ଆପଣ ମୋ ସହିତ ପରାମର୍ଶ କରିଥିଲେ ଭଲ ହୋଇଥାଆନ୍ତା । ତେବେ ଆପଣ ଯେତେବେଳେ ବାଧ୍ୟ ହୋଇ ମିଷ୍ଟର୍ ହୋମ୍‌ସଙ୍କୁ ସବୁକଥା ଜଣାଇଛନ୍ତି, ଆମେ ତାଙ୍କର ସାହାଯ୍ୟ ନ ନେବାଟା ଅସଙ୍ଗତ ହେବ । ଆପଣଙ୍କର କୌଣସି ହୋଟେଲକୁ ଯିବା ଦର୍କାର ନାହିଁ ମିଷ୍ଟର ହୋମ୍‌ସ । ଆପଣ ବରଂ ହୋଲଡରନେସ୍ ହଲରେ ମୋ ପାଖରେ ରହିଲେ ମୁଁ ଖୁସି ହେବି ।"

"ଧନ୍ୟବାଦ ଆଜ୍ଞା । କିନ୍ତୁ ମୋ ଅନୁସନ୍ଧାନ ପାଇଁ ମୁଁ ଘଟଣାଟା ଘଟିଥିବା ଜାଗାରେ ରହିଲେ ସୁବିଧା ହେବ ।"

"ଯାହା ଆପଣଙ୍କ ଇଚ୍ଛା । ମିଷ୍ଟର୍ ୱାଇଲ୍‌ଡର କିମ୍ବା ମୋଠାରୁ କିଛି ଖବର ଜାଣିବାର ହେଲେ ଆପଣ ଯେ କୌଣସି ସମୟରେ ପାଇପାରିବେ ।"

"ଆପଣଙ୍କ ସାଥିରେ ଦେଖାକରିବା ମୋର ବୋଧହୁଏ ଦର୍କାର ହେବ । ଏବେ ମୁଁ ଆପଣଙ୍କୁ କେବଳ ଗୋଟେ ପ୍ରଶ୍ନ ପଚାରୁଛି । ଆପଣଙ୍କ ପୁଅ ଏମିତି ରହସ୍ୟଜନକଭାବେ ଅନ୍ତର୍ଦ୍ଧାନ ହେବା ବିଷୟରେ ଆପଣ କିଛି ଅନୁମାନ କରିଛନ୍ତି ?"

"ନା"

"ମୋତେ କ୍ଷମାକରିବେ ଆଜ୍ଞା । ମୋ ପ୍ରଶ୍ନ ହୁଏତ ଆପଣଙ୍କ ମନରେ କଷ୍ଟ ଦେଇପାରେ । ତଥାପି ମୁଁ ନିରୁପାୟ । ଆପଣ କ'ଣ ଭାବୁଛନ୍ତି, ଏ ଘଟଣାରେ ମାନନୀୟା ଡଚେସ୍ (ଡିଉକ୍ ପତ୍ନୀ)ଙ୍କର କିଛି ହାତ ଥାଇପାରେ ?"

Digitized by srujanika@gmail.com

ମାନ୍ୟବର ଡିଉକ୍ ଖୁବ୍ କୁଣ୍ଠାବୋଧ କଲପରି ଜଣାଗଲା । ଶେଷରେ ସେ କହିଲେ, "ନା, ସେକଥା ମୁଁ ମୋଟେ ଭାବୁନାହିଁ ।"

"ତା ହେଲେ ଆଉ ଗୋଟେ କଥା ସମ୍ଭବ ହୋଇପାରେ । କେହି ଆପଣଙ୍କ ଠାରୁ ଅର୍ଥ ଆଦାୟ କରିବାପାଇଁ ଆପଣଙ୍କ ପୁଅକୁ ହରଣଚାଲ କରିନେଇଥାଇ-ପାରେ । ଏ ଭିତରେ ଆପଣ କାହାରି ପାଖରୁ ସେମିତି କିଛି ଦାବିପତ୍ର ପାଇଛନ୍ତି ?"

"ନା ।"

"ଆଉ ଗୋଟେ ପ୍ରଶ୍ନ ଅଛି । ଜାଣିବାକୁ ପାଇଲି, ଏ ଘଟଣା ଘଟିଲା ଦିନ ଆପଣ ଆପଣଙ୍କ ପୁଅଙ୍କ ପାଖକୁ ଚିଠି ଲେଖିଥିଲେ ?"

"ନା, ତା ପୂର୍ବଦିନ ଲେଖିଥିଲି ।"

"ଠିକ । କିନ୍ତୁ ସେ ଘଟଣା ଦିନ ସେ'ଟା ପାଇଲେ ?"

"ହଁ ।"

"ସ୍କୁଲ ଛାଡ଼ି ଚାଲିଆସିବାକୁ ପ୍ରବର୍ତ୍ତାଇଲା ଭଳି ସେଥିରେ କିଛି ଲେଖା ଥିଲା ?"

"ନା, ମୋଟେ ନୁହେଁ ।"

"ଆପଣ ନିଜେ ଚିଠିଟା ଡାକ ବ୍ୟାଗ୍‌ରେ ପକାଇଥିଲେ ?"

ଡିଉକଙ୍କ କଥାରେ ବାଧାଦେଇ ତାଙ୍କ ସେକ୍ରେଟାରୀ ଟିକିଏ ରାଗିଯାଇ କହିଲେ, "ଚିଠିପତ୍ର ଡାକରେ ଦେବା ମାନ୍ୟବର ଡିଉକଙ୍କ କାମ ନୁହେଁ । ସେ ଚିଠିଟା ଅନ୍ୟ ଚିଠି ସାଥିରେ ଟେବୁଲ ଉପରେ ଥିଲା । ମୁଁ ନିଜେ ନେଇ ଡାକ ବ୍ୟାଗ୍‌ରେ ଦେଇଛି ।"

"ଅନ୍ୟ ଚିଠି ସାଥିରେ ଏ ଚିଠିଟା ଥିଲାବୋଲି ଆପଣ ନିଶ୍ଚିତ ?"

"ହଁ, ମୁଁ ଭଲଭାବେ ସେ'ଟା ଲକ୍ଷ୍ୟ କରିଛି ।"

"ସେଦିନ ଆପଣ କେତେ ଖଣ୍ଡ ଚିଠି ଲେଖିଥିଲେ ?"

"କୋଡ଼ିଏ ତିରିଶ ଖଣ୍ଡ ହେବ । ମୋତେ ଅନେକ ଚିଠି ଲେଖିବାକୁ ହୁଏ । କିନ୍ତୁ ଏ ସବୁ କଥା ନିଶ୍ଚୟ ଅପ୍ରାସଙ୍ଗିକ ?"

"ପୁରାପୁରି ଅପ୍ରାସଙ୍ଗିକ ନୁହେଁ ।"

Digitized by srujanika@gmail.com

"ଦେଖନ୍ତୁ, ମୋ ତରଫରୁ ମୁଁ ପୋଲିସ୍‌କୁ ଦକ୍ଷିଣ ଫ୍ରାନ୍‌ସ ଆଡ଼େ ଧ୍ୟାନ ଦେବାକୁ ଉପଦେଶ ଦେଇଛି । ମୁଁ ତ କହୁଛି, ଏପରି ଗୋଟେ କାମ କରିବା ପାଇଁ ଡଚେସ କେବେ ପ୍ରରୋଚନା ଦେଇ ନଥିବେ । କିନ୍ତୁ ପିଲା ମନ । ତେଣୁ ଏଇ ଜର୍ମାନ ଶିକ୍ଷକଙ୍କ ସାହାଯ୍ୟରେ ସେ ପଳାଇ ଯାଇଥିବା ସମ୍ଭବ । ଏଥର ଆମେ ଫେରିଯିବୁ ଡକ୍ଟର ହକ୍‌ସଟେବଲ୍ ।"

ଦେଖିଲି ଆଉ କିଛି ପ୍ରଶ୍ନ ପଚାରିବା ପାଇଁ ହୋମ୍‌ସଙ୍କର ମନଥିଲା । କିନ୍ତୁ ହଠାତ୍ ଡିଉକ୍ ଏକଥା କହିବାରେ ଜଣାଗଲା କଥାବାର୍ତ୍ତା ଶେଷ ହେଲା । ଜଣେ ଅପରିଚିତ ଲୋକ ସାଥିରେ ନିଜ ପରିବାରର ଘଟଣା ସବୁ ଆଲୋଚନା କରିବା ତାଙ୍କ ସମ୍ଭ୍ରାନ୍ତ ରୁଚିର ବିରୁଦ୍ଧ ବୋଲି ଜଣାଗଲା । ଅଧିକ ପ୍ରଶ୍ନ ପଚରାଗଲେ ତାଙ୍କ ଡିଉକ୍ ଜୀବନର ଗୋପନ କଥା ପଦାରେ ପଡ଼ିଯାଇ ପାରେ ବୋଲି ସେ ଭୟ କଲେ ।

ମାନ୍ୟବର ଡିଉକ୍ ଆଉ ତାଙ୍କ ସେକ୍ରେଟାରୀ ଚାଲିଯିବା ପରେ ମୋ ବନ୍ଧୁ ଖୁବ୍ ବ୍ୟଗ୍ରହୋଇ ତାଙ୍କର ଅନୁସନ୍ଧାନ କାମ ଆରମ୍ଭ କରିଦେଲେ । ବାଳକଙ୍କ କୋଠରି ଠିକଣଣି ପରୀକ୍ଷା କରାଗଲା । କିନ୍ତୁ କିଛି ଫଳ ମିଳିଲା ନାହିଁ । କେବଳ ଏତିକି ଜଣାଗଲା ଯେ ଝରକାବାଟେ ସେ ଯାଇଥିବା ନିଶ୍ଚିତ । ଜର୍ମାନ ଶିକ୍ଷକଙ୍କ କୋଠରି ଏବଂ ଜିନିଷପତ୍ରରୁ ଆଉ କିଛି ସୂତ୍ର ମିଳିଲା ନାହିଁ । ତାଙ୍କ ବିଷୟରେ ଏତିକି ଜାଣିଲୁ ଯେ ତାଙ୍କ ଭରା ସହି ନ ପାରି ଆଇଭିଲ୍ ଡାଳ ଗୋଟେ ତଳକୁ ଛିଣ୍ଡି ଯାଇଥିଲା । ଗୋଟେ ଲଣ୍ଠନ ଆଲୁଅରେ ସେ ଓହ୍ଲାଇଥିବା ଜାଗାରେ ତାଙ୍କ ଗୋଇଠିର ଚିହ୍ନ ଦେଖିପାରିଲୁ । ଗ୍ରୀନ୍ ଶାଗୁଆ ଘାସ ଉପରେ ସେଇ ସଙ୍କେତ କେବଳ ତାଙ୍କ ପଳାଇବାର ପ୍ରମାଣ ।

ସେର୍‌ଲକ୍ ହୋମ୍‌ସ ଏକା ଏକା ଘରୁ ବାହାରିଗଲେ । ଫେରିଲେ ଏଗାରଟା ପରେ । ଗୋଟେ ନଳୀ ଭିତରେ ସେ ଅଞ୍ଚଳର ଗୋଟେ ବଡ଼ ମାନଚିତ୍ର କେଉଁଠୁ ଯୋଗାଡ଼ କରି ଆଣିଥିଲେ । ସେଇଟା ସେ ମୋ ରୁମ୍‌କୁ ଆଣି ଖଟ ଉପରେ ଖୋଲି ବିଛାଇଦେଲେ । ଆଲୁଅଟା ଠିକ୍ ତା ମଝିରେ ପକାଇ ପାଇପ୍ ଟାଣିବାରେ ଲାଗିଲେ । ବେଳେବେଳେ ତା ଭିତରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ପାଇପ୍‌ରେ ଠାରି ଦେଖାଉଥା'ନ୍ତି ।

Digitized by srujanika@gmail.com

ସେ କହିଲେ, "କେଶ୍‌ଟାରେ ମୋର ଆଗ୍ରହ ଖୁବ୍ ବଢ଼ିଯାଇଛି ଡ଼ଆଟ୍‌ସନ୍। ଏଥିରେ ନିଶ୍ଚୟ କେତେଗୁଡ଼ାଏ କୌତୂହଳପୂର୍ଣ୍ଣ ପଏଣ୍ଟ୍ ଅଛି। ବର୍ତ୍ତମାନ ଅନୁସନ୍ଧାନ ଆରମ୍ଭ। ଏଇ କେତେଗୁଡ଼ାଏ ଭୌଗଳିକ ଜିନିଷ ଜାଣିରଖ। ଆମର ଅନୁସନ୍ଧାନରେ ଏ ସବୁ ଖୁବ୍ କାମ ଦେବ।"

"ଏଇ ମାନଚିତ୍ରଟାକୁ ଦେଖ। ଏଇ କଳା ବର୍ଗାକାର କ୍ଷେତ୍ର ହେଲା ପ୍ରାୟୋରି ସ୍କୁଲ୍। ମୁଁ ସ୍ୱା'ଉପରେ ଗୋଟେ ପିନ୍ ମାରି ଦେଉଛି। ଏଇ ଗାରଟା ହେଲା ପ୍ରଧାନ ରାସ୍ତା। ଏଇ ଦେଖ ସ୍କୁଲ୍ ପାଖଦେଇ ପୂର୍ବ ପଶ୍ଚିମକୁ ଲମ୍ବିଛି। ତୁମେ ଆଉ ବି ଦେଖି ପାରୁଥିବ, ସ୍କୁଲର ଏ ପାଖେ ସେପାଖେ ପ୍ରାୟ ମାଇଲ୍‌ଏଯାଏ ଏ ରାସ୍ତାରୁ କୌଣସି ରାସ୍ତା ବାହାରି କୌଣସି କଡ଼କୁ ଯାଇନାହିଁ। ଏ ଦୁଇଜଣ ଯଦି ସଡ଼କରେ ଯାଇଥା'ନ୍ତି ତା ହେଲେ ନିଶ୍ଚୟ ଏଇ ରାସ୍ତାରେ ଯାଇଥିବେ।"

"ବିଲ୍‌କୁଲ୍ ଠିକ୍।"

"ଭାଗ୍ୟକୁ ଘଟଣାଦିନ ରାତିରେ ଏଇ ରାସ୍ତାରେ କିଏ ଯାଇଛି କି ନାହିଁ ଜାଣିବା ପାଇଁ ଆମକୁ ଗୋଟେ ଅପ୍ରତ୍ୟାଶିତ ସୁବିଧା ମିଳିଯାଇଛି। ଏଇ ଜାଗାରେ, ଯେଉଁଠି ମୁଁ ମୋ ପାଇପ୍ ରଖିଛି, ଜଣେ କନେଷ୍ଟବଲ୍ ରାତି ବାରଟାରୁ ସକାଳ ଛଅଟାଯାଏଁ ଡିଉଟିରେ ଥିଲା। ତୁମେ ଦେଖୁଛ ତ, ପୂର୍ବ ପାଖରେ ପ୍ରଥମ ଶାଖା ରାସ୍ତା ଏଇଠୁ ବାହାରିଛି। କନେଷ୍ଟବଲ୍ ଜଣକ କହୁଛି, ସେ ତା ଜାଗାରୁ ମୁହୂର୍ତ୍ତିକ ପାଇଁ ବି କୁଆଡ଼େ ଯାଇ ନାହିଁ ଆଉ ସେ ନିଶ୍ଚିତ ଯେ କେହି ପିଲା ବା ଲୋକ ତା ଅଜଣାରେ ସେବାଟେ କେବେ ଯାଇପାରି ନଥିବ। ମୁଁ ସେ କନେଷ୍ଟବଲ ସାଥିରେ କଥାବାର୍ତ୍ତା କରିଛି। ତା କଥାରେ ପୂରା ବିଶ୍ୱାସ କରାଯାଇପାରେ। ତେଣୁ ଏ ପୂର୍ବ ପାଖର ପ୍ରଶ୍ନ ଆଉ ନାହିଁ। ଏଥର ଆମେ ପଶ୍ଚିମ ଦିଗ କଥା ଦେଖିବା। ଏଇଠି 'ରେଡ୍ ବୁଲ୍' ବୋଲି ଗୋଟେ ହୋଟେଲ୍ ଅଛି। ତାର ମାଲିକାଣୀ ବେମାର ପଡ଼ିଥିଲେ। ସେ ମାକ୍‌ଲ୍‌ଟନ୍‌ରୁ ଜଣେ ଡାକ୍ତରଙ୍କୁ ଡକାଇଥିଲେ। କିନ୍ତୁ ଡାକ୍ତର ଅନ୍ୟ କେଶ୍‌ରେ ବ୍ୟସ୍ତ ରହିଯାଇଥିବାରୁ ସକାଳ ସୁଦ୍ଧା ଆସି ପାରିନଥିଲେ। ହୋଟେଲ୍‌ରେ ଥିବା ଲୋକେ ତାଙ୍କୁ ଅପେକ୍ଷା କରି ରାତି ସାରା ଜଗି ରହିଥିଲେ। ତାଙ୍କ ଭିତରୁ

Digitized by srujanika@gmail.com

କେହି ନା କେହି ବରାବର ରାସ୍ତା ଉପରେ ଦୃଷ୍ଟି ରଖିଛି । ସେମାନେ କହୁଛନ୍ତି ଯେ ସେ ରାସ୍ତାରେ କେହି ଯାଇନାହିଁ । ତାଙ୍କ ସାକ୍ଷ୍ୟ ଯଦି ଠିକ୍ ହୁଏ ତେବେ ପଶ୍ଚିମ ପାଖ ମଧ ଆମ ଭାଗ୍ୟକୁ ବନ୍ଦ ଆଉ ଆମେ ନିଶ୍ଚିତଭାବେ କହିପାରିବା ଯେ ପଳାତକମାନେ ରାସ୍ତା ଉପରେ ମୋଟେ ଯାଇନାହାନ୍ତି ।"

ମୁଁ ଆପତ୍ତି କଲି, "କିନ୍ତୁ ମାଇକଲ୍ଟା ?"

"ତା ଅବଶ୍ୟ ସତ । ଆମେ ପରେ ସାଇକଲ୍ କଥା ବିଚାର କରିବା । ବର୍ତ୍ତମାନ ଆମ ମୁକ୍ତିକୁ ଆସ । ଏମାନେ ଯଦି ସଡ଼କରେ ଯାଇନାହାନ୍ତି ତେବେ ସ୍କୁଲ ଘରର ଦକ୍ଷିଣକୁ ବା ଉତ୍ତରକୁ ନିଶ୍ଚୟ ଯାଇଥିବେ । ଆମେ ସେ ଦୁଇ ଦିଗର ସମ୍ଭାବନା ତୁଳନା କରି ଦେଖିବା । ସ୍କୁଲ ଘରର ଦକ୍ଷିଣ ପାଖରେ ଅନେକ ଦୂରଯାଏ ଗୃହଜମି, ଛୋଟ ଛୋଟ କିଆରିରେ ବିଭକ୍ତ । ତା ମଝିରେ ପଥର କାନ୍ଥ ସବୁ ରହିଛି । ସେଠି ସାଇକଲ୍ ଯିବା ଅସମ୍ଭବ । ତେଣୁ ସେ ପାଖଟାକୁ ଆମେ ବାଦ୍ ଦେଇପାରିବା । ଏଥର ଉତ୍ତର ଦିଗଟା ଦେଖିବା । ଏଇଠି କେତେଗୁଡ଼ାଏ ଗଛର ଏକ ତୋଟା । ତା ନାଁ 'ରାଗଡ୍ ସ' । ତା ଆଗକୁ ସନ୍ତସନ୍ତିଆ ଜଙ୍ଗଲିଆ ଜାଗା । ତା ନାଁ 'ଲୋୟର୍ଗିଲ୍ମୁର୍' । ପ୍ରାୟ ଦଶ ମାଇଲ ଯାଏ ଏଇ ଜଙ୍ଗଲ ଲାଗି ରହିଛି ଆଉ ଆସ୍ତେ ଆସ୍ତେ ଉତ୍ତରରେ ପାହାଡ଼ ଆଡ଼କୁ ଉଠିଯାଇଛି । ଏଇଠି ଏଇ ଜଙ୍ଗଲର ଗୋଟେ କଡ଼ରେ ହୋଲଡ଼ର୍ନେସ୍ ହଲ୍ । ସ୍କୁଲଠାରୁ ସଡ଼କ ରାସ୍ତାରେ ଦଶ ମାଇଲ; କିନ୍ତୁ ଜଙ୍ଗଲ ବାଟରେ ଛଅ ମାଇଲ ଦୂର । ଜାଗାଟା ଅତି ନିକାଞ୍ଚନ ଜାଗା । ସ୍ଥା' ଭିତରେ ଖୁବ୍ କମ୍ କେତେଜଣ ଜଙ୍ଗଲ କୃଷକଙ୍କର ଛୋଟ ଛୋଟ କ୍ଷେତ । ସେଠି ସେମାନେ ମେଣ୍ଢା ଆଉ ଗୋରୁ ରଖନ୍ତି । ତା'ଛଡ଼ା ଏ ଜଙ୍ଗଲରେ ଚେଷ୍ଟର୍ ଫିଲଡ୍ ରାସ୍ତା ଯାଏ କେବଳ ଟିଟିଭ ଆଉ ବଣ କୁକୁଡ଼ା ପକ୍ଷୀ ରହନ୍ତି । ସେଠି ଗୋଟେ ଗୀର୍ଜା, କେତେ ଛୋଟ ଛୋଟ ଘର ଆଉ ଗୋଟେ ହୋଟେଲ୍ ଅଛି । ତା ଆଗକୁ ତୀଖ ପାହାଡ଼ । ଏଇ ଉତ୍ତର ଦିଗରେ ହିଁ ଆମର ଅନୁସନ୍ଧାନ କାମ ହେବ ।"

ମୁଁ ପୁଣି ଜୋର୍ଦେଇ କହିଲି, "କିନ୍ତୁ ସାଇକଲ୍ କଥା ?"

Digitized by srujanika@gmail.com

ହୋମ୍‌ସ ଅଧୈର୍ଯ୍ୟ ହୋଇଉଠି କହିଲେ, "ଆଃ ଜଣେ ଭଲ ସାଇକଲିଷ୍ଟ ପାଇଁ ଭଲ ରାସ୍ତା ଦରକାର ନାହିଁ । ଜଙ୍ଗଲଟା ଭିତରେ ଗୁଡ଼େ ଚଲାବାଟ ଅଛି ଆଉ ସେଦିନ ରାତିରେ ପରିଷ୍କାର ଜହ୍ନ ପଡ଼ିଥିଲା; କିନ୍ତୁ ଏ କ'ଣ ?"

କବାଟରେ ଖୁବ୍ ଜୋର୍‌ରେ ଠକ୍ ଠକ୍ ଶବ୍ଦ ହେଲା । କିଛିଏ ପରେ ଡକ୍ଟର୍ ହକସ୍‌ଟେବ୍‌ଲ୍ ଘର ଭିତରେ ପଶିଆସିଲେ । ତାଙ୍କ ହାତରେ ଗୋଟେ ନୀଳ ରଙ୍ଗର କ୍ରିକେଟ୍ କ୍ୟାପ୍ । ଉପରେ ଗୋଟେ ଧଳା ପଟି । ବଡ଼ ଆଗ୍ରହରେ ସେ କହି ଉଠିଲେ, "ଶେଷରେ ଆମକୁ ଗୋଟେ ସୂତ୍ର ମିଳିଗଲା । ଧନ୍ୟ ଭଗବାନ, ଶେଷରେ ଆମେ ପିଲାର ଖୋଜଖବର ପାଇପାରିବା । ଏଇଟା ତାଙ୍କର କ୍ୟାପ୍ ।"

"ଏଟା ମିଳିଲା କେଉଁଠୁ ?"

"ଗୁଡ଼ାଏ ଯାଯାବର ଏଇ ଜଙ୍ଗଲରେ ଆସି ଡେରାପକାଇ ରହିଥିଲେ । ତାଙ୍କର ଗାଡ଼ିରୁ ମିଳିଛି । ଗଲା ମଙ୍ଗଳବାର ଦିନ ସେମାନେ ଏଠୁ ଚାଲି ଯାଇଛନ୍ତି । ପୋଲିସ୍ ତାଙ୍କର ସନ୍ଧାନ ନେଇ ତାଙ୍କ ଗାଡ଼ି ସବୁ ଖାନତଲାସ କଲେ ଆଉ ଏଇଟା ମିଳିଲା ।"

"ସେମାନେ ଏଟା କେଉଁଠୁ ପାଇଲେ ବୋଲି କହୁଛନ୍ତି ?"

"ସେମାନେ ଗୋଳମାଳିଆ କରି ମିଛ କହୁଛନ୍ତି, । କହୁଛନ୍ତି, ମଙ୍ଗଳବାର ଦିନ ସକାଳେ ଜଙ୍ଗଲରୁ ଏଟା ପାଇଲେ । ବାଳକ କେଉଁଠି ସେମାନେ ଜାଣନ୍ତି । ବଦ୍‌ମାସ ଦଳ । ସେମାନଙ୍କୁ ଆରେଷ୍ଟ କରାଯାଇ ହାଜତ୍‌ରେ ରଖା ଯାଇଛି । ଆଇନ ଭୟରେ ହେଉ ବା ଡିଉକଙ୍କ ଠାରୁ ପଇସା ପାଇବା ଲୋଭରେ ହେଉ ସେମାନେ ନିଶ୍ଚୟ ଯାହା ଜାଣନ୍ତି ସତସତ କହିଦେବେ ।"

ଡକ୍ଟର୍ ଚାଲିଯିବା ପରେ ହୋମ୍‌ସ କହିଲେ, "ବେଶ୍ ଭଲ । ଏଥିରୁ ଆମେ ଅନ୍ତତଃ ଜାଣିଲେ ଯେ ଏଇ ଲେସ୍ୱର୍-ଗିଲ୍-ମୁର୍ ଦିଗରେ ହିଁ ଆମେ କିଛି ଫଳ ପାଇପାରିବା । କେବଳ ଯାଯାବର ଗୁଡ଼ାଙ୍କୁ ଆରେଷ୍ଟ କରିବା ଛଡ଼ା ପୋଲିସ ଆଉ କିଛି କରିନାହିଁ । ଏଇ ଦେଖ ୱାଟ୍‌ସନ୍ । ଜଙ୍ଗଲ ଭିତରେ ଗୋଟେ ସ୍ରୋତ ପାଣି ନାଳ । ମାନଚିତ୍ରରେ ସେଟା ଚିହ୍ନିତ ହୋଇଛି । କେତେ ଜାଗାରେ ସେଟା ସ୍ରୋତ ହ୍ରଦ ପରି ବେଶ୍ ଚଉଡ଼ା ।

Digitized by srujanika@gmail.com

ହୋଲ୍‌ଡର୍‌ନେସ୍‌ ହଲ୍‌ ଆଉ ସ୍କୁଲମଝିରେ ନାଳଟା ପ୍ରାୟ ଏଇପରି ଚଉଡ଼ା । ଏ ଶୁଖିଲା ପାଗରେ ଅନ୍ୟ କେଉଁଠି କିଛି ଚିହ୍ନ ଖୋଜିବା ବୃଥା । କିନ୍ତୁ ଏଇ ନାଳପାଖରେ ନିଶ୍ଚୟ କିଛି ଚିହ୍ନଥିବାର ଆଶା । କାଲି ବଡ଼ସକାଳେ ମୁଁ ତୁମକୁ ଡାକିବ ଆଉ ଆମେ ଏ ରହସ୍ୟଉପରେ କିଛି ଆଲୋକପାତ କରିବା ପାଇଁ ଚେଷ୍ଟାକରିବା ।"

ତା' ପରଦିନ ମୁଁ ଉଠିଲାବେଳକୁ ପ୍ରାୟ ସକାଳ ହୋଇଯାଇଥିଲା । ଦେଖିଲି ହୋମ୍‌ସ ମୋ ଖଟପାଖରେ ଠିଆ । ସେ ପୂରାପୋଷାକ ପିନ୍ଧିଥିଲେ । ଜାଣିଲି ସେ ବାହାରୁ ବୁଲି ଆସିଲେଣି । ସେ କହିଲେ, "ମୁଁ ପଡ଼ିଆଟା ଆଉ ସାଇକଲ ରଖା ଘରଟା ଦେଖିଆସି ସାରିଲିଣି । ରାଗ୍‌ଡ଼୍‌ସ ଜୋଟାଭିତରେ ବି ଘେରାଏ ବୁଲିଆସିଛି । ଆରଘରେ ତୁମପାଇଁ କକୋଆ ପ୍ରସ୍ତୁତ ହୋଇଅଛି । ଶୀଘ୍ର ଶୀଘ୍ର କାମ ସାର । ଆଗରେ ଆମର ଅନେକ କାମ ।"

ତାଙ୍କ ଆଖି ଆଉ ମୁହଁ ଖୁବ୍‌ ଉଜ୍ଜ୍ୱଳ ଆଉ ସତେଜ ଦିଶୁଥାଏ । ବେକର୍‌ ଷ୍ଟ୍ରୀଟ୍‌ର ଚିନ୍ତାଶୀଳ ହୋମ୍‌ସ ଆଉ ଏ ହୋମ୍‌ସଙ୍କ ଭିତରେ ଢେର୍‌ ପାର୍ଥକ୍ୟ । ତାଙ୍କ ଢଙ୍ଗରୁ ଜାଣିଲି, ଦିନସାରା ଆମକୁ କଠିନ ଶ୍ରମ କରିବାକୁ ପଡ଼ିବ ।

ତଥାପି କାମ ଆରମ୍ଭରୁ ଆମକୁ ହତାଶ ହେବାକୁ ପଡ଼ିଲା । ଖୁବ୍‌ ବଡ଼ ଆଶାନେଇ ଆମେ ସେଇ ଧୂସର ଜଙ୍ଗଲରେ ବୁଲିଲୁ । ତା'ଭିତରେ ହଜାରେ ମେଣ୍ଢାଚଲାବାଟ । ଶେଷରେ ଆମେ ସାମାନ୍ୟ ଶାଗୁଆ ଜାଗାରେ ପହଞ୍ଚିଲୁ । ହୋଲ୍‌ଡର୍‌ନେସ୍‌ ହଲ୍‌ ଆଉ ଆମ ମଝିରେ ସନ୍ତସନ୍ତିଆ ପାଣି ଜମିଥିବା ଅଞ୍ଚଳ ଏଇଠୁ ଆରମ୍ଭ । ବାଳକ ଯଦି ଘରକୁ ଯାଉଥାନ୍ତେ ତେବେ ନିଶ୍ଚୟ ଏଇବାଟେ ଯାଇଥାନ୍ତେ ଆଉ ଯିବାର ସଙ୍କେତ ନିଶ୍ଚୟ ରହିଥାନ୍ତା । କିନ୍ତୁ ତାଙ୍କର ବା ଜର୍ମାନ ଶିକ୍ଷକଙ୍କର କୌଣସି ସଙ୍କେତ ମିଳିଲାନାହିଁ । ମଳିନ ମୁହଁରେ ମୋ ବନ୍ଧୁ ପାଣି କଢ଼େ କଢ଼େ ବୁଲୁଥାନ୍ତି । ଶିଉଳି ଉପରେ ଟିକିଏ କାଦୁଅଚିହ୍ନ ଦେଖିଲେ ତାକୁ ଖୁବ୍‌ ଲକ୍ଷ୍ୟକରୁଥାନ୍ତି । ଯେଉଁଠି କେବଳ ଗୁଡ଼ାଏ ମେଣ୍ଢା ପାଦଚିହ୍ନଥିଲା ଆଉ ପ୍ରାୟ ମାଇଲିଏ ଦୂରରେ ଗୋରୁଙ୍କ ଖୁରା ଚିହ୍ନଥିଲା । ତା'ଛଡ଼ା ଆଉ କିଛିନାହିଁ । ବିରସ ମନରେ ଜଙ୍ଗଲଆଡ଼କୁ ଗୁହିଁ

Digitized by srujanika@gmail.com

ହୋମ୍‌ସ କହିଲେ, "ଏ ହେଲା ପ୍ରଥମ ବାଧା । ଆଗରେ ଆଉ ଗୋଟେ ଖାଲୁଆଜାଗା ଅଛି । ଏଇ ଦେଖ, ଏଟା କ'ଣ ?"

ଆମେ ଗୋଟେ ସରୁ ଚଲାବାଟରେ ପହଞ୍ଚିଗଲୁ । ତାମଝିରେ ଓଦାଳିଆ ମାଟିଉପରେ ପରିଷ୍କାରଭାବେ ଦେଖାଯାଉଥିଲା ଗୋଟେ ସାଇକେଲ୍‌ଗୁଳା । ଖୁସିରେ ମୁଁ ପାଟିକରିଉଠିଲି, "ପାଇଛେ ପାଇଛେ !"

ହୋମ୍‌ସ କିନ୍ତୁ ଏପଟସେପଟ ମୁଣ୍ଡ ହଲାଉଥାନ୍ତି । ତାଙ୍କ ମୁହଁରେ ଆନନ୍ଦର ଲକ୍ଷଣ ପରିବର୍ତ୍ତେ ଚିନ୍ତାର ଚିହ୍ନ । ସେ କହିଲେ, "ଗୋଟେ ସାଇକଲ୍ ନିଶ୍ଚୟ କିନ୍ତୁ ଆମର ଉଦ୍ଦିଷ୍ଟ ସାଇକଲ୍ ନୁହେଁ । ମୁଁ ବୟାଳିଶ ପ୍ରକାର ବିଭିନ୍ନ ଟାୟାର୍ ଗୁଳାସହ ପରିଚିତ । ତୁମେ ଦେଖିପାରୁଥିବ ଏଗୁଳା ଡନ୍‌ଲପ୍ ଟାୟାର୍ ଗୁଳା । ହେଡ଼୍‌ଜର୍‌ଙ୍କ ସାଇକଲ ଟାୟରର ପାମର୍ ଆଉ ତା'ଗୁଳାରେ ଲମ୍ବ ଦାଗରେ ଗାର । ଅଙ୍କଶିକ୍ଷକ ଆଭେଲିଙ୍ଗ ସେ କଥା ନିଶ୍ଚିତଭାବେ କହିଥିଲେ । ତେଣୁ ଏଟା ହେଡଜର୍‌ଙ୍କ ସାଇକଲ୍ ଗୁଳାନୁହେଁ ।"

"ତା'ହେଲେ ବାଳକର ?"

"ତା'ସମ୍ଭବ, ଯଦି ଆମେ ପ୍ରମାଣ କରିପାରିବା ତାଙ୍କ ପାଖରେ ସାଇକଲ ଥିଲା । କିନ୍ତୁ ଆମେ ତା ପ୍ରମାଣକରିବାରେ ଅସମର୍ଥ ହୋଇଛେ । ତୁମେ ଦେଖିପାରୁଥିବ ଏ ଗୁଳାଟା ସ୍କୁଲ୍‌ଆଡୁ ଆସୁଥିବା ଜଣେ ଆରୋହୀର ।"

"ନା, ସ୍କୁଲ୍‌ଆଡ଼କୁ ଯାଉଥିବା ?"

"ନା, ନା, ଭାଆଟ୍ସନ । ସାଇକଲ୍‌ର ପଛଚକ ଉପରେ ଦେହର ଭର ରହେ । ତେଣୁ ଆଗଚକ ଅପେକ୍ଷା ପଛଚକର ଗୁଳାଟା ବେଶୀ ଗଭୀର । ତୁମେ ଦେଖୁଛ, କେତେ ଜାଗାରେ ଆଗଚକ ଚିହ୍ନଉପରେ ପଛଚକ ମାଡ଼ିଯାଇଛି । ଏଥି ନିଶ୍ଚିତଭାବରେ ସ୍କୁଲ ଆଡୁ ଆସିଛି । ଆମ ଅନୁସନ୍ଧାନ ସାଥିରେ ଏହାର ସମ୍ପର୍କ ଥାଇପାରେ ବା ନଥାଇପାରେ ! କିନ୍ତୁ ଆମେ ଏଇ ଗୁଳାକୁ ଓଲଟେଇ ପଛକୁ ଯିବା ।"

ସେଇଆ କଲୁ ! କେତିଟିଏ ଗଜ ଆସିବାପରେ ସନ୍ତସନ୍ତିଆ ଜାଗା ସରିଗଲା । ସାଇକେଲ୍ ଗୁଳା ଆଉ ଦେଖାଗଲା ନାହିଁ । ସେଠାରେ ପଛକୁ ଆସୁ ଆସୁ ଆମେ ଆଉ ଗୋଟେ ଜାଗାରେ ପହଞ୍ଚିଲୁ । ସେଠି ଗୋଟେ ସ୍ରୋତ

Digitized by srujanika@gmail.com

ଝରଣା ବହିଯାଉଛି । ସେଠି ପୁଣି ସାଇକଲ୍ ଗୁଳା ପାଇଲୁ । ଗୋରୁମାନଙ୍କ ମଡ଼ାରେ ଗୁଳାଟା ଅନେକାଂଶରେ ଲିଭିଯାଇଥିଲା । ତାପରେ ଆଉ କିଛି ଚିହ୍ନ ନଥିଲା । କିନ୍ତୁ ରାସ୍ତାଟା ସିଧା ରାଗଡ଼ସ ଭିତରକୁ ପଡ଼ିଥିଲା । ସାଇକଲ୍‌ଟା ନିଶ୍ଚୟ ଏଇ ଜଙ୍ଗଲଭିତରୁ ବାହାରିଥିବ । ହୋମ୍‌ସ ହାତ ପାପୁଲିରେ ମୁହଁରଖି ଗୋଟେ ପଥରଉପରେ ନିଶ୍ଚଳହୋଇ ବସିଗଲେ । ସେ ପୁଣି ହଲଚଲ ହେବାବେଳକୁ ମୁଁ ଦୁ'ଖଣ୍ଡ ସିଗାରେଟ୍ ଟାଣିସାରିଲିଣି । ଶେଷରେ ସେ କହିଲେ, "ଜଣେ ଚାଲାକ୍ ଲୋକ ସାଇକଲ୍ ଟାୟାର୍ ବଦଳାଇ ଦେଇଥିବା ମଧ୍ୟ ସମ୍ଭବ । ଯେଉଁଲୋକ ଏ ଚିନ୍ତା କରିପାରେ, ତାର ମୁକାବିଲା କରିବାରେ ବାହାଦୁରି ଅଛି । ଆମେ ଏ ବିଷୟରେ କିଛି ସିଦ୍ଧାନ୍ତ ନକରି ପୁଣି ସେଇ ଖାଲୁଆଜାଗାକୁ ଫେରିବା । କାରଣ ସେଠି ଆହୁରି ଅନେକ କିଛି ଜାଣିବାର ଅଛି ।"

ଆମେ ଜଙ୍ଗଲର ସେଇ ଖାଲୁଆଜାଗା ଧାରେ ଧାରେ ଆମର ପରୀକ୍ଷା ଆରମ୍ଭକଲୁ । ଖୁବ୍ ଶୀଘ୍ର ଆମ ପରିଶ୍ରମର ଫଳ ମିଳିଗଲା । ପାଟର ଖାଲୁଆ ଅଂଶରେ ଗୋଟେ କାଦୁଆ ରାସ୍ତାଥିଲା । ସେଠି ପହଞ୍ଚିଲା ମାତ୍ରେ ହୋମ୍‌ସ ଆନନ୍ଦରେ ଚିତ୍କାରକରି ଉଠିଲେ । ଟେଲିଗ୍ରାଫ୍‌ତାର ବିଡ଼ାଟାଏ ଯୋଖାରି ନେଲେ ଯେମିତିକା ଦାଗହେବ, ରାସ୍ତାମଝିରେ ସେଇପରି ଦାଗ । ସେଟା ପାମର୍ ଟାୟାର୍ ଦାଗ ।

ଆନନ୍ଦରେ ହୋମ୍‌ସ କହିଲେ, "ଏଇଠି ମିଷ୍ଟର ହଡ଼୍‌ଜର୍ ! ମୋ ଯୁକ୍ତି କେତେ ଠିକ୍ ଦେଖ ୱାଟ୍‌ସନ୍ ।"

"ସେଥିପାଇଁ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।"

"କିନ୍ତୁ ଏବେ ବି ଆମକୁ ଆହୁରି ଅନେକଦୂର ଯିବାକୁ ହେବ । ରାସ୍ତାରୁ ଟିକିଏ ଅଲଗା ହୋଇ ଏଠି ଚାଲ । ଏଥର ଚାଲ ଗୁଳାଟା ଓରେଇ ଓରେଇ ଯିବା । ମୁଁ ଭାବୁଛି ଏଟା ବେଶୀ ଦୂର ଯାଇନଥିବ ।"

ଆମେ ଆଗେଇ ଚାଲିଲୁ । ଦେଖିଲୁ ଜଙ୍ଗଲର ଏ ଅଂଶଟାରେ ମଝିରେ ମଝିରେ ଖଣ୍ଡେ ଖଣ୍ଡେ କଅଁଳିଆ ଘାସ ପଡ଼ିଆ । ବେଳେ ବେଳେ ସାଇକଲ୍ ଗୁଳା ଦେଖାଯାଉନଥାଏ । କିନ୍ତୁ ଆମେ ପୁଣି ସେଟା ପାଇଯାଉଥାଉ ।

Digitized by srujanika@gmail.com

ହୋମ୍‌ସ କହିଲେ, "ଲକ୍ଷ୍ୟକର ପାରୁଛ ୱାଟ୍‌ସନ୍, ଏଠୁ ଆରୋହୀ ସାଇକଲ୍‌ର ଗତି ବଢ଼ାଇଛି । ଏଇ ଗୁଳାକୁ ଦେଖ । ପ୍ୱ'ଟାଯାକ ଟାୟାର୍ ଚିହ୍ନ ବେଶ୍ ପରିଷ୍କାର ଦେଖାଯାଉଛି । ଦ୍ୱ'ଟାଯାକ ଚିହ୍ନ ପ୍ରାୟ ସମାନ । ତା ଅର୍ଥ ରେସ୍ କଲାବେଳେ ଆରୋହୀ ଯେମିତି ହାଣ୍ଡେଲ୍ ଉପରେ ସବୁ ଭର୍‌ଦେଇଥାଏ ସେ ସେଇଆ କରିଛି । କିନ୍ତୁ···ଏଇଠି ସେ ପଡ଼ିଯାଇଛି ।"

"ଦେଖିଲି ରାସ୍ତାର ଖଣ୍ଡେ ଜାଗାରେ ଓସାରିଆ ହୋଇ କାଦୁଅଗୁଡ଼ା ଦବିଯାଇଛି । ତା ପାଖରେ କେତୋଟା ପାଦଚିହ୍ନ । ତାପରେ ପୁଣି ଟାୟାର୍ ଗୁଳା ।" ମୁଁ କହିଲି, "ସାଇକଲ୍‌ଟା ଏଠି କଡ଼କୁ ସ୍ଲିପ୍ କରିଛି ।"

ହୋମ୍‌ସ ଦଳିହୋଇ ଯାଇଥିବା ଫର୍ଜ ଫୁଲ ଡାଳଟାଏ ହାତରେ ଧରି ଉଠାଇଲେ । ଦେଖିଲି ହଳଦିଆ ଫୁଲଗୁଡ଼ା ସବୁ ନାଲି ହୋଇଯାଇଛି । ରାସ୍ତା-ଉପରେ ଏବଂ ରାସ୍ତାକଡ଼ ଘାସଉପରେ ମଧ୍ୟ ବୁନ୍ଦାବୁନ୍ଦା ରକ୍ତ ଦାଗ । ହୋମ୍‌ସ କହିଲେ, "ବଡ଼ ଖରାପ ଲକ୍ଷଣ । ଦୂରେଇକରି ଠିଆହୁଅ ୱାଟ୍‌ସନ୍ । ସେଠି ଅକାରଣ ପାଦପକାଅ ନାହିଁ । ଏଥିରୁ କ'ଣ ଜଣାଯାଉଛି ? ସେ ଖଣ୍ଡିଆ ଖାବରା ହୋଇପଡ଼ିଛନ୍ତି, ତା'ପରେ ଉଠି ଠିଆହୋଇ ପୁଣି ସାଇକଲ ଚଢ଼ି ଯାଇଛନ୍ତି । କିନ୍ତୁ ଆଉ କୌଣସି ଗୁଳା ନାହିଁ । ଏ କଡ଼ ବାଟଟାରେ ଗୋରୁଖୁରାର ଚିହ୍ନ । କୌଣସି ଷଣ୍ଢ ତାଙ୍କୁ ଶିଙ୍ଘରେ ଭୁଷି ଦେଇନାହିଁ ତ ? ନା, ଅସମ୍ଭବ । କିନ୍ତୁ ଅନ୍ୟ କୌଣସି ଲୋକର ଚିହ୍ନ ମୁଁ ଦେଖୁନାହିଁ । ଆମେ ଆଗକୁ ମାଡ଼ିଚାଲିବା ୱାଟ୍‌ସନ୍ । ଏଇ ରକ୍ତଦାଗ ଆଉ ଗୁଳା ଥାଉ ଥାଉ ସେ ଆମ ହାତରୁ ଖସି ଯାଇପାରିବନାହିଁ ।"

ଆମକୁ ବେଶି ସମୟ ଲାଗିଲା ନାହିଁ । ସେଇ ଓଦା ଆଉ ଚକଚିଆ ମାଟି-ଉପରେ ଟାୟାର୍ ଦାଗ ଅସମ୍ଭବ ଭାବରେ ଘୁରିଯାଇଛି । ମୁଁ ଆଗକୁ ଚାହିଁ ଦେଲି । ହଠାତ୍ ଘଞ୍ଚ ଫର୍ଜ ବୁଦାଭିତରୁ କୌଣସି ଧାତୁ ଚକ୍ ଚକ୍ କରୁଥିବା ମୋ ଆଖିରେ ପଡ଼ିଗଲା । ତା'ଭିତରୁ ଆମେ ଗୋଟେ ସାଇକଲ ଟାଣି ବାହାରକଲୁ । ସାଇକଲର ଟାୟାର ପାମର୍, ଗୋଟେ ପାଡ଼ଲ୍ ବାଙ୍କି ଯାଇଛି, ଆଗ ପାଖଟାରେ ରକ୍ତ ବୋଳା । ବୁଦାର ଆରପାଖରେ ପଟେ ଜୋତା

Digitized by srujanika@gmail.com

ଦେଖାଗଲା । ଆମେ ବୁଦା କଡ଼ରେ ବୁଲିଗଲୁ । ଆଉ ଦେଖିଲୁ ହତଭାଗା ଆବୋହ ବଚରା ସେଇଠି ପଡ଼ିଛି । ସେ ଖୁବ୍ ଡେଙ୍ଗାଲୋକ, ମୁହଁରେ ଦାଢ଼ି, ଆଖିରେ ଚଷମା ସେଥିରୁ ଗୋଟି କାଚ ଭାଙ୍ଗିଯାଇଛି । ମୁଣ୍ଡରେ ଶକ୍ତ ଆଘାତ ତାଙ୍କ ମୃତ୍ୟୁର କାରଣ । ଆଘାତ ଫଳରେ ଖପୁରିଟା ପ୍ରାୟ ଗୁଣ୍ଡ ହୋଇ ଯାଇଛି । ଏପରି ଆଘାତ ପରେ ପୁଣି ସାଇକଲ ଚଢ଼ି ଯିବା ଲୋକର ଅସୀମ ସାହସ ଆଉ ଶକ୍ତିର ପରିଚୟ । ତାଙ୍କ ପାଦରେ ଜୋତାଥିଲା; କିନ୍ତୁ ମୋଜା ନଥିଲା । ଖୋଲା କୋଟ୍ ତଳେ ରାତି ପିନ୍ଧା କୁରୁତା । ସେ ଯେ ଜର୍ମାନ୍ ଶିକ୍ଷକ, ସେଥିରେ ଆଉ ସନ୍ଦେହ ରହିଲାନାହିଁ ।

ହୋମ୍‌ସ ମୃତଦେହଟାକୁ ଆସ୍ତେ ଓଲଟାଇ ପରୀକ୍ଷାକଲେ । ତାପରେ ଟିକିଏ ସମୟ ଭାବନାରେ ବସିଗଲେ । ତାଙ୍କର ମୁହଁର ଭଙ୍ଗୀରୁ ଜାଣିଲି ଏତେବଡ଼ ଗୋଟେ ଆବିଷ୍କାର ପରେ ବି ତାଙ୍କ ମତରେ ଆମ ଅନୁସନ୍ଧାନ ବିଶେଷ ଆଗେଇ ନାହିଁ । ଶେଷରେ ସେ କହିଲେ, "କ'ଣ କରିବା ଠିକ୍ କରି ହେଉନାହିଁ ୱାଟ୍‌ସନ୍ । ମୋ ମନ ଆମେ ଆମ ଅନୁସନ୍ଧାନରେ ଆଗେଇବା । କାରଣ ଆମର ଗୁଡ଼ାଏ ସମୟ ନଷ୍ଟହେଲାଣି । ଆଉରି ଘଣ୍ଟାଏ ଆମେ ନଷ୍ଟ କରିପାରିବାନାହିଁ । ଅପର ପକ୍ଷରେ ଆମର ଏ ଆବିଷ୍କାର କଥା ପୋଲିସ୍‌କୁ ଜଣାଇବାକୁ ଆମେ ବାଧ୍ୟ ।"

"ମୁଁ ଖବରଟାନେଇ ଫେରିଯାଉଛି ।"

"କିନ୍ତୁ ତୁମର ଉପସ୍ଥିତି ଆଉ ସହଯୋଗ ମୋର ନିହାତି ଦର୍କାର । ଚୁହ, ସେଇଠି ଜଣେ ଲୋକ କାଠ କାଟୁଛି । ତାକୁ ଡାକ ସେ ପୋଲିସ୍‌କୁ ଏଠିକି ନେଇଆସିବ ।"

"ମୁଁ ଲୋକଟାକୁ ଡାକି ଆଣିଲି । ଏ ଦୃଶ୍ୟ ଦେଖି ସେ ଖୁବ୍ ଡରିଗଲା । ହୋମ୍‌ସ ଖଣ୍ଡେ ଚିଠିଲେଖି ତା'ହାତରେ ଡକ୍ଟର ହକ୍‌ସ୍‌ଟେବ୍‌ଲ୍‌ଙ୍କ ପାଖକୁ ପଠାଇଦେଲେ । ତା'ପରେ କହିଲେ, "ଦେଖ ୱାଟ୍‌ସନ୍, ସକାଳ ଭିତରେ ଆମେ ଦୁ'ଟା ସୂତ୍ର ଖୋଜି ବାହାର କଲେ । ଗୋଟେ ହେଲା ପାମର୍ ଟାୟାର୍ ଥିବା ସାଇକଲ । ସେଥିରୁ ଆମେ କ'ଣ ପାଇଲେ ଦେଖିଲତ । ଆରଟା ହେଲା ଡନ୍‌ଲପ୍ ଟାୟାର୍ ଥିବା ସାଇକଲ୍ । ସେ ବିଷୟରେ

Digitized by srujanika@gmail.com

ଅନୁସନ୍ଧାନ କରିବାକୁ ଯିବା ଆଗରୁ ଆମେ କ'ଣ ସବୁ ଜାଣିପାରିଛେ ବୁଝିବାକୁ ଚେଷ୍ଟାକରିବା । ଫଳରେ ଦର୍କାରୀ ଜିନିଷ ଆଉ ·ଅଦରକାରୀ ଜିନିଷକୁ ଅଲଗା ଅଲଗା କରିଦେବା ।"

"ପ୍ରଥମେ ମୁଁ କହିରଖେ ଯେ ମୋ ମତରେ ପିଲା ତା ନିଜ ଇଚ୍ଛାରେ ଚାଲିଆସିଛି । ସେ ଝରକାବାଟେ ତଳକୁ ଆସିଛି । ତା'ପରେ ଏକା ହେଉ ବା କାହାରି ସାଥିରେ ହେଉ ଚାଲିଯାଇଛି । ଏ କଥା ନିଶ୍ଚିତ ।" ମୁଁ ସମ୍ମତି ଜଣାଇଲି ।

"ଆଚ୍ଛା, ଏଥର ବିଚାରା ହତଭାଗା ଜର୍ମାନ୍ ଶିକ୍ଷକଙ୍କ କଥା ଦେଖିବା । ପିଲା ଚାଲିଗଲା ବେଳେ ପୂରା ପୋଷାକପତ୍ର ପିନ୍ଧିଯାଇଛି । ତେଣୁ ସେ ଯାହାକରିବ ଆଗରୁ ଠିକ୍ କରିଥିଲା । କିନ୍ତୁ ଜର୍ମାନ ଶିକ୍ଷକ ମୋଜା ନ ପିନ୍ଧି ଚାଲିଯାଇଛନ୍ତି । ତେଣୁ ସେ ନିଶ୍ଚୟ ଖୁବ୍ ତରତରରେ ବାହାରି ଯାଇଛନ୍ତି ।

"ସେଥିରେ କିଛି ସନ୍ଦେହ ନାହିଁ ।"

"କାହିଁକି ସେ ଏମିତି ହଠାତ୍ ଗଲେ ? କାରଣ ସେ ତାଙ୍କ ଶୋଇବା ଘରଝରକା ବାଟେ ଦେଖିଲେ, ପିଲାଟି ଚାଲିଯାଉଛି । ସେ ତା ପଛରେ ଗୋଡ଼ାଇ ତାକୁ ଫେରାଇଆଣିବାକୁ ଚାହିଁଲେ । ତାଙ୍କ ସାଇକଲଟାଧରି ପିଲାପଛରେ ଗୋଡ଼ାଇଲେ ଆଉ ଶେଷରେ ମୃତ୍ୟୁ ମୁଖରେ ପଡ଼ିଲେ ।"

"ସେଇପରି ଜଣାଯାଉଛି ।"

"ଏଥର ମୁଁ ମୋ ଯୁକ୍ତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଆସୁଛି । ସାଧାରଣତଃ ଜଣେ ଲୋକ ଗୋଟେ ଛୋଟ ପିଲାକୁ ଧରିବା ପାଇଁ ତା ପଛରେ ଧାଇଁବ । ସେ ଜାଣେ ପିଲାଟାକୁ ସେ ଟପିଯାଇପାରିବ । କିନ୍ତୁ ଜର୍ମାନ୍ ଶିକ୍ଷକ ତା ନିଜର ସାଇକଲ ନେବାକୁ ଯାଇଛନ୍ତି । ମୁଁ ଜାଣିପାରିଛି ସେ ଜଣେ ଦକ୍ଷ ସାଇକଲ ଆରୋହୀ । ପିଲା କୌଣସି ଦ୍ରୁତଯାନରେ ଯାଉଥିବାର ନଦେଖିଥିଲେ ସେ ସେମିତି କରି ନଥାନ୍ତେ ।"

"ଅନ୍ୟ ସାଇକଲଟା ।"

"ହଁ, ଆମ କଥାରେ ଆଗେଇବା । ସ୍କୁଲଠୁ ପାଞ୍ଚମାଇଲ୍ ଦୂରରେ ତାଙ୍କର ମୃତ୍ୟୁ ହୋଇଛି । ବୁଲେଟ୍ ମାଡ଼ରେ ମୃତ୍ୟୁ ହୋଇନାହିଁ । କଥାଟାକୁ

Digitized by srujanika@gmail.com

ଲକ୍ଷ୍ୟକର । ବୁଲେଟ୍ ହୋଇଥିଲେ ହୁଏତ ଜଣେ ପିଲା ମଧ୍ୟ ସେଠା ମାରିଥିବା ସମ୍ଭବ । କିନ୍ତୁ କୌଣସି ଶକ୍ତ ଦ୍ରବ୍ୟରୁ ଖୁବ୍ ଜୋର୍ ଆଘାତ ହୋଇଛି । ତା'ହେଲେ ପିଲା ପଳାଇଗଲା ବେଳେ ତା ସାଥିରେ ଜଣେଲୋକ ନିଶ୍ଚୟ ଥିଲା । ସେମାନେ ଖୁବ୍ ଜୋର୍‌ରେ ଚାଲିଯାଇଥିଲେ । କାରଣ ଜଣେ ଦକ୍ଷ ସାଇକେଲିଷ୍ଟ ତାଙ୍କୁ ଧରିବା ଆଗରୁ ସେମାନେ ପାଞ୍ଚ ମାଇଲ୍ ଚାଲି-ଯାଇଥିଲେ । ଦୁର୍ଘଟଣା ଘଟିଥିବା ଜାଗାର ପାଖଆଖ ତ ଆମେ ପରୀକ୍ଷାକଲେ । କ'ଣ ଦେଖିଲେ ? କେବଳ କେତେଟା ଗୋରୁଦାଣ୍ଡି, ଆଉ କିଛି ନାହିଁ । ମୁଁ ଚାରିପାଖେ ଖଣ୍ଡେ ଦୂରଯାଏ ଘୂରିଆସିଲି । ପଗ୍ଡଣ୍ଡ ଭିତରେ ଆଉ କୌଣସି ରାସ୍ତାନାହିଁ । ତେଣୁ ଅନ୍ୟଜଣେ ସାଇକେଲିଷ୍ଟର ପ୍ରକୃତ ହତ୍ୟାରେ କିଛି ହାତନାହିଁ । ତା'ଛଡ଼ା ଅନ୍ୟ କୌଣସି ଲୋକର ପାଦଚିହ୍ନ ନାହିଁ ।"

ମୁଁ କହିଉଠିଲି, "ହୋମ୍ସ, ଏହା ଅସମ୍ଭବ ।"

ସେ କହିଲେ, "ଚମତ୍କାର । ଯଥାର୍ଥ ମତ । ମୋ କହିବା ଅନୁସାରେ ଏହା ଅସମ୍ଭବ । ତେଣୁ ମୋ କହିବାରେ କିଛି ଭୁଲଥାଇପାରେ । କିନ୍ତୁ ତୁମେ ତ ନିଜେ ଚାରିଆଡ଼ ଦେଖିଲ । ତୁମେ କିଛି କହିପାରିବ ?"

"ଖପିପଡ଼ି ତାଙ୍କର ମୁଣ୍ଡ ଫାଟିଯାଇନଥିବ ?"

"ଏଣିକି ଗୋଟେ ସନ୍ତସନ୍ତିଆ ଜାଗାରେ ?"

"ମୁଁ କିଛି ଭାବି ପାରୁନାହିଁ ।"

"ଯାଉ୍, ଢେର୍ ଜଟିଳ ସମସ୍ୟା ଆମେ ସମାଧାନ କରିଛେ । ଏ ଘଟଣାରେ ଆମ ହାତରେ ଅନେକ ଜିନିଷ ଅଛି । ତାକୁ କାମରେ ଲଗାଇ ପାରିଲେ ହେଲା । ଆସ, ପାମର୍ ଟାୟାର ଧରାଛୁଟିଗଲା । ଏଥର ଦେଖିବା ଡନ୍‌ଲପ୍ ଟାୟାରରୁ କ'ଣ ମିଳୁଛି ।"

ଆମେ ଖଣ୍ଡେ ଦୂରଯାଏ ଡନ୍‌ଲପ୍ ଟାୟାର ଗାର ଓଗାଳି ଚାଲିଲୁ । ତାପରେ ଜଙ୍ଗଲଟାରେ ଘାସପଡ଼ିଆ ଆହୁରି ଆହୁରି ଉଚ୍ଚ ହୋଇଯାଇଛି । ପାଣିପାଙ୍କ ପଛରେ ରହିଗଲା । ଆଉ ଗାର ପାଇବାର ଆଶାନାହିଁ । ସେଇ ଜାଗାରେ ଡନ୍‌ଲପ୍ ଟାୟାର୍ ଗାରର ଶେଷଚିହ୍ନ ଦେଖିଲୁ ସେଠୁ ସାଇକେଲ୍ ଟା ହୋଲ୍ ଡରନେସ୍ ହଲକୁ ଯାଇଥାଇପାରେ । ହଲ୍ ସେଠୁ ଆହୁରି କେତେ

Digitized by srujanika@gmail.com

ମାଇଲ । କମ୍ପା ଆମ ଆଗରେ ଦେଖା ଯାଉଥିବା ଗୋଟେ ଗ୍ରେଟ ଗାଁକୁ ଯାଇଥାଇପାରେ । ସେଇ ପାଖରେ ଚେଷ୍ଟାର୍‌ଫିଲ୍‌ଡ୍ ସଡ଼କ ରାସ୍ତା ।

ଆମେ ଗାଁର ଅପରିଷ୍କାରିଆ ହୋଟେଲଟା ପାଖରେ ପହଞ୍ଚିଲୁ । ଦରଜା ଉପରେ ଗୋଟେ ଲଢ଼ୁଆ କୁକୁଡ଼ାର ଚିହ୍ନ । ହଠାତ୍ ହୋମ୍‌ସ ଚିତ୍କାର କରି ଉଠି ମୋ କାନ୍ଧକୁ ଜାବୁଡ଼ି ଧରିଲେ । ନହେଲେ ସେ ପଡ଼ିଯାଇଥାନ୍ତେ । ତାଙ୍କ ବଳାଗଣ୍ଠି ମଚକି ଯାଇ ସେ ଠିଆହୋଇ ପାରିଲେନାହିଁ । ବଡ଼ କଷ୍ଟରେ ସେ ଗ୍ରେଟେଇ ଗ୍ରେଟେଇ ଦରଜା ଯାଏ ଗଲେ । ସେଠି ଜଣେ ମୋଟା ଗେଡ଼ା ବୟସ୍କଲୋକ ବସିଥିଲା । ହୋମ୍‌ସ କହିଲେ, "ସବୁ ଭଲତ ମିଷ୍ଟର୍ ରୁବେନ୍ ହେସ୍‌ସ୍ ?"

ଲୋକଟା ସନ୍ଦେହୀ ଦୃଷ୍ଟିରେ ଉତ୍ତର ଦେଲା, "ତୁମେ କିଏ ଆଉ ମୋ ନାଁ ଜାଣିଲ କେମିତି ?"

"ତୁମ ମୁଣ୍ଡ ସିଧା ଉପରେ ବୋର୍ଡରେ ଲେଖାହୋଇଛି । ଗୋଟେ ଘରର ମାଲିକଙ୍କୁ ଚିହ୍ନିବା ଅତି ସହଜ । ତୁମ ଘୋଡ଼ାଶାଳରେ କୌଣସି ଗାଡ଼ି ଅଛି ?"

"ନା, ମୋର ଗାଡ଼ି ନାହିଁ ।"

"ମୁଁ ଭୂଇଁରେ ପାଦପକାଇ ପାରୁନାହିଁ ।"

"ତା'ହେଲେ ପାଦ ପକା ନାହିଁ ।"

"କିନ୍ତୁ ମୁଁ ଚାଲି ପାରୁନାହିଁ ।"

"ତାହେଲେ ଡିଆଁ ମାର ।"

ମିଷ୍ଟର୍ ରୁବେନ୍ ହେସ୍‌ସଙ୍କ ବ୍ୟବହାର ଅତି ଅଭଦ୍ର । ତଥାପି ହୋମ୍‌ସ ସମ୍ଭାଳିଯାଇ ହସି ହସି କହିଲେ, "ଦେଖନ୍ତୁ, ମୁଁ ବଡ଼ ଅସୁବିଧାରେ ପଡ଼ିଯାଇଛି । ମୋର ଯିବା ନହାତି ଦରକାର । କାମଟା ଖୁବ୍ ଗୁରୁତର । ସଦି ଗୋଟେ ସାଇକଲ ଦେଇପାରନ୍ତି ମୁଁ ତୁମକୁ ଗୋଟେ ସଭରେନ୍ ଦେବି ।"

କାନଧ'ଟା ଠିଆ ଠିଆକରି ଲୋକଟା କହିଲା, "ତୁମେ କେଉଁଠିକି ଯିବ ?"

Digitized by srujanika@gmail.com

"ହୋଲ୍‌ଡ଼ର୍‌ନେସ୍ ହଲ ।"

ଆମ କାଦୁଅ ଛିଟିକା ପଡ଼ିଥିବା ପୋଷାକ ଆଡ଼େ ଚାହିଁ ଲୋକଟା କହିଲା, "ଡିଉକ୍‌ଙ୍କ ଲୋକ ବୋଧହୁଏ ?"

ହସିହସି ହୋମ୍‌ସ କହିଲେ, "ହଁ, ସେ ଆମକୁ ଦେଖିଲେ ଖୁସିହେବେ ।

"କାହିଁକି ?"

"କାରଣ ଆମେ ତାଙ୍କ ପୁଅଙ୍କର ଖବର ଆଣିଛୁ ।"

ଲୋକଟା ଚମକି ଉଠି କହିଲା, "ତୁମେ ବି ତାଙ୍କୁ ଖୋଜିବାରେ ଲାଗିଯାଇଛ ନା କ'ଣ ?"

"ହଁ, ସେ ଲିଭର୍‌ପୁଲ୍‌ରେ ଥିବାର ଖବର ମିଳିଛି । ସେ କୌଣସି ମୁହୂର୍ତ୍ତରେ ଆସିବାର ଆଶା ।"

ପୁଣି ହଠାତ୍ ଲୋକଟାର ମୁହଁରଭାବ ବଦଳିଗଲା । ତାର ଢଙ୍ଗଢାଙ୍ଗ ବେଶ୍ ସହାନୁଭୂତି ସୂଚକ ଜଣାଗଲା । ସେ କହିଲା, "ଅନ୍ୟ ଲୋକଙ୍କ ତୁଳନାରେ ମୋର ଡିଉକଙ୍କ ପ୍ରତି ସେତେ ସହାନୁଭୂତି ନାହିଁ କାରଣ ମୁଁ ଆଗେ ତାଙ୍କର ପ୍ରଧାନ ଘୋଡ଼ାସଇସ ଥିଲି—ସେ ମୋ ପ୍ରତି ବଡ଼ ଖରାପ ଆଉ ନିଷ୍ଠୁର ବ୍ୟବହାର କରିଛନ୍ତି । କିଛି ନବୁଝି ଗୋଟେ ମିଛକଥାରେ ସେ ମୋତେ ବାହାରକରି ଦେଇଛନ୍ତି । କିନ୍ତୁ ତାଙ୍କ ପୁଅ ଲିଭର୍‌ପୁଲ୍‌ରେ ଥିବାକଥା ଶୁଣି ମୁଁ ଭାରିଖୁସି । ଏ ଖବରନେଇ ହଲ୍‌କୁ ଯିବାପାଇଁ ମୁଁ ତୁମକୁ ସାହାଯ୍ୟ କରିବି ।"

"ଧନ୍ୟବାଦ । ଆମେ ଆଗେ କିଛି ଖିଆପିଆ କରିବୁ । ତା'ପରେ ତୁମେ ସାଇକଲ ଆଣିଲେ ହେବ ।"

"ମୋର ତ ସାଇକଲ ନାହିଁ ।"

ହୋମ୍‌ସ ଗୋଟେ ସଭ୍‌ରେନ୍‌ଧରି ଦେଖାଇଲେ । ଲୋକଟା ବିରକ୍ତ ହୋଇ କହିଲା, "କହିଲିପରା, ମୋର ସାଇକଲ ନାହିଁ । ତୁମେ ହଲ ଯାଏ ଯିବାପାଇଁ ମୁଁ ଦି'ଟା ଘୋଡ଼ା ଦେଇପାରିବି ।"

"ହଉ ହେଲା । ଆମେ ଖାଇସାରିଲା ପରେ ସେ ବିଷୟରେ କଥାବାର୍ତ୍ତା ହେବା ।"

Digitized by srujanika@gmail.com

ଆମକୁ ପଥର ବସ୍ତୁ ରନ୍ଧାଘରେ ଗ୍ରୁଡ଼ ଲୋକଟା ଗ୍ଭଲଗଲା । ହଠାତ୍ ହୋମ୍‌ସଙ୍କ ବଳାଗଣ୍ଡି ପୂରା ଭଲହୋଇଯିବାର ଦେଖି ବିସ୍ମିତ ହୋଇଗଲୁ । ସେତେବେଳକୁ ପ୍ରାୟ ସଞ୍ଜ ହୋଇଗଲାଣି । ସକାଳୁ ଆମେ କିଛି ଖାଇନାହୁଁ । ତେଣୁ ଆମର ଖାଇବାରେ କିଛି ସମୟ ଗ୍ଭଲଗଲା । ହୋମ୍‌ସ ଭାବନାରେ ମଜ୍ଜି ଯାଇଥାନ୍ତି । ମଝିରେ ଥରେ ଦୁ'ଥର ସେ ଝରକାପାଖକୁ ଉଠିଯାଇ ବାହାରକୁ ଗ୍ଭହିଁଲେ । ଝରକା ଆରପାଖେ ଗୋଟେ ଅପରିଷ୍କାର ଅଗଣା । ତାର ଆରମୁଣ୍ଡ କଣରେ ଗୋଟେ କମାରଶାଳ । ସେଠି ଗୋଟେ ଅପରିଚ୍ଛନ୍ନଆସିଲା କାମରେ ଲାଗିଥାଏ । ତା'ଆର ପାଖରେ ଘୋଡ଼ାଶାଳ ଘର । ହୋମ୍‌ସ କିଛି ସମୟ ଚୁପ୍‌ଗ୍ଭପ୍ ବସିଗଲେ । ତା'ପରେ ସେ ହଠାତ୍ ଚଉକିରୁ ତେଇଁପଡ଼ି ପାଟିକରି ଉଠିଲେ, "ପାଇଛି ୱାଟ୍‌ସନ୍ ପାଇଛି । ହଁ, ହଁ, ମୁଁ ଯାହାଭାବୁଛି ନିଶ୍ଚୟ ସେଇଆ । ଆଚ୍ଛା, ଆଜି ଗୋରୁଦାଣ୍ଡି ଦେଖିବାର ତୁମର ମନେପଡ଼ୁଛି ୱାଟ୍‌ସନ୍ ?"

"ହଁ, ଯଥେଷ୍ଟ ।"

"କେଉଁଠି ?"

"କାହିଁକି, ସବୁଠି । ପାଣିପାଟ ପାଖ କାଦୁଅରେ, ରାସ୍ତାରେ ଆଉ ବଡବଡ଼ ହଡ଼କର୍ ଯେଉଁଠି ମରି ପଡ଼ିଥିଲେ ସଠେ ବି ।"

"ବିଲ୍‌କୁଲ୍ ଠିକ୍ କହୁଛ ୱାଟ୍‌ସନ୍ । ଆଚ୍ଛା, ସେ ଜଙ୍ଗଲରେ ତୁମେ କେତେଟା ଗୋରୁ ଗାଈ ଦେଖିଲ ?"

"ଗାଈ ଦେଖିବାର ମୋର ତ ମନେପଡ଼ୁନାହିଁ ।"

"ବଡ଼ ବିଚିତ୍ରକଥା ୱାଟ୍‌ସନ୍ । ଆମେ ଏତେ ଗୁଡ଼ାଏ ଗୋରୁଦାଣ୍ଡି ଦେଖିଲେ, ଅଥଚ ସାରା ଜଙ୍ଗଲଟାରେ ଗୋଟେ ବି ଗୋରୁ ଦେଖିଲେ ନାହିଁ । ବାସ୍ତବିକ୍ ଏଟା ଅତି ବିଚିତ୍ର ।"

"ହଁ, ଏଟା ନିଶ୍ଚୟ ବିଚିତ୍ର ।"

"ଏଥର ୱାଟ୍‌ସନ୍, ଚେଷ୍ଟାକରି ମନେପକାଅ । ସେ ଦାଣ୍ଡିଗୁଡ଼ା ତୁମର ମନେପଡ଼ୁଛି ?"

"ହଁ, ମନେପଡ଼ୁଛି ।"

Digitized by srujanika@gmail.com

"ତୁମର ମନେ ପଡୁଛି ଦାଣ୍ଡିଗୁଡ଼ା ବେଳେ ବେଳେ ଏଇଭଳି ଥିଲା— : : : : :—ପୁଣି ବେଳେ ବେଳେ ଏଇଭଳି,—∵ ∵ ∵ ∵—, ଆଉ ବେଳେ ବେଳେ ∴ ∵ ଏଇପରି ଥିଲା । ମନେ ପଡୁଛି ?"

"ନା ମୋର ମନେପଡୁନାହିଁ ।"

"କିନ୍ତୁ ମୋର ପରିଷ୍କାର ମନେପଡୁଛି । ମୁଁ ଦୃଢ଼ଭାବେ କହିପାରେ । ଯାହାହେଉ, ଆମେ ଅବସର ହେଲେ ସେଗୁଡ଼ା ଦେଖିବାକୁ ଯିବା । ମୁଁ ଏ ଯାଏ ସିଦ୍ଧାନ୍ତ ନକରି କି ବୋକାମି କରିଛି !

"ଆଉ ତୁମର ସିଦ୍ଧାନ୍ତ କ'ଣ ?"

"କେବଳ ଏତିକି ଯେ, ସେ ଏକ ବିଚିତ୍ର ଗାଈ, ଯେ ଚାଲିପାରେ କଦମ୍ ଚାଲି କରିପାରେ ଆଉ ଘୋଡ଼ା ପରି ଡେଇଁ ଡେଇଁ ଦୌଡ଼ିପାରେ । ସତ କହୁଛି ୱାଟ୍‌ସନ୍ ଜଣେ ସାଧାରଣ ଗାଉଁଲି ଲୋକ ମୁଣ୍ଡରୁ ଏପରି ଭାବନା ଆସି ପାରେନା । କେବଳ ଶାଳର ସେଇ ପିଲାଟାକୁ ଛାଡ଼ି ଦେଲେ ଆଉ ସବୁ ପରିଷ୍କାର ପରି ଲାଗୁଛି । ଚାଲ, ବାହାରକୁ ଖସି ଯିବା । ଦେଖିବା କ'ଣ ମିଳୁଛି ।"

ଘୋଡ଼ାଶାଳଟା ଦରଭଙ୍ଗା ଅବସ୍ଥାରେ ଥିଲା । ତା ଭିତରେ ଦୁଇଟା ଘୋଡ଼ା । ଲୁମ୍ ଗୁଡ଼ା ଟାଉଁଗିଆ ଆଉ ଅପରିଷ୍କାର । ହୋମ ସ ଗୋଟେ ଘୋଡ଼ାର ପଛ ଗୋଡ଼ଟା ଟେକିଧରି କୋଳ୍‌ରେ ହସି ଉଠି କହିଲେ, "ପୁରୁଣା ନାଲ, ନୂଆ କରି ସିଲା ଯାଇଛି । ପୁରୁଣା ନାଲ, ନୂଆ କଣ୍ଟା । ଏ କେଶ୍‌ଟା କାଳକାଳକୁ ଚମକପ୍ରଦ ହୋଇ ରହିବା ଯୋଗ୍ୟ । ଏଥର ଚାଲ, କମାରଶାଳକୁ ଯିବା ।"

ପିଲାଟା ଆମଆଡ଼େ ଧ୍ୟାନନଦେଇ ତା କାମରେ ଲାଗିଥାଏ । ଦେଖିଲି ତଳେ ଛିଡ଼ିଥିବା ବିଡ଼ିବା ହୋଇ ପଡ଼ିଥିବା ଲୁହା ଟୁକୁରା, କାଠ ଉପରେ ହୋମ୍‌ସଙ୍କ ଆଖି ଘୂରି ଆସୁଥାଏ । ହଠାତ୍ ଆମ ପଛ ପାଖେ ପାଦ ଶବ୍ଦ ଶୁଭିଲା । ଦେଖିଲୁ ପଛରେ ହୋଟେଲ୍ ମାଲିକ । ଆଖି ପତା ଦି'ଟା ହିଂସ୍ର ଆଖି ଉପରକୁ ଲଦିପଡ଼ିଛି । ରାଗରେ ତା ଦେହଟା ଥରୁଥାଏ । ତା ହାତରେ ଖଣ୍ଡେ ଗ୍ରେଟ ବାଡ଼ି । ବାଡ଼ି ମୁଣ୍ଡରେ କୌଣସି ଧାତୁର ଏକ ଗୋବ । ସେ

Digitized by srujanika@gmail.com

ଏମିତ ଖାପଛାଡ଼ାବରେ ମାଡ଼ିଆସିଲ ଯେ ମୁଁ ମୋ ପକେଟରେ ଶଭଲ୍-ଭର୍‌ଟାରେ ହାତ ପକାଇ ଦେଲି । ଲୋକଟା ଗର୍ଜି ଉଠିଲା, 'ବଦ୍‌ମାସ ଗୁପ୍ତ-ଚର ଦଳ ସେଠି କ'ଣ କରୁଛ ?"

ଧୀରସ୍ଥିରଭାବେ ହୋମ୍‌ସ କହିଲେ, "କାହିଁକି ମିଷ୍ଟର୍‌ରୁବେନ୍ ହେସ୍ଟ୍‌ସ୍ । ଆମେ କିଛୁ ଜାଣିପକାଇବୁ ବୋଲି ତୁମେ ଭୟ କରୁଛ, ଏ କଥା ଯେ କେହି ଭାବିବ ।"

ଲୋକଟା ଖୁବ୍ ଚେଷ୍ଟାକରି ନିଜକୁ ସମ୍ଭାଳି ନେଲା । ଉପରେ ଉପରେ ହସି ଦେଇ କହିଲା, "ମୋ ଶାଳରେ ତୁମେ ଯାହା କିଛି ଦେଖିବାର ଦେଖିପାର । କିନ୍ତୁ ଦେଖ ମିଷ୍ଟର୍, କେହି ଲୋକ ମୋତେ ନ ଜଣାଇ ମୋ ଜାଗାରେ ଏମିତ ପଶିବା ମୁଁ ପସନ୍ଦ କରେ ନାହିଁ । ଯାହାହେଉ, ତୁମେ ଯେତେ ଶୀଘ୍ର ଏ ଜାଗାରୁ ବାହାରି ଯିବ ମୁଁ ସେତେ ଖୁସୀ ହେବ ।"

"ଠିକ୍ ଅଛି ମିଷ୍ଟର୍ ହେସ୍ଟ୍‌ସ୍ । ତୁମର କିଛି ଅନିଷ୍ଟ କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମେ ଖାଲି ତୁମ ଘୋଡ଼ାଗୁଡ଼ା ଦେଖିଥିଲୁ । କିନ୍ତୁ ମୁଁ ଏବେ ଚାଲିଯାଇ ପାରିବି । ଏଠୁ ହଲ୍ ବେଶୀ ଦୂର ନୁହେଁ ବୋଧହୁଏ ?"

"ଦୁ' ମାଇଲରୁ ବେଶୀ ହେବ ନାହିଁ । ସେଇଟା ବାଁ ପାଖର ରାସ୍ତା ।" ଆମେ ତା ହତା ଭିତରୁ ବାହାରିବାଯାଏ ସେ କଟମଟ କରି ଆମ ଆଡ଼େ ଚାହିଁଥାଏ ।

ରାସ୍ତାରେ ଅଳ୍ପ ବାଟ ଯିବା ପରେ ଗୋଟେ ମୋଡ଼ ପଡ଼ିଲା । ହୋଟେଲ୍ ମାଲିକ ଆମକୁ ଆଉ ଦେଖିପାରିଲାନାହିଁ । ହୋମ୍‌ସ ସାଙ୍ଗେ ସାଙ୍ଗେ ଅଟକି ଯାଇ କହିଲେ, "ସେ ହୋଟେଲ୍‌ଟାରେ ବେଶ୍ ଆରାମ ଲାଗୁଥିଲା । ସେଠି ଅନେକ କଥା ଜାଣି ହେଇଥାନ୍ତା । ମୁଁ ଭାବୁଛି ଆମେ ଏଠୁ ଯିବା ନାହିଁ ।"

ମୁଁ କହିଲି, "ମୋର ଦୃଢ଼ ବିଶ୍ୱାସ, ଏଇ ରୁବେନ୍ ହେସ୍ଟ୍‌ସ୍ ସବୁ ଜାଣେ । ତା ଭଳି ଶୟତାନ୍ ମୁଁ କେବେ ଦେଖି ନାହିଁ ।"

"ତୁମର ମଧ ଏଇ ଧାରଣା ? ହଁ, ସେ ଘୋଡ଼ା, ସେ ଶାଳ ! ଏଇ 'ଫାଇଟିଙ୍ଗ୍ କକ୍' ନିଶ୍ଚୟ ଏକ ରହସ୍ୟପୂର୍ଣ୍ଣ ଜାଗା । ମୁଁ ଭାବୁଛି ଆମେ ଆଉ ଥରେ ଯାଇ ଲୁଚି ଛପି ଜାଗାଟାକୁ ଦେଖିବା ।"

Digitized by srujanika@gmail.com

ଆମ ପଛରେ ପାହାଡ଼ର ଲମ୍ବା ଢାଲୁ ଜାଗା । ସେଠି ମାଟିଆ ରଙ୍ଗର ଚୂନପଥର ସବୁ ଜମା । ଆମେ ସେଠୁ ଗୁଡ଼ା ପାହାଡ଼ ଉପରକୁ ଉଠିବାକୁ ଯାଉଛୁ, ଏତିକିବେଳେ ମୁଁ ହୋଲ୍‌ଡର୍‌ନେସ୍ ହଲ ଆଡ଼େ ଗୁହିଁଦେଲି । ଦେଖିଲି ଜଣେ ସାଇକଲ୍ ଆରୋହୀ ଖୁବ ଜୋର୍‌ରେ ଆସୁଛି । ହୋମ୍‌ସ ମୋ କାନ୍ଧ ଉପରେ ଜୋର୍‌ରେ ହାତ ରଖି କହିଲେ, "ବସି ପଡ଼ ୱାଟ୍‌ସନ୍ !" ଆମେ ବସିପଡ଼ି ଲୁଚି ଯାଇଛୁ କି ନାହିଁ ଲୋକଟା ଆମ କଡ଼ ଦେଇ ଗୁଲି ଗଲା । ଧୂଳି ଉଡ଼ୁଥାଏ । ତାରି ଭିତରେ ଲୋକଟାର ଶୁଖିଲା ମୁହଁ ଦେଖି ପାରିଲି । ମୁହଁରେ ଭୟର ଚିହ୍ନ, ପାଟିଟା ମେଲା ଆଉ ଆଖି ଦିଓଟା ସିଧା ସଳଖ ଆଗକୁ । ଲୋକଟା ଜେମସ୍ ୱାଇଲ୍‌ଡର୍‌ଙ୍କର ଏକ ନକଲ ପରି ଜଣାଗଲା । ହୋମ୍‌ସ କହି ଉଠିଲେ, 'ଡିଉକଙ୍କ ସେକ୍ରେଟାରୀ । ଆସ ୱାଟ୍‌ସନ୍, ସେ କ'ଣ କରୁଛନ୍ତି ଦେଖିବା ।"

ଆମେ ପଥରରୁ ପଥରକୁ ଡେଇଁ ଡେଇଁ ଗୁଲିଲୁ । ଶେଷରେ ଗୋଟେ ଜାଗାରୁ ହୋଟେଲର ସାମନା ଗେଟ୍‌ଟା ଆମକୁ ଦେଖାଗଲା । ଗେଟ୍ ପାଖ କାନ୍ଥରେ ୱାଇଲ୍‌ଡର୍‌ଙ୍କ ସାଇକଲଟା ଡେରିହୋଇ ଥୁଆ ହୋଇଥାଏ । ଘର ଭିତରେ କେହି ଥିଲା ପରି ଜଣାଗଲା ନାହିଁ । ଝରକା ଫାଙ୍କରେ ବି କାହାକୁ ଦେଖିବାକୁ ପାଇଲୁ ନାହିଁ । ସୂର୍ଯ୍ୟ ହୋଲ୍‌ଡର୍‌ନେସ ହଲ୍ ସେ ପାଖେ ଲୁଚିଗଲେ । ଆସ୍ତେ ଆସ୍ତେ ଅନ୍ଧାର ହୋଇଆସିଲା । ତା ପରେ ଶାଳଘର ପାଖରେ ଗୋଟେ ଗାଡ଼ିର ଦୁଇ ପାଖ ବତୀ ଦି'ଟା ଜଳିବାର ଦେଖିଲୁ । ଅଳ୍ପ ସମୟ ପରେ ଘୋଡ଼ା ଟାପୁର ଶବ୍ଦ ଶୁଣାଗଲା । ଗାଡ଼ିଟା ରାସ୍ତା ଉପରକୁ ଆସି ଖୁବ୍ ଦ୍ରୁତ ଗତିରେ ଚେଷ୍ଟରଫିଲଡ୍ ଆଡ଼କୁ ମାଡ଼ି ଗୁଲିଲା ।

ଚୁପ୍‌ଚାପ୍ କରି ହୋମ୍‌ସ କହିଲେ, "ଏଥିରୁ କ'ଣ ଜାଣୁଛ ୱାଟ୍‌ସନ୍ ?"

"କେହି ପଳାଇଲା ପରି ଜଣାଯାଉଛି ।"

"ମୁଁ ଦେଖିଛି, ଗାଡ଼ିରେ ଜଣେ ଲୋକ । ସେ ମିଷ୍ଟର୍ ଜେମସ୍ ୱାଇଲ୍‌ଡର୍ ନୁହନ୍ତି । କାରଣ, ଦେଖ, ସେ ଦରଜା ପାଖରେ ଠିଆ ହୋଇଛନ୍ତି ।"

ଅନ୍ଧାର ଭିତରେ ଝଲକାଏ ଆଲୁଅ ଦେଖାଗଲା । ତା'ରି ଭିତରେ ସେକ୍ରେଟାରୀଙ୍କୁ ଦେଖିପାରିଲି । ବେକଟା ଲମ୍ବାଇ ସେ ବାହାର ଆଡ଼େ

Digitized by srujanika@gmail.com

ଗୃହିଁଥାନ୍ତି । ଜାଣିଲୁ ସେ କାହାର ଆସିବାକୁ ଅପେକ୍ଷା କରିଛନ୍ତି । ଶେଷରେ ରାସ୍ତା ଉପରେ ପାଦ ଶବ୍ଦ ଶୁଣାଗଲା । ସେଇ ଫିକା ଆଲୁଅରେ ମୁହୂର୍ତ୍ତିକ ପାଇଁ ଆଉ ଜଣେ ଲୋକ ଦେଖାଗଲା । ତା'ପରେ ଦରଜା ବନ୍ଦ ହୋଇଗଲା ଆଉ ଗୃହଆଡ଼ ଅନ୍ଧାର ହୋଇଗଲା । ପାଞ୍ଚ ମିନଟ୍ ପରେ ପ୍ରଥମ ମହଲାର ଗୋଟେ କୋଠରୀରେ ଗୋଟେ ବତ୍ତି ଜଳି ଉଠିଲା ।

ହୋମ୍‌ସ କହିଲେ, "ଏଇ ଫାଇଟିଙ୍ଗ୍ କକ୍‌ରେ ଯାହା ସବୁ ଘଟିଲାଛି, ସେ ସବୁ ବଡ଼ ବିଚିତ୍ର ଆଉ ରହସ୍ୟମୟ ଜଣାଯାଉଛି ।"

"କିନ୍ତୁ ମଦ ପାନକରିବା ଜାଗାଟା ଆରପାଖରେ ।"

"ହଁ । ଏମାନେ ଯେ ଆସିଲେ ସେମାନଙ୍କୁ ଘରେଇ ଅତିଥି କୁହାଯାଇ-ପାରେ । କିନ୍ତୁ ମିଷ୍ଟର୍ ଜେମସ୍ ଉଆଇଲ୍‌ଡ଼ର୍ ଏତେ ରାତିରେ ଏ ଭଳି ଜାଗାରେ କ'ଣ କରୁଛନ୍ତି, ଆଉ ତାଙ୍କ ସାଥିରେ ଏଠି ଦେଖା କରିବାକୁ କିଏ ଆସିଛି ? ଆସ ଉଆଟ୍‌ସନ୍, ବିପଦ ପଡ଼ିଲେ ପଡ଼ୁ ପଛେ, ଆମେ ଭଲଭାବେ ଘଟଣାଟା ଅନୁସନ୍ଧାନ କରିବା ।"

ଆମେ ସାଥିହୋଇ ରାସ୍ତାପାରିହୋଇ ହୋଟେଲ୍ ଦରଜା ପାଖରେ ଆସି ପହଞ୍ଚିଲୁ । ସାଇକଲ୍‌ଟା ସେଯାଏ କାନ୍ଥରେ ଡେରି ହୋଇଥାଏ । ହୋମ୍‌ସ ଖଣ୍ଡେ ଦିଆସିଲିକାଠି ମାରି ପଛ ଚକା ପାଖରେ ଧରିଲେ । ଡନ୍‌ଲପ୍ ଟାୟାର୍‌ଟା ଦେଖି ସେ ଟିକିଏ ଖୁସିହେଲେ । ଆମ ମୁଣ୍ଡ ଉପରେ ଖୋଲା ଝରକା ବାଟେ ଘରର ଆଲୁଅ ଆସୁଥିଲା । ସେ କହିଲେ, "ମୁଁ ଏଇ ଝରକା ବାଟେ ଘର ଭିତରଟା ଦେଖିବାକୁ ଚାହେଁ ଉଆଟ୍‌ସନ୍ । ତୁମେ କାନ୍ଥରେ ଭରାଦେଇ ଟିକିଏ ଲଇଁପଡ଼ିଲେ ହୋଇଯିବ ।"

ଟିକିଏ ପରେ ସେ ମୋ କାନ୍ଧ ଉପରେ ଠିଆହୋଇ ପଡ଼ିଲେ । କିନ୍ତୁ ମାଙ୍କେ ସାଙ୍ଗେ ତଳକୁ ଓହ୍ଲାଇ ପଡ଼ିଲେ । କହିଲେ, "ଆସ ଉଆଟ୍‌ସନ୍, ଦିନସାରା ଆମେ ଢେର କାମ କଲେଣି । ମୁଁ ଭାବୁଛି, ଯାହା ଜାଣିବା କଥା, ଆମେ ସବୁ ଜାଣିଗଲେଣି । ସ୍କୁଲ୍‌ଟା ଏଠୁ ଗୁଡ଼ାଏ ଦୂର ଆଉ ଆମେ ଯେତେ ଶୀଘ୍ର ବାହାରିଯିବା ସେତେ ଭଲ ।"

Digitized by srujanika@gmail.com

ଜଙ୍ଗଲ ଭିତର ଦେଇ ଆସିବା ବେଳେ ହୋମ୍‌ସ ପ୍ରାୟ ପାଟି ଫିଟାଇ ନାହାନ୍ତି । ସ୍କୁଲ ପାଖରେ ପହଞ୍ଚି ସେ ସ୍କୁଲକୁ ନ ଯାଇ ମାକ୍‌ଲ୍‌ଟନ୍ ଷ୍ଟେସନକୁ ଗଲେ । ସେଠୁ କ'ଣ ଟେଲିଗ୍ରାମ୍ ସବୁ ପଠାଇଲେ । ରାତି ଅନେକ ଡେରିରେ ସେ ଡକ୍‌ଟର ହକ୍‌ସଟେବ୍‌ଲ୍‌ଙ୍କୁ ସାନ୍ତ୍ୱନା ଦେଉଥିବାର ଶୁଣିଲି । ତା ପରେ ସେ ମୋ ରୁମ୍‌କୁ ଆସିଲେ । ଦେଖିଲି ସକାଳେ ବାହାରିଲାବେଳେ ସେ ଯେମିତି ସତେଜ ଆଉ ପ୍ରଫୁଲ୍ଲ ଦେଖାଯାଉଥିଲେ । ଏବେ ବି ସେମିତି ଦେଖାଯାଉଛନ୍ତି । ମୋତେ କହିଲେ, "ସବୁ ଠିକ୍ ଅଛି ଓ୍ୱାଟ୍‌ସନ୍ । ମୁଁ ଜବାବ୍ ଦେଉଛି କାଲି ସଂଧ୍ୟା ପୂର୍ବରୁ ଆମେ ଏ ରହସ୍ୟର ସମାଧାନ କରିପାରିବା ।

ତା ପରଦିନ ସକାଳ ଏଗାରଟାବେଳେ ଆମେ ହୋଲ୍‌ଡର୍‌ନେସ ହଲରେ ପହଞ୍ଚିଲୁ । ମାନ୍ୟବର ଡିଉକ୍‌ଙ୍କ ପଢ଼ା ଘରେ ମିଷ୍ଟର ଜେମସ୍ ଓ୍ୱାଇଲ୍‌ଡ଼ର୍‌ଙ୍କ ସାଥିରେ ସାକ୍ଷାତ ହେଲା । ସେ ବେଶ୍ ଶାନ୍ତ ଆଉ ଭଦ୍ର ବ୍ୟବହାର ଦେଖାଇଲେ । ଆମକୁ କହିଲେ, "ଆପଣମାନେ ମାନ୍ୟବର ଡିଉକ୍‌ଙ୍କ ସାଥିରେ ଦେଖା କରିବାକୁ ଆସିଛନ୍ତି ? ବଡ଼ ଦୁଃଖର କଥା, ତାଙ୍କ ଦେହ ଭଲ ନାହିଁ । ଆପଣଙ୍କ ଆବିଷ୍କାର କଥା ଡକ୍‌ଟର୍ ହକ୍‌ସଟେବ୍‌ଲ୍ ଟେଲିଗ୍ରାମ୍ କରି ଆମକୁ ଜଣାଇ ଦେଇଛନ୍ତି । ସେଇ ଦୁଃସମ୍ବାଦ ପାଇ ସେ ବଡ଼ ବ୍ୟସ୍ତ ହୋଇପଡ଼ିଛନ୍ତି ।"

"ମୁଁ ନିଶ୍ଚୟ ମାନ୍ୟବର ଡିଉକ୍‌ଙ୍କୁ ଦେଖାକରିବି ମିଷ୍ଟର୍ ଓ୍ୱାଇଲ୍‌ଡର୍ ।"

"କିନ୍ତୁ ସେ ତାଙ୍କ ଶୋଇବା ଘରେ ।"

"ତା ହେଲେ ମୁଁ ସେଠିକି ଯିବି ।"

"ସେ ଶୋଇଥିବେ ବୋଲି ମୋର ଆଶା ।"

"ତଥାପି ମୁଁ ସେଇଠି ତାଙ୍କୁ ଦେଖାକରିବି ।"

ହୋମ୍‌ସଙ୍କ ଧୀର ଅଥଚ ଦୃଢ଼ ଭାବରୁ ସେକ୍ରେଟାରୀ ଜାଣିଲେ ଯେ ତାଙ୍କ ସାଥିରେ ଯୁକ୍ତିକରି ଲାଭ ନାହିଁ । ସେ କହିଲେ, "ଠିକ୍ ଅଛି ମିଷ୍ଟର ହୋମ୍‌ସ । ଆପଣ ଆସିବା କଥା ମୁଁ ତାଙ୍କୁ ଜଣାଇଦେଉଛି ।"

Digitized by srujanika@gmail.com

ଅଧ ଘଣ୍ଟାଏ ପରେ ମାନ୍ୟବର ଡିଉକ୍ ଆସି ପହଞ୍ଚିଲେ । ତାଙ୍କ ମୁହଁ ଖୁବ୍ ବିବର୍ଣ୍ଣ ଦିଶୁଥାଏ । ମୋତେ ଜଣାଗଲା ପୂର୍ବଦିନ ସକାଳ ଅପେକ୍ଷା ସେ ଯେମିତି ଯଥେଷ୍ଟ ବୁଢ଼ା ହୋଇଯାଇଛନ୍ତି । ସେ ଆମକୁ ଯଥାମାନ୍ୟ ଦେଖାଇ ତାଙ୍କ ଟେବୁଲ ପାଖରେ ବସିଗଲେ । କହିଲେ, "ହଁ ମିଷ୍ଟର୍ ହୋମ୍‌ସ ।"

ମୋ ବନ୍ଧୁଙ୍କ ଆଖି ହ'ଟା କନ୍ଷ୍ଟ ସେକ୍ରେଟାରୀଙ୍କ ଉପରେ ଥାଏ । ସେ ତାଙ୍କ ପ୍ରଭୁଙ୍କ ଚଉକି ପାଖରେ ଠିଆହୋଇଥାନ୍ତି । ହୋମ୍‌ସ କହିଲେ, "ମୁଁ ଭାବୁଛି ମହାମାନ୍ୟ ଡିଉକ୍, ମିଷ୍ଟର ୱାଇଲ୍‌ଡର୍ ଏଠୁ ବିଦାୟ ନେଲେ ମୁଁ ଅଧିକ ଖୋଲଖୋଲି କଥାବାର୍ତ୍ତା କରିପାରିବି ।"

ସେକ୍ରେଟାରୀଙ୍କ ମୁହଁ ଶୁଖିଗଲା । ସେ ରାଗରେ ହୋମ୍‌ସଙ୍କ ଆଡ଼କୁ ଚାହିଁ କହିଲେ, "ଯଦି ମାନ୍ୟବର ଡିଉକ୍ ଇଚ୍ଛା କରନ୍ତି ... ।"

"ହଁ, ହଁ ତୁମେ ବରଂ ଯାଅ । ଏଥର ମିଷ୍ଟର୍ ହୋମ୍‌ସ, ଆପଣ କ'ଣ କହିବେ ?"

ସେକ୍ରେଟାରୀ ଚାଲିଯିବା ପରେ ଦରଜାଟା ବନ୍ଦ ହେବାଯାଏ ହୋମ୍‌ସ ଅପେକ୍ଷା କଲେ । ତାପରେ କହିଲେ, "ମୋ ସହକର୍ମୀ ଡାକ୍ତର ୱାଟ୍‌ସନ୍ ଆଉ ମୁଁ ଡକ୍ଟର୍ ହକସ୍‌ଟେବଲ୍‌ଙ୍କଠାରୁ ଶୁଣିଲୁ ଏ କେଶ୍‌ରେ ଆପଣ ଗୋଟାଏ ପୁରସ୍କାର ଦେବାର ଘୋଷଣା କରିଛନ୍ତି । ସେଟା ଆପଣଙ୍କ ନିଜ ମୁହଁରୁ ମୁଁ ଶୁଣିବାକୁ ଚାହେଁ ।"

"ନିଶ୍ଚୟ ମିଷ୍ଟର୍ ହୋମ୍‌ସ, ମୁଁ ପୁରସ୍କାର ଘୋଷଣା କରିଛି ।"

"ଶୁଣିଲି, ଆପଣଙ୍କ ପୁଅ କେଉଁଠି ଅଛନ୍ତି ସେ କହିଦେଇ ପାରିବ ସେ ପାଞ୍ଚ ହଜାର ପାଉଣ୍ଡ ପୁରସ୍କାର ପାଇବ ?"

"ବିଲ୍‌କୁଲ୍ ଠିକ୍ ।"

"ଯେଉଁ ଲୋକ ବା ଯେଉଁମାନେ ତାଙ୍କୁ ଅଟକାଇ ରଖିଛନ୍ତି, ତାଙ୍କ ନାଁ ଯେ କହିପାରିବ ସେ ଆଉ ଏକ ହଜାର ପାଉଣ୍ଡ ପାଇବ ?"

"ହଁ ।"

Digitized by srujanika@gmail.com

"ଯେଉଁମାନେ ଅଟକାଇ ରଖିଛନ୍ତି କହିଲେ, କେବଳ ଯେଉଁମାନେ ତାଙ୍କୁ ନେଇ ଆସିଛନ୍ତି ସେମାନେ ନହୋଇ ଯେଉଁମାନେ ତାଙ୍କୁ ବର୍ତ୍ତମାନ ଅବସ୍ଥାରେ ରଖିଛନ୍ତି, ସେମାନେ ମଧ୍ୟ ହୋଇପାରିବେ ?"

ଅସ୍ଥିରହୋଇ ଡିଉକ୍ କହିଲେ, "ହଁ, ହଁ । ଆପଣ ଯଦି ଠିକ୍‌ଭାବେ କାମକରନ୍ତି ମିଷ୍ଟର୍ ହୋମ୍‌ସ ତେବେ ଆମେ କୃପଣବୋଲି ଅଭିଯୋଗ କରିବାର ସୁଯୋଗ ପାଇବେ ନାହିଁ ।"

ମୋ ବନ୍ଧୁ ଖୁବ୍ ଲୋଭକଲାପରି ହାତ ଦୁଇଟା ମଳିଲେ । ମୁଁ ଯା ଦେଖି ଆଶ୍ଚର୍ଯ୍ୟ ହୋଇଗଲି । କାରଣ ମୁଁ ଜାଣେ ଧନର ମମତା ତାଙ୍କର ନାହିଁ । ସେ କହିଲେ, "ଆପଣ ଚେକ୍ ବହିଟା ଟେବୁଲ୍‌ଉପରେ ଦେଖି ପାରୁଛନ୍ତି । ମୋ ନାଁରେ ଛଅହଜାର ପାଉଣ୍ଡର ଚେକ୍‌ଟାଏ କାଟିଦେଲେ ମୁଁ ବଡ଼ ଆନନ୍ଦିତ ହେବି । ମୋ ବ୍ୟାଙ୍କହେଲା, 'ଦି କାପିଟାଲ୍ ଆଣ୍ଡକାଉଣ୍ଟି ବ୍ୟାଙ୍କ, ଅକ୍‌ସ୍‌ଫୋର୍ଡ ଷ୍ଟ୍ରୀଟ୍' ।"

ମାନ୍ୟବର ଡିଉକ୍ ଖୁବ୍ କଠୋର ଭଙ୍ଗୀରେ ଚଉକିରେ ସିଧାହୋଇ ବସିଗଲେ । ହୋମ୍‌ସଙ୍କ ଆଡ଼କୁ ଗୁହିଁ କଡ଼ା ସ୍ୱରରେ କହିଲେ, "ରହସ୍ୟ କରୁଛନ୍ତି ମିଷ୍ଟର୍ ହୋମ୍‌ସ । ଏଟା ରହସ୍ୟରେ ଘଟଣା ନୁହେଁ ।"

"ମୋଟେ ନୁହେଁ, ମାନ୍ୟବର ଡିଉକ୍ । ମୋ ଜୀବନରେ ମୁଁ ଯାଠୁବଳି ଅଧିକ ବାସ୍ତବ କେବେ ହୋଇନାହିଁ ।"

"ତା'ହେଲେ ଆପଣଙ୍କ କଥାର ଅର୍ଥ ?"

"ଅର୍ଥ, ମୁଁ ପୁରସ୍କାରଟା ପାଇବାର ହକ୍‌ଦାର । ଆପଣଙ୍କ ପୁଅ କେଉଁଠି ମୁଁ ଜାଣେ ଆଉ ଯେଉଁମାନେ ତାଙ୍କୁ ସେଠି ରଖିଛନ୍ତି ସେମାନଙ୍କ ଭିତରୁ ଅନ୍ତତଃ କେତେଜଣଙ୍କୁ ବି ଜାଣେ ।"

ଘନ ଘନ ନିଃଶ୍ୱାସପକାଇ ଡିଉକ୍ କହିଲେ, "ସେ କେଉଁଠି ?"

"ସେ ଅନ୍ତତଃ କାଲିରାତିରେ, ଆପଣଙ୍କ ଗେଟ୍‌ଠାରୁ ଦୁ'ମାଇଲ୍ ଦୂର ଫାଇଟିଙ୍ଗ୍ କକ୍ ହୋଟେଲ୍‌ରେ ଥିଲେ । ଏବେ ବି ଥାଇପାରନ୍ତି ।"

"ଡିଉକ୍ ଚଉକିଟାରେ ଆଉଜିପଡ଼ି କହିଲେ, "ଆଉ ସେଥିପାଇଁ ଆପଣ କାହାକୁ ଦୋଷୀ ବୋଲି କହୁଛନ୍ତି ?"

Digitized by srujanika@gmail.com

ସେର୍‌ଲକ୍ ହୋମ୍‌ସଙ୍କ ଉତ୍ତର ଅତି ବିସ୍ମୟକର । ସେ ଖୁବ୍ ଚଞ୍ଚଳ ଆଗକୁ ଚାଲିଯାଇ ଡିଉକ୍‌ଙ୍କ କାନ୍ଧଟା ଛୁଇଁଦେଇ କହିଲେ, "ମୁଁ ଆପଣଙ୍କୁ ଦୋଷୀ ବୋଲି କହୁଛି । ଏଥର ଚେକ୍‌ଟା ମୋତେ ଦେଇଦେବା ପାଇଁ ଆପଣଙ୍କୁ ହଇରାଣ କରିବି ।"

ଡିଉକ୍‌ଙ୍କର ସେ ସମୟର ଚେହେରା ମୁଁ ମୋଟେ ଭୁଲିପାରିବିନାହିଁ । ସତେ ଯେମିତି ସେ ପାତାଳ ଗହ୍ୱରରେ ଖସିପଡ଼ୁଛନ୍ତି । ତା'ପରେ ସେ ଚେଷ୍ଟାକରି ନିଜକୁ ସଂଯତକରି ଚଉକିରେ ବସିଗଲେ । ହାତ ଭିତରେ ମୁହଁଟା ଗୁଞ୍ଜି କହିଲେ, "ଆପଣ ଏ ବିଷୟରେ କ'ଣ ଜାଣନ୍ତି ?"

"ଆପଣ ଦୁଇଜଣଙ୍କୁ ମୁଁ କାଲିରାତି ସେଠି ଦେଖିଛି ।"

"ଆପଣଙ୍କ ବନ୍ଧୁଙ୍କଛଡ଼ା ଏ କଥା ଅନ୍ୟକେହି ଜାଣନ୍ତି ?"

"ମୁଁ କାହାକୁ ଏ କଥା କହିନାହିଁ ।"

"ମୁଁ ମୋ କଥା ରକ୍ଷାକରିବି ମିଷ୍ଟର୍ ହୋମ୍‌ସ । ଆପଣଙ୍କ ସମ୍ବାଦ ମୋ ପାଇଁ ଭଲହେଉ ବା ନହେଉ ମୁଁ ଚେକ୍‌ଟା ଲେଖୁଛି । ପୁରସ୍କାରଟା ଘୋଷଣା କଲାବେଳେ ପରିଣତି କ'ଣ ହେବ ମୁଁ ମୋଟେ ଚିନ୍ତା କରିନଥିଲି । କିନ୍ତୁ ଆପଣ ଆଉ ଆପଣଙ୍କ ବନ୍ଧୁ ନିଶ୍ଚୟ ବିଚାରବନ୍ତ ଲୋକ ?"

"ମୁଁ ଆପଣଙ୍କ କଥା ବୁଝିପାରୁନାହିଁ ।"

"ମୁଁ ତେବେ ସରଳଭାବେ କଥାଟା କହେ । ଯଦି ଆପଣ ଦୁଇଜଣ ଏ ଘଟଣା ଜାଣନ୍ତି ତେବେ ଅନ୍ୟକେହି ଜାଣିବାର କିଛି କାରଣ ନାହିଁ । ମୁଁ ଭାବୁଛି ମୋଠାରୁ ଆପଣମାନଙ୍କର ପ୍ରାପ୍ୟ ବାରହଜାର ପାଉଣ୍ଡ । ନା କ'ଣ ?"

ହୋମ୍‌ସ ସାମାନ୍ୟ ଏଥର ମୁଣ୍ଡହଲାଇ କହିଲେ, "କାମଟା ଏତେ ସହଜ ନୁହେଁ । ଏଇ ସ୍କୁଲ ଶିକ୍ଷକଙ୍କ ମୃତ୍ୟୁ···।"

"କିନ୍ତୁ ଜେମ୍‌ସ ସେ ବିଷୟରେ କିଛି ଜାଣେନା । ସେଇ ଶୟତାନ, ସାଣ୍ଡୋର ସେ କାମ । ଦୁର୍ଭାଗ୍ୟକୁ ଜେମ୍‌ସ ତାକୁ ତା କାମରେ ନିଯୁକ୍ତ କରିଥିଲା ।"

Digitized by srujanika@gmail.com

"ମୋ ମତରେ ଜଣେ ଲୋକ ଗୋଟେ ଅପରାଧକରିବାରେ ପ୍ରବୃତ୍ତ ହେଲେ ସେଥିରୁ ଅନ୍ୟ ଯାହା କିଛି ଅପରାଧ ଘଟିବ ସେଥିପାଇଁ ସେ ନୈତିକତା ଦୃଷ୍ଟିରୁ ଦାୟୀ ।"

"ନୈତିକତା ଦୃଷ୍ଟିରୁ ମିଷ୍ଟର୍ ହୋମ୍‌ସ । ଆପଣ ଠିକ୍ କହୁଛନ୍ତି । କିନ୍ତୁ ଆଇନ୍ ଦୃଷ୍ଟିରୁ ନୁହେଁ । ସେ ହତ୍ୟାସ୍ଥଳରେ ନାହିଁ ଏବଂ ହତ୍ୟାକୁ ଆପଣଙ୍କ ପରି ଘୃଣା ଆଉ ଭୟକରେ ତାକୁ ଦୋଷ ଦିଆଯାଇପାରିବନାହିଁ । ସେ ଏ ଘଟଣା ଶୁଣିବାମାତ୍ରେ ସବୁକଥା ସ୍ୱୀକାର କରିଛି ଏବଂ ତା ମନରେ ଭୟ ଆଉ ଅନୁତାପ ଆସିଛି । ମିଷ୍ଟର୍ ହୋମ୍‌ସ, ଆପଣ ତାକୁ ରକ୍ଷା କରନ୍ତୁ । ମୋର ଅନୁରୋଧ ଆପଣ ଯେକୌଣସି ପ୍ରକାରେ ତାକୁ ରକ୍ଷା କରନ୍ତୁ ।

ଡିଉକ୍ ଯେତେ ଚେଷ୍ଟାକଲେ ବି ଧୈର୍ଯ୍ୟଧରି ରହିପାରିଲେନାହିଁ । ବିଚଳିତହୋଇ ଘରଭିତରେ ଏପଟ ସେପଟ ହେଲେ ! ଶେଷରେ ସେ ନିଜକୁ ସଂଯତ କରି ପୁଣି ଚଉକିରେ ବସିଗଲେ ଏବଂ କହିଲେ, "ଆପଣ ଏ ବିଷୟରେ କାହାକୁ କିଛି କହିବାଆଗରୁ ମୋପାଖକୁ ଆସିଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି । ଆମେ ଅନ୍ତତଃ ଏ ଘୃଣା ଅପବାଦ କେତେ ଦୂର କମାଇ ପାରିବ ସେ ବିଷୟରେ ବିଚାର କରିବା ।"

"ତା ବିଲ୍‌କୁଲ୍ ଠିକ୍ । ମୁଁ ଭାବୁଛି ଆମ ଭିତରେ ପୁରାପୁରି ଖୋଲା କଥାବାର୍ତ୍ତା ହେବା ଦର୍କାର । ମୁଁ ମୋ ପାରୁପର୍ଯ୍ୟନ୍ତ ଆପଣଙ୍କୁ ସାହାଯ୍ୟ କରିବାକୁ ରାଜିଅଛି । କିନ୍ତୁ ସେଥିପାଇଁ ବର୍ତ୍ତମାନ ଘଟଣାର ପରିସ୍ଥିତି ଠିକ୍‌ଠାକ୍‌ଭାବେ ଜାଣିବା ମୋର ଦର୍କାର । ଆପଣଙ୍କ କଥାରୁ ଜାଣିଲି ଯେ ଆପଣ ମିଷ୍ଟର୍ ଜେମ୍‌ସ ୱାଇଲ୍‌ଡର୍‌ଙ୍କ କଥା କହୁଥିଲେ ଆଉ ସେ ହତ୍ୟାକାରୀ ନୁହଁନ୍ତି ।"

"ନା, ହତ୍ୟାକାରୀ ଖସି ଚାଲିଯାଇଛି ।"

ହସିହସି ସେରଲକ ହୋମ୍‌ସ କହିଲେ, "ମୋର ଯାହାକିଛି ସାମାନ୍ୟ ଖ୍ୟାତିଅଛି ଆପଣ ଶୁଣିନାହାନ୍ତି । ତା'ନହେଲେ ମୋ ହାତରୁ ଏତେ ସହଜରେ କେହି ଖସିଯିବା କଥା ଆପଣ ଚିନ୍ତା କରିନଥାନ୍ତେ । ମୋ ଖବର ଅନୁସାରେ କାଲିରାତି ଏଗାରଟାବେଳେ ମିଷ୍ଟର ରୁବେନ୍ ହେସ୍‌ଙ୍କ

ଚେଷ୍ଟାରଫିଲ୍‌ଡ଼ରେ ଆରେଷ୍ଟ କରାଯାଇଛି । ଆଜି ସକାଳେ ମୁଁ ସ୍କୁଲରୁ ଆସିବା ଆଗରୁ ପୋଲିସ ମୋତେ ଟେଲିଗ୍ରାମ୍ କରି ଏ ଖବର ଜଣାଇ ଦେଇଛନ୍ତି ।"

ବିସ୍ମିତ ଡିଉକ୍ ହୋମ୍‌ସଙ୍କ ମୁହଁକୁ ବଲବଲକରି ଚାହିଁ କହିଲେ, "ଆପଣଙ୍କ କ୍ଷମତା ମଣିଷପକ୍ଷରେ ସମ୍ଭବନୁହେଁ ମିଷ୍ଟର ହୋମ୍‌ସ । ରୁବେନ୍ ହେୟସ୍ ତାହେଲେ ଆରେଷ୍ଟ ହୋଇଛି । ଅବଶ୍ୟ ତା'ଫଳରେ ଜେମ୍‌ସର ଯଦି କିଛି କ୍ଷତି ନ'ହୁଏ ତେବେ ମୁଁ ଖୁବ୍ ଆନନ୍ଦିତ ।"

"ଆପଣଙ୍କ ସେକ୍ରେଟାରୀ ଜେମ୍‌ସ ତ ?"

"ନା, ମୋ ପୁଅ ।"

ଏଥର କିନ୍ତୁ ବିସ୍ମିତ ହେବାର ପାଳି ପଡ଼ିଲା ହୋମ୍‌ସଙ୍କର । ସେ କହିଲେ, "ସତ କହୁଛି, ଏ କଥା ମୋ ପାଇଁ ପୂରା ନୂଆ । ଆପଣ ପରିଷ୍କାରଭାବେ ସବୁ କହିବା ପାଇଁ ଅନୁରୋଧ କରୁଛି ।"

"ମୁଁ ଆପଣଙ୍କପାଖରେ କିଛି ଲୁଚାଇବି ନାହିଁ । ମୁଁ ଆପଣଙ୍କ ସହିତ ଏକମତ ଯେ ଖୋଲା ଖୋଲି କଥାବାର୍ତ୍ତା ବର୍ତ୍ତମାନ ପରିସ୍ଥିତିରେ ସବୁଠୁ ଭଲ । ମୋ ପାଇଁ ତା କଷ୍ଟଦାୟକ ହେଲେବି, ଜେମ୍‌ସର ଭୁଲ ଆଉ ଈର୍ଷା ଯୋଗୁଁ ଆମେ ଯେଉଁ ପରିସ୍ଥିତିରେ ପଡ଼ିଛୁ, ସେ ଦୃଷ୍ଟିରୁ ଖୋଲାଖୋଲି କଥାବାର୍ତ୍ତା ଏକମାତ୍ର ପନ୍ଥା । ମୁଁ ଯେତେବେଳେ ଯୁବକ ଥିଲି ଜଣକୁ ପ୍ରେମ କରୁଥିଲି । ସେ ପ୍ରେମ ଖୁବ ନିବିଡ଼ ଆଉ ଜୀବନରେ ଥରେମାତ୍ର ଆସିଥାଏ । ମୁଁ ତାଙ୍କୁ ବିବାହ କରିବାର ପ୍ରସ୍ତାବକଲି; କିନ୍ତୁ ସେ ମନାକରିଦେଲେ । କାରଣ ସେ ଭାବିଲେ, ଏ ବିବାହ ଦ୍ୱାରା ମୋର ସାମାଜିକ, ରାଜନୈତିକ ଜୀବନରେ କ୍ଷତି ଘଟିବ । ସେ ଯଦି ବଞ୍ଚିରହିଥାନ୍ତେ ତେବେ ମୁଁ ଅନ୍ୟ କାହାକୁ ବିବାହ କରି ନଥାନ୍ତି । କିନ୍ତୁ ସେ ମରିଗଲେ ଆଉ ଏଇ ଏକମାତ୍ର ସନ୍ତାନକୁ ଛାଡ଼ିଗଲେ । ତାଙ୍କରି ସ୍ମୃତିରେ ମୁଁ ତାକୁ ପାଳିଆସିଛି । ମୁଁ ତାର ବାପାବୋଲି ଦୁନିଆ ଆଗରେ କହିପାରିଲିନାହିଁ । କିନ୍ତୁ ମୁଁ ତାର ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥାକଲି ଆଉ ସେ ବଡ଼ ହୋଇଯିବା ପରେ ତାକୁ ମୋ ପାଖେ ପାଖେ ରଖିଲି । କିନ୍ତୁ

Digitized by srujanika@gmail.com

ଆଶ୍ଚର୍ଯ୍ୟର କଥା, ସେ ମୋର ଏ ଗୁପ୍ତକଥା ଜାଣିପାରିଲା । ସେଇଦିନଠୁ ସେ ମୋଉପରେ ତାର ଅଧିକାର ସାବ୍ୟସ୍ତ କରିବାପାଇଁ ଆଉ ମୋ ନାଁରେ ଅପବାଦ ସୃଷ୍ଟି କରିବା ପାଇଁ ଚନ୍ତାକଲା । ମୋ ବୈବାହିକ ଜୀବନର ଅଶାନ୍ତିରେ ତାର ଉପସ୍ଥିତି ଅନେକ ପରିମାଣରେ ଦାୟୀ । କିନ୍ତୁ ସବୁଠୁବଡ଼ କଥା ହେଲା ମୂଳରୁ ସେ ମୋର ପୁଅ ଆଉ ଉତ୍ତରାଧିକାରୀଙ୍କୁ ବରାବର ଘୃଣା କରିବାରେ ଲାଗିଲା । ଆପଣ ପଚାରିପାରନ୍ତି, ଏ ଭଳି ପରିସ୍ଥିତିରେ ମୁଁ କାହିଁକି ତଥାପି ଜେମସ୍‌କୁ ମୋ ଘରେ ରଖିଲି । ତାର କାରଣ ତା ମୁହଁରେ ମୁଁ ତା ମାଆଙ୍କ ମୁହଁ ଦେଖିପାରୁଥିଲି ଆଉ ତାଙ୍କରି ପାଇଁ ମୋତେ ଅନେକ ଦୁଃଖ ସହିବାକୁ ପଡ଼ିଲା । ଜେମସ୍‌ର ଚାଲି, ଚଳଣ, ହାବଭାବ ସବୁ ମୋ ମନରେ ତା ମାଆଙ୍କ ସ୍ମୃତି ଆଣିଦେଲା । ତେଣୁ ମୁଁ ତାକୁ ଦୂର କରିପାରିଲିନାହିଁ । କିନ୍ତୁ ମୋର ଭୟ ହେଲା ସେ ମୋ ପୁଅ ଆର୍ଥର (ଲର୍ଡ ସାଲ୍‌ଟାୟାର)ର କ୍ଷତି କରି ପାରେ । ତେଣୁ ସେ ନିରାପଦରେ ରହିବା ପାଇଁ ମୁଁ ତାକୁ ଡକ୍ଟର ହକ୍‌ସ-ଟେବଲ୍‌ଙ୍କ ସ୍କୁଲ୍‌କୁ ପଠାଇଦେଲି ।

"ଏଇ ରୁବେନ୍ ହେସ୍‌ସ୍ ମୋର ପ୍ରଜା ଆଉ ଜେମସ୍ ମୋର ଏଜେଣ୍ଟ୍ । ତେଣୁ ତା ସାଥିରେ ଜେମସ୍‌ର ପରିଚୟ ହେଲା । ଆରମ୍ଭରୁ ହିଁ ସେ ଲୋକଟା ବଡ଼ ବଦ୍‌ମାସ; କିନ୍ତୁ କେମିତି ଭାବରେ ଜେମସ୍‌ର ତା ସାଥିରେ ଘନିଷ୍ଠତା ହୋଇଗଲା । ନୀଚ ଲୋକଙ୍କ ସାଥିରେ ମିଶିବା ତାର ଗୋଟେ ପ୍ରବୃତ୍ତି । ଲର୍ଡ ସାଲ୍‌ଟାୟାର୍‌କୁ ହରଣଚାଲ କରିବାପାଇଁ ଜେମସ୍ ଯେତେବେଳେ ଠିକ୍ କଲା, ଏଇ ଲୋକଟାକୁ ସେ କାମରେ ଲଗାଇଲା । ଆପଣଙ୍କର ମନେଥିବ, ହରଣଚାଲ ପୂର୍ବଦିନ ମୁଁ ଆର୍ଥର୍ ପାଖକୁ ଖଣ୍ଡେ ଚିଠି ଦେଇଥିଲି । ଜେମସ୍ ସେଟା ଖୋଲି ତା ଭିତରେ ଆଉ ଖଣ୍ଡେ ଚିଠି ପୂରାଇଦେଲା । ରାଗଉଡ଼ ଜଙ୍ଗଲରେ ତା ସାଥିରେ ଦେଖାକରିବାପାଇଁ ସେ ଆର୍ଥର୍ ପାଖକୁ ସେ ଚିଠିରେ ଲେଖିଥିଲା । ସେଥିରେ ସେ ଡଚେସ୍‌ଙ୍କ ନାଁ ଲେଖିଦେଇଥିଲା । ତେଣୁ ଚିଠିଟା ପାଇ ଆର୍ଥର ଚାଲିଆସିଲା । ଜେମସ୍ ମୋ ଆଗରେ ଯାହା ସ୍ୱୀକାର କରିଛି ମୁଁ ଆପଣଙ୍କୁ ସେଇଆ କହୁଛି । ସେଦିନ ସନ୍ଧ୍ୟାରେ ଜେମସ୍ ସାଇକଲ୍ ଧରି ଚାଲିଗଲା । ଜଙ୍ଗଲରେ ଆର୍ଥର୍‌କୁ ଭେଟିଲା । ତାକୁ କହିଲା, ତା' ମା'

Digitized by srujanika@gmail.com

ତାକୁ ଦେଖିବା ପାଇଁ ଆଗରେ ଅପେକ୍ଷା କରିଛନ୍ତି । ରାତି ଅଧବେଳାକୁ ସେ ବାହାରି ଆସିଲେ ଜଣେ ଲୋକ ଘୋଡ଼ା ଧରି ତାଙ୍କୁ ଅପେକ୍ଷା କରିବାର ଦେଖିବ । ସେଇ ଲୋକ ତାକୁ ତା ମାଆଙ୍କ ପାଖକୁ ନେଇଯିବ । ବିଚାରି ଆର୍ଥର୍ ଏ ଫାନ୍ଦରେ ପଡ଼ିଗଲା । ସେ ନିର୍ଦ୍ଦିଷ୍ଟ ଜାଗାକୁ ଚାଲିଆସିଲା । ସେଠି ଏଇ ଲୋକ ହେସ୍‌ୟସ୍‌କୁ ଭେଟିଲା । ହେସ୍‌ୟସ୍ ତା ପାଇଁ ଆଉ ଗୋଟେ ଘୋଡ଼ା ନେଇଥିଲା । ଦୁହେଁ ସାଥିହୋଇ ଚାଲି ଆସିଲେ । ଯାହା ଜଣାଯାଉଛି, କେହି ତାଙ୍କର ଅନୁସରଣ କଲା । ଏଇ ହେସ୍‌ୟସ୍ ତା ବାଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କଲା ଏବଂ ସେଇ ଆଘାତରେ ତାଙ୍କର ମୃତ୍ୟୁ ହେଲା । ଏ କଥା ଜେମସ୍ ମାତ୍ର କାଲି ଶୁଣିଲା । ହେସ୍‌ୟସ୍ ଆର୍ଥରକୁ ତା ହୋଟେଲ୍ ଫାଇଟିଙ୍ଗ୍ କକ୍‌କୁ ନେଇଆସିଲା । ସେଠି ଉପରମହଲାର ଗୋଟେ କୋଠରିରେ ତାକୁ ବନ୍ଦକରି ରଖାଗଲା । ଶ୍ରୀମତୀ ହେସ୍‌ୟସ୍‌ଙ୍କୁ ତାର ଦାୟିତ୍ୱ ଦିଆଗଲା । ଶ୍ରୀମତୀ ହେସ୍‌ୟସ୍ ଖୁବ୍ ଭଲ ଲୋକ; କିନ୍ତୁ ତାଙ୍କ ଦୁର୍ଦ୍ଦାନ୍ତ ସ୍ୱାମୀଙ୍କର ପୂରାପୂରି ଅକ୍ତିଆରରେ ।

"ଦୁଇଦିନ ତଳେ ଆପଣଙ୍କ ସାଥିରେ ମୋର ଦେଖାହେବା ଆଗରୁ ଅବସ୍ଥା ଏଇଆ ଥିଲା ମିଷ୍ଟର୍ ହୋମ୍‌ସ । ପ୍ରକୃତ ଘଟଣା ବିଷୟରେ ଆପଣଙ୍କ ଅପେକ୍ଷା ମୋର ଆଉ ଅଧିକା କିଛି ଧାରଣା ନଥିଲା । ଆପଣ ହୁଏତ ପଚାରିପାରନ୍ତି ଏଭଳି ଗୋଟେ କାମ କରିବାରେ ଜେମସ୍‌ର କ'ଣ ଉଦ୍ଦେଶ୍ୟ ଥିଲା । ମୋ ପୁଅ ଆର୍ଥର୍‌କୁ ସେ ଭଲ ପାଉ ନଥିଲା । ତା ମନରେ ଗୁଡ଼ାଏ ଧ୍ରୁବ୍ରାନ୍ତ ଧାରଣା ଥିଲା । ତା ମତରେ ସେ ମୋର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହେବା କଥା । କିନ୍ତୁ ସାମାଜିକପ୍ରଥା ଯୋଗୁଁ ତା ଅସମ୍ଭବ । ତେଣୁ ସେ ସାମାଜିକ ପ୍ରଥାର ବିରୋଧ କରୁଥିଲା । ତା ଛଡ଼ା ତାର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ମଧ୍ୟ ଥିଲା । ସେ ଚାହୁଁଥିଲା, ବାପ ପରେ ପୁଅ ସମ୍ପତ୍ତିର ମାଲିକ ହେବାର ଯେଉଁ ପ୍ରଥା ଅଛି ମୁଁ ତାକୁ ଭାଙ୍ଗିଦିଏ । ତା ମତରେ ମୋର ସେ କ୍ଷମତା ଅଛି । ମୁଁ ଯଦି ଏଇ ପ୍ରଥା ଭାଙ୍ଗି, ଗୋଟେ ୱିଲ୍ କରି ତାକୁ ସବୁ ସମ୍ପତ୍ତି ଦେଇଦିଏ, ତେବେ ଆର୍ଥର୍‌କୁ ମୋତେ ଫେରାଇଦେବ, ଏଇ ମର୍ମରେ ଗୋଟେ ଚୁକ୍ତି କରିନେବା ତାର ଉଦ୍ଦେଶ୍ୟ ଥିଲା । ସେ ଜାଣିଥିଲା ଯେ ମୁଁ

Digitized by srujanika@gmail.com

ତା ବିରୁଦ୍ଧରେ ପୋଲିସ୍‌ର ସାହାଯ୍ୟ ନେଇପାରିବନାହିଁ । ମୁଁ କହୁଛି ସେ ମୋ ଆଗରେ ପ୍ରସ୍ତାବ କରିଥାନ୍ତା; କିନ୍ତୁ ସେପ୍ରସ୍ତାବ କରିବା ଆଗରୁ ଅବସ୍ଥା ବଦଳିଗଲା । ଏତେ ଚଞ୍ଚଳ ଅବସ୍ଥା ବଦଳିଗଲାଯେ ସେ ତା ଯୋଜନା କାମରେ ଲଗାଇବାକୁ ବେଳପାଇଲାନାହିଁ ।

'ଆପଣ ମିଷ୍ଟର ହ୍ଵର୍‌ଜର୍‌ଙ୍କ ମୃତଦେହ ଆବିଷ୍କାର କରିବା ଫଳରେ ତାର ଏଇ କୁଚକ୍ରାନ୍ତ ପଣ୍ଡ ହୋଇଗଲା ଏ ଖବର ପାଇବା ମାତ୍ରେ ଜେମସ୍ ମନରେ ଖୁବ୍ ଭୟ ଆସିଗଲା । କାଲି ଆମେ ଦୁହେଁ ଏଇ ପଢ଼ା ଘରେ ବସିଥିବା ବେଳେ ଏ ଖବର ଆସିଲା । ଡକ୍ଟର୍ ହୁକଷ୍ଟେବଲ୍ ଟେଲିଗ୍ରାମ୍ କରିଥିଲେ । ଦୁଃଖରେ ଜେମସ୍ ଅଧା ବିଚଳିତ ହୋଇପଡ଼ିଲା । ଆଗରୁ ମୁଁ ତାକୁ ସନ୍ଦେହ କରୁଥିଲି । ଏବେ ସେଟା ଦୃଢ଼ ହୋଇଗଲା । ଏ କାମ ପାଇଁ ମୁଁ ତାକୁ ଦାୟୀ କଲି । ସେ ସବୁ କଥା ଆପେ ଆପେ ସ୍ୱୀକାର କରିଗଲା । ତାପରେ କଥାଟାକୁ ଅନ୍ତତଃ ଆଉ ତିନି ଦିନ ଗୋପନ ରଖିବାକୁ ସେ ମୋତେ ଅନୁରୋଧ କଲା । ଏଇ ସମୟ ଭିତରେ ସେ ତା'ର ସହଯୋଗୀ ହେୟସ୍‌ଙ୍କୁ କିଛି ପଇସାପତ୍ର ଦେଇ ପଳାଇଯିବାକୁ କହିବା ତାର ଉଦ୍ଦେଶ୍ୟ ଥିଲା । ମୁଁ ସବୁ ସମୟ ପରି ଏଥର ବି ତା କଥା ଭାଙ୍ଗିପାରିଲିନାହିଁ । ସେ ହେୟସ୍‌କୁ ସାବଧାନକରି ଦେବାପାଇଁ ସାଙ୍ଗେ ସାଙ୍ଗେ ଫାଇଟିଙ୍ଗ୍ କକ୍ ଚାଲିଗଲା । ମୁଁ ଦିନ ବେଳେ ସେଠିକି ଯାଇପାରିଲିନାହିଁ । କାରଣ ତା' ହେଲେ ଲୋକେ ନାନାକଥା ଖୁଣ୍ଟାଖୁଣ୍ଟି ହେବେ । କିନ୍ତୁ ଅନ୍ଧାର ହେବାମାତ୍ରେ ମୁଁ ଆର୍ଥରକୁ ଦେଖିବା ପାଇଁ ସେଠିକି ଛୁଟିଗଲି । ଦେଖିଲି ସେ ଭଲରେ ଅଛି । କିନ୍ତୁ ଗଲା ଘଟଣାଗୁଡ଼ାକ ଦେଖି ଭୀଷଣ ଭୟଭୀତ ହୋଇଯାଇଛି । ମୋ ଜବାବ୍ ଅନୁସାରେ ଅନିଚ୍ଛା ସତ୍ତ୍ୱେ ତାକୁ ସେଠି ଶ୍ରୀମତୀ ହେୟସ୍‌ଙ୍କ ଜିମାରେ ଆଉ ତିନି ଦିନ ଗୁଡ଼ାଏ ଆସିବାକୁ ରାଜି ହେଲି । ଆର୍ଥର କେଉଁଠି ଅଛି ସେ କଥା ପୋଲିସ୍‌କୁ ଜଣାଇବା ଅସମ୍ଭବ । କାରଣ ତା ହେଲେ ହତ୍ୟାକାରୀ କିଏ ତା ମଧ୍ୟ କହିବାକୁ ପଡ଼ିବ । ଦେଖିଲି ଜେମସ୍‌କୁ ନିରାପଦ ରଖି ହତ୍ୟାକାରୀକୁ ଦଣ୍ଡଦେବା ସମ୍ଭବ ନୁହେଁ । ଆପଣ ଖୋଲାଖୋଲି କଥାବାର୍ତ୍ତା କରିବାକୁ କହିଲେ ମିଷ୍ଟର ହୋମ୍‌ସ । ଆପଣଙ୍କ କଥା ଉପରେ ଆସ୍ଥା ରଖି

Digitized by srujanika@gmail.com

ମୁଁ କୌଣସି କଥା ନ ଲୁଗ୍ଇ ସବୁ କହୁଛୁ । ଆପଣ ସେଇପରି ଖୋଲି ଖୋଲି ସବୁ ଆପଣଙ୍କ ମତ କହିବେ ତ ?"

ହୋମସ ଉତ୍ତର ଦେଲେ, "ହଁ, ମୁଁ ଖୋଲାମନରେ ସବୁ କହିବ । ପ୍ରଥମେ ମୁଁ ଆପଣଙ୍କୁ କହିବାକୁ ବାଧ ହେଉଛି ଯେ, ଆଇନ୍ ଦୃଷ୍ଟିରୁ ଆପଣ ନିଜକୁ ଏକ ଗୁରୁତର ଅବସ୍ଥାରେ ଥୋଇଛନ୍ତି । ଆପଣ ଗୋଟେ ଗୁରୁତର ଅପରାଧିକୁ କ୍ଷମାକରିଛନ୍ତି ଆଉ ଜଣେ ହତ୍ୟାକାରୀ ଖସି ପଳାଇଯିବା ପାଇଁ ସାହାଯ୍ୟ ମଧ୍ୟ କରିଛନ୍ତି । କାରଣ ଜେମସ୍ ତାଙ୍କ ସହଯୋଗୀକୁ ସାହାଯ୍ୟ କରିବା ପାଇଁ ଯେଉଁ ପଇସା ନେଇଛନ୍ତି ତା ଆପଣଙ୍କଠାରୁ ନେଇଛନ୍ତି ବୋଲି ମୋର ମୋଟେ ସନ୍ଦେହ ନାହିଁ ।"

ଡିଉକ୍ କେବଳ ମୁଣ୍ଡ ନୁଆଁଇ ସମ୍ମତି ଜଣାଇଲେ । ହୋମସ୍ ପୁଣି କହିଲେ, "ଏହା ଏକ ଗୁରୁତର ଘଟଣା । ମୋ ମତରେ ତାଠୁ ବଳି ଗୁରୁତର ଅପରାଧ ଆପଣଙ୍କ ସାନପୁଅଙ୍କ ପ୍ରତି ଆପଣଙ୍କ ମନୋଭାବ । ଆପଣ ତାଙ୍କୁ ତିନି ଦିନ ଯାଏ ଏଇ ପଶୁ ଗୁହାରେ ଛାଡ଼ି ଦେଇଛନ୍ତି ।"

"କେବଳ ଆନ୍ତରିକ ଶପଥ ଯୋଗୁଁ ।"

"ଏଇପରି ଲୋକଙ୍କ ପାଇଁ ଶପଥର ମୂଲ୍ୟ କ'ଣ ? ସେ ପୁଣି କୁଆଡ଼େ ଉଭେଇ ନ ଯିବେ ବୋଲି ଆପଣ ଜବାବ୍ ଦେଇପାରିବେନାହିଁ । ଆପଣଙ୍କର ଏଇ ଅପରାଧୀ ବଡ଼ପୁଅକୁ ଖୁସି କରିବା ପାଇଁ ଆପଣ ନିଜର ସାନପୁଅକୁ ନିଶ୍ଚିତ ବିପଦ ଭିତରେ ଛାଡ଼ିଦେଇଛନ୍ତି ଏହା ଆଦୌ ନ୍ୟାୟସଙ୍ଗତ କାମ ନୁହେଁ ।"

ମାନ୍ୟବର ଡିଉକ ନିଜ ଘର ଭିତରେ ଏମିତି ନିନ୍ଦିତ ହେବାରେ ମୋଟେ ଅଭ୍ୟସ୍ତ ନୁହନ୍ତି । ରାଗରେ ତାଙ୍କ ରକ୍ତ ମୁଣ୍ଡକୁ ଉଠିଗଲା । କିନ୍ତୁ ତାଙ୍କର ବିବେକ ତାଙ୍କୁ ଚୁପ କରିଦେଲା । ହୋମସ୍ କହିଲେ, "ମୁଁ ଆପଣଙ୍କୁ କେବଳ ଗୋଟାଏ ସର୍ତ୍ତରେ ସାହାଯ୍ୟ କରିପାରେ । ତା ହେଲା ଆପଣ ଜଣେ ଚାକରକୁ ଡକାନ୍ତୁ ଆଉ ତାକୁ ମୁଁ ମୋ ଇଚ୍ଛା ଅନୁସାରେ ଆଦେଶ ଦେବି ।"

ପଦେହେଲେ କଥା ନ କହି ଡିଉକ୍ ଇଲେକ୍‌ଟ୍ରିକ୍ ବୋତାମଟା ଚିପି ଦେଲେ । ଜଣେ ଚାକର ଆସି ପହଞ୍ଚିଲା । ହୋମ୍‌ସ ତାକୁ କହିଲେ,

Digitized by srujanika@gmail.com

"ତୁମେ ଶୁଣି ଖୁସି ହେବ ଯେ ତୁମ ସାନମାଲିକ ମିଳିଛନ୍ତି । ତିଉକଙ୍କର ଇଚ୍ଛା ଏଇ ସାଙ୍ଗେ ସାଙ୍ଗେ ଗୋଟାଏ ଗାଡ଼ି ଫାଇଟିଙ୍ଗ୍ କକ୍ ଯାଇ ସେଠୁ ତାଙ୍କୁ ନେଇ ଆସିବ ।"

ଅତି ଆନନ୍ଦରେ ଭୃତ୍ୟ ଚାଲିଯିବାପରେ ହୋମସ୍ କହିଲେ, "ଭବିଷ୍ୟତକୁ ନଗ୍ରପଦ କଲାପରେ ଆମେ ଅତୀତ ବିଷୟରେ କିଛିଟା କୋହଳ ହୋଇପାରିବା । ମୁଁ ସରକାରୀ କ୍ଷମତାରେ ନାହିଁ । ତେଣୁ ସରକାର ତରଫରୁ ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ମୁଁ ଯାହା ଜାଣେ ତା ପ୍ରକାଶ କରିବାର କିଛି କାରଣ ନାହିଁ । ହେୟ୍‌ସ୍ ବାବଦରେ ମୋର କିଛି କହିବାର ନାହିଁ । ଫାଶୀଖୁଣ୍ଟ ତାକୁ ଅପେକ୍ଷା କରିଛି । ତାକୁ ସେଥିରୁ ରକ୍ଷା କରିବା ପାଇଁ ମୁଁ କିଛି କରିପାରିବିନାହିଁ । ସେ କ'ଣ ପ୍ରକାଶ କରିବ ମୁଁ କହି ପାରୁନାହିଁ । କିନ୍ତୁ ସେ ନୀରବ ରହିବା ତା ପକ୍ଷରେ ଭଲ ବୋଲି ଆପଣ ତାକୁ ବୁଝାଇ ଦେଇପାରିବେ । ଏଥିରେ ମୋର ସନ୍ଦେହ ନାହିଁ । ପୋଲିସ୍ ଧରି ନେବ ଯେ ଆପଣଙ୍କଠାରୁ ପଇସା ଝଡ଼ାଇବା ପାଇଁ ଆପଣଙ୍କ ପୁଅକୁ ହରଣ-ଚାଲ କରି ନେଇଥିଲା । ତାଙ୍କୁ ଅନ୍ୟ କୌଣସି ଧାରଣା ଦେବା ମୋର ଦର୍କାର ନାହିଁ । କିନ୍ତୁ ଆପଣଙ୍କୁ ମୁଁ ସାବଧାନ କରି ଦେଉଛି ଯେ, ମିଷ୍ଟର୍ ଜେମସ୍ ଉଆଇଲ୍‌ଡର୍ ଯେତେ ବେଶୀ ଦିନ ଆପଣଙ୍କ ପାଖେ ରହିବେ ଆପଣଙ୍କ ଦୁର୍ଭାଗ୍ୟ ସେତିକି ବଢ଼ିଚାଲିବ ।"

"ମୁଁ ତା ବୁଝୁଛି ମିଷ୍ଟର୍ ହୋମସ୍ । ସେ ସବୁ ଦିନ ପାଇଁ ମୋତେ ଛାଡ଼ି ଅଷ୍ଟ୍ରେଲିଆ ଚାଲିଯିବାର ବ୍ୟବସ୍ଥା ହୋଇସାରିଲାଣି ।"

"ତା ହେଲେ ଆପଣ ତ ନିଜେ କହିଛନ୍ତି ଆପଣଙ୍କ ବିବାହିତ ଜୀବନର ଅଶାନ୍ତି ତାଙ୍କ ଉପସ୍ଥିତି ଯୋଗୁଁ ଘଟିଛି । ତେଣୁ ମୁଁ ପ୍ରସ୍ତାବ ଦେଉଛି, ଡଚେସ୍‌ଙ୍କ ପ୍ରତି ଆପଣ ଯେଉଁ ଅନ୍ୟାୟ କରିଛନ୍ତି ତାକୁ ସୁଧାରି ନିଅନ୍ତୁ ଆଉ ଆପଣଙ୍କର ପୂର୍ବ ସମ୍ବନ୍ଧ ଫେରାଇ ଆଣି ଶାନ୍ତିରେ ରହନ୍ତୁ ।"

"ତାର ବ୍ୟବସ୍ଥା ମଧ୍ୟ ମୁଁ କରିସାରିଛି ମିଷ୍ଟର୍ ହୋମସ୍ । ଆଜି ସକାଳେ ମୁଁ ଡଚେସ୍‌ଙ୍କ ପାଖକୁ ଚିଠି ଲେଖିଛି ।"

Digitized by srujanika@gmail.com

ହୋମସ୍ ଉଠି ଠିଆହୋଇ କହିଲେ, "ତା ହେଲେ ମୁଁ ଭାବୁଛି ମୁଁ ଆଜି ମୋ ବନ୍ଧୁ ନିକଟରେ ଧନ୍ୟବାଦ ଦେବା କଥା । କାରଣ ଉତ୍ତର ଇଂଲଣ୍ଡକୁ ଅଳ୍ପ ଦିନ ପାଇଁ ଆମେ ଆସିବାରେ ଅତି ସୁଖକର ଫଳ ହୋଇଛି । ଆଉ ଗୋଟେ ଶ୍ରେଷ୍ଠ ବିଷୟ ମୁଁ ଜାଣିବାକୁ ଚାହେଁ । ଏଇ ଲୋକ ହେୟସ୍ ତା ଘୋଡ଼ାଙ୍କ ଗୋଡ଼ରେ ଯେଉଁ ନାଲ ଖିଲାଇଛି ତା ଠିକ୍ ଗୋରୁ ଖୁରାର ନକଲ କରାଯାଇଛି । ଏଇ ଅସାଧାରଣ ଉପାୟ ତ ତାର ବୁଦ୍ଧି ହୋଇପାରେନା । ସେ କ'ଣ ମିଷ୍ଟର୍ ଉଆଇଲ୍‌ଡର୍‌ଙ୍କ ଠାରୁ ଏହା ଶିଖିଥିଲା ?"

ଡିଉକ୍ ଠିଆହୋଇ କିଛିକ୍ଷଣ ଚିନ୍ତା କଲେ । ତାଙ୍କ ଆଖିରେ ଗଭୀର ବିସ୍ମୟର ଚିହ୍ନ । ତାପରେ ସେ ଗୋଟେ ଦରଜା ଖୋଲି ଆମକୁ ବଖରାଏ ବଡ଼ ଘର ଦେଖାଇଲେ । ଘରଟା ଗୋଟେ ମିଉଜିୟମ୍ ପରି ହୋଇଥାଏ । ଘରର ଗୋଟେ କଣରେ ଗୋଟେ କାଚ ଆଲମିରା । ସେ ଆମକୁ ସେଠିକି ନେଇଗଲେ ଆଉ ତା ଭିତରକୁ ଠାରି ଦେଖାଇଲେ । ଭିତରେ ଗୋଟେ ଲେଖାଥିଲା, "ଏଇ ନାଲସବୁ ହୋଲ୍‌ଡର୍‌ନେସ୍ ହଲ୍‌ର ପରିଖାରୁ ଖୋଳା ହୋଇ ବାହାରିଥିଲା । ଏହା ଘୋଡ଼ାମାନଙ୍କ ବ୍ୟବହାର ପାଇଁ; କିନ୍ତୁ ତାକୁ ଗୋରୁ ଖୁରା ପରି ତିଆରି କରାଯାଇଛି । ଫଳରେ କେହି ଅନୁସରଣ କଲେ ଭ୍ରମରେ ପଡ଼ିବ । ଏ ସବୁ ହୋଲ୍‌ଡର୍‌ନେସ୍‌ର ମଧ୍ୟଯୁଗର କୌଣସି ଲୁଣ୍ଠନକାରୀ ବାରନ୍‌ଙ୍କର ବୋଲି ଅନୁମାନ କରାଯାଏ ।"

ହୋମସ୍ ଆଲମିରାଟା ଖୋଲି ସେ ନାଲରେ ଆଙ୍ଗୁଠି ମାରିଲେ । ତାଙ୍କ ହାତରେ ପତଳା କାଦୁଅ ଲାଗିଗଲା । କାଚ ଦରଜାଟା ବନ୍ଦ କରିଦେଇ ସେ କହିଲେ, "ଧନ୍ୟବାଦ ଆଜ୍ଞା । ଉତ୍ତର ଇଂଲଣ୍ଡରେ ମୋ ଦେଖିବାରେ ଏହା ହେଲା ଦ୍ୱିତୀୟ ଚିତ୍ତାକର୍ଷକ ପଦାର୍ଥ ।"

"ଆଉ ପ୍ରଥମ ?"

ହୋମସ୍ ଚେକ୍ ଖଣ୍ଡ ଭାଙ୍ଗିଲାଇ ଯତ୍ନରେ ତାକୁ ନୋଟ୍‌ବୁକ୍‌ରେ ରଖି କହିଲେ, "ମୁଁ ବଡ଼ ଗରିବ ଆଜ୍ଞା ।" ଏତିକି କହି ସେ ନୋଟ୍ ବୁକ୍‌ଟା ପକେଟ୍ ଭିତରେ ପୂରାଇଦେଲେ ।

* * *

Digitized by srujanika@gmail.com

ତିମି ଶିକାରୀ

ଅଠରଶହ ପଞ୍ଚାନବେ ମସିହାରେ ମୋ ବନ୍ଧୁ ସେର୍‌ଲକ୍ ହୋମ୍‌ସ ଦେହ ଆଉ ମନରେ ଯେମିତି ସତେଜ ଆଉ ପ୍ରଫୁଲ୍ଲଥିଲେ, ଆଉ କେବେ ସେମିତି ଥିବାର ମୁଁ ଜାଣିନାହିଁ । ତାଙ୍କର ଖ୍ୟାତି ବଢ଼ିବା ସଙ୍ଗେ ସଙ୍ଗେ ବ୍ୟବସାୟ ମଧ୍ୟ ଯଥେଷ୍ଟ ପରିମାଣରେ ବଢ଼ି ଚାଲିଥାଏ । ଏହି ସମୟଭିତରେ ଯେଉଁ ମାନ୍ୟଗଣ୍ୟ ମହକିଲମାନେ ଆମ ବେକର୍‌ଷ୍ଟ୍ରୀଟ୍‌ର ଛୋଟ ଘରକୁ ଆସିଥିଲେ ସେମାନଙ୍କ ପରିଚୟ ଦେବାରେ ଦ୍ୱିଧା କରିବା ମୋ ପକ୍ଷରେ ଅନୁଚିତହେବ । ହୋମ୍‌ସ କିନ୍ତୁ ଯେକୌଣସି କଳାକାରପରି ତାଙ୍କ କଳାକୁନେଇ ବଞ୍ଚିଥିଲେ । କେବଳ ହୋଲ୍‌ଡର୍‌ନେସ୍ ହଲ୍‌ର ଡିଉକ୍‌ଙ୍କୁ ଛାଡ଼ିଦେଲେ ସେ ତାଙ୍କ କାମପାଇଁ ଅନ୍ୟକାହାଠାରୁ ଅଧିକ ଅର୍ଥ ଦାବୀ କରୁନଥିଲେ । ସେ ଅତି ଖାମ୍‌ଖିଆଲି ଆଉ ନିର୍ଲିପ୍ତ ଥିଲେ । ତେଣୁ କୌଣସି ସମସ୍ୟା ଯଦି ତାଙ୍କ ମନକୁ ନପାଇଲା, ତେବେ ସେ ଅତି କ୍ଷମତାଶାଳୀ ଧନୀଲୋକଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ମନାକରି ଦେଉଥିଲେ । ଅପରପକ୍ଷରେ କୌଣସି ସାଧାରଣ ମହକିଲର ସମସ୍ୟା ଯଦି ନାଟକୀୟ ଆଉ ଅଦ୍‌ଭୁତ ଜଣାଯାଉଥିଲା ସେଥିରେ ସେ ସପ୍ତାହ ସପ୍ତାହ ଧରି ମନପ୍ରାଣ ଲଗାଇ ଦେଉଥିଲେ ।

ଏହି ସ୍ମରଣୀୟ ଅଠରଶହ ପଞ୍ଚାନବେ ବର୍ଷରେ ହୋମ୍‌ସ ଗୋଟାଏ ପରେ ଗୋଟାଏ କୌତୂହଳପୂର୍ଣ୍ଣ ବିଭିନ୍ନ କେଶ୍‌ରେ ବୁଡ଼ି ରହିଥିଲେ । ତା'ଭିତରେ କାର୍ଡିନାଲ୍ ଟୋସ୍‌କାଙ୍କ ଅତର୍କିତ ମୃତ୍ୟୁ ଠାରୁ ଆରମ୍ଭକରି କୁଖ୍ୟାତ କାନାରି ପକ୍ଷୀ ପାଳକ ଉଇଲ୍‌ସନ୍‌ର ଆରେଷ୍ଟ ପର୍ଯ୍ୟନ୍ତ ଅନେକ କେଶ୍‌ଥିଲା । କାର୍ଡିନାଲ୍ ଟୋସ୍‌କାଙ୍କ ମୃତ୍ୟୁର ଅନୁସନ୍ଧାନ ପାଇଁ ନିଜେ ମହାମାନ୍ୟ ପୋପ୍ ହୋମ୍‌ସଙ୍କୁ ଅନୁରୋଧ କରିଥିଲେ ଆଉ ଉଇଲ୍‌ସନ୍‌ର ଆରେଷ୍ଟ ଫଳରେ ଲଣ୍ଡନର ପୂର୍ବଭାଗ ଅନେକ ଆଶ୍ୱସ୍ତହୋଇ ପାରିଥିଲା ।

Digitized by srujanika@gmail.com

ଏବଂ ଦୁଇ ବିଖ୍ୟାତ କେଶ୍ ପଛେ ପଛେ ଉତ୍‌ସ୍ୟାନ୍‌ଲି ଦୁର୍ଘଟଣା ଆଉ କ୍ୟାପ୍‌ଟେନ୍ ପିଟରକାରିଙ୍କ ମୃତ୍ୟୁ କେଶ୍ ଆସିଥିଲା । ଅତି ଦୁର୍ବୋଧ୍ୟ ପରିସ୍ଥିତିରେ କ୍ୟାପ୍‌ଟେନ୍ ପିଟର କାରିଙ୍କର ମୃତ୍ୟୁ ହୋଇଥିଲା । ଏହି ଅସାଧାରଣ ଘଟଣାର ବିବରଣୀ ପ୍ରକାଶ ନକଲେ ହୋମ୍‌ସଙ୍କ କାମର ବିବରଣୀ ପୂର୍ଣ୍ଣାଙ୍ଗ ହେବନାହିଁ ।

ଜୁଲାଇମାସ ପ୍ରଥମ ସପ୍ତାହରେ ହୋମ୍‌ସ ବରାବର ଅନେକ ସମୟ ଯାଏ ଆମ ବେକର୍‌ଷ୍ଟ୍ରୀଟ୍ ଘରୁ ଅନୁପସ୍ଥିତ ରହୁଥିଲେ । ମୁଁ ଜାଣିଲି ତାଙ୍କ ହାତରେ କିଛି କାମଅଛି । ସେଇ ସମୟଭିତରେ ଅନେକ ବାଜେଲୋକ ଆସି କ୍ୟାପ୍‌ଟେନ ବାସିଲ୍‌ଙ୍କୁ ଖୋଜୁଥିବେ । ସେଥିରୁ ମୁଁ ବୁଝିଲି, ହୋମ୍‌ସ ଛଦ୍ମବେଶ ଆଉ ଛଦ୍ମନାରେ କେଉଁଠି କିଛି କାମରେ ଲାଗିଛନ୍ତି । ଲଣ୍ଡନରେ ତାଙ୍କର ଅନ୍ୟୁନ ପାଞ୍ଚଟା ଗୁପ୍ତଗୁପ୍ତ ଘରଥିଲା । ସେଇଠି ସେ ତାଙ୍କର ଛଦ୍ମବେଶ ଧାରଣ କରୁଥିଲେ । ସେ ତାଙ୍କ କାମ ବିଷୟରେ ମୋତେ କିଛି କହୁନଥିଲେ ଆଉ ତାଙ୍କଠୁ ଜବରଦସ୍ତ କିଛି କଥା ଆଦାୟ କରିବା ମୋର ଅଭ୍ୟାସ ବାହାରେ । ଦିନେ ସକାଳେ ତାଙ୍କର ଅନୁସନ୍ଧାନ କେଉଁ ଦିଗରେ ଚାଲିଛି ମୁଁ ତାର ପ୍ରଥମ ସଙ୍କେତ ପାଇଲି । ଜଳଖିଆ ଖାଇବାଆଗରୁ ସେ ବାହାରେ ଚାଲିଯାଇଥିଲେ । ମୁଁ ଠିକ୍ ଜଳଖିଆ ଖାଇବାକୁ ବସିଛି, ସେ ଆସି ପହଞ୍ଚିଲେ । ମୁଣ୍ଡରେ ତାଙ୍କ ଟୋପି ଆଉ କାଖତଳେ ଛତାପରି ଗୋଟେ ମସ୍ତବଡ଼ ବେଣ୍ଟା ।

ଆଶ୍ଚର୍ଯ୍ୟ ହୋଇ କହିଲି, "ଏ କ'ଣ ହୋମ୍‌ସ ! ଏଇଟା ଏମିତି ଧରି ତୁମେ ଲଣ୍ଡନ ସାରା ବୁଲୁଥିଲ ନା କ'ଣ ?"

"ମୁଁ କସେଇଖାନାଯାଏ ଯାଇ ଫେରିଆସିଲି ।"

"କସେଇଖାନା ?"

"ହଁ । ଆଉ ଫେରିଲାବେଳକୁ ବେଶ୍ ଖାଇବା ଇଚ୍ଛା ହେଉଛି । ସକାଳେ ଖାଇବା ଆଗରୁ ବ୍ୟାୟାମକଲେ ତାର ବହୁତ ମୂଲ୍ୟ । କିନ୍ତୁ ମୁଁ ବାଜିମାରି କହିବି ମୁଁ କି ପ୍ରକାର ବ୍ୟାୟାମ କରୁଥିଲି ତୁମେ ମୋଟେ ଅନୁମାନ କରିପାରିବ ନାହିଁ ।"

Digitized by srujanika@gmail.com

"ମୁଁ ଅନୁମାନ କରିବାକୁ ମୋଟେ ଚେଷ୍ଟା କରିବ ନାହିଁ ।"

କଫି ଢାଳି ତାଙ୍କୁ ଗୃପା ଦେଇ ହସି ସେ କହିଲେ, "ଆଲ୍‌ବର୍ଟାଇସଙ୍କ ପଛପାଖ ଦୋକାନ ଆଡ଼େ ଗୃହିଁଥିଲେ ତୁମେ ଗୋଟେ ମଲା ଘୁଷୁରି ଗ୍ରତ ହୁକ୍‌ରୁ ଝୁଲୁଥିବା ଆଉ ଜଣେ ଭଦ୍ରଲୋକ ଏଇ ବଢ଼ଆରଟାଧରି ତାକୁ ଖୁବ୍ ଜୋରରେ ଭୁସୁଥିବାର ଲକ୍ଷ୍ୟକରିଥିବ । ସେ ଭଦ୍ରଲୋକ ମୁଁ ଆଉ ମୁଁ ପରୀକ୍ଷାକରି ଦେଖିଲି, ମୋର ସବୁ ଶକ୍ତି ଖଟାଇ ମୁଁ ଏକାଥରକେ ଏ ଅସ୍ତ୍ରଟା ଘୁଷୁରି ଦେହରେ ଭୁସି ପାରିଲିନାହିଁ । ତୁମେ ଚେଷ୍ଟାକରି ଦେଖିପାର ।"

"ଦର୍କାର ନାହିଁ । କିନ୍ତୁ ତୁମେ କାହିଁକି ସ୍ୱା' କରୁଥିଲ ?"

"କାରଣ ଉଡ଼୍‌ମ୍ୟାନ୍‌ଲି ରହସ୍ୟ ସହିତ ଏହାର କିଛି ସମ୍ବନ୍ଧ ଅଛି ବୋଲି ମୋତେ ଜଣାଗଲା । ଆରେ, ଏଇତ ହପ୍‌କିନ୍‌ସ । ତୁମ ଟେଲିଗ୍ରାମ୍ ମୁଁ କାଲିରାତି ପାଇଲି ଆଉ ତୁମକୁ ଏବେ ଅପେକ୍ଷା କରିଥିଲି । ଆସ, ଆମ ସାଥିରେ ବସିଯାଅ ।"

"ଧନ୍ୟବାଦ ଆଜ୍ଞା । ମୁଁ ଆସିବାଆଗରୁ ଜଳଖିଆ କରିନେଇଛି । କାଲିଠୁ ଆସିଲିଣି । ଟାଉନ୍‌ରେ ରାତିଟା କଟେଇଦେଲି । ଆଜି ଆପଣଙ୍କୁ ରିପୋର୍ଟ ଦେବାକୁ ଆସିଲି ।"

ଆଗନ୍ତୁକ ଅତି ମାର୍ଜିତ ସତର୍କଲୋକ । ବୟସ ତିରିଶବର୍ଷ ହେବ । ପରିମର ଗୋଟେ ସୁଟ୍ ପିନ୍ଧିଥିଲେ ମଧ୍ୟ ସେ ଇଉନିଫର୍ମ ପିନ୍ଧିବାରେ ଅଭ୍ୟସ୍ତ ପରି ଜଣାଯାଉଥିଲା । ସେ ପୋଲିସ୍ ଇନ୍‌ସ୍ପେକ୍ଟର୍ ଷ୍ଟାନ୍‌ଲି ହପ୍‌କିନ୍‌ସ ବୋଲି ମୁଁ ସାଙ୍ଗେ ସାଙ୍ଗେ ଚିହ୍ନିପାରିଲି । ଭବିଷ୍ୟତରେ ସେ ଜଣେ ଦକ୍ଷ ପୋଲିସ୍ ଅଫିସର୍ ହୋଇପାରିବେ ବୋଲି ହୋମ୍‌ସଙ୍କର ଆଶା ଥିଲା । ଅପରପକ୍ଷରେ ଶିଷ୍ୟ ଗୁରୁଙ୍କୁ ଭକ୍ତିକଲାପରି ସେ ହୋମ୍‌ସଙ୍କ ବୈଜ୍ଞାନିକ ପଦ୍ଧତିକୁ ଯଥେଷ୍ଟ ସମ୍ମାନ କରୁଥିଲେ । ହପ୍‌କିନ୍‌ସ ଚଉକିରେ ବସିଗଲେ । ମୁହଁରେ ବିଷାଦର ଚିହ୍ନ ।

ହୋମ୍‌ସ ପଗ୍ଚରିଲେ, "ଆଉ ତୁମର ଖବର କ'ଣ ?"

"ବିଫଳତା ଆଜ୍ଞା—ପୁରା ବିଫଳତା ।"

Digitized by srujanika@gmail.com

"ସତେ ! ମୋତେ ତାହେଲେ ଘଟଣାଟା ଦେଖିବାକୁ ପଡ଼ିବ ।"

"ମୁଁ ସେତକଗୃହେଁ ମିଷ୍ଟର ହୋମ୍‌ସ । ଏହା ମୋ ଜୀବନର ପ୍ରଥମ ସୁଯୋଗ । କିନ୍ତୁ ମୁଁ କ'ଣ କରିବ କିଛି ବୁଝି ପାରୁ ନାହିଁ । ଦୟାକରି ଆପଣ ଆସନ୍ତୁ ଆଉ ମୋତେ ସାହାଯ୍ୟ କରନ୍ତୁ ।"

"ଆଚ୍ଛା ! ପ୍ରାଥମିକ ଅନୁସନ୍ଧାନ ରିପୋର୍ଟଠାରୁ ଆରମ୍ଭକରି ଯାହାକିଛି ପ୍ରମାଣ ମିଳିଛି ତା ମୁଁ ପଢ଼ିଛି । ଅପରାଧ ଘଟିଥିବା ଜାଗାରେ ଯେଉଁ ଗ୍ରେଟ ତମାଖୁ ରଖା ଥଳିମିଳିଛି ସେ ବିଷୟରେ ତୁମେ କ'ଣ ଭାବୁଛ ?"

ବିସ୍ମିତ ହୋଇ ହପ୍‌କିନ୍‌ସ କହିଲେ, "ସେଟା ମୃତଲୋକଙ୍କ ନିଜର । ତାଙ୍କ ନାଁର ପ୍ରଥମ ଅକ୍ଷର ତା'ଭିତରେ ଲେଖାଅଛି । ସେଟା ବ ସିଲ୍ ମାଛ ଚମଡ଼ାରେ ତିଆରି ଆଉ ସେ ଜଣେ ପୁରୁଣା ସିଲ ଶିକାରୀ ।"

"କିନ୍ତୁ ତାଙ୍କର ତମାଖୁ ପାଇପ୍ ନଥିଲା ?"

"ନା ଆଜ୍ଞା । ଆମେ କୌଣସି ପାଇପ ପାଇଲୁନାହିଁ । ସେ ମଧ୍ୟ ଖୁବ୍ କମ୍ ତମାଖୁ ଟାଣନ୍ତି । ତଥାପି ସେ ତାଙ୍କ ସାଙ୍ଗସାଥିଙ୍କ ପାଇଁ ତମାଖୁ ରଖି ଥାଇପାରନ୍ତି ।

"ସେଥିରେ ସନ୍ଦେହନାହିଁ । ମୁଁ ଏକଥା କହିବାର ଉଦ୍ଦେଶ୍ୟହେଲା, ମୁଁ ଯଦି ଅନୁସନ୍ଧାନ କରୁଥାନ୍ତି ତେବେ ତାକୁଇ ମୋ ଅନୁସନ୍ଧାନର ଆରମ୍ଭ ପଏଣ୍ଟ କରିଥାନ୍ତି । ଯାହାହେଉ, ମୋ ବନ୍ଧୁ ଡାଆଟ୍‌ସନ୍ ଏ ଘଟଣା ବିଷୟରେ କିଛି ଜାଣନ୍ତି ନାହିଁ । ମୁଁ ବି ଆଉଥରେ ଘଟଣାଟା ଶୁଣିଲେ ଭଲହେବ । ତେଣୁ ଆମକୁ ଆବଶ୍ୟକୀୟ କଥାଗୁଡ଼ା ଆଉଥରେ କହିଯାଅ ।"

ଷ୍ଟାନ୍‌ଲି ହପ୍‌କିନ୍‌ସ ପକେଟ୍‌ରୁ ଖଣ୍ଡେ କାଗଜ ବାହାରକରି କହିଲେ, "ଏଥିରେ ମୁଁ କେତେଗୁଡ଼େ ତାରିଖ ଟିପିରଖିଛି । ସେଥିରୁ ଏଇ ମୃତ କ୍ୟାପ୍‌ଟେନ୍ ପିଟର୍ କାରୀଙ୍କ ଜୀବନୀ ଆପଣ ଜାଣିପାରିବେ । ସେ ୧୮୪୫ରେ ଜନ୍ମ ହୋଇଥିଲେ । ବୟସ ତାଙ୍କର ପଚାଶବର୍ଷ । ସେ ଜଣେ ସାହସୀ ଆଉ ସଫଳ ସିଲ୍ ଓ ତିମି ଶିକାରୀ । ୧୮୮୩ ମସିହାରେ ସେ ଡଣ୍ଡିର ସି ଇଉନି-କରନ ମାଛଧରା ଜାହାଜର କମାଣ୍ଡରଥିଲେ । ପରେ ପରେ ସେ ଅନେକଥର କଳଯାତ୍ରାକରି ସଫଳ ହୋଇଥିଲେ । ତା'ପରବର୍ଷ ୧୮୮୪ରେ ସେ କାମରୁ

Digitized by srujanika@gmail.com

ଅବସର ନେଲେ । କେତେ ବର୍ଷ ଏଣେ ତେଣେ ବୁଲିବା ପରେ ସସେକ୍ସର ଫରେଷ୍ଟରୋରେ ଉଡ୍‌ମ୍ୟାନ୍‌ସ୍‌ଲି ବୋଲି ଗୋଟେ ଶ୍ରେଷ୍ଠ ଜାଗା କିଣି ସେଠି ରହିଲେ । ସେଠି ସେ ଛଅ ବର୍ଷ ରହିଲେ ଆଉ ସାତ ଦିନ ତଳେ ଠିକ ଆଜର ବାରରେ ସେଇଠି ତାଙ୍କର ମୃତ୍ୟୁ ହେଲା ।

"ତାଙ୍କ ବିଷୟରେ କେତେକ ଅସାଧାରଣ ଘଟଣା ଅଛି । ସାଧାରଣ ଜୀବନରେ ସେ ଜଣେ ପିଉରିଟାନ୍ । ବିଶେଷ କଥାବାର୍ତ୍ତା କରନ୍ତି ନାହିଁ । ଏକପ୍ରକାର ନୀରସ ଲୋକ । ତାଙ୍କ ଘରେ ତାଙ୍କ ସ୍ତ୍ରୀ, କୋଡ଼ିଏ ବର୍ଷର ଝିଅ ଆଉ ଦୁ'ଜଣ ଚାକରାଣୀ । ଏଇ ଚାକରାଣୀ ବରାବର ବଦଳନ୍ତି । କାରଣ ତାଙ୍କ ଘର ମୋଟେ ଶାନ୍ତିଦାୟକ ନୁହେଁ ଆଉ ଅବସ୍ଥା ବେଳେ ବେଳେ ଅସମ୍ଭାଳ ହୋଇଯାଏ । ସେ ଜଣେ ମଦୁଆ ଆଉ ଯେତେବେଳେ ମଦ ନିଶାରେ ମାତାଲ ହୋଇଯାନ୍ତି ସେତେବେଳେ ସେ ପୂରା ସଇତାନ୍ ହୋଇଯାଆନ୍ତି । ଥରେ ସେ ତାଙ୍କ ସ୍ତ୍ରୀ ଆଉ ଝିଅଙ୍କୁ ରାତି ଅଧରେ ଘରୁ ବାହାର କରି ଦେଇ ଥିଲେ । ପଡ଼ିଆରେ ତାଙ୍କୁ ଏତେ ଜୋର୍‌ରେ ପିଟିଲେ ଯେ, ସେମାନଙ୍କ ଚିତ୍କାରରେ ଗାଁସାରା ଉଠି ପଡ଼ିଲେ ।

"ଥରେ ବୁଢ଼ା ଧର୍ମଯାଜକ ତାଙ୍କ ଚରିତ୍ର ବିଷୟରେ ପ୍ରତିବାଦ କରିବାକୁ ଯାଇଥିଲେ । ସେ ବୁଢ଼ାଙ୍କୁ ପଶୁପରି ମାଡ଼ ମାରିଥିଲେ । ସେଥିପାଇଁ ତାଙ୍କୁ ଅଦାଲତରେ ହାଜର ହେବାକୁ ପଡ଼ିଥିଲା । ସଂକ୍ଷେପରେ କହିଲେ, ପିଟର୍-କାରିଙ୍କ ପରି ଜଣେ ଦୁର୍ଦାନ୍ତ ଭୟଙ୍କର ଲୋକ ଆପଣ ଏ ଖଣ୍ଡମଣ୍ଡଳରେ ପାଇବେ ନାହିଁ ମିଷ୍ଟର୍ ହୋମ୍‌ସ । ତାଙ୍କୁ ସମସ୍ତେ ବ୍ଲାକ୍‌ପିଟର୍ ବୋଲି କହୁ-ଥିଲେ । ତାଙ୍କ ମାଇପଝିଅ ସମସ୍ତେ ତାଙ୍କୁ ଘୃଣା କରୁଥିଲେ ଆଉ ତାଙ୍କ ସାଥିରେ ମୋଟେ ମେଳାମିଶା କରୁ ନଥିଲେ । ତାଙ୍କର ଏଇ ଶୋଚନୀୟ ମୃତ୍ୟୁରେ କେହି ଜଣେ ଦୁଃଖ ପ୍ରକାଶ କରିବା ମୁଁ ଶୁଣି ନାହିଁ ।

"ପ୍ରାଥମିକ ଅନୁସନ୍ଧାନ ରିପୋର୍ଟରେ ଆପଣ ତାଙ୍କ କାବିନ୍ କଥା ନିଶ୍ଚୟ ପଢ଼ିଥିବେ; କିନ୍ତୁ ଆପଣଙ୍କ ବନ୍ଧୁ ବୋଧହୁଏ ସେ କଥା ଶୁଣି ନଥିବେ । ସେ ତାଙ୍କ ନିଜ ପାଇଁ ଘର ବାହାରେ ଗୋଟେ କାଠ ଘର ତିଆରି କରିଥିଲେ । ସେଇଟାକୁ ସେ କାବିନ୍ ବୋଲି କହୁଥିଲେ । ସେଟା ତାଙ୍କ ଘରଠୁ କେତେ

Digitized by srujanika@gmail.com

ଶହ ଗଜ ଦୂରରେ । ସେଇଠି ସେ ପ୍ରତିଦିନ ରାତିରେ ଶୁଅନ୍ତି । ଘରଟା ଷୋହଳ ଫୁଟ ଲମ୍ବ ଆଉ ଦଶ ଫୁଟ ଓସାରର ବଖରେ ଘର । ସେ ଘରର ଚାବି ସେ ତାଙ୍କ ପକେଟ୍‌ରେ ରଖିଥାନ୍ତି । ନିଜେ ସେ ଘର ସଫା କରନ୍ତି । କାହାରିକି ତା ସୀମା ମଡ଼େଇ ଦିଅନ୍ତି ନାହିଁ । ଘରର ଚାରିକଡ଼ରେ ଛୋଟ ଛୋଟ ଝରକା । ସବୁଥିରେ ପରଦା ଦିଆଯାଇଛି ଆଉ ସେଗୁଡ଼ା କେବେ ଖୋଲା ହୁଏ ନାହିଁ । ଏଇ ଝରକା ଭିତରୁ ଗୋଟେ ରାସ୍ତା ଆଡ଼କୁ । ରାତିରେ ଘରଭିତରେ ଆଲୁଅ ଜଳିଲେ ଲୋକେ ହାତ ଠାରି ପରସ୍ପରକୁ ଦେଖାଇ ମନେ ମନେ ଭାବନ୍ତି, ବ୍ଲାକ୍‌ପିଟର୍ ତା ଭିତରେ କ'ଣ କରୁଛନ୍ତି । ପ୍ରାରମ୍ଭିକ ଅନୁସନ୍ଧାନ ବେଳେ ସେଇ ଝରକାରୁ ଆମେ ଯାହାକିଛି ସାମାନ୍ୟ ପ୍ରମାଣ ପାଇଛୁ ।

"ଆପଣଙ୍କର ମନେଥିବ, ହତ୍ୟାର ଦି'ଦିନ ଆଗରୁ ସ୍ଲେଟର୍ ନାଁରେ ଜଣେ ପଥରମିସ୍ତ୍ରୀ ରାତି ଗୋଟାଏ ବେଳେ ଫରେଷ୍ଟରୋରୁ ଆସୁଥିଲା । ସେଇବାଟେ ଗଲାବେଳେ ସେ ଦେଖିଲା ଝରକାବାଟେ ଘରଭିତର ଆଲୁଅ ବାହାର ଗଛ ଉପରେ ପଡ଼ୁଛି । ସେ ଠିଆହୋଇ ଘରଆଡ଼େ ଚାହିଁଲା । ସେ ଶପଥ କରି କହୁଛି ଜଣେ ଲୋକର ଛାଇ ପରଦା ଉପରେ ପଡ଼ିଥିଲା ଆଉ ସେ ଛାଇଟା ପିଟର୍ କାରୀଙ୍କର ନୁହେଁ । ପିଟର୍ କାରୀଙ୍କୁ ସେ ଭଲଭାବେ ଚହ୍ନେ । ଛାଇଟା ଜଣେ ଦାଢ଼ିଆ ଲୋକର; କିନ୍ତୁ ଦାଢ଼ିଗୁଡ଼ା ଛୋଟ ଛୋଟ । ସେଗୁଡ଼ା ଆଗକୁ ଠିଆ ଠିଆ ହୋଇଥିଲା । ପିଟର୍ କାରୀଙ୍କ ଦାଢ଼ିଠାରୁ ସମ୍ପୂର୍ଣ୍ଣ ଅଲଗା । ସେ ଏକଥା କହୁଛି; କିନ୍ତୁ ସେ ଦି'ଘଣ୍ଟା କାଳ ମଦ ଦୋକାନରେ ଥିଲା ଆଉ ରାସ୍ତାଟା ଝରକା ପାଖରୁ ଖଣ୍ଡେ ଦୂର । ତା'ଛଡ଼ା ଏଟା ହେଲା ସୋମବାରଦିନରକଥା ଆଉ ହତ୍ୟାକାଣ୍ଡ ଘଟିଛି ବୁଧବାରଦିନ ।

"ମଙ୍ଗଳବାର ଦିନ ପିଟର୍‌କାରୀ ମଦପିଇ ଏକ ବଣପଶୁପରି ଅତି ଭୟଙ୍କର ହୋଇଉଠିଲେ । ସେ ଘରସାରା ଘୂରିବୁଲିଲେ ଆଉ ସେ ଆସିବାର ଶୁଣି ନାରୀମାନେ ଡରିପଳାଇଲେ । ସନ୍ଧ୍ୟାରେ ସେ ତାଙ୍କ କାବିନ୍‌କୁ ଚାଲିଗଲେ । ରାତି ଦି'ଟା ବେଳକୁ ତାଙ୍କ ଝିଅ ସେମିତିଗରୁ ଗୋଟେ ଭୟଙ୍କର ଚିତ୍କାର ଶୁଣିଲେ । ସେ ଝରକା ଖୋଲିରଖି ଶୋଇଥିଲେ । କିନ୍ତୁ ଏମିତି ପାଟିତୁଣ୍ଡ କରିବା ପିଟର୍‌କାରୀଙ୍କ ପକ୍ଷରେ କିଛି ନୂଆ ନୁହେଁ । ତେଣୁ କେହି

Digitized by srujanika@gmail.com

ସେ ଆଉକୁ ଧ୍ୟାନ ଦେଲେନାହିଁ । ସକାଳ ବେଳକୁ ଜଣେ ଗୃହକର୍ତ୍ତ୍ରୀ ଉଠି ଦେଖିଲ ଯେ, କାବିନ୍‌ର ଦରଜାଟା ଖୋଲାଅଛି । କିନ୍ତୁ ପିଟର୍‌କାରିଙ୍କୁ ସମସ୍ତେ ଏତେ ଭୟ କରୁଥିଲେ ଯେ ଦ'ପହର ଆଗରୁ କେହି ସେଠିକି ଯାଇ କ'ଣ ହୋଇଛି ଦେଖିବାକୁ ସାହସ କଲେ ନାହିଁ । ଖୋଲା ଦରଜା ବାଟେ ଘର ଭିତରକୁ ଚାହିଁ ସେମାନେ ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ସାଙ୍ଘାତିକ ଡରିଯାଇ ଗାଁ ଭିତରକୁ ଦୌଡ଼ିପଳାଇଲେ । ଘଣ୍ଟାଏ ଭିତରେ ମୁଁ ଯାଇ ଘଟଣାସ୍ଥଳରେ ପହଞ୍ଚିଗଲି ।

"ଆପଣ ତ ଜାଣନ୍ତି ମିଷ୍ଟର ହୋମ୍‌ସ, ମୋ ସ୍ନାୟୁ ଖୁବ୍ ଦମ୍ଭ । ତଥାପି ସତ କହୁଛି, ଯେ ଘର ଭିତରକୁ ପଶିଗଲି ମାତ୍ରେ ମୁଁ ଥରିଉଠିଲି । ମାଛି ଏବଂ ନୀଳଆ ମାଛିଙ୍କ ଗୁଣୁ ଗୁଣୁ ଶବ୍ଦ ହାରମୋନିୟମ୍ ପରି ଶୁଭୁଥାଏ । ଚଟାଣ ଆଉ କାନ୍ଥ ମେଞ୍ଚିଆ ଗୋଟେ କଂସେଇଖାନା ପରି ହୋଇଥାଏ । ପିଟର୍‌କାରି ଏ ଘରଟାକୁ କାବିନ୍ ବୋଲି କହୁଥିଲେ ଆଉ ପ୍ରକୃତରେ ସେଟା ଗୋଟା କାବିନ୍ । କାରଣ ତା ଭିତରକୁ ଗଲେ ଆପଣ ଗୋଟେ ଜାହାଜରେ ଥିଲା ପରି ମନେକରିବେ । ଘରର ଗୋଟେ ମୁଣ୍ଡରେ ଗୋଟେ ବଡ଼ ବାକ୍ସ । ଜାହାଜର କାବିନ୍‌ରେ ଏଇପରି ବାକ୍ସ ଥାଏ । କାନ୍ଥରେ ଗୁଡ଼ାଏ ମାନଚିତ୍ର ଆଉ ଚାର୍ଟ, ସି ଇଉନିକର୍ନ୍ ଜାହାଜର ଗୋଟେ ଚିତ୍ର । ଗୋଟେ ସେଲ୍‌ଫରେ ଧାଡ଼ି ଧାଡ଼ି ହୋଇ ଲଗ୍ ବହି । ଗୋଟେ ଜାହାଜର କ୍ୟାପ୍‌ଟେନ୍‌ଙ୍କ କାବିନ୍‌ରେ ଯାହା ଦେଖାଯାଏ ସବୁ ଠିକ୍ ସେଇପରି । ଆଉ ସେଇ ଘର ମଝିରେ ପଡ଼ିଥିଲେ ନିଜେ ପିଟର୍‌କାରି । ଯନ୍ତ୍ରଣାରେ ତାଙ୍କ ମୁହଁ ବଙ୍କା ଆଉ ବିବର୍ଣ୍ଣ ହୋଇଯାଇଥାଏ । ଗୋଟେ ଲୁହାରେ ତେଣ୍ଟା । ତାଙ୍କ ଚଉଡ଼ା ଛାତି ଫୁଟି ପଛ ପାଖ କାନ୍ଥର କାଠ ଦେହରେ ଖୁବ୍ ଗଭୀରକୁ ଗଳି ଯାଇଥାଏ । ଖଣ୍ଡେ କାର୍ଡ଼ରେ ଗୋଟେ ଝିଣ୍ଟିକାକୁ ପିନ୍ ମାରି ଦେଲା ପରି ସେ କାନ୍ଥରେ ଲାଗିରହିଥାନ୍ତି । ଯନ୍ତ୍ରଣାରେ ଚିତ୍କାର କରିବା ପରେ ପରେ ସେ ମରିଯାଇଥିଲେ ।

"ମୁଁ ଆପଣଙ୍କ ପଦ୍ଧତି ଜାଣେ ଆଜ୍ଞା ଆଉ ତାକୁ ହିଁ ପ୍ରୟୋଗ କଲି । କିଛି ଜିନିଷ ସ୍ଥାନାନ୍ତର କରିବା ଆଗରୁ ମୁଁ ଘର ବାହାର ଏବଂ ଘରର ମେଞ୍ଚିଆ

Digitized by srujanika@gmail.com

ଅଡ ଘରୂରେ ପରୀକ୍ଷା କଲି । କୌଣସି ପାଦ ଚହ୍ନ ନଥିଲା ।”

“ତୁମ କହିବାର ଅର୍ଥ ତୁମେ କୌଣସି ପାଦଚହ୍ନ ଦେଖିପାରିଲନାହିଁ ?”

“ମୁଁ ଦୃଢ଼ଭାବରେ କହିବ, ସେଠାରେ କୌଣସି ପାଦ ଚହ୍ନ ନଥିଲା ।”

“ଦେଖ ହପ୍‌କନ୍‌ସ । ମୁଁ ଅନେକ ଅପରାଧ ଅନୁସନ୍ଧାନ କରିଛି । କିନ୍ତୁ କୌଣସି ଘଟଣାରେ ଅପରାଧୀ ଉଡ଼ି ଆସିବା ମୁଁ ଦେଖିନାହିଁ । ଅପରାଧୀ ମଣିଷ ଆଉ ତାର ଦୁଇଟା ଗୋଡ଼ । ତେଣୁ ଅପରାଧ ସ୍ଥାନରେ କିଛି ଘଷି ହେବା, କେଉଁଠି ସାମାନ୍ୟ ଖାଲୁଆ ହୋଇଯିବା ବା କିଛି ଜିନଷପତ୍ର ଏପଟ ସେପଟ ହେବା ନିଶ୍ଚିତ ଏବଂ ଜଣେ କୁଶଳୀ ଅନୁସନ୍ଧାନକାରୀ କେବଳ ତାହା ପାଇପାରିବ । ରକ୍ତ ବୋଳା ଏଇ ଘରେ ଆମକୁ ସାହାଯ୍ୟ କଲାଭଳି କିଛି ନ ଥିବା କଳ୍ପନା କରାଯାଇପାରେନା । ଯାହାହେଉ, ପ୍ରାରମ୍ଭିକ ଅନୁସନ୍ଧାନ ରିପୋର୍ଟରୁ ଜାଣିଲି, ସେଠି କେତେକ ଜିନଷ ଥିଲା ଯାହା ତୁମ ଆଖିରୁ ବାଦ୍ ଯାଇନାହିଁ ।”

ମୋ ବନ୍ଧୁଙ୍କର ଏଇ ବ୍ୟଙ୍ଗୋକ୍ତିରେ ତରୁଣ ଇନସ୍‌ପେକ୍ଟର୍ ଟିକିଏ ସଂକୁଚିତ ହୋଇଗଲେ, କହିଲେ, “ସେତେବେଳେ ଆପଣଙ୍କୁ ନ ଡାକି ମୁଁ ବଡ଼ ବୋକାମି କରିଛି । ଯାହାହେଉ, ଗତସ୍ୟ ଶୋଚନା ନାସ୍ତି । ହଁ, ସେଠି କେତେ ଜିନଷ ମୋର ଦୃଷ୍ଟି ଆକର୍ଷଣ କରିଥିଲା । ଗୋଟାଏ ହେଲା ସେ ଛୋରା, ଯାହାଦ୍ୱାରା ହତ୍ୟା କରାଯାଇଥିଲା । ସେଟା କାନ୍ଥରେ ଥିବା ଗୋଟେ ଥାକରୁ ଓଟାରି ଅଣାଯାଇଥିଲା । ସେଠି ଆଉ ଦୁଇଟା ଛୋରା ଥିଲା ଆଉ ତୃତୀୟଟାର ଜାଗା ଖାଲି ପଡ଼ିଥିଲା । ଛୋରାଟାର ବାଡ଼ିରେ ଏସ୍. ଏସ୍. ସି ଇଉନିକର୍ନ୍ ଡାଣ୍ଡି ବୋଲି ଲେଖାଥିଲା । ସେଥିରୁ ଜଣାଯାଏ ଖୁବ୍ ରାଗାରାଗି ବେଳେ ଏ ହତ୍ୟାକାଣ୍ଡ ଘଟିଛି ଆଉ ହତ୍ୟାକାରୀ ହଠାତ୍ ସେଇଁ ଅସ୍ତ୍ର ପାଇଛି ସେଇଟାକୁ ଧରି ନେଇଛି । ହତ୍ୟାକାଣ୍ଡ ରାତି ଦୁଇଟାରେ ଘଟିଛି । ପିଟର୍‌କାରୀ କିନ୍ତୁ ତାଙ୍କର ପୂରାପୋଷାକ ପିନ୍ଧିଥିଲେ । ସେଥିରୁ ଜଣାଯାଉଛି ଯେ, ହତ୍ୟାକାରୀ ସାଙ୍ଗରେ ତାଙ୍କର ସାକ୍ଷାତ ହେବା ଆଗରୁ ସ୍ଥିର ହୋଇଥିଲା । ଏହାକୁ ସମର୍ଥନ କରୁଛି ଟେବୁଲ ଉପରେ ଥିବା ଗୋଟେ ରମ୍ ବୋତଲ ଆଉ ଦୁଇଟା ଅପରିଷ୍କାର ଗ୍ଲାସ ।”

Digitized by srujanika@gmail.com

ହୋମସ୍ କହିଲେ, "ହଁ, ଦୁଇଟାଯାକ ଅନୁମାନ ସମ୍ଭବ । ଆଚ୍ଛା, ରମ୍ ଛଡ଼ା ଅନ୍ୟ କିଛି ମଦ ସେ ଘରେ ଥିଲା ?"

"ହଁ, ଚେଷ୍ଟ ଉପରେ ଗୋଟେ ପାତ୍ରରେ ବ୍ରାଣ୍ଡି ଆଉ ହୁଇସ୍କି ଥିଲା । କିନ୍ତୁ ତାହା ମୋଟେ ବ୍ୟବହାର କରାଯାଇନାହିଁ । ତେଣୁ ଆମ ପାଇଁ ତାର କିଛି ଗୁରୁତ୍ୱ ନାହିଁ ।"

ହୋମ୍‌ସ ଉତ୍ତର ଦେଲେ, "ସେଇ କାରଣରୁ ତାର ଗୁରୁତ୍ୱ ଅଛି । ହଉ, ଅନ୍ୟ ଯେଉଁ ସବୁ ଜିନିଷର ଘଟଣା ସାଥିରେ କିଛି ସମ୍ପର୍କ ଥାଇପାରେ ବୋଲି ତୁମେ ଭାବ ସେ କଥା କୁହ ।"

"ଟେବୁଲ୍ ଉପରେ ଏଇ ତମାଖୁ ଥଳିଟା ଥିଲା ।"

"ଟେବୁଲର କେଉଁ ଜାଗାରେ ?"

"ଠିକ୍ ମଝିରେ । ସେଟା ମୋଟା ସିଲ୍ ଚମଡ଼ାରେ ତିଆରି ଆଉ ବନ୍ଧ କରିବା ପାଇଁ ଗୋଟେ ଚମଡ଼ା ଦଉଡ଼ି ଲାଗିଛି । ଭିତର ପାଖରେ ପି. ସି. ଅକ୍ଷର ଲେଖା । ତା' ଭିତରେ ଅଧ ଆଉନ୍‌ସ କଡ଼ା ତମାଖୁ ଥିଲା ।"

"ଚମତ୍କାର, ଆଉ କ'ଣ ?"

ଷ୍ଟାନ୍‌ଲି ହପ୍‌କିନ୍‌ସ ପକେଟରୁ ଗୋଟେ ମଇଳା ନୋଟ୍ ବହି ବାହାର କଲେ । କାଗଜଗୁଡ଼ା ମଇଳା ହୋଇଯାଇଥିଲା । ପ୍ରଥମ ପୃଷ୍ଠାରେ ଜେ. ଏଇଚ୍. ଏନ ଏବଂ ୧୮୮୩, ଲେଖାଥିଲା । ହୋମ୍‌ସ ସେଟା ଟେବୁଲ ଉପରେ ରଖି ଠିକ୍‌ଠାକ୍ କରି ପରୀକ୍ଷା କଲେ । ହପ୍‌କିନ୍‌ସ ଆଉ ମୁଁ ଚାହିଁ ରହିଥାଉ । ଦ୍ୱିତୀୟ ପୃଷ୍ଠାରେ ସି. ପି. ଆର୍. ଅକ୍ଷର ଛପା ହୋଇଥିଲା । ତାପରେ କେତେ ଗୁଡ଼େ ପୃଷ୍ଠାରେ ବିଭିନ୍ନ ନମ୍ବର ଲେଖାଥିଲା । ଗୋଟେ ଲେଖାଥିଲା ଆର୍ଜେଣ୍ଟା-ଇନ୍, ଆଉ ଗୋଟେ କୋଷ୍ଟାରିକା ଆଉ ଗୋଟେ ସାନ୍‌ପଲୋ । ପ୍ରତ୍ୟେକର ପୃଷ୍ଠା, ଚିହ୍ନ ଆଉ ସଂଖ୍ୟା ଲେଖାଥିଲା ।

ହୋମ୍‌ସ ପଚାରିଲେ, "ଏଥିରୁ ତୁମେ କ'ଣ ବୁଝୁଛ ?"

"ସେଗୁଡ଼ା କୌଣସି ଋଣ ବା ବନ୍ଧକ କାଗଜର ତାଲିକା ପରି ଜଣା ଯାଉଛି । ମୁଁ ଭାବିଲି ଜେ. ଏଇଚ୍. ଏନ୍ କୌଣସି ଦଲାଲର ନାଁର ମୂଳ ଅକ୍ଷର ଆଉ ସି. ପି. ଆର୍. ତା ମକ୍କେଲ ହୋଇପାରେ ।"

Digitized by srujanika@gmail.com

"କାନାଡ଼ିଆନ୍ ପାସିଫିକ୍ ରେଲ୍‌ୱେ ହେବ କି ନା ଚେଷ୍ଟା କରି ଦେଖ ।"

ହପ୍‌କିନ୍‌ସ କହିଉଠିଲେ. "ମୁଁ କି ବୋକା ! ଆପଣ ଯାହା କହିଲେ ସେଇଟା ବାସ୍ତବିକ୍ ଠିକ୍ । ବାକି ରହିଲା ଜେ. ଏଇଚ୍. ଏନ୍. କ'ଣ ହୋଇପାରେ ସମାଧାନ କରିବା । ମୁଁ ପୁରୁଣା ବ୍ୟାବସାୟ କେନ୍ଦ୍ରର (Stock Exchange) ତାଲିକାସବୁ ଯାଞ୍ଚକରି ଦେଖିଛି । ୧୮୮୩ ମସିହାରେ ଏଠି ବା ବାହାରେ ଏଇ ନାଁର କୌଣସି ଦଲାଲ୍‌ଥିବାର ପାଇଲିନାହିଁ । ତଥାପି ମୁଁ ଭାବୁଛି ଏଇଟା ଅତି ଗୁରୁତ୍ୱପୂର୍ଣ୍ଣ ସୂତ୍ର । ଆପଣ ନିଶ୍ଚୟ ସ୍ୱୀକାର କରିବେ ମିଷ୍ଟର୍ ହୋମସ୍, ଏଇ ଜେ. ଏଇଚ୍. ଏନ୍. ଜଣେ ଦ୍ୱିତୀୟ ଲୋକର ନାଁର ମୂଳ ଅକ୍ଷର ଆଉ ସେ ସେଠାରେ ଉପସ୍ଥିତ ଥିଲା । ଅର୍ଥାତ୍ ସେଇ ଲୋକହିଁ ହତ୍ୟାକାରୀ । ତା'ଛଡ଼ା ଏ କେଶ୍‌ରେ ଏତେଗୁଡ଼ାଏ ଟଙ୍କାର ବନ୍ଧକ କବଲା ଥିବାରୁ ହତ୍ୟାର ଉଦ୍ଦେଶ୍ୟ ମଧ୍ୟ ଜଣାପଡ଼ିଯାଉଛି ।"

ସେର୍‌ଲକ୍ ହୋମ୍‌ସଙ୍କ ମୁହଁରୁ ଜାଣିପାରିଲି ସେ ମଧ୍ୟ ବିସ୍ମିତ ହୋଇ ଯାଇଛନ୍ତି । ସେ କହିଲେ, "ତୁମର ଉଭୟକଥା ମୁଁ ମାନୁଛି । ପ୍ରାରମ୍ଭିକ ଅନୁସନ୍ଧାନ ବେଳେ ଏଇ ନୋଟ୍‌ବହିଟା ବାହାରିନଥିଲା । ଏବେ ଏଇଟା ମିଳିବାରୁ ମୋର ଯାହାକିଛି ଅନୁମାନ ଥିଲା ତାକୁ ବଦଳାଇବାକୁ ହେଉଛି । ମୁଁ ଏ କେଶ୍ ବିଷୟରେ ଯାହା ଅନୁମାନ କରିଥିଲି ସେଥିରେ ଏ ନୋଟ୍ ବହିର ସ୍ଥାନ ନଥିଲା । ଏଥିରେ ଯେଉଁ ଦଲାଲ୍ କଥା ଲେଖାଅଛି ସେଥିରୁ କିଛି ଖୋଜି ବାହାର କରିବାକୁ ଚେଷ୍ଟାକରିଛ ?"

"ବର୍ତ୍ତମାନ ସବୁ ଅଫିସ୍‌ରେ ଅନୁସନ୍ଧାନ ଚାଲିଛି । କିନ୍ତୁ ମୁଁ ଭାବୁଛି ଏସବୁ ଦକ୍ଷିଣ ଆମେରିକାର ବନ୍ଧକ କାଗଜପତ୍ର । ସେଠାକାର ବନ୍ଧ କି ରଖିବା ଅନୁଷ୍ଠାନମାନଙ୍କର ତାଲିକା ଦକ୍ଷିଣ ଆମେରିକାରେ ଥିବ । ତେଣୁ ତାକୁ ଖୋଜି ବାହାର କରିବାକୁ କିଛି ସମୟ ଲାଗିବ ।

ହୋମ୍‌ସ ତାଙ୍କ ମାଗ୍‌ନିଫାଇଙ୍ଗ୍ କାଚ ଧରି ନୋଟ୍‌ବହିର ମଲାଟଟା ପରୀକ୍ଷା କରୁଥିଲେ । ସେ କହିଲେ, "ଏଇଠି କିଛି ଦାଗ ହୋଇଯାଇଛି ନିଶ୍ଚୟ ?"

Digitized by srujanika@gmail.com

"ହଁ ଆଜ୍ଞା । ସେଇଟା ରକ୍ତଦାଗ । ମୁଁ ବନ୍ଧୁକଟା ଘରର ମେଜଆରୁ ପାଇଲି ବୋଲି କହୁଛି ।"

"ରକ୍ତ ଦାଗଟା ବନ୍ଧୁକର ଉପର ପାଖରେ ଥିଲା ନା ତଳ ପାଖରେ ?"

"ତଳ ପାଖରେ ।"

"ସେଥିରୁ ପ୍ରମାଣିତ ହେଉଛି ହତ୍ୟାକାଣ୍ଡ ପରେ ବନ୍ଧୁକଟା ତଳେ ପଡ଼ିଛି ।"

"ନିଶ୍ଚୟ ମିଷ୍ଟର୍ ହୋମ୍‌ସ । ମୋର ଧାରଣା ହତ୍ୟାକାରୀ ତରତର ହୋଇ ପଳାଇଗଲାବେଳେ ଏଇଟା ପଡ଼ିଯାଇଛି । ଏଇଟା ଦରଜାପାଖରେ ପଡ଼ିଥିଲା ।"

"ମୃତ ଲୋକଙ୍କ ଜିନିଷପତ୍ର ଭିତରୁ ଏଇ ବନ୍ଧୁକ କବଲା କିଛି ମିଳିନାହିଁ ବୋଧହୁଏ ?"

"ନା ।"

"ଡକାୟତି ହୋଇଥିବା ସନ୍ଦେହ କରିବାର କିଛି କାରଣ ଅଛି ?"

"ନା ଆଜ୍ଞା । କିଛି ଜିନିଷ ନଥିଗଲାପରି ଜଣାଯାଉନାହିଁ ।"

"କେଶ୍‌ଟା ନିଶ୍ଚୟ ଖୁବ୍ ଚମକପ୍ରଦ । ଆଚ୍ଛା ସେଠି ଗୋଟେ ଛୁରୀ ଥିଲା ନା ନାହିଁ ?"

"ହଁ, ଗୋଟେ ଖୋଲଥିବା ଛୁରୀ, ସେଇଟା ଖୋଲାଭିତରେ ଥିଲା । ମୃତ ଲୋକଙ୍କ ଗୋଡ଼ପାଖରେ ସେଇଟା ପଡ଼ିଥିଲା । ଶ୍ରୀମତୀ କାଣ୍ଟି ଛୁରୀଟା ତାଙ୍କ ସ୍ୱାମୀଙ୍କର ବୋଲି ଚିହ୍ନୋଟ କରିଛନ୍ତି ।"

ହୋମ୍‌ସ କିଛିକ୍ଷଣ ଚିନ୍ତାରେ ବସିଗଲେ । ଶେଷରେ କହିଲେ, "ଭାବୁଛି ମୁଁ ସେଠିକିଯାଇ ଥରେ ସବୁ ଦେଖିନେବି ।"

ଆନନ୍ଦରେ ଷ୍ଟାନ୍‌ଲି ହପ୍‌କିନ୍‌ସ କହିଉଠିଲେ, "ଧନ୍ୟବାଦ ଆଜ୍ଞା । ମୋ ମୁଣ୍ଡରୁ କେତେ ଭାରିକମିଯିବ ।"

ଇନ୍‌ସ୍‌ପେକ୍ଟରଙ୍କ ଆଡ଼କୁ ଆଙ୍ଗୁଠିଠାର ହୋମ୍‌ସ କହିଲେ, "ପ୍ରାୟ ହପ୍ତାଏ ପୂର୍ବେ କାମଟା ଖୁବ୍ ସହଜ ହୋଇଥାନ୍ତା । ଏବେ ବି ମୋ ଯିବାଟା ପୁରାପୁରି ନିଷ୍ଫଳ ହେବନାହିଁ । ଊଆଟ୍‌ସନ୍, ତୁମେ ଯଦି ମୋ ସାଥିରେ ଯାଇପାରନ୍ତ ବେଶ୍ ଭଲହୁଅନ୍ତା । ତୁମେ ଗୋଟେ ଗାଡ଼ି ଡାକ ହପ୍‌କିନ୍‌ସ । ଆମେ ପନ୍ଦର ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବୁ ।"

Digitized by srujanika@gmail.com

ଛୋଟ ରେଲ୍‌ଷ୍ଟେସନ୍‌ରେ ଓହ୍ଲାଇ ପଡ଼ିଲୁ । କିଛି ମାଇଲ୍ ଘୋଡ଼ାଗାଡ଼ିରେ ଯିବାକୁ ପଡ଼ିଲା । ରାସ୍ତା ଦୁ'ପାଖର ଜଙ୍ଗଲ ଅନେକ ପରିମାଣରେ ନଷ୍ଟ ହୋଇ ଯାଇଛି । ଆଗେ ଏ ଜଗା ଘଞ୍ଚ ଜଙ୍ଗଲରେ ପୂରିଥିଲା । ସାକ୍‌ସନ୍ ଆକ୍ରମଣକାରୀମାନେ ଯା'ଭିତରେ ପଶି ପାରୁନଥିଲେ । ଏଇ ଜଙ୍ଗଲର ଅଧିକାଂଶ ସଫା ହୋଇଯାଇଛି । କାରଣ ଇଂଲଣ୍ଡର ପ୍ରଥମ ଲୁହାକାରଖାନା ସବୁ ଏଇଠି ଆରମ୍ଭ ହୋଇଥିଲା । ଲୁହା ତରଳାଇବା ପାଇଁ ଗଛସବୁ କଟାହୋଇଗଲା । ଏଇଠି ଗୋଟେ ପାହାଡ଼ର ପାଦଦେଶର ଢାଲୁ ଜାଗାରେ ଗୋଟେ ଲମ୍ବା ଅଳ୍ପ ଉଚ୍ଚ ପଥରଘର । ପଡ଼ିଆ ଭିତରଦେଇ ଗୋଟେ ଅଙ୍କାବଙ୍କା ରାସ୍ତା ଘର ପାଖକୁ ଯାଇଛି । ଏଇ ରାସ୍ତାପାଖରେ ଗୋଟେ ଛୋଟଘର । ଅନ୍ୟ ତିନପାଖରେ ଛୋଟ ଛୋଟ ବୁଦା । ଘରର ଗୋଟେ ଝରକା ଆମେ ଯେଉଁଆଡ଼ୁ ଯାଉଥିଲୁ ସେଇଆଡ଼କୁ । ଏଇଟା ହତ୍ୟାକାଣ୍ଡ ଘଟିଥିବା ଜାଗା ।

ଷ୍ଟାନ୍‌ଲି ହପ୍‌କିନ୍‌ସ ଆମକୁ ପ୍ରଥମେ ସେ ପଥରଘର ପାଖକୁ ନେଇଗଲେ । ସେଠି ମୃତବ୍ୟକ୍ତିଙ୍କ ବିଧବାପତ୍ନୀଙ୍କ ସାଥିରେ ଆମର ପରିଚୟ କରାଇ ଦେଲେ । ତାଙ୍କର ଦେହ ଅତି କ୍ଷୀଣ, ମୁଣ୍ଡର ବାଳ ସବୁ ଧଳା । ଆଖିରେ ଆତଙ୍କର ଚିହ୍ନ । ତାଙ୍କ ଚେହେରାରୁ ଜଣାଗଲା ବର୍ଷ ବର୍ଷ ଧରି ସେ ବଡ଼ ଦୁଃଖ ଆଉ ଦୁର୍ବ୍ୟବହାର ସହିଆସିଛନ୍ତି । ତାଙ୍କ ପାଖରେ ତାଙ୍କ ଝିଅ । ମୁଣ୍ଡରେ ସୁନ୍ଦର ବାଳ ଗୋଛା; କିନ୍ତୁ ମୁହଁ ମଳିନ । ତାଙ୍କ ଆଖି ଦି'ଟା ଅବଜ୍ଞାରେ ଜଳୁଥାଏ । ସେ ଆମକୁ କହିଲେ ଯେ, ତାଙ୍କ ବାପାଙ୍କ ମୃତ୍ୟୁରେ ସେ ଖୁବ୍ ଖୁସି ଆଉ ଯେଉଁଲୋକ ତାଙ୍କୁ ମାରିଛି ସେ ତାକୁ କଲ୍ୟାଣକଲେ । ବ୍ଲାକ୍‌ପିଟର୍ ତାଙ୍କ ଘରକୁ ଅତି କଦର୍ଯ୍ୟ କରିଦେଇଥିଲେ । ଆମେ ସେ ଘରୁ ପଦାକୁ ଆସିବାରୁ ଟିକିଏ ଆଶ୍ୱସ୍ତି ବୋଧକଲୁ । ତା'ପରେ ମୃତ ବ୍ୟକ୍ତି ପଡ଼ିଆଭିତରେ ଯେଉଁ ରାସ୍ତାରେ ତାଙ୍କ କାବିନ୍‌କୁ ଯାଆନ୍ତି ସେଇବାଟେ ଚାଲିଲୁ ।

ବାହାରଘର ଏଇ କାବିନ୍‌ଟା ଅତି ସାଧାସିଧା ଘର । କାନ୍ଥଗୁଡ଼ା କାଠର । ଦରଜାପାଖରେ ଗୋଟେ ଝରକା ଏବଂ ଆଉ ଗୋଟେ ତାର ବିପରୀତ ଦିଗରେ ଷ୍ଟାନ୍‌ଲି ହପ୍‌କିନ୍‌ସ ପକେଟରୁ ଚାବିଟା ବାହାରକରି ତାଲା

Digitized by srujanika@gmail.com

ଖୋଲିବାପାଇଁ ଆଗେଇଗଲେ । ହଠାତ୍ ସେ ଅଟକିଗଲେ । ତାଙ୍କ ମୁହଁରେ ବିସ୍ମୟର ଚିହ୍ନ ।

ସେ କହିଲେ, "କେହି ଏ ତାଲାରେ ଲାଗିଥିଲା ।"

ଏ କଥାରେ କିଛି ସନ୍ଦେହ ନଥିଲା । କବାଟର ପଟା କଟା ହୋଇଥିଲା । କଟାଦାଗ ଗୁଡ଼ା କବାଟରଙ୍ଗ ଭିତରୁ ପରିଷ୍କାର ଦେଖାଯାଉଥିଲା । ଖୁବ୍ ଅଳ୍ପସମୟ ଆଗରୁ ତା ହୋଇଥିଲାପରି ଜଣାଯାଉଥିଲା । ହୋମ୍ସ ଝରକାଟା ପରୀକ୍ଷାକରି ଦେଖୁଥିଲେ । ସେ କହିଲେ, "କେହି ଏ ଘରଭିତରେ ପଶିବାକୁ ଚେଷ୍ଟାକରିଛି । ସେ ଯେ ହେଉ ଭିତରକୁ ଯାଇପାରିନାହିଁ । ଲୋକଟା ସିନ୍ଧିକରି ଜାଣେନା ।"

ଇନ୍ସପେକ୍ଟର୍ କହିଉଠିଲେ, "ଏହା ବଡ଼ ଅଦ୍ଭୁତକଥା । ମୁଁ ଦୃଢ଼ଭାବେ କହିପାରେ ଯେ କାଲି ସଂଧ୍ୟାରେ ଏ ଚିହ୍ନଗୁଡ଼ା ଏଠି ନଥିଲା ।"

"ମୁଁ କହିଲି, "କେହି କୌତୂହଳୀ ଗାଁଲୋକ ହୋଇଥିବ ।"

"ଅସମ୍ଭବ । ଗାଁଲୋକେ ସେ ଘରଭିତରେ ପଶିବାକଥା ଥାଉ ତେଣିକି ଏ ଜାଗାରେ ପାଦ ପକାଇବାକୁ ସାହସ କରିବେନାହିଁ । ଆପଣ କ'ଣ ଭାବୁଛନ୍ତି ମିଷ୍ଟର୍ ହୋମ୍ସ ?"

"ଭାବୁଛି ଭାଗ୍ୟ ଆମର ଅନୁକୂଳ ।"

"ତା'ମାନେ ଆପଣ କହୁଛନ୍ତି ଲୋକଟା ପୁଣିଆସିବ ?"

"ତାର ସମ୍ଭାବନା ଖୁବ୍ ବେଶୀ । ସେ ଭାବିଥିଲା ଦରଜାଟା ଖୋଲାଥିବ । କିନ୍ତୁ ଯେତେବେଳେ ଦେଖିଲା ବନ୍ଦଅଛି ଗୋଟେ ଛୋଟ ଛୁରୀରେ ଖୋଲିବାକୁ ଚେଷ୍ଟାକରିଛି ମାତ୍ର ପାରିନାହିଁ । ତା'ପରେ ସେ କ'ଣ କରିବ ?"

"ଅନ୍ୟ କିଛି ଭଲହତିଆର ଧରି ପୁଣି ଆସିବ ।"

"ମୋର ମତ ସେଇଆ । ସେତେବେଳେ ଆମେ ତାକୁ ଧରି ନ ପାରିଲେ ଦୋଷଟା ଆମର । ଏବେ ଚାଲ, କାବିନ୍ ଭିତରଟା ଦେଖିବା ।"

ଦୁର୍ଘଟଣାର ସବୁ ଚିହ୍ନ ପ୍ରାୟ ଲୋପ ପାଇଯାଇଥିଲା । କିନ୍ତୁ ହତ୍ୟାଦିନ ରାତିରେ ଯେଉଁ ଆସବାବପତ୍ର ଯେଉଁଠି ଥିଲା ସେଗୁଡ଼ା ସେମିତି ରହିଥିଲା । ଦୁଇଘଣ୍ଟାଯାଏ ହୋମ୍ସ ଏକାଗ୍ର ମନରେ ପ୍ରତ୍ୟେକ ଜିନିଷକୁ ଗୋଟି ଗୋଟି

Digitized by srujanika@gmail.com

କରି ପରୀକ୍ଷାକରିବାରେ ଲାଗିଲେ । କିନ୍ତୁ ତାଙ୍କ ମୁହଁରୁ ଜଣାଗଲା ସେ କିଛି ଫଳ ପାଇପାରିନାହାନ୍ତି । ତାଙ୍କ ଅନୁସନ୍ଧାନ ଭିତରେ ସେ ଥରେ ମାତ୍ର ଅଟକିଯାଇ ପଚାରିଲେ, "ତୁମେ ଏ ସେଲ୍‌ଫରୁ କିଛି ଜିନିଷ ନେଇଛ ହପ୍‌କିନ୍‌ସ ?"

"ନା, ମୁଁ କୌଣସି ଜିନିଷ ନେଇନାହିଁ ।"

"ଏଠୁ କିଛି ଗୋଟେ ଜିନିଷ ନିଆଯାଇଛି । ସେଲ୍‌ଫର ଏଇ ଜାଗାରେ ଅନ୍ୟଜାଗା ଅପେକ୍ଷା କମ୍ ଧୂଳି । ଏଠି ହୁଏତ ଗୋଟେ ବହି କିମ୍ବା ଗୋଟେ ବାକ୍ସ ଥିଲା । ଯାହାହେଉ, ବର୍ତ୍ତମାନ ମୁଁ ଆଉ କିଛି କରିପାରିବିନାହିଁ । ଚାଲ ୱାଟ୍‌ସନ୍, କିଛି ସମୟ ଏଇ ସୁନ୍ଦର ଜଙ୍ଗଲରେ ବୁଲାବୁଲି କରିବା । ପରେ ଏଇ ଜାଗାରେ ତୁମସାଥିରେ ଦେଖାହେବ ହପ୍‌କିନ୍‌ସ । ଦେଖିବା, ଯେଉଁ ଲୋକ ରାତିରେ ଆସିଥିଲା ତାକୁ ଆମେ ପାଇ ପାରୁଛେ କି ନାହିଁ ।"

ଆମେ ଲୁଚି ରହିବା ଜାଗା ଠିକ୍ କଲାବେଳକୁ ଏଗାରଟାରୁ ବେଶୀ ସମୟ ହୋଇଯାଇଥିଲା । ଦରଜାଟା ଖୋଲା ରଖିବା ପାଇଁ ହପ୍‌କିନ୍‌ସ କହୁଥିଲେ; କିନ୍ତୁ ହୋମ୍‌ସ କହିଲେ ଯେ, ତା ହେଲେ ସେଇ ଅଜଣାଲୋକ ମନରେ ସନ୍ଦେହ ହେବ । ତାଲାଟା ଅତି ସାଧାରଣ ଆଉ ଖଣ୍ଡେ ଟାଣୁଆ ଛୁରୀରେ ଖୋଲିଯିବ । ହୋମ୍‌ସ୍ ଆଉ ମଧ୍ୟ ପ୍ରସ୍ତାବ ଦେଲେ ଯେ, ଆମେ ସେ ଘର ଭିତରେ ନ ରହି ଝରକା ପାଖରେ ଥିବା ବୁଦାମୂଳରେ ଲୁଚିରହିବା । ତା'ହେଲେ ଆଗନ୍ତୁକ ଯଦି ଆଲୁଅ ଲଗାଏ ଆମେ ତାକୁ ଦେଖିପାରିବା ଆଉ ତାର୍ ଉଦ୍ଦେଶ୍ୟ ଜାଣିପାରିବା ।

ଅନେକ ବେଳଯାଏ ଆମକୁ ବଡ଼କଷ୍ଟରେ ଜଗିରହିବାକୁ ପଡ଼ିଲା । ତଥାପି ଶିକାରୀ ପାଣି ପାଖରେ ଜନ୍ତୁଙ୍କୁ ଜଗି ରହିବାରେ ଯେମିତି ଗୋଟାଏ ଶିହରଣ ଅନୁଭବ କରେ ଆମେ ସେମିତି ଅନୁଭବ କଲୁ । କି ପ୍ରକାର ହିଂସ୍ରଜନ୍ତୁ ଆମେ ଧରିବୁ କିଏଜାଣି ! ହୁଏତ ଅପରାଧ ଜଗତର ଗୋଟେ ହିଂସ୍ରବାଘ ହୋଇପାରେ, ଯାହାକୁ ରୀତିମତ ଲଢ଼େଇକରି ଆୟତ୍ତ କରି-ଯାଇପାରେ କିମ୍ବା ଗୋଟେ ଧୂର୍ତ୍ତ ବିଲୁଆ ହୋଇପାରେ ଯେ କି ଦୁର୍ବଳ ଆଉ ଅସାବଧାନ ଲୋକ ପାଇଁ ବିପଦପୂର୍ଣ୍ଣ । ଯାହା କିଛି ଆସିବ ତାକୁ

Digitized by srujanika@gmail.com

ଅପେକ୍ଷାକରି ଆମେ ଚୁପ୍‌ଚାପ୍ ବୁଦାଭିତରେ ଲୁଚିରହିଲୁ । ପ୍ରଥମେ ଡେରିରେ ଘରକୁ ଫେରୁଥିବା କେତେ ଗାଁ ଲୋକଙ୍କର ପାଦ ଶବ୍ଦ ଆଉ ଗାଁ ଭିତରୁ ଲୋକଙ୍କର ପାଟି ଶୁଣା ଯାଉଥିଲା । କିନ୍ତୁ ଧୀରେ ଧୀରେ ସେ ସବୁ ବନ୍ଦ ହୋଇଗଲା । ଆମେ ଗୃହପାଖେ ପୂରା ନୀରବତା । କେବଳ ଦୂର ଗୀର୍ଜାର ଘଣ୍ଟି ଶବ୍ଦ ଶୁଣାଯାଉଥାଏ । ସେଥିରୁ ରାତ୍ର ବଢ଼ିବା ଆମେ ଜାଣି ପାରୁଥାଉ । ତା ଛଡ଼ା ଆମ ଉପରେ ଥିବା ଗଛପତ୍ରରେ ଟପ୍‌ଟପ୍ ବର୍ଷା ପଡ଼ିବାର ଶବ୍ଦ ।

ଗୀର୍ଜା ଘଣ୍ଟାରେ ସାଢ଼େ ଦୁଇଟା ବାଜିଲା । ଏଟା ପାହାନ୍ତା ପୂର୍ବରୁ ସବୁଠୁ ଅନ୍ଧାରୁଆ ସମୟ । ଗେଟ୍‌ଆଡ଼ୁ ଖଟ୍ କରି ଗୋଟେ ଶବ୍ଦ ଶୁଣି ଆମେ ଚମକି ପଡ଼ି କାନ ଡେରିଲୁ । କେହି ଜଣେ ଭିତରି ରାସ୍ତାକୁ ଆସିଲା । ପୁଣି ଅନେକ ବେଳଯାଏ ସବୁ ଚୁପ୍ ଚାପ୍ । ମୁଁ ଭାବିଲି ଆମର ଭୁଲ ହୋଇଛି । ଏଢକ-ବେଳେ କାହିଁକି ସେପଟେ ଚପା ପାଦଶବ୍ଦ ଶୁଭିଲା । ତା'ପରେ କୌଣସି ଧାତୁ ଘଷିବା ପରି ଶବ୍ଦ ହେଲା । ଲୋକଟା ତାଲାଟା ଖୁଣ୍ଟି ଖୋଲିବାକୁ ଚେଷ୍ଟା କରୁଥିଲା । ଏଥର ତାର କୌଶଳ ଅଧିକ ବା ତାର ହତିଆର ଭଲ ଥିଲା । କାରଣ ହଠାତ୍ ଗୋଟେ ଖଟ୍ କରି ଶବ୍ଦହୋଇ କବାଟର କେଁକେଁ ଶବ୍ଦ ଶୁଭିଲା । ତା'ପରେ ଖଣ୍ଡେ ହଉଆସିଲ କାଠି ମାରିବାର ଶବ୍ଦ ଆଉ ତା'ପରେ ଗୋଟେ ମହମବତୀ ଆଲୁଅରେ କାହିଁକିଟା ପୂରିଗଲା । ଜାଲିଜାଲିଆ ପରଦା ଭିତର ଦେଇ ଘରଭିତରର ସବୁ ଦୃଶ୍ୟଉପରେ ଆମର ଆଖି ପଡ଼ୁଥାଏ ।

ଭିତରେ ଏଇ ଆଗନ୍ତୁକ ଜଣେ ଯୁବକ । ଦୁର୍ବଳ ଆଉ ପତଳା ଦେହ । ମୁହଁର କଳାଦାଢ଼ି ମୁହଁଟାକୁ ଆହୁରି ତେଜହୀନ କରିଦେଉଥାଏ । ବୟସ ତାର କୋଡ଼ିଏ ବର୍ଷରୁ ଅଧିକ ହେବନାହିଁ । କୌଣସି ଲୋକ ଏମିତି ଭୟ କରିବାର ମୁଁ ଦେଖିନାହିଁ । କାରଣ ତା ଦାନ୍ତଗୁଡ଼ା ଠକ୍ ଠକ୍ ବାଜିବାର ଆଉ ସେ ପାଦଠୁ ମୁଣ୍ଡ ଯାଏ ଥରୁଥିବାର ଦେଖାଯାଉଥାଏ । ସେ ଜଣେ ସାଧାରଣ ଭଦ୍ରଲୋକ ପରି ପୋଷାକ ପିନ୍ଧିଥିଲା । ତା'ମୁଣ୍ଡରେ ଗୋଟେ କନାଟୋପି । ସେ ଭୟଭୀତ ଆଖିରେ ଚାରିଆଡ଼କୁ ଚାହିଁବାର ଆମେ ଲକ୍ଷ୍ୟ କରୁଥାଉ । ତା'ପରେ ସେ ମହମବତୀଟା ଟେବୁଲଉପରେ ଥୋଇଦେଇ ଆମ ଦୃଷ୍ଟି ବାହାରକୁ ଘରର ଗୋଟେ କ'ଣକୁ ଚାଲିଗଲା । ସେଇଠିରେ ଧାଡ଼ିହୋଇ

Digitized by srujanika@gmail.com

ଥୁଆହୋଇଥିବା ଲଗ୍ ବହିଗୁଡ଼ିକରୁ ଗୋଟେ ମୋଟା ବହିଧରି ଫେରିଆସିଲା । ଟେବୁଲ୍ ଉପରେ ବହିଟା ରଖି, ଲଣ୍ଠନଟି ଜଳାଇଦେଇ ପୃଷ୍ଠା ଗୁଡ଼ା ଓଲଟେଇ ଚାଲିଲା । ଶେଷରେ ସେ ଯେଉଁ ଲେଖାଟା ଖୋଜୁଥିଲା ସେଠି ପହଞ୍ଚିଗଲା । ତା'ପରେ ହାତ ମୁଠାକରି ଖୁବ୍ ରାଗିଲା ପରେ ସେ ବହିଟା ବନ୍ଦକରି କଣରେ ନେଇ ରଖିଦେଲା ଆଉ ଆଲୁଅଟା ଲିଭାଇଦେଲା । ଘରୁବାହାରି ଆସିବାପାଇଁ ସେ ମୁହଁ ବୁଲାଇଛି କି ନାହିଁ ହପକିନ୍‌ସଙ୍କ ହାତ ତା କାଲର୍ ଉପରେ ପଡ଼ିଗଲା । ଭୟରେ ସେ ଧଇଁସଇଁ ହୋଇଗଲା । ଜାଣିଲା ସେ ଧରା ପଡ଼ି ଯାଇଛି । ମହମବତୀଟା ପୁଣି ଜଳାଇଦେଲୁ । ଆମ ବନ୍ଦୀ ବିଚରା ଡିଟେକ୍‌ଟିଭ୍ ହପ୍‌କିନ୍‌ସଙ୍କ ହାତମୁଠାରେ ଥାଇ ଭୟରେ ଥରୁଥାଏ । ସେ ଲମ୍ବିକରି ବାକସ୍‌ଟା ଉପରେ ବସିପଡ଼ିଲା ଆଉ ହତାଶହୋଇ ଜଳଜଳକରି ଆମ ମୁହଁକୁ ଚାହିଁଲା ।

ଷ୍ଟାନ୍‌ଲି ହପ୍‌କିନ୍‌ସ କହିଲେ, "ଏଥର ବାବୁ କହତ, ତୁମେ କିଏ ଆଉ ଏଠି ତୁମର କ'ଣ ଦର୍କାର ?"

ବିଚରା ଟିକିଏ ଦମ୍ଭଧରି କହିଲା, "ଆପଣମାନେ ଡିଟେକ୍‌ଟିଭ ବୋଧ ହୁଏ । ଆପଣମାନେ ଭାବୁଥିବେ କ୍ୟାପ୍‌ଟେନ୍ ପିଟର୍ କାରୀଙ୍କ ମୃତ୍ୟୁ ସହିତ ମୁଁ ସମ୍ପୃକ୍ତ । କିନ୍ତୁ ଶପଥକରି କହୁଛି ସେ ବାବଦରେ ମୁଁ ନିର୍ଦ୍ଦୋଷ ।"

"ଆମେ ସେକଥା ବୁଝିବୁ । ଆଗେ କହ ତୁମ ନାଁ କ'ଣ ?"

"ଜନ୍ ହୋପ୍‌ଲି ନେଲ୍‌ଗାନ୍ ।"

ଦେଖିଲି ହୋମ୍‌ସ ଆଉ ହପ୍‌କିନ୍‌ସ ଖୁବ୍ ଶୀଘ୍ର ଆଖି ଠାରାଠାରି ହୋଇଗଲେ । ହପ୍‌କିନ୍‌ସ ପଚାରିଲେ, "ତୁମେ ଏଠି କ'ଣ କରୁଛ ?"

"ମୁଁ ଗୋପନରେ କଥାବାର୍ତ୍ତା କରିପାରିବି ?"

"ନା, ଏଇଠି କୁହ !"

"ମୁଁ କାହିଁକି ଆପଣଙ୍କ ପ୍ରଶ୍ନର ଜବାବ୍ ଦେବି ?"

"ଯଦି ଉତ୍ତର ନଦିଅ ତେବେ ବିଚାରବେଳେ ତୁମର ଅସୁବିଧା ହେବ ।"

ଥିଙ୍କ୍‌ଚିଡ଼ହୋଇ ଯୁବକ କହିଲା, "ଆଚ୍ଛା ମୁଁ କହିବି । ନକହିବି ବା

Digitized by srujanika@gmail.com

କାହିଁକି ? ତଥାପି ଗୋଟେ ପୁରୁଣା ଅପବାଦକୁ ନୂଆକରିବାକୁ ମୁଁ ଘୃଣା କରୁଛି । ଆପଣ କେବେ ଡସନ୍ ଆଣ୍ଡ୍ ନେଲ୍‌ଗାନ୍ ନାଁ ଶୁଣିଛନ୍ତି ?"

ହାପ୍‌କିନସଙ୍କ ମୁହଁରୁ ଜାଣିଲି ଏ ନାଁ ସେ କେବେ ଶୁଣିନାହାନ୍ତି । ହୋମ୍‌ସ କିନ୍ତୁ ଖୁବ୍ ଆଗ୍ରହୀହୋଇ ପଚାରିଲେ, "ତୁମେ ପଶ୍ଚିମଦେଶର ବ୍ୟାଙ୍କର୍‌ମାନଙ୍କ କଥା କହୁଛତ ? ସେମାନେ ଲକ୍ଷ ଲକ୍ଷ ଟଙ୍କା ହରାଇ କର୍‌ନ୍‌ଓ୍ୱାଲ୍‌ର ଅଧାଲୋକଙ୍କୁ କାଙ୍ଗାଳ କରିଦେଲେ । ତା'ପରେ ନେଲ୍‌ଗାନ୍ କୁଆଡ଼େ ଚାଲିଗଲେ ।"

"ବିଲକୁଲ୍ ଠିକ୍ । ନେଲ୍‌ଗାନ୍ ମୋ ବାପା ।"

ଏତେବେଳକୁ ଆମେ କିଛି ଜାଣିପାରିଲୁ । କିନ୍ତୁ ଜଣେ ପଳାତକ ବ୍ୟାଙ୍କର୍ ଆଉ କ୍ୟାପ୍‌ଟେନ୍ ପିଟର୍‌କେରୀ ତାଙ୍କ ନିଜ ଭେଣ୍ଡାରେ ଭୁଷାହେବା ଭିତରେ ବ୍ୟବଧାନଟା ବହୁତ ବେଶି ଜଣାଗଲା । ଆମେ ମନଦେଇ ଯୁବକର କଥା ଶୁଣିଲୁ ।

"ସେ ଘଟଣାରେ ମୋ ବାପାହିଁ ପ୍ରକୃତରେ ସମ୍ପୃକ୍ତ ଥିଲେ । ଡସନ୍ ସେତେ-ବେଳକୁ ଅବସର ନେଇଥିଲେ । ସେତେବେଳକୁ ମୋତେ ମୋଟେ ଦଶବର୍ଷ । ତଥାପି ସେ ଲଜ୍ଜା ଆଉ ଭୟ ମୁଁ ବେଶ୍ ବୁଝିପାରିଲି । ସମସ୍ତେ କହିଲେ ମୋ ବାପା ବନ୍ଧକ କବଲା ସବୁ ଚୋରିକରି ଧରିପଳାଇଛନ୍ତି । କିନ୍ତୁ ତା ସତନୁହେଁ । ତାଙ୍କର ବିଶ୍ୱାସଥିଲା ସେ କିଛିଦିନ ସମୟ ପାଇଲେ ସବୁ ଠିକ୍ କରିଦେବେ ଆଉ ପ୍ରତ୍ୟେକ ଋଣଦାତା ତାଙ୍କର ପୂରା ପାଉଣା ପାଇଯିବେ । ତାଙ୍କୁ ଆରେଷ୍ଟ କରିବାପାଇଁ ୱାରେଣ୍ଟ ବାହାରିବାର ଠିକ୍ ପୂର୍ବରୁ ସେ ତାଙ୍କ ଛୋଟ ନାଆଟିଧରି ନର୍‌ୱେ ଯିବାପାଇଁ ବାହାରିପଡ଼ିଲେ । ସେଇ ଶେଷରାତି, ମାଆଙ୍କଠାରୁ ସେ ବିଦାୟନେବା ଦୃଶ୍ୟ ଏବେ ବି ମୋର ମନେଅଛି । ଯେଉଁ କବଲାଗୁଡ଼ା ସେ ନେଉଥିଲେ ତାର ଗୋଟେ ତାଲିକା ଆମକୁ ଦେଇ ଯାଇଥିଲେ । ଗଲାବେଳେ କହିଗଲେ ସେ ପୁଣି ତାଙ୍କ ସୁନାମ ସହ ଫେରି ଆସିବେ ଆଉ ଯେଉଁମାନେ ତାଙ୍କୁ ବିଶ୍ୱାସ କରୁଥିଲେ ତା'ଭିତରୁ କେହି କ୍ଷତିଗ୍ରସ୍ତ ହେବେନାହିଁ । ତାଙ୍କ ବିଷୟରେ ଆଉ କିଛି ଜଣାଗଲା ନାହିଁ । ନାଆ ଏବଂ ସେ କୁଆଡ଼େ ଉଭେଇଗଲେ । ମାଆ ଆଉ ମୁଁ ଭାବିଲୁ ସମୁଦ୍ରରେ

Digitized by srujanika@gmail.com

ତାଙ୍କ ଡଙ୍ଗା ବୁଡ଼ିଗଲା । କବଲାଗୁଡ଼ାକ ସହ ସେ ସମୁଦ୍ର ଗର୍ଭକୁ ଚାଲିଗଲେ । ଆମର ଜଣେ ବିଶ୍ୱସ୍ତ ବନ୍ଧୁ ଥିଲେ । ସେ ଜଣେ ବ୍ୟବସାୟୀ । କିଛୁଦିନ ତଳେ ସେ କହିଲେ ଯେ, ମୋ ବାପା ନେଇଯାଇଥିବା କବଲାରୁ କେତେକ ଲଣ୍ଡନ ସହରରେ ଦେଖାଯାଇଛି । ଆମର ସମସ୍ୟା ଆପଣ ଅନୁମାନକରି ପାରୁଥିବେ । ମୁଁ ସେଗୁଡ଼ା ଖୋଜି ବାହାର କରିବା ପାଇଁ ମାସ ମାସ ଧରି ଚେଷ୍ଟାକରିଛି । ନାନା ଅସୁବିଧା, ବାଧାବିଘ୍ନପରେ ମୁଁ ଜାଣିପାରିଲି, ଏଇ ଘରର ମାଲିକ କ୍ୟାପ୍ଟେନ୍ ପିଟର୍‌କାରି ପ୍ରଥମେ ସେ କବଲା ବିକ୍ରି କରିଛନ୍ତି ।

"ମୁଁ ଏ ଲୋକ ବିଷୟରେ କେତେକ ସନ୍ଧାନନେବା ସ୍ୱାଭାବିକ । ଜାଣି ପାରିଲି ଯେ ସେ ଗୋଟେ ତିମିଶିକାରୀ ଜାହାଜର କ୍ୟାପ୍ଟେନ୍ ଥିଲେ । ମୋ ବାପା ତାଙ୍କ ଡଙ୍ଗାରେ ନର୍ୱେ ଗଲାବେଳେ ଏଇ ଜାହାଜ ଆର୍କ୍ଟିକ୍ ସମୁଦ୍ରରୁ ଫେରିବାର ଥିଲା । ସେ ବର୍ଷ ଶରତକାଳରେ ଭୀଷଣ ଝଡ଼ତୋଫାନ ହୋଇଥିଲା । ପଛକୁ ପଛ ଦକ୍ଷିଣରୁ ପ୍ରବଳ ପବନ ବହିଲା । ମୋ ବାପାଙ୍କ ଡଙ୍ଗା ସେତେଦୂର ସମ୍ଭବ ସେଇ ପବନରେ ଉତ୍ତରଦିଗକୁ ଘୁସିଯାଇଥିବ ଆଉ କ୍ୟାପ୍ଟେନ୍ ପିଟର୍‌କାରୀଙ୍କ ଜାହାଜକୁ ଭେଟିଥିବ । ଯଦି ତା ହୋଇଥାଏ ମୋ ବାପାଙ୍କର କ'ଣ ହେଲା ? ସେ ଯାହାହେଉ, ଏଇ କବଲାଗୁଡ଼ା ଲଣ୍ଡନ ବଜାରକୁ କେମିତି ଆସିଲା, ମୁଁ ଯଦି ପିଟର୍‌କାରୀଙ୍କ ସାକ୍ଷ୍ୟରୁ ପ୍ରମାଣ କରିପାରେ, ତେବେ ପ୍ରମାଣିତ ହେବ ଯେ, ମୋ ବାପା ସେଗୁଡ଼ା ବିକିନାହାନ୍ତି ଆଉ ତାଙ୍କର କୌଣସି ବ୍ୟକ୍ତିଗତ ଫାଇଦାପାଇଁ ସେ ସେଗୁଡ଼ା ନେଇଆସି ନଥିଲେ ।

"ମୁଁ କ୍ୟାପ୍ଟେନଙ୍କ ସାଥିରେ ଦେଖାକରିବା ଉଦ୍ଦେଶ୍ୟରେ ସସେକ୍ସ ଆସିଲି । କିନ୍ତୁ ସେତେବେଳକୁ ତାଙ୍କର ଏ ମୃତ୍ୟୁ ଘଟିଲା । ମୁଁ ପ୍ରାରମ୍ଭିକ ଅନୁସନ୍ଧାନ ରିପୋର୍ଟରୁ ତାଙ୍କ କ୍ୟାବିନ୍‌ର ବର୍ଣ୍ଣନାପଢ଼ିଲି । ସେଥିରେ ଲେଖାଥିଲା; ତାଙ୍କ ଜାହାଜର ଲଗ୍‌ବହି ସବୁ ଏଇ କ୍ୟାବିନ୍‌ରେ ସାଇତାହୋଇଛି । ୧୮୮୩ ମସିହା ଅଗଷ୍ଟମାସରେ ସି ଇଉନିକର୍ନ ଜାହାଜରେ କ'ଣ ଘଟିଥିଲା ଏଇ ଲଗ୍‌ବହିରୁ ଦେଖିପାରିବି ବୋଲି ମୋର ଧାରଣାହେଲା । ମୋ ବାପାଙ୍କ ଭାଗ୍ୟ ରହସ୍ୟ ମଧ୍ୟ ମୁଁ ଜାଣିପାରେ । କାଲିରାତିରେ ଏଇ ଲଗ୍‌ବୁକ୍ ଦେଖିବାପାଇଁ

Digitized by srujanika@gmail.com

ମୁଁ ଚେଷ୍ଟାକଲି; କିନ୍ତୁ ଦରଜାଟା ଖୋଲି ପାରିଲିନାହିଁ । ଆଜି ପୁଣି ଚେଷ୍ଟାକରି ସଫଳହେଲି । କିନ୍ତୁ ଦେଖିଲି ସେଇମାନଙ୍କଥା ଲେଖାଥିବା ପୃଷ୍ଠାଗୁଡ଼ା ବହିରୁ ଚିରି ହୋଇଯାଇଛି । ଏଇକବେଳେ ଦେଖିଲି ମୁଁ ଆପଣମାନଙ୍କ ହାତରେ ବନ୍ଦୀ ।"

ହପ୍‌କିନ୍‌ସ ପଚାରିଲେ, "ସେଇକ ?"

"ହଁ, ସେଇକ ।"

"ତୁମର ଆଉ କିଛି କହିବାରନାହିଁ ।"

"ନା, ଆଉ କିଛିନାହିଁ ।"

"ତୁମେ କାଲିରାତି ପୂର୍ବରୁ ଏଠିକି ଆସିନାହିଁ ?"

"ନା ।"

ହପ୍‌କିନ୍‌ସ ପକେଟରୁ ବନ୍ଦୀର ଦସ୍ତଖତଥିବା ଆଉ ରକ୍ତଦାଗ ଲାଗିଥିବା ନୋଟ୍‌ବହିଟା ବାହାରକରି କର୍କଶ ସ୍ୱରରେ କହିଲେ, "ଏ ବିଷୟରେ ତୁମେ କ'ଣ କହୁଛ ?"

ବିଚରା ଗୋଟାପଣେ ଥରିଗଲା । ସତେ କି ପ୍ରାଣ ବାହାରିଯିବ । ଗଁ-ଗଁ ହୋଇ କହିଲା, "ଆପଣ ଏଟା ପାଇଲେ କେଉଁଠୁ ? ମୁଁ ଭାବିଲି ହୋଟେଲରେ ଏଟା ହଜାଇଦେଇଛି ।"

"ବେଶ୍ ବେଶ୍, ସେଇକି ଢେର୍ । ତୁମର ଯଦି ଆଉ କିଛି କହିବାର ଥାଏ ଅଦାଲତରେ କହିବ । ଏବେ ମୋ ସାଥିରେ ଥାନାକୁ ଚାଲ । ମିଷ୍ଟର୍ ହୋମ୍‌ସ, ଆପଣ ଆଉ ଆପଣଙ୍କ ବନ୍ଧୁ ଏଠିକି ଆସି ମୋତେ ସାହାଯ୍ୟ କରିଥିବାରୁ ମୁଁ କୃତଜ୍ଞ । କିନ୍ତୁ ଯାହା ଦେଖାଗଲା ଆପଣଆସିବା ଦର୍କାର ନଥିଲା । ମୁଁ ଏକା ଏକାମକରି ପାରିଥା'ନ୍ତି । ତଥାପି ମୁଁ କୃତଜ୍ଞ । ଆପଣଙ୍କ ପାଇଁ ବ୍ରାମ୍ବଲ୍‌ଟାଇ ହୋଟେଲରେ ଘର ରିଜର୍ଭ କରାଯାଇଛି । ଚାଲନ୍ତୁ, ଆମେ ସାଥିହୋଇଯିବା ।"

ଫେରିଲାବେଳକୁ ବାଟରେ ହୋମ୍‌ସ ପଚାରିଲେ, "ତୁମେ ଏ ବିଷୟରେ କ'ଣ ଭାବୁଛ ଓଆଟ୍‌ସନ୍ ?"

"ଦେଖୁଛି, ତୁମେ ଏଥିରେ ସନ୍ତୁଷ୍ଟ ନୁହଁ ।"

Digitized by srujanika@gmail.com

"ମୁଁ ପୂରା ସନ୍ତୁଷ୍ଟ ୱାଟ୍‌ସନ୍ । ତା ସାଙ୍ଗେ ସାଙ୍ଗେ ଷ୍ଟାନ୍‌ଲି ହପ୍‌-କିନ୍‌ସଙ୍କ ପଦ୍ଧତି ମୋ ମନକୁ ମୋଟେ ପାଉନାହିଁ । ତାଙ୍କଠୁ ମୁଁ ବେଶୀ କିଛି ଆଶା କରୁଥିଲି । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ କିଛି ବିକଳ୍ପ ତଥ୍ୟ କଥା ଚିନ୍ତା କରିବା ଉଚିତ ଆଉ ତାର ବିରୁଦ୍ଧରେ ପ୍ରମାଣ ସଂଗ୍ରହ କରିବା ଦର୍କାର । ଅପରାଧ ଅନୁସନ୍ଧାନର ଏଇଟା ହେଲା ପ୍ରଥମ ନିୟମ ।

"ବିକଳ୍ପ ତଥ୍ୟଟା ତେବେ କ'ଣ ?"

"ମୁଁ ଅନୁସନ୍ଧାନର ଯେଉଁ ଧାରା ଅନୁସରଣ କରିଛି ସେଥିରୁ କିଛି ଫଳ ମିଳିନପାରେ । ମୁଁ କହି ପାରୁନାହିଁ । ତଥାପି ମୁଁ ଶେଷପର୍ଯ୍ୟନ୍ତ ସେ ଧାରା ଅନୁସରଣ କରିବି ।"

ବେକର୍‌ଷ୍ଟ୍ରୀଟ୍‌ରେ ହୋମ୍‌ସଙ୍କର ଗୁଡ଼ାଏ ଚିଠି ଆସି ଜମା ହୋଇଥିଲା । ସେଥିରୁ ଗୋଟେ ଖଣ୍ଡି ନେଇ ସେ ଖୋଲି ପଢ଼ିଲେ । ତାପରେ ବିଜୟ ଦର୍ପରେ ହସିଉଠିଲେ । ତାପରେ କହିଲେ, "ଚମତ୍କାର ୱାଟ୍‌ସନ୍ ! ମୋର ବିକଳ୍ପ ଅନୁମାନ ଆଗେଇ ଯାଇଛି । ତୁମ ପାଖରେ ଟେଲିଗ୍ରାମ୍ ଫର୍ମ ଅଛି ? ମୋ ପାଇଁ ଦୁ'ଟା ସମ୍ବାଦ ଲେଖିଦିଅ । 'ସମନର୍ ସିପିଙ୍ଗ୍ ଏଜେଣ୍ଟ, ରାଟ୍‌କ୍ଲିଫ୍ ହାଇୱେ । ତିନିଜଣ ଲୋକ ପଠାଅ । କାଲି ସକାଳ ଦଶଟାରେ ପହଞ୍ଚିବେ । ବାସିଲ ।' ଏଇଟା ସେ ଅଞ୍ଚଳରେ ମୋର ନାଁ । ଅନ୍ୟ ଟେଲିଗ୍ରାମ୍‌ଟା, 'ଇନ୍‌ସ୍‌-ପେକ୍ଟର୍ ଷ୍ଟାନ୍‌ଲି ହପ୍‌କିନ୍‌ସ୍, ୪୬ ଲର୍ଡ ଷ୍ଟ୍ରୀଟ୍, ବ୍ରିକସ୍‌ଟନ୍ । କାଲି ସକାଳ ନଅଟାବେଳେ ଆସ । ଅତି ଗୁରୁତ୍ୱପୂର୍ଣ୍ଣ । ଆସି ନ ପାରିଲେ ଟେଲିଗ୍ରାମ୍ କରି ଜଣାଅ । ସେର୍‌ଲକ୍ ହୋମସ୍ ।' ଦଶ ଦିନ ହେଲା ଏଇ ନାଟକୀୟ କେଶ୍‌ରେ ମୋ ମୁଣ୍ଡ ସବୁବେଳେ ବ୍ୟସ୍ତ ୱାଟ୍‌ସନ୍ । ବର୍ତ୍ତମାନ ମୁଁ ପୁରାପୁରି ତାକୁ ମନରୁ ଦୂରେଇ ଦେଉଛି । ମୋର ଆଶା କାଲି ଏ କେଶ୍ ସବୁଦିନ ପାଇଁ ଶେଷ ହେବ ।"

ଠିକ୍ ସମୟରେ ଇନ୍‌ସ୍‌ପେକ୍ଟର୍ ଷ୍ଟାନ୍‌ଲି ହପ୍‌କିନ୍‌ସ୍ ଆସି ପହଞ୍ଚିଗଲେ । ମିସେସ୍ ହଡ୍‌ସନ୍ ବଢ଼ିଆ ଜଳଖିଆ ତିଆରି କରିଥିଲେ । ଆମେ ସାଥିହୋଇ ଖାଇବାରେ ବସିଗଲୁ । ଯୁବକ ଡିଟେକ୍ଟିଭ୍ ହପ୍‌କିନ୍‌ସ ନିଜ ସଫଳତାରେ

Digitized by srujanika@gmail.com

ଖୁବ୍ ଗର୍ବ ଅନୁଭବ କରୁଥାନ୍ତି । ହୋମ୍‌ସ ପଚାରିଲେ, "ତୁମେ କ'ଣ ଭାବୁଛ; ତୁମ ସିଦ୍ଧାନ୍ତ ନିଶ୍ଚୟ ଠିକ୍ ?"

"ସ୍ୱାଟୁ ବଲ ପୂର୍ଣ୍ଣିଙ୍କ କେଶ୍ ଆଉ କ'ଣ ହୋଇପାରେ ?"

"ମୋତେ କିନ୍ତୁ କେଶ୍‌ଟା ପୂର୍ଣ୍ଣିଙ୍କ ଜଣାପଡୁନାହିଁ ।"

"ଆପଣ ମୋତେ ବିସ୍ମିତ କରିଦେଲେ ମିଷ୍ଟର୍ ହୋମ୍‌ସ । ଆଉ ଅଧିକା ପ୍ରମାଣ କ'ଣ ଦର୍କାର ହୋଇପାରେ ?"

"ତୁମର ଅନୁଶୀଳନ ଭିତରେ ସବୁ ପର୍ଯ୍ୟନ୍ତ ପରିଷ୍କାର ହୋଇଛି ?"

"ନିଶ୍ଚୟ । ହତ୍ୟା ଘଟଣା ଦିନ ନେଲ୍‌ଗାନ୍ ଆସି ବ୍ରାମ୍ବଲ୍‌ଟାଇ ହୋଟେଲରେ ପହଞ୍ଚିଛନ୍ତି । ସେ ଗଲ୍‌ଫ୍ ଖେଳିବା ବାହାନାରେ ଆସିଥିଲେ । ତାଙ୍କ କୋଠରି ତଳମହଲରେ । ତେଣୁ ସେ ଯେତେବେଳେ ଇଚ୍ଛାକଲେ ବାହାରକୁ ଯାଇପାରିବେ । ସେ ଦିନ ରାତିରେ ସେ ଉଡ୍‌ସାନସନ୍ଙ୍କୁ ଯାଇଛନ୍ତି । ପିଟର୍‌କାରିଙ୍କୁ ସେଠି ଭେଟିଛନ୍ତି, ତାଙ୍କ ସାଥିରେ କଳି କରିଛନ୍ତି ଆଉ ଶେଷରେ ତାଙ୍କର ବର୍ଚ୍ଛାରେ ତାଙ୍କୁ ମାରିଛନ୍ତି । ତାପରେ ଭୟଭୀତ ହୋଇ ପଳାଇଯାଇଛନ୍ତି । ତରତରରେ ପଳାଇଗଲା ବେଳେ ତାଙ୍କ ନୋଟ୍ ବୁକ୍‌ଟା ପଡ଼ିଯାଇଛି । ସେ ପିଟର୍‌କାରିଙ୍କୁ ଏଇ କବଲା ବିଷୟରେ ପଚାରିବାକୁ ନୋଟ୍‌ବହିଟା ଆଣିଥିଲେ । ଆପଣ ଲକ୍ଷ୍ୟ କରିଥିବେ, ସେଥିରୁ କେତେଟା ନମ୍ବରରେ ଟିକ୍ ଚିହ୍ନ ଦିଆଯାଇଥିଲା । ଯେଉଁ ନମ୍ବରରେ ଟିକ୍ ଦିଆଯାଇଛି ସେ କବଲା ଲଣ୍ଡନରେ କାରବାର ହୋଇଛି ଆଉ ଅନ୍ୟଗୁଡ଼ା ପିଟର୍‌କାରିଙ୍କ ପାଖରେ ଥିବାର ଅନୁମାନ । ନେଲ୍‌ଗାନ୍‌ଙ୍କ ନିଜ କହିବା ଅନୁସାରେ ସେଗୁଡ଼ାକ ଫେରିପାଇବା ଲାଗି ବଡ଼ ବ୍ୟଗ୍ର ଥିଲେ । ହତ୍ୟା ପରେ ସେ ପଳାଇଗଲେ । କିଛି ସମୟଯାଏ ସେ କାବିନ୍ ପାଖକୁ ଆଉ ଆସିବାକୁ ତାଙ୍କର ସାହସ ହେଲାନାହିଁ । କିନ୍ତୁ ସେ ତ କବଲା କଥା ଜାଣିବାକୁ ବ୍ୟଗ୍ର । ତେଣୁ ଶେଷରେ ସେ ବାଧ୍ୟହୋଇ ପୁଣି ସେଠିକି ଗଲେ । ଏ ସବୁ ଘଟଣାତ ଅତି ସରଳ ଆଉ ସ୍ୱାଭାବିକ ।"

ମୁଣ୍ଡ ହଲାଇ ହୋମ୍‌ସ ଟିକିଏ ହସିଲେ । ତାପରେ କହିଲେ, "ତୁମ ଯୁକ୍ତିରେ କେବଳ ଗୋଟେ ଭୁଲ୍ ରହିଲା ପରି ମୋତେ ଜଣାଯାଉଛି

Digitized by srujanika@gmail.com

ହପ୍‌କିନ୍‌ସ । ସେଟା ହେଲା ସୂକ୍ଷ୍ମଭାବେ ଚିନ୍ତାକଲେ ଏହା ଅସମ୍ଭବ । ତୁମେ କେବେ କାହାର ଦେହରେ ଗୋଟେ ବର୍ଚ୍ଛା ଭୁଷିବାକୁ ଚେଷ୍ଟା କରିଛ ? ନା ? ଏଇ ଛିକନଖି କଥାକୁ ତୁମର ଧ୍ୟାନ ଦେବା ନିହାତି ଦରକାର । ମୋ ବନ୍ଧୁ ଡୁଆଟସନଙ୍କଠାରୁ ବୁଝିପାରି ମୁଁ ପୂରା ଗୋଟାଏ ଓଳ ସେଇ କାମରେ କଟାଇଦେଇଛି । କାମଟା ଏତେ ସହଜ ନୁହେଁ । ସେଇଥିପାଇଁ ଯଥେଷ୍ଟ ବଳ ଆଉ ଅଭ୍ୟାସ ଦରକାର । କ୍ୟାପ୍‌ଟେନ ପିଟର୍‌କାରିଙ୍କ ଦେହରେ ବର୍ଚ୍ଛାଟା ଏତେ ଜୋର୍‌ରେ ମରାଯାଇଛି ଯେ, ସେଟା ଦେହ ଫୁଟାଇ କାନ୍ଥ ଦେହରେ ପଶିଯାଇଛି । ଏଇ ରକ୍ତହୀନ ଯୁବକ ଏତେ ଜୋର୍‌ରେ ଆଘାତ କରିପାରିଥିବ ବୋଲି ତୁମେ ଭାବିପାରୁଛ ? ଦୁଇ ଦିନ ଆଗରୁ ପରଦା ଉପରେ ଯେଉଁ ରୂପଟା ଦେଖାଯାଇଥିଲା ସେଟା ତାଙ୍କର ? ନା, ନା ହପ୍‌କିନ୍‌ସ, ସେ ଆଉ ଜଣେ ଦୁର୍ଦ୍ଧର୍ଷ ଲୋକ ଆଉ ଆମେ ତାକୁ ଖୋଜିବା ଦରକାର ।"

ହୋମ୍‌ସ କଥା ଶୁଣୁ ଶୁଣୁ ଡିଟେକ୍‌ଟିଭଙ୍କ ମୁହଁ ଶୁଖିଶୁଖି ଆସୁଥାଏ । ତାଙ୍କର ସବୁ ଆଶା ଆକାଂକ୍ଷା ଧୂଳି ହୋଇଯିବାକୁ ବସିଲା । କିନ୍ତୁ ଏତେ ସହଜରେ ସେହାର ମାନିବାକୁ ପ୍ରସ୍ତୁତ ନ ଥିଲେ । ସେ କହିଲେ, "ନେଲିଗାନ୍ ହତ୍ୟା ଦିନ ରାତିରେ ସେଠିକି ଯାଇଥିଲେ ବୋଲି ଆପଣ ଅସ୍ୱୀକାର କରିପାରିବେ ନାହିଁ ମିଷ୍ଟର୍ ହୋମ୍‌ସ । ନୋଟ୍‌ବହିଟା ତାର ପ୍ରମାଣ । ମୁଁ ଭାବୁଛି ବଗ୍ରର-ପଠଙ୍କ ହୃଦବୋଧ କଲାପରି ପ୍ରମାଣ ମୋ ପାଖରେ ଅଛି । ତା ଛଡ଼ା ମୁଁ ଅପରାଧୀକୁ ଧରିସାରିଛି । ଆପଣ ଯେଉଁ ଦୁର୍ଦ୍ଧର୍ଷ ଲୋକ କଥା କହୁଛନ୍ତି ସେ କାହିଁ ?"

ଧୀର ଆଉ ଶାନ୍ତ ଭାବରେ ହୋମ୍‌ସ କହିଲେ, "ମୁଁ ଭାବୁଛି ଯେ ଏବେ ସିଡ଼ି ଉପରେ । ହଁ ଡୁଆଟ୍‌ସନ୍, ତୁମ ରିଭଲଭର୍‌ଟା ହାତପାଇବା ଜାଗାରେ ରଖିଲେ ଭଲହେବ ।" ସେ ଉଠି କଡ଼ରେ ଥିବା ଟେବୁଲ ଉପରେ ଝଣ୍ଡେ ଲେଖା-କାଗଜ ରଖିଦେଇ କହିଲେ, "ଏଥର ଆମେ ପ୍ରସ୍ତୁତ ।"

ବାହାରେ କେତେଜଣ ଲୋକ ସ୍ୱର ଶୁଭିଲା । ଦରଜା ଖୋଲି ଶ୍ରୀମତୀ ହଡ଼ସନ କହିଲେ, "ତିନିଜଣ ଲୋକ କ୍ୟାପ୍‌ଟେନ୍ ବାସିଲ୍‌ଙ୍କୁ ଖୋଜୁଛନ୍ତି ।" ହୋମ୍‌ସ ଉତ୍ତର ଦେଲେ, "ସେମାନଙ୍କୁ ଜଣ ଜଣ କରି ଭିତରକୁ ପଠାଅ ।"

Digitized by srujanika@gmail.com

ପ୍ରଥମେ ଜଣେ ଲୋକ ଆସିଲା । ପତଳା ଦେହ, ଲୋହିତ ମୁହଁ । ମୁହଁରେ ଧଳା ଦାଗ । ହୋମ୍‌ସ ପକେଟରୁ ଗୋଟେ ଚର୍ଟ ବାହାର କରି ପଚାରିଲେ, "ନାଁ କ'ଣ ?"

"ଜେମସ୍ ଲଙ୍କାଷ୍ଟର ।"

"ଦୁଃଖର କଥା ଲଙ୍କାଷ୍ଟର୍, କାହାକର ବ୍ୟର୍ଥ ପୂରା ହୋଇଗଲଣି । ହଉ, ତୁମ ପରିଶ୍ରମ ପାଇଁ ଏଇ ସଭରେନ୍‌ଟା ନିଅ । ଏଇ ପାଖ କୋଠରୀକୁ ଯାଇ ଟିକିଏ ଅପେକ୍ଷା କର ।"

ଦ୍ୱିତୀୟ ଲୋକ ଆସିଲା । ସେ ବେଶ୍ ଡେଙ୍ଗା, ମୁହଁର ଗାଲ ପଶିଯାଇଛି । ତା ନାଁ ହଗ୍ ପାଟିନସ୍ । ତାକୁ ମଧ୍ୟ ଗୋଟେ ସଭରେନ୍ ଦେଇ ପାଖ କୋଠରୀରେ ଅପେକ୍ଷା କରିବାକୁ କହି ବିଦାକରି ଦିଆଗଲା । ତୃତୀୟ ଲୋକର ଚେହେରା ବାସ୍ତବିକ ଉଲ୍ଲେଖଯୋଗ୍ୟ । ମୁହଁଟା ଶିକାରୀ ବୁଲଡଗ୍ ପରି ଭୟଙ୍କର । ମୁଣ୍ଡରେ ଲମ୍ବାବାଳ ଆଉ ମୁହଁରେ ଦାଢ଼ି । ମୋଟା ଆଖିପତା ତଳେ କଳା କଳା ଆଖି । ସେ ନାବିକ ଢଙ୍ଗରେ ହାତରେ ଟୋପିଟା ଘୂରାଇ ସାଲ୍ୟୁଟ୍ କରି ଠିଆହେଲା ।

ହୋମ୍‌ସ ପଚାରିଲେ, "ତୁମ ନାଁ ?"

"ପାଟ୍ରିକ୍ କାୟର୍ନସ୍ ।"

"ତିମି ମାରିବାବାଲା ?"

"ହଁ, ଆଜ୍ଞା । ଛବିଶ ଥର ଜାହାଯାତ୍ରା କରିଛି ।"

"ଡଣ୍ଡିର ଲୋକ ବୋଧହୁଏ ?"

"ହଁ ଆଜ୍ଞା ।"

"କ'ଣ ଦରମା ନେବ ?"

"ମାସକୁ ଆଠ ପାଉଣ୍ଡ ।"

"ତୁମେ ତୁରନ୍ତ ବାହାରି ପାରିବ ।"

"ମୋ ଉପକରଣ ପାଇଲେମାତ୍ରେ ।"

"କାଗଜପତ୍ର ସବୁ ଆଣିଛ ?"

Digitized by srujanika@gmail.com

"ହଁ, ଆଜ୍ଞା।" ସେ ପକେଟରୁ କିଛି ମଇଳା ତେଲିଆ କାଗଜ ବାହାର କଲା। ହୋମ୍‌ସ ତା ଉପରେ ଆଖି ବୁଲାଇନେଇ ଫେରାଇଦେଲେ।

"ମୋର ତୁମ ପରି ଲୋକ ହିଁ ଦର୍କାର। ସେଇ ଟେବୁଲ ଉପରେ ଚୁକ୍ତିପତ୍ର ରଖାଯାଇଛି। ତୁମେ ସେଥିରେ ଦସ୍ତଖତ କରିଦେଲେ ସବୁ କାମ ସରିବ।" ନାବିକ ଜଣକ କଡ଼କୁ ଘୁଞ୍ଚିଯାଇ କଲମଟା ଧରି କହିଲା, "ଏଇଠି ଦସ୍ତଖତ କରିବି?" ହୋମ୍‌ସ ତା ପଛପାଖେ ଲଇଁ ପଡ଼ି, ହାତ ଦି'ଟା ତା ବେକ ଦି' ପାଖେ ଝୁଲାଇଦେଇ କହିଲେ, "ହଁ, ଏଇଠି ହେଲେ ହେବ।"

ମୁଁ ଲୁହାର ଝଣଝଣ ଶବ୍ଦ ଆଉ ତା' ସାଙ୍ଗେ ସାଙ୍ଗେ ଗୋଟେ ମାରଣା ଷଣ୍ଢର ଗର୍ଜନ ପରି ଶବ୍ଦ ଶୁଣିପାରିଲି। ପରମୁହୂର୍ତ୍ତରେ ହୋମ୍‌ସ ଆଉ ନାବିକ ତଳେ ଗଡ଼ାଗଡ଼ି ହୋଇଗଲେ। ଲୋକଟା ଏତେ ବଳୁଆ ଯେ, ହୋମ୍‌ସ ଖୁବ୍ ଚତୁରତାର ସହ ତା ହାତରେ ହାତକଡ଼ା ଲଗାଇ ଦେଇ-ଥିଲେ ମଧ୍ୟ ତାଙ୍କୁ କାବୁ କରିନେଇଥାନ୍ତା। ହପ୍‌କିନ୍‌ସ ଆଉ ମୁଁ ହୋମ୍‌ସଙ୍କୁ ସାହାଯ୍ୟ କରିବାକୁ ଧାଇଁଗଲୁ। ତଥାପି ଲୋକଟା ଅସମ୍ଭାଳ ହେଉଥାଏ। ଶେଷରେ ମୁଁ ଯେତେବେଳେ ରିଭଲ୍‌ଭର୍‌ଟା ତା ମୁଣ୍ଡରେ ଲଗାଇ ଧରିଲି ସେ ଦେଖିଲା ପ୍ରତିରୋଧ କରିବା ଅକାରଣ। ଆମେ ତା ଗୋଡ଼ ଦୁଇଟା ଦଉଡ଼ିରେ ବାନ୍ଧିଦେଲୁ। ତା ପରେ ଅଣନିଶ୍ୱାସୀ ହୋଇ ଧସ୍ତାଧସ୍ତିରୁ ଉଠି ଠିଆହେଲୁ।

ହୋମ୍‌ସ କହିଲେ, "ମୋତେ କ୍ଷମା କରିବେ ମିଷ୍ଟର୍ ହପ୍‌କିନ୍‌ସ। ହୁଏତ ଅଣ୍ଡା ଭଜାଟା ଥଣ୍ଡା ହୋଇଯିବଣି। ତେବେ ଅନ୍ୟ ଜଳଖିଆ ନିଶ୍ଚୟ ତୁମକୁ ବେଶ୍ ମଜା ଲାଗିବ। କାରଣ ତୁମେ ତୁମ କେଶ୍‌ରେ ଏତେ ବଡ଼ ବିଜୟ ହାସଲ କରିପାରିଛ।"

ବିସ୍ମୟରେ ଷ୍ଟାନ୍‌ଲି ହପ୍‌କିନ୍‌ସଙ୍କ ମୁହଁରୁ କଥା ବାହାରିଲା ନାହିଁ। ତାଙ୍କ ମୁହଁ ଲାଲ ପଡ଼ିଯାଇଥାଏ। କେତେବେଳକେ ସେ କହିଲେ, "ମୁଁ କ'ଣ କହିବି କିଛି ଜାଣିପାରୁନାହିଁ ମିଷ୍ଟର୍ ହୋମ୍‌ସ। ମୋତେ ଜଣାଯାଉଛି ମୂଳରୁ ହିଁ ମୁଁ ବୋକାମି କରିଆସିଛି। ଯାହା କେବେ ଭୁଲିବା କଥା ନୁହେଁ ତା ମୁଁ ଏବେ ବୁଝିପାରୁଛି। ତା'ହେଲେ ମୁଁ ଶିଷ୍ୟ ଆଉ ଆପଣ ଗୁରୁ। ଆପଣ

Digitized by srujanika@gmail.com

ଯାହାକଲେ ମୁଁ ଦେଖୁଛି, ତଥାପି ବୁଝିପାରୁନାହିଁ ଆପଣ କେମିତି ସ୍ୱୀ'କଲେ ଆଉ ସ୍ୱୀର ଅର୍ଥ କ'ଣ ?"

ହସି ହସି ହୋମ୍‌ସ୍ କହିଲେ, "ଆମେ ସମସ୍ତେ ଅନୁଭୂତିରୁ ଶିକ୍ଷା କରୁ । ତୁମର ଏଥରର ଶିକ୍ଷା ହେଲ ଯେ,ତୁମେ ବିକଳ୍ପ ସମ୍ଭାବନା ପ୍ରତି ସବୁବେଳେ ଦୃଷ୍ଟି ରଖିଥିବ । ତୁମେ ନେଲଗାନ୍‌ଙ୍କ ବିଷୟରେ ଏତେ ମନୋନିବେଶ କରିଦେଲ ଯେ, ପିଟର୍‌କାରୀଙ୍କ ହତ୍ୟାକାରୀ ପାଟ୍ରିକ୍ କାଯ୍ରନ୍‌ସ୍ କଥା ମୋଟେ ଭାବିପାରିଲନାହିଁ ।"

ଆମ କଥାବାର୍ତ୍ତା ଭିତରେ ନାବିକର ଦଦରା ସ୍ୱରଟା ଗର୍ଜି ଉଠିଲା । ସେ କହିଲା, "ଦେଖ ମିଷ୍ଟର୍, ମୋତେ ଏମିତିଭାବରେ ଜବରଦସ୍ତ ବାନ୍ଧିବାର ମୁଁ କିଛି ଆପତ୍ତି କରୁନାହିଁ; କିନ୍ତୁ ପ୍ରତ୍ୟେକ ଜିନିଷକୁ ତାର ଠିକ୍ ନାଁ ଦେଇ କହିବା ଦର୍କାର । ଆପଣ କହୁଛନ୍ତି ମୁଁ ପିଟରକାରୀକୁ ହତ୍ୟା କରିଛି; ମୁଁ କହୁଛି ମୁଁ ତାକୁ ମାରିଛି ଆଉ ସେଇ ହେଲ ତଫାତ୍ । ମୋ କଥା ଆପଣ ବିଶ୍ୱାସ କରି ନପାରନ୍ତି । ଆପଣ ଭାବିପାରନ୍ତି ମୁଁ ଗୋଟେ ମନଗଢ଼ା କାହାଣୀ କହୁଛି ।"

"ମୋଟେ ନୁହେଁ । ତୁମେ କ'ଣ କହୁଛ କୁହ ଶୁଣିବା ।"

"ଭଗବାନଙ୍କ ନାଁରେ ଶପଥ କରି କହୁଛି, ମୋ କଥା ପୂରା ସତ । ମୁଁ ବ୍ଲାକ୍ ପିଟର୍‌ଙ୍କୁ ଭଲଭାବେ ଜାଣେ । ସେ ଯେତେବେଳେ ଛୁରୀଟା ବାହାର କଲ ମୁଁ ତେଣ୍ଟାଟା ଖୁବ୍ ଜୋରରେ ତା ଦେହରେ ଭୁସିଦେଲି । କାରଣ ମୁଁ ଜାଣିଲି ସେ ବା ମୁଁ ଯେ ହେଲେ ଜଣେ ମରିବ । ଏଇପରି ତାର ମୃତ୍ୟୁ ହେଲ । ଆପଣ ତାକୁ ହତ୍ୟା କହିପାରନ୍ତି । ସେ ଯାହାହେଉ, ବ୍ଲାକ୍ ପିଟର୍‌ର ଛୁରୀ ମୋ ଗୁଡିରେ ବସିଥାନ୍ତା ଏବେ ଫାଶୀ ଦଉଡ଼ି ମୋ ବେକରେ ଝୁଲିବ ।"

"ତୁମେ ସେଠିକି କେମିତି ଆସିଲ ?"

"ମୁଁ ଆପଣଙ୍କୁ ମୂଳରୁ ସବୁକଥା କହିବି । ମୋତେ ଟିକିଏ ବସାଇ ଦିଅନ୍ତୁ । ମୁଁ ସହଜରେ କଥା କହିପାରିବି । ସେ ହେଲା ୧୮୮୩ ମସିହା ଅଗଷ୍ଟ ମାସର କଥା । ପିଟର୍‌କାରୀ ଥାଲା ସି ଇଉନିକର୍‌ନର କମାଣ୍ଡର ଆଉ

Digitized by srujanika@gmail.com

ମୁଁ ଥିଲି ଅଡଶଲ୍ଡ ତେଣ୍ଟାମାରଣାବାଲା । ଆମେ ସମୁଦ୍ର ମଝିରୁ ଘରକୁ ଫେରୁଥାଉ । ସପ୍ତାହେ ହେଲା ଦକ୍ଷିଣରୁ ପ୍ରବଳ ତୋଫାନ ବହୁଥାଏ । ଏତିକିବେଳେ ପବନରେ ଉତ୍ତରକୁ ଭାସିଆସିଥିବା ଗୋଟେ ଡଙ୍ଗା ଆମେ ଭେଟିଲୁ । ସେଥିରେ ମାତ୍ର ଜଣେ ଲୋକ ଥିଲା ଆଉ ସେ ସମୁଦ୍ରର ନାବିକ ନୁହେଁ । ଆମେ ତାକୁ ଆମ ଜାହାଜକୁ ଉଠାଇ ଆଣିଲୁ । କାବିନ୍‌ରେ ସେ ଆଉ କ୍ୟାପ୍‌ଟେନ୍ ଅନେକସମୟଯାଏଁ କଥାବାର୍ତ୍ତା ହେଲେ । ତାଙ୍କ ସାଥିରେ ଜିନିଷପତ୍ର ଭିତରେ ଥିଲା କେବଳ ଗୋଟେ ଟିଣବାକ୍ସ । ସେ ଲୋକର ନା କ'ଣ କାହାକୁ ଜଣାନାହିଁ । ଦ୍ୱିତୀୟରାତିରେ ସେ କୁଆଡ଼େ ଉଭେଇ ଗଲା; ସତେ ଯେମିତି ସେ ଆମ ଜାହାଜକୁ ମୋଟେ ଆସିନାହିଁ । କୁହାଗଲା ସେ ଜାହାଜରୁ ସମୁଦ୍ରକୁ ଡେଇଁପଡ଼ିଛି ବା ପ୍ରବଳ ପବନରେ ଖସିପଡ଼ିଛି । କିନ୍ତୁ ତାର କ'ଣ ହେଲା ସେକଥା କେବଳ ଜଣେ ଲୋକ ଜାଣିଥିଲା ଆଉ ସେ ଲୋକ ମୁଁ । କାରଣ ସେଟ୍‌ଲ୍ୟାଣ୍ଡ୍‌ର ବତୀ ଦେଖିବାର ଦି'ଦିନ ଆଗରୁ ଅନ୍ଧାର ରାତିରେ କ୍ୟାପ୍‌ଟେନ୍ ତାକୁ ସମୁଦ୍ରକୁ ପେଲିଦେବା ମୁଁ ନିଜଆଖିରେ ଦେଖିଛି ।

“ମୁଁ ମନକଥା ମନେମନେ ରଖିଲି ଆଉ କ'ଣ ଘଟୁଛି ଦେଖିବାପାଇଁ ଅପେକ୍ଷାକଲି । ଆମେ ସେଟ୍‌ଲ୍ୟାଣ୍ଡ୍‌ରେ ପହଞ୍ଚିବାପରେ କଥାଟା ଚୁପ୍‌ଚାପ୍ ରହିଗଲା । କେହି ସେ ବିଷୟରେ କିଛି ପଚାରିଲେ ନାହିଁ । ଜଣେ ଅଜଣାଲୋକ ଦୈବାତ୍ ଦୁର୍ଘଟଣାରେ ମରିଗଲା । ସେ ବିଷୟରେ କିଛି ବୁଝିବା କାହାରି ଦରକାର ନଥିଲା । ତା ପରେ ପରେ ପିଟର୍‌କାରି ନାବିକ ଜୀବନ ଛାଡ଼ିଦେଲା । ସେ କେଉଁଠି ରହୁଛି ଜାଣିବାପାଇଁ ମୋତେ ଅନେକବର୍ଷ ଲାଗିଗଲା । ମୁଁ ଭାବିଲି ସେ ଟିଣ ବାକ୍ସରେ କିଛି ଜିନିଷ ଥିଲା ଆଉ ତାରିପାଇଁ ପିଟର୍‌କାରି ଲୋକଟାକୁ ସମୁଦ୍ରକୁ ପେଲିଦେଇଛି । ତେଣୁ ମୋ ମୁହଁ ବନ୍ଦକରିବାପାଇଁ ସେ ନିଶ୍ଚୟ ମୋତେ ଯଥେଷ୍ଟ ଅର୍ଥଦେବ ।

“ସେ କେଉଁଠି ରହୁଛି, ଜଣେ ନାବିକଠାରୁ ମୁଁ ଜାଣିପାରିଲି । ଏଇ ନାବିକ ଲଣ୍ଡନରେ ତାକୁ ଭେଟିଥିଲା । ମୁଁ ତାଠୁ ପଇସା ଛଡ଼ାଇବାକୁ ଆସିଲି । ପ୍ରଥମଦିନ ରାତି ସେ ବେଶ୍ ଭଲ କଥାବାର୍ତ୍ତା କଲା । ମୁଁ ସମୁଦ୍ର

Digitized by srujanika@gmail.com

ଜୀବନ ଗୁଡ଼ା ଖୁସିରେ ରହିବାପାଇଁ ଯାହା ଅର୍ଥ ଦରକାର ଦେବାପାଇଁ ମଧ୍ୟ ରାଜି ହେଲା । ତାର ଦୁଇରାତ୍ରି ପରେ ଆମର ସବୁକଥା ଠିକ୍‌ଠାକ୍ କରିବାର ସ୍ଥିରହେଲା । ମୁଁ ଯେତେବେଳେ ଆସି ପହଞ୍ଚିଲି, ଦେଖିଲି ସେ ମଦଖାଇ ମାତାଲ୍ । ଆମେ ସାଥିହୋଇ ବସି ମଦପିଇଲୁ ଆଉ ପୁରୁଣାଦିନର କଥା ସବୁ କଥାବାର୍ତ୍ତା ହେଲୁ । ସେ ଯେତିକି ଯେତିକି ମଦପିଇଲା, ତା ମୁହଁର ଭାବ ମୋତେ ସେତିକି ସେତିକି ଖରାପ ଆଉ ଭୀଷଣ ଜଣାଗଲା । କାନ୍ଥରେ ନେଣ୍ଟାଏ ଥିବାର ମୁଁ ଦେଖିଲି ଆଉ ଭାବିଲି ଖସିଯିବା ଆଗରୁ ସେଟା ମୋର ଦର୍କାର ହୋଇପାରେ । ଶେଷରେ ସେ ଗାଳିଗୁଲଜ କରି ମୋ ଉପରକୁ ମାଡ଼ିଆସିଲା । ତା ଆଖିରେ ହତ୍ୟାକରିବାର ଲକ୍ଷଣ ଆଉ ହାତରେ ଗୋଟେ ବଡ଼ ଛୁରି । ଛୁରୀଟା ଖୋଳରୁ ବାହାରକରିବାକୁ ସେ ସମୟ ପାଇଲାନାହିଁ । ତା ଆଗରୁ ମୁଁ ତେଣ୍ଟାଟା ଖୁବ୍ ଜୋରରେ ତା ମୁହଁରେ ଭୁସିଦେଲି ; ସେ ଏକ ବିକଟ ଚିତ୍କାରକରି ଉଠିଲା । ଏବେ ବି ତା ବିକୃତ ମୁହଁ ମନେପଡ଼ି ମୋତେ ନିଦ ହେଉନାହିଁ । ମୁଁ ସେଠି ଠିଆ ହୋଇଥାଏ । ମୋ ଘରପାଖେ ତା ରକ୍ତ । କିଛିଏ ଅପେକ୍ଷାକଲି । କିନ୍ତୁ ଘରଆଡ଼ ନୀରବ । ମୁଁ ପୁଣି ଦାନ୍ତ ଧରିଲି । ଘରଆଡ଼କୁ ଚାହିଁଲି । ସେଲ୍ଫ ଉପରେ ସେ ଟିଣ ବାକ୍‌ସଟା ଥୁଆହୋଇଥିଲା । ସେଥିରେ ପିଟର୍‌କାର୍ଥ‌ର ଯେତିକି ଦାବୀ ମୋର ମଧ୍ୟ ସେତିକିଦାବୀ । ତେଣୁ ମୁଁ ସେଟାଧରି ସେଘରୁ ବାହାରିଗଲି । କିନ୍ତୁ ଗୋଟାଏ ବୋକାମୀ କରିପକାଇଲି । ମୋ ତମାଖୁ ମୁଣିଟା ଟେବୁଲଉପରେ ରହିଗଲା ।

"ଏଥର ମୁଁ ସବୁଠୁ ଅଦ୍ଭୁତ ଅଂଶଟା କହିବି । ମୁଁ ସେ ଘରଭିତରୁ ପଦାକୁ ବାହାରିଆସିବାମାତ୍ରେ ଶୁଣିଲି କେହି ଜଣେ ଆସୁଛି । ବୁଦାଗହଳରେ ଲୁଚିଗଲି । ପାଦ ଚିପିଚିପି ଜଣେ ଲୋକ ଆସି ସେ ଘରଭିତରକୁ ପଶିଗଲା ଆଉ ଗୋଟେ ଚିତ୍କାରକରି ଉଠିଲା, ସତେ ଯେମିତି ସେ ଗୋଟେ ଭୂତ ଦେଖିଛି । ଯେତେଶୀଘ୍ର ପାରେ ସେ ଘରୁ ବାହାରି ଦୌଡ଼ିପଳାଇଲା । ସେ କିଏ ବା କ'ଣ ଖୋଜୁଥିଲା ମୁଁ କହିପାରିବିନାହିଁ । ମୁଁ ସେଇ ରାତିରାତି ଦଶମାଇଲ୍ ବାଟ ଚାଲିଆସିଲି । ଟନ୍‌ବ୍ରିଜ୍ ଷ୍ଟେସନରୁ ଟ୍ରେନ୍‌ଧରି ଲଣ୍ଡନ ଚାଲିଆସିଲି ।

Digitized by srujanika@gmail.com

"ଯେତେବେଳେ ସେ ବାକ୍ସଟା ଖୋଲିଲି ଦେଖିଲି ସେଥିରେ ପଇସାପତ୍ର କିଛି ନାହିଁ । କେବଳ ଗୁଡ଼ାଏ କାଗଜ ଯାହା ବିକିବାକୁ ମୁଁ ସାହସ କରିପାରିବି ନାହିଁ । ଏବେ ବ୍ଲାକ ପିଟର୍ ମୋ ହାତରୁ ଖସିଗଲା । ହାତରେ ପଇସାଟିଏ ନଥାଇ ମୁଁ ଲଣ୍ଡନ ସହରରେ ପଡ଼ିରହିଲି । ମୋ ପାଇଁ କେବଳ ରହିଲା ମୋ ବ୍ୟବସାୟ । ମୁଁ ବିଜ୍ଞାପନରେ ଦେଖିଲି ତେଣ୍ଟା ମାରିବାବାଲା ଦରକାର ଆଉ ଦରମା ବେଶ୍ ମୋଟା । ତେଣୁ ଜାହାଜ ଚଳାଚଳ ଏଜେଣ୍ଟଙ୍କ ପାଖକୁ ଗଲି ଆଉ ସେ ମୋତେ ଏଠିକି ପଠାଇଦେଲେ । ଏତିକି ମୁଁ ଜାଣେ । ଆଉ ମୁଁ ଏତିକି କହିବି ଯେ, ମୁଁ ପିଟର୍‌କାରୀକୁ ମାରିଥିବା ଯୋଗୁଁ ବିଚାରାଳୟ ମୋତେ ଧନ୍ୟବାଦ ଦେବା ଉଚିତ; କାରଣ ମୁଁ ତାଙ୍କର ଗୋଟେ ଫାଶୀଦଉଡ଼ି ବଂଚାଇ ଦେଇଛି ।"

ହୋମସ୍ ଉଠି ପାଇପ୍‌ଟା ଲଗାଇ କହିଲେ, "ପରିଷ୍କାର ସତ କଥା । ଏଥର ହପ୍‌କିନ୍‌ସ ତୁମର ବନ୍ଦୀକୁ ନିରାପଦ ଜାଗାକୁ ନେଇଯାଅ । ଏ ଘରଟା ହାଜତ କାମପାଇଁ ଉପଯୁକ୍ତ ନୁହେଁ ଆଉ ମିଷ୍ଟର ପାଟ୍ରିକ୍ କାଇର୍‌ନସ୍ ବହୁତ ଜାଗା ଦଖଲ କରି ନେଇଛନ୍ତି ।"

ହପ୍‌କିନ୍‌ସ କହିଲେ, "ମିଷ୍ଟର ହୋମସ୍, ମୋର କୃତଜ୍ଞତା କେମିତି ପ୍ରକାଶ କରିବି ବୁଝିପାରୁନାହିଁ । ଆପଣ କେମିତି ଏ'କଲେ ଏବେ ବି ମୁଁ ବୁଝିପାରୁନାହିଁ ।"

"କେବଳ ଆରମ୍ଭରୁ ପ୍ରକୃତ ସୂତ୍ରଟା ପାଇବାର ସୌଭାଗ୍ୟ ବଳରୁ । ମୁଁ ଯଦି ଏଇ ନୋଟ୍‌ବୁକ୍ କଥା ପ୍ରଥମରୁ ଜାଣିଥାନ୍ତି, ତାହେଲେ ତୁମପରି ମୋ ଚିନ୍ତାଧାରା ମଧ୍ୟ ଅନ୍ୟଆଡ଼େ ଗଡ଼ିଯିବାର ସମ୍ଭାବନା ଥିଲା । କିନ୍ତୁ ମୁଁ ଯାହା ଶୁଣିଲି ସେ କେବଳ ଗୋଟେ ଦିଗକୁ ହିଁ ଗଲା । ତେଣ୍ଟା ମାରିବାର କୌଶଳ ଆଉ ଶକ୍ତି, ରମ୍ ଆଉ ପାଣି, ସିଲ୍ ଚମଡ଼ାର ତମାଖୁ ମୁଣା, ତା' ଭିତରେ କହାଢ ବାଜେ ତମାଖୁ ଏଇ ସବୁରୁ ମୁଁ ଜାଣିଲି ହତ୍ୟାକାରୀ ଜଣେ ନାବିକ ଆଉ ତିମି ଶିକାରୀ । ମୁଁ ନିଶ୍ଚିତ ଥିଲି ଯେ ତମାଖୁ ମୁଣିରେ ଯେଉଁ ପି, ସି, ଅକ୍ଷର ଥିଲା ତା ପିଟର୍‌କାରୀଙ୍କ ନାଁ ନୁହେଁ, ଅନ୍ୟ କାହାର । କାରଣ ପିଟର୍‌କାରୀ ତମାଖୁ ବ୍ୟବହାର କରନ୍ତି ନାହିଁ ଏବଂ ସେଠି ପାଇପ୍

Digitized by srujanika@gmail.com

ନଥିଲା । ତୁମର ମନେଥିବ, ମୁଁ ପଗ୍ଭରିଥିଲି ସେ ଘରେ ବ୍ରାଣ୍ଡି ଆଉ ହ୍ୱିସ୍‌କି ଥିଲା କି ନାହିଁ । ତୁମେ କହିଥିଲ, ହଁ ଥିଲା । ଏଇ ମଦ ଆଉ ଆଉ ରମ ପିଇବ କିଏ ? କେବଳ ନାବିକମାନେ । ତେଣୁ ମୁଁ ନିଶ୍ଚିତ ହେଲି ଯେ, ହତ୍ୟାକାରୀ ଜଣେ ନାବିକ ।"

"ଆଉ ଆପଣ ତାକୁ ପାଇଲେ କେମିତି ?"

"ବୁଝିଲି, ସମସ୍ୟାଟା ଖୁବ୍ ସରଳ । ହତ୍ୟାକାରୀ ଯଦି ଜଣେ ନାବିକ, ତେବେ ସେ ନିଶ୍ଚୟ ସି ୟୁନିକର୍ନ୍‌ରେ ପିଟର୍‌କାରୀ ସାଥିରେ ଥିବ । ମୁଁ ଜାଣିପାରିଲି ଯେ ଅନ୍ୟ କୌଣସି ଜାହାଜରେ ଜଳଯାତ୍ରାରେ ଯାଇନାହିଁ । ମୁଁ ତିନିଦିନ କାଳ ଲାଗି ଡଣ୍ଡିକୁ ଚିଠି ଲେଖିଲି । ୧୮୮୩ ଖ୍ରୀଷ୍ଟାବ୍ଦରେ ସି ୟୁନିକର୍ନ୍‌ରେ ଯେଉଁ ନାବିକମାନେ ଯାଇଥିଲେ ସେମାନଙ୍କ ନାଁ ସବୁ ଜାଣିଲି । ତେଣ୍ଣା ମାରିବାବାଲାଙ୍କ ଭିତରେ ଯେତେବେଳେ ପାଟ୍ରିକ କାଯ୍ନ୍‌ସ୍ ନାଁଟା ପାଇଲି ମୋର ଅନୁସନ୍ଧାନ ଶେଷ ହୋଇଆସିଲା । ମୁଁ ଭାବିଲି ଲୋକଟା ନିଶ୍ଚୟ ଲଣ୍ଡନରେ ଥିବ ଆଉ କିଛି ସମୟ ପାଇଁ ଦେଶ ଛାଡ଼ି ସମୁଦ୍ରଯାତ୍ରାରେ ଯିବା ପାଇଁ ସେ ନିଶ୍ଚୟ ଇଚ୍ଛା କରିବ । ତେଣୁ ମୁଁ ଲଣ୍ଡନର ପୂର୍ବଭାଗରେ କିଛି ଦିନ ରହିଲି । ଆର୍‌କଟିକ୍ ସମୁଦ୍ରକୁ ଗୋଟେ ଜଳଯାତ୍ରା ହେବ ବୋଲି ଉପାୟ ଉଦ୍‌ଭାବନ କଲି ଆଉ ଯେଉଁ ତେଣ୍ଣା ମାରିବାବାଲା କ୍ୟାପ୍‌ଟେନ୍ ବାସିଲ୍‌ଙ୍କ ଅଧୀନରେ କାମ କରିବାକୁ ରାଜି ସେମାନେ ବେଶ୍ ମୋଟା ଦରମା ପାଇବେ ବୋଲି ପ୍ରଗ୍ଭରକଲି । ତାର ଫଳ ଦେଖ ।"

ହପ୍‌କିନ୍‌ସ କହି ଉଠିଲେ, "ଚମତ୍କାର ଅତି ଚମତ୍କାର !"

ହୋମ୍‌ସ କହିଲେ, "ତୁମେ ଶୀଘ୍ର ଯାଇ ନେଲିଗାନ୍‌ଙ୍କୁ ମୁକୁଳାଇବାର ବ୍ୟବସ୍ଥା କର । ମୁଁ ଭାବୁଛି ତୁମର ତାଙ୍କୁ କ୍ଷମାମାଗିବା ଉଚିତ । ସେ ଟିଣ ବାକ୍‌ସଟା ତାଙ୍କୁ ଫେରାଇ ଦେବାକୁ ହେବ । ଅବଶ୍ୟ ପିଟର୍‌କାରୀ ଯେଉଁ କାଗଜ ବିକ୍ରିକରି ଦେଇଛନ୍ତି ସେ ସବୁଦିନ ପାଇଁ ଗ୍ଭଲିଯାଇଛି । ଏଇ ବାହାରେ ଗାଡ଼ି ହପ୍‌କିନ୍‌ସ । ତୁମେ ତୁମର ବନ୍ଦୀକୁ ନେଇଯାଇପାର । ବିଗ୍ଭର ବେଳେ ଯଦି ଆମର ଉପସ୍ଥିତି ଦର୍କାର ହୁଏ ତେବେ ନରୱେକୁ ଲେଖିବ । ଆମ ଠିକଣା ଆମେ ଚିଠି ଲେଖି ଜଣାଇଦେବୁ ।"

* * *

Digitized by srujanika@gmail.com